# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଫେବୃୟାରୀ ୬/୨୦୧୯ (୨୦ ପୃଷ୍ଠା+ସାହିତ୍ୟାୟନ) Bhubaneswar, Wednesday, February 6/ 2019 ★★★★★★

୪୫ଶ ଭାଗ ୭୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-




## ୪୩ରେ ପାଦ ଦେଲେ ଅଭିଷେକ

ବଲିଉଡ ଅଭିନେତା ଅଭିଷେକ ବଚ୍ଚନ ମଙ୍ଗଳବାର ୪୩ ବର୍ଷରେ ପଦାର୍ପଣ କରିଥିବା ବେଳେ ଅନେକ ସେଲିବ୍ରିଟି ଅଭିନନ୍ଦନ ବାର୍ତ୍ତା ଟୁଇଟ୍ କରିଛନ୍ତି।

୧୦

୧୯

## ଆରୋଜ ବିଜୟରେ ରହିମ ହିରୋ

ମଙ୍ଗଳବାର ଅନୁଷ୍ଠିତ ମିନର୍ଭା ପଞ୍ଜାବ ବିପକ୍ଷ ଆଇ-ଲିଗ୍ ମ୍ୟାଚରେ ଚମତ୍କାର ପ୍ରଦର୍ଶନ କରି ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଛନ୍ତି ଇଣ୍ଡିଆନ ଆରୋଜର ରହିମ ଅଲି ।



■ ବିଧାନସଭାରେ ପ୍ରବଳ ହଟ୍ଟଗୋଳ

# ଚାଷୀ, ଚିଟ୍‌ଫଣ୍ଡ ତାତି

ଭୁବନେଶ୍ୱର, ୫।୨(ବ୍ୟୁରୋ)

ଚାଷୀ ଓ ଚିଟ୍‌ଫଣ୍ଡ ଦୁର୍ନୀତି ପ୍ରସଙ୍ଗକୁ ନେଇ ବିଧାନସଭା ହୁଲସ୍ଥୁଲ ହୋଇଛି। ଏହି ପ୍ରସଙ୍ଗରେ ସରକାରଙ୍କୁ ବିରୋଧୀ ସଣ୍ଢୁଆଶି ଆକ୍ରମଣ କରିଛନ୍ତି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ବୃଦ୍ଧି ଏବଂ ଚାଷୀଙ୍କୁ କୃଷିଋଣ ଛାଡ଼ ପ୍ରସଙ୍ଗକୁ ନେଇ କଂଗ୍ରେସ ସଦସ୍ୟମାନେ ବିଧାନସଭାରେ ପ୍ରବଳ ହଟ୍ଟଗୋଳ କରିଥିବା ବେଳେ ଭାଜପା ଚିଟ୍‌ଫଣ୍ଡ ଦୁର୍ନୀତି ପ୍ରସଙ୍ଗ ଉଠାଇ ନାରାବାଜି କରିଥିଲା। ଉଭୟ ଦଳର ହଟ୍ଟଗୋଳ ଯୋଗୁ ବିଧାନସଭା ଗୃହ କାର୍ଯ୍ୟ ବାଏଁ ବାଏଁ ଉଡ଼ିଯାଇଥିଲା। ବାଚସ୍ପତି ଗୃହକୁ ୨ଟି ପର୍ଯ୍ୟାୟରେ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ମୁଲତବୀ କରିବାକୁ ବାଧ ହୋଇଥିଲେ।

ମଙ୍ଗଳବାର ପୂର୍ବାହ୍ଣ ୧୦ଟା ୩୦ମିନିଟରେ ସଭା କାର୍ଯ୍ୟ ଚଳାଇବା ପାଇଁ ବାଚସ୍ପତି ପ୍ରଦୀପ କୁମାର ଅମାତ ଗୃହକୁ ପ୍ରବେଶ କରିଥିଲେ। ପୂର୍ବତନ ମନ୍ତ୍ରୀ ହରିହର କରଣଙ୍କ ବିୟୋଗରେ ବିଧାନସଭାରେ ଶୋକପ୍ରସ୍ତାବ ଆଗତ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଅନୁପସ୍ଥିତିରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ☞ପୃଷ୍ଠା-୧୬

## 'ଆବ୍‌ସୋଲ୍ୟୁଟ୍‌ଲି ନନ୍‌ସେନ୍ସ'

ଭୁବନେଶ୍ୱର, ୫।୨(ବ୍ୟୁରୋ)

■ ମୁଖ୍ୟମନ୍ତ୍ରୀଙ୍କୁ ସିବିଆଇ ଜେରା ନେଇ ପ୍ରଶ୍ନ ଉଠାଇଲେ କନକବର୍ଦ୍ଧନ

■ ଟିଏମ୍‌ସି ପକ୍ଷରୁ କେହି କଥା ହୋଇନାହାନ୍ତି: ମୁଖ୍ୟମନ୍ତ୍ରୀ

ଚିଟ୍‌ଫଣ୍ଡ ଦୁର୍ନୀତିରେ ସିବିଆଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଜେରା କରିଛି। ଏନେଇ କିଛି ଗଣମାଧ୍ୟମରେ ଖବର ବାହାରିବା ପରେ ତାହା ଜଣାପଡିଛି। ଏହା ସତ୍ୟ ନା ନୁହେଁ, ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କ ଆଗରେ ସ୍ପଷ୍ଟ କରନ୍ତୁ ବୋଲି ଭାଜପା ବିଧାୟକ ଦଳ ନେତା କନକବର୍ଦ୍ଧନ ସିଂଦେଓ କହିଛନ୍ତି। ହେଲେ କନକବର୍ଦ୍ଧନଙ୍କ ଏଭଳି ଅଭିଯୋଗ 'ଆବ୍‌ସୋଲ୍ୟୁଟ୍‌ଲି ନନ୍‌ସେନ୍ସ' ବୋଲି ମୁଖ୍ୟମନ୍ତ୍ରୀ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ☞ପୃଷ୍ଠା-୧୬

କୋଲକାତା ପୋଲିସ କମିଶନରଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

# ସିବିଆଇରେ ହାଜର ହୁଅ

ନୂଆଦିଲ୍ଲୀ/କୋଲକାତା,୫।୨(ପି.ଟି.)

■ ଗିରଫ କରାଯାଇପାରିବ ନାହିଁ

■ ନୈତିକ ବିଜୟ ଦାବି କଲେ ମମତା ଓ ଭାଜପା

■ ଧାରଣାରୁ ଓହରିଲେ ମମତା



କୋଲକାତା ପୋଲିସ କମିଶନର ରାଜୀବ କୁମାର ସିବିଆଇରେ ହାଜର ହୋଇ ସାରଦା ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାର ତଦନ୍ତରେ ବିଶ୍ୱସନୀୟ ଭାବେ ସହଯୋଗ କରିବା ଲାଗି ସୁପ୍ରିମକୋର୍ଟ ମଙ୍ଗଳବାର ନିର୍ଦ୍ଦେଶ ଦେଇଛନ୍ତି। ତେବେ ତାଙ୍କୁ ଗିରଫ କରାଯାଇପାରିବ ନାହିଁ ବୋଲି ଅଦାଲତ କହିଛନ୍ତି। ସୁପ୍ରିମକୋର୍ଟଙ୍କ ଏହି ରାୟ ପରେ ଉଭୟ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ କେନ୍ଦ୍ର ସରକାର ସେମାନଙ୍କର ନୈତିକ ବିଜୟ ହୋଇଥିବା ଦାବି କରିଛନ୍ତି। ଅନ୍ୟପକ୍ଷରେ ସୁପ୍ରିମକୋର୍ଟଙ୍କ ରାୟ ପ୍ରକାଶ ପାଇବା ପରେ ☞ପୃଷ୍ଠା-୧୬

## 'ରାଜୀବ କୁମାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅ'

ନୂଆଦିଲ୍ଲୀ,୫।୨(ପି.ଟି.)



ରାଜୀବ କୁମାର

ବିଶୃଙ୍ଖଳା ଏବଂ ସେବା ନିୟମାବଳୀର ଉଲ୍ଲଂଘନ ଲାଗି କୋଲକାତା ପୋଲିସ କମିଶନର ରାଜୀବ କୁମାରଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି କେନ୍ଦ୍ର ମଙ୍ଗଳବାର ପଶ୍ଚିମବଙ୍ଗ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୋଲକାତା ମେଟ୍ରୋ ଚ୍ୟାନେଲ ନିକଟରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ ରାଜୀବ କୁମାର ଧାରଣାରେ ☞ପୃଷ୍ଠା-୧୬


ଆପଣଙ୍କ ଏହି କପି ସହିତ ପାଇବେ ସାହିତ୍ୟାୟନ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ





# ୨୨ରେ ପୁରୀ ଆସିବେ ଆମିକସ୍ କ୍ୟୁରି

ନୂଆଦିଲ୍ଲୀ, ୫।୨(ସ୍ୱ.ପ୍ର.)



**ଶ୍ରୀମନ୍ଦିର ସଂସ୍କାର ମାମଲା**

■ ୨୭ରେ ପରବର୍ତ୍ତୀ ଶୁଣାଣି

ଶ୍ରୀମନ୍ଦିର ସଂସ୍କାର ମାମଲାରେ ନିଯୁକ୍ତ ଆମିକସ୍ କ୍ୟୁରି ରଣଜିତ କୁମାର ଆସନ୍ତା ୨୨ ଓ ୨୩ ତାରିଖରେ ଶ୍ରୀଜଗନ୍ନାଥ ମନ୍ଦିର ପରିଦର୍ଶନରେ ଆସିବେ। ତାଙ୍କ ସହ ବରିଷ୍ଠ ଆଇନଜୀବୀ ପ୍ରିୟା ହିଙ୍ଗୋରାନି ଆସିବେ ବୋଲି ମଙ୍ଗଳବାର ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପରିଦର୍ଶନ ସମୟରେ ଆମିକସ୍ କ୍ୟୁରି ବିଭିନ୍ନ ପକ୍ଷଙ୍କ ସହ ଆଲୋଚନା କରି ସୁପ୍ରିମକୋର୍ଟରେ ରିପୋର୍ଟ ଦାଖଲ କରିବେ। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୭ ତାରିଖକୁ ଧାର୍ଯ୍ୟ କରାଯାଇଛି।

ଶ୍ରୀମନ୍ଦିର ପରିଚାଳନା ନେଇ ପୁରୀ ଜିଲା ଜଜ୍ କରିଥିବା ସୁପାରିସ କେତେଦୂର କାର୍ଯ୍ୟକାରୀ ହୋଇଛି, ସେ ସମ୍ପର୍କରେ ରିପୋର୍ଟ ଦାଖଲ କରିବା ପାଇଁ ବିଚାରପତି ଏ.କେ. ସିକ୍ରି, ଏସ. ଅବଦୁଲ ନାଜୀର ଏବଂ ଏମଆର ଶାହଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଜ୍ୟ ସରକାର ଏବଂ ଶ୍ରୀମନ୍ଦିର ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାଛଡ଼ା ପରିଦର୍ଶନ ସମୟରେ ଜିଲା ଜଜ୍ ଓ ଶ୍ରୀମନ୍ଦିର ପ୍ରଶାସନ ଆମିକସ୍ କ୍ୟୁରିଙ୍କୁ ସହଯୋଗ କରିବାକୁ ଖଣ୍ଡପୀଠ କହିଛନ୍ତି।

ଶ୍ରୀମନ୍ଦିରରେ ଭକ୍ତଙ୍କ ଗହଳି ନିୟନ୍ତ୍ରଣ ପାଇଁ ସୁବ୍ୟବସ୍ଥା କିମ୍ବା ଧାଡ଼ି ବ୍ୟବସ୍ଥା ନ ଥିବା ମଙ୍ଗଳବାର ଶୁଣାଣି ସମୟରେ ଆମିକସ୍ କ୍ୟୁରି ଖଣ୍ଡପୀଠଙ୍କୁ ଅବଗତ କରିଥିଲେ। ଏଥିସହିତ ପୁରୀ ଜିଲା ଜଜ୍‌ଙ୍କ ବହୁବିଧ ପ୍ରସ୍ତାବ ଉପରେ ଆଧାରିତ ରିପୋର୍ଟ ଏବଂ ଧାଡ଼ି ଦର୍ଶନ ବ୍ୟବସ୍ଥାର ନକ୍ସା ଖଣ୍ଡପୀଠ ସମ୍ମୁଖରେ ଉପସ୍ଥାପନ କରିଥିଲେ। ନକ୍ସାରେ ପୁରୁଷ, ମହିଳା ☞ପୃଷ୍ଠା-୧୬

# ତେଲେଙ୍ଗିରି ପ୍ରକଳ୍ପ ଲୋକାର୍ପିତ

ଜୟପୁର/ ନବରଙ୍ଗପୁର/ ଉମରକୋଟ,୫।୨ (ନି.ପ୍ର./ବି.ପ୍ର./ ଡି.ଏନ୍.ଏ.)

କୋରାପୁଟ ଓ ନବରଙ୍ଗପୁର ଜିଲା ପାଇଁ ୩ ହଜାର କୋଟି ଟଙ୍କା ମୂଲ୍ୟର ୧୫୩ଟି ଉନ୍ନୟନ ପ୍ରକଳ୍ପର ମଙ୍ଗଳବାର ଶୁଭାରମ୍ଭ ଏବଂ ଶିଳାନ୍ୟାସ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏଥିରେ କୋରାପୁଟ ଜିଲାର ବହୁ ପ୍ରତୀକ୍ଷିତ ତେଲେଙ୍ଗିରି ମଧ୍ୟମ ଜଳସେଚନ ପ୍ରକଳ୍ପ, କୋଲାବ ନଦୀ ଉପରେ ହାଇଲେଭଲ ସେତୁ, ୪୧ଟି



ଅଙ୍ଗନୱାଡ଼ି କେନ୍ଦ୍ର ଓ ବାଗଦେରୀ ମେଗା ଉଠା ଜଳସେଚନ ପ୍ରକଳ୍ପ ସହ ନବରଙ୍ଗପୁର ଜିଲାରେ ୯ଟି ନୂତନ ସେତୁ ଭଳି ପ୍ରକଳ୍ପ ସାମିଲ

**କୋରାପୁଟ ପାଇଁ ୩ ବୃହତ୍ ସେତୁ ଘୋଷଣା କଲେ ମୁଖ୍ୟମନ୍ତ୍ରୀ**

ରହିଛି। ଏହାସହ କୋରାପୁଟ ଜିଲାରେ ୩ଟି ବୃହତ୍ ସେତୁ ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ବେଳେ ଉମରକୋଟ କାର୍ଯ୍ୟକ୍ରମରେ ମଧୁବାବୁ ପେସନ ଯୋଜନାରେ ବର୍ଦ୍ଧିତ ଭତ୍ତାର ଶୁଭାରମ୍ଭ କରିଛନ୍ତି। ☞ପୃଷ୍ଠା-୪


SUDHAKAR
PIPES AND FITTINGS
PIONEER IN PIPING SOLUTIONS
WANTED DEALERS
CONTACT US
94370 38192
94370 17191
sales@sudhakarpipes.com



NECC NATIONAL EGG CO-ORDINATION COMMITTEE 05.02.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 80 | 132 | 142 |
| CTC | 82 | 135 | 145 |
| DKL | 81 | 133 | 143 |
| BDK | 81 | 133 | 143 |
| BLS | 82 | 135 | 145 |
| ANG | 82 | 135 | 145 |

*Conditions Apply

Eggs Retail Price- 49/-Dozen
Issued in the Interest of Consumers


## ଆଜିର ସମ୍ପାଦକୀୟ

ହଠାତ୍ ସଜାଗ

## ଆଜିର ମନ୍ତବ୍ୟ

ଆସନ୍ତା ବର୍ଷଗୁଡ଼ିକରେ ଭାରତ ପ୍ରତିରକ୍ଷା ଉଦ୍ୟୋଗରେ ପ୍ରଚୁର ପୁଞ୍ଜିନିବେଶ କରିବାକୁ ଯାଉଛି।

-ସୁଭାଷ ଭାମ୍‌ରେ, କେନ୍ଦ୍ରମନ୍ତ୍ରୀ

## କିଛି ତଥ୍ୟ

ଗତ ୪ ବର୍ଷରେ ଦେଶର ଏମ୍‌ଏସ୍‌ଏମ୍‌ଇଗୁଡ଼ିକ ୧୦ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ସକ୍ଷମ ହୋଇଛନ୍ତି।

- ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟ





ଭାରତ, ମୋନାକୋ ପାରସ୍ପରିକ ଲାଭ ପାଇଁ ନବୀକରଣଯୋଗ୍ୟ ଶକ୍ତିଉତ୍ସ ଓ ଜଳବାୟୁ ପରିବର୍ତ୍ତନ ଉପରେ କାର୍ଯ୍ୟ କରିବା ଆବଶ୍ୟକ। ଭାରତ ଗସ୍ତରେ ଆସିଥିବା ମୋନାକୋର ପ୍ରିନ୍ସ ଆଲବର୍ଟ ୨ଙ୍କୁ ସ୍ୱାଗତ କରିବା ଅବସରରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ କହିଲେ, ଭାରତ ଓ ମୋନାକୋ ମଧ୍ୟରେ ସବୁବେଳେ ବିଶ୍ୱାସ, ବନ୍ଧୁତା ଏବଂ ପାରସ୍ପରିକ ସହଯୋଗ ରହିଆସିଛି। ଏହା ଉଭୟ ରାଷ୍ଟ୍ରପାଇଁ ଲାଭଜନକ।



# ବଦଳିପାରେ ୟୁପିଏସ୍‌ସି ନିୟମ

**ଭୁବନେଶ୍ୱର,୫।୨(ବ୍ୟୁରୋ)**

## ପରୀକ୍ଷା ଦେଇ ନ ପାରିଲେ ସୁଯୋଗ ହରାଇବେନି ପରୀକ୍ଷାର୍ଥୀ

ସିଭିଲ ସର୍ଭିସ ପରୀକ୍ଷାର୍ଥୀଙ୍କ ପାଇଁ ଖୁସି ଖବର। କାରଣ ବଦଳିପାରେ କେନ୍ଦ୍ରୀୟ ଲୋକସେବା ଆୟୋଗ(ୟୁପିଏସ୍‌ସି) ନିୟମ। ଆୟୋଗର ନୂଆ ସର୍ତ୍ତାବଳୀ ସହଜ ଓ ସରଳ ହୋଇପାରେ। ଭୁବନେଶ୍ୱରରେ ଅନୁଷ୍ଠିତ ୟୁପିଏସ୍‌ସି ଓ ବିଭିନ୍ନ ରାଜ୍ୟର ପିଏସ୍‌ସି ଅଧ୍ୟକ୍ଷଙ୍କ ଦୁଇଦିନିଆ ସମ୍ମିଳନୀର ଉଦ୍‌ଯାପନୀ ଦିବସରେ ଏଭଳି କେତେକ ପ୍ରସ୍ତାବ ଉପରେ ଆଲୋଚନା ହୋଇଛି। ପ୍ରସ୍ତାବ ଅନୁସାରେ, ସିଭିଲ ସର୍ଭିସ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ମେରିଟ୍ ଲିଷ୍ଟରେ ରହୁ ନ ଥିବା ପରୀକ୍ଷାର୍ଥୀମାନଙ୍କୁ ଗ୍ରାଜୁଏଟ୍ ସ୍ତରର ଗ୍ରେଡ୍ ୱାନ୍ ଓ ଗ୍ରେଡ୍ ଟୁ ପଦବୀ ଲାଗି ଆଉ ୟୁପିଏସ୍‌ସିର ପରୀକ୍ଷା ଦେବାକୁ ପଡ଼ିବନି। ଗୋଟିଏ ପରୀକ୍ଷାରୁ ସଫଳ ପ୍ରାର୍ଥୀଙ୍କ ତାଲିକା ୟୁପିଏସ୍‌ସି ପ୍ରକାଶ କରିବ। ଏମାନଙ୍କୁ କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟରେ ଅବସ୍ଥାପିତ କରାଯାଇପାରିବ। ସେହିପରି ପୂର୍ବରୁ ସିଭିଲ ସର୍ଭିସ ପରୀକ୍ଷା ପାଇଁ ଫର୍ମ ପୂରଣ କରିବା ପରେ କୌଣସି କାରଣରୁ ପରୀକ୍ଷା ଦେଇ ନ ଥିବା ପରୀକ୍ଷାର୍ଥୀଙ୍କୁ ଗୋଟିଏ ସୁଯୋଗ ହରାଇବାକୁ ପଡୁଥିଲା। କିନ୍ତୁ ଆଗକୁ ପରୀକ୍ଷାର୍ଥୀଙ୍କୁ ଏଭଳି ଅସୁବିଧାର ସାମ୍ନା କରିବାକୁ ପଡ଼ିବନି। କାରଣ ପରୀକ୍ଷା ପୂର୍ବରୁ ଓହରିଯିବା ଲାଗି ଏକ ବିକଳ୍ପ ବ୍ୟବସ୍ଥା ରଖିବାକୁ ବିଚାର କରାଯାଉଛି ବୋଲି ୟୁପିଏସ୍‌ସି ଅଧ୍ୟକ୍ଷ ଅରବିନ୍ଦ ସାକ୍ସେନା କହିଛନ୍ତି। ପରୀକ୍ଷାର୍ଥୀମାନେ ଏକାଧିକ ପ୍ରତିଯୋଗିତାମୂଳକ ପରୀକ୍ଷା ଦେଉଥିବାରୁ ସେମାନଙ୍କୁ ପରୀକ୍ଷା କଷ୍ଟ ଓ ମାନସିକ ଚାପରୁ ମୁକ୍ତ କରିବାକୁ ଏହି ନୂଆ ନିୟମ ସମ୍ପର୍କରେ ଚିନ୍ତା କରାଯାଇଥିବା ୟୁପିଏସ୍‌ସି କର୍ତ୍ତୃପକ୍ଷ କହିଛନ୍ତି। ଉଦ୍‌ଯାପନୀ ସମ୍ମିଳନୀରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବେଳେ ଓପିଏସ୍‌ସି ଅଧ୍ୟକ୍ଷ ବ୍ରିଗେଡିୟର ଏଲ୍.ସି. ପଟ୍ଟନାୟକ, ତେଲେଙ୍ଗାନା ଲୋକସେବା ଆୟୋଗ ଅଧ୍ୟକ୍ଷ ଘଣ୍ଟଚକ୍ର ପାଣି, ଓଡ଼ିଶା ମଣ୍ଡଳର ମୁଖ୍ୟ ମହାଡାକପାଳ ଡ. ସନ୍ତୋଷ କୁମାର କାମିଲା ପ୍ରମୁଖ ଉପସ୍ଥିତ ଥିଲେ।




ୟୁପିଏସ୍‌ସି ଓ ବିଭିନ୍ନ ରାଜ୍ୟର ପିଏସ୍‌ସି ଅଧ୍ୟକ୍ଷଙ୍କ ସମ୍ମିଳନୀରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ବକ୍ତବ୍ୟ ପ୍ରଦାନ କରୁଛନ୍ତି।




■ ଉଜ୍ଜ୍ୱଳା ଆଣିଦେଲା ବଡ଼ ଉପଲବ୍ଧି

# ଏଲ୍‌ପିଜି ବ୍ୟବହାରରେ ଭାରତ ବିଶ୍ୱରେ ଦ୍ୱିତୀୟ



ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ବୋଧନ ଦେଉଛନ୍ତି।

- ୯୦ ପ୍ରତିଶତ ସ୍ଥାନରେ ଏଲ୍‌ପିଜି ପହଞ୍ଚିଛି: ଧର୍ମେନ୍ଦ୍ର
- ୨.୨୫ କୋଟି ଟନ ଏଲ୍‌ପିଜି ବ୍ୟବହାର ହେଉଛି
- ୨୦୧୪-୧୫ରେ ୧୪.୮ କୋଟି ଗ୍ରାହକ

**ନୂଆଦିଲ୍ଲୀ,୫-୨**

ଗରିବ ମହିଳାଙ୍କ ଘରେ ସ୍ୱଚ୍ଛ ଇନ୍ଧନ ପହଞ୍ଚାଇବା ଉଦ୍ଦେଶ୍ୟରେ ଏନ୍‌ଡିଏ ସରକାର ଆରମ୍ଭ କରିଥିଲେ ଉଜ୍ଜ୍ୱଳା ଯୋଜନା। ଏବେ ଏହି ଯୋଜନାରେ ୬ କୋଟି ଗରିବଙ୍କ ଘରେ ଏଲ୍‌ପିଜି ପହଞ୍ଚିପାରିଛି। ଦେଶରେ ୯୦ ପ୍ରତିଶତ ସ୍ଥାନରେ ଏବେ ଏଲ୍‌ପିଜି ପହଞ୍ଚିଯାଇଛି। ଏହା ୨୦୧୪ରେ ୫୫ ପ୍ରତିଶତ ଥିଲା ବୋଲି ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଉଜ୍ଜ୍ୱଳା ଯୋଗୁ ଭାରତ ଏଲ୍‌ପିଜି ବ୍ୟବହାରରେ ବିଶ୍ୱରେ ଦ୍ୱିତୀୟ ସ୍ଥାନ ହାସଲ କରିଛି ବୋଲି ପେଟ୍ରୋଲିୟମ ସଚିବ ଏମ୍.ଏମ୍.କୁଟ୍ଟୀ ପ୍ରକାଶ କରିଛନ୍ତି।

ଏଠାରେ ଆୟୋଜିତ ଏସିଆ ଏଲ୍‌ପିଜି ସମ୍ମିଳନୀକୁ ଉଦ୍‌ଘାଟନ କରି ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ୨୦୧୬ ମେ’ରେ ଉଜ୍ଜ୍ୱଳା ଯୋଜନା ଆରମ୍ଭ ହୋଇଥିଲା। ଏହା ଅଧୀନରେ ୩ ବର୍ଷ ମଧ୍ୟରେ ୫ କୋଟି ଗରିବ ମହିଳାଙ୍କୁ ଏଲ୍‌ପିଜି ସଂଯୋଗ ଦିଆଯିବାକୁ ଲକ୍ଷ୍ୟ ରଖାଯାଇଥିଲା। ଅଦ୍ୟାବଧି ୬ କୋଟି ସଂଯୋଗ ଏହା ଅଧୀନରେ ଦିଆସାରିଛି। ୨୦୨୦ ସୁଦ୍ଧା ଏହାକୁ ୮ କୋଟିରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି। ଏହା ହାସଲ ସମ୍ଭବ ହେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷରେ କୁଟ୍ଟୀ କହିଛନ୍ତି ଯେ, ଭାରତରେ ଏବେ ୨.୨୫ କୋଟି ଟନ ଏଲ୍‌ପିଜି ବ୍ୟବହୃତ ହେଉଛି। ୨୦୨୫ ସୁଦ୍ଧା ଦେଶରେ ଏଲ୍‌ପିଜି ଚାହିଦା ୩୪ ପ୍ରତିଶତ ବୃଦ୍ଧି ପାଇ ୩.୦୩ କୋଟି ଟନ ଓ ୨୦୪୦ ସୁଦ୍ଧା ଏହା ୪.୦୬ କୋଟି ଟନରେ ପହଞ୍ଚିବ। ଏଲ୍‌ପିଜି ବ୍ୟବହାରରେ ଭାରତ ଦ୍ୱିତୀୟ ସ୍ଥାନକୁ ଉଠିଆସିଥିବା ବେଳେ ଚାଇନା ଶୀର୍ଷ ସ୍ଥାନ ବଜାୟ ରଖିଛି। ସେ କହିଛନ୍ତି ଯେ, ଦେଶରେ ବାର୍ଷିକ ଆଧାରରେ ୧୫% ହାରରେ ଏଲ୍‌ପିଜି ଗ୍ରାହକଙ୍କ ସଂଖ୍ୟା ବଢୁଛି। ୨୦୧୪-୧୫ ଆର୍ଥିକ ବର୍ଷରେ ଏଲ୍‌ପିଜି ଗ୍ରାହକଙ୍କ ସଂଖ୍ୟା ୧୪.୮ କୋଟି ଥିଲା ବେଳେ ୨୦୧୭-୧୮ରେ ଏହା ୨୨.୪ କୋଟିକୁ ବୃଦ୍ଧି ପାଇଛି। ଜନସଂଖ୍ୟା ହାର ଅଧିକ ହେବା ଏବଂ ଗ୍ରାମାଞ୍ଚଳରେ ଏଲ୍‌ପିଜି ପହଞ୍ଚିବା କାରଣରୁ ଉପଯୋଗ ସଂଖ୍ୟା ହାରାହାରି ୮.୪% ବୃଦ୍ଧି ପାଇଛି। କୁଟ୍ଟୀ କହିଛନ୍ତି ଯେ, ସରକାର ସାରା ଦେଶରେ ଏଲ୍‌ପିଜି ଉପଯୋଗକୁ ପ୍ରୋତ୍ସାହିତ କରିବା ଲାଗି ଅନେକ ପଦକ୍ଷେପ ନେଇଛନ୍ତି। ଗ୍ରାମାଞ୍ଚଳରେ ବସବାସ କରୁଥିବା ପରିବାର ପରମ୍ପରାଗତ ଇନ୍ଧନ ଉପରେ ନିର୍ଭରଶୀଳ ରହୁଛନ୍ତି। ଏଥିଯୋଗୁ ମହିଳାଙ୍କ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପଡୁଛି। ଏଥିସହିତ ପ୍ରଦୂଷଣ ବଢୁଛି। ଏହି କାରଣରୁ ଗ୍ରାମୀଣ ପରିବାରକୁ ଏଲ୍‌ପିଜି ଉପଯୋଗର ଗୁରୁତ୍ୱ ବୁଝାଇବା ଲାଗି ସରକାର ପଦକ୍ଷେପ ନେଇଛନ୍ତି।

■ ୭ରେ ଉପକୂଳରେ କୁହୁଡ଼ି

# ୮ରେ ଆଭ୍ୟନ୍ତରୀଣରେ କୁଆପଥର ବୃଷ୍ଟି

## ଉପରମୁହାଁ ହେଲା ପାରଦ

**ଭୁବନେଶ୍ୱର,୫।୨(ବ୍ୟୁରୋ):** ରାଜ୍ୟରେ ଶୀତ ଉଭାନ ହୋଇଗଲାଣି। ପାରଦ ଉପରମୁହାଁ ହୋଇଛି। ଦିନରେ ତାତି ବଢ଼ିବା ଆରମ୍ଭ କଲାଣି। ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଉପରକୁ ଉଠି ଯାଇଥିବା ବେଳେ ସର୍ବନିମ୍ନ ତାପମାତ୍ରା ୧୦ରୁ ୧୬ ଡିଗ୍ରୀ ମଧ୍ୟରେ ରହିଛି। ଆସନ୍ତା ୭ ଓ ୮ ତାରିଖ ବେଳକୁ ଉପକୂଳ ଓଡିଶାରେ ଘନ କୁହୁଡି ହେବାର ସମ୍ଭାବନା ରହିଛି। ଖୋର୍ଦ୍ଧା, କଟକ, ପୁରୀ, ଯାଜପୁର, କେନ୍ଦ୍ରାପଡା, ଜଗତ୍‌ସିଂହପୁର ଆଦି ଜିଲାରେ ପ୍ରବଳ କୁହୁଡି ହେବ ବୋଲି ପାଣିପାଗ ବିଭାଗ ଚେତାବନୀ ଦେଇଛି। ସେହିପରି ୮ ଓ ୯ ତାରିଖରେ ଆଭ୍ୟନ୍ତରୀଣ ଓଡିଶାରେ କୁଆପଥର ବୃଷ୍ଟି ହେବ ବୋଲି ଅନୁମାନ କରାଯାଇଛି। ଏଥିସହିତ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି । ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ଅନୁଗୋଳରେ ୧୦ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଦାରିଙ୍ଗିବାଡିରେ ୧୦.୫, ଭୁବନେଶ୍ୱରରେ ୧୩.୮ ଏବଂ କଟକରେ ୧୩ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ସେହିପରି ତାଳଚେର ସର୍ବୋଚ୍ଚ ତାପମାତ୍ରା ୩୩.୪ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ମାଲକାନଗିରି ୩୩.୪, ଭୁବନେଶ୍ୱର ୩୩ ଏବଂ ବଲାଙ୍ଗୀରରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

# ବାଇକ୍ ଧକ୍କା: କକା, ପୁତୁରା ମୃତ

**ପାଟଣା, ୫।୨(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକ କେନ୍ଦେଇପଶି ହନୁମାନ ଛକ ନିକଟରେ ମଙ୍ଗଳବାର ରାତିରେ ଏକ ବାଇକ୍ ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ସାହାରପଡ଼ା ବ୍ଲକ ରାଇଡିହା ପଞ୍ଚାୟତ ମେଦିନପୁର ଗ୍ରାମ ଚୌକିଆ ସାହିର ମିଥୁନ ନାଏକ ଓ ସଞ୍ଜିତ ନାଏକ। ଉଭୟ କକାପୁତୁରା ବୋଲି ଜଣାପଡ଼ିଛି। ଉଭୟ ଓଏମ ୭୪୬୩ ନମ୍ବର ବାଇକ୍‌ରେ କେନ୍ଦୁଝର ପାର୍ଶ୍ୱରୁ ମେଦିନପୁରକୁ ଫେରୁଥିବା ବେଳେ କେନ୍ଦେଇପଶି ହନୁମାନ ଛକରେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଏକଗଛରେ ଧକ୍କା ହୋଇଥିଲା। ସେମାନେ ରାସ୍ତାରେ ଗୁରୁତର ଅବସ୍ଥାରେ ପଡ଼ିଥିଲେ। ଖବର ପାଇ ପାଟଣା ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କରି ସେମାନଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାସ୍ଥଳରେ ଡୁରୁମୁଙ୍ଗା ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।


ସୀମିତ ଅବଧିର ଅଫର୍
1 ରୁ 8 ଫେବୃଆରୀ 2019 ପର୍ଯ୍ୟନ୍ତ
8.25%* ସୁଧ ଦର
ବରିଷ୍ଠ ନାଗରିକଙ୍କ ପାଇଁ ଫିକ୍ସଡ୍ ଡିପୋଜିଟ୍ ଉପରେ
ଏଫ୍‌ଡି ବୁକ୍ କରିବା ପାଇଁ ଆମ ଶାଖାକୁ ଆସନ୍ତୁ ବା
କଲ୍ କରନ୍ତୁ 1800 419 0071
ଫିକ୍ସଡ୍ ଡିପୋଜିଟ୍
AXIS BANK
*ଏହି ରେଟ୍ 17 ମାସରୁ ଆରମ୍ଭ କରି 18 ମାସ ପର୍ଯ୍ୟନ୍ତ ଅତି କମ୍‌ରେ ଏଫ୍‌ଡି ପାଇଁ ଲାଗୁ ଅଟେ। ବରିଷ୍ଠ ନାଗରିକଙ୍କ ବ୍ୟତୀତ ଅନ୍ୟସବୁ ବ୍ୟକ୍ତିମାନଙ୍କ ପାଇଁ ଏଫ୍‌ଡିର ଦର 7.60% ଅଟେ। ଏକ୍ସିସ୍ ବ୍ୟାଙ୍କ ଗ୍ରାହକମାନେ ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ/ମୋବାଇଲ ଆପ୍ଲିକେଶନ୍ ଜରିଆରେ ମଧ୍ୟ ଟର୍ମ ଡିପୋଜିଟ୍‌ସ ବୁକ୍ କରିପାରନ୍ତି। ସୁଧ ଦର ସମୟକୁ ସମୟ ବିନା କୌଣସି ପୂର୍ବ ସୂଚନାରେ ପରିବର୍ତ୍ତନ ହୋଇପାରେ। ଦୟାକରି ସୁଧ ଦର ପାଇଁ ଶାଖା ପ୍ରତିନିଧିଙ୍କ ସହିତ ସମ୍ପର୍କ କରନ୍ତୁ। ଅଧିକ ବିବରଣୀ ପାଇବା ପାଇଁ www.axisbank.com ରେ ଲଗ୍ ଅନ୍ କରନ୍ତୁ। ନିୟମ ଓ ସର୍ତ୍ତ ଲାଗୁ ହେବ।


airasia.com
FAB FEB SALE
For lowest fares book only on www.airasia.com or the AirAsia Mobile App
Fly from Bhubaneswar
Bangkok
Kuala Lumpur
ALL-IN FARE FROM ₹2,999
Fly thru
Bali • Ho Chi Minh City • Krabi
Langkawi • Manila • Melbourne • Phuket
Sydney • Singapore
and many more destinations
airasia.com
Now Everyone Can Fly
Book now till 10 Feb 2019
Travel from 11 Feb to 31 Jul 2019
AirAsia
AirAsia
All India domestic flights are operated by AirAsia India Ltd. and all international flights are operated by either AirAsia Berhad, Thai AirAsia Co. Ltd., AirAsia X Berhad or PT. Indonesia Co. Ltd. Our seats are limited and may not be available on all flights during public holidays, school breaks and weekends. Discount is applicable only on the base fare. All-in fares include fares, fuel surcharges and airport taxes. Inclusive of one-way only. A payment processing fee is applicable to all payments made via credit, debit or charge cards. Our other terms and conditions of arriage apply. Skytrax has named AirAsia Group as World's Best Low-Cost Airline for the tenth year in a row. **AirAsia India being a joint-venture of AirAsia Berhad, is a part of AirAsia Group and is permitted by Skytrax to use this logo for Indian market.


Hero
ସାଥୀ ଏକ ଲମ୍ବା ଯାତ୍ରାର।
ନିଜର ନୂଆ ଯାତ୍ରା ଆରମ୍ଭ କରନ୍ତୁ ଗୋଟିଏ ନୂଆ ହିରୋର ସହିତ।
GLAMOUR
INDIA'S FIRST 5 YEAR WARRANTY*
*Conditions apply
ଉତ୍ତମ ମାଇଲେଜ୍
ଷ୍ଟାଇଲିଶ୍ ଲୁକ୍ସ
Regd. Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057,India. CIN: L35911DL1984PLC017354. Phone No.: 011 - 46044100. For further information, contact nearest Hero MotoCorp authorised outlet or call our toll free no.: 1800 - 266 - 0018 or visit us on www.HeroMotoCorp.com. Accessories and features shown may not be part of standard fitment. Always wear a helmet while riding a two wheeler. *Terms & conditions apply. #Finance at the sole discretion of financiers. Customers have to provide all relevant documents desired by financiers to avail the loan.*Applicable for all models till 125cc.
HeroFinCorp.
HeroMotoCorpIndia HeroMotoCorpLimited TheHeroMotoCorp HeroMotoCorp.com HeroMotoCorp
For Institutional and Bulk Sales please write to Kolkata@heromotocorp.com
ଅଥରାଇଜ୍‌ଡ ଡିଲର : ଭୁବନେଶ୍ୱର: ରୋହନ ହୀରୋ - 7799766422. ଭାରତ ହୀରୋ - 7799766378. ଡିଡି ହୀରୋ - 7799566329. ବାଲେଶ୍ୱର: ନୀଲମ ହୀରୋ - 7799766393. ବାରିପଦା : ଆଦିତ୍ୟ ହୀରୋ - 7799766370. ଭଦ୍ରକ : ସଞ୍ଜୀବ ହୀରୋ - 7799766380. ଚଣ୍ଡୀଖୋଲ: ଏସ୍.କେ. ହୀରୋ - 7799766362. କଟକ: ଜେଏମଜି ହୀରୋ - 7799766366. ସନୀ ହୀରୋ - 7799766401. ଏସେନ୍ ହୀରୋ - 7799766425. ଜଗତସିଂହପୁର: ତ୍ରିଶୂଳ ହୀରୋ - 7799766383. ଯାଜପୁର ରୋଡ: ସୌମିକ ହୀରୋ - 7799766410. ଜଳେଶ୍ୱର: ସାଇ ହୀରୋ - 7799766407. ଜଟଣୀ: ବିଶାଳ ହୀରୋ - 7799766398. କେନ୍ଦୁଝର: ସୁପ୍ରିମ ହୀରୋ - 7799766360. ନୟାଗଡ଼: ଭଗବତୀ ହୀରୋ - 7799766417. ପୁରୀ: ସଞ୍ଜୀବ ହୀରୋ - 06752-255881, 7894020001. ଅଥରାଇଜ୍‌ଡ ସର୍ଭିସ୍ ସେଣ୍ଟର: ବାଲିଆପାଳ : ବାବା ମୋଟର୍ସ - 253841, 9438757377. ବାଲୁଗାଁ: ମହାମୟୀ ମୋଟର୍ସ - (06756) 250280. ଯାଜପୁର: ଆୟୁଷ ଅଟୋମୋବାଇଲ୍‌ସ - 223864. କେନ୍ଦ୍ରାପଡ଼ା: ବୈଷ୍ଣବୀ ମୋଟର୍ସ - 221083. ଖୋର୍ଦ୍ଧା: ଦିନେଶ ଟ୍ରେଡିଂ କମ୍ପାନୀ - 221511. ନିମାପଡ଼ା: ବାସୁଦେବ ଅଟୋମୋବାଇଲ୍‌ସ - 252725. ପାରାଦୀପ: ପ୍ରଦୀପ ମୋଟର୍ସ - 9238120001. ପଟ୍ଟାମୁଣ୍ଡାଇ: ମିଶ୍ର ଅଟୋ - 220430. ପିପିଲି: ଶ୍ରୀରାମ ମୋଟର୍ସ - 240687. ପୁରୀ: ଲକ୍ଷ୍ମୀ ପ୍ରିୟା ମୋଟର୍ସ - 225552. ରାହାମା: ଶରଳା ଅଟୋମୋବାଇଲ୍‌ସ - 248001, 248002. ରାଇରଙ୍ଗପୁର: ମା ସାକନରୀ ମୋଟର୍ସ - 7008906387. ସୋରୋ: ଟୁଇଙ୍କିଲ ମୋଟର୍ସ - 221711, 9337375571.



ବୁର୍କିନା ଫାସୋ ସେନାଙ୍କ ଆକ୍ରମଣରେ ୧୪୬ ଆତଙ୍କବାଦୀ ନିହତ ହୋଇଛନ୍ତି। ମାଲିର ଉତ୍ତର-ପଶ୍ଚିମ ସୀମାନ୍ତରେ ଏହି ଆତଙ୍କବାଦୀ ନିରୋଧୀ ଅପରେଶନ ହୋଇଥିଲା। ଆତଙ୍କବାଦୀମାନେ ୟେତେଙ୍ଗା ପ୍ରଦେଶ କୈନ ଗ୍ରାମରେ ହିଂସା ଘଟାଇବା ପରେ ସେନା ତରଫରୁ ଜବାବୀ ଆକ୍ରମଣ କରାଯାଇଥିବା ଆର୍ମି ଜେନେରାଲ ମୋଇସେ ମିନୁନ୍‌ଗୋ କହିଛନ୍ତି।


## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ମୁନା
ପରିବାରବର୍ଗ



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।






### BRIDE WANTED

Tanti boy, 1987, 5'7", B.Tech, Sail Engineer, only son. 9776562742. D-58036

Wanted Begali Kayasth bride for boy (only son) 1983/ 5'7"/ MCA private job salary Rs.- 20,000 own resident Rourkela base, father retired Rly. employee. 9692719292. D-59849

Good looking bride within age group 28-33 educated willing to settle in USA for A 37yr old handsome, tall, kaibarta groom, employed at an US corporation, As Sr Manager at Chicago Technical Education preferred, caste no bar. Contact. 8455925654. D-62156

Divorcee groom Nalco Engineer 39, Bank Manager 42 (Caste-no-bar). 7873374269. D-65467

**Brahmin groom, 29yrs/ 5f 11 in, MBA, Sr. Manager in leading digital advertising agency in Mumbai. 9437034281.** D-10917

ଗୁଡିଆ ପାତ୍ରୀ ଆବଶ୍ୟକ। ପାତ୍ର MBA ଗୌରବର୍ଣ୍ଣ, 5'5", 36ବର୍ଷ, ବାଙ୍ଗାଲୋରରେ ଚାକିରି, ଭୁବନେଶ୍ୱର ବାସିନ୍ଦା, ଏକ ପୁତ୍ର ସନ୍ତାନ ଥିବା ପାତ୍ର ପାଇଁ ଗୌରବର୍ଣ୍ଣ ଉଚ୍ଚ ଶିକ୍ଷିତା 5'2" (25-35) ବର୍ଷ ମଧ୍ୟରେ ପାତ୍ରୀ ଆବଶ୍ୟକ। ଯୋଗାଯୋଗ: 8904239566, 9632818622. D-10919

Now Matrimonial ads. only on Wednesday & Sunday
Book 1 Get 1 FREE

Urgent bride requirement for Gudia groom qualification IT, Height- 5'7". Contact: 6370096605, 9778124128. D-10918

### GROOM WANTED

Groom wanted for Utkal Brahmin bride age 28+ height 5'6" Rasi- Mina, Debagana M.A in English BED. Sound health, groom be Teacher, Lecturer, Engineer or Govt. Service. Contact: 9732563395, 8250378568. D-10798

Teli / similar caste boy invited for fair girl 5'5"/DOB-13.12.1988/ Makar, B.Com, MBA working in MNC Bangalore: 9438042036. (Parents). D-65469



## classified




### SALE

L&T Pc 71 Komatsu show room condition, 2009 Dec. (Mo): 7978887806. D-10897

Chevrolet Travera top model 2008 white excellent condition. 299000/-. 7377740724. D-65814

### HIRE

HYWA- 10/12 chaka dalabody required monthly Tonej basis. 7008390351, 9348408215. D-10963




### SALE

Plotting project near Patia KIIT University, Bhubaneswar 40" mainroad, 30" subroad, draingage, electrification, instant boundarywall sqft. 1150/-. 6370743007, 6370855152. D-65341

3storied building for sale near Dhauli, Bhubaneswar, all are 3BHK flat new building. Contact: 9337730923. D-58037

Bhubaneswar AIIMS Hospital, MOBus stand ନିକଟରେ gharabari plot sale. 8480745797. D-65342

Gharabari boundary plot infront Krupajal Engineering College, Bhubaneswar: 9090899281, 8908805482. D-65461

Home steade land at Kesura for immediate construction with boundary patta/ Pitapalli ଛକରୁ 2km. ଦୂରରେ main road ସାଇଡରେ plot ବିକ୍ରିହେବ। 9178031478. D-65812

Plot on lowest bduget Brahmanajharilo, 9km. from BBSR 16km. from Cuttack 250/- sqft. 7809525452. D-65813

BDA yellow zone stithiban plot at Khandagiri 30 feet Main Road, 30 feet Sub Road. 9437426733. D-10890

Ready to move 3/2BHK flats, under construction, duplex available backside V2- showroom at Patrapada. 9040337729, 9861037729. D-63935

Plot 2000 sqft. sale by owner at Arugul IIT Ranipur Mouza. Cont.: 7328861537. D-10863

Book 4BHK duplex having land area 1500 sqft. and construction area 2000 sqft., back side of AMRI Hospital, Khandagiri, Bhubaneswar. Possession in June 2020. Price- 62.5 lakhs. 7504392698. D-65555

Gharabari boundary plots, AIIMS price- 1250/- gharabari boundary plots 200 ft. road side, KIIT price- 900/-, 750/-. 8249483868. D-10876

Residential plot for sale at Patia connecting with blacktop road boundary-wall, electrification, water supply (ready for construction). 9556003065, 7978159231. D-65352

ନଖରା ତ୍ରିନାଥବଜାରଠାରେ SC ଘରବାରି plot 1200କୁ 3,60,000/- general plot 1200କୁ 5,40,000/- (outright) 9938177361, 7749026703. D-65353

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଚ୍ଚାରୁ ବିକ୍ରିହେବ। 9178660666. D-65558

ଭୁବନେଶ୍ୱର Sum Hospital ନିକଟ କାଟେଣୀରେ yellowzone gharabari plot 550/-. 9777553622. D-64777

ଭୁବନେଶ୍ୱର ଜଟଣୀଗେଟ୍ କିଛିଦୂରତାରେ 1200 sqft. 1,80,000/-, BEC କଲେଜ ଠାରେ 1200କୁ 3,00,000/- (outright). 9938177361, 7749026703. D-65354

Book 3BHK duplex having land area 1200 sqft. and construction area 1800 sqft. near Mani Tirumala, Patia, Bhubaneswar, price- 60lakh. 7504392698. D-65561

### PURCHASE

Land requires for marketing (Cuttack & Bhubaneswar). Contact: 9937816565, 9937568585. D-10965




Construct your dream home @ 450/- @ 1400/- onwards with all branded materials also minimum 40 years structural guaranty. Deepak Construction, BBSR. Contact: 9861010049, 8480700846. D-10899

### GENERAL

### SALE

Beauty Spa sale running Parlour Top Location Bhubaneswar Ph: 9861061565. D-52887


ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।





1 Bhk flat for rent at Nirupamma Apartment near Kalinga Stadium, Nayapalli, Bhubaneswar. Rent 8000 contact: 7008730860, 7008856130, 9937292259, 9338010976. D-53640




Shivam logistic packers movers. Household/ car relocation countrywide. 9777044177, 9338461133. D-10964




Fully refreshed/ relaxed body massage by expert therapist, Shastri Nagar. 7377984773. D-65542

Rejuvenate and Ayurvedic full body massage by smart therapist. 9114402304. D-65543

Roshin ayurvedic massage club fully relaxed by smart lady home service facility available. 9937637219. D-65809

Ayurvedic full body massage ladies/ gents experts therapist. 8338097451. D-65810

Improving your health, skin care through expert therapist, excellent offer. 9668374480. D-65552

New opening ayurvedic body massage smart therapist, Shree herbal. 6370668486. D-65553

Herbal full body massage by smart/ expert therapist. Contact: 8338067247. D-65554

New opening ayurvedic full body massage. 7077444583. D-10885

Fantacy newly opening ayurvedic fullbody massage ledies, gents. 7609923705, 7438851534. D-38544

Experience full body massage with us by experts. Enquiry. 0674 2597822, 7377048581. D-65559

Herbal full body massage with refreshment by well trained therapist. 7381239385, 06742540855. D-65560


### AFFIDAVIT

By virtue an affidavit before Executive Magistrate, Dhenkanal my daughter's name and D.O.B wrongly mentioned as Yogita Priyadarsini and 08.04.2007 in my service record. But actually she shall be known as Yogita Priyadarshini Dhir and DOB is 08.10.2006 for all purposes. D/o. Pradeep Kumar Dhir, Gayatrinagar, Dhenkanal. D-62068

### AFFIDAVIT

ମୁଁ ଭଦ୍ରକ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କଠାରେ ତା-୪।୨।୧୯ ନଂ-୧୧୩୩ ମାଧ୍ୟମରେ ଘୋଷଣା କରେକି ଅଞ୍ଜଳୀ ହେମ୍ବ୍ରମ ଓ ଅଞ୍ଜଳୀ ମୁର୍ମୁ ଜଣେବ୍ୟକ୍ତି। ସ୍ୱା-ରାମ ରାୟ ହେମ୍ବ୍ରମ ଗ୍ରା/ପୋ- ଭିତରଆମଦା, ଜିଲ୍ଲା-ମୟୂରଭଞ୍ଜ। ଅଞ୍ଜଳୀ ମୁର୍ମୁ। ଧ-୧୦୯୭୭

### ଶୁଭ ଜନ୍ମଦିନ



**ଶୁଭବ ପ୍ରିୟଦର୍ଶୀ (ସୁଚୁଲ)**
ରଘୁନାଥପୁର, ଜଗତ୍‌ସିଂହପୁର
ଦ୍ୱିତୀୟ ଜନ୍ମଦିନ ଅବସରରେ ତୁମକୁ ଅନେକ ଅନେକ ଶୁଭେଚ୍ଛା।
ଶୁଭେଚ୍ଛା ସହ:
ବାବା-ମାମା, ଦାଦା-ଖୁଡ଼ୀ-ଦିଦି, ଜେଜେ-ମା'
ଧ-୧୦୯୭୨

### ୧୦ତମ ଜନ୍ମଦିନ ଶୁଭେଚ୍ଛା



(ମୁନ୍ନା)
**ମନୋରଞ୍ଜନ ଦାସ**
ଈଶ୍ୱର ତୋତେ ସଦ୍‌ବୁଦ୍ଧି, ସାହସ, ଧୈର୍ଯ୍ୟ ଓ କୋଟି ପରମାୟୁ ଦିଅନ୍ତୁ। ଆମର ଭଲପାଇବା ଓ ଆଶୀର୍ବାଦ ତୋ ପାଇଁ ପ୍ରେରଣାର ଉତ୍ସ ପାଲଟୁ। ତୋ ସଫଳତା ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ସଦାସର୍ବଦା ପ୍ରାର୍ଥନା। ଶୁଭେଚ୍ଛା ସହ: ଅଜା, ଆଈ, ମାମୁ, ମାଇଁ, ଭାଇନା (କାହ୍ନା), ବୋଉ, ବିନୋଦ, ପରିବାର ଓ ବନ୍ଧୁବର୍ଗ, ସାଙ୍ଗସାଥୀ, ଭୁବନେଶ୍ୱର।
ଧ-୧୦୯୫୭

### ୧୪ତମ ଜନ୍ମଦିନ ଶୁଭେଚ୍ଛା



**ସୁନୟନା ଆଚାର୍ଯ୍ୟ**
(ଗୁନ୍‌ଗୁନ୍)
ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା।
ଶୁଭଆଶୀର୍ବାଦ ସହ:
ଅଜା, ବାବା, ମାମା, ମାମୁଁ, ମାଇଁ ଓ ତୁତୁନ୍ ତରଫରୁ। ବ୍ରହ୍ମେଶ୍ୱରପାଟଣା
ଧ-୧୦୯୭୮

### ପ୍ରଥମ ପୃଷ୍ଠାରୁ...

## ତେଲେଙ୍ଗିରି ପ୍ରକଳ୍ପ ...

'ସମସ୍ତଙ୍କୁ ନମସ୍କାର, ବିଜୁ ଯୁବ ବାହିନୀ କାର୍ଯ୍ୟକ୍ରମକୁ ଆପଣମାନଙ୍କୁ ସ୍ୱାଗତ କରୁଛି।' ଜୟପୁରର ଏକମ୍ବା ପଞ୍ଚାୟତ ବାଙ୍କବିଜ ପଡ଼ିଆରେ ମଙ୍ଗଳବାର ଆୟୋଜିତ ବିଜୁ ଯୁବ ବାହିନୀର ଆଞ୍ଚଳିକ ସମାବେଶରେ ଏହିପରି ସମ୍ବୋଧନ କରି ଉଦ୍‌ବୋଧନ ଆରମ୍ଭ କରିଥିଲେ ମୁଖ୍ୟମନ୍ତ୍ରୀ। ନିଜ ଅଭିଭାଷଣରେ ସେ କହିଥିଲେ, କେବିକେ ଅଞ୍ଚଳର ବିକାଶ ସବୁବେଳେ ମୋର ପ୍ରାଥମିକତା ରହିଆସିଛି। କୋରାପୁଟରେ ଯୋଗାଯୋଗର ଉନ୍ନତି ପାଇଁ ୩ଟି ଘୋଷଣା କରୁଛି। ଲମତାପୁଟର ସିନ୍ଧିପୁଟ ନିକଟରେ ସେତୁ, ଦଶମନ୍ତପୁର ବ୍ଲକ ମୁରାନ ରିଜର୍ଭିୟରର ଗିର୍ଲିଗୁମ୍ମାରୁ ଦୁଆରିସୁଲି ସେତୁ ଓ କୋଲାବ ଡ୍ୟାମ୍‌ର ଲମତାପୁଟ-ସୁକୁ ନିକଟରେ ସେତୁ କରାଯିବା ପାଇଁ ସେ ଘୋଷଣା କରିଥିଲେ। ସମାବେଶ ଅବସରରେ ମୁଖ୍ୟମନ୍ତ୍ରୀ କୋରାପୁଟ ଜିଲା ପାଇଁ ୧୧୩୬.୪୧ କୋଟି ଟଙ୍କା ମୂଲ୍ୟର ୩୧ଟି ଉନ୍ନୟନ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ଏଥିରେ ୯୯୨.୮୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ତଥା ବହୁ ପ୍ରତୀକ୍ଷିତ ତେଲେଙ୍ଗିରି ମଧ୍ୟମ ଜଳସେଚନ ପ୍ରକଳ୍ପ ରହିଛି। ଏହାସହ ୭୪୯ କୋଟି ଟଙ୍କା ମୂଲ୍ୟର ୯୪ଟି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ମୁଖ୍ୟମନ୍ତ୍ରୀ। ସମାବେଶ ପ୍ରାରମ୍ଭରେ ବିଜୁ ଯୁବବାହିନୀ ଅଧ୍ୟକ୍ଷ ଅରୂପ ପଟ୍ଟନାୟକ ସ୍ୱାଗତ ଭାଷଣ ରଖିଥିବା ବେଳେ ରାଜ୍ୟସଭା ସଦସ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକ ନିଜ ବକ୍ତବ୍ୟ ରଖିଥିଲେ।

ସେହିପରି ନବରଙ୍ଗପୁର ଜିଲା ଉମରକୋଟ ବିଜୁ ପଟ୍ଟନାୟକ ଷ୍ଟାଡିୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ଜନହିତକର ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ବସୁଧା ଯୋଜନାରେ ୧୦୯୭ କୋଟି ଟଙ୍କା ବ୍ୟୟରେ ୪ଟି ମେଗା ପାନୀୟ ଜଳ ପ୍ରକଳ୍ପ ସହ ୧୬ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିରେ ୯ଟି ସେତୁ ଓ ନବରଙ୍ଗପୁର ଡିଆଇଇଟିର ଶହେ ଶଯ୍ୟା ଛାତ୍ରୀ ନିବାସର ଭିତ୍ତିପ୍ରସ୍ତର ପଡ଼ିଛି। ସେହିଭଳି ୧୯ କୋଟି ବ୍ୟୟରେ ୧୨ଟି ପ୍ରକଳ୍ପର ସେ ଉଦ୍‌ଘାଟନ କରିଛନ୍ତି। ଉମରକୋଟ ବ୍ଲକ ମିଶନ ଶକ୍ତି ସଂଘକୁ ୨୫ ଲକ୍ଷ ଟଙ୍କା ପ୍ରଦାନ ପାଇଁ ସହାୟତା ଘୋଷଣା କରିଛନ୍ତି। ପରେ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିକାଶ ସମାବେଶରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ କହିଥିଲେ ଯେ, ବିଜେଡି କାମରେ ବିଶ୍ୱାସ କରେ। ବିକାଶ ପାଇଁ ଆମେ କାମ କରୁଛୁ। ଏଥର କେନ୍ଦ୍ର ସରକାର କେବିକେ ଯୋଜନା ବନ୍ଦ କରିଦେଇଛନ୍ତି। କିନ୍ତୁ ଆମେ ବିକାଶ ବନ୍ଦ କରିବାକୁ ଦେବୁନାହିଁ।

## ମନେ ପଡ଼ନ୍ତି

### ଦଶମ ଶ୍ରାଦ୍ଧବାର୍ଷିକୀ

### ଶ୍ରଦ୍ଧାଞ୍ଜଳି



**√ ପିତାମ୍ବର ନାୟକ**
ତିରୋଧାନ - ୨୮.୦୧.୨୦୦୯
ତୁମର ସ୍ନେହ, ଶ୍ରଦ୍ଧା, ଆଦର୍ଶ, କର୍ତ୍ତବ୍ୟ ପରାୟଣତା ତଥା ଶୃଙ୍ଖଳିତ ଓ ସାଧାରଣ ଜୀବନ ଶୈଳୀ ଆମର ନିତ୍ୟ ପାଥେୟ ହେଉ। ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ - ପରିବାରବର୍ଗ
ଧ-୬୪୯୪୨

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ପ୍ରଫୁଲ୍ଲ ଚନ୍ଦ୍ର ଛାଟୋଇ**
ରାମଚନ୍ଦ୍ରପୁର, ବାଙ୍କୀ, କଟକ
ଆବିର୍ଭାବ: ୧୫।୧୨।୧୯୪୨
ତିରୋଧାନ: ୨୭।୦୧।୨୦୧୯
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ। ତୁମର କର୍ତ୍ତବ୍ୟନିଷ୍ଠା, ଆଦର୍ଶ, ଉପଦେଶ ଆମ୍ଭମାନଙ୍କୁ ସବୁଦିନ ପାଇଁ ପ୍ରେରଣା ଦେଉଥାଉ। ଶୋକସନ୍ତପ୍ତ: ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି ନାତୁଣୀ ଓ ବନ୍ଧୁବାନ୍ଧବ।
ଧ-୧୦୯୫୯

### ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଅକ୍ଷୟ ସାହୁ (ଡଅଁରା)**
ଆବିର୍ଭାବ: ୧୬।୦୬।୧୯୭୫
ତିରୋଧାନ: ୦୮।୦୨।୨୦୧୬
ଚାହୁଁ ଚାହୁଁ ତିନିବର୍ଷ ବିତିଗଲା। ଭଗବାନ ଆପଣଙ୍କ ଅମର ଆତ୍ମାକୁ ଶାନ୍ତି ପ୍ରଦାନ କରନ୍ତୁ। ଶୋକସନ୍ତପ୍ତ: ଝିଅ, ପତ୍ନୀ ଓ ସାହୁ ପରିବାରବର୍ଗ।
ଧ-୧୦୯୫୮

### ଷଷ୍ଠ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ସନ୍ତୋଷ ପ୍ରସାଦ ପାଣିଗ୍ରାହୀ**
ଆବିର୍ଭାବ: ୯।୯।୧୯୮୩
ତିରୋଧାନ: ୧।୨।୨୦୧୪
ମହାପ୍ରଭୁ ତୁମର ଆତ୍ମାର ସଦ୍‌ଗତି ପ୍ରଦାନ କରନ୍ତୁ। ଏତିକି ଶ୍ରୀଜଗନ୍ନାଥଙ୍କ ନିକଟରେ ବିନୀତ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ ପରିବାରବର୍ଗ।
ଧ-୬୩୭୫୯

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ଏକାଦଶସ୍ଥ ଚନ୍ଦ୍ର ଶିକ୍ଷା କ୍ଷେତ୍ର, ସନ୍ତାନଙ୍କ କୃତିତ୍ୱ, ବନ୍ଧୁଙ୍କ ଆଲୋଚନାକୁ ସରସ ସୁନ୍ଦର କରିବ। ବ୍ୟବସାୟିକ ଅଂଶୀଦାର ସମ୍ପର୍କିତ ଆଲୋଚନା କରିପାରନ୍ତି। କିନ୍ତୁ ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ। ଅସୁସ୍ଥତାବଶତଃ କେତେକ କାମ ସ୍ଥଗିତ ରହିଯିବାର ସୂଚନା ଅଶ୍ୱିନୀ ନକ୍ଷତ୍ର ସକାଶେ ରହିଛି।

**ବୃଷ**
କର୍ମାଧିପତିଙ୍କ ସ୍ନେହପୂର୍ଣ୍ଣ ଦୃଷ୍ଟି ପ୍ରଭାବରେ କର୍ମକ୍ଷେତ୍ରରେ ମଧ୍ୟ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧିପାଇବ। ଚେଷ୍ଟା କରୁଥିବା କାମରେ ସହଯୋଗ ଲାଭକରିବା ସହ ସଫଳତା ମଧ୍ୟ ପାଇ ପାରିବେ। ଶନିକ୍ଷେତ୍ରସ୍ଥ ଚନ୍ଦ୍ର କାରଣରୁ ଛୋଟ କଥାଟିକୁ ବଡ଼ ଆକାରରେ ଚିନ୍ତା କରିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟମନସ୍କ ଯୋଗୁ କୃତ୍ତିକା ନକ୍ଷତ୍ର ପାଇଁ କେତେକ ବ୍ୟତିକ୍ରମ ସୃଷ୍ଟି ହୋଇପାରେ।

**ମିଥୁନ**
ତୃତୀୟ ସ୍ଥାନ ଚନ୍ଦ୍ରଙ୍କ ଦୃଷ୍ଟିପଥରେ ରହିଥିବାରୁ କୌଣସି ପଡୋଶିନୀ ମହିଳାଙ୍କ ସାହାଯ୍ୟ ଆପଣଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ରହିବ। ମାଙ୍ଗଳିକ କାମ ସକାଶେ ପୂର୍ବପ୍ରସ୍ତୁତି, ନିକଟ ସମ୍ପର୍କୀୟମାନଙ୍କ ମୈତ୍ରୀଭାବ କାମ ହାସଲ ପାଇଁ ପୃଷ୍ଠଭୂମି ସାଜିପାରେ। ଶିଳ୍ପ, ବାଣିଜ୍ୟ ଓ ନିର୍ମାଣ ସକାଶେ ଦିନଟି ଭଲ। କିନ୍ତୁ ମୃଗଶିରା ନକ୍ଷତ୍ର ପାଇଁ ଦୈହିକ ଦୁର୍ବଳତା ପ୍ରତିବନ୍ଧକର କାରଣ ହୋଇପାରେ।

**କର୍କଟ**
ଅଷ୍ଟମ ଭାବରେ ଶନିକ୍ଷେତ୍ରସ୍ଥ ମାନସିକ ଓ ମାନସିକ ସ୍ତର ପାଇଁ ଶିଥିଳତା ଓ ନିରୁତ୍ସାହ ସୃଷ୍ଟି କରିବ। ତଥାପି ଅର୍ଥଲାଭ ସାଙ୍ଗକୁ ସ୍ୱାସ୍ଥ୍ୟରେ ଉନ୍ନତି, ଶତ୍ରୁମାନଙ୍କ ଅଧୋଗତି, ଋଣ ପରିଶୋଧ ପ୍ରଭୃତିରୁ ଖୁସି ମିଳିବ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରିବା ଭଲ। ସାଧାରଣ କଥାରେ ନିକଟ ସମ୍ପର୍କୀୟଙ୍କ ସହ ଅଶ୍ଳେଷା ନକ୍ଷତ୍ରର ମତାନ୍ତର ସୃଷ୍ଟି ହୋଇପାରେ।

**ସିଂହ**
ରାଶିପ୍ରତି ଚନ୍ଦ୍ରଙ୍କ ଦୃଷ୍ଟି ଦୂରଯାତ୍ରା, ବ୍ୟୟ ବରାଦ, ସନ୍ତାନଙ୍କ ସମସ୍ୟା, ସମ୍ପର୍କହାନି ବିଷୟରେ ଚିନ୍ତିତ କରାଇପାରେ। ମାନସିକ ସ୍ଥିତି ଅସ୍ଥିର ରହିଥିବାରୁ ଆଜିର ଯାତ୍ରା ଅନୁକୂଳ କିମ୍ବା ନୂତନ କର୍ମାରମ୍ଭ ରହିବ ନାହିଁ। ପୂର୍ବାଫାଲ୍‌ଗୁନୀ ନକ୍ଷତ୍ର ସକାଶେ ପାରିବାରିକ ଜୀବନରେ ମଧ୍ୟ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ବ୍ୟବସାୟ ଓ ପରିବହନ ପାଇଁ ଦିନଟି ଭଲ।

**କନ୍ୟା**
ମୁଖଭାବ ପ୍ରତି ମଙ୍ଗଳଙ୍କ ପ୍ରତ୍ୟକ୍ଷ ଦୃଷ୍ଟିଜନିତ ଆପଣ ଭଲ କଥା କହିଲେ ମଧ୍ୟ ସମାଲୋଚିତ ହେବାକୁ ପଡିବ। ପରକଥାରେ ମନ ଦେଇ ନିଜ କାମକୁ ଅବହେଳା କରିପାରନ୍ତି। ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହେବାର ସୂଚନା ପୂର୍ଣ୍ଣମାତ୍ରାରେ ରହିଛି। ସ୍ୱାର୍ଥସାଧନ ସକାଶେ ନିଜ ଲୋକମାନେ ଚିତ୍ରା ନକ୍ଷତ୍ର ପାଇଁ ବିଶ୍ୱାସଘାତକତା କରିପାରନ୍ତି।

**ତୁଳା**
କର୍ମାଧିପତି ସ୍ୱ ଭାବରୁ ଅଷ୍ଟମସ୍ଥ ହେତୁ ଅର୍ଥ ଏବଂ କର୍ମକ୍ଷେତ୍ର ସମ୍ପର୍କିତ ସମସ୍ୟା ମାନସିକ ଅସ୍ଥିରତାର କାରଣ ହେବ। ଏଣେ ପାରିବାରିକ ସ୍ତରରେ ଯୁକ୍ତିତର୍କଜନିତ ମତପାର୍ଥକ୍ୟ ପାରିବାରିକ ସୌହାର୍ଦ୍ଦ୍ୟକୁ ନଷ୍ଟ କରିପାରେ। ଆଜିର ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହିବା ଭଲ ହେବ। ସ୍ୱାତୀ ନକ୍ଷତ୍ର ସକାଶେ ପରୋକ୍ଷ ଶତ୍ରୁତା ବାଧା ସୃଷ୍ଟି କରିପାରେ।

**ବିଛା**
ରାଶିରେ ବୃହସ୍ପତି ଚନ୍ଦ୍ରଙ୍କ କେନ୍ଦ୍ରସ୍ଥ ପୂର୍ବକ ଯୋଗକାରକ ହୋଇ ଆପଣଙ୍କ ଉଚ୍ଚ ସମ୍ମାନ ସହ ବହୁଜନ ପ୍ରଶଂସିତ କରାଇବ। ଫଳତଃ ଅର୍ଥଲାଭ ସହ କର୍ମକ୍ଷେତ୍ରରେ ଉତ୍ସାହିତ ହେବେ ଓ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ହାସଲ କରିବେ। ବିଭିନ୍ନ କ୍ଷେତ୍ର ସକାଶେ ଅପରିହାର୍ଯ୍ୟ ଆବଶ୍ୟକତାକୁ ନେଇ ଖର୍ଚ୍ଚ ପରିମାଣ ଦିଗୁଣା ହୋଇପାରେ।

**ଧନୁ**
କର୍ମସ୍ଥାନ ଶନି ଦୃଷ୍ଟିରେ ରହିଥିବାରୁ ପ୍ରତିଟି କ୍ଷେତ୍ରରେ ସଂଘର୍ଷମୟ ପରିସ୍ଥିତି ସହିତ ପ୍ରତିଯୋଗିତା ମନୋଭାବ ସୃଷ୍ଟିହେବ। ପାରିବାରିକ କ୍ଷେତ୍ରରେ ମଧ୍ୟ ସାମାନ୍ୟ ଅସୁବିଧା ଥିବାର ଅନୁଭବ କରିପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ପ୍ରଶଂସିତ ହେବେ। ଉତ୍ତରାଷାଢ଼ା ନକ୍ଷତ୍ର ସକାଶେ ପରିବହନରେ ଉନ୍ନତି, ବ୍ୟବସାୟିକ ଉତ୍କର୍ଷ ହେତୁ ଖୁସି ରହିବେ।

**ମକର**
ପରିସ୍ଥିତି ଯାହାହେଉ ନା କାହିଁକି ଆପଣଙ୍କ ଆଶା ପୂରଣ ଦିଗରେ ତାହା ପ୍ରତିବନ୍ଧକ ପରି ରହିବ ନାହିଁ। କିନ୍ତୁ ଅଧିକାଂଶ କ୍ଷେତ୍ରରେ ବିବାଦୀୟ ଘଟଣା ମନରେ ସ୍ଥାନ ପାଇବା ହେତୁ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି। ଶ୍ରବଣା ନକ୍ଷତ୍ରର ବନ୍ଧୁଙ୍କ ସକାଶେ ଦୀର୍ଘସମୟର ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ।

**କୁମ୍ଭ**
ବୃହସ୍ପତିଙ୍କ ପ୍ରଭାବରେ ସମସ୍ୟା ରହିଥିଲେ ମଧ୍ୟ ପ୍ରତ୍ୟେକ କାମକୁ ଆତ୍ମୀୟତାର ସହ କରି ପ୍ରଶଂସିତ ହେବେ। ଶିଳ୍ପ, ବାଣିଜ୍ୟ ଓ ପରିବହନରୁ ଲାଭବାନ୍ ହେବାର ସୂଚନା ରହିଛି। ପ୍ରତ୍ୟୁଷ ଯାତ୍ରା, ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ଲକ୍ଷ୍ୟପୂରଣ ହୋଇପାରେ। କଳା ସାହିତ୍ୟ, ଆନୁଷ୍ଠାନିକ କ୍ଷେତ୍ରରେ ଶତଭିଷା ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବେ।

**ମୀନ**
ଆଜି ପ୍ରତ୍ୟେକ କ୍ଷେତ୍ରରେ ମାପିଚୁପି କଥାବାର୍ତ୍ତା ନ କଲେ ନିଜର ସମ୍ମାନହାନି ଘଟିପାରେ। ଏଣେ ପାରିବାରିକ ସମସ୍ୟା ସାଙ୍ଗକୁ ପ୍ରତ୍ୟେକ କ୍ଷେତ୍ରରେ ଦ୍ୱନ୍ଦ୍ୱଯୁକ୍ତ ହୋଇ ବ୍ୟସ୍ତତା ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ପୂର୍ବାଭାଦ୍ରପଦ୍ ନକ୍ଷତ୍ର ସକାଶେ ବନ୍ଧୁଙ୍କ ସହଯୋଗ ଆଶା ନିରର୍ଥକ ହେବନାହିଁ।

ଆଜି ମାଘ ଶୁକ୍ଳ ଦ୍ୱିତୀୟା ବୁଧବାର, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପଦ୍ମମୁଖ ବେଶ, ଫେବୃୟାରୀ ୬ ତାରିଖ, ରାଶି ନକ୍ଷତ୍ର-ଦିବା ଘ୯।୩୮ମି. ଗତେ, ଶତଭିଷା/କୁମ୍ଭ, କର୍କଟ ରାଶିର ଘାତବାର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ, ବିବାହ ପାଣିଗ୍ରହଣ, ବିଦ୍ୟାରମ୍ଭ, ଗୃହାରମ୍ଭ ଓ ପ୍ରବେଶ ପାଇଁ ଶୁଭଦିନ, ଦିବା ଘ୬।୪୯ମି. ଗତେ. ଘ୯।୧୩ମି. ମଧ୍ୟେ, ଘ୨।୪୯ମି. ଗତେ ଘ୪।୧୩ମି. ମଧ୍ୟେ ଅମୃତବେଳା। ସକାଳ ଘ୬।୪୯ମି. ମଧ୍ୟେ ଘ୧୦।୩୬ମି. ଗତେ, ଘ୧୨।୦୧ମି. ମଧ୍ୟେ ଘ୪।୧୩ମି. ଗତେ, ଘ୫।୩୮ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୨।୦୦ମି. ଗତେ ଘ୧।୨୫ମି. ମଧ୍ୟେ ରାହୁକାଳ।



ମିଥ୍ୟା ଖବର ପ୍ରସାର ସମସ୍ୟାର ଫଳପ୍ରଦ ସମାଧାନ ପାଇଁ କେନ୍ଦ୍ର ସରକାର ମେସେଜିଂ ପ୍ଲାଟଫର୍ମ ହ୍ୱାଟ୍ସଆପ୍‌କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା ଉକ୍ତ ସୋସିଆଲ୍ ମିଡିଆ ଉତ୍ତରଦାୟୀ ରହିବା ସହିତ ଭୁଲ ସୂଚନା ପ୍ରସାର କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ବୋଲି ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ହଂସରାଜ ଆହିର ଲୋକସଭାରେ ସୂଚନା ଦେଇଛନ୍ତି।




# ମାଓବାଦୀଙ୍କ ପୁଣି ଲଙ୍କାକାଣ୍ଡ

ତୁମୁଡିବନ୍ଧ/ବାଲିଗୁଡ଼ା, ୫।୨(ଡି.ଏନ୍.ଏ.)

କନ୍ଧମାଳ ଜିଲାରେ ମାଓବାଦୀମାନେ କିଛିଦିନ ହେଲା ଅଧିକ ସକ୍ରିୟ ହୋଇଛନ୍ତି। ଜିଲାର ବିଭିନ୍ନ ସ୍ଥାନରେ ଗୋଟିଏ ପରେ ଗୋଟିଏ କାଣ୍ଡ ଘଟାଇ ସେମାନଙ୍କ ଉପସ୍ଥିତି ଜାହିର କରୁଛନ୍ତି। ସୋମବାର ରାତିରେ ତୁମୁଡିବନ୍ଧ ବ୍ଲକ ବେଲଘର ଥାନା ଅଞ୍ଚଳରେ ବେଲଘରଠାରୁ ଝିରିପାଣି ରାସ୍ତା ନିର୍ମାଣ କରୁଥିବା ଏକ ଠିକା ସଂସ୍ଥାର ଜେସିବି, ମିକ୍ସର ମେଶିନ ଓ ୪ ଗାଡ଼ିକୁ ସେମାନେ ପୋଡ଼ିଦେଇଛନ୍ତି। ଏଥିସହ ସେଠାରେ ହାତଲେଖା ପୋଷ୍ଟର ମଧ୍ୟ ଛାଡିଯାଇଛନ୍ତି। ଉକ୍ତ ପୋଷ୍ଟରରେ ନିମ୍ନମାନର ବ୍ରିଜ କାମକୁ ବିରୋଧ ସହ ସ୍ଥାନୀୟ ଲୋକଙ୍କୁ କାମରେ ନିୟୋଜିତ କରାଯାଉ ନ ଥିବା, ରାସ୍ତା ଯୋଗୁ ବନ୍ୟପ୍ରାଣୀ ଚଳପ୍ରଚଳରେ ଅସୁବିଧା ହେବା, ପ୍ରାକୃତିକ ସମ୍ପଦ ଲୁଟ କରିବାକୁ ବ୍ରିଜ ହେଉଛି ବୋଲି ଦର୍ଶାଯାଇଛି। ଏଥିସହ ଆଦିବାସୀ ଓ ଦଳିତଙ୍କୁ ବିସ୍ଥାପନ କରିବାକୁ ବ୍ରିଜ ନିର୍ମାଣ ଚାଲିଛି ବୋଲି ଉଲ୍ଲେଖ ରହିଛି। ଶେଷରେ ବି.ଜି.ନ ଡିଭିଜନ କମିଟି ସି.ପି.ଆଇ(ମାଓବାଦୀ) ଲେଖା ହୋଇଛି। ବେଲଘର ଠାରୁ ଝିରିପାଣି ପ୍ରାୟ ୧୨ କି.ମି. ରାସ୍ତା ଓ ବ୍ରିଜ କାମ ବିକେଡି ନାମକ ଏକ ଠିକା ସଂସ୍ଥା କରୁଛି। ସୋମବାର ସନ୍ଧ୍ୟା ପ୍ରାୟ ୭ଟାରେ ୧୫ରୁ ୨୦ ସଶସ୍ତ୍ର ମାଓବାଦୀ ଝିରିପାଣି ରାସ୍ତାର ଦେଶୁ ଘାଟି ନିକଟରେ ଥିବା ବିକେଡିର କ୍ୟାମ୍ପକୁ ଆସିଥିଲେ। କ୍ୟାମ୍ପରେ ଥିବା ୧୮ କର୍ମଚାରୀଙ୍କୁ ସେମାନେ ଗୋଟିଏ ଘରେ ବନ୍ଦ କରି ରାସ୍ତା କାର୍ଯ୍ୟରେ ନିୟୋଜିତ ୨ଟି ହାଇୱା, ଗୋଟିଏ ଟ୍ରାକ୍ଟର, ଗୋଟିଏ ଜେସିବି, ଗୋଟିଏ କଂକ୍ରିଟ ମିକ୍ସର ମେଶିନ ଏବଂ ଗୋଟିଏ ଟ୍ରେଲରରେ ନିଆଁ ଲଗାଇ ଦେଇଥିଲେ । ପ୍ରାୟ ୨ ଘଣ୍ଟା ଜଳାପୋଡ଼ା ପରେ ନିକଟରେ ଥିବା ୨ଟି ଗଛରେ ୨ଟି ହାତଲେଖା ପୋଷ୍ଟର ମାରି ମାଓବାଦୀମାନେ ଚାଲି ଯାଇଥିଲେ ବୋଲି ଠିକା କ୍ୟାମ୍ପରେ ଥିବା କର୍ମଚାରୀ କହିଛନ୍ତି। ଏହି ଘଟଣା ପରେ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ସନ୍ଧ୍ୟା ସୁଦ୍ଧା ଘଟଣାସ୍ଥଳରେ ପୋଲିସ ପହଞ୍ଚି ପାରି ନ ଥିବା ଖବର ମିଳିଛି ।


ମାଓବାଦୀମାନେ ପୋଡ଼ିଦେଇଥିବା ଗାଡ଼ି।


ଗଛରେ ଲାଗିଥିବା ପୋଷ୍ଟର।

**ଜେସିବି, ମିକ୍ସର ମେଶିନ ସହ ୪ ଗାଡ଼ି ପୋଡ଼ିଦେଲେ**

# ଶେଲ୍‌ଟର ହୋମ୍‌ରେ ଧର୍ମାନ୍ତରୀକରଣ ଚାଲିଛି

ଭୁବନେଶ୍ୱର,୫।୨(ବ୍ୟୁରୋ)

- କେନ୍ଦ୍ର ଓ ରାଜ୍ୟକୁ ରିପୋର୍ଟ ଦେଲା ଏନ୍‌ସିପିସିଆର
- ୧୩ ଶେଲ୍‌ଟରହୋମ୍ ବିରୋଧରେ ଏଫ୍‌ଆଇଆର
- ଗାଇଡ ଲାଇନ କାର୍ଯ୍ୟକାରୀ କରୁନାହାନ୍ତି ଶେଲଟର ହୋମ୍

ରାଜ୍ୟରେ ଅନେକ ଶେଲ୍‌ଟର ହୋମ୍‌ରେ ଧର୍ମାନ୍ତରୀକରଣ ଚାଲିଛି। ରାଜ୍ୟ ସରକାରଙ୍କୁ ଦେଇଥିବା ରିପୋର୍ଟରେ ଜାତୀୟ ଶିଶୁ ଅଧିକାର ସୁରକ୍ଷା କମିଶନ (ଏନ୍‌ସିପିସିଆର) ଏକଥା ଲେଖିଛନ୍ତି। ମଙ୍ଗଳବାର ଏନ୍‌ସିପିସିଆର କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଏବଂ ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଛି। ଗଣମାଧ୍ୟମକୁ ସୂଚନା ଦେଇ କମିଶନ ଅଧ୍ୟକ୍ଷ ପ୍ରିୟଙ୍କ କାନୁନ୍‌ଗୋ କହିଛନ୍ତି ଯେ ଢେଙ୍କାନାଳ ଜିଲାରେ ଥିବା ଶେଲ୍‌ଟର ହୋମ୍‌ରେ ନାବାଳିକାଙ୍କୁ ଯୌନ ନିର୍ଯାତନା ଦିଆଯାଉଥିବା ଘଟଣା ପ୍ରଘଟ ହେବା ପରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ମାନେକା ଗାନ୍ଧୀ ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ କମିଶନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମନ୍ତ୍ରଣାଳୟ ନିର୍ଦ୍ଦେଶ ମୁତାବକ ଏନ୍‌ସିପିସିଆରର ୯ ଜଣ ସଦସ୍ୟଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ୨୦୧୮ ଡିସେମ୍ବର ୧୨ ତାରିଖରେ ଓଡିଶା ଗସ୍ତ କରି ରାଜ୍ୟର ୧୯ଟି ଜିଲାରେ ଥିବା ୫୦ଟି ଶେଲଟର ହୋମ୍ ଯାଞ୍ଚ କରିଥିଲା। କେତେକ ଶେଲଟର ହୋମ୍‌ରେ କିଛି ଧର୍ମ ପୁସ୍ତକ ମିଳିଥିଲା। ଏହାଛଡା ୫୦ଟି ଶେଲ୍‌ଟର ହୋମ୍‌ଗୁଡିକରୁ ୨୮ଟିରେ ସର୍ବନିମ୍ନ ଭିତ୍ତିଭୂମି ନ ଥିବା ବେଳେ ୨୧ଟିରେ ସିସିଟିଭି କ୍ୟାମେରା ନ ଥିବା ଟିମ୍ ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ପୋଲିସ ତଦନ୍ତ କରା ନ ଯାଇ ୧୪ଟି ଶେଲ୍‌ଟର ହୋମ୍ ବେଆଇନ ଭାବେ ଚାଲୁଛି। ୧୩ଟି ଶେଲଟର ହୋମ୍ ବିରୋଧରେ ଏଫ୍‌ଆଇଆର କରାଯାଇଛି। ଦୁଇଟି ଶେଲଟର ହୋମ୍‌ର ପିଲାମାନଙ୍କୁ ଅନ୍ୟ ଅନୁଷ୍ଠାନକୁ ସ୍ଥାନାନ୍ତର କରାଯାଇଛି। ସେହି ଶେଲ୍‌ଟର ହୋମ୍‌ଗୁଡିକ ଏନ୍‌ସିପିସିଆର ଗାଇଡ ଲାଇନକୁ ଉଲ୍ଲଂଘନ କରିଥିବା ରିପୋର୍ଟରେ କୁହାଯାଇଛି।

# ଆଇଓବି ଏଟିଏମ୍ ଭାଙ୍ଗି ୨.୭ଲକ୍ଷ ଟଙ୍କା ଲୁଟିନେଲେ ଦୁର୍ବୃତ୍ତ

ଧର୍ମଗଡ଼, ୫।୨ (ଡି.ଏନ୍.ଏ)

କଳାହାଣ୍ଡି ଜିଲା ଧର୍ମଗଡ଼ ସହରରେ ଖୋଲାଖୋଲି ପୋଲିସକୁ ଚ୍ୟାଲେଞ୍ଜ ଦେଇ ଏକକାଳୀନ ଦୁଇଟି ଏଟିଏମ୍ ଲୁଟ ଉଦ୍ୟମ ଘଟଣା ଘଟିଛି। ଆଇଓବି ଏଟିଏମ୍ ମେଶିନ ତାଡ଼ି ଟଙ୍କା ନେବାରେ ଦୁର୍ବୃତ୍ତମାନେ ସଫଳ ହୋଇଥିବାବେଳେ ଏସ୍‌ବିଆଇ ଏଟିଏମ୍ ଲୁଟ ଯୋଜନା ବିଫଳ ହୋଇଛି। ଏହି ଘଟଣାରେ ପୋଲିସ ଲୁଟ୍‌ରେ ବ୍ୟବହୃତ ପିକଅପ୍ ଗାଡିକୁ ଜବତ କରିବା ସହ ୨ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

ସୂଚନା ଅନୁସାରେ ସୋମବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ପ୍ରଥମେ ଧର୍ମଗଡ଼ ସହର ନିକଟସ୍ଥ ଗୋଡଭଞ୍ଜା ଗାଁର ଫେବ୍ରିକେଶନ ଦୋକାନକୁ ଯାଇ ଏକ ଗ୍ୟାସ କଟର ଚୋରି କରିଥିଲେ । ପରେ ତାକୁ ପିକଅପ୍ ଗାଡିରେ ଆଣି ଧର୍ମଗଡ ଚାରିଛକଠାରେ ଥିବା ଆଇଓବି (ଇଣ୍ଡିଆନ ଓଭରସିଜ ବ୍ୟାଙ୍କ) ଏଟିଏମ୍‌କୁ ଗ୍ୟାସ୍ କଟରରେ କାଟି ଟଙ୍କା ଲୁଟି ନେବା ସହ ମେଶିନ ଉଠାଇ ନେଇଥିଲେ। ପରେ ଧର୍ମଗଡ଼ ବସ୍ତିପଡା ଏସ୍‌ବିଆଇ ଏଟିଏମ୍ କାଉଣ୍ଟରକୁ ଆସି ସିସିଟିଭି ଭାଙ୍ଗିବା ସହ ମେଶିନ ଭଙ୍ଗାରୁଜା କରିଥିଲେ। ଏସ୍‌ବିଆଇ ଏଟିଏମଗୁଡିକ ସେଣ୍ଟ୍ରାଲ ମନିଟର ହେଉଥିବାରୁ ଏସ୍‌ବିଆଇର ବମ୍ବେସ୍ଥିତ କାର୍ଯ୍ୟାଳୟ ତୁରନ୍ତ ଏବାବଦରେ ଧର୍ମଗଡ ଥାନାକୁ ଖବର ଦେଇଥିଲା । ଧର୍ମଗଡ଼ ପୋଲିସ ଘଟଣାସ୍ଥଳକୁ ଆସିବା ବେଳେ ସାଇରନ ବାଜିବାରୁ ଦୁର୍ବୃତ୍ତମାନେ ଦେଭୋଗ ରାସ୍ତା ଦେଇ ଫେରାର ହୋଇଯାଇଥିଲେ। ଏଟିଏମ୍‌ରେ ପ୍ରାୟ ୨ ଲକ୍ଷ ୭୦ ହଜାର ଟଙ୍କା ଥିବା ଆଇଓବି ମ୍ୟାନେଜର ସୂଚନା ଦେଇଥିବା ପୋଲିସ କହିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଦୁର୍ବୃତ୍ତମାନଙ୍କୁ ଖୁବଶୀଘ୍ର ଧରାଯିବ ବୋଲି ଧର୍ମଗଡ଼ ଡିଏସ୍‌ପି କହିଛନ୍ତି ।


ଦୁର୍ବୃତ୍ତମାନେ ଭାଙ୍ଗିଦେଇଥିବା ଏଟିଏମ୍।

- ଏସ୍‌ବିଆଇ ଏଟିଏମ୍ ଲୁଟ୍ ଉଦ୍ୟମ ବିଫଳ
- ୨ ଅଟକ, ପୋଲିସର ତନାଘନା ଜାରି






ଆଉ ଥରେ ପୃଥିବୀର ଇତିହାସରେ ଆମେ ଏକ ଛକ ଜାଗାରେ ଆସି ପହଞ୍ଚିଛୁ। ଏହା ହେଉଛି ସିଦ୍ଧାନ୍ତ ନେବାର ସମୟ। ଚାରିଆଡୁ ପ୍ରଶ୍ନ ହେଉଛି- ଏହା ପରେ କ'ଣ ଘଟିବ ? ଗୋଟିଏ ଉତ୍ତର ଯଦି ମଣିଷ ଆଧ୍ୟାତ୍ମିକ ହେବା ପାଇଁ ସମ୍ମତ ହୁଅନ୍ତା !

–ଶ୍ରୀମା



# ହଠାତ୍ ସଜାଗ

ନିକଟରେ କେନ୍ଦ୍ର ସରକାରଙ୍କ ଅନ୍ତରୀଣ ବଜେଟରେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା (ପିଏମ୍-କିଷାନ ଯୋଜନା) ନୂତନ ଭାବେ ଘୋଷଣା କରାଯାଇଛି। କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ୩ କିସ୍ତିରେ ୨୦୦୦ ଟଙ୍କା ଲେଖାଏ ବାର୍ଷିକ ୬ ହଜାର ଟଙ୍କା ଦେବାକୁ ଏଥିରେ ବ୍ୟବସ୍ଥା ରହିଛି। କୃଷି ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟଗୁଡ଼ିକୁ ଲେଖାଯାଇଥିବା ପତ୍ରରେ କୁହାଯାଇଛି ଯେ, ଚାଷୀଙ୍କୁ ମାର୍ଚ୍ଚ ସୁଦ୍ଧା ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଆର୍ଥିକ ସହାୟତା ପଠାଯିବ। ତେବେ ପ୍ରଥମ କିସ୍ତି ପାଇବା ଲାଗି ଆଧାର ନମ୍ବରକୁ ଇଚ୍ଛାଧୀନ କରାଯାଇଥିବା ବେଳେ ଦ୍ୱିତୀୟ କିସ୍ତିରୁ ଏହା ବାଧ୍ୟତାମୂଳକ ବୋଲି ସରକାର ଦର୍ଶାଇଛନ୍ତି। ଏଭଳି ଦୋମୁହାଁ ନିଷ୍ପତ୍ତି ପଛରେ କାରଣ କ'ଣ ହୋଇପାରେ ତାହା ବୁଝିବା କଷ୍ଟକର। ୨୬ ସେପ୍ଟେମ୍ବର ୨୦୧୮ରେ ସୁପ୍ରିମ୍‌କୋର୍ଟ ସ୍ପଷ୍ଟ କରିଥିଲେ ଯେ ବ୍ୟାଙ୍କ ଖାତା ଖୋଲିବା ଲାଗି ଆଧାର ବାଧ୍ୟତାମୂଳକ ନୁହେଁ। ଯେତେବେଳେ ବ୍ୟାଙ୍କ ଖାତା ଖୋଲିବା ଲାଗି ଏଭଳି ପରିଚୟପତ୍ରକୁ ଅବାଞ୍ଛିତ ବୋଲି କୁହାଯାଇଛି, ସେତେବେଳେ କେଉଁ ଆଧାରରେ କେନ୍ଦ୍ର ସରକାର ଏହାକୁ ପୁନଃ କାର୍ଯ୍ୟକାରୀ କରିବାକୁ ଚାହୁଁଛନ୍ତି, ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

ଗଣତାନ୍ତ୍ରିକ ରାଷ୍ଟ୍ରରେ କେବଳ ନିର୍ବାଚନକୁ ଆଖି ଆଗରେ ରଖି ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇବା ହେଉଛି ଏବକାର ନୂଆ ଶୈଳୀ। କରଦାତାଙ୍କ ଅର୍ଥରୁ ପିଏମ୍-କିଷାନ ଯୋଜନାରେ ସରକାର ଜଣେ ଚାଷୀକୁ ବର୍ଷକୁ ୬୦୦୦ ଟଙ୍କା ଦେବେ ବୋଲି ଯାହା ଘୋଷଣା କରିଛନ୍ତି, ମାସକୁ ହିସାବ କଲେ ମାତ୍ର ୫୦୦ ଟଙ୍କା ପଡୁଛି। ଚାଷୀ ଏତିକିମାତ୍ର ଆର୍ଥିକ ସାହାଯ୍ୟ ପାଇ ତା' ଦୁଃଖ ଦୂର କରିପାରିବ ନାହିଁ। କୃଷକକୁ ସଶକ୍ତ କରିବାକୁ ହେଲେ ଦୁଇ ପ୍ରକାର ଉପାୟ ଅବଲମ୍ବନ କରାଯାଇପାରେ। ପ୍ରଥମ ପର୍ଯ୍ୟାୟର 'କ' ଶ୍ରେଣୀରେ ବିହନଠାରୁ ସାର ପର୍ଯ୍ୟନ୍ତ ଉଚିତ ଉପଲବ୍ଧତା ଏବଂ 'ଖ' ଭାଗ ହେଉଛି ଚାଷ ବିଲରେ ଜଳ ମିଳିବା। ଦୀର୍ଘବର୍ଷ ହେବ କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକ ଜଳସେଚନକୁ ହେଳା କରିଚାଲିଛନ୍ତି। ଦ୍ୱିତୀୟ ପର୍ଯ୍ୟାୟକୁ ଦେଖିଲେ ଉତ୍ପାଦର ଉଚିତ ମୂଲ୍ୟ ମିଳିବା ଅତ୍ୟନ୍ତ ଆବଶ୍ୟକ। ତାହା ନ କରି ଭୋଟ ବେଳେ ଟଙ୍କା ପ୍ରଲୋଭନ ଦେଖାଇ ଦିଆଯାଉଛି। ଏହା କେନ୍ଦ୍ରଠାରୁ ଆରମ୍ଭ କରି ରାଜ୍ୟଗୁଡ଼ିକ କରିଚାଲିଛନ୍ତି। ରାଜନୈତିକ ଦଳଗୁଡ଼ିକ କଳାଧନ ନୁହେଁ, କରଦାତାଙ୍କ ବେକ ମୋଡ଼ି ଆୟ କରାଯାଉଥିବା ଅର୍ଥକୁ ବ୍ୟାଙ୍କ ଆକାଉଣ୍ଟରେ ଜମା କରିବା ସକାଶେ ବ୍ୟବସ୍ଥା କରିଦେଉଛନ୍ତି। ନିକଟ ଅତୀତରେ ୫ ବିଧାନସଭା ବିଶେଷକରି ୩ ହିନ୍ଦୀଭାଷୀ ରାଜ୍ୟ ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଛତିଶଗଡ଼ରେ ହୋଇଥିବା ନିର୍ବାଚନରେ ଚାଷୀଙ୍କ ସମସ୍ୟା ସହ ଋଣଛାଡ଼ କଥା ଉଠାଇ ରାଜନୈତିକ ଦଳ ସଫଳତା ପାଇବା ପରେ କୃଷକଙ୍କ ପ୍ରତି ଦରଦୀ ପାଲଟି ଯାଇଛନ୍ତି। ଏବେ ଚାଷୀକୁଳର ଭୋଟ ଜାତି, ଧର୍ମ ଆଦି ଊର୍ଦ୍ଧ୍ୱକୁ ଚାଲିଯାଇଛି। ପୂର୍ବରୁ ଶାସକମାନେ ବ୍ୟବସାୟୀ, ଶିଳ୍ପପତି, ଖଣି ମାଲିକଙ୍କ ସମସ୍ୟାକୁ ସମାଧାନ ଦିଗରେ ସମୟ ଦେଇଚାଲିଥିଲେ। ଏବେ ଅନୁଭବ କଲେଣି ଯେ ଏମାନଙ୍କ ସଂଖ୍ୟା ଭୋଟ ଜିତିବା ପାଇଁ ଯଥେଷ୍ଟ ନୁହେଁ। ତେଣୁ ହଠାତ୍ ସଜାଗ ହୋଇ ଚାଷ ଓ ଚାଷୀଙ୍କ ଆଗରେ ବାଧ୍ୟ ହୋଇ ଅଣ୍ଟାଭାଙ୍ଗି ନଇଁଲେଣି। ଅବଶ୍ୟ ଏଭଳି ଏକ ସ୍ଥିତି ସୃଷ୍ଟି ହେବା ଭାରତ ପାଇଁ ମଙ୍ଗଳଦାୟକ। କୃଷିପ୍ରଧାନ ଏହି ଦେଶରେ କୃଷିର ବିକାଶ ହେଲେ ଜାତୀୟ ଅର୍ଥନୀତି ସମୃଦ୍ଧ ହୋଇପାରିବ। ଡେରିରେ ହେଉ ବା ବାଧ୍ୟବାଧକତାରେ ରାଜନୈତିକ ଦଳଗୁଡ଼ିକ ଚାଷୀଙ୍କ ମଙ୍ଗଳ ପାଇଁ ଚିନ୍ତା କରିବା ଶୁଭ ସଙ୍କେତ ଦେଉଛି। ତେଣୁ ଏହି ସମୟରେ ଚାଷୀକୁଳ ତା'ର ଅଭାବ ଓ ଚାହିଦାକୁ ପୂରଣ କରିପାରିଲେ ଭାରତରେ ବାସ୍ତବ ଉନ୍ନତି ଆସିପାରିବ ବୋଲି କୁହାଯାଇପାରେ।

# ଚାକିରି ନାହିଁ, ଆରକ୍ଷଣ କାହା ପାଇଁ



ଡ. ସନ୍ତୋଷ କୁମାର ମହାପାତ୍ର

କ୍ଷମତା ଏପରି ଏକ ଜିନିଷ, ଯିଏ ତା'ର ସ୍ୱାଦ ଥରେ ଚାଖିଛି ସିଏ ତାକୁ ଛାଡ଼ିପାରେ ନାହିଁ। ତାକୁ ସର୍ବଦା ବଜାୟ ରଖିବାକୁ ଚେଷ୍ଟା କରେ। ଏହି ମାନସିକତା ବର୍ତ୍ତମାନ କେନ୍ଦ୍ରରେ ଶାସନ କରୁଥିବା ଭାଜପା କ୍ଷେତ୍ରରେ ସବୁଠାରୁ ଅଧିକ। ଏଣୁ ୨୦୧୯ ସାଧାରଣ ନିର୍ବାଚନ ଯେତେ ପାଖେଇ ଆସୁଛି, କ୍ଷମତାକୁ କିପରି ପୁନଶ୍ଚ ହାସଲ କରାଯିବ, ସେଥିପାଇଁ ଦଳ ପକ୍ଷରୁ ସବୁ ଉପାୟ ଅବଲମ୍ବନ କରାଯାଉଛି। ସମାଜର ଆର୍ଥିକ ଅନଗ୍ରସର ଉଚ୍ଚବର୍ଗଙ୍କ ପାଇଁ ସରକାରୀ ଚାକିରି ଓ ଶିକ୍ଷା କ୍ଷେତ୍ରରେ ୧୦% ଆରକ୍ଷଣ ପାଇଁ ସଂସଦର ଉଭୟ ଗୃହରେ ୧୨୪ତମ ସମ୍ବିଧାନ ସଂଶୋଧନ ବିଧେୟକ ଗୃହୀତ ହେବା ଏହାର ଏକ ନମୁନା। ଅବଶ୍ୟ ପୂର୍ବରୁ ଅନ୍ୟ ସରକାର ମଧ୍ୟ ରାଜନୈତିକ ଫାଇଦା ପାଇଁ ଏହି ଆରକ୍ଷଣ କାର୍ଡ ଖେଳିଛନ୍ତି। ସବୁଠାରୁ ଚିନ୍ତାର ବିଷୟ ହେଉଛି, ବିରୋଧୀ ଦଳଗୁଡ଼ିକ ମଧ୍ୟ ଏହି ଆରକ୍ଷଣର କେତେ ଆବଶ୍ୟକତା ରହିଛି, ସେ ସମ୍ପର୍କରେ ଆଲୋଚନା ନ କରି ଭୋଟ୍ ହରାଇବା ଭୟରେ ଅନ୍ଧାଧୁନିଆ ଭାବେ ଏହାକୁ ସମର୍ଥନ କରିଛନ୍ତି।

ଏହି ୧୦% ଆରକ୍ଷଣ ସମ୍ବିଧାନ ବିରୋଧୀ ଭାବେ ଅଭିହିତ କରି ସୁପ୍ରିମ୍‌କୋର୍ଟରେ କିଛି ଲୋକ ଆବେଦନ କରିଛନ୍ତି। ସେମାନଙ୍କ ଯୁକ୍ତି ହେଉଛି ପୂର୍ବରୁ ସର୍ବାଧିକ ଆରକ୍ଷଣ ୫୦% ମଧ୍ୟରେ ସୀମିତ ରଖିବା ଏବଂ ଆରକ୍ଷଣ କେବଳ ଆର୍ଥିକ ଅନଗ୍ରସରତାକୁ ଭିତ୍ତିକରି ଦିଆଯାଇପାରିବ ନାହିଁ ବୋଲି ବ୍ୟବସ୍ଥା ଥିଲାବେଳେ ନୂତନ ସିଦ୍ଧାନ୍ତ ଏହାର ବ୍ୟତିକ୍ରମ। ୧୯୯୨ରେ ଇନ୍ଦିରା ସାହାନେ କେସ୍ ସମ୍ବନ୍ଧରେ ରାୟ ଦେଇ ସୁପ୍ରିମ୍‌କୋର୍ଟ କହିଥିଲେ ଯେ, ଆର୍ଥିକ ସ୍ଥିତିକୁ ନେଇ ଜଣେ ପଛୁଆ ଶ୍ରେଣୀ ବୋଲି ବିଚାର କରାଯାଇପାରିବ ନାହିଁ। ଆଠଲକ୍ଷ ଟଙ୍କା ପର୍ଯ୍ୟନ୍ତ ବାର୍ଷିକ ଆୟ ବା ୫ ଏକର ପର୍ଯ୍ୟନ୍ତ ଜମି ବା ଏକ ହଜାର ବର୍ଗଫୁଟ ମଧ୍ୟରେ ବାସଗୃହ ଥିବା ଲୋକଙ୍କୁ ବା ପରିବାରକୁ ଆର୍ଥିକ ଅନଗ୍ରସର ଭାବେ ବିଚାର କରାଯିବ ଏବଂ ସେମାନେ ଏହି ୧୦% ଆରକ୍ଷଣ ସୁବିଧାପ୍ରାପ୍ତ ହେବେ। କିନ୍ତୁ ଆଠଲକ୍ଷ ଟଙ୍କା ଆୟକାରୀ ପରିବାର (ଦିନକୁ ୨୧୯୨ ଟଙ୍କା) କ'ଣ ଆର୍ଥିକ ଦୃଷ୍ଟିରୁ ଅନଗ୍ରସର? ସରକାରଙ୍କ କହିବା ଅନୁଯାୟୀ ରାଜ୍ୟ ସରକାରମାନେ କିଏ ପଛୁଆ ତାହା ବିଚାର କରିବେ। ଏହାଦ୍ୱାରା ଆହୁରି ପାତରଅନ୍ତର ହୋଇପାରେ। ସରକାର ଓବିସି ବା ଅନ୍ୟ ପଛୁଆ ଜାତି କ୍ଷେତ୍ରରେ କ୍ରିମିଲେୟାର ବା ସ୍ୱଚ୍ଛଳବର୍ଗର ସୀମାକୁ ୬ ଲକ୍ଷ ଟଙ୍କାରୁ ୮ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି। କ୍ରିମିଲେୟାର ଶ୍ରେଣୀର ତଳକୁ ଆର୍ଥିକ ଅନଗ୍ରସର ନୁହେଁ ଉଚ୍ଚ ମଧ୍ୟବିତ୍ତ ଶ୍ରେଣୀ ଭାବେ ବିଚାର କରାଯିବ। ୨୦୧୧-୧୨ରେ ରଙ୍ଗରାଜନ କମିଟି ଯେଉଁ ଦାରିଦ୍ର୍ୟ ସୀମାରେଖା ଧାର୍ଯ୍ୟ କରିଥିଲେ, ସେହି ଅନୁସାରେ ସହରରେ ଯଦି ଜଣକର ଆୟ ଦୈନିକ ୪୭ ଟଙ୍କା ଏବଂ ଗ୍ରାମାଞ୍ଚଳରେ ୩୨ ଟଙ୍କାରୁ ଅଧିକ ତାଙ୍କୁ ଗରିବ ବୋଲି ଧରାଯିବ ନାହିଁ। ସେହିପରି ଆୟକର ଛାଡ଼ ସୀମା ବାର୍ଷିକ ୨.୫ ଲକ୍ଷ ଟଙ୍କା ଥିବାବେଳେ ବର୍ତ୍ତମାନ ଅନ୍ତରୀଣ ବଜେଟରେ ତାହାକୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ଏଠାରେ ସ୍ୱତଃ ପ୍ରଶ୍ନ ଉଠେ ସରକାର ଯଦି ପ୍ରକୃତରେ ଆର୍ଥିକ ଅନଗ୍ରସରଙ୍କ ପାଇଁ ଆରକ୍ଷଣ ସୁବିଧା ଦେବାକୁ ଚାହୁଁଛନ୍ତି ତେବେ ୮ ଲକ୍ଷ ଟଙ୍କା ସୀମା କାହିଁକି ରଖିଲେ? ବାସ୍ତବ କଥା ହେଉଛି ଏହି ସୀମା ମଧ୍ୟରେ ୫.୫ କୋଟି ପରିବାର ବା ହାରାହାରି ୨୫ କୋଟି ଜନତା ଅନ୍ତର୍ଭୁକ୍ତ ହେବେ। ଯେଉଁମାନେ ଖୁସି ହୋଇ ଭାଜପାକୁ ପୁନଶ୍ଚ କ୍ଷମତାସୀନ କରାଇବେ। ଅସଲ କଥା ହେଉଛି ଯଦି ବର୍ତ୍ତମାନ ସରକାର ଚାକିରିରେ ଏହି ଆୟ ସୀମା ମଧ୍ୟରେ ଥିବା କେତେ ପ୍ରତିଶତ ଲୋକ ନିଯୁକ୍ତି ପାଇଛନ୍ତି ତାହା ବିଚାର କରନ୍ତି, ତେବେ ତାହା ପ୍ରାୟତଃ ୧୦%ରୁ କମ୍ ହେବ ନାହିଁ। ଏଣୁ ଆରକ୍ଷଣ ସୁବିଧାର କିଛି ମୂଲ୍ୟ ନାହିଁ। ଯଦି ବି ସୁବିଧାପ୍ରାପ୍ତ ହୁଏ ତେବେ ତାହାର ଫାଇଦା ଉଚ୍ଚ ମଧ୍ୟବିତ୍ତ ଶ୍ରେଣୀକୁ ପ୍ରାପ୍ତ ହେବ। ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ମଧ୍ୟବିତ୍ତ ଶ୍ରେଣୀଙ୍କ ସହିତ ପ୍ରତିଯୋଗିତା କରିବାରେ ବିଫଳ ହେବେ।

ବର୍ତ୍ତମାନ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ଯେତେବେଳେ ନିଯୁକ୍ତି ନାହିଁ, ଏପରିକି ସଂକୋଚନ ହେଉଛି, ସେତେବେଳେ ଆରକ୍ଷଣ ଦ୍ୱାରା କାହାର ଲାଭ ହେବ? ଆମ ଦେଶରେ ନବେ ଦଶକରୁ ଆର୍ଥିକ ସଂସ୍କାର କାର୍ଯ୍ୟକାରୀ ହେବା ପରେ ସ୍ୱେଚ୍ଛାକୃତ ଅବସର, ଛଟେଇ, ବାଧ୍ୟତାମୂଳକ ଅବସର, ସୂଚନାପ୍ରଯୁକ୍ତି ବିଦ୍ୟାର ବହୁଳ ବ୍ୟବହାର, ବ୍ୟୟ ସଂକୋଚନ, ଶ୍ରମିକ ବଦଳରେ ଯନ୍ତ୍ରର ବହୁଳ ବ୍ୟବହାର ଯୋଗୁ ନିଯୁକ୍ତି ଆଶାନୁରୂପ ହୋଇନାହିଁ। ଏଣୁ ନରେନ୍ଦ୍ର ମୋଦି କ୍ଷମତାକୁ ଆସିବା ପୂର୍ବରୁ ବର୍ଷକୁ ୨ କୋଟି ନିଯୁକ୍ତି ସୃଷ୍ଟି କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ କ୍ଷମତାସୀନ ହେଲା ପରେ ଯେଉଁସବୁ ନୀତି ଆପଣାଇଲେ ଓ କମ୍ପାନୀଗୁଡ଼ିକୁ ସୁହାଇଲା ପରି ସିଦ୍ଧାନ୍ତ ନେଲେ, ତାହାଦ୍ୱାରା ନିଯୁକ୍ତି ବୃଦ୍ଧି ହେବା ପରିବର୍ତ୍ତେ ହ୍ରାସ ପାଇଲା। ବିଶେଷକରି ବିମୁଦ୍ରୀକରଣ ପରି କ୍ରୂର ପଦକ୍ଷେପ ଓ ତରବରିଆ ଭାବେ ଜିଏସ୍‌ଟି କାର୍ଯ୍ୟକାରୀ କରିବା ଯୋଗୁ ଆର୍ଥିକ କାର୍ଯ୍ୟକଳାପ ହ୍ରାସ ପାଇବା ସହିତ ନିଯୁକ୍ତି ହ୍ରାସ ପାଇଛି ଓ ବେକାରି ବୃଦ୍ଧି ପାଇଛି। ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ୍ ଇକୋନୋମି ରିପୋର୍ଟ ଅନୁସାରେ ୨୦୧୮ରେ ନୂତନ ନିଯୁକ୍ତି ସୃଷ୍ଟି ହେବା ପରିବର୍ତ୍ତେ ୧.୧ କୋଟି କର୍ମସଂସ୍ଥାନ ହ୍ରାସ ପାଇଛି। କେବଳ ଗ୍ରାମାଞ୍ଚଳରେ ଏହାର ୮୪% ହ୍ରାସ ଘଟିଛି। ଡିସେମ୍ବର ୨୦୧୮ରେ ବେକାରି ହାର ୭.୪%ରେ ପହଞ୍ଚିଛି, ଯାହା ଗତ ୨୭ ବର୍ଷରେ ସର୍ବାଧିକ। ସବୁଠାରୁ ଚିନ୍ତାର ବିଷୟ ଶ୍ରମରେ ଅଂଶଗ୍ରହଣ କଥା ବିଚାରକଲେ ୧୫ରୁ ୫୯ ବର୍ଷ ବୟସର ଲୋକଙ୍କ ମଧ୍ୟରେ ଏହା ୨୦୧୬ରେ ୪୫% ଥିଲା ବେଳେ ଡିସେମ୍ବର ୨୦୧୮ରେ ୪୨.୫%କୁ ହ୍ରାସ ପାଇଛି। ଶ୍ରମ ବ୍ୟୁରୋ ଦ୍ୱାରା ପ୍ରଦତ୍ତ ତଥ୍ୟ ଅନୁସାରେ ୨୦୧୬ରୁ ୨୦୧୮ ମଧ୍ୟରେ ଛଟେଇ ୨୫% ବୃଦ୍ଧିପାଇଛି। ଯେତେବେଳେ ଚାକିରିରେ ଆରକ୍ଷଣ କଥା ଉଠେ ସେତେବେଳେ ସଂଗଠିତ କ୍ଷେତ୍ର ଯଥା କେନ୍ଦ୍ର ସରକାର, ରାଜ୍ୟ ସରକାର, ରାଷ୍ଟ୍ରାୟତ୍ତ ଉଦ୍ୟୋଗରେ ଚାକିରିକୁ ବିଚାର କରାଯାଏ। କିନ୍ତୁ ସଂଗଠିତ କ୍ଷେତ୍ରରେ ନିଯୁକ୍ତି ମଧ୍ୟ ସଙ୍କୁଚିତ ହୋଇ ଚାଲିଛି। ୨୦୧୩ରୁ ୨୦୧୫ ମଧ୍ୟରେ କେନ୍ଦ୍ର ସରକାରଙ୍କ ମନ୍ତ୍ରଣାଳୟ ଓ ବିଭିନ୍ନ ବିଭାଗରେ ପ୍ରତ୍ୟକ୍ଷ ନୂତନ ନିଯୁକ୍ତି ୮୯% ହ୍ରାସ ପାଇଛି। ଡିପାର୍ଟମେଣ୍ଟ ଅଫ୍ ପର୍ସନେଲ ଆଣ୍ଡ ଟ୍ରେନିଂ ଅନୁସାରେ ଗତ ୩ ବର୍ଷରେ ବିଭିନ୍ନ ସଂସ୍ଥା ୟୁପିଏସ୍‌ସି, ଏସ୍‌ଏସ୍‌ସି., ଆର୍‌ଆର୍‌ବିରେ ମୋଟ ନିଯୁକ୍ତି ୨୦୧୪-୧୫ରେ ୧,୧୩,୫୨୪ ହୋଇଥିଲା ବେଳେ ୨୦୧୬-୧୭ରେ ଏହା ୧,୦୦,୯୩୩କୁ ହ୍ରାସ ପାଇଛି। ସେହିପରି କେନ୍ଦ୍ରୀୟ ରାଷ୍ଟ୍ରାୟତ୍ତ ଉଦ୍ୟୋଗରେ ଚାକିରି କରିଥିବା ଲୋକଙ୍କ ସଂଖ୍ୟା ୨୦୧୩-୧୪ରେ ୧୬.୯୧ ଲକ୍ଷ ଥିଲାବେଳେ ୨୦୧୬-୧୭ରେ ୧୫.୨୩ ଲକ୍ଷକୁ ହ୍ରାସ ପାଇଛି। ରିଜର୍ଭ ବ୍ୟାଙ୍କର ତଥ୍ୟ ଅନୁସାରେ ବ୍ୟାଙ୍କଗୁଡ଼ିକରେ ପଦାଧିକାରୀଙ୍କ ସଂଖ୍ୟା ୨୦୧୪-୧୫ରୁ ୨୦୧୬-୧୭ ମଧ୍ୟରେ ୪.୫% ବୃଦ୍ଧି ପାଇଥିଲେ ମଧ୍ୟ ଅନ୍ୟ ପଦବୀରେ ୮% ହ୍ରାସ ପାଇଛି। ଅଧିକାଂଶ ଭାବିପାରନ୍ତି ଯେ, ଯେହେତୁ ମୋଦି ସରକାର ଘରୋଇ ସଂସ୍ଥାକୁ ଅଧିକ ପ୍ରୋତ୍ସାହନ ଦେଉଛନ୍ତି, ସେହିସବୁ କ୍ଷେତ୍ରରେ ନିଯୁକ୍ତି ବୃଦ୍ଧି ପାଇଥିବ। ବାସ୍ତବ କଥା ହେଉଛି ଘରୋଇ କ୍ଷେତ୍ର ନ ଥିଲେ ରାଷ୍ଟ୍ରାୟତ୍ତ ଶିଳ୍ପରେ ଯେତିକି ନିଯୁକ୍ତି ସୃଷ୍ଟି ହୋଇଥାନ୍ତା, ଘରୋଇ କ୍ଷେତ୍ରରେ ସେତିକି ହେଉନାହିଁ। ଘରୋଇ କ୍ଷେତ୍ର ନିଯୁକ୍ତି ସୃଷ୍ଟି ନ କଲାବେଳେ ରାଷ୍ଟ୍ରାୟତ୍ତ ଶିଳ୍ପ ପ୍ରତିଯୋଗିତା କରିବା ପାଇଁ ନିଯୁକ୍ତି ହ୍ରାସ କରୁଛନ୍ତି। ୨୦୧୭-୧୮ରେ ଘରୋଇ କମ୍ପାନୀଗୁଡ଼ିକ ଯେତିକି ନିଯୁକ୍ତି ସୃଷ୍ଟି କରିଛନ୍ତି ତାହା ଗତ ୩ ବର୍ଷରେ ସର୍ବନିମ୍ନ। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ୨୦୦ ଇଣ୍ଡେକ୍ସରେ ତାଲିକାଭୁକ୍ତ ୧୭୧ଟି କମ୍ପାନୀରେ ୨୦୧୫-୧୬ରେ ୧,୪୬,୮୦୦ ଜଣ ଯୋଗ ଦେଇଥିଲାବେଳେ ତାହା ୨୦୧୬-୧୭ରେ ୧,୧୬,୩୦୦କୁ ହ୍ରାସ ପାଇଛି। ପୁନଶ୍ଚ ୨୦୧୭-୧୮ରେ ୬୪,୩୮୦କୁ ହ୍ରାସ ପାଇଛି। କେବଳ ନିଯୁକ୍ତି ହ୍ରାସ ପାଇନି, ଉନ୍ନତମାନର ନିଯୁକ୍ତି ସୃଷ୍ଟି ନ ହୋଇ ନିମ୍ନମାନର ନିଯୁକ୍ତି ସୃଷ୍ଟି ହେଉଛି। ନିମ୍ନମାନର ନିଯୁକ୍ତି ଅର୍ଥ କମ୍ ଦରମା, କମ୍ ଉତ୍ପାଦକତା, ଶ୍ରମିକମାନଙ୍କ ମୌଳିକ ଅଧିକାର କ୍ଷୁଣ୍ଣ ହେଲାପରି ପରିବେଶ ଏବଂ ନିଜ ଦାବି ଉପସ୍ଥାପନ ପାଇଁ ଟ୍ରେଡ ୟୁନିୟନର ଅଭାବ। ଏପରି ସ୍ଥିତିରେ ସଂରକ୍ଷଣ ବଦଳରେ ଅଧିକ ନିଯୁକ୍ତି ସୃଷ୍ଟି କରିବାର ଆବଶ୍ୟକତା ରହିଛି। ଆରକ୍ଷଣ ବ୍ୟବସ୍ଥା ସମାଜର ଦୁର୍ବଳ ଶ୍ରେଣୀ ତଥା ସାମାଜିକ ବ୍ୟବସ୍ଥା ଦ୍ୱାରା ନିଷ୍ପେଷିତ ଲୋକଙ୍କୁ ନ୍ୟାୟ ଦେବା ପାଇଁ ଉଦ୍ଦିଷ୍ଟ ହେବା ଉଚିତ, ରାଜନୈତିକ ଫାଇଦା ପାଇଁ ନୁହେଁ। ପୁନଶ୍ଚ ସର୍ବାଧିକ ସୀମା ସ୍ଥିରୀକୃତ ହେବା ସହିତ ଆର୍ଥିକ ସ୍ୱଚ୍ଛଳବର୍ଗଙ୍କୁ ଏହି ସୁବିଧାର ବାହାରେ ରଖିବା ଆବଶ୍ୟକ। ତେବେ ଏଠାରେ ପ୍ରଶ୍ନ ହେଉଛି ସ୍ୱାଧୀନତାର ୭୨ ବର୍ଷ ପରେ ଆରକ୍ଷଣ କାହିଁକି? ଏହାର ଅର୍ଥ ବର୍ତ୍ତମାନ ତଥା ପୂର୍ବ ସରକାରମାନେ ଜନସାଧାରଣଙ୍କ ଜୀବନ ଧାରଣ ମାନରେ ଉନ୍ନତି ଆଣିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଏଣୁ ସରକାର ଧନିକ ଶ୍ରେଣୀ ବଡ଼ ବଡ଼ କମ୍ପାନୀ ଉପରେ ଅଧିକ ହାରରେ ଟିକସ ଲାଗୁକରି ସଂଗୃହୀତ ସମ୍ବଳକୁ ଅଧିକ ନିଯୁକ୍ତି ସୃଷ୍ଟି ତଥା ଶିକ୍ଷା, ସ୍ୱାସ୍ଥ୍ୟ ପରି ସାମାଜିକ କ୍ଷେତ୍ରରେ ଅଧିକ ବ୍ୟୟ କରି ଜନସାଧାରଣଙ୍କ ଜୀବନ ଧାରଣର ମାନରେ ଉନ୍ନତି ଆଣିବା ଆବଶ୍ୟକ।

ଡିଭାଇନ ନଗର, ଚାଉଳିଆଗଞ୍ଜ, କଟକ,
ମୋ-୯୪୩୭୨୦୮୭୬୨, skmohapatra67@gmail.com

# ଭଲ ବନ୍ଧୁଟିଏ ଖୋଜିବା



ଅଭିମନ୍ୟୁ ଧଳ

ଜୀବନର ପ୍ରତି ମୁହୂର୍ତ୍ତରେ ବନ୍ଧୁଟିଏ ଲୋଡ଼ା ପଡ଼ିଥାଏ। ଆଜିକାଲି ଭଲ ବନ୍ଧୁଟିଏ ମିଳିବା କଷ୍ଟକର। ଶାସ୍ତ୍ରରେ କୁହାଯାଇଛି- ଭାଗ୍ୟରେ ଥିଲେ ଲୋକ ଉତ୍ତମ ମିତ୍ର ଲାଭ କରେ। ସେହି ଅକୃତ୍ରିମ ମିତ୍ରତା ଆପଦ ସମୟରେ ମଧ୍ୟ ନଷ୍ଟ ହୁଏ ନାହିଁ। ଜଣେ ଭଲ ବନ୍ଧୁ କେବଳ ବନ୍ଧୁ ଭାବରେ ନ ରହି ସୁଖଦୁଃଖରେ ଭାଗୀ ହେବା, ଉତ୍ତମ ପରାମର୍ଶ ଦେବା ଏବଂ ଏକାକିତ୍ୱରେ ସୃଷ୍ଟି ହେଉଥିବା ଗୁରୁତର ମାନସିକ ସମସ୍ୟାକୁ ଦୂର କରିବାରେ ସହାୟକ ହୋଇଥାନ୍ତି। ଧୂଳିଖେଳଠାରୁ ଆରମ୍ଭକରି ସ୍କୁଲ, କଲେଜ, କାର୍ଯ୍ୟାଳୟ ଓ ଅବସର ପରେ ଏକାଧିକ ବନ୍ଧୁ ଆସିଥାନ୍ତି, କିନ୍ତୁ ସମସ୍ତେ ବନ୍ଧୁ ହୋଇ ରହିପାରନ୍ତି ନାହିଁ। କଥାକୁ ଗୁରୁତ୍ୱ ନ ଦେଉ ନ ଥିବା, ସ୍ୱାର୍ଥପର, ନକାରାତ୍ମକ ଚିନ୍ତାଧାରା ପୋଷଣ କରୁଥିବା ଓ ଆବଶ୍ୟକ ବେଳେ ଧରା ଦେଉ ନ ଥିବା ବନ୍ଧୁ ହୃଦୟରେ କ୍ଷତ ସୃଷ୍ଟି କରିଥାନ୍ତି। ଏହିଭଳି ଶହ ଶହ ବନ୍ଧୁ ଥିଲେ ଲାଭ କ'ଣ ? ବାସ୍ତବିକ ଉତ୍ତମ ବନ୍ଧୁଟିଏ ନ ଥିଲେ ହୃଦୟ ଫିକା ପଡ଼ିଯାଏ। ଏକଲାପଣ ଭୋଗୁଥିବା ବ୍ୟକ୍ତିଟି ଅନେକ ସମୟରେ ନିଜକୁ ଅସହାୟ ମନେକରେ। ମାନସିକ ଅବସାଦ ଆଡ଼କୁ ଟାଣି ହୋଇଥାଏ।

ସ୍ମୃତିଶକ୍ତି ବୃଦ୍ଧିରେ ସହାୟକ ହୋଇଥାଏ ଉତ୍ତମ ବନ୍ଧୁତା। ଆସ୍ଥାମୂଳକ ଓ ବିଶ୍ୱସନୀୟ ବନ୍ଧୁତା କେବଳ ଏକାକିତ୍ୱ ହ୍ରାସ କରେ ନାହିଁ, ଏଥିସହ ସ୍ମୃତିଶକ୍ତି ତୀକ୍ଷ୍ଣ କରେ ଏବଂ ମସ୍ତିଷ୍କର କାର୍ଯ୍ୟଦକ୍ଷତା ବୃଦ୍ଧିକରେ ବୋଲି ପ୍ଲସ୍ ୱାନ୍ ଜର୍ନାଲରେ ପ୍ରକାଶିତ ଏକ ଅଧ୍ୟୟନରୁ ଜଣାପଡ଼େ। ବୃଦ୍ଧାବସ୍ଥା ଉପନୀତ ହେଲେ ବନ୍ଧୁ ସଂଖ୍ୟା କମି କମି ଆସେ। ପରନ୍ତୁ ଉକ୍ତ ଅଧ୍ୟୟନ ଅନୁସାରେ ଯେଉଁମାନେ ୮୦ ବର୍ଷ ବୟସରେ ପଦାର୍ପଣ କରିଥିଲେ ଏବଂ ବନ୍ଧୁତା ବଜାୟ ରଖିଥିଲେ ସେମାନେ ୫୦ରୁ ୬୦ ବର୍ଷ ବୟସ୍କଙ୍କ ଅପେକ୍ଷା ଅଧିକ ବୁଦ୍ଧିଦୀପ୍ତ, ଅଧିକ ସନ୍ତୁଷ୍ଟ ଓ ବନ୍ଧୁବତ୍ସଳ ଥିଲେ। ପରିଣତ ବୟସରେ ମଧ୍ୟ ଏହି ଲୋକଙ୍କର ବୌଦ୍ଧିକ ଦକ୍ଷତା ଉଜ୍ଜୀବିତ ଥିଲା। ସାମାଜିକ ସମ୍ପର୍କ ଦୃଢ଼ ଥିଲେ ସ୍ମୃତି ବିଭ୍ରମ ରୋଗରେ ବ୍ୟକ୍ତି ଆକ୍ରାନ୍ତ ହୁଏନାହିଁ। ନିଜ ଇଚ୍ଛାରେ ପରିଚାଳିତ ହେବା, ଅନ୍ୟମାନଙ୍କ ସହିତ ସକାରାତ୍ମକ ସମ୍ପର୍କ ସ୍ଥାପନ କରିବା, ପରିସ୍ଥିତିକୁ ଦୃଷ୍ଟିରେ ରଖିବା, ବ୍ୟକ୍ତିଗତ ଅଭିବୃଦ୍ଧି, ଜୀବନର ଉଦ୍ଦେଶ୍ୟ ବୁଝିବା ଏବଂ ବିଭିନ୍ନ ପରିସ୍ଥିତିକୁ ସମାନ ଦୃଷ୍ଟିରେ ଦେଖିବା ହେଉଛି ମାନସିକ ସନ୍ତୁଳନର ପରିଚାୟକ। ଏହା ଉତ୍ତମ ବନ୍ଧୁତାର ପରିଚାୟକ। ଯେଉଁମାନେ ଏସବୁ ପ୍ରତି ଉଦାସୀନ ସେମାନଙ୍କ ଏକାକିପଣ ବଢ଼ିବା ସହିତ ନିଃସଙ୍ଗତା ମାନସିକ ଅବସାଦ ଆଡ଼କୁ ଟାଣିନିଏ। ଏହି ମାନସିକ ଅବସାଦରେ ବୟସ୍କମାନେ କାହିଁକି ଯୁବତୀଯୁବକମାନେ ମଧ୍ୟ ଆକ୍ରାନ୍ତ ହେଲେଣି। ଏହାର ମୁଖ୍ୟ କାରଣ ଭଲ ବନ୍ଧୁଟିଏ ନ ଥିବା।

କେତେକ ବ୍ୟକ୍ତି ଅନ୍ୟମାନଙ୍କୁ ଆପଣେଇ ନେଉଥିବା ବେଳେ ଅନ୍ୟ କେତେକେ କାହିଁକି ଏହା କରିପାରନ୍ତି ନାହିଁ? ଏହି ବନ୍ଧୁଭାବ ସୃଷ୍ଟି କରିବା ପଛରେ ବୈଜ୍ଞାନିକ କାରଣ ରହିଛି। ଏ କ୍ଷେତ୍ରରେ ଜିନ୍ ମୁଖ୍ୟ ଭୂମିକା ଗ୍ରହଣ କରେ ବୋଲି ସିଙ୍ଗାପୁରସ୍ଥିତ ନ୍ୟାଶନାଲ ୟୁନିଭର୍ସିଟିର ଗବେଷକମାନେ ଜାଣିବାକୁ ପାଇଛନ୍ତି। ଚିହ୍ନଟ ହୋଇଥିବା ଦୁଇଟି ଜିନ୍ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଏହା ଭଲପାଇବା ହରମୋନ୍ ଅକ୍ସିଟୋସିନ୍‌କୁ ନିୟନ୍ତ୍ରଣ କରି ବନ୍ଧୁଭାବାପନ୍ନ କରାଏ। ସିଡି ୩୮ ଏବଂ ସିଡି ୧୫୭ ନାମକ ଦୁଇଟି ଜିନ୍ ଯୁବ ବୟସର ବ୍ୟକ୍ତିଙ୍କଠାରେ ବନ୍ଧୁଭାବ ସୃଷ୍ଟି କରାଏ। ଯେଉଁମାନଙ୍କଠାରେ ଏହି ଦୁଇଟି ଜିନ୍ ରହିଛି ସେମାନଙ୍କର ବନ୍ଧୁ ଥିବା ସଙ୍ଗେ ସଙ୍ଗେ ସେମାନେ ଅଧିକ ସାମାଜିକ ଦକ୍ଷତା ପ୍ରଦର୍ଶନ କରିଥାନ୍ତି। ଯୌନ ସାଥୀ ଚୟନ, ଶିଶୁ ପାଳନ ଆଦି ସାମାଜିକ ଆଚରଣଗୁଡ଼ିକ ସହାନୁଭୂତି, ଉଦାର ପ୍ରକୃତି ଏବଂ ବିଶ୍ୱାସର ସହିତ ମାର୍ଜିତ ଭାବରେ କରିଥାନ୍ତି।

ଆଜିକାଲି ବନ୍ଧୁ-ମରୁଡ଼ି ଦେଖାଦେଇଛି। ଅଧିକାଂଶ ବନ୍ଧୁ ସ୍ୱାର୍ଥକୁ ଅଗ୍ରାଧିକାର ଦେଇ ବନ୍ଧୁତାର ହାତ ବଢ଼ାଇଥାନ୍ତି। ବିପଦ ସମୟରେ ସେମାନଙ୍କର ଦେଖା ମିଳେନାହିଁ। ପରନ୍ତୁ ସେମାନେ ବେଳେ ବେଳେ ବିପଦ ସାଜିଥାନ୍ତି। ବନ୍ଧୁତାର ସଂଖ୍ୟା ବଢ଼ାଇବା ଅପେକ୍ଷା ଭଲ ବନ୍ଧୁଟିଏ ଖୋଜିବା ଆବଶ୍ୟକ, ଯେଉଁ ବନ୍ଧୁ ସୁଖଦୁଃଖରେ ସହଭାଗୀ ହେବା ଓ ଭାଇପରି ବିପଦରେ ଠିଆହେବା ସହ ଗୁରୁଙ୍କ ପରି ହିତକଥା କହି ଠିକ୍ ବାଟ ଦେଖାଇପାରୁଥିବ। ଏପରି ବନ୍ଧୁ ଭାଗ୍ୟରେ ଥିଲେ ମିଳନ୍ତି। ସମ୍ପର୍କର ମୃତ୍ୟୁ ନାହିଁ। ମଣିଷର ସ୍ୱଭାବ, ଅହଂକାର, ସ୍ୱାର୍ଥପରତା ଏହାକୁ ମାରିଦିଏ। ଉତ୍ତମ ବନ୍ଧୁତାରେ ଏସବୁ ବିଲୟ ହେବା ଉଚିତ। ଭଲ ବନ୍ଧୁମାନଙ୍କ ମଧ୍ୟରେ ଇହକାଳ ଓ ପରକାଳର ଶ୍ରେଷ୍ଠ ବନ୍ଧୁ ହେଉଛନ୍ତି ଜଗତର ବନ୍ଧୁ ଜଗବନ୍ଧୁ। ମାୟା, ମୋହ, ଅହଂକାର, ଗର୍ବ ପରିତ୍ୟାଗ କରି ସମର୍ପିତ ଭାବରେ ଏହାଙ୍କୁ ପ୍ରାର୍ଥନା କଲେ ସେ ଆସିଥାନ୍ତି, ଆପଦବିପଦ ସମୟରେ ସହାୟ ହୁଅନ୍ତି।

ଓସଂଗରା, ପଚ୍ଚାମୁଣ୍ଡାଇ, କେନ୍ଦ୍ରାପଡ଼ା,
ମୋ-୯୮୬୧୦୪୮୦୫୨

## ଏଇ ଭାରତରେ

ନରବଳି ଦେବା ଆଇନ ଦୃଷ୍ଟିରେ ଅପରାଧ। କିନ୍ତୁ ଏଥିପାଇଁ ଜଣେ ତାନ୍ତ୍ରିକ ପ୍ରଶାସନର ଅନୁମତି ଲୋଡିବା ହାସ୍ୟାସ୍ପଦ ବିଷୟ ନିଶ୍ଚୟ। ଏପରି ଏକ ଘଟଣା ଘଟିଛି ପାଟ୍‌ନାରେ। ନିଜ ଆରାଧ୍ୟ ଦେବତାଙ୍କୁ ଖୁସିକରିବା ପାଇଁ ଏହି ତାନ୍ତ୍ରିକ ଜଣକ ତାଙ୍କ ପାଖରେ ମଣିଷ ବଳି ଦେବେ। ଏଥିପାଇଁ ସେ ପ୍ରଶାସନର ଅନୁମତି ଲୋଡିଛନ୍ତି। ବିହାର ବେଗୁସରାୟ ଉପଖଣ୍ଡ ଅଧିକାରୀଙ୍କୁ ଏ ନେଇ ଚିଠି ଲେଖିଥିବା ଦାବି କରିଛନ୍ତି ତାନ୍ତ୍ରିକ ସୁରେନ୍ଦ୍ର ପ୍ରସାଦ ସିଂ। ତେବେ ଏ ସଂକ୍ରାନ୍ତରେ କୌଣସି ଚିଠି ମିଳି ନ ଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ସୁରେନ୍ଦ୍ର ଏହାର ସ୍କ୍ରିନ୍ ଶଟ୍ ଏବଂ ଏକ ଭିଡିଓ ସୋସିଆଲ ମିଡିଆରେ ଅପଲୋଡ୍ କରିଛନ୍ତି। ଏହାକୁ ନେଇ ପୋଲିସ ପକ୍ଷରୁ ତନାଘନା କରାଯିବା ସହିତ ତାନ୍ତ୍ରିକଙ୍କୁ ପୋଲିସ ଖୋଜିବା ଆରମ୍ଭ କରିଛି। ଏ ସଂକ୍ରାନ୍ତରେ ପୋଲିସ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି। ଲେଖିଥିବା ଚିଠିରେ ତାନ୍ତ୍ରିକ ନିଜ ପୁଅକୁ ପ୍ରଥମେ ବଳି ଦେବାକୁ ଅନୁମତି ଲୋଡିଛନ୍ତି। ମା' କାମାକ୍ଷା ମନ୍ଦିର ନିର୍ମାଣ ପାଇଁ ପୁଅ ଟଙ୍କା ଦେଉ ନ ଥିବାରୁ ସେ ରାବଣ ବୋଲି ତାନ୍ତ୍ରିକ ଚିଠିରେ ଉଲ୍ଲେଖ କରିଛନ୍ତି। ତାନ୍ତ୍ରିକଙ୍କର ଏହି ଅଦ୍ଭୁତ ଖିଆଲି ମନୋଭାବ ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୬ ଫେବୃୟାରୀ ୧୯୯୪

- ପୁନର୍ଗଠିତ ଜାତିସଂଘ ଉନ୍ନୟନ ସଂସ୍ଥା (ୟୁଏନ୍‌ଡିପି), ଜାତିସଂଘ ଜନସଂଖ୍ୟା ପାଣ୍ଠି (ୟୁଏନ୍‌ପିପିଏ) ଏବଂ ଜାତିସଂଘ ଶିଶ ପାଣ୍ଠି(ୟୁନିସେଫ)ର ଏକ୍‌ଜିକ୍ୟୁଟିଭ ବୋର୍ଡକୁ ଭାରତ ନିର୍ବାଚିତ।
- ଚାଇନା କୋଇଲା ଖଣିରେ ବିସ୍ଫୋରଣ ଘଟି ୧୫୫ ଜଣଙ୍କ ମୃତ୍ୟୁ।
- ଜାତିସଂଘର ନିରସ୍ତ୍ରୀକରଣ ସମ୍ମିଳନୀରେ କ୍ୟୁବାକୁ ମହାକାଶ କମିଟିର ଅଧକ୍ଷ ରୂପେ ନିଯୁକ୍ତି ଦିଆଯାଇଛି।

## ଚିରନ୍ତନୀ

ହେଉ ଅନ୍ଧ ଏ ନୟନ
ନିନ୍ଦା ତବ ଦେଖେଁ ଯଦି ତାହା,
ସବୁ ଦରଶନ ମମ
ହେଉ ଦୂର, ଜୀବନର ନାହା !
ଏ ବଦନେ ତବ ନାମ
ଧରି ଯଦି କରେ ଅପମାନ,
ସେ ରସନା ଲଭୁ ମୋର
ସକଳ ରସର ଅବସାନ।
ସ୍ୱପନରେ ଯଦି କଦା
ତବ ଅପମାନ କରେ ପ୍ରିୟ,
ଚିର ନିଦ୍ରା ହେଉ ତାହା
ଏହି ଅବଦାନ ମୋତେ ଦିଅ।

(ଆସ୍ତିକର ଆକୁତି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | 2 | | 1 | | | | | | 6 | 3 | | |
| | 2 | B | | | | 9 | | 7 | 1 | 5 | | 6 | | E |
| | 9 | | | | B | 4 | 3 | | | | | | 7 | |
| | | | | D | | | | | | | | 4 | | |
| | | | | | E | | 1 | | A | | C | 0 | | |
| | | E | 4 | 2 | | | | | 8 | | | | | |
| | | 0 | | | 7 | | E | | 9 | 2 | | D | | |
| | | | | | D | | 8 | 1 | | | 7 | 2 | 6 | 5 |
| | | 7 | 8 | | | | | 9 | | | D | A | | |
| | | | | | | | | 0 | 3 | 4 | | | 9 | |
| 6 | | | | | 0 | | | 5 | 7 | 8 | | B | | |
| | 8 | 2 | 1 | 5 | | | 9 | | B | | | 7 | C | |
| | E | | | | 6 | | 2 | | | | A | 1 | 8 | |
| | | 9 | | | | B | 0 | | | | | | A | |
| | 3 | | | A | | 7 | | C | 4 | | 1 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | C | 6 | 9 | 2 | 4 | D | 7 | E | A | 0 | 5 | 3 | 8 | 1 |
| D | 5 | E | 1 | 8 | B | A | 2 | 3 | 6 | 9 | 7 | C | 4 | 0 |
| A | 9 | 7 | 5 | C | D | 0 | 4 | 8 | 3 | 1 | B | E | 2 | 6 |
| 3 | 4 | 1 | E | A | 0 | 9 | B | 6 | C | 2 | 8 | D | 7 | 5 |
| 0 | 8 | 2 | 3 | 6 | 7 | 5 | 1 | C | 4 | D | E | 9 | B | A |
| 1 | 7 | 8 | 4 | B | 6 | C | 3 | 0 | E | A | 9 | 5 | D | 2 |
| 4 | D | 9 | 7 | 5 | C | 6 | A | B | 1 | 3 | 2 | 8 | 0 | E |
| 2 | 3 | C | 0 | E | A | 4 | 9 | 5 | 7 | 8 | D | 6 | 1 | B |
| 6 | A | 0 | 2 | D | 9 | 8 | E | 1 | B | 5 | C | 4 | 3 | 7 |
| 5 | E | B | 8 | 3 | 1 | 7 | D | 2 | 0 | 6 | 4 | A | C | 9 |
| E | B | 4 | 6 | 7 | 8 | 2 | 5 | D | 9 | C | 0 | 1 | A | 3 |
| 9 | 0 | D | B | 1 | E | 3 | C | A | 2 | 4 | 6 | 7 | 5 | 8 |
| 7 | 1 | A | D | 9 | 5 | E | 0 | 4 | 8 | B | 3 | 2 | 6 | C |
| 8 | 2 | 5 | C | 0 | 3 | 1 | 6 | 7 | D | E | A | B | 9 | 4 |
| C | 6 | 3 | A | 4 | 2 | B | 8 | 9 | 5 | 7 | 1 | 0 | E | D |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅବିଶ୍ୱାସର ଦୁନିଆ

ମହାଶୟ,

ନିକଟରେ ଖବର ପ୍ରକାଶିତ ହୋଇଥିଲା ଯେ, ଅଭିନେତ୍ରୀ ନିକିତାଙ୍କୁ ତାଙ୍କ ସ୍ୱାମୀ ଛାତରୁ ଠେଲିଦେଲେ, ଫଳରେ ମୃତ୍ୟୁ ଘଟିଲା। ଆଲବମ୍ ନାୟିକା ସିମରନ୍‌ଙ୍କୁ ତାଙ୍କର କେହି ନିଜର ଲୋକ ହତ୍ୟା କରି ପୋଲ ତଳକୁ ଫିଙ୍ଗି ଦେଇଛନ୍ତି। ସେ ମଧ୍ୟ ନିକିତାଙ୍କ ପରି ପ୍ରେମ ବିବାହ କରିଥିଲେ। ସେହିପରି ପୁରୀ ଶ୍ରୀକ୍ଷେତ୍ରରେ ଜନୈକ ଡାକ୍ତର ତାଙ୍କର ଛୁଆପିଲା ଥିବା ପତ୍ନୀଙ୍କୁ ଲୋକ ଲଗାଇ ଦିନ ଦ୍ୱିପ୍ରହରରେ ହତ୍ୟା କରିଦେଲେ। ଡାକ୍ତରଙ୍କର କୁଆଡେ ଜନୈକା ନର୍ସଙ୍କ ସହିତ ପ୍ରେମସମ୍ପର୍କ ଥିବାର ଅଭିଯୋଗ ଆସିଛି। ଭୁବନେଶ୍ୱର ଉପକଣ୍ଠରେ ଜନୈକ ପ୍ରେମିକା ତାଙ୍କ ପ୍ରେମିକଙ୍କୁ ବିବାହ ପାଇଁ ଜିଦ୍ ଧରିବାରୁ ବିବାହର ପ୍ରତିଶ୍ରୁତି ଦେଇ ପ୍ରେମିକ ଜଣକ ପ୍ରେମିକାଙ୍କୁ ବାଇକରେ ବସାଇ ଜଙ୍ଗଲ ରାସ୍ତାରେ ହତ୍ୟା କରିଦେଲେ। ତେଣୁ ବୋଧହୁଏ କିଛିଦିନ ପରେ ସମାଜରୁ 'ବିଶ୍ୱାସ' ଶବ୍ଦଟି ହଜିଯିବ ।

କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର

### ବିବାହ ପଞ୍ଜୀକରଣ ବାଧ୍ୟତାମୂଳକ ହେଉ

ଆଜିକାଲି ବିବାହର ଅଳ୍ପଦିନ ପରେ ବହୁ କ୍ଷେତ୍ରରେ ବିବାହ ବିଚ୍ଛେଦ, ପାରିବାରିକ ହିଂସା, ବଧୂହତ୍ୟା ପରି ଖରାପ ଘଟଣାମାନ ଘଟୁଛି। ଯଦି ସମସ୍ତ ବିବାହ କେବଳ ଉପନିବନ୍ଧକ, ଜିଲା ନିବନ୍ଧକଙ୍କ ଇଜିଲାସରେ ପଞ୍ଜୀକରଣ କରାଯାନ୍ତା, ତା'ହେଲେ ବିବାହର ସ୍ପଷ୍ଟଚିତ୍ର ଓ ବିଷୟବସ୍ତୁ ଲିପିବଦ୍ଧ ରହନ୍ତା, ଯଦ୍ୱାରା ବଧୂ ନିର୍ଯାତନା, ଯୌତୁକ ନିର୍ଯାତନା ଆଦି କମିଯାଆନ୍ତା। ନିର୍ଯାତିତା ନ୍ୟାୟ ପାଇବାକୁ ସୁବିଧା ହୁଅନ୍ତା। ପ୍ରତ୍ୟେକ ବିବାହ ଆୟୋଜିତ ବା ପ୍ରେମଜନିତ ତା'ର ସତ୍ୟପାଠ, ବିବାହରେ କେହି ମଧ୍ୟସ୍ଥ ଥିଲେ କି ନା, ଉପଢୌକନ (ଯୌତୁକ) ସ୍ୱରୂପ କ'ଣ ଦିଆଗଲା ସେସବୁ ଲିପିବଦ୍ଧ ରହିବା ସହ ଉଭୟଙ୍କ ସମ୍ମତି, ଅଭିଭାବକଙ୍କ ସ୍ୱାକ୍ଷର ସହିତ ଦୁଇ ଜଣ ସାକ୍ଷୀ ରହିବା ଉଚିତ।

ଶ୍ରୀରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଲିଗୋରଡା, ଗବକୁଣ୍ଡ, ପୁରୀ

### ତେଲିଆ ମୁଣ୍ଡରେ ତେଲ

କିଛିଦିନ ତଳେ ରାଜ୍ୟ ସରକାର ଶ୍ରମିକମାନଙ୍କର ସର୍ବନିମ୍ନ ମଜୁରି ବୃଦ୍ଧି କରିଛନ୍ତି। ଏହି ନିଷ୍ପତ୍ତି ଅନୁସାରେ ଅଣକୁଶଳୀ ଶ୍ରମିକମାନଙ୍କର ଶ୍ରମିକ ୪୦ ପ୍ରତିଶତ ବୃଦ୍ଧିପାଇ ୨୦୦ରୁ ୨୮୦ ଟଙ୍କା, ଅର୍ଦ୍ଧକୁଶଳୀମାନଙ୍କର ୪୫ ପ୍ରତିଶତ ବୃଦ୍ଧି ପାଇ ୨୨୦ରୁ ୩୨୦ ଟଙ୍କା, କୁଶଳୀ ଶ୍ରମିକଙ୍କର ୫୪ ପ୍ରତିଶତ ବୃଦ୍ଧି ପାଇ ୨୪୦ରୁ ୩୭୦ ଟଙ୍କା ଓ ଅତି କୁଶଳୀ ଶ୍ରମିକଙ୍କର ୬୫ ପ୍ରତିଶତ ବୃଦ୍ଧିପାଇ ୨୬୦ରୁ ୪୩୦ ଟଙ୍କା ହୋଇଛି। ଏହା ଫଳରେ ଅଣକୁଶଳୀମାନେ ୮୦ ଟଙ୍କା ଅଧିକ ପାଇବା ସ୍ଥଳେ ଅର୍ଦ୍ଧକୁଶଳୀମାନେ ଅଧିକ ୧୦୦ ଟଙ୍କା, କୁଶଳୀମାନେ ୧୩୦ ଟଙ୍କା ଓ ଅତିକୁଶଳୀମାନେ ୧୭୦ ଟଙ୍କା ଅଧିକ ପାଇବେ। ଅଣକୁଶଳୀଙ୍କ ତୁଳନାରେ ଅନ୍ୟମାନେ ଯଥେଷ୍ଟ ଅଧିକ ଲାଭାନ୍ୱିତ ହେବା ଫଳରେ ସରକାରଙ୍କ 'ତେଲିଆ ମୁଣ୍ଡରେ ତେଲ' ନୀତିକୁ ଏହା ପ୍ରମାଣିତ କରୁଛି। ତୃଣମୂଳ ସ୍ତରର ଶ୍ରମିକ ଓ କର୍ମଚାରୀଙ୍କର ଦରମା ଓ ମଜୁରି ଅଧିକ ନ ବଢ଼ିବା ଫଳରେ କର୍ମଜୀବୀଙ୍କ ମଧ୍ୟରେ ଆର୍ଥିକ ଅସମତା ଆଶାତୀତ ଭାବେ ବୃଦ୍ଧିପାଉଛି। ଏପରି ହେବା ଆଦୌ ଠିକ୍ ନୁହେଁ।

ଅକ୍ଷୟ କୁମାର ମହାନ୍ତି, ଭାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

पेट्रोलियम् एवं प्राकृतिक गैस
ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ
ଜାହାଜ ଚଳାଚଳ ମନ୍ତ୍ରଣାଳୟ
ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ
ରେଳ ମନ୍ତ୍ରଣାଳୟ
ଭାରତ ସରକାର



# ପୂର୍ବୋଦୟ

## ପୂର୍ବ ଭାରତରୁ ହେଉଅଛି ନୂଆ ଭାରତର ଉଦୟ

### ଶୁଭ ଉଦ୍‌ଘାଟନ

ପାରାଦୀପ ବିଶୋଧନାଗାରଠାରେ ପୂର୍ବ ଭାରତରେ ପ୍ଲାଷ୍ଟିକ୍ ଉଦ୍ୟୋଗକୁ ପ୍ରୋତ୍ସାହନ ପାଇଁ ପଲିପ୍ରପଲିନ୍ (ପିପି) କାରଖାନା

ପାରାଦୀପ ବନ୍ଦରରେ କଣ୍ଟେନରଗୁଡ଼ିକ ସମେତ ସ୍ୱଚ୍ଛ ପଣ୍ୟର ସୁପରିଚାଳନା ପାଇଁ ବହୁମୁଖୀ ବର୍ଥ

ଏବଂ

### ଭିତ୍ତିପ୍ରସ୍ତର ସ୍ଥାପନ/କାର୍ଯ୍ୟାରମ୍ଭ

ପାରାଦୀପ ବିଶୋଧନାଗାରଠାରେ ମନୋଇଥାଇଲିନ୍ ଗ୍ଲାଇକୋଲ (ଏମଇଜି) କାରଖାନା

ପାରାଦୀପ ବନ୍ଦରରେ ତିନିଟି ବର୍ଥର ଯାନ୍ତ୍ରିକୀକରଣ

ପାରାଦୀପ ବନ୍ଦରରେ ଏଲ୍‌ପିଜି ଆମଦାନି ଟର୍ମିନାଲ



ଓଡ଼ିଶା ପାଇଁ
**୧୧,୦୦୦ କୋଟି ଟଙ୍କାର**
ପ୍ରକଳ୍ପସମୂହର ଭେଟି



### ଅନ୍ୟାନ୍ୟ ପ୍ରମୁଖ ପ୍ରକଳ୍ପ

- ପାରାଦୀପଠାରେ ବିମାନ ବନ୍ଦର ନିର୍ମାଣ ପାଇଁ ପାରାଦୀପ ପୋର୍ଟ ଟ୍ରଷ୍ଟ (ପିପିଟି), ଭାରତୀୟ ବିମାନ ବନ୍ଦର ପ୍ରାଧୀକରଣ (ଏଏଆଇ) ଏବଂ ଇଣ୍ଡିଆନ୍‌ଅଏଲ୍ ମଧ୍ୟରେ ତ୍ରିପାକ୍ଷିକ ବୁଝାମଣା
- ପାରାଦୀପ ବନ୍ଦରଠାରେ ନୂଆ ଟର୍ମିନାଲ୍‌ର ଉଦ୍‌ଘାଟନ
- ପାରାଦୀପ ବିଶୋଧନାଗାରଠାରେ ସାତଟି ଅତିରିକ୍ତ ଅଶୋଧିତ ତୈଳ ଟାଙ୍କି
- ମତ୍ସ୍ୟ ବନ୍ଦରରୁ ମହାନଦୀ ମୁହାଣ ଖୋଦନ
- ପାରାଦୀପ ବନ୍ଦରରେ ମଲ୍ଟି-ମୋଡାଲ ଲଜିଷ୍ଟିକ୍ସ ପାର୍କ
- ପାରାଦୀପ ପୋର୍ଟ ଟ୍ରଷ୍ଟ୍ କର୍ମଚାରୀମାନଙ୍କ ପାଇଁ ୩୫୦ଟି ନୂଆ କ୍ୱାର୍ଟର ନିର୍ମାଣ
- ପାରାଦୀପ ପୋର୍ଟ ଟ୍ରଷ୍ଟଠାରେ କଣ୍ଟେନର ତନଖି ବ୍ୟବସ୍ଥା ସ୍ଥାପନ
- ପାରାଦୀପ ବନ୍ଦରଠାରେ ଆଇରନ୍ ଓର୍ ଏବଂ ମେକାନିକାଲ୍ କୋଲ୍ ହ୍ୟାଣ୍ଡଲିଂ ପ୍ଲାଣ୍ଟ୍‌ଗୁଡ଼ିକର ସଂଯୋଗ
- ପାରାଦୀପ ରେଳ ଷ୍ଟେସନ ଭବନ
- ପାରାଦୀପ ଅଞ୍ଚଳରେ ସାର୍ବଜନିକ ସଂସ୍ଥାଗୁଡ଼ିକର ବିସ୍ତାର
  - ପାନୀୟ ଜଳ
  - ଶୌଚାଳୟ କମ୍ପ୍ଲେକ୍ସ
  - ସାନିଟାରି ନାପ୍‌କିନ୍ ପ୍ରସ୍ତୁତକାରୀ ଏବଂ ବିକ୍ରୟ ୟୁନିଟ୍
- ୧,୦୦୦ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗମାନଙ୍କୁ ସହାୟତା ଉପକରଣ ବିତରଣ
- ୨,୦୦୦ ପାରାଦୀପ ପୋର୍ଟ ଟ୍ରଷ୍ଟ କର୍ମଚାରୀମାନଙ୍କୁ ବୀମାଭୁକ୍ତ କରିବା

**ବୁଧବାର, ୬ ଫେବୃୟାରୀ ୨୦୧୯, ପାରାଦୀପ**

### ଗରିମାମୟ ଉପସ୍ଥିତି

**ନବୀନ ପଟ୍ଟନାୟକ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ନିତିନ ଗଡ଼କରି**
ସଡ଼କ ପରିବହନ ଏବଂ ରାଜମାର୍ଗ, ଜାହାଜ ଚଳାଚଳ ଓ ଜଳସମ୍ପଦ
ନଦୀ ବିକାଶ ଓ ଗଙ୍ଗା ସଂରକ୍ଷଣ ମନ୍ତ୍ରୀ
ଭାରତ ସରକାର

**ଧର୍ମେନ୍ଦ୍ର ପ୍ରଧାନ**
ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ଏବଂ
ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ
ଭାରତ ସରକାର

**ଡା. କୁଳମଣି ସାମଲ**
ସାଂସଦ, ଜଗତସିଂହପୁର

**ଡା. ଦାମୋଦର ରାଉତ**
ବିଧାୟକ, ପାରାଦୀପ



ଧରିତ୍ରୀ DHARITRI
ଭୁବନେଶ୍ୱର, ବୁଧବାର, ୬ ଫେବୃୟାରୀ, ୨୦୧୯



ଆଗାମୀ ସାଧାରଣ ନିର୍ବାଚନ ଶେଷ ହେବା ପର୍ଯ୍ୟନ୍ତ ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି) ଏହାର ରାମ ମନ୍ଦିର ନିର୍ମାଣ ପ୍ରଚାର ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛି। ରାମମନ୍ଦିର ନିର୍ମାଣକୁ ଭିଏଚ୍‌ପି ରାଜନୈତିକ ପ୍ରସଙ୍ଗ କରିବାକୁ ଚାହୁଁ ନ ଥିବା ଏହାର ଅନ୍ତର୍ଜାତୀୟ ଯୁଗ୍ମ ସାଧାରଣ ସମ୍ପାଦକ ସୁରେନ୍ଦ୍ର ଜୈନ କହିଛନ୍ତି। ନୂଆ ସରକାର ଗଠନ ହେବା ପରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯିବ ବୋଲି ସେ କହିଛନ୍ତି।



## ସଂକ୍ଷେପରେ

### ୭୭ ବ୍ଲକ୍‌ରେ ୩୫ ପ୍ରତିଶତରୁ କମ୍ ଜଳସେଚନ

ଜମି ଅଧିଗ୍ରହଣ ସମସ୍ୟା ଯୋଗୁ ଜଳସେଚନ ପ୍ରକଳ୍ପ ଅଧୁରା

**ଭୁବନେଶ୍ୱର,୫।୨(ବ୍ୟୁରୋ):** ରାଜ୍ୟରେ ଏବେ ବି ୭୭ଟି ବ୍ଲକ ଜଳସେଚନରୁ ବଞ୍ଚିତ ହୋଇଛନ୍ତି । ଏହି ବ୍ଲକଗୁଡିକରେ ୩୫ ପ୍ରତିଶତରୁ କମ ଜଳସେଚନ ହୋଇଛି। ମଙ୍ଗଳବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି ଜଳସମ୍ପଦ ମନ୍ତ୍ରୀ ନିରଞ୍ଜନ ପୂଜାରୀ। ଭାଜପା ସଭ୍ୟ କନକ ବର୍ଦ୍ଧନ ସିଂଦେଓଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ ୨୦୦୮ରୁ ଏ ପର୍ଯ୍ୟନ୍ତ ୧୬୦ଟି ବ୍ଲକରେ ୩ଟି ମଧ୍ୟମ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଥିବା ବେଳେ ଗୋଟିଏ ବୃହତ୍ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଅନେକ ବ୍ଲକ ଅଛି, ଯେଉଁଠି କି ୩୩ ପ୍ରତିଶତରୁ ଜଳସେଚନ କମ ରହିଛି। ପ୍ରାୟ ୭୭ ବ୍ଲକରେ ୩୫ ପ୍ରତିଶତରୁ କମ ଜଳସେଚନ ହୋଇଛି। ଜମି ଅଧିଗ୍ରହଣରେ ସମସ୍ୟା, ପରିବେଶ ଅନୁମତିରେ ବିଳମ୍ବ ଏବଂ ଅନ୍ୟାନ୍ୟ କାରଣ ପାଇଁ ଜଳସେଚନ ପ୍ରକଳ୍ପଗୁଡିକ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରୁ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି। ଲୋୟର ସୁକତେଲ, କାନୁପୁର, ରେଙ୍ଗାଲି, ସୁବର୍ଣ୍ଣରେଖା ଏବଂ ଲୋୟର ଇନ୍ଦ୍ର ପ୍ରକଳ୍ପ ଭଳି ବୃହତ୍ ଜଳସେଚନ ପ୍ରକଳ୍ପଗୁଡିକର କାର୍ଯ୍ୟ ଜମି ଅଧିଗ୍ରହଣ ସମସ୍ୟା ଯୋଗୁ ସମ୍ପୂର୍ଣ୍ଣ ହୋଇପାରୁ ନାହିଁ।

### ଶିମିଳିପାଳ ବିସ୍ଥାପିତ କଲୋନୀରେ ଅଗ୍ନିକାଣ୍ଡ: ୨୪ ଘର ପାଉଁଶ

ବାରିପଦା ଅଫିସ, ୫।୨: ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡ ଅଧୀନ ଶିଆଳିନଇଁ ଗ୍ରାମରେ ଥିବା ବିସ୍ଥାପିତ କଲୋନୀରେ ସୋମବାର ରାତିରେ ନିଆଁ ଲାଗି ୨୪ ଘର ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡରେ ଧନହାନୀ କିମ୍ବା ଜୀବନ ହାନି ହୋଇ ନ ଥିବା କରଞ୍ଜିଆ ଏସିଏଫ ବଟକୃଷ୍ଣ ପାଢ଼ୀ କହିଛନ୍ତି। ଘଟଣାସ୍ଥଳରେ ବନ ବିଭାଗ କର୍ମଚାରୀ, ତହସିଲଦାର ପହଞ୍ଚି ଥିଲେ। ଏସିଏଫ ପାଢ଼ୀଙ୍କ କହିବା ମୁତାବକ କଲୋନିରେ ନିଆଁ ଲାଗିଥିବା ଖବର ପାଇ ଦମକଳ ବାହିନୀକୁ ଖବର ଦିଆଯାଇଥିଲା। ଦମକଳ ବାହିନୀ ଗ୍ରାମକୁ ଆସି ନିଆଁକୁ ଆୟତ କରିଥିଲେ। ଆଉ କିଛି ସମୟ ପରେ ପୁନର୍ବାର ନିଆଁ ଲାଗି ଯାଇଥିଲା। ପୁଣି ଥରେ ଦମକଳ ବାହିନୀ ଆସି ନିଆଁକୁ ଲିଭାଇ ଥିଲେ। ଗତ ଜାନୁୟାରୀ ୨୩ ରାତିରେ ନିଆଁ ଲାଗି ୧୬ ଘର ଜଳି ଯାଇଥିଲା। ଏଥିରେ ଜଣେ ମହିଳା ପୋଡି ହୋଇ ଗୁରୁତର ହୋଇଥିଲେ। ଘରର ଆସବାବପତ୍ର ସହ ଧାନ, ଚାଉଳ ଓ ବିଭିନ୍ନ ସରମଗ୍ରୀ ନଷ୍ଟ ହୋଇଥିଲା। ଶିମିଳିପାଳର ବଫର ଏରିଆରେ ରହୁଥିବା ୭୩ ପରିବାରକୁ ଗତ ଜୁନ ୨୦୧୮ରେ ସ୍ଥାନାନ୍ତରିତ କରାଯାଇ ଶିଆଳିନଇଁ ଗାଁରେ ବିସ୍ଥାପିତ କରାଯାଇଥିଲା।

### ଆଜି କଂଗ୍ରେସରେ ଯୋଗଦେବେ ଯଜ୍ଞେଶ୍ୱର

**ବଲାଙ୍ଗୀର ଅଫିସ, ୫।୨:** ପୂର୍ବତନ ବିଧାୟକ ତଥା ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କର ପୂର୍ବତନ ସଭାପତି ଯଜ୍ଞେଶ୍ୱର ବାବୁ ବୁଧବାର କଂଗ୍ରେସ ଦଳରେ ଯୋଗଦେବା ସ୍ପଷ୍ଟ ହୋଇଛି। ଭବାନୀପାଟଣାଠାରେ ବୁଧବାର ଅନୁଷ୍ଠିତ ହେବାକୁ ଥିବା କଂଗ୍ରେସର ପରିବର୍ତ୍ତନ ସଙ୍କଳ୍ପ ସମାବେଶରେ ଅଖିଳ ଭାରତୀୟ କଂଗ୍ରେସ କମିଟି ଅଧକ୍ଷ ରାହୁଲ ଗାନ୍ଧୀ ଯୋଗଦେବେ। ଏହି ସଭାରେ ଯଜ୍ଞେଶ୍ୱର ବାବୁ କଂଗ୍ରେସ ହାତ ଧରିବେ। ୧୯୮୮ ମସିହାରେ ସଇଁତଲା ବ୍ଲକ୍ ଅଧକ୍ଷ ଏବଂ ୧୯୯୦ରେ ଜନତା ଦଳରୁ ସଇଁତଲା ବିଧାନସଭା ଆସନରୁ ବିଧାୟକଭାବେ ନିର୍ବାଚିତ ହୋଇଥିଲେ । ଏହାପରେ ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କର ସଭାପତି ଭାବେ କାର୍ଯ୍ୟ କରିଥିଲେ। ୨୦୦୧ ମସିହାରୁ ୨୦୧୨ ମସିହା ପର୍ଯ୍ୟନ୍ତ ବିଜେଡି ଦଳରେ ସେ ବେଶ୍ ସକ୍ରିୟ ଥିଲେ । ତେବେ ପରବର୍ତ୍ତୀ ସମୟରେ ସେ ବିଜେଡି ଦଳ ଛାଡିଥିଲେ। ବୁଧବାର ଯଜ୍ଞେଶ୍ୱର ବାବୁ କଂଗ୍ରେସ ଦଳରେ ଯୋଗଦେବେ ବୋଲି ସ୍ପଷ୍ଟ କରିବା ପରେ ବଲାଙ୍ଗୀର ଜିଲାରେ ରାଜନୈତିକ ଚର୍ଚ୍ଚା ଆଲୋଚନା ଜୋର ଧରିଛି । ଏନେଇ ଯଜ୍ଞେଶ୍ୱରଙ୍କୁ ପଚାରିବାରୁ ବଲାଙ୍ଗୀରର ବିକାଶ ବହୁ ପଛରେ ପଡିଛି। ଏଥିପାଇଁ ବିଜେଡି ସରକାର ଓ ସ୍ଥାନୀୟ ରାଜପରିବାର ଦାୟୀ ବୋଲି କହିଛନ୍ତି। ଆଗକୁ ବଲାଙ୍ଗୀର ବିକାଶ ପାଇଁ ସେ କାର୍ଯ୍ୟ କରିବେ ବୋଲି କହିଛନ୍ତି ।

# କଲରାପତରିଆ ବାଘ ମୃତଦେହ ଠାବ

ବଲାଙ୍ଗୀର ଅଫିସ/ସଇଁନ୍ତଳା, ୫।୨(ଡି.ଏନ୍.ଏ.)

- ଲୁହାତାର ଫାଶରେ ପଡ଼ି ମୃତ୍ୟୁ ସନ୍ଦେହ
- ଡିଏଫ୍‌ଓ କହିଲେ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା



ବଡମାଳ ଗୋଳାବାରୁଦ କାରଖାନା ଭିତରେ ପଡିଥିବା ମୃତ କଲରାପତରିଆ ବାଘ।

ବଲାଙ୍ଗୀର ଜିଲା ସଇଁନ୍ତଳା ବ୍ଲକ ବଡମାଳସ୍ଥିତ ଗୋଳାବାରୁଦ କାରଖାନାର ନିଷିଦ୍ଧାଞ୍ଚଳ ପରିସରସ୍ଥ ବର୍ଣ୍ଣେଇ ସଂରକ୍ଷିତ ଜଙ୍ଗଲରୁ ମଙ୍ଗଳବାର ସକାଳେ ଏକ କଲରାପତରିଆ ବାଘର ମୃତଦେହ ଉଦ୍ଧାର କରାଯାଇଛି। ଏହି ମୃତ ମାଈବାଘର ବୟସ ଦେଢ଼ରୁ ଦୁଇବର୍ଷ ଭିତରେ ହେବ। ବାଘଟି ଲୁହାତାର ଫାଶରେ ଫସି ପ୍ରାଣ ହରାଇଥିବା ସନ୍ଦେହ କରାଯାଉଛି। ବଲାଙ୍ଗୀର ଡିଏଫ୍‌ଓ ସମୀର ଶତପଥୀ ପ୍ରାରମ୍ଭିକ ତଦନ୍ତ କରିଛନ୍ତି । ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ପ୍ରକୃତ କାରଣ ଜଣାପଡିବ ବୋଲି ସେ କହିଛନ୍ତି। ଲୁହାତାର ସହ ବାଘ ମୃତ୍ୟୁର କୌଣସି ସମ୍ପର୍କ ନାହିଁ। ମୃତଦେହ ତାର ପାଖରୁ ଦୂରେଇ ପଡିଥିଲା ବୋଲି ସେ କହିଛନ୍ତି। ଗୋଳାବାରୁଦ କାରଖାନା ଭିତରେ ଥିବା ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ନିକଟସ୍ଥ ଜଙ୍ଗଲରେ ବାଘଟି ମରିପଡିଥିବା ଦେଖାଯାଇଥିଲା। ଖବର ପାଇ ବନବିଭାଗ ଟିମ୍ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଥିଲା। ଏହାପରେ ଡିଏଫ୍‌ଓ ଶତପଥୀ ଛାନ୍‌ଭିନ୍ କରିଥିଲେ। ବାଘର କୌଣସି ଅଙ୍ଗପ୍ରତ୍ୟଙ୍ଗ କାଟି ନିଆଯାଇନାହିଁ। ସେଠାକାର ସ୍ଥିତି ଅନୁଯାୟୀ ଶିକାରୀମାନେ ଫାଶ ଲଗାଇ ହତ୍ୟା କରିବା ସେତେଟା ସମ୍ଭବ ନୁହେଁ ବୋଲି ଡିଏଫ୍‌ଓ କହିଛନ୍ତି। ଟିଟିଲାଗଡ ଉପଖଣ୍ଡ ପ୍ରାଣୀଧନ ଚିକିତ୍ସାଧିକାରୀଙ୍କ ସହ ୪ଜଣ ପ୍ରାଣୀଧନ ଚିକିତ୍ସକ(ଭିଏଏସ୍) ମୃତବାଘର ବ୍ୟବଚ୍ଛେଦ କରିଛନ୍ତି। ରିପୋର୍ଟ ଆସିବା ପାଇଁ ପ୍ରାୟ ୬ରୁ ୭ଦିନ ସମୟ ଲାଗିବ ବୋଲି ଡିଏଫ୍‌ଓ ସୂଚନା ଦେଇଛନ୍ତି।

## ଉଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗଉଡ଼ ହୁଡ଼ିଲେ ଦିନେ,**
**ଚଷା ହୁଡ଼ିଲେ ବରଷେ ।**

କୌଣସି କାରଣବଶତଃ ଗଉଡ଼ କ୍ଷୀର ଦୁହିଁ ନ ପାରିଲେ ଗଉଡ଼କୁ କ୍ଷୀର ଦୁହିଁବା ଲାଗି ତା' ପରଦିନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଥାଏ। ସେହିପରି ଚାଷକାର୍ଯ୍ୟରେ ହେଳା କରିଥିବା ଚାଷୀଟିକୁ ପୁନଶ୍ଚ ଚାଷକାର୍ଯ୍ୟ କରିବା ପାଇଁ ପୂରା ବର୍ଷଟିଏ ଅପେକ୍ଷା କରିବାକୁ ହୋଇଥାଏ। ତେଣୁ ସମୟକୁ ଅଯଥାରେ ନଷ୍ଟ ନ କରି ଉଚିତ ସମୟରେ ଉଚିତ କାର୍ଯ୍ୟ କରିବା ବୁଦ୍ଧିମାନର କାର୍ଯ୍ୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଗରିବର ପୁଅ ହୋଇଲେ ଧନୀ**
**ସଭିଙ୍କୁ ନିକୁଚ୍ଛ ମଣଇ ପୁଣି ।**

ଗରିବର ପୁଅ ସମୟକ୍ରମେ ଧନୀ ହୋଇଗଲେ ଅନ୍ୟକୁ ନ୍ୟୂନ ଭାବେ। ଏହାଦ୍ୱାରା ସେ ତା'ର ପୂର୍ବପୁରୁଷର ଦାରିଦ୍ର୍ୟକୁ ଶୋଧନ କରେ। ଧରାକୁ ସରା ମନେକରିବା ସହ ଅନ୍ୟମାନଙ୍କ ପ୍ରତି ପ୍ରତିଶୋଧପରାୟଣ ହୁଏ। ପୂର୍ବର ଦାରିଦ୍ର୍ୟାବସ୍ଥାକୁ ଭୁଲି ବର୍ତ୍ତମାନର ଧନଗର୍ବରେ ମତୁଆଲା ହୋଇଉଠେ। ଧନ ମଣିଷକୁ ଆତ୍ମଗର୍ବୀ କରି ଦେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

■ ବିଦେଶିନୀଙ୍କ ନାଁରେ ୮୭ ଲକ୍ଷ ଠକେଇ

# ଦିଲ୍ଲୀରୁ ୨ ଜଣଙ୍କୁ ଗିରଫ କଲା କ୍ରାଇମ୍‌ବ୍ରାଞ୍ଚ

କଟକ ଅଫିସ/ ବାରିପଦା ଅଫିସ, ୫।୨

- ଅନ୍‌ଲାଇନ୍‌ରେ ଫେକ୍ ଆଇଡି ଖୋଲିଥିଲେ
- ଆମେରିକା ଏଜେଣ୍ଟ ନାଁରେ ଭୁବନେଶ୍ୱର ଆସି ଭେଟିଥିଲେ

ଅନ୍‌ଲାଇନ୍‌ରେ ଜଣେ ବିଦେଶିନୀଙ୍କ ନାଁରେ ଫେକ୍ ଆଇଡି ଖୋଲି ରିୟଲ ଇଷ୍ଟେଟ୍ ବ୍ୟବସାୟର ପ୍ରଲୋଭନ ଦେଖାଇ ଠକି ନେଇଥିଲେ ୮୭ ଲକ୍ଷ ଟଙ୍କା। ଏହି ଠକେଇର ଶିକାର ହୋଇଥିବା ବାରିପଦାର ତପନ ଦାସଙ୍କ ଅଭିଯୋଗ ଆଧାରରେ କ୍ରାଇମବ୍ରାଞ୍ଚର ସାଇବର ଥାନା ପୋଲିସ ଦିଲ୍ଲୀରୁ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଦିଲ୍ଲୀର ବିନୋଦ କୁମାର ସିଂ ଓ ସଞ୍ଜୀବ କୁମାର। ସେମାନଙ୍କଠାରୁ ପୋଲିସ କିଛି ଜାଲ୍ କାଗଜପତ୍ର ଓ ମୋବାଇଲ ଜବତ କରିଛି। ଆଇପିସି ଦଫା ୪୧୯, ୪୨୦, ୪୬୭, ୪୬୮, ୪୭୧ ଓ ଆଇଟି ଆକ୍ଟ ୬୬ସି/୬୬(ଡି)ରେ ଏକ ମାମଲା ନଂ.୨୨/୧୯ ରୁଜୁ କରିଛି ପୋଲିସ। ମଙ୍ଗଳବାର ଦୁଇ ଅଭିଯୁକ୍ତଙ୍କୁ ସାଇବର ଥାନା ପୋଲିସ ବାରିପଦା ଏସ୍‌ଡିଜେଏମ୍ ସୁମିତା ଆଚାର୍ଯ୍ୟଙ୍କ କୋର୍ଟରେ ହଜାର କରିଥିଲା। କୋର୍ଟ ସେମାନଙ୍କ ଜାମିନକୁ ଖାରଜ କରିଦେବା ସହ ୧୪ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ପୋଲିସ ସୂଚନାନୁସାରେ, ଅଭିଯୁକ୍ତ ବିନୋଦ ଓ ସଞ୍ଜୀବ ଜାଲ୍ ରିୟଲ ଇଷ୍ଟେଟ୍ ସଂସ୍ଥା ଖୋଲି ଅନ୍‌ଲାଇନ୍‌ରେ ଲୋକଙ୍କୁ ଠକେଇ କରିଥାନ୍ତି। ଏଥିପାଇଁ ସେମାନେ କେତେଜଣ ଯୁବତୀଙ୍କୁ ନିୟୋଜିତ କରିଛନ୍ତି। ଗତବର୍ଷ ତପନଙ୍କ ଫେସ୍‌ବୁକ୍‌କୁ କ୍ରିଷ୍ଟାଇଲ୍ ଡାସ୍ୱନ ନାମକ ଜଣେ ଯୁବତୀଙ୍କ ଫ୍ରେଣ୍ଡ ରିକ୍ୟୁଏଷ୍ଟ ଆସିଥିଲା। ପରବର୍ତ୍ତୀ ସମୟରେ ଯୁବତୀ ଜଣକ ତପନଙ୍କ ସହ ଫେସ୍‌ବୁକ୍ ଓ ହ୍ୱାଟ୍‌ସଆପ୍‌ରେ କଥା ହୋଇ ସମ୍ପର୍କ ବଢ଼ାଇଥିଲେ। ଯୁବତୀ ଜଣକ ସୁଇଜରଲାଣ୍ଡର ବାସିନ୍ଦା ବୋଲି ପରିଚୟ ଦେବା ସହ ତାଙ୍କର ରିୟଲ ଇଷ୍ଟେଟ୍ ବ୍ୟବସାୟ ଚାଲିଥିବା କହିଥିଲେ। ସେ ଭାରତରେ ବ୍ୟବସାୟ କରିବାକୁ ଇଚ୍ଛପ୍ରକାଶ କରି ତପନଙ୍କୁ ଅଂଶୀଦାର ଭାବେ ରଖିବାକୁ ଚାହିଁଥିଲେ। ଗତ ସେପ୍ଟେମ୍ବର ୨୬ରେ ଭାରତ ଆସୁଥିବା ମଧ୍ୟ ଜଣାଇଥିଲେ। ଏହାର ଦୁଇ ଦିନ ପରେ ଅର୍ଥାତ୍ ୨୮ ତାରିଖରେ ତପନଙ୍କ ପାଖକୁ ଏକ ଫୋନ୍ କଲ୍ ଆସିଥିଲା। କଲ୍ କରିଥିବା ବ୍ୟକ୍ତି ଜଣକ ନିଜକୁ ଦିଲ୍ଲୀ ବିମାନବନ୍ଦର କଷ୍ଟମ ବିଭାଗର ଅଧିକାରୀ ବୋଲି ପରିଚୟ ଦେଇ କ୍ରିଷ୍ଟାଇଲ୍‌ଙ୍କ ସହ ସେ ଆଣିଥିବା ୩ଲକ୍ଷ ପାଉଣ୍ଡ ଅଟକ ରଖିଥିବା ଜଣାଇଥିଲେ। ଏହାପରେ କ୍ରିଷ୍ଟାଇଲ୍ ନାମରେ ଯୁବତୀ ଜଣକ ତପନଙ୍କୁ କଲ୍ କରି ଜରିମାନା ଦେଇ ତାଙ୍କୁ ମୁକୁଳାଇବା ପାଇଁ ଅନୁରୋଧ କରିଥିଲେ। ଏପରିକି ସେ ଆଣିଥିବା ପାଉଣ୍ଡକୁ ବଦଳାଇବା ପରେ ସବୁ ଟଙ୍କା ଶୁଝିଦେବେ ବୋଲି କଥା ଦେଇଥିଲେ। ଏକଥା ଶୁଣି ତପନ କଷ୍ଟମ ବିଭାଗ ଦେଇଥିବା ବ୍ୟାଙ୍କ ଆକାଉଣ୍ଟ ନମ୍ବରରେ କର ଓ ଜରିମାନା ଆକାରରେ କିଛି ଟଙ୍କା ଜମା କରିଥିଲେ।

ଏହାପରେ ଆମେରିକାର ଜଣେ ଏଜେଣ୍ଟ ଓଡ଼ିଶା ଆସି ପାଉଣ୍ଡକୁ ଡଲାରରେ ପରିବର୍ତ୍ତନ କରୁଥିବା ନେଇ ତପନଙ୍କ ମୋବାଇଲକୁ ଏକ ମେସେଜ ଆସିଥିଲା। ପରେ ଦକ୍ଷିଣ ଆଫ୍ରିକାର ଜନ୍ ସ୍କୋଟନ୍ ନାମରେ ଜଣେ ବ୍ୟକ୍ତି ନିଜକୁ ଆମେରିକାର ଏଜେଣ୍ଟ ବୋଲି କହି ଭୁବନେଶ୍ୱରର ଏକ ହୋଟେଲରେ ତପନଙ୍କୁ ଭେଟିଥିଲେ। ସେ ଆଣିଥିବା ତରଳ ଜିନିଷକୁ କଳା କାଗଜରେ ପକାଇଦେବାରୁ ତାହା ଡଲାରରେ ପରିଣତ ହୋଇଯାଇଥିଲା। ଏହି ତରଳ ଜିନିଷ ପାଇବା ପାଇଁ ଉକ୍ତ ବ୍ୟକ୍ତି ଜଣଙ୍କ କଥାରେ ତପନ ଟଙ୍କା ଜମା କରିଥିଲେ। ମାତ୍ର ବ୍ୟକ୍ତିଜଣକ ହୋଟେଲରେ ସେ ଆଣିଥିବା ଲୁହା ବାକ୍ସକୁ ଛାଡି କେଉଁଆଡେ ପଳାଇଥିଲେ। ପରେ ତପନ ବାରମ୍ବାର କ୍ରିଷ୍ଟାଇଲ୍ ଓ ଜନ୍‌ଙ୍କ ସମେତ ଉକ୍ତ କଷ୍ଟମ ବିଭାଗର ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସେମାନଙ୍କ ନମ୍ବର ବନ୍ଦ ରହିଥିଲା। ଠକେଇର ଶିକାର ହୋଇଥିବା ଜାଣିବା ପରେ ତପନ ଗତ ଡିସେମ୍ବର ୨୨ରେ କ୍ରାଇମବ୍ରାଞ୍ଚର ସାଇବର ଥାନାରେ ଅଭିଯୋଗ କରିଥିଲେ। ଅଭିଯୁକ୍ତମାନେ ଦିଲ୍ଲୀରେ ଥିବା ଜଣାପଡିବା ପରେ ସାଇବର ଥାନା ଇନ୍ସପେକ୍ଟର ସୁଜାତା ଖଣ୍ଡୁଆଳଙ୍କ ନେତୃତ୍ୱରେ ଏକ ଟିମ୍ ସେଠାକୁ ଯାଇ ଗତ ୧ ତାରିଖରେ ବିନୋଦ ଓ ସଞ୍ଜୀବଙ୍କୁ ଗିରଫ କରିଥିଲା। ସେମାନଙ୍କୁ ପଟିଆଲା ହାଉସ୍ କୋର୍ଟରେ ହାଜର କରାଇ ୫ଦିନ ପାଇଁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଆଣିଥିଲା। ପଚରାଉଚରା ପରେ କ୍ରିଷ୍ଟାଇଲ୍ ବୋଲି କେହି ଯୁବତୀ ନ ଥିବା ଓ କଷ୍ଟମ ଅଧିକାରୀ ଓ ଆମେରିକା ଏଜେଣ୍ଟ ନକଲି ଥିବା କହିଥିଲେ। ସେମାନେ ହିଁ ଏହି ଠକେଇ କରିଥିବା ସ୍ୱୀକାର କରିଥିବା ପୋଲିସ ସୂଚନା ଦେଇଛି।

## ଆମରଣ ଅନଶନରୁ ଓହରିଲା ଓଡ଼ିଶା ଅଭିଭାବକ ମହାସଂଘ

ଭୁବନେଶ୍ୱର,୫।୨(ବ୍ୟୁରୋ)

ଘରୋଇ ବିଦ୍ୟାଳୟରେ ଫି ଷ୍ଟ୍ରକ୍ଚର ତୁରନ୍ତ ଘୋଷଣା ଦାବିରେ ମଙ୍ଗଳବାର ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ ଆମରଣ ଅନଶନ କରାଯାଇଥିଲା। ମହାସଂଘର କହିବାନୁଯାୟୀ, ଘରୋଇ ବିଦ୍ୟାଳୟର ମନଇଚ୍ଛା ଓ ବେଆଇନ ଫି ଆଦାୟକୁ ରୋକିବା ଏବଂ ଏହାକୁ ସୁବ୍ୟବସ୍ଥିତ କରିବା ପାଇଁ ବାରମ୍ବାର ଦାବି କରାଯାଉଛି। ଫି ଆଦାୟ ସଂକ୍ରାନ୍ତରେ ଫି ରେଗୁଲାରିଟି କମିଟି(ଏଫ୍‌ଆର୍‌ସି)ର ପ୍ରସ୍ତାବ ଗଣଶିକ୍ଷା ବିଭାଗ ଦ୍ୱାରା ଅନୁମୋଦିତ ହୋଇସାରିଥିଲେ ମଧ୍ୟ ଏହା ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ଅପେକ୍ଷାରେ ରହିଛି। ଆସନ୍ତା ଶିକ୍ଷାବର୍ଷ ଆଉ ଅଳ୍ପଦିନ ମଧ୍ୟରେ ଆରମ୍ଭ ହୋଇଯିବ। ତେଣୁ ଏକ ସ୍ୱତନ୍ତ୍ର ଓ ସୁବ୍ୟବସ୍ଥିତ ଫି ଷ୍ଟ୍ରକ୍ଚର ତୁରନ୍ତ ଘୋଷଣା କରା ନ ଗଲେ, ଏ ବର୍ଷ ମଧ୍ୟ ଅଭିଭାବକମାନେ ପୂର୍ବବର୍ଷଗୁଡ଼ିକ ଭଳି ଦ୍ୱନ୍ଦ୍ୱର ସମ୍ମୁଖୀନ ହେବେ ବୋଲି ମହାସଂଘ ଅଧକ୍ଷ ବାସୁଦେବ ଭଟ୍ଟ କହିଛନ୍ତି। ସନ୍ଧ୍ୟାରେ ଏଫ୍‌ଆର୍‌ସିର ସଦସ୍ୟଙ୍କ ସହିତ ମହାସଂଘର ଏକ ୬ଜଣିଆ ଦଳ ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ସେ ନେଇ ଆଲୋଚନା ଜାରି ରହିଛି। ଖୁବ୍‌ଶୀଘ୍ର ତାହା ପୂରଣ ହେବ ବୋଲି ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ପ୍ରତିଶ୍ରୁତି ଦେବା ପରେ ଅନଶନ ପ୍ରତ୍ୟାହୃତ ହୋଇଥିବା ମହାସଂଘର ସହ ଅଧକ୍ଷ ପ୍ରସନ୍ନ ବିଷୋୟୀ କହିଛନ୍ତି। ଏହି ଅନଶନରେ ସାଧାରଣ ସମ୍ପାଦକ ଅଶୋକ ପାଇକରାୟ, ନିରୋଦ ଖୁଣ୍ଟିଆ, ସୁଜାତା ନାୟକ, ନୃସିଂହ ଚରଣ ସାହୁଙ୍କ ସମେତ ରାଜ୍ୟର ବିଭିନ୍ନ ସ୍ଥାନରୁ ଅଭିଭାବକ ଯୋଗଦେଇଥିଲେ।

## ସଂସ୍କୃତ ପ୍ରାର୍ଥନାକୁ ଭର୍ତ୍ତୃହରିଙ୍କ ସମର୍ଥନ

ନୂଆଦିଲ୍ଲୀ, ୫।୨(ସ୍ୱ.ପ୍ର.): କେନ୍ଦ୍ରୀୟ ବିଦ୍ୟାଳୟଗୁଡ଼ିକରେ ସରକାର ଏକ ସଂସ୍କୃତ ପ୍ରାର୍ଥନା ଆବୃତ୍ତିକୁ ବାଧ୍ୟତାମୂଳକ କରିଛନ୍ତି। କିନ୍ତୁ ଏହାର ଶ୍ଳୋକଗୁଡ଼ିକ ଉପନିଷଦରୁ ଆସିଥିବାରୁ ଏହା ବିରୋଧରେ କେତେକ ସମ୍ପ୍ରଦାୟ ଆପତ୍ତି ଉଠାଇଛନ୍ତି। ମଙ୍ଗଳବାର ଲୋକ ସଭାରେ ବିଜେଡି ସଂସଦୀୟ ଦଳ ନେତା ଭର୍ତ୍ତୃହରି ମହତାବ ଏ ସମ୍ପର୍କରେ କେନ୍ଦ୍ର ସରକାରଙ୍କ ପ୍ରତିକ୍ରିୟା ଚାହିଁଛନ୍ତି। ଲୋକ ସଭାର ଶୂନ୍ୟକାଳରେ ମହତାବ କହିଥିଲେ ଯେ, କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ପାଇଁ ଏକ ସଂଶୋଧିତ ଶିକ୍ଷା କୋଡ୍ ପ୍ରବର୍ତ୍ତନ କରାଯାଇଛି, ଯେଉଁଥିରେ ଉକ୍ତ ସଂସ୍କୃତ ପ୍ରାର୍ଥନା ବୋଲାଯିବାକୁ ବାଧ୍ୟତାମୂଳକ କରାଯାଇଛି। କିନ୍ତୁ ଏହାକୁ କେତେକ ସମ୍ପ୍ରଦାୟ ବିରୋଧ କରୁଛନ୍ତି। ଏ ପ୍ରସଙ୍ଗ ବିଭିନ୍ନ ମଞ୍ଚରେ ଉପସ୍ଥାପନ କରାଯିବା ସହ ସୁପ୍ରିମ୍‌କୋର୍ଟରେ ମଧ୍ୟ ଅଭିଯୋଗ ଦାଏର କରାଯାଇଛି। କେତେକ ସମ୍ପ୍ରଦାୟର ପିଲା, ଅଭିଭାବକ ଓ ବିଭିନ୍ନ ସଂଗଠନ ଏହି ସାଧାରଣ ପ୍ରାର୍ଥନା ଉପରେ ଆପତ୍ତି ଉଠାଇଛନ୍ତି ବୋଲି ମହତାବ କହିଥିଲେ। ସେ ପୁଣି କହିଲେ ଯେ, ଆମର ମୂଳ ସମ୍ବିଧାନରେ ରାମାୟଣ, ମହାଭାରତ ଓ ଉପନିଷଦର ମୁଖ୍ୟ ଭାବ ରହିଛି, ଯାହାକୁ ସଂସଦ ଭବନ ପାଠାଗାର ଓ ତିନ୍ ମୂର୍ତ୍ତି ଭବନ ପାଠାଗାରରେ ପ୍ରଦର୍ଶନ କରାଯାଇଛି। ଏଥିରେ ହିନ୍ଦୁଧର୍ମର ବୈଶିଷ୍ଟ୍ୟ ଥିବା ନେଇ କେହି କେବେ ପ୍ରଶ୍ନ କରିନାହାନ୍ତି। କିନ୍ତୁ ଆଜି ଆମେ ଶୁଣୁଛୁ ଯେ, ଉକ୍ତ ପ୍ରାର୍ଥନା ସଂସ୍କୃତରେ ବୋଲିବାକୁ କୁହାଯାଉଥିବାରୁ ଆମର ଧର୍ମନିରପେକ୍ଷ ଚରିତ୍ରରେ ଦାଗ ସୃଷ୍ଟି ହେଉଛି। ଏହି ସଦନରେ 'ଧର୍ମଚକ୍ର ପ୍ରବର୍ତ୍ତନାୟ' ବୋଲି ପ୍ୟାନେଲରେ ଲେଖାଯାଇଛି। ତା' ମାନେ କ'ଣ କିଛି ଜିନିଷ ସଂସ୍କୃତରେ ଆବୃତ୍ତି କରାଗଲେ ତାହା ଧର୍ମନିରପେକ୍ଷ ହୋଇପାରିବ ନାହିଁ? ଆମ ଦେଶରେ ଏହା ବିଶ୍ୱାସ କରିହେଉନି। ଏହା ଆମ ଧର୍ମନିରପେକ୍ଷ ଚରିତ୍ରରେ ଦାଗ ସୃଷ୍ଟି କରୁଛି ବୋଲି ଅଭିଯୋଗ କରି କାହିଁକି ଜଣେ ସୁପ୍ରିମ୍‌କୋର୍ଟରେ ଚ୍ୟାଲେଞ୍ଜ କରିବାକୁ ଯିବ ବୋଲି ମହତାବ ପ୍ରଶ୍ନ କରିଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

SHRI DURGA FINANCE
ଆପଣଙ୍କ ବିଶ୍ୱାସ ଆମର ପରିଚୟ
ଶ୍ରୀ ଦୁର୍ଗା ଋଣ (ISO: 9001:1993)
ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ
50,000/- ରୁ 75,00,000/- ପର୍ଯ୍ୟନ୍ତ
ମାତ୍ର 36 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 50% ଛାଡ ।
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9068296909

CO-OPERATIVE INADIA
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି । ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୁରଣ କରନ୍ତୁ ।
ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ ।
Address: Ameerpt, Hyderabad, Pin- 5000106 ( Telangana)
7787907927
7787922501
9319932148
Email id- pmjansamridhi@gmail.com

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ଫାଇନାନ୍ସ ଧମାକା। ବାର୍ଷିକ ୬% ସୁଧରେ ଯେ କୌଣସି ବ୍ୟକ୍ତି, ଅନୁଷ୍ଠାନ ୫୦ ଲକ୍ଷ ପର୍ଯ୍ୟନ୍ତ ସର୍ବାଧିକ ୨୦ ବର୍ଷ ପାଇଁ ଋଣ ନେଇ ପାରିବେ। ମହିଳାମାନଙ୍କ ପାଇଁ ୪% ସୁଧ। ଡକ୍ୟୁମେଣ୍ଟ fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ସରକାରୀ ମୁଦ୍ରା ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ସନ୍ତୁଷ୍ଟ ଗ୍ରାହକ
ମୁଦ୍ରା ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରୀକଲ୍ଚର
ସବୁ ପ୍ରକାର ଋଣ 24 ଘଣ୍ଟାରେ ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
ଟଙ୍କା ନେଉନୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ
8126568293
8126592819
SCO-106, Second Floor, Vishal Tower, Connaught Place, Delhi.

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

S.R. Network
କମ୍ପାନୀ ଦ୍ୱାରା ଜମି, ଛାତ, ଚାଷଜମି, ପ୍ଲଟ୍ ଉପରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। ଅଗ୍ରିମ 65 ଲକ୍ଷ, ଭଡ଼ା 42,000/-, ବାଇକ୍ ମାଗଣା। ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ।
ମୋବାଇଲ ନଂ.:
9179208056
8750476936
HNO.31, BLOCK NO.2, VILL. BHUNA, TEHSIL/DISTT.-FATEHABAD

ଡିଜିଟାଲ ଉପକରଣ -କମ୍ପାନୀ-
SMS JOB



ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 15000ରୁ 25000 ମାସିକ ଲାପଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
9065013355, 9162431749
Bukaro malepur, jamui Bihar-811313

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Janata Finance
(Govt. Regd.) (Regd. No.- U6519TN19846)
କମ୍ପାନୀ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ମହିଳା ଗ୍ରୁପ୍ ଋଣ ପାଆନ୍ତୁ କମ୍ ସୁଧରେ। ଆପଣଙ୍କ ପାଇଁ ଆଣିଛୁ ସୁବର୍ଣ୍ଣ ସୁଯୋଗ 2% ସୁଧ, 45% ସରକାରୀ ସବ୍‌ସିଡି।
7497095128
7508116267
T-51, Gali No.8, Gautampuri, Delhi-110053

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ଲୋନ୍ LOAN
ପର୍ସନାଲ ଲୋନ୍, ହୋମ ଲୋନ୍, ବ୍ୟବସାୟିକ, ପ୍ରୋଜେକ୍ଟ, ମଡ୍‌ଗେଜ, କୃଷି, ସ୍ୱରୋଜଗାର ଲୋନ୍। ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No.15 HB Colony, Lewis Road Bhubaneswar-751002
8987997062

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

T.F. FINANCE
(Govt. Registered)
ବିନା ଗ୍ୟାରେଣ୍ଟର, ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ, ଗୃହ ଋଣ, ସମସ୍ତ ଋଣ 6 ଘଣ୍ଟାରେ, 0% ସୁଧ, 50% ରିହାତି।
09457625967
D-244, Tejendranagar, Zundal, Zundal-382421, Tal./Dist.- Gandhinagar

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଫାଇନାନ୍ସ ଧମାକା ୪% ସୁଧରେ ସବୁପ୍ରକାର ବ୍ୟକ୍ତି, ସଂସ୍ଥା କିମ୍ବା ଅନୁଷ୍ଠାନମାନଙ୍କୁ ୬୦ ଲକ୍ଷ ପର୍ଯ୍ୟନ୍ତ ବିନା ଗ୍ୟାରେଣ୍ଟରରେ ୨୦ ବର୍ଷ ପାଇଁ ଋଣ ଯୋଗାଇ ଦିଆଯାଉଛି। ମହିଳା ମାନଙ୍କ ପାଇଁ ୩% ସୁଧ।
Email- sixdocuments@gmail.com
B-19, Moti Bagh, New Delhi
7064382081
8658167603

### ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra



ଲଣ୍ଡନସ୍ଥିତ କାର୍ଲମାର୍କ୍ସଙ୍କ ସମାଧି ସ୍ଥଳକୁ ଭଙ୍ଗାରୁଜା କରାଯାଇଛି। ଧାରୁଆ ଅସ୍ତ୍ରରେ ସ୍ମୃତିସ୍ତମ୍ଭକୁ ଆକ୍ରମଣ କରାଯାଇଥିବା ଜଣାପଡ଼ିଛି। ମଙ୍ଗଳବାର ସ୍ମାରକୀ ସ୍ଥଳର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଟ୍ରଷ୍ଟର ଇୟାନ ଡୁଙ୍ଗାଭେଲ୍ ଏହା କହିଛନ୍ତି।

## ସଂକ୍ଷେପରେ

### ଗଛରେ ପିଟିହେଲା ବାଇକ୍, ୨ ମୃତ

**ଟାଙ୍ଗୀ(ଖୋର୍ଦ୍ଧା),୫।୨(ଡି.ଏନ୍.ଏ.):** ଚଣ୍ଡେଶ୍ୱର କୁହୁଡ଼ି ପୂର୍ତ୍ତ ବିଭାଗ ରାସ୍ତାରେ ସୋମବାର ବିଳମ୍ବିତ ରାତିରେ ବାଇକ୍ ଦୁର୍ଘଟଣା ଘଟି ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ଗଞ୍ଜାମ ଜିଲା ଆସିକା ଥାନା ଅନ୍ତର୍ଗତ ବୃନ୍ଦାବନ ଗ୍ରାମର ଭୋଳା ନାୟକ ଓ ବିଭୁ ରେଡ୍ଡୀ। ୪ ସାଙ୍ଗ ୨ ବାଇକ୍‌ରେ ପୁରୀରୁ ଟାଙ୍ଗୀ ଥାନା ଅନ୍ତର୍ଗତ ସୋରଣ ଗ୍ରାମକୁ ଯାଉଥିଲେ। ଚଣ୍ଡେଶ୍ୱର-କୁହୁଡ଼ି ରାସ୍ତାର ଜୋକ ନଈ ନିକଟରେ ଗୋଟିଏ ବାଇକ୍ ଭାରସାମ୍ୟ ହରାଇ ଗଛରେ ପିଟି ହେବାରୁ ଆରୋହୀ ଦ୍ୱୟ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଟାଙ୍ଗୀ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗୁରୁତରଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଟାଙ୍ଗୀ ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିବା ସହିତ ତଦନ୍ତ ଜାରି ରଖିଛି।

### ରେଲୱେ ଓଭରବ୍ରିଜ୍ ନିର୍ମାଣ ଦାବିକଲେ ବାଲେଶ୍ୱର ଏମ୍‌ପି

**ନୂଆଦିଲ୍ଲୀ,୫।୨:** ବାଲେଶ୍ୱର ଜିଲା ବସ୍ତା ନିକଟ ୬୧ ନମ୍ବର ଲେଭଲକ୍ରସିଂ ଉପରେ ରେଲୱେ ଓଭରବ୍ରିଜ୍ ନିର୍ମାଣ ପାଇଁ ତୁରନ୍ତ ନିର୍ଦ୍ଦେଶ ଦେବାକୁ ରେଳମନ୍ତ୍ରୀ ପୀୟୂଷ ଗୋୟଲଙ୍କ ନିକଟରେ ଦାବି ଉଠାଇଛନ୍ତି ବିଜେଡି ଏମ୍‌ପି ରବୀନ୍ଦ୍ର କୁମାର ଜେନା। ମଙ୍ଗଳବାର ଲୋକ ସଭାର ଶୂନ୍ୟକାଳରେ ଏମ୍‌ପି ଜେନା କହିଥିଲେ ଯେ, ୬୧ ନମ୍ବର ଲେଭଲକ୍ରସିଂଟି ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାକୁ ସଂଯୋଗ କରୁଥିବା ରାସ୍ତାରେ ରହିଛି। ଉକ୍ତ ରାସ୍ତାଟି ସର୍ବଦା ଜନାକୀର୍ଣ୍ଣ ରହୁଥିବାରୁ ଉକ୍ତ ଲେଭଲକ୍ରସିଂ ଉପରେ ଓଭରବ୍ରିଜ୍ ନିର୍ମାଣ ଅତି ଜରୁରୀ। ୫ ବର୍ଷ ପୂର୍ବରୁ ସର୍ଭେ କାର୍ଯ୍ୟ ସରିଥିବାବେଳେ ଓଭରବ୍ରିଜ୍ ନିର୍ମାଣ ପାଇଁ ରେଲୱେ ମନ୍ତ୍ରଣାଳୟ ନିକଟରେ ବାରମ୍ବାର ଦାବି କରାଯାଇଥିବା ଏମ୍‌ପି ଜେନା କହିଛନ୍ତି।

# ୧୨ଶହ ଟଙ୍କା, ୧୫ କିଲୋ ଚାଉଳ ପାଇଁ ବୃଦ୍ଧ ଦମ୍ପତିଙ୍କୁ ହତ୍ୟା

## ୨୨ ଦିନ ପରେ କୂଅରୁ ମିଳିଲା ମୃତଦେହ, ୩ ଭାଇ ଗିରଫ

କେନ୍ଦୁଝର, ୫।୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ସଦର ଥାନା ଅନ୍ତର୍ଗତ ଖୁଣ୍ଟାକଟା ଗ୍ରାମରେ ମାତ୍ର ୧୨ଶହ ଟଙ୍କା ଓ ୧୫ କିଲୋ ଚାଉଳ ପାଇଁ ବୃଦ୍ଧ ଦମ୍ପତିଙ୍କୁ ହତ୍ୟାକରି ଏକ କୂଅରେ ଫିଙ୍ଗି ଦିଆଯାଇଥିଲା। ନିଖୋଜର ୨୨ ଦିନ ପରେ ମଙ୍ଗଳବାର ସେହି ଦମ୍ପତିଙ୍କ ଗଳିତ ମୃତଦେହ ଏକ କୂଅରୁ ପୋଲିସ ଉଦ୍ଧାର କରିଛି। ମୃତ ଦମ୍ପତି ହେଲେ ନିଲୁ ନାୟକ ଓ କସ୍ତୁରୀ ନାୟକ। ଏହି ଘଟଣାରେ ଫକୀର ସେଠୀ, ଅକ୍ଷୟ ସେଠୀ ଓ ଉମା ସେଠୀଙ୍କୁ ପୋଲିସ ଗିରଫ କରି ତଦନ୍ତ କରୁଛି। ଗିରଫ ଅଭିଯୁକ୍ତମାନେ ୩ ଭାଇ ବୋଲି ଜଣାପଡ଼ିଛି। ଜାନୁୟାରୀ ୧୩ ତାରିଖରେ ଅଭିଯୁକ୍ତମାନେ ଦମ୍ପତିଙ୍କୁ ଟାଙ୍ଗିଆରେ ହତ୍ୟା କରିବା ପରେ କୂଅରେ ଫିଙ୍ଗି ଦେଇଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି।

ମୃତ ଦମ୍ପତି ଏକ କ୍ରଶର ୟୁନିଟରେ ଜଗୁଆଳି ଭାବେ କାମ କରୁଥିଲେ। ହାଟରୁ ଫେରୁଥିବା ବେଳେ ଦମ୍ପତିଙ୍କଠାରୁ ଅଭିଯୁକ୍ତମାନେ ୧୨ ଶହ ଟଙ୍କା ଓ ୧୫ କିଲୋ ଚାଉଳ ଛଡାଇ ନେଇଥିଲେ। ସେମାନେ କାଳେ ଗ୍ରାମରେ ଏହି ଘଟଣା ଜଣାଇଦେବେ ସେହି ଭୟରେ ଦମ୍ପତିଙ୍କୁ ୩ ଭାଇ ମିଶି ହତ୍ୟା କରିଥିଲେ। ପ୍ରମାଣ ନଷ୍ଟ କରିବା ପାଇଁ ସେଠାରେ ଥିବା ଏକ କୂଅରେ ମୃତଦେହକୁ ଫିଙ୍ଗି ଦେଇଥିଲେ। ସେଦିନଠାରୁ ବୃଦ୍ଧ ଦମ୍ପତି ନିଖୋଜ ଥିଲେ। ସେମାନଙ୍କ ସମ୍ପର୍କୀୟ ଖୋଜାଖୋଜି କରି ସେମାନଙ୍କୁ ପାଇ ନ ଥିଲେ। ଏ ନେଇ ଥାନାରେ ଅଭିଯୋଗ ହୋଇଥିଲା।

# ୨ ମାମଲାରେ ମାଓବାଦୀ ନେତା ସବ୍ୟସାଚୀ କୋର୍ଟରେ ହାଜର

ରାୟଗଡା ଅଫିସ୍, ୫।୨

ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ଓ ପୋଲିସ-ମାଓବାଦୀ ଗୁଳି ବିନିମୟ ମାମଲାରେ ମଙ୍ଗଳବାର ରାୟଗଡା ସିଜେଏମ୍ ଅଦାଲତରେ ମାଓବାଦୀ ନେତା ସବ୍ୟସାଚୀ ପଣ୍ଡା ହାଜର ହୋଇଥିଲେ। କଡା ସୁରକ୍ଷା ବଳୟ ମଧ୍ୟରେ ସବ୍ୟସାଚୀଙ୍କୁ ବ୍ରହ୍ମପୁରରୁ ଅଣାଯାଇ ରାୟଗଡା ଅଦାଲତରେ ହାଜର କରାଯାଇଥିଲା। ସିଜେଏମ୍ ଜ୍ଞାନେନ୍ଦ୍ର କୁମାର ବାରିକଙ୍କ ନିକଟରେ ହାଜର ପରେ ତାଙ୍କୁ ପୁନର୍ବାର ବ୍ରହ୍ମପୁରକୁ ପଠାଇ ଦିଆଯାଇଛି। କୋର୍ଟରେ ମଙ୍ଗଳବାର ତାଙ୍କ ନାମରେ ଥିବା ଏହି ୨ ମାମଲାର ସାକ୍ଷ୍ୟ ଗ୍ରହଣ କରାଯିବାର ଥିଲା, କିନ୍ତୁ କେହି ସାକ୍ଷ୍ୟ ଦେବାକୁ ଅଦାଲତକୁ ଆସି ନ ଥିବାରୁ ସବ୍ୟସାଚୀ ହାଜର ହୋଇ ଚାଲିଯାଇଥିଲେ।



ସବ୍ୟସାଚୀଙ୍କୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ କୋର୍ଟ ପରିସରକୁ ନିଆଯାଉଛି।

ପ୍ରକାଶ ଯେ, ୨୦୦୨ରେ ଚାନ୍ଦିଲି ଥାନା ଅଧୀନ ଭୁଜବଳ ନିକଟସ୍ଥ ଏକ କଲଭର୍ଟ ପାଖରେ ଲ୍ୟାଣ୍ଡମାଇନ ବିସ୍ଫୋରଣ ହୋଇଥିଲା। ଏହି ଘଟଣାରେ ସବ୍ୟସାଚୀଙ୍କ ସମ୍ପୃକ୍ତି ଥିବାନେଇ ମାମଲା ରୁଜୁ ହୋଇଥିଲା। ଏହି ଘଟଣାରେ ୩୪ଜଣଙ୍କ ମଧ୍ୟରୁ ୧୧ଜଣଙ୍କ ସାକ୍ଷ୍ୟ ବୟାନ ରେକର୍ଡ ହୋଇଛି। ସେହିଭଳି ୨୦୦୨ରେ ଚାନ୍ଦିଲି ଥାନା ଅଧୀନ ଲିଙ୍ଗାଗୁଡା ଗାଁ ନିକଟରେ ପୋଲିସ ସହ ମାଓବାଦୀଙ୍କ ଗୁଳି ବିନିମୟ ହୋଇଥିଲା। ଉକ୍ତ ଗୁଳି ବିନିମୟ ଘଟଣାରେ ସବ୍ୟସାଚୀଙ୍କ ସମ୍ପୃକ୍ତି ଥିବା ନେଇ ମାମଲା ରୁଜୁ ହୋଇଥିଲା। ଏଥିରେ ୧୯ଜଣଙ୍କ ମଧ୍ୟରୁ ୭ଜଣ ସାକ୍ଷ୍ୟ ପ୍ରଦାନ କରିଥିବା ବେଳେ ଅନ୍ୟମାନେ କୋର୍ଟରେ ହାଜର ହୋଇନାହାନ୍ତି। ଏନେଇ ସରକାରୀ ଓକିଲ ଉମାଚରଣ ପଟ୍ଟନାୟକ ଗୃହ ବିଭାଗକୁ ଲିଖିତ ଭାବେ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଜଣାଇବେ ବୋଲି ସୂଚନା ଦେଇଛନ୍ତି। ମଙ୍ଗଳମୂର୍ତ୍ତି ବେଉରିଆ ସବ୍ୟସାଚୀଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିଲେ।

**ମାଲ୍ୟାଙ୍କ ସମ୍ପତ୍ତି ହସ୍ତାନ୍ତର**

## ବ୍ୟାଙ୍କଗୁଡ଼ିକ ସମ୍ମୁଖରେ ଇଡିର ସର୍ତ୍ତ

**ମୁମ୍ବାଇ, ୫।୨**

ପଳାତକ ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କ ଜବତ ସମ୍ପତ୍ତିକୁ ଋଣପ୍ରଦାନ କରିଥିବା ବ୍ୟାଙ୍କଗୁଡ଼ିକୁ ହସ୍ତାନ୍ତର କରିବା ଲାଗି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ରାଜି ଥିବା ମଙ୍ଗଳବାର ସ୍ଥାନୀୟ ଅଦାଲତରେ ପ୍ରକାଶ କରିଛି। ତେବେ ଏଥିପାଇଁ ଏହା ଏକ ସର୍ତ୍ତାରୋପ କରିଛି। ତେବେ ଅଦାଲତରେ ଏହି ସମ୍ପତ୍ତି ଦାଖଲ କରିବାକୁ କୁହାଗଲେ ବ୍ୟାଙ୍କଗୁଡ଼ିକ ତା'କୁ ସୁଧ ସହ ଅଦାଲତରେ ଜମା କରିବେ। ଏଥିପାଇଁ ସେମାନଙ୍କୁ ଲିଖିତ ପ୍ରତିଶ୍ରୁତି ଦେବାକୁ ପଡ଼ିବ ବୋଲି ଇଡି ସର୍ତ୍ତ ରଖିଛି। ସୂଚନାଥାଉ କି, ବ୍ୟାଙ୍କ ସମୂହଙ୍କ ପକ୍ଷରୁ ଆଗତ ଆବେଦନ ଉପରେ ଶୁଣାଣି ବେଳେ କେନ୍ଦ୍ରୀୟ ଯାଞ୍ଚ ଏଜେନ୍ସି ଉକ୍ତ ମତପ୍ରକାଶ କରିଛି। ଉଲ୍ଲେଖଥାଉ କି, ଭାରତୀୟ ଷ୍ଟେଟ ବ୍ୟାଙ୍କ ନେତୃତ୍ୱରେ ଗଠିତ ବ୍ୟାଙ୍କ ସମୂହ ପକ୍ଷରୁ ଏନ୍‌ସିଏଲ୍‌ଟିରେ ମାମଲା ଆଗତ କରାଯାଇ ମାଲ୍ୟାଙ୍କ ସମସ୍ତ ଜବତ ସମ୍ପତ୍ତି ସେମାନଙ୍କୁ ହସ୍ତାନ୍ତର କରାଯାଉ ବୋଲି ନିବେଦନ କରାଯାଇଥିଲା। ସମ୍ପତ୍ତି ହସ୍ତାନ୍ତର ଜନହିତରେ ହୋଇଥିବାରୁ ଏହା ଉପରେ ଅଦାଲତ ନିଷ୍ପତ୍ତି ନେବେ ବୋଲି ଇଡି ପକ୍ଷରୁ ସତ୍ୟପାଠ ଦାଖଲ କରି କୁହାଯାଇଛି।

## ଅଫିସରେ ଟଳିପଡ଼ିଲେ କର୍ମଚାରୀ

**ଭୁବନେଶ୍ୱର, ୫।୨ (ବ୍ୟୁରୋ)**

ଖାରବେଳନଗର ଥାନା ଅଞ୍ଚଳର ଏକ ଘରୋଇ ସଂସ୍ଥା କେକେ ଆସୋସିଏଟରେ କାର୍ଯ୍ୟ କରୁଥିବା ତ୍ରିଲୋଚନ ପଣ୍ଡା(୪୬)ଙ୍କର କାର୍ଯ୍ୟାଳୟରେ ମୃତ୍ୟୁ ହୋଇଛି। ତାଙ୍କ ଘର ଜଗତ୍‌ସିଂପୁର ଜିଲା ବିରିଡି ଥାନା ଅଞ୍ଚଳରେ। ମଙ୍ଗଳବାର ଅପରାହ୍ନ ଦୁଇଟା ବେଳେ ସେ ହଠାତ ଅଚେତ ହୋଇ ତଳେ ପଡ଼ିଯାଇଥିଲେ। ଅଫିସ କର୍ମଚାରୀ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା ଡାକ୍ତର ସନ୍ଦେହ କରୁଛନ୍ତି।

# ୮ ବର୍ଷରେ ୧୧ ନାବାଳିକା ଛାତ୍ରୀ ଗର୍ଭବତୀ

ଭୁବନେଶ୍ୱର,୫।୨(ବ୍ୟୁରୋ)

ଗତ ୮ ବର୍ଷରେ ରାଜ୍ୟ ସରକାରଙ୍କ ଏସସି/ଏସଟି ଉନ୍ନୟନ ବିଭାଗ ପରିଚାଳିତ ଛାତ୍ରୀ ନିବାସରେ ୧୧ ଜଣ ନାବାଳିକା ଛାତ୍ରୀ ଗର୍ଭବତୀ ହୋଇଛନ୍ତି। ବିଭାଗୀୟ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି ଭାଜପା ସଭ୍ୟ ରବି ନାରାୟଣ ନାଏକଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମଙ୍ଗଳବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ଗତ ୮ ବର୍ଷ ଭିତରେ ଛାତ୍ରୀ ନିବାସଗୁଡିକରେ ନାବାଳିକାମାନଙ୍କୁ ଯୌନ ନିର୍ଯାତନା ଦେବାଠାରୁ ଗର୍ଭବତୀ ଓ ପିଲା ଜନ୍ମ ହେବା ଭଳି ଅନେକ ରିପୋର୍ଟ ହସ୍ତଗତ ହୋଇଛି। ଏହି ସମୟ ମଧ୍ୟରେ ୩ ଜଣ ନାବାଳିକା ସ୍କୁଲ ଓ ଛାତ୍ରୀ ନିବାସରେ ପିଲା ଜନ୍ମ କରିବା ରିପୋର୍ଟ ମିଳିଛି। ସୁନ୍ଦରଗଡ, କୋରାପୁଟ ଏବଂ କନ୍ଧମାଳ ଜିଲାରେ ଏହି ଘଟଣା ହୋଇଛି। ଏହାଛଡା ୨୦୧୦ରୁ ୨୦୧୮ ମଧ୍ୟରେ ଛାତ୍ରୀ ନିବାସରେ ୩୫ ଜଣଙ୍କୁ ଯୌନ ନିର୍ଯାତନା ଦିଆଯାଇଥିବା ଘଟଣା ପଦାକୁ ଆସିଛି। ଛାତ୍ରୀ ନିବାସରେ ରହୁଥିବା ନାବାଳିକା ଛାତ୍ରୀମାନଙ୍କର ସ୍ୱାସ୍ଥ୍ୟର ମଧ୍ୟ ଯତ୍ନ ନିଆଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।

# ବଧୂ ହତ୍ୟା ମାମଲା, ଦୋଷୀ ଶାଶୁଙ୍କୁ ୫ବର୍ଷ ଜେଲ୍

**ବାଲେଶ୍ୱର ଅଫିସ, ୫।୨**

ଏକ ବଧୂହତ୍ୟା ମାମଲାର ବିଚାର କରି ମଙ୍ଗଳବାର ବାଲେଶ୍ୱର ଦ୍ୱିତୀୟ ଦୌରାଜଜ୍ ଦେବାଶିଷ ରାଉତ ଅଭିଯୁକ୍ତ ଶାଶୁଙ୍କୁ ଦୋଷୀଙ୍କୁ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତଙ୍କୁ ୫ବର୍ଷ ସଶ୍ରମ କାରାଦଣ୍ଡ ସହ ୬ ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦେୟ ଆଉ ୬ ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ଜଜ୍ ୧୦ଜଣ ସାକ୍ଷୀ, ମୃତ୍ୟୁକାଳୀନ ଜବାନବନ୍ଦୀ ଏବଂ ୭ଟି ଦସ୍ତାବିଜ୍‌କୁ ଆଧାର କରି ଏହି ରାୟ ଦେଇଛନ୍ତି।

ନୀଳଗିରି ଥାନା ବାଘମରା ଗ୍ରାମର ଦମୟନ୍ତୀ ସିଂ (୨୫) ଉକ୍ତ ଗ୍ରାମର ବାବୁରାମ ସିଂଙ୍କୁ ପ୍ରେମ ବିବାହ କରିଥିଲେ। ଯୌତୁକ ଦାବି କରି ଶାଶୁ କଟି ସିଂ ବୋହୂ ଦମୟନ୍ତୀଙ୍କୁ ମାରପିଟ୍ କରିବା ସହ ଗାଳିଗୁଲଜ କରି ବାରମ୍ବାର ମାନସିକ ଯନ୍ତ୍ରଣା ଦେଇ ଆସୁଥିଲେ। ଗତ ୨୦୧୫ ଅଗଷ୍ଟ ୩୦ ତାରିଖରେ ଶାଶୁ କଟି ବୋହୂ ଦମୟନ୍ତୀଙ୍କୁ ବାହାରେ କାମ କରି ଟଙ୍କା ଆଣିବା ପାଇଁ ବାଧ କରିଥିଲେ। ଦମୟନ୍ତୀ ଏହାକୁ ଅମାନ୍ୟ କରିବାରୁ ଉକ୍ତ ସନ୍ଧ୍ୟାରେ ଶାଶୁବୋହୂଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଶାଶୁ କଟି ଏଥିରେ ଉତ୍‌କ୍ଷିପ୍ତ ହୋଇ କିରୋସିନ ଢ଼ାଳି ନିଆଁ ଲଗାଇ ଦମୟନ୍ତୀଙ୍କୁ ପୋଡ଼ି ହତ୍ୟା କରିବାକୁ ଉଦ୍ୟମ କରିଥିଲେ। ପଡ଼ୋଶୀ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ପ୍ରଥମେ ନୀଳଗିରି ମେଡ଼ିକାଲକୁ ଆଣିଥିଲେ। ପରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। କଟକରେ ଚିକିତ୍ସାଧୀନ ଥିବାବେଳେ ଗତ ୨୦୧୫ ସେପ୍ଟେମ୍ବର ୪ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ନୀଳଗିରି ଥାନାରେ ଏକ ମାମଲା (ନଂ.୨୬୩/୧୫) ରୁଜୁ ହୋଇଥିବା ବେଳେ ପୋଲିସ ୪୯୮(କ) ଏବଂ ୩୦୬ ଦଫାରେ କୋର୍ଟରେ ଚାର୍ଜଶିଟ୍ ଦାଖଲ କରିଥିଲା। ବିଚାରପତି ଉକ୍ତ ମାମଲାର ବିଚାର କରି ଭାରତୀୟ ଦଣ୍ଡବିଧି ଆଇନ୍‌ର ୪୯୮(କ) ଏବଂ ୩୦୬ ଦଫା ଅନୁଯାୟୀ ଉପରୋକ୍ତ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଆଇନଜୀବୀ ଦୀପକ କୁମାର ଦାଶ ମାମଲା ପରିଚାଳନା କରୁଥିଲେ।

ଓଡ଼ିଶା ସରକାର

ODISHA ONE
ଓଡ଼ିଶା ଆମ ଗୌରବ

ବ୍ରହ୍ମଗିରି (ପୁରୀ ସଦର) ବିକାଶ ପ୍ରକ୍ରିୟାରେ ଆଉ ଏକ ବଳିଷ୍ଠ ଯୋଗଦାନ।

ବାସୁଦେଇପୁରଠାରେ ଲୋକାର୍ପିତ ହେବ ବହୁଦିନର ଆକାଂକ୍ଷିତ ୩୩/୧୧ କେ.ଭି ଗ୍ରୀଡ୍ ସବ୍‌ଷ୍ଟେସନ୍
ମାନ୍ୟବର ମନ୍ତ୍ରୀ ଶକ୍ତି, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା **ଶ୍ରୀଯୁକ୍ତ ସୁଶାନ୍ତ ସିଂହଙ୍କ** କରକମଳରେ
୬.୨.୨୦୧୯ ତାରିଖରେ

ମୁଖ୍ୟ ଅତିଥି
**ଶ୍ରୀଯୁକ୍ତ ସଂଜୟ କୁମାର ଦାସବର୍ମା**
ମାନ୍ୟବର ବିଧାୟକ, ବ୍ରହ୍ମଗିରି ତଥା
ଅଧ୍ୟକ୍ଷ, ପ୍ରାକଳନ କମିଟି, ଓଡ଼ିଶା ବିଧାନସଭା

ଅନ୍ୟାନ୍ୟ ପ୍ରକଳ୍ପ

| | | |
|---|---|---|
| ପ୍ରତାପପୁରୁଷୋତ୍ତମପୁର | ପ୍ରତାପପୁରୁଷୋତ୍ତମପୁର | ବାସୁଦେଇପୁର |
| ଆର୍. ଆଇ. ଅଫିସ୍ | ଏ.ଏନ୍.ଏମ୍ ସବ୍‌ସେଣ୍ଟର | ଏ.ଏନ୍.ଏମ୍. ସେଣ୍ଟର |
| ଶୁଭ ଉଦ୍‌ଘାଟନ | ଶୁଭ ଉଦ୍‌ଘାଟନ | ଶୁଭ ଉଦ୍‌ଘାଟନ |

ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେବାକୁ ଜନସାଧାରଣଙ୍କୁ ଅନୁରୋଧ।







DSPL-391
04001/13/0013/1819



"ପୋଲିସ କମିଶନରଙ୍କ ସହ ଜଣେ ମୁଖ୍ୟମନ୍ତ୍ରୀ ଧାରଣାରେ ବସିବା ଭାରତର ଗଣତନ୍ତ୍ର ପ୍ରତି ଦୁର୍ଭାଗ୍ୟଜନକ। ମମତା ବାନାର୍ଜୀ ଜଣେ ସୁପର ଡ୍ରାମା ମାଷ୍ଟର।
-ଗିରିରାଜ ସିଂ, କେନ୍ଦ୍ରମନ୍ତ୍ରୀ

# ମହତ୍ତ୍ୱାକାଂକ୍ଷାରେ ଡେଣା

**କୋଲକାତା,୫।୨**

ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ସବୁ ଦଳ ପକ୍ଷରୁ ପ୍ରସ୍ତୁତି ଚାଲିଥିବାବେଳେ କେନ୍ଦ୍ରୀୟ ରାଜନୀତିରେ ପ୍ରମୁଖ ଭୂମିକା ନେବାର ମହତ୍ତ୍ୱାକାଂକ୍ଷା ରଖିଥିବା ତୃଣମୂଳ କଂଗ୍ରେସ ନେତ୍ରୀ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କେନ୍ଦ୍ରିୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ବାହାନା କରି କେନ୍ଦ୍ର ବିରୋଧରେ ରଣହୁଙ୍କାର ଦେଇଛନ୍ତି। ତାଙ୍କ ସରକାରଙ୍କୁ ସିବିଆଇ ମାଧ୍ୟମରେ ଟାର୍ଗେଟ କରାଯାଉଥିବା ଅଭିଯୋଗରେ ମମତା କୋଲକାତାର ମେଟ୍ରୋ ଚ୍ୟାନେଲ ଆଗରେ ଧାରଣା ଦେବା ପରେ ବିରୋଧୀ ଦଳଗୁଡିକ ପକ୍ଷରୁ ତାଙ୍କ ଉପରେ ସମର୍ଥନ ଅଜାଡି ହୋଇପଡିଥିଲା। ଫଳରେ ଦିଦିଙ୍କ ମହତ୍ତ୍ୱାକାଂକ୍ଷାରେ ଡେଣା ଲାଗିଥିବା କୁହାଯାଉଛି।

ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାରେ ସିବିଆଇ କୋଲକାତାରେ ପହଞ୍ଚି ପୋଲିସ କମିଶନର ରାଜୀବ କୁମାରଙ୍କ କବାଟ ବାଡେଇବା ପରେ ମମତା କେନ୍ଦ୍ର ବିରୋଧରେ ଆକ୍ରମଣାତ୍ମକ ଆଭିମୁଖ୍ୟ ଗ୍ରହଣ କରିଛନ୍ତି। କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ସରକାର ବିରୋଧୀ ରାଜନୈତିକ ଦଳଗୁଡିକୁ ଟାର୍ଗେଟ କରିବା ଲାଗି ସିବିଆଇ ର ଦୁରୁପଯୋଗ କରୁଥିବା ଅଭିଯୋଗରେ ମମତା ରବିବାର ସଂଧ୍ୟାରୁ କୋଲକାତା ମେଟ୍ରୋ ଚ୍ୟାନେଲ ଆଗରେ ଧାରଣାରେ ବସିଥିଲେ। ସୁପ୍ରିମକୋର୍ଟଙ୍କ ରାୟ ଆସିବା ପରେ ଗଣତନ୍ତ୍ରର ବିଜୟ ହୋଇଛି କହି ଯଦିଓ ସେ ଧାରଣାରୁ ଓହରିଯାଇଛନ୍ତି ତେବେ ଆସନ୍ତା ୧୩ ଓ ୧୪ରେ ଦିଲ୍ଲୀରେ ଧାରଣା ଦେବେ ବୋଲି ସୂଚନା ଦେଇଛନ୍ତି।ଆସନ୍ତା ସପ୍ତାହରେ ସେ ବିରୋଧୀ ଦଳଗୁଡିକର ବୈଠକ ଡାକିଛନ୍ତି।




ସୂଚନା ଥାଉକି ମେଟ୍ରୋ ଚ୍ୟାନେଲ ମମତାଙ୍କୁ ରାଜ୍ୟରେ ଉଦୀୟମାନ ନେତ୍ରୀ ଭାବେ ପ୍ରତିଷ୍ଠିତ କରାଇବାରେ ସହାୟକ ହୋଇଥିଲା। ସିଙ୍ଗୁର ଜମି ବିବାଦକୁ ନେଇ ମମତା ମେଟ୍ରୋ ଚ୍ୟାନେଲ ସମ୍ମୁଖରେ ୨୬ ଦିନ ଏବଂ ସିଙ୍ଗୁରରେ ୧୪ ଦିନ ଧାରଣାରେ ବସିଥିଲେ। ତାଙ୍କ ଅନଶନ ଫଳରେ ଟାଟା କମ୍ପାନୀ ସିଙ୍ଗୁର ଛାଡି ଚାଲିଯିବାକୁ ବାଧ ହୋଇଥିଲା। ଏହା ପରବର୍ତ୍ତୀ ନିର୍ବାଚନରେ ମମତାଙ୍କ ଦଳ ଦୀର୍ଘ ୩୪ ବର୍ଷର ବାମପନ୍ଥୀ ଶାସନର ଅବସାନ ଘଟାଇ ପଶ୍ଚିମବଙ୍ଗରେ କ୍ଷମତାକୁ ଆସିଥିଲା। ଏବେ ସେ ପୁଣିଥରେ ମେଟ୍ରୋ ଚ୍ୟାନେଲ ଆଗରେ ଧାରଣା ଦେଇ ନିଜକୁ ଜାତୀୟ ରାଜନୀତିରେ ପ୍ରତିଷ୍ଠିତ କରିବା ଲାଗି ଉଦ୍ୟମ କରୁଥିବା ରାଜନୈତିକ ବିଶେଷଜ୍ଞମାନେ କହୁଛନ୍ତି। ଗତ ମାସ ୧୯ ତାରିଖରେ ମମତା କୋଲକାତାରେ ବିରୋଧୀ ଦଳଗୁଡିକର ମେଳି କରିଥିଲେ। କେନ୍ଦ୍ରରେ ଭାଜପାକୁ କ୍ଷମତାଚ୍ୟୁତ କରିବାକୁ ବିରୋଧୀ ଦଳଗୁଡିକ

- ବହୁ ବିରୋଧୀଙ୍କ ସମର୍ଥନ
- ୧୩ ଓ ୧୪ରେ ଦିଲ୍ଲୀରେ ଧାରଣା
- ବିରୋଧୀ ମେଣ୍ଟର ମୁଖ୍ୟ ସ୍ତମ୍ଭ ମମତା: ଚନ୍ଦ୍ରାବାବୁ
- ମୋଦି ମିଛ କାରଖାନାର ନିର୍ମାତା: ତେଜସ୍ୱୀ

ଚାହୁଁଥିବାରୁ ସେମାନେ ମମତାଙ୍କର ଧାରଣାକୁ ସମର୍ଥନ ଜଣାଇଛନ୍ତି। ଧାରଣା ସ୍ଥଳରେ ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ତଥା ତେଲୁଗୁଦେଶମ୍ ପାର୍ଟି ଅଧ୍ୟକ୍ଷ ଏନ୍.ଚନ୍ଦ୍ରାବାବୁ ନାଇଡୁ, ଆର୍‌ଜେଡି ନେତା ତେଜସ୍ୱୀ ଯାଦବ ଏବଂ ଡିଏମ୍‌କେ ନେତ୍ରୀ କାନିମୋଝି ପହଞ୍ଚି ମମତାଙ୍କୁ ସମର୍ଥନ ଜଣାଇଥିଲେ। ବିରୋଧୀ ଦଳଗୁଡିକୁ ସାଙ୍ଗରେ ନେଇ ମମତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚାଲେଞ୍ଜ୍ ଦେବା ସହ ଜାତୀୟ ରାଜନୀତିରେ ନିଜର ଉଚ୍ଚତା ବଢ଼ାଇବାକୁ ଉଦ୍ୟମ କରୁଥିବା ଚର୍ଚ୍ଚା ହେଉଛି। ଚନ୍ଦ୍ରାବାବୁ ଧାରଣାସ୍ଥଳରେ ପହଞ୍ଚି ମମତାଙ୍କୁ ସମର୍ଥନ କରିବା ସହ ତାଙ୍କୁ ସଂଘୀୟ ସାମ୍ମୁଖ୍ୟର ବିନ୍ଧାଣି ଏବଂ ବିରୋଧୀ ମେଣ୍ଟର ମୁଖ୍ୟ ସ୍ତମ୍ଭ ବୋଲି ଅଭିହିତ କରିଛନ୍ତି। ଆଗାମୀ ନିର୍ବାଚନରେ ତୃଣମୂଳ କଂଗ୍ରେସ ପଶ୍ଚିମବଙ୍ଗର ସମସ୍ତ ୪୨ଟି ଲୋକ ସଭା ଆସନରେ ଜିତିବ ବୋଲି ନାଇଡୁ କହିଛନ୍ତି। କେନ୍ଦ୍ର ସରକାର ସିବିଆଇକୁ ଯେଭଳି ଢଙ୍ଗରେ ବ୍ୟବହାର କରୁଛନ୍ତି ଏହା ଜରୁରୀକାଳୀନ ପରିସ୍ଥିତି ଭଳି ଅବସ୍ଥା ସୃଷ୍ଟି କରିଛି ଏବଂ ଗଣତନ୍ତ୍ର ପ୍ରତି ବିପଦ ଦେଖାଦେଇଛି ବୋଲି ନାଇଡୁ କହିଛନ୍ତି। ଭାଜପା ମିଛର ଏକ କାରଖାନା ଏବଂ ମୋଦିଜୀ ଏହାର ନିର୍ମାତା ବୋଲି ତେଜସ୍ୱୀ କହିବା ସହ ରାଷ୍ଟ୍ରକୁ ବଞ୍ଚାଇବାକୁ ହେଲେ ଭାଜପା ଏବଂ ମୋଦିଙ୍କୁ ବିତାଡିତ କରିବା ଲାଗି ଆହ୍ୱାନ ଦେଇଛନ୍ତି। ସେହିପରି ସାମ୍ବିଧାନିକ ମୂଲ୍ୟବୋଧର ସୁରକ୍ଷା ଏବଂ ସଂରକ୍ଷଣ ଲାଗି ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ଆହ୍ୱାନ ଦେଇଛନ୍ତି।

## ସଂକ୍ଷେପରେ

### ଆମେରିକାରେ ଅଟକ ୧୧୭ ଛାତ୍ରଙ୍କୁ ଆଇନଗତ ସହାୟତା

**ନୂଆଦିଲ୍ଲୀ,୫।୨:** ଆମେରିକାରେ ଇମିଗ୍ରେଶନ୍ ଆଇନ ଉଲ୍ଲଂଘନ ଅଭିଯୋଗରେ ଗିରଫ ୧୨୯ ଭାରତୀୟ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୧୭ ଜଣଙ୍କୁ ଉଚ୍ଚାୟୁକ୍ତଙ୍କ ମାଧମରେ ଆଇନଗତ ସହାୟତା ଯୋଗାଇ ଦିଆଯାଇଥିବା ମଙ୍ଗଳବାର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏହା କୁହାଯାଇଛି। ବେଆଇନ ଭାବେ ଆମେରିକାରେ ରହିବା ଲାଗି ଏକ ଜାଲ୍ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇଥିବା ୧୨୯ ଜଣ ଭାରତୀୟ ଛାତ୍ରୀଛାତ୍ରଙ୍କୁ ଗିରଫ କରାଯାଇଥିଲା। ଉକ୍ତ ଛାତ୍ରମାନଙ୍କୁ ଉଚ୍ଚାୟୁକ୍ତଙ୍କ ମାଧମରେ ଆଇନଗତ ସହାୟତା ଯୋଗାଇଦେବା ଲାଗି ନୂଆଦିଲ୍ଲୀ ଆମେରିକା ଦୂତାବାସକୁ ପତ୍ର ଲେଖିଥିଲା।

### ତାଲିବାନ ଆକ୍ରମଣରେ ୨୧ ନିହତ

**କାବୁଲ,୫।୨:** ଆଫଗାନିସ୍ତାନରେ ସୁରକ୍ଷା ଯବାନଙ୍କୁ ଆତଙ୍କବାଦୀମାନେ ପୁଣି ଟାର୍ଗେଟ୍ କରିଛନ୍ତି। ଉତ୍ତରାଞ୍ଚଳ ବାଗ୍‌ଲାନ୍ ପ୍ରଦେଶ ମାର୍କାଜୀ ଜିଲା ପୋଲିସ ଚେକ୍‌ପୋଷ୍ଟ ଉପରେ ସୋମବାର ରାତିରେ ଆତଙ୍କବାଦୀ ସଙ୍ଗଠନ ତାଲିବାନ ପକ୍ଷରୁ ଆକ୍ରମଣ ହୋଇଛି। ସେଠାରେ ୨ ଘଣ୍ଟା ଧରି ହୋଇଥିବା ଫାଏରିଂରେ ୧୦ ପୋଲିସଙ୍କ ସମେତ ୨୧ଜଣ ପ୍ରାଣ ହରାଇଛନ୍ତି। ୫ ପୋଲିସ ଗୁରୁତର ଆହତ ହୋଇଛନ୍ତି। ତାଲିବାନମାନେ ଉକ୍ତ ଚେକ୍‌ପୋଷ୍ଟରୁ ଅସ୍ତ୍ରଶସ୍ତ୍ର ଲୁଟି ନେଇଛନ୍ତି। ଏହା ପୂର୍ବରୁ ଆତଙ୍କବାଦୀମାନେ ଉତ୍ତରାଞ୍ଚଳ ସାମନଗନ ପ୍ରଦେଶର ଏକ ଗାଁରେ ହିଂସା ଘଟାଇଥିଲେ। ଜଣେ ମହିଳାଙ୍କ ସମେତ ୧୦ଜଣଙ୍କୁ ହତ୍ୟା କରିଥିଲେ।

### ପ୍ୟାରିସ୍ ଆପାର୍ଟମେଣ୍ଟରେ ଅଗ୍ନିକାଣ୍ଡ : ୧୦ ଜୀବନ୍ତ ଦଗ୍ଧ



**ପ୍ୟାରିସ୍,୫।୨:** ପ୍ୟାରିସସ୍ଥିତ ଏକ ଆପାର୍ଟମେଣ୍ଟର ୮ ତାଲା କୋଠାରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟି ୧୦ ମୃତ ହୋଇଛନ୍ତି। ୩୦ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଛି। ଉକ୍ତ କୋଠାରେ ନିଆଁ ଲଗାଇ ଦିଆଯାଇଥିବା ପୋଲିସ ସନ୍ଦେହ କରିଛି। ଏ ନେଇ ଉକ୍ତ କୋଠାରେ ରହୁଥିବା ଜଣେ ସନ୍ଦିଗ୍ଧଙ୍କୁ ଗିରଫ କରାଯାଇଛି। ଅଗ୍ନିଶମ ବିଭାଗ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ନିଆଁ ବଳୟରେ ଫସି ରହିଥିବା କୋଠାର ଉପର ମହଲାରୁ ଲୋକଙ୍କୁ ସୁରକ୍ଷିତ ବାହାରକୁ ଅଣାଯାଇଛି। ପାଖାପାଖି ୨ଶହ ଅଗ୍ନିଶମ କର୍ମଚାରୀଙ୍କ ୫ ଘଣ୍ଟା ଧରି ଆପ୍ରାଣ ଉଦ୍ୟମ ପରେ ନିଆଁକୁ ଆୟତ୍ତ କରାଯାଇଛି।

### ଟିଆର୍‌ଏସ୍‌କୁ ଟକ୍କର ଦେବ ମେଣ୍ଟ

**ହାଇଦ୍ରାବାଦ,୫।୨(ପି.ଟି.):** ଆଗାମୀ ଲୋକ ସଭା ନିର୍ବାଚନରେ ତେଲେଙ୍ଗାନାରେ ଶାସକ ଟିଆର୍‌ଏସ୍ ତେଲେଙ୍ଗାନା ରାଷ୍ଟ୍ର ସମିତି)କୁ ଟକ୍କର ଦେବା ଲାଗି କଂଗ୍ରେସ, ଟିଡିପି, ସିପିଆଇ ଏବଂ ଟିଜେଏସ୍ ଏକାଠି ଲଢ଼ିବାକୁ ଯୋଜନା ଚଳାଇଥିବା ଜଣାପଡିଛି। ଏହି ୪ ଦଳ ମିଶି ଗତ ଡିସେମ୍ବର ୭ ତାରିଖ ବିଧାନସଭା ନିର୍ବାଚନ ଲାଗି ମେଣ୍ଟ ଗଢ଼ିଥିଲେ। ଆଗାମୀ ନିର୍ବାଚନରେ ମଧ ମେଣ୍ଟ ବଜାୟ ରହିବ ବୋଲି ଏହାର ଆବାହକ ତଥା ତେଲେଙ୍ଗାନା ଜନ ସମିତି (ଟିଜେଏସ୍) ଅଧ୍ୟକ୍ଷ ପ୍ରଫେସର ଏମ୍. କୋଦଣ୍ଡରାମ କହିଛନ୍ତି। ୪ ଦଳର ନେତାମାନେ ଖୁବଶୀଘ୍ର ଏକାଠି ହେବେ ବୋଲି ସେ କହିଛନ୍ତି।

## ଇତିହାସର ଆଇନାରେ

### ଫେବୃୟାରୀ ୬ର ପ୍ରମୁଖ ଘଟଣା

୧୭୮୮ ଫେବୃୟାରୀ ୬ରେ ମାସାଚୁସେଟ୍ସ ଆମେରିକାର ଷଷ୍ଠ ରାଜ୍ୟର ମାନ୍ୟତା ପାଇଲା। ଏହା ଆମେରିକାର ଉତ୍ତରପୂର୍ବଭାଗର ସବୁଠୁ ଜନବହୁଳ ରାଜ୍ୟ ଯାହାର ପୂର୍ବରେ ଆଟଲାଣ୍ଟିକ୍ ମହାସାଗର, ଦକ୍ଷିଣରେ କନେକ୍ଟିକଟ୍ ରାଜ୍ୟ ଓ ରୋଡ୍ ଆଇଲାଣ୍ଡ, ଉତ୍ତରରେ ନ୍ୟୁ ହାମ୍ପ୍‌ଶାୟର ଏବଂ ପଶ୍ଚିମରେ ନ୍ୟୁୟର୍କ ରହିଛି।

୨୦୧୬ ଫେବୃୟାରୀ ୬ରେ ଦକ୍ଷିଣ ତାଇୱାନ୍‌ରେ ଭୂକମ୍ପ ଯୋଗୁ ୧୧୭ ଲୋକଙ୍କ ପ୍ରାଣହାନି ଘଟିଥିଲା। ଭୂମିକମ୍ପର ତୀବ୍ରତା ଥିଲା ରିକ୍ଟର ସ୍କେଲ୍‌ରେ ୬.୬। ୟଙ୍ଗ୍‌କାଙ୍ଗ୍ ଜିଲାର ୱେଗୁଆନ୍ ଜିନ୍‌ଲଙ୍ଗ ନାମକ ଏକ ଅଟ୍ଟାଳିକା ଭାଙ୍ଗିପଡ଼ିବା ଯୋଗୁ ଅଧିକାଂଶ ଲୋକଙ୍କ ମୃତ୍ୟୁ ଘଟିଥିଲା।

## ■ ପୁରୁଲିଆରେ ଗର୍ଜିଲେ ଯୋଗୀ
# ମମତାଙ୍କ ଅରାଜକତା ଚଳିବନି

**ପୁରୁଲିଆ (ପଶ୍ଚିମବଙ୍ଗ),୫।୨**

ପଶ୍ଚିମବଙ୍ଗରେ ଦୁର୍ନୀତି ଚରମସ୍ତରରେ ପହଞ୍ଚିଛି। ରାଜ୍ୟରେ ଗରିବ ଜନସାଧାରଣ ଶୋଷିତ ହୋଇଚାଲିଛନ୍ତି। ଅଥଚ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ସୁରକ୍ଷା ଯୋଗାଇ ଦେବାରେ ବ୍ୟସ୍ତ। ସାରଦା ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାରେ କୋଲକାତା ପୋଲିସ କମିଶନର ରାଜୀବ କୁମାରଙ୍କୁ ସିବିଆଇ କାର୍ଯ୍ୟାନୁଷ୍ଠାନରୁ ବଞ୍ଚାଇବାକୁ ଯାଇ ମମତା 'ସମ୍ବିଧାନ ବଞ୍ଚାଅ' ଆଳରେ ଧାରଣାରେ ବସିବା ଦୁର୍ଭାଗ୍ୟଜନକ। ଜଣେ କ୍ଷମତାଲୋଭୀ ଅହଙ୍କାରୀ ଶାସକଙ୍କ ଏଭଳି କାର୍ଯ୍ୟକଳାପ ଗଣତନ୍ତ୍ର ପ୍ରତି ବିପଦ। କେନ୍ଦ୍ରରେ ମୋଦି ସରକାରଙ୍କୁ ଘେରିବା ପାଇଁ ବିରୋଧୀ ଦଳମାନଙ୍କ ସହ ମେଳି କରିଥିବା ମମତାଙ୍କ ଏତାଦୃଶ ଅରାଜକତା ଆଉ ଚଳିବନି। ଏଣିକି ଏହାର ଦୃଢ଼ ଜବାବ ଦିଆଯିବ ବୋଲି ମଙ୍ଗଳବାର ପୁରୁଲିଆରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଜନସଭାରେ ମମତାଙ୍କ ଉପରେ ବର୍ଷିଛନ୍ତି। ଦୁର୍ନୀତିଗ୍ରସ୍ତ



ପୋଲିସ ଅଧିକାରୀଙ୍କୁ ଆଇନଗତ କାର୍ଯ୍ୟାନୁଷ୍ଠାନରୁ ରକ୍ଷାକରିବାକୁ ଯାଇ ମମତା ଅସାମ୍ବିଧାନିକ ଉପାୟ ଅବଲମ୍ବନ କରିଛନ୍ତି। ତାଙ୍କର ଏହି ଅଗଣତାନ୍ତ୍ରିକ ଆଭିମୁଖ୍ୟ ଆଜି ଗୁରୁଦେବ ରବୀନ୍ଦ୍ରନାଥ ଟାଗୋରଙ୍କ କର୍ମଭୂମି ବଙ୍ଗଳା ମାଟିର ଗୌରବକୁ ଶକ୍ତ ଆଘାତ ଦେଇଛି। ରାଜ୍ୟବାସୀଙ୍କୁ କେନ୍ଦ୍ର ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାରୁ ବଞ୍ଚିତ କରିଚାଲିଥିବା ଏଭଳି ଏକ ନୀତିଭ୍ରଷ୍ଟ ସରକାର ଏଠାରେ ତାଙ୍କୁ ରାଲିରୁ ରୋକିବାକୁ ଚକ୍ରାନ୍ତ କରିଥିଲା। ତାଙ୍କ ହେଲିକପ୍ଟର ଅବତରଣକୁ ଅନୁମତି ଦେଇ ନ ଥିଲା। ତାଙ୍କୁ ବାଧହୋଇ ଝାଡ଼ଖଣ୍ଡର ବୋକାରୋ ଯାତ୍ରା କରିବାକୁ ପଡ଼ିଥିଲା। ସେଠାରୁ ସଡ଼କପଥ ଦେଇ ସେ ପୁରୁଲିଆ ଆସି ଜନସଭାରେ ଯୋଗ ଦେଇଥିଲେ।

# ଅନଶନ ଭାଙ୍ଗିଲେ ଆନ୍ନା

**ଅହମ୍ମଦନଗର/ମୁମ୍ବାଇ,୫।୨**

ଦୁର୍ନୀତି ଉପରେ ଅଙ୍କୁଶ ଲଗାଇବା ପାଇଁ କେନ୍ଦ୍ରରେ ଲୋକପାଳ ଓ ରାଜ୍ୟରେ ଲୋକାୟୁକ୍ତ ନିଯୁକ୍ତି ଦାବିରେ ଜାନୁୟାରୀ ୩୦ ତାରିଖରୁ ନିଜ ଭିଟାମାଟି ଗାଁ ରାଲେଗାଁ ସିଦ୍ଧିଠାରେ ଅନଶନରେ ବସିଥିବା ସାମାଜିକ କର୍ମୀ ଆନ୍ନା ହାଜାରେଙ୍କ ଦାବି ସରକାର ଶୁଣିଛନ୍ତି। ଲୋକପାଳ ନିଯୁକ୍ତି ନେଇ ଫେବୃୟାରୀ ୧୩ରେ ଲୋକପାଳ ଚୟନ କମିଟିର ବୈଠକ କରାଯାଇ ଏକ ଡ୍ରାଫ୍ଟିଂ କମିଟି ଗଠନ କରାଯିବାକୁ ପ୍ରସ୍ତାବ ହୋଇଥିବା ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ



ଦେବେନ୍ଦ୍ର ଫଡ଼ନବିସ୍ ଜଣାଇବା ପରେ ହାଜାରେ ଅନଶନ ଭଙ୍ଗ କରିଛନ୍ତି। ଫଡ଼ନବିସ୍‌ଙ୍କ ସମେତ କେନ୍ଦ୍ର ମନ୍ତ୍ରୀ ରାଧାମୋହନ ସିଂ, ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ସୁବାସ ଭାମରେ ଅନଶନସ୍ଥଳ ଗସ୍ତ କରି ଆନ୍ନା ହାଜାରେଙ୍କୁ ଭେଟିଥିଲେ।

# କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

**ନୂଆଦିଲ୍ଲୀ,୫।୨**

**ଏନ୍‌ଆରସିରେ ବିଳମ୍ବ**



ଆସାମ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆରସି) ପ୍ରକ୍ରିୟାରେ ବିଳମ୍ବକୁ ନେଇ ସୁପ୍ରିମକୋର୍ଟ ମଙ୍ଗଳବାର କେନ୍ଦ୍ର ସରକାରଙ୍କୁ ଭର୍ତ୍ସନା କରିଛନ୍ତି। କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ ନିର୍ବାଚନ ଡ୍ୟୁଟିରେ ରହିବାକୁ ଥିବାରୁ ଏନଆରସି କାର୍ଯ୍ୟକୁ ଦୁଇ ସପ୍ତାହ ବନ୍ଦ ରଖିବା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସର୍ବୋଚ୍ଚ ଅଦାଲତଙ୍କ ଅନୁମତି ମାଗିଥିଲେ। ଏନ୍‌ଆରସି କାର୍ଯ୍ୟ ଜୁଲାଇ ୩୧ ସୁଦ୍ଧା ଶେଷ କରିବାକୁ ଧାର୍ଯ୍ୟ କରାଯାଇଥିବାବେଳେ ଏହାକୁ ଆଉ ବଢ଼ାଯାଇପାରିବ ନାହିଁ ବୋଲି ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଖଣ୍ଡପୀଠ କହିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏହି ପ୍ରକ୍ରିୟାକୁ ନଷ୍ଟ କରିଦେବାକୁ ବସିଛି ବୋଲି ଖଣ୍ଡପୀଠ ମତ ଦେଇଛନ୍ତି। ଏନ୍‌ଆରସି ପ୍ରକ୍ରିୟା ଜାରି ରଖିବା ଲାଗି କେତେଜଣ ରାଜ୍ୟ ଅଧିକାରୀଙ୍କୁ ନିର୍ବାଚନ ଡ୍ୟୁଟିରୁ ବାଦ ଦେବାକୁ ଅଦାଲତ ନିର୍ବାଚନ କମିଶନଙ୍କୁ କହିଛନ୍ତି।

# କଶ୍ମୀରରେ ଭୂକମ୍ପ

**ଶ୍ରୀନଗର,୫।୨**

ଜମ୍ମୁ-କଶ୍ମୀରରେ ମଙ୍ଗଳବାର ରାତି ୧୦ଟା ୧୭ରେ ୫.୬ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି। ଶ୍ରୀନଗର ଏବଂ କଶ୍ମୀର ଉପତ୍ୟକାର ଅନ୍ୟ ଭାଗରେ ମଧ ଝଟକା ଲାଗିଥିଲା। ଲୋକମାନେ ଭୟରେ ଘରୁ ବାହାରକୁ ପଳାଇ ଆସିଥିଲେ। ଭୂକମ୍ପର କେନ୍ଦ୍ରସ୍ଥଳ ଶ୍ରୀନଗରଠାରୁ ୧୧୮ କିଲୋମିଟର ଉତ୍ତରପଶ୍ଚିମରେ ବୋଲି କୁହାଯାଉଛି।

# ପ୍ରିୟଙ୍କାଙ୍କୁ ଅଫିସ୍ ମିଳିଲା

**ନୂଆଦିଲ୍ଲୀ,୫।୨(ପି.ଟି.)**

ନବନିଯୁକ୍ତ କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ ମଙ୍ଗଳବାର ଆକବର ରୋଡସ୍ଥିତ ଦଳର ମୁଖ୍ୟ କାର୍ଯ୍ୟାଳୟରେ ତାଙ୍କ ଭାଇ ତଥା କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ପାଖ ଚାମ୍ବରରେ ଅଫିସ ମିଳିଛି। ଗୁରୁବାର ସେ ନୂତନ ଦାୟିତ୍ୱ ଗ୍ରହଣ କରିବା ପରେ ଦଳର ପ୍ରଥମ ଆନୁଷ୍ଠାନିକ ବୈଠକରେ ଯୋଗଦେବେ। ମଙ୍ଗଳବାର ପ୍ରିୟଙ୍କା ଉତ୍ତରପ୍ରଦେଶରୁ ଆସିଥିବା ଦଳର କେତେକ ବରିଷ୍ଠ ନେତାଙ୍କୁ ଭେଟି ଅନୌପଚାରିକ ଆଲୋଚନା କରିଥିଲେ।

# ୟୁପି ବିଧାନସଭାରେ ହଙ୍ଗାମା

**ଲକ୍ଷ୍ନୌ, ୫।୨**

ଉତ୍ତରପ୍ରଦେଶ ବିଧାନସଭାରେ ମଙ୍ଗଳବାର ବଜେଟ ଅଧିବେଶନର ପ୍ରଥମ ଦିବସରେ ଅଭାବନୀୟ ଘଟଣା ଘଟିଛି। ରାଜ୍ୟପାଳ ରାମ ନାୟକ ଅଭିଭାଷଣ ଦେଉଥିବାବେଳେ ବିରୋଧୀ ସମାଜବାଦୀ ପାର୍ଟି ଓ ବହୁଜନ ସମାଜ ପାର୍ଟିର ସଦସ୍ୟମାନେ ହଙ୍ଗାମା କରିଥିଲେ। ସେମାନେ ସରକାର ବିରୋଧୀ ସ୍ଲୋଗାନ୍ ଦେବା ସହ ରାଜ୍ୟପାଳଙ୍କ ଉପରକୁ କାଗଜଗୁଳା ଫିଙ୍ଗିଥିଲେ। ବିରୋଧୀଙ୍କ ଏଭଳି ଅଶୋଭନୀୟ କାର୍ଯ୍ୟକୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ନିନ୍ଦା କରିଛନ୍ତି।

# ଚୁମ୍ବକୀୟ ଉତ୍ତରମେରୁ ସ୍ଥାନାନ୍ତର

**ୱାଶିଂଟନ,୫।୨**

ଚୁମ୍ବକୀୟ ଉତ୍ତର ମେରୁ ଯେଉଁଠି ଥିଲା ଏବେ ସେଠାରେ ନାହିଁ। ଏହା ଆକଳନଠାରୁ ଅଧିକ ବେଗରେ ସ୍ଥାନାନ୍ତର ହେଉଥିବା ଜଣାପଡିଛି। ଏହା ଏବେ ଭୌଗୋଳିକ ଉତ୍ତରମେରୁଠାରୁ ୪ ଡିଗ୍ରୀ ଦକ୍ଷିଣକୁ ରହିଛି। ଚୁମ୍ବକୀୟ ଉତ୍ତରମେରୁ ବର୍ଷକୁ ୫୫ କିଲୋମିଟର ଘୁଞ୍ଚିଯାଉଛି। ୨୦୧୭ରେ ଏହା ଅନ୍ତର୍ଜାତୀୟ ଡେଟ୍‌ଲାଇନକୁ ଅତିକ୍ରମ କରି ସାଇବେରିଆ ଆଡକୁ ଗତି କରୁଥିବା ବୈଜ୍ଞାନିକମାନେ ଜାଣିବାକୁ ପାଇଛନ୍ତି।

## ଫୁରସତ

# ୨୧୦୦ ବେଳକୁ ନୀଳିମା ହରାଇବ ପୃଥିବୀ

**ନ୍ୟୁୟର୍କ:** ଜଳବାୟୁ ପରିବର୍ତ୍ତନ ଯୋଗୁ ଏକବିଂଶ ଶତାବ୍ଦୀ ଶେଷଭାଗକୁ ପୃଥିବୀର ମହାସାଗରଗୁଡ଼ିକ ନୀଳିମା ହରାଇବେ। ପୃଥିବୀର ଅଧିକାଂଶ ଭାଗ ସମୁଦ୍ର ହୋଇଥିବାରୁ ଆମର ନୀଳ ଗ୍ରହର ରଙ୍ଗ ବଦଳିଯିବ ବୋଲି ମାସାଚୁସେଟ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି(ଏମ୍‌ଆଇଟି)ର ବିଶେଷଜ୍ଞମାନେ ଜାଣିପାରିଛନ୍ତି। ଏକ ଅଧ୍ୟୟନ ଅନୁଯାୟୀ, ଜଳବାୟୁ ପରିବର୍ତ୍ତନ ଦ୍ୱାରା ସମୁଦ୍ରରେ ଥିବା ଅତି କ୍ଷୁଦ୍ରପ୍ରାଣୀ- ଫାଇଟୋପ୍ଲାଙ୍କ୍‌ଟନ୍ ଗୁରୁତର ଭାବେ ପ୍ରଭାବିତ ହେଉଛନ୍ତି। ଏହାଦ୍ୱାରା ସମୁଦ୍ରର ରଙ୍ଗ ବଦଳିଯିବ ଏବଂ ପୃଥିବୀର ନୀଳ ଓ ସବୁଜ ଅଞ୍ଚଳ ଗୁରୁତର ଭାବେ ପ୍ରଭାବିତ ହେବ। ଏ ସମ୍ପର୍କରେ ଏମ୍‌ଆଇଟିର ମୁଖ୍ୟ ଗବେଷକ ଷ୍ଟିଫାନି ଡୁଟ୍‌କିୱିସିଜ୍ କହନ୍ତି, ଏକବିଂଶ ଶତାବ୍ଦୀର ଶେଷଭାଗକୁ ସମୁଦ୍ରର ୫୦% ରଙ୍ଗ ବଦଳିଯିବ । ସମୁଦ୍ରରେ ଫାଇଟୋପ୍ଲାଙ୍କ୍‌ଟନ୍ ହ୍ରାସ ପାଇବା ସହିତ ଏହା ନୀଳିମା ହରାଇବ। ବର୍ତ୍ତମାନ ମେରୁ ନିକଟବର୍ତ୍ତୀ ଯେଉଁ ଅଞ୍ଚଳ ସବୁଜ ବର୍ଣ୍ଣ ଧାରଣ କରିଛି ତାହା ବର୍ଣ୍ଣହୀନ ହୋଇଯିବ।



ଏ ସମ୍ପର୍କିତ ଅଧ୍ୟୟନ ଜର୍ନାଲ ନେଚର କମ୍ୟୁନିକେଶନ୍ସରେ ପ୍ରକାଶ ପାଇଛି। ଏଥିରେ କୁହାଯାଇଛି ଜଳବାୟୁ ପରିବର୍ତ୍ତନ ଫାଇଟୋପ୍ଲାଙ୍କ୍‌ଟନ୍‌ର ସୌନ୍ଦର୍ଯ୍ୟକୁ ଧୀରେ ଧୀରେ ନଷ୍ଟ କରିବାରେ ଲାଗିଛି। ଏହି ଧାରା ବଜାୟ ରହିଲେ, ମହାସାଗର ଏବଂ ସର୍ବୋପରି ପୃଥିବୀର ରଙ୍ଗ ବଦଳିଯିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ-**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ମେଘମୁକ୍ତ ରହିବ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୧୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୧.୫ | ୧୨.୬ |
| ଚାନ୍ଦବାଲି | ୩୧.୫ | ୧୪.୬ |
| କଟକ | ୩୧.୨ | ୧୩.୦ |
| ପାରାଦ୍ୱୀପ | ୨୮.୬ | ୧୫.୬ |
| ଭୁବନେଶ୍ୱର | ୩୧.୬ | ୧୩.୮ |
| ଗୋପାଳପୁର | ୨୯.୫ | ୧୫.୮ |
| ପୁରୀ | ୨୮.୬ | ୧୬.୪ |
| ଅନୁଗୋଳ | ୩୧.୭ | ୧୦.୦ |
| ବାରିପଦା | ୩୧.୦ | ୧୩.୪ |
| ଝାରସୁଗୁଡ଼ା | ୩୧.୪ | ୧୩.୫ |
| କେନ୍ଦୁଝର | ୨୮.୩ | ୧୧.୯ |
| ସମ୍ବଲପୁର | ୩୧.୪ | ୧୩.୫ |
| ସୁନ୍ଦରଗଡ଼ | --- | --- |
| ହୀରାକୁଦ | ୩୧.୧ | ୧୪.୯ |
| ତାଳଚେର | ୩୧.୪ | ୧୨.୫ |
| ଭବାନୀପାଟଣା | --- | ୧୧.୮ |
| ବଲାଙ୍ଗୀର | ୩୧.୧ | ୧୨.୫ |
| କୋରାପୁଟ | ୨୯.୦ | ୧୧.୬ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | --- | ୧୦.୫ |
| ମାଲକାନଗିରି | ୩୩.୬ | ୧୨.୨ |
| ସୋନପୁର | ୩୨.୩ | ୧୧.୨ |
| ଦାରିଙ୍ଗିବାଡ଼ି | ୨୬.୫ | ୧୦.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ଜନ୍ମଦିନରେ ଅଭିଷେକଙ୍କୁ ଅଭିନନ୍ଦନର ସୁଅ



**ମୁମ୍ବାଇ:** ବଲିଉଡ ଷ୍ଟାର ଅଭିଷେକ ବଚ୍ଚନ ମଙ୍ଗଳବାର ୪୩ ବର୍ଷରେ ପାଦ ଦେଇଛନ୍ତି। ପତ୍ନୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କଠାରୁ ଆରମ୍ଭ କରି ବନ୍ଧୁ ଜନ୍ ଆବ୍ରାହାମ, ଜେନେଲିଆ ଦେଶମୁଖ୍ ଏବଂ ବଲିଉଡ୍ ସେଲିବ୍ରିଟିଙ୍କ ପର୍ଯ୍ୟନ୍ତ ସମସ୍ତେ ଅଭିଷେକଙ୍କୁ ଟୁଇଟର ମାଧ୍ୟମରେ ଅଭିନନ୍ଦନ ବାର୍ତ୍ତା ପଠାଇଛନ୍ତି। ମେଗାଷ୍ଟାର ଅମିତାଭ ବଚ୍ଚନ ଏବଂ ଅଭିନେତ୍ରୀରୁ ରାଜନେତ୍ରୀ ପାଲଟିଥିବା ଜୟା ବଚ୍ଚନଙ୍କ ପୁତ୍ର ଅଭିଷେକ ୨୦୦୦ରେ ଅଭିନୟ ଜୀବନ ଆରମ୍ଭ କରିଥିଲେ। ପ୍ରଥମେ 'ରିଫ୍ୟୁଜି' ଫିଲ୍ମରେ କରିନା କପୁରଙ୍କ ସହ ଅଭିନୟ କରିବା ପରେ ଆଉ ପଛକୁ ଫେରି ଚାହିଁନାହାନ୍ତି। ଏହା ପରେ ସେ 'ଧୁମ୍', 'ଯୁବା', 'ଗୁରୁ', 'ହାପି ନ୍ୟୁ ଇୟର', 'ସର୍କାର' ଏବଂ 'ଦୋସ୍ତାନା' ଭଳି ଅନେକ ଫିଲ୍ମରେ ଅଭିନୟ କରି ସାରି ଲେଣି । ୨୦୧୮ରେ ତାଙ୍କର ଶେଷ ଅଭିନୀତ ଫିଲ୍ମ ହେଉଛି 'ମନ୍‌ମର୍ଜିୟାଂ'। ସ୍ତ୍ରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନ ଟୁଇଟ୍ କରି ଲେଖିଛନ୍ତି, ଅଲ୍‌ୱେଜ୍ ମାଇଁ ବାବି...ହାପି ବାର୍ଥ ଡେ ବାବି'। ମାଧୁରୀ ଦୀକ୍ଷିତ ନେନେ ଟୁଇଟ୍ କରିଛନ୍ତି, 'ତୁମ ଜନ୍ମଦିନ ଅତି ଶୁଭମୟ ହେଉ।' ଜେନେଲିଆ ଦେଶମୁଖ୍‌ଙ୍କ ଭାଷାରେ, 'ଅଭିଷେକ, ଜନ୍ମଦିନର ଶୁଭେଚ୍ଛା ଜ୍ଞାପନ କରୁଛି।' ଜନ୍ ଆବ୍ରାହାମ: 'ମୋର ପ୍ରିୟତମ ବାବା ଅଭିଷେକ ବଚ୍ଚନଙ୍କୁ ଜନ୍ମଦିନର ଖୁସି।' ସୋନୁ ସୁଦ୍: 'ମୋ ଭାଇଙ୍କୁ ଜନ୍ମଦିନର ଶୁଭେଚ୍ଛା। ତୁମଭଳି କେହି ହୋଇପାରିବେ ନାହିଁ। ମୁଁ ତୁମକୁ ଅଧିକ ଭଲ ପାଉଥିବାରୁ ମୋତେ ଘୃଣା କରିବ।' ଟୁଇଟ୍ କରିଥିବା ଅନ୍ୟ ସେଲିବ୍ରିଟିମାନେ ହେଉଛନ୍ତି ଅଦ୍‌ନାନ୍ ସାମି, ରାଘବ, ମିଲାପ ଜାଭେରି, ଗୋଲ୍‌ଡି ବେହଲ୍, ଅଫତାବ୍ ଶିବଦାସାନୀ ଏବଂ ଅନ୍ୟମାନେ।



> ଯେଉଁ ଲୋକର ମସ୍ତିଷ୍କରେ ଜ୍ଞାନ ଭରପୂର, ସେ ହିଁ ସଂକ୍ଷେପରେ କଥାଟିଏ କହିଦେଇପାରେ।
> - ବ୍ୟାସକବି ଫକୀରମୋହନ ସେନାପତି

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଓଡ଼ିଶା ସାମ୍ବାଦିକ ସଂଘ ପକ୍ଷରୁ ରାଜ୍ୟ ସମ୍ମିଳନୀ, ଭଞ୍ଜକଳା ମଣ୍ଡପ, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ସେଣ୍ଟ୍ରାଲ ଏଜୁକେଟର ଫେଡେରେଶନ ଫର ଦିବ୍ୟାଙ୍ଗ ପକ୍ଷରୁ ଧାରଣା, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୧ଟା।
- ଉତ୍କଳ ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍ ପକ୍ଷରୁ ରାଜ୍ୟ ଯୁବ ସଂସଦ ଉତ୍ସବ, ବିଶ୍ୱବିଦ୍ୟାଳୟ ପରିସର, ପୂର୍ବାହ୍ନ ୧୧ଟା।
- ଭାଜପାର ପଦଯାତ୍ରା, ୟୁନିଟ ୮, କଲ୍ୟାଣ ମଣ୍ଡପ ଛକରେ ଥିବା ଏଚଡିଏଫସି ବ୍ୟାଙ୍କ ନିକଟରୁ ନୂଆପଲ୍ଲୀ ଭୋଇ ସାହି ପର୍ଯ୍ୟନ୍ତ, ପୂର୍ବାହ୍ନ ୧୧ଟା।
- 'ଆଦିବାସୀ ମେଳା-୨୦୧୯', ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ଅପରାହ୍ନ ୨ଟାରୁ ରାତି ୯ଟା।
- ରାଜ୍ୟସ୍ତରୀୟ ଖଦି ଓ ଗ୍ରାମୋଦ୍ୟୋଗ ପ୍ରଦର୍ଶନୀ, ଓଡ଼ିଶା ଖଦି ବୋର୍ଡ କାର୍ଯ୍ୟାଳୟ ପରିସର, ଖାରବେଳ ନଗର, ଅପରାହ୍ନ ୩ଟାରୁ ରାତି ୯ଟା।
- ଶତାବ୍ଦୀର କଳାକାର ପକ୍ଷରୁ ୨୧ତମ କଳିଙ୍ଗ ନାଟ୍ୟ ମହୋତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୪୫।

**କଟକ**
- ୧୯୭୨ ମାଟ୍ରିକ ବ୍ୟାଚ ବନ୍ଧୁମିଳନ, ଗୋପାଳ ସ୍ମୃତି ବିଦ୍ୟାପୀଠ, ରତ୍ନବଟ, ପୂର୍ବାହ୍ନ ୧୦ଟା।
- ତ୍ରିଧାରା ପକ୍ଷରୁ ୩୦ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ସଚେତନତା ସଭା, ରେଭେନ୍‌ଶା କଲିଜିଏଟ୍ ସ୍କୁଲ, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ପାଇପ ଜଳ କର୍ମଚାରୀ ସଂଘ ପକ୍ଷରୁ ର୍‍ୟାଲି, ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖ, ପୂର୍ବାହ୍ନ ୧୧ଟା ୩୦।
- କଟକ ଜିଲା ଭାରତ ସ୍କାଉଟ୍ସ ଓ ଗାଇଡ୍ସର ଜିଲାସ୍ତରୀୟ ମେଳାର ଉଦ୍‌ଘାଟନ, ଓଡ଼ିଶା ପୋଲିସ ହାଇସ୍କୁଲ, ତୁଳସୀପୁର, ଅପରାହ୍ନ ୪ଟା।

**ବାଲକାଟୀ**
- ପଞ୍ଚକୁଣ୍ଡୀୟ ବଗଳା ମହାଯଜ୍ଞ, ଚଉଷଠି ଯୋଗିନୀ ପୀଠ, ହୀରାପୁର, ସକାଳ ୮ଟାରୁ ଆରମ୍ଭ।

**ବାଲିଅନ୍ତା**
- ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ପକ୍ଷରୁ ଫାକଲ୍ଟି ଡେଭଲପମେଣ୍ଟ ପ୍ରୋଗ୍ରାମ, ଆସ୍ଥା କ୍ୟାମ୍ପସ, ପଞ୍ଚମୁଖୀ ବିହାର, ଅଟଳା, ପୂର୍ବାହ୍ନ ୧୦ଟା ୩୦।

**ସାକ୍ଷୀଗୋପାଳ**
- ଶ୍ରୀସୋମନାଥ ଦେବଙ୍କ ଶକ୍ତି ଓ ଲିଙ୍ଗ ପୁନଃ ପ୍ରତିଷ୍ଠା ମହାଯଜ୍ଞ, ନୂଆଗାଁ, ସାକ୍ଷୀଗୋପାଳ, ସକାଳ ୯ଟା।

# ପେସାଦାର ରଙ୍ଗମଞ୍ଚ ହେଉଛି ଓଡ଼ିଶାର ପରମ୍ପରା

**ଧରିତ୍ରୀ ଆଳାପ**



**୧୯୫୮ ଅଗଷ୍ଟ ୨୫ ତାରିଖ। କଟକର ଜନତା ରଙ୍ଗମଞ୍ଚରେ ମଞ୍ଚସ୍ଥ ହେଉଥାଏ ନାଟକ 'ଗୋଟିଏ ଦୃଶ୍ୟ'। ନାଟକଟି ଜଣେ ଗରିବର ଜୀବନ ଉପରେ ପର୍ଯ୍ୟବସିତ ଥିଲା। ଗରିବୀ ପଛରେ ଲୁଚି ରହିଥିବା ନିଛକ କଥା କହୁଥିବା ଏହି ନାଟକଟି ସେ ସମୟରେ ଅନେକ ପ୍ରଶଂସା, କରତାଳି ସାଉଣ୍ଟି ଥିଲା। ଆଉ ଏହି ନାଟକରୁ କଳାକାର ଜୀବନ ଆରମ୍ଭ କରିଥିଲେ ନାଟ୍ୟ ନିର୍ଦ୍ଦେଶକ ଅନନ୍ତ ମହାପାତ୍ର। ସେ ଇତି ମଧ୍ୟରେ ୧୨୪ଟି ନାଟକରେ ନିର୍ଦ୍ଦେଶନା ଦେଇସାରିଛନ୍ତି। ଦେଶବିଦେଶରେ ଓଡ଼ିଶା ସଂସ୍କୃତିକୁ ଥିଏଟର ମାଧ୍ୟମରେ ସ୍ୱତନ୍ତ୍ର ପରିଚୟ ଦେଇଥିବା ମହାପାତ୍ରଙ୍କୁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ୧୦ମ ସମାବର୍ତ୍ତନ ଉତ୍ସବରେ ଡକ୍ଟରେଟ ଉପାଧି ମିଳିଛି। ଏହି ଅବସରରେ ତାଙ୍କ ସହ କିଛି ଆଳାପ।**

**ଆଜିର ସମାଜରେ ଥିଏଟରର ଗୁରୁତ୍ୱ କ'ଣ ରହିଛି?**

ପ୍ରଖ୍ୟାତ ଦାର୍ଶନିକ ସେକ୍ସପିୟର କହିଥିଲେ, ବିଶ୍ୱ ଯଦି ଏକ ରଙ୍ଗମଞ୍ଚ ହୁଏ, ତାହାଲେ ଆମେ ସମସ୍ତେ ଜଣେ ଜଣେ କଳାକାର। ଜୀବନର ରଙ୍ଗ ମଞ୍ଚରେ କର୍ତ୍ତବ୍ୟ ସରିବା ପର୍ଯ୍ୟନ୍ତ ଆମେ ଅଭିନୟ କରିବାକୁ ବାଧ୍ୟ। ଏଣୁ ଆମ ଚାରିପଟେ ଯାହା ବି ଚାଲିଛି ତାହା କୌଣସି ଥିଏଟରଠାରୁ କମ୍ ନୁହେଁ। ନିଜ ସ୍ୱାର୍ଥ ପାଇଁ ନୁହେଁ, ଅନ୍ୟର ସିଦ୍ଧି ପାଇଁ କାର୍ଯ୍ୟ କରିବା ଥିଏଟର ଶିଖାଇଥାଏ।

**ବିଦେଶରେ ଓଡ଼ିଶାର କଥାକୁ ଆପଣ ଥିଏଟର ମାଧ୍ୟମରେ ଦେଖାଉଛନ୍ତି? ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶାର ପରିଚୟ କିପରି ରହିଛି?**

ଅନ୍ତର୍ଜାତୀୟ କଥା ଛାଡ଼, ସର୍ବଭାରତୀୟ ସ୍ତରରେ ମଧ୍ୟ ଓଡ଼ିଶାର ସ୍ଥିତି ଭଲ ନାହିଁ। ପୂର୍ବରୁ ବମ୍ବେ, କଲିକତା, ଦିଲ୍ଲୀ ଭଳି ସ୍ଥାନରେ ଓଡ଼ିଆ କଳାକାରମାନେ ନିଜ ପ୍ରତିଭାର ଛାପ ଛାଡୁଥିଲେ। ଏବେ ତାହା କମିଲାଣି। ନିଷ୍ଠାର ଅଭାବ ଘଟିଲାଣି। ଟଙ୍କାଏରେ ପେଟ ପୋଷିବା କଥା ଭାବିଲେ ଜୀବନ ପରିବର୍ତ୍ତନ ହୋଇ ନ ଥାଏ। ସରକାରଙ୍କ ଦୋଷ ନ ଦେଇ ନିଜକୁ କିପରି ସୁଧାରିବ ସେ କଥା ଭାବିଲେ ମଣିଷ ସବୁ କ୍ଷେତ୍ରରେ ଆଗକୁ ବଢ଼ିବ।

**ଭଲ ନାଟକ କହିଲେ କ'ଣ ବୁଝାଏ?**

ସମାଜ କିମ୍ବା ପରିବାରର ବାର୍ତ୍ତା ନେଇ ଯେଉଁ ନାଟକ ହେବ ତାହା ଭଲ ନାଟକ କୁହାଯାଇ ପାରିବ। ତାହା ହିଁ ନାଟକର ମୂଳ କର୍ତ୍ତବ୍ୟ। ସାହିତ୍ୟର ଗୋଟିଏ ଓ ସିନେମାର ଦୁଇଟି ଡାଇମେନଶନ ଥିବାବେଳେ ନାଟକର ୩ଟି ଡାଇମେନଶନ ଥାଏ। ଦର୍ଶକ ମଧ୍ୟ ନାଟକର ଏକ ବିରାଟ ଅଂଶ।

**ଆଗାମୀ ୧୦ବର୍ଷ ପରେ ଓଡ଼ିଶାରେ ଥିଏଟରର କ'ଣ ପରିଚୟ ଥିବ?**

ନିଶ୍ଚିତ ଥିବ। ଚାଇନା, ଜାପାନ, ଇଂଲଣ୍ଡରେ ନାଟକ କେମିତି ବଞ୍ଚିଛି ସେ କଥା ଭାବିବା ଦରକାର। ଲଣ୍ଡନ ସହରରେ ପ୍ରତିଦିନ ୨୯ଟି ଥିଏଟର ଚାଲେ। ସବୁ ସିଟ୍ ଫୁଲ ରହିଥାଏ। ଆଧୁନିକତା ନୁହେଁ, ପେସାଦାର ରଙ୍ଗମଞ୍ଚ ହେଉଛି ଓଡ଼ିଶାର ପରମ୍ପରା। ଅଭାବୀ ହୋଇ ମଧ୍ୟ ସ୍ୱଭାବୀ ହୋଇ ପାରୁନୁ ତାହା ହିଁ ଆମ ସମସ୍ୟା। ଧୀରେ ଧୀରେ ଏ ସମସ୍ୟା ଦୂର ହେବ ବୋଲି ଆଶା।

**ଭଲ ନାଟକ ହେଉନି ନା ଭଲ ଦର୍ଶକ ନାହାନ୍ତି?**

ଭଲ ନାଟକ ତିଆରି ହେଉନି। ଦର୍ଶକ ସବୁବେଳେ କଳାକୁ ଭଲ ପାଇଥାନ୍ତି, ଆଉ ଆଗକୁ ଭଲ ପାଇବେ ମଧ୍ୟ। ଭଲ ନାଟକ ରଚନା ଓ ଠିକ୍ ଭାବେ ପରିବେଷଣ କରାଗଲେ ଲୋକ ନିଶ୍ଚିତ ଦେଖିବାକୁ ଯିବେ।



# ଆଜି ମହାପ୍ରଭୁଙ୍କ ପଦ୍ମ ବେଶ

**ପୁରୀ ଅଫିସ, ୫।୨**

ମାଘ ମାସ ଅମାବାସ୍ୟାଠାରୁ ଶ୍ରୀପଞ୍ଚମୀ ମଧ୍ୟରେ ବୁଧବାର କିମ୍ବା ଶନିବାର ପଡିଲେ ସେହିଦିନ ମହାପ୍ରଭୁଙ୍କ ଅତୀବ ରମଣୀୟ ପଦ୍ମ ବେଶ ହୋଇଥାଏ। ତେଣୁ ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପଦ୍ମବେଶ ଅନୁଷ୍ଠିତ ହେବ। ବଡ଼ସିଂହାର ବେଶରେ ଠାକୁରମାନଙ୍କୁ ଏହି ବେଶ କରାଯିବ। ଏହି ବେଶ ପରେ ଖିରି ଓ ଅମାଲୁ ଭୋଗ କରାଯିବ। ପଦ୍ମବେଶରେ ଥାଇ ଠାକୁର ପହୁଡ ହେବ। ଗୁରୁବାର ମଙ୍ଗଳ ଆଳତି ପର୍ଯ୍ୟନ୍ତ ମହାପ୍ରଭୁଙ୍କର ଏହି ବେଶ ରହିବ। ମଙ୍ଗଳ ଆଳତିରେ ଭକ୍ତମାନେ ଦୁର୍ଲ୍ଲଭ ପଦ୍ମବେଶରେ ଠାକୁରଙ୍କୁ ଦର୍ଶନ କରିବେ। ଏହାପରେ ଅବକାଶ ହୋଇ ବେଶ ଓଲାଗି କରାଯିବ।

# 'ଗବେଷଣା, ଜୈବ ସମାଜ ପରିବର୍ତ୍ତନର ବିସ୍ତୀର୍ଣ୍ଣ ଭିତ୍ତିଭୂମି ଓଡ଼ିଶା'

**କଟକ ଅଫିସ, ୫।୨**




ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଉପସ୍ଥିତ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟ ଅତିଥିମାନେ।

## ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ

- ବିଜ୍ଞାନ ରଥର ସାରଥି ଶ୍ରୀଜଗନ୍ନାଥ: ରାଜ୍ୟପାଳ
- ୩ଜଣ ପାଇଲେ ଡକ୍ଟରେଟ ଉପାଧି
- ୨୭୩୧ଜଣଙ୍କୁ ଡିଗ୍ରୀ ଓ ୬୪ଜଣଙ୍କୁ ସ୍ୱର୍ଣ୍ଣ ପଦକ

ଦେଶର ବିଜ୍ଞାନର ବିକାଶରେ ଓଡ଼ିଶାର ଯଥେଷ୍ଟ ଅବଦାନ ରହିଛି। ବିଭିନ୍ନ କ୍ଷେତ୍ରରେ ଓଡ଼ିଶାର ବୈଜ୍ଞାନିକମାନେ ମୁଖ୍ୟଭୂମିକା ଗ୍ରହଣ କରୁଛନ୍ତି। ଏପରିକି ଓଡ଼ିଶାରେ ଗବେଷଣା କରିବା ଓ ଜୈବ ସମାଜ ପରିବର୍ତ୍ତନର ବିସ୍ତୀର୍ଣ୍ଣ ଭିତ୍ତିଭୂମି ରହିଛି ବୋଲି ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟର ବାୟୋଟେକ୍ନୋଲୋଜି ବିଭାଗ ସଚିବ ଡ. ରେଣୁ ସ୍ୱରୂପ କହିଛନ୍ତି। ମଙ୍ଗଳବାର ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ୧୦ମ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ଡ. ସ୍ୱରୂପ କହିଲେ, ଏହି ବିଶ୍ୱବିଦ୍ୟାଳୟର ସ୍ୱତନ୍ତ୍ର ଇତିହାସ ରହିଛି। ଜ୍ଞାନ ହିଁ ଶକ୍ତିର ବାର୍ତ୍ତା ଦେଉଥିବା ଏହି ପୁରାତନ ଶିକ୍ଷାନୁଷ୍ଠାନ ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଭାରତ ସରକାରଙ୍କ ଡିପାର୍ଟମେଣ୍ଟ ଅଫ୍ ବାୟୋଟେକ୍ନୋଲୋଜ ଓ ଓଡ଼ିଶା ମଧ୍ୟରେ ରହିଥିବା ସମ୍ପର୍କକୁ ଉପସ୍ଥାପନ କରି ସେ କହିଲେ, କୃଷି ବିଜ୍ଞାନ, ସ୍ୱାସ୍ଥ୍ୟସେବା, ଶିଳ୍ପ ଗବେଷଣା କ୍ଷେତ୍ରରେ ଓଡ଼ିଶାରେ ଅନେକ ଅନୁଷ୍ଠାନ କାର୍ଯ୍ୟ କରୁଛି। ଦି ଇନଷ୍ଟିଚ୍ୟୁଟ ଅଫ୍ ଲାଇଫ ସାଇନ୍ସ ୧୬ବର୍ଷ ଧରି ଓଡ଼ିଶାରେ ବାୟୋଟେକ୍ନୋଲୋଜିର ବିକାଶ ଦିଗରେ ସଫଳଭାବେ କାର୍ଯ୍ୟ କରିଚାଲିଛି ବୋଲି ସେ କହିଛନ୍ତି।

ବିଶ୍ୱବିଦ୍ୟାଳୟର ସେଭେନ୍ ପିଲାର୍ ଅଫ୍ ୱିଜ୍‌ଡମ୍ ଅଡିଟୋରିୟମଠାରେ ଆୟୋଜିତ ଉତ୍ସବରେ ଅଧ୍ୟକ୍ଷତା କରି କୁଳାଧିପତି ତଥା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଲେ, ଶିକ୍ଷା କ୍ଷେତ୍ରରେ ଭାରତୀୟମାନେ ବିଶ୍ୱରେ ନୂଆ ପରିଚୟ ପାଇଛନ୍ତି। ଭାରତୀୟଙ୍କ ଦକ୍ଷତାକୁ ନେଇ ସେ କହିଲେ, ମା' ପେଟରେ ଥିବାବେଳେ ମତ୍ସ୍ୟ ଅବତାର, ଜନ୍ମ ହେବା ପରେ ବାମନ ଅବତାର ନେଉଥିବା ଭାରତୀୟମାନେ ଆବଶ୍ୟକ ପଡ଼ିଲେ ନୃସିଂହ ଅବତାର ନେଇଥାନ୍ତି। ବିଜ୍ଞାନର ପଛରେ ଈଶ୍ୱରଙ୍କ ଉପସ୍ଥିତି ରହିଛି। ବିଜ୍ଞାନ ଦ୍ୱାରା ଯେତେ ଉଦ୍ଭାବନ ହେଉ, ବିଜ୍ଞାନ ରଥ ଯେଉଁ ଦିଗକୁ ଯାଉ ନା କାହିଁକି ଏହାର ସାରଥି ଶ୍ରୀଜଗନ୍ନାଥ ବୋଲି ରାଜ୍ୟପାଳ ପ୍ରଫେସର ଲାଲ କହିଥିଲେ।

ଏହି ଅବସରରେ ୩ଜଣଙ୍କୁ ଡକ୍ଟରେଟ ଉପାଧି ପ୍ରଦାନ କରାଯାଇଥିଲା। ଦେଶବିଦେଶରେ ଓଡ଼ିଶା ସଂସ୍କୃତିକୁ ଥିଏଟର ମାଧ୍ୟମରେ ପରିଚୟ ଦେଇଥିବା ଅନନ୍ତ ମହାପାତ୍ର ଓ ପ୍ରତିଷ୍ଠିତ ଐତିହାସିକ ଡ. ନିବେଦିତା ମହାନ୍ତି ଏହି ଉପାଧି ଗ୍ରହଣ କରିଥିବାବେଳେ ପଦ୍ମବିଭୂଷଣ ପ୍ରଫେସର ପ୍ରକାଶ ନାରାୟଣ ଟଣ୍ଡନ ଉତ୍ସବରେ ଯୋଗଦେଇ ପାରି ନ ଥିଲେ। ସେହିପରି ୧୩୮୩ଜଣ ସ୍ନାତକ, ୯୯୬ ସ୍ନାତକୋତ୍ତର, ୨୭୪ ଏମ୍‌ଫିଲ, ୭୮ ପିଏଚ୍‌ଡି ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଛି। ସ୍ନାତକରେ ୨୯ଜଣ ଓ ସ୍ନାତକୋତ୍ତରରେ ୩୦ ଛାତ୍ରୀଛାତ୍ର ସ୍ୱର୍ଣ୍ଣ ପଦକ ପାଇଥିଲେ। ରେଗୁଲାର ପାଠ୍ୟକ୍ରମରେ ଶ୍ରେଷ୍ଠ ସ୍ନାତକ ଶୌର୍ଯ୍ୟା ନାୟକ ଓ ପ୍ରଫେଶନାଲ ପାଠ୍ୟକ୍ରମରେ ଶ୍ରେଷ୍ଠ ସ୍ନାତକ ହୋଇଥିବା ବିଟନ ଭଟ୍ଟାଚାର୍ଯ୍ୟଙ୍କୁ ମଧ୍ୟ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିଲା। ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ହୋଇଥିବା ମର୍ଯ୍ୟାଦାଜନକ ବୋରାସମ୍ବର-ସେନାପତି ବକ୍ତୃତା ପ୍ରତିଯୋଗିତାର ୩ଜଣ ସଫଳ ପ୍ରତିଯୋଗୀ ବ୍ରିଜ୍‌ରାଜ ଅଗ୍ରୱାଲ, ଅଭ୍ୟୁକ୍ତା ମିଶ୍ର ଓ ଶ୍ରୀୟା ପ୍ରିୟଦର୍ଶିନୀଙ୍କୁ ମଧ୍ୟ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଛି। କୁଳପତି ପ୍ରଫେସର ଇଶାନ କୁମାର ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। କୁଳସଚିବ ଅଶୋକ କୁମାର ଦାସ, ସିସିଡି ପ୍ରଫେସର ସଙ୍ଗୀତା ରଥଙ୍କ ସମେତ ବିଶ୍ୱବିଦ୍ୟାଳୟର ସମସ୍ତ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ପ୍ରଶାନ୍ତ ମହାପାତ୍ର ହେଲେ ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକ

**ପୁରୀ ଅଫିସ, ୫।୨:** ଦୀର୍ଘଦିନ ଧରି ଖାଲି ପଡିଥିବା ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକ ପଦବୀରେ ସରକାର ରାଉରକେଲାର ଅତିରିକ୍ତ ଏସ୍‌ପି ପ୍ରଶାନ୍ତ କୁମାର ମହାପାତ୍ରଙ୍କୁ ନିଯୁକ୍ତି ଦେଇଛନ୍ତି। ମଙ୍ଗଳବାର ଏ ନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଥାଉ କି, ପ୍ରାୟ ୫ ମାସରୁ ଊର୍ଦ୍ଧ୍ୱ ହେବ ଏହି ପଦବୀ ଖାଲିପଡିଥିଲା। ପ୍ରଫୁଲ୍ଲ କୁମାର ମିଶ୍ରଙ୍କ ଅବସର ପରେ ସୁରକ୍ଷା ପ୍ରଶାସକ ପଦବୀ ଖାଲିପଡିଥିଲା।

**ଆଲ୍ଲାହାବାଦ ବ୍ୟାଙ୍କ**
ଭୁବନେଶ୍ୱର ମୁଖ୍ୟ ଶାଖା
୧୫୯, ବାପୁଜୀ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୫୯୮୦୪୪

**ଦଖଲ ନୋଟିସ୍**
[ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍- ୮(୧) ଅନୁଯାୟୀ]

ନିମ୍ନ ସ୍ୱାକ୍ଷରକାରୀ **ଆଲ୍ଲାହାବାଦ ବ୍ୟାଙ୍କ, ଭୁବନେଶ୍ୱର ମୁଖ୍ୟ ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ବକେୟା ରାଶି ଏବଂ ସେବାବଦ ସୁଧ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସାଙ୍କେତିକ ଦଖଲକୁ ନେଇଛନ୍ତି । ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ **ଆଲ୍ଲାହାବାଦ ବ୍ୟାଙ୍କ, ଭୁବନେଶ୍ୱର ମୁଖ୍ୟ ଶାଖା** ନିକଟରେ ଉତ୍ତରଦାୟୀ ରହିବେ । **"ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।"**

| ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ନୋଟିସ୍‌ରେ ପ୍ରଦତ୍ତ ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ /ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତାମାନେ: ୧) ଶ୍ରୀମତୀ ଅଲିଭା ଚୌଧୁରୀ,** ସ୍ୱାମୀ: ଶ୍ରୀ ଅଶୋକ କୁମାର ଚୌଧୁରୀ, **୨) ଶ୍ରୀ ଅଶୋକ କୁମାର ଚୌଧୁରୀ,** ପିତା: ଶ୍ରୀ ରାମନାଥ ଖୁଣ୍ଟିଆ, ଫ୍ଲାଟ୍ ନଂ.: ୧୦୩, ବ୍ଲକ୍ ବି-୩, ଶ୍ରୀକ୍ଷେତ୍ର ରେସିଡେନ୍ସି, ଆଇଗିଣିଆ, ଭୁବନେଶ୍ୱର | ୨୮.୦୮.୨୦୧୮ ସୁଦ୍ଧା ଟ.୨୧,୦୭,୨୪୨/- + ସେବାବଦ ସୁଧ | ୦୩.୧୨.୨୦୧୮ / ୦୪.୦୨.୨୦୧୯ | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୩୭, ସବ୍ ପ୍ଲଟ୍ ନଂ.: ୦୬, ଖାତା ନଂ.: ୨୫୫/୨୯, କ୍ଷେତ୍ର: ଏକର୦.୦୫୬୫ଡିସିମିଲି ରୁ ଏକର୦.୦୩୯ଡିସିମିଲି, ମୌଜା: ବୋତଣ୍ଡା, ଥାନା: ଭୁବନେଶ୍ୱର, ଥାନା ନଂ.: ୫୯, ଏସ୍‌ଆର୍‌ଓ: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ.: ୩୯, ପୂର୍ବ: ପ୍ଲଟ୍ ନଂ.: ୩୮, ପଶ୍ଚିମ: ପ୍ଲଟ୍ ନଂ.: ୩୫ |

ସ୍ଥାନ: ଭୁବନେଶ୍ୱର, ତାରିଖ : ୦୫.୦୨.୨୦୧୯ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କ

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ । ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍ www.dharitri.com/main/selfie_list/

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି : metroselfie@gmail.com



ବାଳକୃଷ୍ଣ



ମାଳତି



ରାଧିକା



ପୂଜା



ଦିନେଶ



ପ୍ରୀତମ୍



ସୋମୁ

केनरा बैंक Canara Bank Together We Can
Circle Office, Redcross Bhawan 1st Floor, Bhubaneswar
REQUIRED : DOCTOR
Qualification : MBBS
Weekly 3 days for 2 hours (Timing preferably after 5 PM)
Send your CV to : hrmcobhu@canarabank.com
CONTACT NUMBER 9437519463 / 0674-2391330

ଏହି ଶୀତଋତୁରେ ବଳିଷ୍ଠ ପୁରୁଷତ୍ୱର ଆନନ୍ଦ ନିଅନ୍ତୁ
ଜୋଶ୍, ଶକ୍ତି ଓ ସ୍ଫୂର୍ତ୍ତି ସହିତ
ପ୍ରଥମ ଦିନରୁ ହିଁ ପ୍ରଭାବ ଆରମ୍ଭ
ସଉକିଆ ବ୍ୟକ୍ତି ମଧ୍ୟ ଥରେ ନିଶ୍ଚୟ ଆପଣାନ୍ତୁ



ପ୍ଲେ-ୱିନ୍ କ୍ୟାପ୍‌ସୁଲ
୧ କ୍ୟାପ୍‌ସୁଲ୍ ସକାଳେ ଓ ୧ କ୍ୟାପ୍‌ସୁଲ ରାତିରେ ସେବନ କରନ୍ତୁ
ପ୍ରଭାବୀ ପରିଣାମ ପାଇଁ ପ୍ଲେ-ୱିନ୍ ତେଲ ମଧ୍ୟ ବ୍ୟବହାର କରନ୍ତୁ
ଏକ୍ସଟ୍ରା ଟାଇମିଂ ପାଇଁ
HELPLINE : 08291288119
ଉଦ୍ଦୀପନା ଅଭାବର ବଡ଼ କାରଣ ହେଉଛି ପୁରୁଷଙ୍କଠାରେ ଉତ୍ସାହର ଅଭାବ, ଶୀଘ୍ରପତନ, ଇନ୍ଦ୍ରିୟ ଦୁର୍ବଳତା, ଉତ୍ତେଜନାର ଅଭାବ, ନପୁଂସକତା ଆଦି ହୋଇଥାଏ, ଏପରି ସମସ୍ତ ସମସ୍ୟା ଦୂରକରିବା ପାଇଁ ପ୍ଲେ-ୱିନ୍ କ୍ୟାପ୍‌ସୁଲ ୨୧ ଦିନ ପର୍ଯ୍ୟନ୍ତ ସକାଳେ ଓ ସନ୍ଧ୍ୟାରେ ନିୟମିତ ସେବନ କରନ୍ତୁ। ଉତ୍ତମ ଓ ପ୍ରଭାବୀ ପରିଣାମ ପାଇଁ ପ୍ଲେ-ୱିନ୍ ତେଲର କେତୋଟି ବୁନ୍ଦା ବ୍ୟବହାର କରନ୍ତୁ ଓ ଉପରୋକ୍ତ ସମସ୍ୟାରୁ ମୁକ୍ତି ପାଆନ୍ତୁ।




www.playwincapsule.com
ସବୁ ମେଡିକାଲ/ଆୟୁର୍ବେଦିକ ଷ୍ଟୋର୍‌ରେ ଉପଲବ୍ଧ
SS : Mahendra Pharma / Orissa Drug Distributors
ଜୋଶ୍, ଶକ୍ତି, ଏକ୍ସଟ୍ରା ଟାଇମିଂ ଏବଂ ସ୍ଫୂର୍ତ୍ତି ବଢ଼ାଏ

**ପୂର୍ବ ତଟ ରେଳପଥ**
**ଭଡ଼ା ସୂତ୍ରରେ ଗାଡ଼ି**
ଟେଣ୍ଡର ସଂ.W2623CEECoROTHOV201901
**କାର୍ଯ୍ୟର ନାମ :** 36 ମାସ ସମୟାବଧି ନିମନ୍ତେ ପୂର୍ବ ତଟ ରେଳପଥ, ଭୁବନେଶ୍ୱର ସ୍ଥିତ ପ୍ରମୁଖ ମୁଖ୍ୟ ଯନ୍ତ୍ରୀଙ୍କ କାର୍ଯ୍ୟାଳୟର HAG ଅଧିକାରୀମାନଙ୍କ ବ୍ୟବହାର ନିମନ୍ତେ 01 ସଂଖ୍ୟକ ଏସି ହୁଣ୍ଡାଇ ଭର୍ନା କିମ୍ବା ସମଧରଣର ଗାଡ଼ି (ଧଳା ରଙ୍ଗର ସଡ଼କ ଗାଡ଼ିକୁ ଅଗ୍ରାଧିକାର) ଏବଂ SAG ଅଧିକାରୀମାନଙ୍କ ବ୍ୟବହାର ନିମନ୍ତେ 05 ସଂଖ୍ୟକ ଏସି ଟାଟା ଇଣ୍ଡିଗୋ / ଏସି ମାରୁତି ସୁଜୁକି ସ୍ୱିଫ୍ଟ / ଡିଜାୟାର୍ କିମ୍ବା ସମଧରଣର ଗାଡ଼ି (ଧଳା ରଙ୍ଗର ସଡ଼କ ଗାଡ଼ିକୁ ଅଗ୍ରାଧିକାର) ଭଡ଼ା ସୂତ୍ରରେ ନେବା।
**ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) :** ₹ 74,57,222.46, EMD (ଟଙ୍କାରେ): ₹ 1,49,150.00, ଟେଣ୍ଡର କାଗଜପତ୍ରର ମୂଲ୍ୟ (ଟଙ୍କାରେ) : ₹ 5,000.00, କାର୍ଯ୍ୟ ସମାପ୍ତିର ଅବଧି : 36 ମାସ।
ବିଡ୍ ଆରମ୍ଭ ହେବା ତାରିଖ : ତା 12.02.2019 ରିଖ,
**ଟେଣ୍ଡର ବନ୍ଦ ହେବାର ଅନ୍ତିମ ତାରିଖ ଓ ସମୟ :** ତା 26.02.2019 ରିଖ 1500 ଘଟିକା ।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫର ଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଉପରୋକ୍ତ ଇ-ଟେଣ୍ଡରର ଇ-ଟେଣ୍ଡର ନଥିପତ୍ର ସହିତ ସମ୍ପୂର୍ଣ୍ଣ ବିସ୍ତୃତ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ।
ଡେପୁଟି ଚିଫ୍ ଇଞ୍ଜିନିୟର/ଜେନେରାଲ୍, ଭୁବନେଶ୍ୱର
PR-453/J/18-19

**ପୂର୍ବ ତଟ ରେଳପଥ**
**ଯାଜପୁର-କେନ୍ଦୁଝର ରୋଡ଼ ଷ୍ଟେସନରେ ଯନ୍ତ୍ରୀକୃତ (Mechanized) ସଫେଇ**
ଟେଣ୍ଡର ବିଜ୍ଞପ୍ତି ସଂ. etender-JJKR-Mech.clng-29
**କାର୍ଯ୍ୟର ବିବରଣୀ :** କାର୍ଯ୍ୟ ଆରମ୍ଭ ହେବା ଠାରୁ ଚାରି ବର୍ଷ (ଅର୍ଥାତ୍ 1460 ଦିନ) ସମୟ ଅବଧି ନିମନ୍ତେ ଯାଜପୁର-କେନ୍ଦୁଝର ରୋଡ଼ ଷ୍ଟେସନ ସହିତ ପ୍ଲାଟ୍‌ଫର୍ମ, ୟାର୍ଡ଼, ଟ୍ରାକ୍, କାର୍ଯ୍ୟାଳୟ ଭବନ, ଆରକ୍ଷଣ କାର୍ଯ୍ୟାଳୟ, କନକୋର୍ସ କ୍ଷେତ୍ର, ପରିକ୍ଷେତ୍ର, ପ୍ରତୀକ୍ଷା ହଲ୍ ଗୁଡ଼ିକ, ହୋମ୍ ସିଗ୍‌ନାଲ୍‌ରୁ ହୋମ୍ ସିଗ୍‌ନାଲ୍ ପର୍ଯ୍ୟନ୍ତ ୟାର୍ଡ଼ ଇତ୍ୟାଦିର ଯନ୍ତ୍ରୀକୃତ (Mechanized)ସଫେଇ।
**କାର୍ଯ୍ୟର ବିଜ୍ଞାପିତ ମୂଲ୍ୟ :** ₹ 2,98,02,733.09, EMD ମୂଲ୍ୟ : ₹ 2,99,020.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 11,800.00,
**ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ :** ତା 01.03.2019 ର 1500 ଘ. ରେ
ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।
ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ମଣ୍ଡଳ ଚିକିତ୍ସା ଅଧିକାରୀ, ଖୋର୍ଦ୍ଧା ରୋଡ଼
PR-452/J/18-19



ଯେ ଥରେ ତୁମକୁ ବିଶ୍ୱାସରେ ବିଷ ଦେଇଛି, ସେ ଯେ ଆଉଥରେ ନ ଦେବ ତା'ର ପ୍ରମାଣ କ'ଣ।
-ସେକ୍ସପିଅର



## ସଂକ୍ଷେପରେ

### ଚୋରି ବାଇକ୍ ଜବତ, ୨ ଗିରଫ

**ଭୁବନେଶ୍ୱର, ୫।୨(ବ୍ୟୁରୋ):** ମଞ୍ଚେଶ୍ୱର ଥାନା ଅଞ୍ଚଳରେ ବାଇକ୍ ଚୋରିରେ ସମ୍ପୃକ୍ତ ଦୁଇ ଅଭିଯୁକ୍ତଙ୍କୁ ପୋଲିସ ମଙ୍ଗଳବାର ଗିରଫ କରିଛି। ସେମାନଙ୍କ ନିକଟରୁ ଚୋରି ବାଇକ୍ ଜବତ ହୋଇଛି। ସେମାନେ ହେଲେ ମଞ୍ଚେଶ୍ୱର ଥାନା ଅଞ୍ଚଳର ମହମ୍ମଦ ତୋହିଦ ଓ ବିକ୍ରମ ମହାରଣା ଓରଫ ଭାଲୁ। ବାରଙ୍ଗ ଥାନା ସୀତାରାମ ବଜାର ଅଞ୍ଚଳର ସୌଭାଗ୍ୟ ମହାନ୍ତି ସୋମବାର ଅପରାହ୍ନରେ ଭୁବନେଶ୍ୱର ଆସୁଥିଲେ। କଳାରାହାଙ୍ଗ କେନାଲ ରୋଡରେ ଶୌଚ ପାଇଁ ସୌଭାଗ୍ୟ ଗାଡିରେ ଚାବି ଲଗାଇ ତରବର ହୋଇ ରାସ୍ତା ତଳକୁ ଯାଇଥିଲେ। ଏହି ସମୟରେ ବିକ୍ରମ ସୌଭାଗ୍ୟଙ୍କ ଗାଡି ଧରି ଚମ୍ପଟ ମାରିଥିଲେ। ସୌଭାଗ୍ୟ ଗାଡି ନ ପାଇ ବାଧ ହୋଇ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ୪୮/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ମଙ୍ଗଳବାର ପୋଲିସ ସନ୍ଦେହରେ ବିକ୍ରମଙ୍କୁ ପଚରାଉଚୁରା ପରେ ବାଇକ୍କୁ ସେ ମହମ୍ମଦଙ୍କୁ ବିକ୍ରି କରିଥିବା କହିଥିଲେ। ପୋଲିସ ଚକେଇସିଆଣୀ ଅଞ୍ଚଳରୁ ଚୋରି ବାଇକକୁ ଜବତ କରିବା ସହ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

### ଲୁଟ୍କୁ ନେଇ ଥାନାରେ ଉତ୍ତେଜନା ଘଟଣା:୨ ଗିରଫ

**ଭୁବନେଶ୍ୱର, ୫।୨(ବ୍ୟୁରୋ):** ଶହୀଦନଗର ଥାନାରେ ଗତ ରବିବାର ଅପରାହ୍ନରୁ ରାତି ପର୍ଯ୍ୟନ୍ତ ଏକ ଲୁଟ୍ ମାମଲାକୁ କେନ୍ଦ୍ର କରି ଲାଗି ରହିଥିବା ଉତ୍ତେଜନା ଘଟଣାରେ ପୋଲିସ ମଙ୍ଗଳବାର ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଖାରବେଳନଗର ଥାନା ଅନ୍ତର୍ଗତ ଶାନ୍ତିନଗର ଅଞ୍ଚଳର ଶେଖ୍ ଅମଜତ ଏବଂ ଶେଖ୍ ମହମ୍ମଦ। ସେମାନଙ୍କ ନିକଟରୁ ପୋଲିସ ଚୋରି ସାମଗ୍ରୀ ଜବତ କରିପାରି ନ ଥିବା ବେଳେ ପଚରାଉଚୁରା ପରେ କୋର୍ଟ ଚାଲାଣ କରିଛି। ରବିବାର ଅପରାହ୍ନରେ ଶହୀଦନଗର ଲେଭଲ କ୍ରସିଂ ଦେଇ କାର୍‌ରେ ଘରକୁ ଫେରୁଥିଲେ ଭୁବନେଶ୍ୱର ସଂଗଠନ ଜିଲା କଂଗ୍ରେସ ସଭାପତି ମାନସ ଚୌଧୁରୀଙ୍କ ପୁଅ ବୈଭବ। ଲେଭଲକ୍ରସିଂ ଫାଟକ ପଡ଼ିଥିବାରୁ ସେ ଅଟକି ଥିବା ବେଳେ ହଠାତ୍ ଦୁଇଜଣ ଯୁବକ ତାଙ୍କ ଗାଡ଼ି ଉପରକୁ ଅଖା ପକାଇଥିଲେ। ଏହାଦେଖି ସେ ବାହାରକୁ ଆସି ଅଖା ବାହାର କରୁଥିବାବେଳେ ଅନ୍ୟ ଦୁଇଜଣ ଯୁବକ ତାଙ୍କ ବେକରୁ ସୁନାଚେନ୍ ଓ ହାତରୁ ସୁନା ବ୍ରେସ୍‌ଲେଟ୍ ଲୁଟି ନେଇଥିଲେ।

### ଭୁବନେଶ୍ୱର ବିମାନବନ୍ଦର ୨୦୧୮-୧୯ରେ ୪୨ ଲକ୍ଷ ଯାତ୍ରୀ ଲକ୍ଷ୍ୟ

**ଭୁବନେଶ୍ୱର,୫।୨(ବ୍ୟୁରୋ):** ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ରେକର୍ଡ ସଂଖ୍ୟକ ଯାତ୍ରୀଙ୍କୁ ହୋଷ୍ଟ୍ କରିବାକୁ ଯାଉଛି। ୨୦୧୭-୧୮ ବର୍ଷରେ ୩୨,୩୭,୯୫୬ ବିମାନ ଯାତ୍ରୀ ଏହି ବିମାନବନ୍ଦରରୁ ଯାତ୍ରା କରିଥିବା ବେଳେ ୨୦୧୮ ଡିସେମ୍ବର ସୁଦ୍ଧା ଏହା ୩୧,୧୯,୫୪୨ ଯାତ୍ରୀଙ୍କୁ ବିମାନ ସେବା ପ୍ରଦାନ କରିଛି। ତେବେ ୨୦୧୯ ମାର୍ଚ୍ଚ ଶେଷ ସୁଦ୍ଧା ୪୨,୮୭,୬୭୯ ଯାତ୍ରୀଙ୍କୁ ସେବା ଯୋଗାଇଦେବାକୁ ଲକ୍ଷ୍ୟ ରଖାଯାଇଛି। ଚଳିତ ଆର୍ଥିକବର୍ଷରେ ରେକର୍ଡ ସଂଖ୍ୟକ ଯାତ୍ରୀ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ଦେଇ ଯାତ୍ରା କରିବେ ବୋଲି ବିମାନବନ୍ଦର ପକ୍ଷରୁ କୁହାଯାଇଛି। ଏବେ ପ୍ରତିଦିନ ପାଖାପାଖି ୧୦ ହଜାର ଯାତ୍ରୀ ଏହି ବିମାନବନ୍ଦର ଦେଇ ଯାତ୍ରା କରୁଛନ୍ତି। ଏଠାରୁ ୪୯ଟି ବିମାନ ପ୍ରତିଦିନ ଉଡ଼ାଣ ଭରୁଥିବା ବେଳେ ୪୯ଟି ବିମାନ ବିଭିନ୍ନ ସ୍ଥାନରୁ ଆସୁଛି। ୨୦୧୮ ଏପ୍ରିଲରୁ ଡିସେମ୍ବର ମଧ୍ୟରେ ୧୭ ପ୍ରତିଶତ ଅଧିକ ବିଦେଶୀ ଯାତ୍ରୀଙ୍କୁ ଏହି ବିମାନବନ୍ଦର ହୋଷ୍ଟ୍ କରିବାର ରେକର୍ଡ କରିଛି।

### ରେଲୱେ ଡାକ୍ତରଙ୍କ ସ୍ତ୍ରୀ ହତ୍ୟା ଘଟଣା
### ଡାକ୍ତର, ନର୍ସ ଦମ୍ପତିଙ୍କ ପଲିଗ୍ରାଫ ଟେଷ୍ଟ

**ପୁରୀ ଅଫିସ, ୫।୨:** ବହୁଚର୍ଚ୍ଚିତ ପୁରୀ ରେଲୱେ ଡାକ୍ତର ସ୍ତ୍ରୀଙ୍କ ହତ୍ୟାକାଣ୍ଡ ମାମଲାରେ ମଙ୍ଗଳବାର ରେଲୱେ ଡାକ୍ତର ସଞ୍ଜୀବ ସାହୁ ଏବଂ ପୁରୀ ରେଲୱେ ଷ୍ଟେଶନରେ କାର୍ଯ୍ୟରତ ଜନୈକ ନର୍ସ ଏବଂ ତାଙ୍କ ସ୍ୱାମୀଙ୍କର ଭୁବନେଶ୍ୱର ସ୍ଥିତ ଫୋରେନସିକ୍ ଲାବୋରେଟୋରୀରେ ପଲିଗ୍ରାଫ ଟେଷ୍ଟ ହୋଇଥିବା ନେଇ ସମୁଦ୍ରକୂଳ ଥାନା ଅଧିକାରୀ ବିଶ୍ୱରଞ୍ଜନ ସେନାପତି ସୂଚନା ଦେଇଛନ୍ତି। ଏ ନେଇ ସପ୍ତାହ ପୂର୍ବରୁ ୩ଜଣଙ୍କୁ ପୋଲିସ ନୋଟିସ୍ କରାଯାଇଥିଲା। ଡିସେମ୍ବର ୧୭ତାରିଖରେ ରେଲୱେ କ୍ୱାର୍ଟର୍ସରୁ ପୁରୀ ରେଲୱେ ଡାକ୍ତର ସାହୁଙ୍କ ସ୍ତ୍ରୀ ସୁଜାତାଙ୍କ ରକ୍ତରଞ୍ଜିତ ମୃତଦେହ ଉଦ୍ଧାର କରାଯାଇଥିଲା।

■ ୧୧ ଦିନରେ ଆଦିବାସୀ ମେଳା

# ଜନଜାତି ମହିଳାଙ୍କୁ ଔଦ୍ୟୋଗିକ ବିକାଶ ପ୍ରଶିକ୍ଷଣ

**ଭୁବନେଶ୍ୱର,୫।୨(ବ୍ୟୁରୋ)**

ଆଦିବାସୀ ମେଳା ଦେଖିବାକୁ ସନ୍ଧ୍ୟା ହେଲେ ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆରେ ପଡୁଛି ଲକ୍ଷ ଲକ୍ଷ ଲୋକଙ୍କ ପାଦ। ୧୧ ଦିନରେ ପହଞ୍ଚିଥିବା ଏହି ମେଳାରେ ଲୋକେ ପାହାଡ଼ି ମୁଲକରୁ ଆସିଥିବା ଜନଜାତିମାନଙ୍କର ମୌଳିକ ଗୁଣବତ୍ତା ବିଶିଷ୍ଟ ସାମଗ୍ରୀ କିଣିବାକୁ ବିଶେଷ ଆଗ୍ରହ ଦେଖାଉଛନ୍ତି। ଜନଜାତି ସଭ୍ୟତା ଏବଂ ସଂସ୍କୃତି ସମ୍ପର୍କରେ ଅଧିକ ଜାଣିବାକୁ ଛାତ୍ରୀଛାତ୍ର ଓ ଗବେଷକମାନଙ୍କ ମଧ୍ୟରେ ମଧ୍ୟ ଉତ୍ସାହ ଦେଖିବାକୁ ମିଳୁଛି। ମେଳା ପରିସରରେ ଅନୁସୂଚିତ ଜାତି ଓ ଜନଜାତି ଗବେଷଣା ପ୍ରତିଷ୍ଠାନ ତରଫରୁ ଖୋଲାଯାଇଥିବା ଷ୍ଟଲ୍‌ରେ ବହି କିଣିବା ପାଇଁ ସେମାନଙ୍କ ଭିଡ଼ ଜମୁଛି। ଓଡ଼ିଶାର ୬୨ ପ୍ରକାର ଜନଜାତି ଓ ୧୩ ପ୍ରକାର ପ୍ରାଚୀନତମ ଜନଜାତିଙ୍କ ଜୀବନଶୈଳୀ ସମ୍ପର୍କରେ ଲିଖିତ ବିଭିନ୍ନ ପୁସ୍ତକ ଏଠାରେ ଉପଲବ୍ଧ ହେଉଛି।



ଆଦିବାସୀ ମେଳାରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

ଅନ୍ୟପକ୍ଷରେ ମଙ୍ଗଳବାରଠାରୁ ଆଇଟିଡିଏ ଓ ମାଇକ୍ରୋ ପ୍ରୋଜେକ୍ଟ ଅଞ୍ଚଳରୁ ଆସିଥିବା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ଔଦ୍ୟୋଗିକ ବିକାଶ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଦ୍ୱାରା ଜନଜାତି ମହିଳାମାନେ ସେମାନଙ୍କ ଦ୍ୱାରା ଉତ୍ପାଦିତ ଖାଦ୍ୟଶସ୍ୟର ପ୍ରକ୍ରିୟାକରଣ, ପ୍ୟାକେଜିଂ ଓ ସେ ସବୁର ଉଚିତ ବିପଣନ ସମ୍ପର୍କରେ ଜାଣିପାରିବେ। ଆଧୁନିକ ଜ୍ଞାନକୌଶଳ ଉପଯୋଗ ମାଧ୍ୟମରେ କିଭଳି ସେମାନେ ନିଜ ବ୍ୟବସାୟିକ ତଥା ବୃତ୍ତିଗତ ଦକ୍ଷତା ବଢ଼ାଇ ପାରିବେ, ସେ ନେଇ ଏଠାରେ ପ୍ରଶିକ୍ଷଣ ଦିଆଯିବ। ୟୁନିଟ୍-୧ସ୍ଥିତ ଆଦିବାସୀ ପଡ଼ିଆ ପ୍ରେକ୍ଷାଳୟରେ ଆୟୋଜିତ କାର୍ଯ୍ୟକ୍ରମକୁ ଅନୁସୂଚିତ ଜାତି, ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ସଚିବ ପ୍ରଫେସର ଡ. ଅଖିଳ ବିହାରୀ ଓତା ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ କୃଷି ବିଶେଷଜ୍ଞ ଜ୍ୟୋତିରଞ୍ଜନ ମହାପାତ୍ର ଓ ବିକାଶ ପାତ୍ର ମହିଳାମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

### ଆଦିବାସୀ ଖାଦ୍ୟର ଚାହିଦା

ଶୀତୁଆ ସନ୍ଧ୍ୟାରେ ଗରମ ବରା, ପିଆଜି ସାଙ୍ଗକୁ ଘୁଗୁନିର ମଜା ନେଉଛନ୍ତି ଆଦିବାସୀ ମେଳା ବୁଲିବାକୁ ଆସିଥିବା ଲୋକେ। ମେଳା ପରିସରରେ ଥିବା ଜନଜାତି ଖାଦ୍ୟ ପ୍ରାଙ୍ଗଣରେ ଏଥର ମୁଢ଼ିମାଂସ ଓ ପରିବା ପିଠାର ସର୍ବାଧିକ ଚାହିଦା ରହିଛି। ଏହାସହ ଆଦିବାସୀମାନଙ୍କ ପାରମ୍ପରିକ ଖାଦ୍ୟ ମାଣ୍ଡିଆ ଜାଉ, ମାଣ୍ଡିଆ ପିଠା, ଏଣ୍ଡୁରି, ପୋଡ଼ପିଠା, ମୁଆଁପିଠା, ପାଲୁଅ ଖିରି, ମଟନ ବଡ଼ି, କାକରା ପିଠାକୁ ଲୋକେ ପସନ୍ଦ କରୁଛନ୍ତି। ସେହିପରି କଟିଙ୍ଗ୍ ବରା, ମୁଢ଼ି-ଆଳୁଦମ୍ ଓ ମଣ୍ଡା ପିଠା, ଚଣା ମସଲାର ମଧ୍ୟ ଡିମାଣ୍ଡ ରହିଛି। ପିଠାର ଦାମ୍ ୫ ଟଙ୍କାରୁ ଆରମ୍ଭ କରି ୨୦ ଟଙ୍କା ପର୍ଯ୍ୟନ୍ତ ରହୁଥିବା ବେଳେ ପାଲୁଅ ଓ କଡ଼ି ଖିରି ଠୁଙ୍ଗାକୁ ୧୦ ଟଙ୍କା ରହୁଛି।

## ଜାତୀୟ କର୍ମଶାଳାରେ ଚିତ୍ରଶିଳ୍ପୀ ପଞ୍ଚାନନ ସମ୍ବର୍ଦ୍ଧିତ



ବ୍ୟଙ୍ଗଚିତ୍ର କର୍ମଶାଳାରେ ଚିତ୍ରଶିଳ୍ପୀ ପଞ୍ଚାନନ ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ପୁରୁଣା ଭୁବନେଶ୍ୱର, ୫।୨(ଡି.ଏନ.ଏ.)**

ଆସାମର ଗୁଆହାଟୀ ନିକଟସ୍ଥ ଗୋଆଲା ପାରାଠାରେ 'ଏଥ୍‌ନିକ୍ ଆର୍ଟିଷ୍ଟ ସୋସାଇଟି ଆୟୋଜନରେ ଫେବୃୟାରୀ ୨ରୁ ୪ ତାରିଖ ତିନିଦିନିଆ ବ୍ୟଙ୍ଗଚିତ୍ର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଭାରତର ବିଶିଷ୍ଟ ବ୍ୟଙ୍ଗଚିତ୍ର ଶିଳ୍ପୀଙ୍କ ଗହଣରେ ଧଉଳି ଚାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ଚିତ୍ରଶିଳ୍ପୀ ପଞ୍ଚାନନ ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ବ୍ୟଙ୍ଗଚିତ୍ର ସମାଜର ପ୍ରକୃତ ଘଟଣାକୁ ସାମ୍ନାକୁ ଆଣିଥାଏ। ସାଧାରଣ ଲୋକଙ୍କୁ ଜାଗ୍ରତ କରିଥାଏ ବୋଲି ସାମଲ କହିଥିଲେ। କର୍ମଶାଳା ଅବସରରେ ସାମଲଙ୍କୁ ଜାତୀୟସ୍ତରରେ କଳା ପ୍ରତି ସମର୍ପିତ ଭାବ ପାଇଁ ଏଥ୍‌ନିକ୍ ଆର୍ଟିଷ୍ଟ ସୋସାଇଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଗୁଆହାଟୀର ବିଶିଷ୍ଟ ବ୍ୟଙ୍ଗ ଚିତ୍ରଶିଳ୍ପୀ ପ୍ରଦୀପ କୁମାର ନାଥ, ମୁବିନ୍ ରାଭା, ଦିଲୀପ ରାଭା, କୌଶିକ କାଲ୍‌ଟି, ରଣଜିତ୍ ରାଭା ଓ କଲିକତାର ଚିତ୍ରଶିଳ୍ପୀ ସର୍ଫୁଦ୍ଦିନ ଅହମ୍ମଦ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ସେମାନେ ସାମଲଙ୍କ କଳା କ୍ଷେତ୍ରରେ ଜାତୀୟ ତଥା ଅନ୍ତର୍ଜାତୀୟ ଦୃଶ୍ୟପଟ୍ଟରେ ଉଲ୍ଲେଖନୀୟ କାର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ। କର୍ମଶାଳାରେ ୪୫ ଜଣ ଯୁବ କାର୍ଟୁନିଷ୍ଟ ୩ ଦିନ ଧରି ଶିକ୍ଷା ଲାଭ କରିଥିଲେ।




ଦୁଗ୍ଧର ସର୍ବନିମ୍ନ ସହାୟକ ମୂଲ୍ୟ ଲିଟର ପିଛା ୩୦ ଟଙ୍କା ଓ କାଳିଆ ଯୋଜନାରେ ଦୁଗ୍ଧଚାଷୀଙ୍କୁ ସାମିଲ କରିବା ଦାବିରେ ମଙ୍ଗଳବାର ଲୋୟର ପିଏମ୍‌ଜିଠାରେ ଓଡିଶା ଦୁଗ୍ଧଚାଷୀ ମହାସଂଘ ପକ୍ଷରୁ ରାସ୍ତାରେ କ୍ଷୀର ଢାଳି ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ବେକାରି ସମସ୍ୟା ନେଇ ବିଧାନସଭା ଆଗରେ ବିକ୍ଷୋଭ କରିବ ଭାଜପା

**ଭୁବନେଶ୍ୱର, ୫।୨(ବ୍ୟୁରୋ)**

ରାଜ୍ୟ ସରକାର ଓଡିଆ ଯୁବତୀ, ଯୁବକମାନଙ୍କୁ ନିଯୁକ୍ତି ଦେବାରେ ବିଫଳ ହେଲେ, ସ୍ୱରୋଜଗାର ପାଇଁ ପ୍ରତିବନ୍ଧକ ସାଜିଲେ, ଯୁବପିଢିଙ୍କ ହାତରୁ ରୋଜଗାର ଛଡାଇ ନେଲେ ବୋଲି ଭାଜପା ଯୁବମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀ ଅଭିଯୋଗ କରିଛନ୍ତି। ଏଭଳି ବହୁ ପ୍ରଶ୍ନର ଜବାବ୍ ମାଗିବା ପାଇଁ ଆସନ୍ତା ୭ରେ ଛାତ୍ରୀଛାତ୍ର, ଯୁବତୀ,ଯୁବକମାନେ ବିଧାନସଭା ସମ୍ମୁଖରେ ଏକାଠି ହୋଇ ରାଜ୍ୟ ସରକାରଙ୍କୁ ଜବାବ୍ ମାଗିବେ ବୋଲି ମଙ୍ଗଳବାର ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଟଙ୍କଧର ସୂଚନା ଦେଇଛନ୍ତି। ଦୀର୍ଘବର୍ଷ ଶାସନ ଗାଦିରେ ଶାସକ ବିଜେଡି ରହିବାପରେ ମଧ୍ୟ ଯୁବତୀ,ଯୁବକମାନଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିପାରିଲେ ନାହିଁ। ସରକାରୀ ସ୍ତରରେ ବିଭିନ୍ନ ବିଭାଗରେ ପଦପଦବୀ ଖାଲିପଡିଛି। ସରକାର ବିଭିନ୍ନ ଶିଳ୍ପ ସଂସ୍ଥାଗୁଡିକ ସହ ଏମ୍‌ଓୟୁ କରି ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ଦେଇନାହାନ୍ତି। ଅନ୍ୟପଟେ ଏନ୍‌ଟିପିସି, ଜାତୀୟ ରାଜପଥ, ତୈଳ ଗଚ୍ଛିତ କେନ୍ଦ୍ର ଆଦି ପ୍ରକଳ୍ପକୁ ଆଗକୁ ନେବାରେ ବାଧକ ସାଜିଛନ୍ତି ବୋଲି ଟଙ୍କଧର ଅଭିଯୋଗ କରିଛନ୍ତି। ବିଧାନସଭା ସମ୍ମୁଖରେ ଏହା ବିରୋଧରେ ପ୍ରତିବାଦ କରାଯିବ। ଭାଜପା ଯୁବ ମୋର୍ଚ୍ଚା ରାଷ୍ଟ୍ରୀୟ ଅଧ୍ୟକ୍ଷ ପୁନମ ମହାଜନ ଯୋଗଦେବେ ବୋଲି ଟଙ୍କଧର କହିଛନ୍ତି।

■ ଅର୍ଥମନ୍ତ୍ରୀଙ୍କ ସହ ଏମ୍‌ସିଏସ୍ ସଂଯୋଜିକା ମହାସଂଘର ଆଲୋଚନା

## ୩ ଦଫା ଦାବିପୂରଣ ପାଇଁ ପ୍ରତିଶ୍ରୁତି

**ଭୁବନେଶ୍ୱର,୫।୨(ବ୍ୟୁରୋ)**

ରାଜ୍ୟ ଛଟେଇ ଏମ୍‌ସିଏସ୍(ଷ୍ଟେଟ୍ ମଡେଲ କ୍ଲଷ୍ଟର ସ୍କୁଲ) ସଂଯୋଜିକା ମହାସଂଘ ପକ୍ଷରୁ ୩ଦଫା ଦାବିରେ ମଙ୍ଗଳବାର ଲୋୟର୍ ପିଏମ୍‌ଜିଠାରେ ଧାରଣା ଦିଆଯାଇଥିଲା। ଛଟେଇ ସଂଯୋଜିକାମାନଙ୍କୁ ପୁନଃନିଯୁକ୍ତି, ସଂଯୋଜିକାମାନଙ୍କୁ ଶିକ୍ଷା ସହାୟକ ଭାବେ ନିଯୁକ୍ତି ଏବଂ ଶିକ୍ଷାଗତ ଯୋଗ୍ୟତା ଅନୁସାରେ ସିଟି, ବିଇଡି ତାଲିମ ପ୍ରଦାନ ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି। ରାଜ୍ୟର ୨୭ ଜିଲାରୁ ଆସିଥିବା ସଂଯୋଜିକାମାନଙ୍କ ମଧ୍ୟରୁ ସରସ୍ୱତୀ ବାରିକ, ଝରଣା ମହାନ୍ତି, ସନ୍ଧ୍ୟାରାଣୀ ମହାନ୍ତି ପ୍ରମୁଖ ଧାରଣାସ୍ଥଳରେ ବକ୍ତବ୍ୟ ରଖିଥିଲେ। ସଭାପତି ତାପସୀ ପ୍ରହରାଜ ଓ ସମ୍ପାଦିକା ଚାମେଲି ପ୍ରଧାନଙ୍କ ନେତୃତ୍ୱରେ ଏକ ୫ଜଣିଆ ପ୍ରତିନିଧି ଦଳ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରାଙ୍କୁ ଭେଟି ଆଲୋଚନା କରିଥିଲେ। ଦାବିଗୁଡ଼ିକୁ ଆଲୋଚନା ମାଧ୍ୟମରେ ପୂରଣ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ସଂଘ ପକ୍ଷରୁ କୁହାଯାଇଛି।

# ମହିଳାଙ୍କୁ ଖଣ୍ଡାରେ ହାଣି ଲୁଟ୍

**ଭୁବନେଶ୍ୱର,୫।୨ (ବ୍ୟୁରୋ)**

ନୟାପଲ୍ଲୀ ଥାନା ଅଞ୍ଚଳରେ ପୁଣି ଲୁଟେରାଙ୍କ ଆତଙ୍କ ଦେଖିବାକୁ ମିଳିଛି। ମଙ୍ଗଳବାର ଦୁଇ ଲୁଟେରା ବାଇକ୍‌ରେ ଆସି ଖଣ୍ଡାରେ ଜଣେ ମହିଳାଙ୍କ ହାତ ଓ ବେକକୁ ହାଣି ସୁନା ଚେନ୍, ପର୍ସ ଓ ମୋବାଇଲ୍ ଲୁଟି ନେଇଛନ୍ତି। ମହିଳାଙ୍କ ବେକ ଓ ହାତରେ ଗଭୀର ଆଘାତ ଲାଗିଛି। ଏଭଳି ଘଟଣା ଆଇଆରସି ଭିଲେଜ ଏନ୍-୫ରେ ଘଟିଛି। ଏନେଇ ମହିଳା ଜଣକ ଥାନାରେ ଅଭିଯୋଗ କରିବା ପରେ ଘଟଣାର ତଦନ୍ତ ଆରମ୍ଭ କରିଛି ପୋଲିସ। ଗୁରୁତର ଅବସ୍ଥାରେ ଆହତ ମହିଳାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।
ମହିଳା ଜଣକ ଆଇଆରସି ଭିଲେଜରେ ପରିବାର ସହ ରୁହନ୍ତି। ଅପରାହ୍ନ ପ୍ରାୟ ୩.୩୦ରେ ମହିଳା ଜଣକ ଘର ନିକଟ ଏନ୍-୫ ସ୍ଥିତ ବଜାରକୁ ଆସିଥିଲେ। ବେକରେ ସେ ଏକ ସୁନା ଚେନ୍ ପିନ୍ଧିଥିଲେ। ସେ ଚାଲିଚାଲି ଯାଉଥିବା ବେଳେ ପଛରୁ ଦୁଇ ଜଣ ଲୁଟେରା ବାଇକ୍‌ରେ ଆସି ତାଙ୍କ ନିକଟରେ ଅଟକି ଯାଇଥିଲେ। ବାଇକ୍ ପଛରେ ବସିଥିବା ଜଣେ ଲୁଟେରା ଓହ୍ଲାଇ ଆସି ମହିଳାଙ୍କୁ ସୁନାଚେନ୍ କାଢିବାକୁ କହିଥିଲେ। ସେ ମନା କରିବାରୁ ଲୁଟେରା ଜଣକ ଏକ ଖଣ୍ଡାରେ ତାଙ୍କ ହାତକୁ ହାଣିଥିଲେ। ଏହାପରେ ତାଙ୍କ ବେକକୁ ଆଘାତ ଦେଇ ସୁନାଚେନ୍ ଲୁଟି ନେଇଥିଲେ। ମହିଳା ଜଣକ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଚିତ୍କାର କରୁଥିବା ବେଳେ ଦୁଇ ଲୁଟେରା ଫେରାର ହୋଇଯାଇଥିଲେ। ଲୁଟ୍ କରିଥିବା ଦୁଇ ଲୁଟେରା ନୟାପଲ୍ଲୀ ଥାନା ସାଲିଆସାହିର ବୋଲି ପୋଲିସ ସନ୍ଦେହ କରୁଛି।

## ହାବିଲଦାରଙ୍କୁ ସମ୍ମାନିତ କଲେ ସିପି



ହାବିଲଦାର ନିରଞ୍ଜନ ନାୟକଙ୍କୁ ପୋଲିସ କମିଶନର ସତ୍ୟଜିତ ମହାନ୍ତି ପୁରସ୍କୃତ କରୁଛନ୍ତି।

**ଭୁବନେଶ୍ୱର,୫।୨ (ବ୍ୟୁରୋ)**

କମିଶନରେଟ ପୋଲିସରେ କାର୍ଯ୍ୟ କରୁଥିବା ହାବିଲଦାର ନିରଞ୍ଜନ ନାୟକଙ୍କୁ ନିଜର ବଦାନ୍ୟ କାର୍ଯ୍ୟ ପାଇଁ ପୋଲିସ କମିଶନର (ସିପି) ସତ୍ୟଜିତ ମହାନ୍ତି ଆର୍ଥିକ ରାଶି ଦେଇ ସମ୍ମାନିତ କରିଛନ୍ତି। ଗତ ୩ ତାରିଖ ରାତିରେ କ୍ୟାପିଟାଲ ଥାନା ଅଧୀନ ପୁରୁଣା ବସଷ୍ଟାଣ୍ଡ ଅଞ୍ଚଳରେ ଚିକିତ୍ସା ଅଭାବରୁ ଜଣେ ଅସହାୟ ବୃଦ୍ଧ ରାସ୍ତା କଡରେ ପଡି କଷ୍ଟ ଭୋଗୁଥିଲେ। ପିସିଆର-୧ରେ ଡ୍ୟୁଟି କରୁଥିବା ନିରଞ୍ଜନ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ବୃଦ୍ଧଙ୍କ ଅବସ୍ଥା ଗୁରୁତର ଥବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ଠିକ ସମୟରେ ବୃଦ୍ଧ ବ୍ୟକ୍ତିଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିବାରୁ ତାଙ୍କ ଜୀବନ ରକ୍ଷା ହୋଇପାରିବା ସହ ସେ ବର୍ତ୍ତମାନ କଟକରେ ସୁସ୍ଥ ଅଛନ୍ତି।

## ପାଚକପାଚିକା ମହାସଂଘର ଧାରଣା ପ୍ରତ୍ୟାହୃତ

**ଭୁବନେଶ୍ୱର,୫।୨(ବ୍ୟୁରୋ)**

ନିଖିଳ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚକ ପାଚିକା ମହାସଂଘ ପକ୍ଷରୁ ମଙ୍ଗଳବାର ଲୋୟର୍ ପିଏମ୍‌ଜିଠାରେ ଧାରଣା ଦିଆଯାଇଥିଲା। ମହାସଂଘ ସଭାପତି ଯୋଗେନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ପ୍ରାୟ ୭ହଜାର ପାଚିକା ପାଚକ ଧାରଣାରେ ବସିଥିଲେ। ରାଜ୍ୟ ବିଜୁ ଶ୍ରମିକ ସଙ୍ଗଠନ ସାଧାରଣ ସମ୍ପାଦକ ସୁବାସ ସିଂ ଓ ବିଜୁ ଯୁବ ଜନତା ଦଳର ରାଜ୍ୟ ଉପସଭାପତି ଦୁର୍ଗାପ୍ରସାଦ ସାମନ୍ତରାୟ ଧାରଣାସ୍ଥଳକୁ ଯାଇ ସେମାନଙ୍କ ସହିତ ଆଲୋଚନା କରିଥିଲେ। ୭ଦଫା ଦାବି ନେଇ ଧାରଣା ଚାଲୁଥିବା ସମୟରେ ସରକାରଙ୍କ ତରଫରୁ ଆଲୋଚନା ପାଇଁ ଡକାଯାଇଥିଲା। ବିଜୁ ମହିଳା ଜନତା ଦଳ ଉପସଭାନେତ୍ରୀ ସଂଯୁକ୍ତା ମହଲ, ପାଚକ ପାଚିକା ସଙ୍ଗଠନ ରାଜ୍ୟ କାର୍ଯ୍ୟକାରୀ ସଭାନେତ୍ରୀ ସରୋଜିନୀ, କାର୍ତ୍ତିକ ସା, ହରିହର ପ୍ରଧାନ ଓ ଜନକ ପ୍ରଧାନଙ୍କୁ ନେଇ ରାଜ୍ୟ ସଭାପତି ଯୋଗେନ୍ଦ୍ର ସ୍ୱାଇଁ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା, ମନ୍ତ୍ରୀ ନୃସିଂହ ସାହୁଙ୍କୁ ଭେଟି ଆଲୋଚନା କରିଥିଲେ। ଦାବି ପୂରଣ ନେଇ ମନ୍ତ୍ରୀଙ୍କ ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିବା ମହାସଂଘ ପକ୍ଷରୁ କୁହାଯାଇଛି।

### ଶ୍ରୀହନୁମାନଙ୍କର ବିଗ୍ରହ ପ୍ରତିଷ୍ଠା

**ପୁରୁଣା ଭୁବନେଶ୍ୱର, ୫।୨ (ଡି.ଏନ.ଏ.)**

ଜେନାସାହି ଓଁ ବିହାରଠାରେ ନୂତନ ମନ୍ଦିରରେ ଶ୍ରୀହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଚାଲିଛି। ବୁଧବାର ବିଗ୍ରହ ଗୃହ ପ୍ରବେଶ କରାଯାଇ ଯଜ୍ଞ ପୂର୍ଣ୍ଣାହୁତି ହେବ। ଗୟାଧର ଦଳାଇ ଓ ଗୀତାଞ୍ଜଳି କର୍ତ୍ତୀକର୍ତ୍ତ୍ରୀ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। କାର୍ତ୍ତିକ ଗୋଚ୍ଛାୟତ, ପ୍ରତାପ ଉପାଧ୍ୟାୟ, ହେମନ୍ତ ମହାନ୍ତି, ଶିବ ପ୍ରସାଦ ପ୍ରଧାନ ସହଯୋଗ କରିଥିଲେ।

■ ହୃଦ୍‌ଘାତରେ ଶିକ୍ଷକଙ୍କ ପରଲୋକ

## କଥା ରଖି ଚକ୍ଷୁ ଦାନ କଲେ ପରିବାର

**ମାହାଙ୍ଗା,୫।୨(ସ୍ୱ.ପ୍ର.)**



ପ୍ରମୋଦ କୁମାର ପରିଡା।

ହୃଦ୍‌ଘାତରେ ମଙ୍ଗଳବାର ଜଣେ ଶିକ୍ଷକଙ୍କ ପରଲୋକ ଘଟିଛି। ଏହାପରେ ଶିକ୍ଷକଙ୍କ ଅନୁରୋଧକ୍ରମେ ପରିବାର ଲୋକେ ତାଙ୍କ ୨ଚକ୍ଷୁକୁ ଦାନ କରି ଦେଇଛନ୍ତି। ଏହି ଘଟଣା ସମସ୍ତଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି। ମୃତ ଶିକ୍ଷକ ହେଲେ କଟକ ଜିଲା ମାହାଙ୍ଗା ବ୍ଲକ ହରିଭକ୍ତପୁରସ୍ଥିତ ମହାପୁରୁଷ ଅରକ୍ଷିତ ଦାସ ବିଦ୍ୟାପୀଠ ସହକାରୀ ଶିକ୍ଷକ ପ୍ରମୋଦ କୁମାର ପରିଡ଼ା(୫୪)। ତାଙ୍କ ଘର ବାଲିଚନ୍ଦ୍ରପୁର ଗ୍ରାମରେ। ସେ ସକାଳେ ଘରେ ବସିଥିବା ସମୟରେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଫଳରେ ତୁରନ୍ତ ତାଙ୍କୁ ପରିବାର ଲୋକେ ସ୍ଥାନୀୟ ନଡିଆସାହାସପୁର ଡାକ୍ତରଖାନା ଓ ପରେ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ସେଠାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ପରିଡ଼ାଙ୍କ ମୃତ୍ୟୁର କେଇ ମିନିଟ ପୂର୍ବରୁ ସେ ନିଜ ଚକ୍ଷୁ ୨ଟିକୁ ଚକ୍ଷୁହୀନ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଦାନ କରିବା ପାଇଁ ପରିବାର ସଦସ୍ୟଙ୍କୁ ଅନୁରୋଧ କରିଥିଲେ। ଶିକ୍ଷକ ପରିଡ଼ା ହିନ୍ଦୀ ପଢ଼ାଉଥିଲେ। ଏଥିସହିତ ଭଜନ ଗାଇବାରେ ତାଙ୍କର ସଉକ ଥିଲା। ମର ଶରୀର ଅପରାହ୍ନରେ ଗ୍ରାମରେ ପହଞ୍ଚିବା ପରେ ଶୋକାକୂଳ ପରିବେଶ ମଧ୍ୟରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

■ ଥାନାରେ ବରିଷ୍ଠ ନାଗରିକ ହଟହଟା ଘଟଣା

# ଖବର ପ୍ରକାଶ ପରେ ତତ୍ପରତା ଦେଖାଇଲା ପୋଲିସ

**ଭୁବନେଶ୍ୱର, ୫।୨(ବ୍ୟୁରୋ)**

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଗାଡ଼କଣ ଅଞ୍ଚଳର ବରିଷ୍ଠ ନାଗରିକ ନିଧି ସାହୁଙ୍କ ଜମିକୁ କେତେଜଣ ମାଫିଆ କବ୍‌ଜା କରିବା ଘଟଣାରେ ତତ୍ପରତା ଦେଖାଇଛି ପୋଲିସ। ଏହି ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ ଉକ୍ତ ଜମିରେ ପୋଲିସ ପହଞ୍ଚି ସେଠାରେ ଚାଲିଥିବା ପାଚେରି ନିର୍ମାଣ କାର୍ଯ୍ୟକୁ ବନ୍ଦ କରିଛି।
ସୂଚନା ମୁତାବକ, ନିଧିଙ୍କ ଗାଡ଼କଣ ଅଞ୍ଚଳରେ ଥିବା ପ୍ଲଟକୁ ଜବରଦଖଲ କରାଯାଇ ଗଛ କଟାଯିବା ସହ ଘର ଏବଂ ପାଚେରି ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଜୀବନ ପ୍ରତି ଭୟ ଥିବାରୁ ନିଧି ଗତ ୨୯ ତାରିଖରେ ଥାନାର ଦ୍ୱାରସ୍ଥ ହୋଇଥିଲେ। ମାଫିଆଙ୍କ କବଳରୁ ଜମିକୁ ମୁକୁଳାଇବା ପାଇଁ ନିଧି ସାତଦିନ



ଜବରଦଖଲ ମୁକ୍ତ ହୋଇଥିବା ଜମି।

ଧରି ଥାନାକୁ ଦୌଡୁଥିଲେ ମଧ୍ୟ ତାଙ୍କୁ ଥାନା ଅଧିକାରୀଙ୍କ ସହ ଭେଟ କରିବାକୁ ଦିଆଯାଇ ନ ଥିଲା। କୋର୍ଟ ନିର୍ଦ୍ଦେଶକୁ ଖାତିର ନ କରି ଡିସିପିଙ୍କ ନିର୍ଦ୍ଦେଶ ଆସିଲେ ପ୍ଲଟ ଉପରକୁ ପୋଲିସ ଯିବ ବୋଲି ଆଳ ଦେଖାଇ ଫେରାଇ ଦେଉଥିଲେ।
ମଙ୍ଗଳବାର ନିଧି ଆଉ ଏକ ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି, ପୋଲିସ ଉକ୍ତ ପ୍ଲଟରେ କାମ ବନ୍ଦ କରିଦେଲା ସତ କିନ୍ତୁ କୋର୍ଟର ନିର୍ଦ୍ଦେଶ ସତ୍ତ୍ୱେ ଉକ୍ତ ପ୍ଲଟରୁ ଲକ୍ଷାଧିକ ଟଙ୍କାର ୩୦ରୁ ଊର୍ଦ୍ଧ୍ୱ ମୂଲ୍ୟବାନ ଗଛ ବେଆଇନ ଭାବେ କାଟି ନିଆଯାଇଛି। ଏ ଘଟଣାରେ ପୋଲିସ ତଦନ୍ତ କରିବାକୁ ପଛଘୁଞ୍ଚା ଦେଉଛି। ଏ ନେଇ ଫରେଷ୍ଟରଙ୍କୁ ଅଭିଯୋଗ କରିବା ପାଇଁ କହୁଛି।
ଏ ସଂକ୍ରାନ୍ତରେ ଥାନା ଅଧିକାରୀ କେ.ପି. ମିଶ୍ରଙ୍କୁ ପଚାରିବାରୁ ସେ କହିଲେ, ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମସ୍ତ କାଗଜପତ୍ର ଯାଞ୍ଚ କରିବା ସହ ପାଚେରି ନିର୍ମାଣ କାର୍ଯ୍ୟକୁ ବନ୍ଦ କରିଛି। ଏପରି ଘଟଣାର ପୁନରାବୃତ୍ତି ନ ହେବା ସହ ବରିଷ୍ଠ ନାଗରିକଙ୍କ ଜମିକୁ ନେଇ କୌଣସି ସମସ୍ୟା ଉପୁଜିଲେ ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ସହଯୋଗ କରିବା ନେଇ ସେ ପ୍ରତିଶ୍ରୁତି ଦେଇଛନ୍ତି। ଗଛକଟା ଘଟଣାର ତଦନ୍ତ ଜାରି ରହିଛି। ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ।



ଯେଉଁ ବ୍ୟକ୍ତି ବାରମ୍ବାର ମତ ପରିବର୍ତ୍ତନ କରେ,
ତା' କଥା କେବେ ଗ୍ରହଣଯୋଗ୍ୟ ନୁହେଁ।
- ଚାଣକ୍ୟ

# ନନ୍ଦନକାନନରେ ବାଘ ଲଢ଼େଇ

## ଭିକି ଆକ୍ରମଣରେ ଚିନୁ ଗୁରୁତର

ବାରଙ୍ଗ,୫।୨(ଡି.ଏନ୍.ଏ.)

ନନ୍ଦନକାନନ ପ୍ରାଣୀ ଉଦ୍ୟାନର ୩୦ନମ୍ବର ଖୁଆଡରେ ମଙ୍ଗଳବାର ସକାଳେ ବାଘ ଲଢ଼େଇ ଦେଖିବାକୁ ମିଳିଥିଲା। ୩ବର୍ଷର କଳାବାଘ ଭିକି ଓ ଚିନୁ ଉଭୟ ମୁହାଁମୁହିଁ ହୋଇଥିଲେ। ଏଥିରେ ଚିନୁର ପଛ ଗୋଡର ଡାହାଣପଟ ପେଣ୍ଡାରେ ଶକ୍ତ ଆଘାତ ଲାଗିଥିଲା। ଭେନ୍ କଟିଯାଇ ରକ୍ତସ୍ରାବ ହେଉଥିବା ଦେଖି ପର୍ଯ୍ୟଟକମାନେ ପାଟି କରିଥିଲେ। ଏସିଏଫ୍ ତଥା ଜନ୍ତୁ ରେଞ୍ଜର ଅଶୋକ କୁମାର ଦାସ ଘଟଣାସ୍ଥଳରେ ପହଞ୍ଚି ଚିନୁକୁ ଚିକିତ୍ସା ପାଇଁ ନନ୍ଦନକାନନର ଭେଟେରିନାରୀକୁ ନେଇ ଆସିଥିଲେ। ସେଠାରେ ପଶୁ ଚିକିତ୍ସକଙ୍କ ଦ୍ୱାରା ଅସ୍ତ୍ରୋପଚାର କରାଯାଇ କ୍ୱାରେନ୍‌ଟାଇନ୍‌ରେ ରଖାଯାଇଛି। ଏବେ ଚିନୁ ସୁସ୍ଥ ଥିବା ଜଣାପଡିଛି। ୨୦୧୬ ମସିହାରେ ମନୀଷ ଓ ସ୍ନେହା ମିଳନରୁ ଦ୍ୱିତୀୟ ଥର ଭିକି, ଚିନୁ ଓ ମୌସୁମୀ ୩ଟି ଛୁଆ ଜନ୍ମ ହୋଇଥିଲେ। ନନ୍ଦନକାନନରେ ଏବେ ବାଘ ସଂଖ୍ୟା ୨୮। ସେଥିରୁ ୧୫ ସାଧାରଣ ବାଘ, ୯ ଧଳା ବାଘ ଓ ୪ଟି କଳା ଲୋମଯୁକ୍ତ ବାଘ ଛୁଆ ଅଛନ୍ତି।

# ଶ୍ରୀମନ୍ଦିର ହୁଣ୍ଡିରୁ ମିଳିଲା ବିଦେଶୀ ମୁଦ୍ରା

## ଗଣତି ବେଳେ ବାହାରିଲା ୨୬ ଆମେରିକୀୟ ଡଲାର

ପୁରୀ ଅଫିସ, ୫।୨

ଶ୍ରୀମନ୍ଦିର ହୁଣ୍ଡିରୁ ମିଳିଛି ବିଦେଶୀ ମୁଦ୍ରା। ମଙ୍ଗଳବାର ହୁଣ୍ଡି ଗଣତି ସମୟରେ ଏହି ମୁଦ୍ରା ଦେଖିବାକୁ ମିଳିଥିଲା। ହୁଣ୍ଡିରୁ ୨୬ ଆମେରିକୀୟ ଡଲାର ବାହାରିଥିବା ଶ୍ରୀମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଶ୍ରୀମନ୍ଦିର ହୁଣ୍ଡିରେ ବିଦେଶୀ ମୁଦ୍ରା ପଡିବା କିଛି ନୂଆ କଥା ନୁହେଁ। ମଝିରେ ମଝିରେ ହୁଣ୍ଡିରୁ ବିଦେଶୀ ମୁଦ୍ରା ବାହାରିଥାଏ ବୋଲି ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି। ତେବେ ଏହି ବିଦେଶୀ ମୁଦ୍ରା କିଏ ପକାଇଛି ସେ ନେଇ ନାନା ପ୍ରକାର ଆଲୋଚନା ଶୁଣିବାକୁ ମିଳୁଛି। କେହି ଏନ୍‌ଆରଆଇ ଏହା ପକାଇଥାଇପାରନ୍ତି ବୋଲି କୁହାଯାଉଛି। ସେହିପରି ଅଜାଣତରେ କୌଣସି ବିଦେଶୀ ଭକ୍ତ ମନ୍ଦିର ଭିତରେ ପଶିଯାଇ ପାରିଥାନ୍ତି ବୋଲି ମଧ୍ୟ ଚର୍ଚ୍ଚା ହେଉଛି।

ଶ୍ରୀମନ୍ଦିର ହୁଣ୍ଡିରେ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସୁଥିବା ଭକ୍ତମାନେ ଟଙ୍କା, ସୁନା, ରୁପା ଇତ୍ୟାଦି ପକାଇଥାନ୍ତି। ଏହି ଦାନ ଅର୍ଥ ଏବଂ ସୁନା, ଅଳଙ୍କାର ଆଦି ପ୍ରତିଦିନ ସନ୍ଧ୍ୟାରେ ଗଣତି କରାଯାଇଥାଏ। ଶ୍ରୀମନ୍ଦିର ବେଢା ପରିସର ଶାଖା କାର୍ଯ୍ୟାଳୟରେ ଏହି ଗଣତି ହୁଏ। ପ୍ରତିଦିନ ହୁଣ୍ଡିରୁ କେତେ ଟଙ୍କା ମିଳେ ତାହାକୁ ଶ୍ରୀମନ୍ଦିର ପ୍ରଶାସନ ସର୍ବସାଧାରଣରେ ଅବଗତ କରାଇଥାଏ। ତେବେ ମଙ୍ଗଳବାର ହୁଣ୍ଡିରୁ ମୋଟ ୨ ଲକ୍ଷ ୧୪ ହଜାର ୮୯ ଟଙ୍କା, ୧୪ ଗ୍ରାମ୍ ୩୮୦ ମିଲିଗ୍ରାମ୍ ସୁନା, ୯୬ ଗ୍ରାମ୍ ୪୦୦ ମିଲିଗ୍ରାମ ରୁପା ଏବଂ ୨୬ ଆମେରିକୀୟ ଡଲାର ବାହାରିଛି ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି। ସୂଚନାଥାଉ କି, ଗତବର୍ଷ ମେ ୩୦ତାରିଖରେ ଶ୍ରୀମନ୍ଦିର ହୁଣ୍ଡିରୁ ଅଷ୍ଟ୍ରେଲୀୟ ୨୦ ଡଲାର ଏବଂ ଆମେରିକୀୟ ୨୬ ଡଲାର ବାହାରିଥିଲା।

# ୧୧ ଏଏସ୍‌ପି ପାହ୍ୟାର ଅଧିକାରୀଙ୍କ ବଦଳି

କଟକ ଅଫିସ, ୫।୨

ନିର୍ବାଚନ ପୂର୍ବରୁ ଓଡ଼ିଶା ପୋଲିସର ବଦଳି ପ୍ରକ୍ରିୟା ଶୁକ୍ରବାରଠାରୁ ଜାରି ରହିଛି। ମଙ୍ଗଳବାର ପୁଣି ଅତିରିକ୍ତ ସୁପରିଣ୍ଟେଣ୍ଡେଣ୍ଟ ଅଫ ପୋଲିସ (ଏଏସ୍‌ପି) ର୍ୟାଙ୍କର ୧୧ ଅଧିକାରୀଙ୍କ ବଦଳି ହୋଇଛି। ଏ ନେଇ ମଙ୍ଗଳବାର ଓଡ଼ିଶା ପୋଲିସ ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। କଟକ ଏଏସ୍‌ପି ନୃସିଂହ ଚରଣ ସ୍ୱାଇଁଙ୍କୁ ରାଉରକେଲା ଏଏସ୍‌ପି ଭାବେ ବଦଳି କରାଯାଇଛି। ସେହିପରି ବ୍ରହ୍ମପୁର ମହିଳାଙ୍କ ବିରୋଧରେ ଆପରାଧିକ ତଦନ୍ତ ୟୁନିଟ୍ (ଆଇୟୁସିଏଡବ୍ଲ୍ୟୁ)ର ଏଏସ୍‌ପି ଶାନ୍ତନୁ ଦାସଙ୍କୁ ଝାରସୁଗୁଡ଼ା ଏଏସ୍‌ପି, ବଣାଇ ଏଏସ୍‌ପି ମହେନ୍ଦ୍ର ପତଲଙ୍କୁ ଝାରସୁଗୁଡ଼ା ଏଏସ୍‌ପି, ଗୋଇନ୍ଦା ଏଏସ୍‌ପି ସୁବାସ ଚନ୍ଦ୍ର ସ୍ୱାଇଁଙ୍କୁ ଭିଜିଲାନ୍ସ ଏଏସ୍‌ପି, ବରଗଡ଼ ଏଏସ୍‌ପି ଯଶୋବନ୍ତ ସେନାପତିଙ୍କୁ ଗୋଇନ୍ଦା ଏଏସ୍‌ପି, ରାଉରକେଲା ଏଏସ୍‌ପି ପ୍ରଶାନ୍ତ ମହାପାତ୍ରଙ୍କୁ ପୁରୀ ଜଗନ୍ନାଥ ମନ୍ଦିର ସୁରକ୍ଷା ବିଭାଗର ଏଏସ୍‌ପି, କୋରାପୁଟ ଆଇୟୁସିଏଡବ୍ଲ୍ୟୁ ଏଏସ୍‌ପି ଉଦ୍ଧବ ଚନ୍ଦ୍ର ନାୟକଙ୍କୁ ମାଲକାନଗିରି ଏଏସ୍‌ପି, ରାଉରକେଲା ଆଇୟୁସିଏଡବ୍ଲ୍ୟୁ ଏଏସ୍‌ପି ଅମୀୟ ଚକ୍ରବର୍ତ୍ତୀଙ୍କୁ କ୍ରାଇମବ୍ରାଞ୍ଚ ଏଏସ୍‌ପି, ମୟୂରଭଞ୍ଜ ଆଇୟୁସିଏଡବ୍ଲ୍ୟୁ ଏଏସ୍‌ପି ଦିଲ୍ଲୀପ ପଟେଲଙ୍କୁ ବଲାଙ୍ଗୀର ଆଇୟୁସିଏଡବ୍ଲ୍ୟୁ ଏଏସ୍‌ପି, କମିଶନରେଟ ପୋଲିସର ଅତିରିକ୍ତ ଡିସିପି ତ୍ରିନାଥ ପଟେଲଙ୍କୁ ବାଲେଶ୍ୱର ଏଏସ୍‌ପି, ବାଲେଶ୍ୱର ଏଏସ୍‌ପି ଦୀନରଞ୍ଜନ ନାୟକଙ୍କୁ ବାଲେଶ୍ୱର ଆଇୟୁସିଏଡବ୍ଲ୍ୟୁ ଏଏସ୍‌ପି ଭାବେ ବଦଳି କରାଯାଇଛି।

# ପ୍ରେମିକ ୪୨୦: ଡାକ୍ତର, ପୋଲିସ ପରିଚୟ ଦେଇ ଯୁବତୀଙ୍କୁ ଫସାଉଥିଲେ

## ଶାରୀରିକ ସମ୍ପର୍କ ପରେ ଅର୍ଥ ଲୁଟୁଥିଲେ



ଭୁବନେଶ୍ୱର,୫।୨ (ବ୍ୟୁରୋ)

ପ୍ରେମିକ ୪୨୦। ନିଜକୁ ଡାକ୍ତର, ପୋଲିସ ଓ ବ୍ୟାଙ୍କ ଅଫିସର ପରିଚୟ ଦେଇ ଏକାଧିକ ଯୁବତୀ ଓ ମହିଳାଙ୍କୁ ଫସାଉଥିଲେ। ପ୍ରଥମେ ପ୍ରେମ ସମ୍ପର୍କ ଓ ପରେ ଶାରୀରିକ ସମ୍ପର୍କ ରଖି ବ୍ଲାକ୍‌ମେଲିଂ କରି ଅର୍ଥ ଆଦାୟ କରୁଥିଲେ। ଏହି କଳା କାରନାମା ପଦାକୁ ଆସିବା ପରେ ମହିଳା ଥାନା ପୋଲିସ ଉକ୍ତ ଯୁବକଙ୍କୁ ଗିରଫ କରିଛି। ସେ ହେଲେ କନ୍ଧମାଳ ଜିଲା ଦାରିଙ୍ଗବାଡିର ପ୍ରିୟରଞ୍ଜନ ନାୟକ। ବୁଧବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି।

ପ୍ରିୟରଞ୍ଜନ ରାଜଧାନୀର ମଞ୍ଚେଶ୍ୱର ଥାନା ଅଞ୍ଚଳରେ ରହୁଥିଲେ। ସେ ମିଛ ପରିଚୟ ଦେଇ ଏକାଧିକ ଯୁବତୀ ଓ ମହିଳାଙ୍କ ସହ ସମ୍ପର୍କ ରଖୁଥିଲେ। ପରେ ତାଙ୍କୁ ପାର୍କ ଓ ମଲ୍ ଆଦି ସ୍ଥାନକୁ ବୁଲାଇ ନେଉଥିଲେ। ଦୁଇ ଦିନ ତଳେ ଜଣେ ପ୍ରତାରିତ ଯୁବତୀ ପ୍ରିୟରଞ୍ଜନଙ୍କ ମୋବାଇଲକୁ ଫୋନ୍ କରିଥିଲେ। ସେହି ସମୟରେ ପ୍ରିୟରଞ୍ଜନଙ୍କ ଫୋନ୍‌କୁ ଅନ୍ୟ ଜଣେ ଯୁବତୀ ଉଠାଇଥିଲେ। ଧୋକା ଖାଇଥିବା ଯୁବତୀ ତାଙ୍କୁ ସବୁ କଥା କହିଥିଲେ। ଏହାପରେ ପ୍ରିୟରଞ୍ଜନଙ୍କ କଳା କାରନାମା ପଦାରେ ପଡିଥିଲା। ଶେଷରେ ତାଙ୍କଠାରୁ ଧୋକା ଖାଇଥିବା ୩ ଯୁବତୀ ଏକ ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାରା ମହିଳା ଥାନାରେ ଅଭିଯୋଗ କରିଥିଲେ। ମହିଳା ଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ମଙ୍ଗଳବାର ମଞ୍ଚେଶ୍ୱର ଥାନା ପୋଲିସ ସହାୟତାରେ ତାଙ୍କୁ ଗିରଫ କରିଛି।

ଏନେଇ ପ୍ରିୟରଞ୍ଜନ କହିଛନ୍ତି ତାଙ୍କ ବିରୋଧରେ ଏହା ଏକ ଷଡ଼ଯନ୍ତ୍ର। ଏସବୁ ଅଭିଯୋଗ ମିଥ୍ୟା। ପୋଲିସ କମିଶନର ସତ୍ୟଜିତ ମହାନ୍ତି କୁହନ୍ତି, ମହିଳା ଥାନାରେ ୩ ଯୁବତୀ ଅଭିଯୋଗ କରିବା ପରେ ଘଟଣାର ତଦନ୍ତ କରାଯାଇ ଯୁବକଙ୍କୁ ଗିରଫ କରାଯାଇଛି।


**ZILLA SWASTHYA SAMITI, NUAPADA**
**DISTRICT PROGRAMME MANAGEMENT UNIT**
**NATIONAL RURAL HEALTH MISSION**

Email : nhmnuapda@gmail.com, Phone : (06678)-225908
Letter No. 266/DPMU/NHM/19 Date : 05.02.2019

**NOTICE**

The provisional merit list for the post of AYUSH Doctors- RBSK/MHU with reference to the Advertisement No-001/DPMU/NHM/19 dated 09.01.2019 has been uploaded in the district website www.nuapada.nic.in. This list is purely provisional in nature and is subject to change after further scrutiny / verification, wherever applicable. All the candidates are required to go through the list, verify their status and submit objections, if any by 12.02.2019 till 5.00 P.M. through speed post/ regd. Post/ courier or may submit in the O/o the undersigned. Objections received after due date and time will not be considered.

Sd./-Chief District Medical & Public Health Officer
cum District Mission Director, NHM, Nuapada



**Office of the Collector & District Magistrate, Nuapada, Dist: Nuapada**

(SSD Section) No.322 / Dt.05.02.2019

**Tender for Selection of HR Service Provider**

Sealed tenders are hereby invited from reputed Recruitment Agencies for selection of HR Service Providers for hiring human resources by the district welfare Officer, Nuapada District under Scholarship management unit which should be sent through regd. post or speed post and should reach the DWO Office on or before Dt.21.02.2019 by 5.00 P.M. The details Tender document can be downloaded from the district website www.nuapada.nic.in. For eligibility criteria, scope of work, deliverable and other relevant details please refer the tender document.

The tender will be opened at 11.00 A.M. on Dt.22.02.2019 in presence of the bidders / their authorized agents in the meeting hall of Collectorate, Nuapada. The undersigned reserves right to accept / reject / negotiate any or all the tenders without assigning any reasons.

Sd./-
District Welfare Officer, Nuapada



**COLLECTORATE, GANJAM, CHATRAPUR, (D.S.W.O. SECTION)**

Ph No: 06811-263968,262460, E-Mail: dswoganjam@nic.in
No.327 Dt.01.02.2019

**SHORT TENDER CALL NOTICE, FOR ENGAGEMENT OF TRANSPORTING AGENT UNDER SNP FEEDING PROGRAMME IN GANJAM DISTRICT FOR 2019-20**

Sealed tenders in prescribed format under two bid system are invited from intending registered firms / authorized licensed Transport Contractor / Agents having valid TIN, PAN, GST registration & clearance certificate for undertaking transportation of food stuff (rice & wheat) under SNP feeding programme in Ganjam District for the year 2019-20. The tender paper (bid documents) containing detailed specification with terms and condition can be obtained by downloading from the Ganjam district website https//ganjam.nic.in. The cost of tender paper is Rs.10,000/- which is to be deposited in shape of DD in favour of District Social Welfare Office, Ganjam and enclosed in the technical bid of the tender last date and time for received of tender paper is 25.02.2019 at 5.00 P.M. and will be opened on 26.02.2019 at 4.00 P.M. in the Collectorate, Ganjam, Chatrapur. The quotation must be sent through Registered Post / Speed Post only addressed to dist Social Welfare Officer, Ganjam, Chatrapur, PIN-761020, Dist- Ganjam. Sending of quotations through couriers or by hand is not allowed. This Office will not be responsable for any postal -delay. the tender paper should be submitted in sealed cover super -scribing as **"TENDER FOR UNDERTAKING TRANSPORTATION WORKUNDER SNP FEEDING PROGRAMME IN GANJAM DISTRICT 2019-20"**.

The authority reserves the right to reject any or all the tenders without assigning any reason thereof. *Sd./- Collector, Ganjam*



DADLS-269

**ବିଶିଷ୍ଟ ସଂଗ୍ରାମୀ ତଥା ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ଉପଲକ୍ଷେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା**

ତା. ୦୮.୦୨.୨୦୧୯ ସ୍ଥାନ : ଗୀତଗୋବିନ୍ଦ ସଦନ

**ପ୍ରବନ୍ଧ ପ୍ରତିଯୋଗିତା :** ସମୟ – ପୂର୍ବାହ୍ନ ଘ. ୧୧.୩୦ ମି.
ପ୍ରଥମ ବର୍ଗ (ପଞ୍ଚମରୁ ସପ୍ତମ ଶ୍ରେଣୀ)
ଦ୍ୱିତୀୟ ବର୍ଗ (ଅଷ୍ଟମରୁ ଦଶମ ଶ୍ରେଣୀ)
ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)

**ବକ୍ତୃତା ପ୍ରତିଯୋଗିତା :** ସମୟ – ଅପରାହ୍ନ ଘ.୧.୩୦ ମି.
ପ୍ରଥମ ବର୍ଗ (ପଞ୍ଚମରୁ ସପ୍ତମ ଶ୍ରେଣୀ)
ଦ୍ୱିତୀୟ ବର୍ଗ (ଅଷ୍ଟମରୁ ଦଶମ ଶ୍ରେଣୀ)
ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)

- ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ ସେମାନେ ନିର୍ଦ୍ଧାରିତ ସମୟର ଏକଘଣ୍ଟା ପୂର୍ବରୁ ଆସି ନାମ ପଞ୍ଜୀକରଣ କରାଇବେ।
- ପ୍ରତିଯୋଗିତା ଆରମ୍ଭର ଏକଘଣ୍ଟା ପୂର୍ବରୁ ପ୍ରତିଯୋଗିତାର ବିଷୟବସ୍ତୁ ପ୍ରଦାନ କରାଯିବ।
- ପ୍ରତିଯୋଗିତା କେବଳ ଓଡ଼ିଆ ଭାଷାରେ ଅନୁଷ୍ଠିତ ହେବ।
- ପ୍ରବନ୍ଧ ପ୍ରତିଯୋଗିତା ପାଇଁ ଉତ୍ତରଖାତା ଯୋଗାଇ ଦିଆଯିବ। ପ୍ରତିଯୋଗୀମାନେ ସାଙ୍ଗରେ ପରିଚୟ ପତ୍ର / ପ୍ରଧାନ ଶିକ୍ଷକ / ପ୍ରଧାନ ଶିକ୍ଷୟିତ୍ରୀ / ଅଧ୍ୟକ୍ଷ/ ଅଧ୍ୟକ୍ଷାଙ୍କ ଅନୁମତି ପତ୍ର ଆଣିବା ଆବଶ୍ୟକ।
- ପ୍ରତ୍ୟେକ ବର୍ଗରୁ ତିନିଜଣ କୃତୀ ପ୍ରତିଯୋଗୀଙ୍କୁ ତା. ୦୮.୦୨.୨୦୧୯ରିଖ ସନ୍ଧ୍ୟା ୬ ଘଟିକା ସମୟରେ ଜୟଦେବ ଭବନଠାରେ ଅନୁଷ୍ଠିତ ସାଧାରଣ ସଭାରେ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯିବ।

ନିର୍ଦ୍ଦେଶକ
15001/13/0575/1819 ସୂଚନା ଓ ଲୋକସମ୍ପର୍କ ବିଭାଗ



**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
(ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର,
ୟୁନିଟ୍–୮, ଭୁବନେଶ୍ୱର– ୭୫୧୦୧୨

ସଂଖ୍ୟା : ୧୪୫୬ / IND-II-PH-788 ତାରିଖ : ୦୫।୦୨।୨୦୧୯

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, **ମେସର୍ସ କମଲଜିତ୍ ସିଂହ ଆଲହୁୱାଲିଆ ଓଡ଼ିଶାର କେନ୍ଦୁଝର ଜିଲ୍ଲା, ବଡ଼ବିଲ ତହସିଲ ଅନ୍ତର୍ଗତ ନୂଆଗାଁ, ଗୁଆଲି, ଟୋପାଡ଼ିହି, ବରପଦା ଏବଂ କଟାସାହି ଠାରେ ୭୬୭.୨୮୪ ହେକ୍ଟର ପରିମିତ ଅଞ୍ଚଳରେ ଅବସ୍ଥିତ ନୂଆଗାଁ ଲୌହଧାତୁ ଖଣିର ଲୌହଧାତୁ ଉତ୍ପାଦନ କ୍ଷମତା ବାର୍ଷିକ ୫.୬୨ ନିୟୁତ ଟନ୍‌ରୁ ବାର୍ଷିକ ୭.୯୯ ନିୟୁତ ଟନ୍ (ଆର୍.ଓ.ଏମ୍.)କୁ ବୃଦ୍ଧି କରିବା ସହିତ ଅବସ୍ଥିତ ବାର୍ଷିକ ୨.୦ ନିୟୁତ ଟନ୍ ଖଣିଜ ବିଶୋଧନାଗାର କାରଖାନା ସହ କ୍ରସିଙ୍ଗ ଏବଂ ସ୍କ୍ରିନିଙ୍ଗ ପ୍ଲାଣ୍ଟ ପ୍ରତିଷ୍ଠା** ନିମନ୍ତେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମିତ୍ତ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩(ଇ), ତା.୧୪।୦୯।୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥି ନିମିତ୍ତ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି। ଏଥିନିମିତ୍ତ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେକୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେକୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକ ଯୋଗେ ଜଣାଇପାରିବେ। ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା.୦୮.୦୩.୨୦୧୯ ରିଖ ଦିବା ୧୧.୦୦ ଘଟିକା ସମୟରେ କେନ୍ଦୁଝର ଜିଲ୍ଲା, ବରପଦା ଗ୍ରାମ ଅନ୍ତର୍ଗତ ବରପଦା ପଡ଼ିଆଠାରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ୍ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **କେନ୍ଦୁଝର**।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **କେନ୍ଦୁଝର**।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ,**କେନ୍ଦୁଝର**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ଭୁବନେଶ୍ୱର– ୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **କେନ୍ଦୁଝର**।
୬. ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।

ଏତଦ୍ ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍ ସାଇଟ୍ www.ospcboard.orgରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, **କେନ୍ଦୁଝର** ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

ସ୍ୱା./- ସଦସ୍ୟ ସଚିବ



**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**GANJAM [R&B] DIVISION NO.II, BERHAMPUR**

Phone/Fax: 0680-2233996, e-mail: eernb2_bam@yahoo.co.in
**INVITATION FOR BIDS (IFB) [e-Procurement]**
No.1219-B:- **TENDER CALL NOTICE**
**Bid Identification No. SC (R&B)-GM-II-45/2018-19**
**No. 1284 Dated.04.02.2019**

| | | |
|---|---|---|
| 1) | The Executive Engineer, Ganjam [R&B] Division No.II, Berhampur on behalf of Governor of Odisha invites percentage rate bid in Double cover system to be received in ONLINE MODE only for the work as detailed below. | |
| 2) | Nature of Work | Building work |
| 3) | No. of work | 01 No. |
| 4) | Tender Cost | Rs. 10,000/- |
| 5) | Class of Contractor | 'B' class, & 'A' class |
| 6) | Availability of bid documents in the website | From 11.02.2019, 10.00 AM to 20.02.2019, 4.00 P.M. |
| 7) | Date of opening of Bid | 21.02.2019 at 11.30 A.M. |
| 8) | The Bidders have to participate in ONLINE bidding only. Further details can be seen from the website https://tendersorissa.gov.in. | |

(Sd./- A.K.Dass)
Executive Engineer
34080/11/0033/1819 Ganjam (R&B) Division No.II



**GOVERNMENT OF ODISHA, OFFICE OF THE EXECUTIVE ENGINEER, RWS&S DIVISION, MALKANGIRI**
Tel: 06861-231617, Fax - 06861-231617, E-mail - eerwss_mal@nic.in, eerwssmlkg@gmail.com

**INVITATION FOR BIDS**
**NATIONAL COMPETITIVE BIDDING**
**Bid Identification No: RWSS_MKG_ONLINE_06/ 2018-19 DATED:- 31.01.2019**

**No. 1548-O:-** The Executive Engineer, RWS&S Division, Malkangiri on behalf of Governor of Odisha invites from bidders of eligible class registered with the State Government and bidders of equivalent Grade / Class registered with Central Government / MES / Railways according to the norm of "e" Procurement system in online mode for the works detailed in the table below to be eventually drawn up in P-1 contract.

1. Name of the Work : 02 Nos. Spring based piped water supply schemes & 03 Nos. Water supply to different ST/SC Hostels in the Malkangiri district.
2. No. of Works : 05 Nos.
3. Estimated Cost : Rs. 5.30 Lakhs to Rs. 12.17 Lakhs
4. Tender Paper Cost : Rs. 4000/- to Rs. 6000/-
5. Class of Contractor :

| Estimated cost upto Rs. 20.00 lakhs | Estimated cost more than Rs. 20.00 lakhs & within Rs. 40.00 lakhs | Estimated cost more than Rs. 40.00 lakhs & within Rs. 150.00 lakhs |
|---|---|---|
| 'D' & 'C' | 'C' & 'B' | 'B' & 'A' |

6. Period of Completion : 03 (Three) to 08 (Eight) calendar months
7. Critical dates :

| Procurement Officer | Bid Identification No. | Availability of Tender online for Bidding | | Last Date of seeking tender Clarification | Date of opening of Bid |
|---|---|---|---|---|---|
| | | From | To | | |
| Executive Engineer, RWS&S Division, Malkangiri | RWSS_MKG_ONLINE _06 of 2018-19 | 08.02.2019 at 09.00AM | 16.02.2019 upto 05.00PM | 15.02.2019 | 18.02.2019 at 04.00PM |

- Further details can be seen in the bidding documents, which is available in the e-procurement portal https://www.tendersorissa.gov.in.
- Subsequent corrigendum if required shall be appeared in the website.
- Authority reserves the right to reject any or all tenders without assigning any reason thereof.

25044/11/0021/1819 *Executive Engineer, RWS&S Division, Malkangiri*



**THE ODISHA STATE POLICE HOUSING & WELFARE CORPORATION LTD.**
(A Government of Odisha Undertaking)
No.CAD-1373
**Janapath, Bhoinagar, Bhubaneswar-22**
Ph : 0674-2541545, 2542921, Fax : 0674-2541543
Email : ophwc.od@nic.in, Website : www.ophwc.nic.in
e-Procurement Notice No. - 51/OPHWC/2018-19
**Invitation for BIDS (IFB)**

| | | |
|---|---|---|
| 1. | The Chief Engineer (OSPH&WC), Odisha, Bhubaneswar invites percentage rate bid in Double Cover system in ONLINE MODE only for the work as detailed below. | |
| 2. | Nature of the work | Building Works |
| 3. | No. of work | 03 Nos. |
| 4. | Bid Cost | Rs. 11,800/- (To be paid online) |
| 5. | Value of Tender | Rs. 2,74,54,752.00 to Rs. 3,58,44,834.00 |
| 6. | Class of Contractor | B Class to SPL Class |
| 7. | Availability of Bid Documents in the website | Dt. 08.02.2019 to Dt. 22.02.2019 |
| 8. | Last date / time of Receipt of Bids in the Portal | Dt. 22.02.2019 upto 5.00 P.M. |
| 9. | Date of opening of Bid | Dt. 23.02.2019 at 11.30 A.M. |
| 10 | The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum/corrigendum/cancellation of tender can also be seen in the said website. | |

**N.B. : The quoted rate should be all inclusive but excluding G.S.T. as applicable under works contract.**
Sd./- Chief Engineer (OSPH&WC), Odisha
12025/11/0111/1819



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER,**
**SOUTHERN (R&B) CIRCLE, BERHAMPUR**
Phone : 0680-2281582, e-mail : sescpwd@yahoo.co.in
No.1317-B

**INVITATIONS FOR BIDS (IFB) [e-Procurement]**
**Bid Identification No. S.E, S.C (R&B)-BAM-19/2018-19**
**No. 390 / Dated : 02.02.2019**

| | | |
|---|---|---|
| 1. | The Superintending Engineer, Southern (R&B) Circle, Berhampur on behalf of Governor of Odisha invites percentage rate bid in double cover system in ONLINE MODE from eligible contractors for construction of Road & Building works as detailed in the table below. | |
| 2) | Nature of work | Road & Building works |
| 3) | No. of work | 04 Nos. |
| 4) | Tender Cost | Rs.10,000/- (online) |
| 5) | Class of Contractor | "B" & "A" Class |
| 6) | Availability of Bid document in the website | From 11.02.2019, 10.00 AM to 26.02.2019, 4.00 PM |
| 7) | Date of Opening of Bid | 27.02.2019 at 11.30 A.M. |
| 8) | The Bidders have to participate in ONLINE bidding only. Further details can be seen from the website https://tendersorissa.gov.in. | |
| 9) | Any addendum / corrigendum / cancellation of tender can also be seen in the said website only. | |

Sd./- Superintending Engineer
34103/11/0048/1819 Southern (R&B) Circle, Berhampur



**OFFICE OF THE MUNICIPAL COUNCIL, KENDRAPARA**

No........................ Dt.........................

**QUOTATION CALL NOTICE**

The Executive Officer, Kendrapara Municipality on behalf of Kendrapara Municipality, Dist- Kendrapara invites sealed quotations from the intending registered firms / authorized dealers / distributors / suppliers and manufacturers of renovation of Town hall at Kendrapara Municipality. The prescribed quotation Scheduled can be obtained from the office of the Kendrapara Municipality on payment of Rs.4,000/- (Rupees Four Thousand) only + GST @ 18% (Non refundable) in shape of cash / Bank draft / Bankers cheque draw in favour of the Executive Officer, Kendrapara Municipality payable at Kendrapara from any Nationalized Bank from Date. 06.02.2019 to Date.16.02.2019 up to 5.00 P.M. during office hour excect holidays.

The quotation paper along with all documents should reach the undersigned by Regd. post / Speed post / Courier service or by person on or before Date.17.02.2019 up to 1.00 P.M. on the same date at 3.00 P.M. in presence of the quotationers or their authorized representative if any. The quotation received beyond the schedule date and time will not be considered at all.

All terms and conditions may be seen in the quotation schedule. The undersigned has the rights to accept cancel or reject any or all the quotations without assigning any reason thereof.

*By Order of Administrator*
Sd./- Executive Officer,
Kendrapara Municipality



**OFFICE OF THE SUPERINTENDENT, SUB-DIVISIONAL HOSPITAL, NILGIRI, BALASORE**
**Phone No- 06782-233248, Mobile No-9439980855**

**No: -218 Date:-01.02.2019**

**Tender Call Notice for Diet(Cook Food) at Sub- Divisional Hospital, Nilgiri, Balasore**

**No.855-E:-** The administration SDH, Nilgiri invites sealed tender from Registered Firms /Agency /Contractors / NGOs/SHGs for Diet (Cook food) at SDH, Nilgiri, Balasore for the year 2019-20. So as to reach the office of the Superintendent, SDH, Nilgiri latest by 16.02.2019 upto 4.00 PM through Regd./Speed Post only and it will be opened on 19.02.2019 at 2.30 PM in the presence of tenderers or their authorized representatives. The opening process will not be postponed if the tenderers will not present on scheduled date & time. A pre-bid discussion will be held on 08.02.2019 at 12.00 PM. Details are available in the tender paper which can be downloaded from www.baleswar.nic. in as well as in office & deposit the tender fees Rs. 500/- in shape of DD in the name of SDSS, Nilgiri or attach in Technical Bid, which is non-refundable.

Authority reserves every right to reject all or any of the tender without assigning any reason thereof.

**Sd./- Superintendent, Sub-Divisional Hospital,**
10132/11/0002/1819 **Nilgiri, Balasore**

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୬ ଫେବୃୟାରୀ, ୨୦୧୯



ସାବରିମାଲା ମନ୍ଦିର ଘଟଣାରେ ହସ୍ତକ୍ଷେପ କରିବାକୁ ୪ଜଣ ମହିଳା ସୁପ୍ରିମକୋର୍ଟଙ୍କୁ ନିବେଦନ କରିଛନ୍ତି। ଏହି ମନ୍ଦିରରେ ସବୁ ବୟସ ବର୍ଗର ମହିଳାଙ୍କ ପ୍ରବେଶ ପାଇଁ ଅନୁମତି ଦେଇ ସୁପ୍ରିମକୋର୍ଟ ଗତବର୍ଷ ସେପ୍ଟେମ୍ବରରେ ଯେଉଁ ଐତିହାସିକ ରାୟ ଦେଇଥିଲେ, ତାହା ବଜାୟ ରଖିବାକୁ ଏହି ମହିଳାମାନେ ନିବେଦନ କରିଛନ୍ତି। କେରଳର ୪ ମହିଳା ରେଶ୍ମା ସି ଭି, ଶାନିଲା, ବିନ୍ଦୁ ଏ ଏବଂ କନକଦୁର୍ଗା ଏହି ଆବେଦନ କରିଛନ୍ତି।



## ସଂକ୍ଷେପରେ

### ଡେଭିଡ ମଲ୍ପାସ ହୋଇପାରନ୍ତି ବିଶ୍ୱବ୍ୟାଙ୍କ ମୁଖ୍ୟ

**ୱାଶିଂଟନ,୫।୨:** ଆମେରିକା ପ୍ରଶାସନରେ କାର୍ଯ୍ୟ କରୁଥିବା ଡେଭିଡ ମଲ୍ପାସ ବିଶ୍ୱବ୍ୟାଙ୍କର ମୁଖ୍ୟ ହୋଇପାରନ୍ତି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ ନାମ ସୁପାରିସ କରିପାରନ୍ତି ବୋଲି ବେଶ୍ ଚର୍ଚ୍ଚା ହେଉଛି। ସୂଚନାଥାଉ କି, ମଲ୍ପାସ ବିଶ୍ୱ ବ୍ୟାଙ୍କର ଜଣେ ବଡ଼ ସମାଲୋଚକ ଭାବେ ଜଣାଶୁଣା। ଟ୍ରମ୍ପ ପ୍ରଶାସନର ଜଣେ ବରିଷ୍ଠ ଅଧିକାରୀ ନାମ ଗୋପନ ରଖିବା ସର୍ତ୍ତରେ ଏହା ପ୍ରକାଶ କରିଛନ୍ତି। ଚଳିତ ସପ୍ତାହରେ ସେ ଏ ସମ୍ପର୍କରେ ଘୋଷଣା କରିପାରନ୍ତି ବୋଲି ଅଧିକାରୀ ଜଣକ କହିଛନ୍ତି। ମଲ୍ପାସ ବର୍ତ୍ତମାନ ଟ୍ରମ୍ପ ପ୍ରଶାସନରେ ଅର୍ଥ ବିଭାଗରେ ଅନ୍ତଃରାଷ୍ଟ୍ରୀୟ ବ୍ୟାପାର ଉପସଚିବ ଭାବେ ଦାୟିତ୍ୱ ତୁଲାଉଛନ୍ତି। ବିଶ୍ୱ ବ୍ୟାଙ୍କରେ ସଂସ୍କାର ଆଣିବା ଲାଗି ସେ ବହୁଥର ପ୍ରସ୍ତାବ ଦେବା ସହ ଏହାକୁ ନେଇ ବିରୂପ ମନ୍ତବ୍ୟମାନ ଦେଇଛନ୍ତି। ବିଶ୍ୱ ବ୍ୟାଙ୍କର ସବୁଠାରୁ ବଡ଼ ନିନ୍ଦୁକ ଭାବେ ପରିଚିତ ମଲ୍ପାସଙ୍କ ମନୋନୟନ ନେଇ ଝଡ଼ ସୃଷ୍ଟି ହୋଇପାରେ।

# ନିର୍ବାଚନୀ ପ୍ରତିଯୋଗିତା, ପ୍ରଥମ ହେବାକୁ ପ୍ରୟାସ


ରାହୁଲ ଗାନ୍ଧୀ

- ଆଜି ଆସୁଛନ୍ତି ରାହୁଲ, ଗଡ଼କରୀ
- ବିଜେଡିରେ ମିଶିବେ ଯୋଗେଶ
- ୧୫ରେ ପୁଣି ପଶ୍ଚିମଓଡ଼ିଶା ଆସିବେ ଶାହ
- ଖୁବ୍‌ଶୀଘ୍ର ଓଡ଼ିଶା ଆସିବେ ପ୍ରିୟଙ୍କା ଗାନ୍ଧୀ


ନୀତିନ ଗଡ଼କରୀ

**ଭୁବନେଶ୍ୱର, ୫।୨(ବ୍ୟୁରୋ)**

ଓଡ଼ିଶାକୁ ବର୍ତ୍ତମାନ କେନ୍ଦ୍ରୀୟ ନେତାମାନେ ଘନଘନ ଗସ୍ତ ଆରମ୍ଭ କରିଦେଇଛନ୍ତି। ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର କେନ୍ଦ୍ରରେ ଶାସନ କ୍ଷମତାକୁ ଆସିବାପରେ ୨୦୧୪ ପରଠାରୁ ଦଳର କେନ୍ଦ୍ରୀୟ ନେତାମାନେ ଏକାଧିକ ବାର ଓଡିଶା ଆସିଲେଣି। ଏହି ଧାରା ଏବେ ପର୍ଯ୍ୟନ୍ତ ମଧ୍ୟ ଜାରି ରହିଛି। ଏହାସହ ଓଡିଶାରେ ଭାଜପା ସରକାର କରିବା ଆଶାରେ ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ନିକଟରେ ପ୍ରଧାନମନ୍ତ୍ରୀ ୩ଥର ଗସ୍ତ କରିସାରିଥିବା ବେଳେ ଶାହ ଗତ ଦୁଇ ସପ୍ତାହ ମଧ୍ୟରେ ଦୁଇଥର ଆସି ଗଲେଣି। ବିଜେଡି ମଧ୍ୟ ଭାଜପାକୁ ସହଜରେ ଆଗକୁ ଯିବାକୁ ରାସ୍ତା ଛାଡୁନାହିଁ। ୨୦୧୯ ନିର୍ବାଚନୀ ପ୍ରତିଯୋଗିତାକୁ କମ୍ ସମୟ ଥିବାରୁ ସବୁ ଦଳ ପ୍ରଥମ ହେବାକୁ ଲାଗିପଡିଛନ୍ତି। ଆଜି ପର୍ଯ୍ୟନ୍ତ ଯେତେସବୁ କାର୍ଯ୍ୟକ୍ରମ ରାଜ୍ୟରେ ଭାଜପା ପକ୍ଷରୁ ଆୟୋଜନ କରାଯାଇଛି ସମାନ ଦିନରେ ବିଜେଡି ସମାନ୍ତରାଳ କାର୍ଯ୍ୟକ୍ରମ କରି ନିଜର ଶକ୍ତି ପ୍ରଦର୍ଶନ କରିଚାଲିଛି। ଏହି କ୍ରମରେ ଗତ ଜାନୁୟାରୀ ୨୫ରେ ସାଢେ ୩ବର୍ଷ ପରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଓଡିଶା ଗସ୍ତରେ ଆସି ଉଭୟ ବିଜେଡି ଓ ଭାଜପା ଉପରେ ବର୍ଷିଥିଲେ। ରାହୁଲଙ୍କ ଏହି ଗସ୍ତକୁ ଲକ୍ଷ୍ୟ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରୀଠାରେ ସମାନ୍ତରାଳ କାର୍ଯ୍ୟକ୍ରମର ଆୟୋଜନ କରି ନିଜର ଦମ୍ ଦେଖାଇବାକୁ ଭୁଲି ନ ଥିଲେ। ଦଳଗୁଡିକର ଯଦି ଏହିସବୁ କାର୍ଯ୍ୟକ୍ରମକୁ ଲକ୍ଷ୍ୟ କରାଯାଏ ତେବେ ଓଡିଶା ଉପରେ ବର୍ତ୍ତମାନ ଦୁଇ ଜାତୀୟ ଦଳ ଅଧିକ ମାତ୍ରାରେ ଗୁରୁତ୍ୱ ଦେବା ଆରମ୍ଭ କରିଦେଇଛନ୍ତି। ଅନ୍ୟପଟେ ଦୁଇ ଦଳକୁ ମଧ୍ୟ ସାମ୍ନା କରିବାକୁ ବିଜେଡି ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ଜଣାପଡିଛି। ବୁଧବାର କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ପୁଣିଥରେ ଦିନିକିଆ ଓଡିଶା ଗସ୍ତରେ ଆସୁଛନ୍ତି। ପଶ୍ଚିମଓଡିଶାର ଭବାନୀପାଟଣା ଏବଂ ରାଉରକେଲାଠାରେ ଆୟୋଜିତ ଦୁଇଟି ସାଧାରଣ ସଭାରେ ସେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ସମାନଦିନରେ କେନ୍ଦ୍ରର ବରିଷ୍ଠ ମନ୍ତ୍ରୀ ନୀତୀନ ଗଡକରୀ ମଧ୍ୟ ଓଡିଶା ଆସୁଛନ୍ତି। ଗଡକରୀ ୩ଟି କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ଏଭଳିସ୍ଥଳେ ବିଜେଡି ମଧ୍ୟ ପଛରେ ପଡିବାକୁ ଚାହିଁନି। ନିକଟରେ କଂଗ୍ରେସ ଛାଡିଥିବା ପୂର୍ବତନ ବିଧାୟକ ଯୋଗେଶ ସିଂହ ବୁଧବାର ବିଜେଡିରେ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି। ବିଜେଡି ରାଜ୍ୟ କାର୍ଯ୍ୟାଳୟଠାରେ ଏଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। କେନ୍ଦ୍ରମନ୍ତ୍ରୀ ଗଡ଼କରୀ ପୂର୍ବାହ୍ନ ୧୦ଟାରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚି ସେଠାରେ ହେଲିକପ୍ଟର ଯୋଗେ ଢେଙ୍କାନାଳ ଜିଲା କାମାକ୍ଷାନଗରଠାରେ ଏକ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେଇ ଜାତୀୟ ରାଜପଥର ଶିଳାନ୍ୟାସ କରିବେ। ସେଠାରୁ ୧୧ଟା ୩୦ରେ ବାହାରି ପାରାଦୀପ ଷ୍ଟାଡିୟମରେ ଆୟୋଜିତ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେଇ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ସେଠାରୁ ୧ଟା ୩୦ରେ ବାହାରି ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ଆୟୋଜିତ ଦଳୀୟ କାର୍ଯ୍ୟକ୍ରମରେ ସାମିଲ ହେବେ। 'ଭାରତ କେ ମନ କି ବାତ ମୋଦି କେ ସାଥ୍' ଅଭିଯାନ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିବେ। ଏହି ଅବସରରେ ଦେଶରେ ୩ଶହ ହାଇଟେକ୍ ଏଲଇଡି ରଥ ବୁଲିବା ସହ ୭୫୦୦ଟି ପ୍ରସ୍ତାବ ବାକ୍ସ ମଧ୍ୟରେ ଦେଶବାସୀ ସେମାନଙ୍କ ବହୁ ମୂଲ୍ୟ ମତାମତ ଦେଇପାରିବେ। ଓଡିଶାରେ ୪୦ଟି ପ୍ରସ୍ତାବ ବାକ୍ସ ରହିବ। ଏହି ରଥକୁ ଗଡକରୀ ପତାକା ଦେଖାଇ ଶୁଭାରମ୍ଭ କରିବାର କାର୍ଯ୍ୟକ୍ରମ ଥିବା ଭାଜପା ବରିଷ୍ଠ ନେତା ବିଶ୍ୱଭୂଷଣ ହରିଚନ୍ଦନ ସୂଚନା ଦେଇଛନ୍ତି। ଏହାପରେ ସେ ୫ଟା ୩୦ରେ ଦିଲ୍ଲୀ ଫେରିଯିବେ। ଅନ୍ୟପଟେ ରାହୁଲଙ୍କ ଗସ୍ତକୁ ନେଇ ମଧ୍ୟ ଚର୍ଚ୍ଚା ଜୋର୍ ଧରିବାରେ ଲାଗିଛି। ପୂର୍ବଥର ଭଳି ରାହୁଲ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ବର୍ଷିବେ ନା ନିଜ ଆଭିମୁଖ୍ୟରେ ପରିବର୍ତ୍ତନ ଆଣିବେ ତାହା ମଧ୍ୟ ଦେଖିବାକୁ ଜନସାଧାରଣ ଉତ୍କଣ୍ଠାର ସହ ଅପେକ୍ଷା କରି ରହିଛନ୍ତି। ଏହାସହ ରାହୁଲଙ୍କ ଗସ୍ତର ୧୫ଦିନ ପରେ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଓଡିଶା ଆସିବାର କାର୍ଯ୍ୟକ୍ରମ ସ୍ଥିର ହୋଇଥିବା ଦଳୀୟ ସୂତ୍ରରୁ ଜଣାପଡିଛି। ରାହୁଲଙ୍କ ଏହି କାର୍ଯ୍ୟକ୍ରମକୁ କାଉଣ୍ଟର କରିବା ସକାଶେ ଭାଜପା ଏବେଠାରୁ ପ୍ରସ୍ତୁତ ହୋଇସାରିଛି। ଅମିତ ଶାହ ଆସନ୍ତା ୧୫ରେ ପୁଣିଥରେ ପଶ୍ଚିମଓଡିଶା ଆସୁଛନ୍ତି। ଏହି ଅବସରରେ ଶାହ ସମ୍ବଲପୁରଠାରେ ବୁଥ୍ ସଭାପତି, ସମ୍ପାଦକ, ପ୍ରଭାରୀ, ସହ-ପ୍ରଭାରୀଙ୍କ ସହ ସାଙ୍ଗଠନିକ ରଣନୀତି ସମ୍ପର୍କରେ ଆଲୋଚନା କରିବେ । ଏହି ସମାବେଶରେ ଢେଙ୍କାନାଳ, ବରଗଡ, ସମ୍ବଲପୁର, ସୁନ୍ଦରଗଡ ଜିଲାର ସମସ୍ତ ବୁଥ୍‌ସ୍ତରୀୟ କାର୍ଯ୍ୟକର୍ତ୍ତା ଯୋଗଦେବେ। ପ୍ରାୟ ୬୦ହଜାର କାର୍ଯ୍ୟକର୍ତ୍ତାଙ୍କୁ ଶାହ ଉଦ୍‌ବୋଧନ ଦେବେ ବୋଲି ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା ମଙ୍ଗଳବାର ଦଳୀୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

# ଆୟୁଷ ଡାକ୍ତରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ



ଆୟୁଷ ଡାକ୍ତରମାନେ ଶୋଭାଯାତ୍ରାରେ ଯାଉଛନ୍ତି।

**ଭୁବନେଶ୍ୱର,୫।୨(ବ୍ୟୁରୋ)**

ସାରା ରାଜ୍ୟରେ ଆୟୁଷ ଡାକ୍ତରମାନେ ମଙ୍ଗଳବାର କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ସାମିଲ ୭ଶହରୁ ଉର୍ଦ୍ଧ୍ୱ ଆୟୁଷ ଡାକ୍ତରଙ୍କ ୬ଦଫା ଦାବି ନେଇ ଆୟୁଷ ଡାକ୍ତର ସଂଘ ଆନ୍ଦୋଳନକୁ ଓହ୍ଲାଇଛି। ଏ ନେଇ ସଂଘ ପକ୍ଷରୁ ଲୋୟର୍ ପିଏମ୍‌ଜିଠାରେ ଧାରଣା ଦିଆଯାଇଛି।

ସଂଘ ପକ୍ଷରୁ କୁହାଯାଇଛି ଯେ, ଓଡ଼ିଶା ସରକାରଙ୍କର ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ୨୦୧୩ରୁ ୭ଶହରୁ ଉର୍ଦ୍ଧ୍ୱ ଆୟୁଷ ଡାକ୍ତର ରାଜ୍ୟର ସମସ୍ତ ଜିଲାରେ ଠିକାଭିତ୍ତିକ ନିଯୁକ୍ତିରେ କାର୍ଯ୍ୟ କରିଆସୁଛନ୍ତି। ସେମାନଙ୍କ ଉପରେ ଜନ୍ମରୁ ୧୮ବର୍ଷ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ପିଲାଙ୍କ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା ଭାର ଅର୍ପଣ କରି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ପ୍ରଦାନ କରାଯାଉଛି। କିନ୍ତୁ ଏଯାବତ୍ ସେମାନଙ୍କ ସ୍ଥାୟୀ ନିଯୁକ୍ତି ପ୍ରକ୍ରିୟା ପାଇଁ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ସେହିପରି ସପ୍ତମ ବେତନ କମିଶନ ଲାଗୁ ହେବା ପରେ ସ୍ଥାୟୀ ସରକାରୀ କର୍ମଚାରୀମାନେ ବିପୁଳ ପରିମାଣର ଅର୍ଥ ଦରମା ବାବଦକୁ ପାଉଥିବା ବେଳେ ଆୟୁଷ ଡାକ୍ତରମାନଙ୍କୁ ମାସିକ ମାତ୍ର ୨୧,୯୨୪ ଟଙ୍କା ଦରମା ଦିଆଯାଉଛି, ଯାହା କି ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଦରମାଠାରୁ ବି ବହୁତ କମ୍। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ର ତଥା ରାଜ୍ୟରେ ସ୍ୱତନ୍ତ୍ର ଭାବେ ଆୟୁଷ ମନ୍ତ୍ରଣାଳୟ ଖୋଲାଯାଇଥିଲେ ମଧ୍ୟ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ କାର୍ଯ୍ୟରତ ଆୟୁଷ ଡାକ୍ତରମାନଙ୍କୁ ରାଜ୍ୟ ଆୟୁଷ ମନ୍ତ୍ରଣାଳୟ ଅଧୀନକୁ ନିଆଯାଉନାହିଁ। ଏ ନେଇ ବାରମ୍ବାର ସରକାରଙ୍କୁ ଅବଗତ କରାଯାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନି। ତେଣୁ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ କାର୍ଯ୍ୟରତ ଆୟୁଷ ଡାକ୍ତରଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ପାଇଁ ପ୍ରକ୍ରିୟାକରଣ, ସପ୍ତମ ବେତନ କମିଶନ ହାରରେ ସ୍ଥାୟୀ ଆୟୁଷ ଡାକ୍ତରଙ୍କ ଭଳି ସମାନ ଦରମା ପ୍ରଦାନ, ପ୍ରଦର୍ଶନଭିତ୍ତିକ ପ୍ରୋତ୍ସାହନ ରାଶି ପ୍ରଥାକୁ ଉଚ୍ଛେଦ କରି ଏହାକୁ ମୂଳ ଦରମା ସହିତ ମିଶାଇ ପ୍ରଦାନ, ଇପିଏଫ୍/ସ୍ୱାସ୍ଥ୍ୟବୀମା, ଦୈନିକ ଭତ୍ତା ପ୍ରଦାନ ସହ ଏହି ଆୟୁଷ ଡାକ୍ତରମାନଙ୍କୁ ରାଜ୍ୟ ଆୟୁଷ ମନ୍ତ୍ରଣାଳୟ ଅଧୀନକୁ ନେବା ପାଇଁ ସଂଘ ଦାବି କରିଛି। ରାଜ୍ୟ ସରକାର ଯଥାଶୀଘ୍ର ଦାବିଗୁଡ଼ିକୁ ପୂରଣ ପାଇଁ ଉଚିତ ପଦକ୍ଷେପ ନ ନେଲେ କାର୍ଯ୍ୟବନ୍ଦ ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ସଂଘ ସଭାପତି ଡା. ସୁଶୀଲ କୁମାର ମହାପାତ୍ର, ସାଧାରଣ ସମ୍ପାଦକ ଡା. ବିଜୟ ସାସମଲ, ମୁଖପାତ୍ର ଡା. ବିଶ୍ୱରଞ୍ଜନ ପ୍ରଧାନ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ଗ୍ରାମ୍ୟ କୃଷି କର୍ମଚାରୀଙ୍କ କଳାବ୍ୟାଜ୍ ପରିଧାନ

# ରାଜ୍ୟର ୩,୪୦୦ କର୍ମଚାରୀ ନେଲେ ସମୂହ ଛୁଟି

**ଭୁବନେଶ୍ୱର,୫।୨(ବ୍ୟୁରୋ)**

ବିଭିନ୍ନ ଦାବି ନେଇ ଗ୍ରାମ୍ୟ କୃଷି କର୍ମଚାରୀ ସଂଘ ପକ୍ଷରୁ ମଙ୍ଗଳବାର ସାରା ରାଜ୍ୟରେ ମୋଟ ୩,୪୦୦ କର୍ମଚାରୀ କଳାବ୍ୟାଜ୍ ପରିଧାନ କରି ସମୂହ ଛୁଟି ନେଇଛନ୍ତି। ଗ୍ରାମ୍ୟ କୃଷି କର୍ମଚାରୀ ପଦବୀର ନାମ ପରିବର୍ତ୍ତନ, ଗ୍ରାମ୍ୟ କୃଷି କର୍ମଚାରୀ ଓ କୃଷି ଓଭରସିୟରଙ୍କୁ ନିଯୁକ୍ତି କ୍ଷେତ୍ରରେ ସାରା ରାଜ୍ୟରେ ସମାନୁପାତିକ ଭିତ୍ତିରେ ନିଯୁକ୍ତି ଦେବା, ଏହି ଦୁଇ ପଦବୀକୁ ନେଇ କ୍ୟାଡର ପୁନର୍ଗଠନ କରିବା, ଗ୍ରାମ୍ୟ କୃଷି କର୍ମଚାରୀଙ୍କ ଶିକ୍ଷାଗତ ଯୋଗ୍ୟତାକୁ ବିହନ ଓ ସାର ବିକ୍ରେତାଙ୍କଠାରୁ ଉନ୍ନତ କରାଯିବା ଭଳି ବିଭିନ୍ନ ଦଫା ଦାବିକୁ ନେଇ ଗତ ନଭେମ୍ବର ୩ରେ ସଂଘ କର୍ମକର୍ତ୍ତାମାନେ କୃଷି ନିର୍ଦ୍ଦେଶକଙ୍କ ସହିତ ଆଲୋଚନା କରିଥିଲେ। ହେଲେ ଏ ପର୍ଯ୍ୟନ୍ତ କୌଣସି ଦାବି ପୂରଣ କରାଯାଇ ନ ଥିବାରୁ ସଂଘ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ବର୍ତ୍ତମାନ ରାଜ୍ୟ ସରକାର କୃଷି ଓ କୃଷକଙ୍କୁ ପ୍ରାଧାନ୍ୟ ଦେବାକୁ ଯାଇ ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। କିନ୍ତୁ ଯୋଜନାଗୁଡ଼ିକୁ ତଳ ସ୍ତରରେ କୃଷକଙ୍କ ଦ୍ୱାରରେ ପହଞ୍ଚାଉଥିବା ଗ୍ରାମ୍ୟ କୃଷି କର୍ମଚାରୀଙ୍କ ପ୍ରତି ଉପେକ୍ଷା କରାଯାଉଛି। ଯଦି ସରକାର ତୁରନ୍ତ ଦାବି ପୂରଣ ନ କରନ୍ତି, ତେବେ କାଳିଆ ଯୋଜନା ବ୍ୟାହତ ହେବା ସମ୍ଭାବନା ରହିଛି ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏ ନେଇ ସଂଘ ସଭାପତି ଦିଲୀପ କୁମାର ସାମନ୍ତରାୟ କହିଛନ୍ତି, ସବୁ ଜିଲାରେ ଆମ କର୍ମଚାରୀମାନେ କଳାବ୍ୟାଜ୍ ପିନ୍ଧି ଆନ୍ଦୋଳନ କରିଛନ୍ତି। ଆସନ୍ତା ୭ଦିନ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲୁ ରହିବ।

### ୭.୫% ରହିପାରେ ଜିଡିପି

**ନୂଆଦିଲ୍ଲୀ, ୫।୨:** ଦେଶର ଆର୍ଥିକ ବିକାଶ ହାର ୨୦୧୮-୧୯ରେ ୭.୨% ଏବଂ ୨୦୧୯-୨୦ରେ ୭.୫% ରହିବ ବୋଲି କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ନିଜର ଅନୁମାନରେ ଦର୍ଶାଇଛନ୍ତି। ବିମୁଦ୍ରୀକରଣ ବର୍ଷ ୨୦୧୬-୧୭ରେ ଜିଡିପି ୮.୨% ରହିଥିଲା। ଆର୍ଥିକ ବ୍ୟାପାର ସଚିବ ସୁଭାଷ ଚନ୍ଦ୍ର ଗର୍ଗ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କାଳରେ ଏହା କହିଛନ୍ତି। ସେ କହିଛନ୍ତି ଯେ, ବର୍ତ୍ତମାନ ମୂଲ୍ୟକୁ ହିସାବକୁ ନେଲେ ୨୦୧୯-୨୦ରେ ଜିଡିପି ଅଭିବୃଦ୍ଧି ହାର ୧୧.୫% ରହିବ ବୋଲି ଅନୁମାନ କରାଯାଉଛି। ତେବେ ତାଙ୍କ ମତରେ ବାସ୍ତବିକ ଅଭିବୃଦ୍ଧି ହାର ୭.୫% ଏବଂ ମୁଦ୍ରାସ୍ଫୀତି ୪% ରହିବ। ଏହା ସମ୍ପୂର୍ଣ୍ଣ ତର୍କସଙ୍ଗତ। ସୂଚନାଥାଉ କି, ଅର୍ଥମନ୍ତ୍ରୀ ପୀୟୂଷ ଗୋୟଲ ଅନ୍ତରୀଣ ବଜେଟ ଭାଷଣରେ କହିଥିଲେ, ଭାରତ ଦ୍ରୁତଗତିରେ ବିକାଶ ପଥରେ ଆଗେଇ ଚାଲିଛି।

## ଢେଙ୍କାନାଳ ଶେଲ୍‌ଟର ହୋମ୍ ଯୌନ ନିର୍ଯାତନା ମାମଲା

# ଚାର୍ଜଶିଟ୍ ଦାଖଲ କରିପାରିଲାନି ପୋଲିସ

**କଟକ ଅଫିସ, ୫।୨**

**ଆଜି ହାଜର ହେବାକୁ ତଦନ୍ତକାରୀ ଅଧିକାରୀଙ୍କୁ ନିର୍ଦ୍ଦେଶ**

ଗୁଡ୍ ନ୍ୟୁଜ୍ ଇଣ୍ଡିଆ ଶେଲ୍‌ଟର ହୋମ୍ ଯୌନ ନିର୍ଯାତନା ମାମଲାର ମୁଖ୍ୟ ଅଭିଯୁକ୍ତ ଫୟାଜ ରହମନଙ୍କ ଜାମିନ ଆବେଦନର ଶୁଣାଣି ମଙ୍ଗଳବାର ହାଇକୋର୍ଟରେ ହୋଇଥିଲା। ମାତ୍ର ପୂର୍ବ ନିର୍ଦ୍ଦେଶ ମୁତାବକ ଚାର୍ଜଶିଟ୍ ଦାଖଲ କରିପାରିନି ପୋଲିସ। ଫଳରେ କୋର୍ଟ ପରବର୍ତ୍ତୀ ଶୁଣାଣି ବୁଧବାରକୁ ଧାର୍ଯ୍ୟ କରିବା ସହ ତଦନ୍ତକାରୀ ଅଧିକାରୀ ବ୍ୟକ୍ତିଗତ ଭାବେ ହାଜର ହେବାକୁ ବିଚାରପତି ଶତ୍ରୁଘ୍ନ ପୂଜାହାରୀ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଥାଉକି, ଢେଙ୍କାନାଳ ବେଲ୍‌ଟିକିରିସ୍ଥିତ ଉକ୍ତ ଶେଲ୍‌ଟର ହୋମରେ ରହୁଥିବା ଅନ୍ତେବାସୀଙ୍କୁ ଯୌନ ନିର୍ଯାତନା ଦିଆଯାଉଥିବା ନେଇ ଅଭିଯୋଗ ହୋଇଥିଲା। ପୋଲିସ ତଦନ୍ତ ଆରମ୍ଭ କରିବା ସହ ମୁଖ୍ୟ ଅଭିଯୁକ୍ତ ଫୟାଜଙ୍କୁ ଗିରଫ କରିଥିଲା। ତଳ କୋର୍ଟରେ ଫୟାଜଙ୍କ ଜାମିନ ଆବେଦନ ଖାରଜ ହୋଇଯିବା ପରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ଜିଲା ଦାବି ଆନ୍ଦୋଳନ ଜୋର୍‌ଦାର

# ୧୨ଘଣ୍ଟା ଟିଟିଲାଗଡ଼ ସହର ବନ୍ଦ

**ଟିଟିଲାଗଡ଼, ୫।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ ଉପଖଣ୍ଡକୁ ଜିଲା ମାନ୍ୟତା ଦାବି କରି ମଙ୍ଗଳବାର ୧୨ଘଣ୍ଟା ଟିଟିଲାଗଡ଼ ସହର ବନ୍ଦ ଡାକରା ଦିଆଯାଇଥିଲା। ଜିଲା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆହୂତ ଏହି ବନ୍ଦକୁ ସ୍ୱତଃସ୍ଫୂର୍ତ୍ତ ସମର୍ଥନ ମିଳିଥିଲା। ସକାଳ ୬ଟାରୁ କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନେ ରାସ୍ତାକୁ ଆସି ଜିଲା ଦାବି ସମ୍ପର୍କିତ ବ୍ୟାନର ପୋଷ୍ଟର ଧରି ନାରାବାଜି କରିଥିଲେ। ବିଭିନ୍ନ ଛକସ୍ଥାନମାନଙ୍କରେ ସେମାନଙ୍କ ପିକେଟିଂ ଯୋଗୁ ଜୀବନଯାତ୍ରା ବ୍ୟାହତ ହୋଇଥିଲା। ବନ୍ଦ ପ୍ରଭାବରେ ସହରର ସମସ୍ତ ଦୋକାନ ବଜାର, ବ୍ୟାଙ୍କ ପ୍ରତିଷ୍ଠାନ, ଶିକ୍ଷାନୁଷ୍ଠାନ ତଥା ଯାନବାହାନ ଚଳାଚଳ ବନ୍ଦ ରହିଥିଲା। ସହର ଦେଇ ଯାଇଥିବା ରାୟପୁର-ବ୍ରହ୍ମପୁର ଜାତୀୟ ରାଜପଥ ୫୯ରେ କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନେ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିସହ ଆନ୍ଦୋଳନକାରୀ ସହରର ବିଭିନ୍ନ ସ୍ଥାନରେ ଟାୟାର ଜାଳି ରାସ୍ତାରୋକୋ କରିବାରୁ ଟିଟିଲାଗଡ-ବଲାଙ୍ଗୀର ଓ ଟିଟିଲାଗଡ-କଣ୍ଟାବାଞ୍ଜି ଭାୟା ସିନ୍ଧେକେଲା ତଥା ହଲଦି ରାସ୍ତାରେ ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ବ୍ୟାହତ ହୋଇଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ସଂଖ୍ୟାରେ ଯାନବାହାନ ଅଟକି ରହିଥିଲା। ଯାତ୍ରୀବାହୀ ବସ୍ ଚଳାଚଳ ବନ୍ଦ ଯୋଗୁଁ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହୋଇଥିବା ଦେଖାଯାଇଥିଲା। ଆଗାମୀ ଦିନରେ ଜିଲା ଗଠନ ନ ହେଲେ ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯିବ ବୋଲି ଜିଲା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କୁହାଯାଇଛି।


କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନେ ରାସ୍ତା ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

ଧରିତ୍ରୀ CAREER APPOINTMENT
every Wednesday & Saturday

JOB-REQUIRED
Female- OFFICE ASSISTANT
Education: Minimum Matric Pass
INTERVIEW DATE:
07 Feb & 11 Feb 2019
SHIVAM Corporation, Op. Shree Hospital, Lewis Road (BBSR)
8580119287

URGENTLY REQUIRED
Air Conditioner Technicians
(5-6 years experience)
For Cool Zone, BBSR
Call on- 9437171294

REQUIRED
Full time SALES PERSON for Non-woven Bags
Bhubaneswar & Cuttack
Salary + Incentives (Negotiable)
Aged Between 25-35 (Male)
Must have 2 Wheeler
Min. Qualification: 12th Std & above
Contact: 9777678800

URGENT REQUIRED
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। ଦରମା- 27,000/-, ଶିକ୍ଷାଗତ ଯୋଗ୍ୟତା-8th to 10th & above.
Contact: 8339922964

ପତ୍ରିକା କାର୍ଡ
INVT. CARD & TROPHIES
NEEDS DTP OPTR. DESIGNER
M- 9776138837, 9937417848, BBSR.

କାର୍ ପେଣ୍ଟର୍ ଆବଶ୍ୟକ
କେରଳସ୍ଥିତ ଖ୍ୟାତନାମା ଟପ୍‌ରେଞ୍ଜ ମାରୁତି ସର୍ଭିସ୍ ସେଣ୍ଟର୍ ପାଇଁ।
ମୋ.: 9744084712
9846237819

କୋଭିଲପାଟ୍ଟି, ତାମିଲନାଡୁସ୍ଥିତ ଏକ ଫାର୍ମରେ କାମ କରିବା ପାଇଁ ଦମ୍ପତି ଆବଶ୍ୟକ। ଦମ୍ପତି ପିଛା ବେତନ ହେଉଛି ଟ.୧୨୦୦୦। ହିନ୍ଦୀ କିମ୍ବା ତାମିଲ କହିପାରୁଥିବା ଦମ୍ପତିଙ୍କୁ ପ୍ରାଧାନ୍ୟ ଦିଆଯିବ।
ଯୋଗାଯୋଗ:
9487959794

ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ନିଯୁକ୍ତି
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବାପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.45,000
For More Details Contact 9776141333
7064222275

ଜିଲ୍ଲା ସ୍ତରୀୟ ନିଯୁକ୍ତି
ନିଜନିଜ ଜିଲ୍ଲାରେ ଥିବା Petrol Pumpରେ କାମ କରିବା ପାଇଁ ଓଡିଶାରୁ ପ୍ରତ୍ୟେକ ଜିଲ୍ଲାରୁ ପ୍ରାର୍ଥୀ ଆବଶ୍ୟକ।
Qualification-ITI (Fitter& Electrician)
Salary– Rs.8000 to Rs.12000
(ରହିବା ଓ ଖାଇବା ବ୍ୟବସ୍ଥା ଅଛି।)
CONTACT - 8895725158

LCJ SILVER
LALCHAND JEWELLERS REQUIRED
SALES CONSULTANT: 12 Nos.
For the Bhubaneswar Store.
Minimum Qualification: +3.
Exp: 2 yrs in Retail/ Jewellery Must.
Send Resume at
Indramani_r@yahoo.com or Call
0674-2534625, 2536666

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ। ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/-। ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର। ରହିବା + ଖାଇବା + ବୀମା
GLOBAL SERVICES, DELHI
07289962847

ନିଯୁକ୍ତି
ପ୍ରତ୍ୟେକ ବ୍ଲକ ଏବଂ ପଞ୍ଚାୟତ ସ୍ତରରେ ନିଯୁକ୍ତି। ସମସ୍ତ ଜିଲ୍ଲାର ପ୍ରାର୍ଥୀ ପ୍ରାର୍ଥନା ଆବେଦନ କରିପାରିବେ। ଦରମା: 7,000/- to 40,000/-. Qualification: 10th to +3 and above.
CONTACT: 9777639313

WANTED the Following Staffs for Steel Industries at Cuttack (Male only).
- FIELD SUPERVISORS
- OFFICE ASSISTANT (Computer Knowledge)
Retired Persons may apply.
CONTACT
9437496020, 9437021279

CONTACT:- 9938414918
ଭୁବନେଶ୍ୱର ଅଫିସ୍‌ରେ କାମ କରିବା ପାଇଁ 10th/above Candidates (M/F) ଆବଶ୍ୟକ। ବୟସ(17-35) yrs. ରହିବା ସୁବିଧା ଦିଆଯିବ। Monthly Salary upto Rs. 24000/-.

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଏବଂ ବାଲେଶ୍ୱର ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27000/-. (Part Time/Full Time)
Contact: 9938676412

OFFICIALLY JOB
ଯୋଗ୍ୟତା: 10th Pass/Fail, ବୟସ: (18-40) yrs., ମାସିକ ଦରମା upto Rs.25000/-.
Contact Immediately
Mob: 8763257042

WANTED
RECEPTIONIST MALE/FEMALE
With Computers, English Knowledge & One Peon
LIFE CARE PHYSIOTHERAPY CENTER
Cont: 9778087140, 6297051733

ବ୍ଲକ୍ ସ୍ତରୀୟ ନିଯୁକ୍ତି
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବା ପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.15,000
Mob : 9178371341

RECRUITMENT
ପଞ୍ଚକର୍ମ AYURVEDIC ସେଣ୍ଟର ପାଇଁ
ମହିଳା ଥେରାପିଷ୍ଟ ଆବଶ୍ୟକ
Mob : 9337973945
BHUBANESWAR

WANTED
ଭୁବନେଶ୍ୱର ପ୍ରତିଷ୍ଠିତ Real Estate Company ପାଇଁ ଅଫିସ୍ ପିଅନ ଏବଂ ଡ୍ରାଇଭର ଆବଶ୍ୟକ, ରହିବା ସୁବିଧା ଅଛି। ପିଅନ ଦରମା: 5,000/-, ଡ୍ରାଇଭର-8,000/-. Matrusakti Eastcon (P) Ltd. HIG-B/10, Housing Board Colony, Baramunda.
9861064011

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

WANTED
LADY OFFICE ASSISTANT
Free Accommodation, 5000/-
7809525452

URGENTLY REQUIREMENT
Experienced Miners required for Manganese Mining
1. MINING MATE : 4 Nos.
2. MINING FOREMAN : 4 Nos.
For all the above Posts Salary is negotiable and will not be constraint for deserving candidate.
Kindly send your Resume on:
acerzltd@gmail.com within 7 days.

See Career Appointment on every Wednesday & Saturday

# Exam Mate

Mock Test Paper for Std X, XII CBSE Board, IIT - JEE Main & Advanced. FOR ANSWERS VISIT : **www.dharitri.com**

# MOCK TEST PAPER # 10

## CLASS-X (MATHEMATICS)

**Time Allowed : 3 hours** **Maximum Marks: 80**

### GENERAL INSTRUCTIONS

*i.* ***All questions are compulsory. There are 30 questions in all.***

*ii.* ***This question paper has four sections : Section A, Section B, Section C and Section D.***

*iii.* ***Section A contains 6 questions of one mark each, Section B contains 6 questions of two marks each, Section C contains 10 questions of three marks each, Section D contains 8 questions of four marks each.***

*iv.* ***There is no overall choice. However, an internal choice has been provided in four questions of three marks each and three questions of four marks each. You have to attempt only one of the choices in such questions.***

*v.* ***Use of calculators is not permitted.***

### SECTION-A

1. For what value of n, $n^2 - 1$ is divisible by 8 ?
2. Find the 12th term from the end of the A.P. –2, –4, –6,......... –100
3. Find the fourth vertex D of a parallelogram ABCD whose three vertices are A(–2, 3), B(6, 7) and C(8, 3)
4. In figure, if $\angle AOB = 125^0$, then find $\angle COD$.




5. A coin is tossed two times. Find the probability of getting atmost one head.
6. For the following distribution,

| Class | 0 – 5 | 5 – 10 | 10 – 15 | 15 – 20 | 20 – 25 |
|---|---|---|---|---|---|
| Frequency | 10 | 15 | 12 | 20 | 9 |

Find the sum of lower limits of the median class and modal class.

### SECTION-B

7. Explain why 3 x 5 x 7 + 7 is a composite number.
8. For which values of a and b will the pair of equations x + 2y = 1 and (a – b)x + (a + b)y = a + b – 2 has infinitely many solution ?
9. If the nth term of the AP's 9, 7, 5,......... and 24, 21, 18,....... are the same, find the value of n.
10. If the points A(2, –4) is equidistance from P(3, 8) and Q (–10, y), then, find the value of y. Also find the distance PQ.
11. Simplify $(1 + \tan^2\theta)(1 - \sin\theta)(1 + \sin\theta)$
12. The wheel of a motor cycle is of radius 35 cm. How many revolutions per minute must the wheel make, so as to keep a speed of 66 km/h ?

### SECTION-C

13. Show that the square of any positive integer can not be of the form 5q + 2 or 5q + 3 for any integer q.
14. Find the roots of the equation $3x^2 + 5\sqrt{5}x - 10 = 0$ by factorization method
15. A person woring at the rate of 5 km/h in still water takes thrice as much time in going 40 km upstream as in going 40 km down stream. Find the speed of the stream.
16. Find the coordinates of the line 2x + 3y – 5 = 0 divides the line segment joining the points (8, –9) and (2, 1). Also find the coordinates of the point of division.
17. In figure, if AB || DC and AC, PQ intersect each other at the point O. Prove that OA.CQ = OC.AP




18. Draw a ΔABC in which AB = 4 cm, BC = 6 cm and AC = 9 cm. Construct a triangle similar to ΔABC with scale factor $\frac{3}{2}$. Justify the construction. Are the two triangles congruent ? Note that, all the three angles and two sides of the two triangles are equal.
19. The angle of elevation of the top of a vertical tower from a point on the ground is $60^0$. From another point 10 m vertically above the first, its angle of elevation is $45^0$. Find the height of the tower.
20. If $\sin\theta + 2\cos\theta = 1$, then prove that $2\sin\theta - \cos\theta = 2$
21. The monthly income of 100 families are given as follows

| Income (in ` ) | Number of families |
|---|---|
| 0–5000 | 8 |
| 5000–10000 | 26 |
| 10000–15000 | 41 |
| 15000–20000 | 16 |
| 20000–25000 | 3 |
| 25000–30000 | 3 |
| 30000–35000 | 2 |
| 35000–40000 | 1 |

Calculate the modal income.

22. All the jacks, queens and kings are removed from a deck of 52 playing cards. The remaining cards are well shuffled and then one card is drawn at random., Giving ace a value 1 similar value for other cards, find the probability that the card has a value

i. 7 ii. greater than 7 iii. less than 7

### SECTION-D

23. Solve the equation –4, + (–1) + 2 + ............+ x = 437
24. A train, travelling at a uniform speed for 360 km, would have taken 48 min less to travel the same distance, if its speed were 5 km/h more. Find the original speed of the train.
25. Find k, so that $x^2 + 2x + k$ is a factor of $2x^4 + x^3 - 14x^2 + 5x + 6$. Also find all the zeroes of the two polynomials.
26. In figure, line segment DF intersects the side AC of a ΔABC at the point E such that E is the mid-point of CA and $\angle AEF = \angle AFE$. Prove that $\frac{BD}{CD} = \frac{BF}{CE}$




27. If cosec θ + cot θ = p, then prove that $\cos\theta = \frac{p^2 - 1}{p^2 + 1}$
28. A rocket is in the form of a right circular cylinder closed at the lower end and surmounted by a cone with the same radius as that of the cylinder. The diameter and height of the cylinder are 6 cm and 12cm respectively. If the slant height of the conical portion is 5 cm, then find the total surface area and volume of the rocket. (Use π = 3.14)
29. **Find the area of the shaded region is given in figure.**




30. The median of the following data is 50. Find the values of p and q, if the sum of all the frequencies is 90.

| Marks | 20–30 | 30–40 | 40–50 | 50–60 | 60–70 | 70–80 | 80–90 |
|---|---|---|---|---|---|---|---|
| Frequency | p | 15 | 25 | 20 | q | 8 | 10 |

For Answers visit: www.dharitri.com

ADMISSION OPEN FOR (CRASH COURSE - ENGINEERING & MEDICAL)

Vidyamandir Classes
GURUKUL FOR IITJEE AND MEDICAL PREPARATION

Preparation For:-IITJEE Main & Advanced, Medical (NEET / AIIMS), KVPY, Olympiad, NTSE & Board.
SCHOOL INTEGRATED PROGRAM (Xth Going to XIth Student), Ph. No. 0674 - 2421400, 2421800, 85990 87100 / 85990 87200
VMC Bhubaneswar Centre : 1st Floor Above HDFC Bank, Madhusudan Nagar, Kalinga Stadium Square, Bhubaneswar, Odisha
Corporate Office: Vidyamandir Classes, Aggrawal Corporate Heights, 3rd Floor, Plot No. A-7 Netaji Subhash Place, Opposite Wazirpur Depot, Pitampura, Delhi, www.vidyamandir.com



ଚୌଧୁରୀ ବିଚିତ୍ରାନନ୍ଦ ପ୍ରହରାଜ

# ସବୁଜ ଘାସ

ସୂକ୍ଷମ ଗୋଖାଦ୍ୟରେ ସବୁଜ ଘାସର ଆବଶ୍ୟକତା ସମ୍ପର୍କରେ...



ସୁସ୍ଥ ଦୁଧିଆଳୀ ଗାଈ ଲାଗି ଖାଦ୍ୟର ପରିମାଣ, ଗୁଣବତ୍ତା, ତନ୍ତୁଯୁକ୍ତ ଖାଦ୍ୟ ଏବଂ ଦାନାରେ ଭିଟାମିନ୍, ଖଣିଜ ଦ୍ରବ୍ୟ ଓ ଶ୍ୱେତସାରର ସୁଷମ ଆବଣ୍ଟନ ହେବା ଆବଶ୍ୟକ। ତନ୍ତୁଯୁକ୍ତ ଖାଦ୍ୟଲାଗି ସବୁଜ ଘାସ ଓ ଛୁଇଁଜାତୀୟ ଘାସର ଆବଶ୍ୟକତା ଥିବାବେଳେ ଜଳ ରହିତ ଏକ ଶୁଖିଲା ଦାନା ଦ୍ୱାରା ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଥାଏ। ସୁଷମ, ଉତ୍ତମ ଗୁଣଯୁକ୍ତ ଓ ପର୍ଯ୍ୟାପ୍ତ ଖାଦ୍ୟ ଦ୍ୱାରା ଦୁଧିଆଳୀ ଗାଈର ଶକ୍ତି ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ପ୍ରଜନନ କ୍ଷମତାର ବୃଦ୍ଧି ଘଟିଥାଏ। ଆବଶ୍ୟକ ଖାଦ୍ୟର ଅଭାବ ହେଲେ ଦୁଗ୍ଧ ଉତ୍ପାଦନ ଏବଂ ପ୍ରଜନନ କ୍ଷମତା ହ୍ରାସ ପାଇବା ଦ୍ୱାରା ଗାଈ ଗରମ ହୁଏ ନାହିଁ। ଗାଈର ଖାଦ୍ୟର ଆବଶ୍ୟକତା କେବଳ ଦାନା ଦେଇ ମେଣ୍ଟାଇ ହେବ ନାହିଁ। କାରଣ କେବଳ ଦାନା ଦ୍ୱାରା ଦୁଗ୍ଧ ଉତ୍ପାଦନ ଖର୍ଚ୍ଚ ବୃଦ୍ଧି ପାଇବ। ଗାଈର ଜୀବନ ଧାରଣ ଓ ଦୁଗ୍ଧ ଉତ୍ପାଦନ ଲାଗି ଗୋଖାଦ୍ୟର ଆବଶ୍ୟକତା ଅପରିହାର୍ଯ୍ୟ। କମ୍ ଖର୍ଚ୍ଚରେ ଗାଈର ଜୀବନଧାରଣ ସକାଶେ ତନ୍ତୁଯୁକ୍ତ ଖାଦ୍ୟର ଚାହିଦାକୁ ପୂରଣ କରିବା ପାଇଁ ସବୁଜ ଘାସ ନିତାନ୍ତ ଆବଶ୍ୟକ। ସାଧାରଣତଃ ଦାନା ଓ ଘାସ ବାବଦକୁ ଉତ୍ପାଦିତ ଦୁଗ୍ଧର ୬୦ରୁ ୭୦ ପ୍ରତିଶତ ମୂଲ୍ୟ ଖର୍ଚ୍ଚ ହୋଇଯାଇଥାଏ। ସବୁଜ ଘାସ ଚାଷ କରି ଗୋଖାଦ୍ୟ ରୂପେ ବ୍ୟବହାର କଲେ ଦୁଗ୍ଧ ଉତ୍ପାଦନ ଖର୍ଚ୍ଚ ଅନେକ ପରିମାଣରେ ହ୍ରାସ ପାଇଥାଏ। ପୋଷକ ତତ୍ତ୍ୱର ଆବଶ୍ୟକତା କେବଳ ଗାଈର ଜୀବନଧାରଣ ଓ ଦୁଗ୍ଧ ଉତ୍ପାଦନ ଲାଗି ଜରୁରୀ। ଧାନ ଜାତୀୟ ଘାସ ଖାଦ୍ୟ ଗାଈକୁ ଶକ୍ତି ଯୋଗାଉଥିବା ବେଳେ ଛୁଇଁଜାତୀୟ ଖାଦ୍ୟ ଆବଶ୍ୟକ ଶ୍ୱେତସାର ଯୋଗାଇଥାଏ ଏବଂ ଗୋଖାଦ୍ୟ ଖର୍ଚ୍ଚକୁ ହ୍ରାସ କରିଥାଏ। ଅତ୍ୟଧିକ ଓ ଅନିୟନ୍ତ୍ରିତ ଗୋମହିଷାଦି ସଂଖ୍ୟା, ଚାରଣ ଭୂମିର ଅଭାବ, ଘାସଚାଷ ହ୍ରାସ ଏବଂ ଗୋମହିଷାଦିଙ୍କର କୁପରିଚାଳନା ଦୁଗ୍ଧ ଉତ୍ପାଦନ ହ୍ରାସ ପାଇଁ ଦାୟୀ। ଖାଦ୍ୟ ଅଭାବରୁ ଦୁଗ୍ଧ ଉତ୍ପାଦନ ଶତକଡା ୫୦ ଭାଗ ହ୍ରାସ ପାଇଥାଏ। ଗାଈ ଉନ୍ନତ କିସମର ହେଲେ ବି ଖାଦ୍ୟ ଅଭାବ ହେଲେ ଦୁଗ୍ଧର ପରିମାଣ କମିଯାଏ। ଗାଈ କିପରି ଖାଦ୍ୟ ଖାଉଛି, ଦୁଗ୍ଧର ପରିମାଣ ଓ ଗୁଣବତ୍ତାରୁ ତାହା ଜଣାପଡେ। ଦୁଗ୍ଧ ଉତ୍ପାଦନ ଅନୁସାରେ ଖାଦ୍ୟର ପରିମାଣ ନିର୍ଦ୍ଧାରିତ ହୋଇଥାଏ। ଦୁଗ୍ଧ ଉତ୍ପାଦନ ସକାଶେ ଗାଈ ଖାଦ୍ୟରେ ତନ୍ତୁଯୁକ୍ତ ଗୋଖାଦ୍ୟ, ଖଣିଜଦ୍ରବ୍ୟ, ଭିଟାମିନ୍, ଶ୍ୱେତସାର, ସ୍ନେହସାର, ଜଳ ପର୍ଯ୍ୟାପ୍ତ ପରିମାଣରେ ରହିବା ଜରୁରୀ। ଦୁଗ୍ଧ ଉତ୍ପାଦନ ପାଇଁ ସବୁଜ ଘାସ ଲାଭକାରୀ। ଯେଉଁ ଘାସରେ ସବୁଜ ରଙ୍ଗ ନ ଥାଏ, ସେଗୁଡ଼ିକରେ ଖଣିଜ ଦ୍ରବ୍ୟର ଅଭାବ ଥାଏ ଏବଂ ସେଗୁଡ଼ିକ ଶକ୍ତିବର୍ଦ୍ଧକ ଓ ଦୁଗ୍ଧ ଉତ୍ପାଦନରେ ସହାୟକ ହୁଏ ନାହିଁ। ସବୁଜ ଘାସ ଚାଷ କରି ଘାସର ଚାହିଦା ପୂରଣ କରିହେବ। ଚାଷୀ ଘର ଓ ଗୁହାଳ ନିକଟରେ ଅନେକ ଅଦରକାରୀ ଜମି ରହିଛି, ଯେଉଁଥିରେ ବି ଘାସ ଚାଷ କରିହେବ। ଓଡ଼ିଶାର ଜଳବାୟୁରେ ସବୁ ଋତୁରେ ସବୁଜ ଗୋଖାଦ୍ୟ, ମକା ଓ ବରଗୁଡ଼ି ଚାଷ କରାଯାଇ ଗାଈକୁ ସବୁଜ ଘାସ ଯୋଗାଇ ହେବ। ମକା, ଜୁଆର, ସ୍ନେହସାର ଯୋଗାଉଥିବାବେଳେ ବରଗୁଡ଼ି ଘାସ ଶ୍ୱେତସାର ଯୋଗାଇଥାଏ। ଦୈନିକ ଗାଈକୁ ୬ରୁ ୭ କିଗ୍ରା ବରଗୁଡ଼ି ଘାସ ଖାଇବାକୁ ଦେଲେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଏ। ଆଖପାଖରେ ଥିବା ଖାଲୁଆ ବା ଯୋଡ ଜମିରେ ଗିନି ଘାସ ଚାଷ କରାଯାଇପାରିବ। ଶୀତଦିନେ ବରସିମ ଲୁସର୍ଣ୍ଣ ଚାଷ କରାଯାଇପାରେ। ସବୁଦିନେ ଘାସ ପାଇବା ପାଇଁ ଜଳସେଚନ ସୁବିଧା ଥିବା ବାଡ଼ିବଗିଚାରେ ସଙ୍କର ହାତିଆ ଘାସ ବା ହାଇବ୍ରିଡ୍ ନାପିଅର ଲଗାଇ ଘାସର ଚାହିଦା ପୂରଣ କରିହେବ। ହାଇବ୍ରିଡ୍ ନାପିଅର ଓ ଗିନି ଘାସର ମୂଳ, ଚେର ଲଗାଇ ଆପଣ ଘାସ ବଗିଚା ସୃଷ୍ଟି କରିପାରିବେ। ସବୁଜ ଘାସ ଗାଈର ତନ୍ତୁଜାତୀୟ ଖାଦ୍ୟର ଆବଶ୍ୟକତା ପୂରଣ କରିବା ସଙ୍ଗେ ସଙ୍ଗେ ହଜମରେ ସାହାଯ୍ୟ କରେ ଓ ଦୁଗ୍ଧରେ ଲହୁଣି ଅଂଶ ବୃଦ୍ଧି କରେ। ଅଧିକ ଶକ୍ତି ପାଇଁ ଗାଈକୁ ମୋଲାସେସ୍ ବା କାଣ୍ଟିଗୁଡ, ମକା ଏବଂ ଗଜା ହୋଇଥିବା ଗହମ ଦିଆଯାଇ ପାରେ। ୪୦୦କେଜି ଓଜନବିଶିଷ୍ଟ ସଙ୍କର କିସମର ଗାଈ ଦିନକୁ ୧୦-୧୫କେଜି ପର୍ଯ୍ୟନ୍ତ ସବୁଜ ଗୋଖାଦ୍ୟ ଆବଶ୍ୟକ କରେ। ପେଟପୂରିବା ଲାଗି ଖାଦ୍ୟ ଶକ୍ତିବର୍ଦ୍ଧକ ଖାଦ୍ୟ, ଗଣବତ୍ତାଭିତ୍ତିକ ଖାଦ୍ୟ, ଖାଦ୍ୟରେ ଶୁଖିଲା ଅଂଶ କେତେଅଛି ଓ କେତେ ପରିମାଣରେ ଜଳଅଛି ତାହା ବିଚାରକୁ ନେବା ଆବଶ୍ୟକ। ଖାଲି ଦାନା ଦେଇ ଗାଈର ପେଟ ପୂରାଇ ହେବନାହିଁ। ଗାଈକୁ ସବୁଜ ଗୋଖାଦ୍ୟ ଦେଇ ଦୁଗ୍ଧ ଉତ୍ପାଦନ ଖର୍ଚ୍ଚ କମାଇବାକୁ ହେବ। ପର୍ଯ୍ୟାପ୍ତ ପରିମାଣରେ ଖାଦ୍ୟ ନ ହେଲେ ଆବଶ୍ୟକ ଶରୀର ବୃଦ୍ଧି, ଦୁଗ୍ଧ ଉତ୍ପାଦନ, ଓଜନ ହ୍ରାସ ହୁଏ ଓ ପରିପକ୍ୱତା ବିଳମ୍ବ ହୁଏ। ଖଣିଜଦ୍ରବ୍ୟ ମଧ୍ୟରେ କାଲସିୟମ୍,ଫସଫରସ ରହିବା ଜରୁରୀ। ଭିଟାମିନ୍ -ଏ ଡି ଇ ଖାଦ୍ୟରେ ଦିଆଯିବା ଆବଶ୍ୟକ। ପର୍ଯ୍ୟାପ୍ତ ପରିମାଣରେ ପିଇବା ପାଣି ଦିଆଯିବା ଦରକାର। ହାରାହାରି ଗୋଟିଏ ଗାଈପାଇଁ ୬୦ ଲିଟର ପାଣିର ଆବଶ୍ୟକତା ପଡିଥାଏ। ଖରାଦିନେ ସବୁଜ ଘାସର ଅଭାବ ଦେଖାଯାଇଥାଏ। ତେଣୁ ଘାସ ଆଚାର ଓ ଘାସ ଶୁଖୁଆ ବା ଛଣ ପ୍ରସ୍ତୁତ କରି ଘାସକୁ ସାଇତି ରଖି ତିରୋଟ ସମୟରେ ଗାଈଙ୍କୁ ଖାଇବାକୁ ଦିଆଯାଇଥାଏ । ଘାସ ଆଚାର ତିଆରି କରିବା ସକାଶେ ଅଧିକ ଘାସ ମିଳୁଥିବା ସମୟରେ ଘାସକୁ ଖଣି ପକାଇ ସାଇତି ରଖାଯାଏ। ଗାଈ ଘାସ ଖାଇବା ସମୟରେ ବହୁତ ଘାସକୁ ନଷ୍ଟ କରିଥାଏ। ତେଣୁ ୨ଇଞ୍ଚ ଲମ୍ବର ଘାସର ଭୁସି କାଟି ଗାଈକୁ ଖାଇବାକୁ ଦେଲେ ଘାସ ନଷ୍ଟ ହୁଏ ନାହିଁ। ଗୋଟିଏ ଦୁଧିଆଳୀ ଗାଈକୁ ସକାଳେ ଓ ସନ୍ଧ୍ୟାରେ ଦୁଇଓଳି କଞ୍ଚାଘାସ ଖାଇବାକୁ ଦେବା ଆବଶ୍ୟକ। କଥାରେ ଅଛି ''ଗାଈକୁ ଦେଲେ କଞ୍ଚା ଘାସ ଦୁଧ ଦୁହିଁବ ବାରମାସ'', ଆଉ କେହି କେହି କହନ୍ତି ''ଗାଈ ମୁହଁରେ ଦେଲେ ଘାସ-ଚାଷୀ ମୁହଁରେ ଫୁଟେ ହସ''। ତେଣୁ ସବୁଜ ଗୋଖାଦ୍ୟ ଚାଷ କରି ଠିକ୍ ପରିମାଣର ତନ୍ତୁଯୁକ୍ତ ଖାଦ୍ୟ,ଦାନା ଦେଇ ଦୁଗ୍ଧ ଉତ୍ପାଦନ ବୃଦ୍ଧି କରନ୍ତୁ।

ମୋ: ୭୮୯୪୩୩୫୩୭୧

# ରବି ସୂର୍ଯ୍ୟମୁଖୀ



ଧଳାମାଛି ଦମନ ପାଇଁ ଏକର ପ୍ରତି ୪୦୦ ମିଲି ହିସାବରେ ଟ୍ରାଏଜୋଫସକୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସୂର୍ଯ୍ୟମୁଖୀ ଫୁଲରେ ଭଲରୂପେ ମଞ୍ଜି ଧରିବା ପାଇଁ କିଆରି ପାଖରେ ମହୁବାକ୍ସ ରଖି ମହୁଚାଷ କରିବା ଭଲ। ମହୁମାଛି ପରାଗସଙ୍ଗମରେ ସାହାଯ୍ୟ କରିଥାନ୍ତି। ଫସଲରେ ଫଳବିନ୍ଧା ପୋକର ଦମନ ପାଇଁ ଜୈବ କୀଟନାଶକ ଏକର ପ୍ରତି ୨୫୦ଶୂକ ସମତୁଲ ଏନ.ପି.ଭି କିମ୍ବା ବି.ଟି.କେ ୫୦୦ଗ୍ରାମକୁ ୫୦୦ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ। ଆବଶ୍ୟକ ହେଲେ ଏଣ୍ଡୋସଲଫାନ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଗୋଳାଇ ସିଞ୍ଚନ କରନ୍ତୁ।

## ପନିପରିବା



ବାଇଗଣ ଓ ଟମାଟୋରେ ବୀଜାଣୁଜନିତ ଝାଉଁଳା ରୋଗ ଦମନପାଇଁ ପ୍ରତି ୧୦ ଲିଟର ପାଣିରେ ୧ କି.ଗ୍ରା ହିସାବରେ ଷ୍ଟ୍ରେପ୍ଟୋସାଇକ୍ଲିନ୍ ସହିତ ୨୦ଗ୍ରାମ କପର ଅକ୍ସିକ୍ଲୋରାଇଡ୍ ମିଶାଇ ଗଛ ମୂଳକୁ ଦେଖାଇ ସିଞ୍ଚନ କରନ୍ତୁ। ଭେଣ୍ଡି ଓ ଝୁଡଙ୍ଗରେ ନାଲି ବୁଢ଼ିଆଣୀ ଅଷ୍ଟପଦୀର ଦମନ ପାଇଁ ପ୍ରତି ଲିଟର ପାଣିରେ ୨.୫ମିଲି ହିସାବରେ ଡାଇକୋଫଲ ସିଞ୍ଚନ କରନ୍ତୁ। ଖରାଟିଆ ପନିପରିବା ଚାଷପାଇଁ ଉନ୍ନତ କିସମର ବିହନ ସଂଗ୍ରହ କରନ୍ତୁ ଓ ଜମି ପ୍ରସ୍ତୁତ ରଖନ୍ତୁ।

## ଆଖୁଫସଲରେ ଶୀର୍ଷସାର

ଲଗାଯାଇଥିବା ଆଖୁ ୪୫ଦିନର ହୋଇଯାଇଥିଲେ ବା ମୂଳୀଆଖୁ ୩୦ରୁ ୪୫ଦିନର ହୋଇଯାଇଥିଲେ ବା ମନ୍ଦାରେ ଲଗାଯାଇଥିବା ଆଖୁ ୩୦ଦିନର ହୋଇଯାଇଥିଲେ କୋଡା ଖୁସା କରି ଯବକ୍ଷାରଜାନ ସାରକୁ ପ୍ରଥମ ଶୀର୍ଷସାର ଭାବେ ଧାଡ଼ିରେ ପ୍ରୟୋଗ କରି ହୁଡା ଟେକି ଦିଅନ୍ତୁ। ସାର ପ୍ରୟୋଗ ପରେ ଜଳସେଚନ କରନ୍ତୁ।





## ମକା ଫସଲରେ ଜଳସେଚନ

ଫସଲ ୨-୩ ସପ୍ତାହର ହୋଇଗଲେ କୋଡାଖୁସା କରି ଘାସ ବାଛନ୍ତୁ। ଘାସବଛା ପରେ ଏକର ପ୍ରତି ୮କି.ଗ୍ରା ଯବକ୍ଷାରଜାନ ସାର ଗଛଠାରୁ ୫ ସେ.ମି ଛାଡି ଧାଡିରେ ପ୍ରୟୋଗ କରନ୍ତୁ ଓ ହୁଡା ଟେକନ୍ତୁ। ମାଟିର ବତରକୁ ଚାହିଁ ଜଳସେଚନ କରନ୍ତୁ। କୌଣସି ଅବସ୍ଥାରେ ୬ ଘଣ୍ଟାରୁ ଅଧିକ ସମୟ ଠିଆ ପାଣି ରଖନ୍ତୁ ନାହିଁ।

## ଗହମର ରୋଗ ଦମନ



କାଳିଗୁଣ୍ଡି ରୋଗର ଦମନ ପାଇଁ ଆକ୍ରାନ୍ତ ଗଛଗୁଡିକୁ ମାଟିରେ ପୋତି ଦିଅନ୍ତୁ କିମ୍ବା ପୋଡି ଦିଅନ୍ତୁ ଏବଂ ଏକର ପ୍ରତି ୨୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସଅଳ ଲଗାଯାଇଥିବା ଫସଲରେ ଶସ୍ୟଦାଗ ରୋଗ ଲାଗିବାର ଆଶଙ୍କା ଅଛି। ଏହାର ଦମନ ପାଇଁ ଏକର ପ୍ରତି ୬୦୦ଗ୍ରାମ୍ ମାଙ୍କୋଜେବ୍ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ବର୍ଷା ନ ଥିଲେ ଫସଲରେ ଜଳସେଚନର ଆବଶ୍ୟକତା ବଢ଼ିଯାଇଥାଏ,ଫୁଲ ଓ କ୍ଷୀର ଢୋକିବା ଅବସ୍ଥାରେ ଜଳସେଚନ ପ୍ରତି ଧ୍ୟାନ ଦିଅନ୍ତୁ।

## ଭାକୁର ମାଛର ଆଖିରୋଗ ନ ହେବା ଲାଗି...

ଭାକୁର ମାଛରେ ସାଧାରଣତଃ ଆଖିରୋଗ ଦେଖାଯାଇଥାଏ। ଏହାର ପ୍ରାଥମିକ ଲକ୍ଷଣରେ ଆଖିର ସ୍ୱଚ୍ଛପଟଳ ରକ୍ତବର୍ଣ୍ଣ ହୋଇଯାଏ ଓ କିଛିଦିନ ପରେ ଏହା ଅସ୍ୱଚ୍ଛ ହୋଇ କ୍ରମେ ପଚିଯାଇ ଆଖି ନଷ୍ଟ ହୋଇଯାଏ। ତେଣୁ ଏହାର ପ୍ରତିକାର ପାଇଁ ୧୦ ମିଲିଗ୍ରାମ୍ ହିସାବରେ କ୍ଲୋରୋମାଇସିଟିନ୍‌କୁ ୧ ଲିଟର ପାଣିରେ ଦ୍ରବଣ ପ୍ରସ୍ତୁତ କରି ମାଛକୁ ୫-୭ ମିନିଟ୍ ପର୍ଯ୍ୟନ୍ତ ବୁଡ଼ାଇ ରଖନ୍ତ। ଏହା ବ୍ୟତୀତ ପଟାସିୟମ ପରମାଙ୍ଗାନେଟ୍ ଦ୍ରବଣରେ (୫ ମିଲିଗ୍ରାମ୍ ୧ ଲିଟର ପାଣିରେ) ମାଛକୁ ପ୍ରାୟ ୫ରୁ ୭ ମିନିଟ୍ ପର୍ଯ୍ୟନ୍ତ ବୁଡାଇ ରଖାଯାଇପାରେ। ଏହି ପ୍ରକ୍ରିୟା ୩-୪ ଦିନ ପର୍ଯ୍ୟନ୍ତ କଲେ ଭାକୁର ମାଛର ଆଖିରୋଗ ହେବାର ଆଶଙ୍କା ନ ଥାଏ।



## ଚାଷୀ, ଚିଟ୍‌ଫଣ୍ଡ...

ବିକ୍ରମ କେଶରୀ ଆରୁଖ ଶୋକ ପ୍ରସ୍ତାବ ଆଗତ କରିଥିଲେ। ଶୋକ ପ୍ରସ୍ତାବ ପରେ କଂଗ୍ରେସ ସଦସ୍ୟ ତାରାପ୍ରସାଦ ବାହିନୀପତି, ପ୍ରଫୁଲ୍ଲ ମାଝି, ଅଂଶୁମାନ ମହାନ୍ତି, ପ୍ରକାଶ ବେହେରା, ଦେବେନ୍ଦ୍ର ଶର୍ମା, ଚିରଞ୍ଜୀବ ବିଶ୍ୱାଳ ପ୍ରମୁଖ ଗୃହର ମଧ୍ୟଭାଗକୁ ଆସି ଚାଷୀ ପ୍ରସଙ୍ଗ ଉଠାଇଥିଲେ। ଧାନର ଏମ୍ଏସ୍‌ପି ବୃଦ୍ଧି କରିବା ପାଇଁ ଦାବି କରିଥିଲେ। ମଧ୍ୟପ୍ରଦେଶ, ଛତିଶଗଡ଼ ଓ ରାଜସ୍ଥାନ ଭଳି କୃଷିଋଣ ଛାଡ଼ କରିବା ନେଇ ସରକାରଙ୍କୁ ପ୍ରଚଣ୍ଡ ଆକ୍ରମଣ କରିଥିଲେ।

ଅନ୍ୟପକ୍ଷରେ ଭାଜପା ସଦସ୍ୟ ପ୍ରଦୀପ ପୁରୋହିତ, ରବି ନାଏକ, ରାଧାରାଣୀ ପଣ୍ଡା, ବିଭୂତି ଭୂଷଣ ହରିଚନ୍ଦନ, ଗୋବିନ୍ଦ ଦାସ, ନୀତିଶ ଗଙ୍ଗଦେବ ପ୍ରମୁଖ ଗୃହର ମଧ୍ୟଭାଗକୁ ଆସି ଚିଟ୍‌ଫଣ୍ଡ ଦୁର୍ନୀତି ପ୍ରସଙ୍ଗ ଉଠାଇ ହଟ୍ଟଗୋଳ କରିଥିଲେ। ସିବିଆଇ ତଦନ୍ତକୁ ବିରୋଧ କରିବା ନେଇ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହିତ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଳ ମିଳାଇଛନ୍ତି ବୋଲି ଅଭିଯୋଗ କରିଥିଲେ। ଚିଟ୍‌ଫଣ୍ଡ ଦୁର୍ନୀତି ସହ ମୁଖ୍ୟମନ୍ତ୍ରୀଙ୍କ ନାମ ଲେଖା ହୋଇଥିବା କଳା ଗାଉନ ପିନ୍ଧି ଗୃହର ମଧ୍ୟଭାଗରେ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ହଟ୍ଟଗୋଳ ମଧ୍ୟରେ ବାଚସ୍ପତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମକୁ ଆଗକୁ ନେବା ପାଇଁ ଉଦ୍ୟମ କରିଥିଲେ। ପ୍ରଥମ ପ୍ରଶ୍ନ ଜଳସମ୍ପଦ ଉପରେ ଥିଲା। ପଚାରିଥିଲେ ଭାଜପା ସଦସ୍ୟ କନକବର୍ଦ୍ଧନ ସିଂଦେଓ। କଟକ ଜିଲାର କଣ୍ଟାପଡା ବ୍ଲକରେ କେତୋଟି ଏଲଆଇ ପଏଣ୍ଟ ଖରାପ ଅଛି । ସେଗୁଡ଼ିକ କେବେ ସୁଦ୍ଧା କାର୍ଯ୍ୟକ୍ଷମ ହେବ ବୋଲି ସେ ପ୍ରଶ୍ନ କରିଥିଲେ। ଜଳସମ୍ପଦ ମନ୍ତ୍ରୀ ନିରଞ୍ଜନ ପୂଜାରୀ ପାଟିତୁଣ୍ଡ ମଧ୍ୟରେ ଲେଖା ଉତ୍ତର ପଢ଼ି ଚାଲିଥିଲେ। ଗୋଟିଏ ପଟେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଚାଲିଥିବା ବେଳେ ଅନ୍ୟପଟେ ବିରୋଧୀଙ୍କ ହଟ୍ଟଗୋଳ ବିଧାନସଭାରେ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି କରିଥିଲା। ପ୍ରବଳ ହଟ୍ଟଗୋଳ ଯୋଗୁ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଚଳାଇବା ବାଚସ୍ପତିଙ୍କ ପକ୍ଷେ ସମ୍ଭବ ହୋଇ ନ ଥିଲା। ବାଧ୍ୟହୋଇ ସେ ଗୃହକୁ ୧୦ଟା ୪୦ରୁ ୧୧ଟା ୪୦ ମିନିଟ ୧ ଘଣ୍ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ୧୧ଟା ୪୦ରେ ପୁଣି ଥରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ପରିସ୍ଥିତିରେ କୌଣସି ସୁଧାର ହୋଇ ନ ଥିଲା। ଉଭୟ କଂଗ୍ରେସ ଓ ଭାଜପା ସଦସ୍ୟ ଗୃହର ମଧ୍ୟଭାଗକୁ ଆସି ପୁଣି ହଟ୍ଟଗୋଳ କରିଥିଲେ। ବାଚସ୍ପତି ଗୃହକୁ ୧୧ଟା ୪୨ରୁ ଅପରାହ୍ନ ୩ଟା ଯାଏ ମୁଲତବୀ ଘୋଷଣା କରି ଦେଇଥିଲେ। ଅପରାହ୍ନ ୩ଟାରେ ପୁଣି ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ମାତ୍ର ସେହି ସମାନ ପରିସ୍ଥିତି ଉପୁଜିଥିଲା। ଗୃହରେ ବିରୋଧୀଙ୍କ ଆକ୍ରମଣାତ୍ମକ ମୁଡ୍ ଦେଖି ବାଚସ୍ପତି ୩ଟା ୨ରୁ ୩ଟା ୩୨ଯାଏ ଗୃହକୁ ମୁଲତବୀ ଘୋଷଣା କରି ସର୍ବଦଳୀୟ ବୈଠକ ଡାକିଥିଲେ। ବୈଠକରେ କୌଣସି ନିର୍ଯ୍ୟାସ ବାହାରି ନ ପାରିବାରୁ ଗୃହକୁ ଆହୁରି ୩୦ ମିନିଟ ଅର୍ଥାତ ୪ଟା ୨ ମିନିଟ ଯାଏ ମୁଲତବୀ ଘୋଷଣା କରାଯାଇଥିଲା। ତେବେ ବାଚସ୍ପତି ଡାକିଥିବା ସର୍ବଦଳୀୟ ବୈଠକ ଫେଲ୍ ମାରିଥିଲା।

## ସିବିଆଇରେ ହାଜର...

ମମତା ଧାରଣାରୁ ଓହରିଯାଇଛନ୍ତି। ଚିଟ୍‌ଫଣ୍ଡ ମାମଲାରେ ରାଜୀବ କୁମାରଙ୍କୁ ସିବିଆଇର ଜେରା ଉଦ୍ୟମକୁ ବିରୋଧ କରି ମମତା କୋଲକାତାରେ ୩ ଦିନ ହେଲା ଧାରଣାରେ ବସିଥିଲେ, ଯାହାକୁ ନେଇ ସାରା ଦେଶରେ ରାଜନୀତି ସରଗରମ ହୋଇଥିଲା।

ସିବିଆଇ ଏବଂ କୋଲକାତା ପୋଲିସ ମଧ୍ୟରେ ମୁହାଁମୁହିଁ ପରିସ୍ଥିତିକୁ ନେଇ ମଙ୍ଗଳବାର ଦ୍ୱିତୀୟ ଦିନ ପାଇଁ ପାର୍ଲାମେଣ୍ଟରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ପଶ୍ଚିମବଙ୍ଗରେ ସିବିଆଇର ଅପବ୍ୟବହାର କରାଯାଇଥିବା ଅଭିଯୋଗ କରି ଟିଏମ୍‌ସି, ସମାଜବାଦୀ ପାର୍ଟି ଏବଂ କଂଗ୍ରେସ ସମେତ ବିଭିନ୍ନ ଦଳ ପକ୍ଷରୁ ଉଭୟ ଗୃହରେ ପ୍ରବଳ ହଟ୍ଟଗୋଳ ହୋଇଥିଲା। ସିବିଆଇ ପକ୍ଷରୁ ହୋଇଥିବା ଆବେଦନ ଉପରେ ସୁପ୍ରିମକୋର୍ଟଙ୍କ ରାୟକୁ ମମତା ସ୍ୱାଗତ କରିଛନ୍ତି। କୋଲକାତା ପୋଲିସ ମୁଖ୍ୟ ରାଜୀବକୁମାରଙ୍କୁ ଗିରଫ ନ କରିବା ଲାଗି ଅଦାଲତ ନିର୍ଦ୍ଦେଶ ଦେଇଥିବାରୁ ଏହା ତାଙ୍କର ନୈତିକ ବିଜୟ ବୋଲି ମମତା ଦାବି କରିଛନ୍ତି। ସେ କେବଳ କୋଲକାତା ପୋଲିସ କମିଶନରଙ୍କ ପାଇଁ ଲଢୁ ନ ଥିଲେ ଦେଶର ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଲଢୁଥିଲେ ବୋଲି କହିଛନ୍ତି। ସୁପ୍ରିମକୋର୍ଟଙ୍କ ରାୟ ସାଧାରଣ ଜନତା, ଗଣତନ୍ତ୍ର ଏବଂ ସମ୍ବିଧାନର ବିଜୟ ବୋଲି ମମତା କହିବା ସହ ଧାରଣାରୁ ଓହରିଯାଇଛନ୍ତି।

ଅନ୍ୟପକ୍ଷରେ ବରିଷ୍ଠ ଭାଜପା ନେତା ତଥା କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦ ମଧ୍ୟ ସୁପ୍ରିମକୋର୍ଟଙ୍କ ରାୟକୁ ସ୍ୱାଗତ କରିଛନ୍ତି। ଆଇନର ଊର୍ଦ୍ଧ୍ୱରେ କେହି ନୁହନ୍ତି ଏହା କୋର୍ଟଙ୍କ ରାୟରୁ ସ୍ପଷ୍ଟ ହୋଇଥିବା ସେ କହିଛନ୍ତି।

ସାରଦା ଓ ରୋଜ୍‌ଭ୍ୟାଲି ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାର ତଦନ୍ତକାରୀ ଏସ୍ଆଇଟି ମୁଖ୍ୟ କୋଲକାତା ପୋଲିସ କମିଶନର ରାଜୀବ କୁମାରଙ୍କୁ ଜେରା କରିବା ପାଇଁ ସିବିଆଇର ଏକ ଟିମ୍ ରବିବାର କୋଲକାତା ଯାଇଥିଲା। ତଦନ୍ତକାରୀ ଅଧିକାରୀମାନେ ସନ୍ଧ୍ୟାରେ ରାଜୀବଙ୍କ ବାସଭବନରେ ପହଞ୍ଚିବା ପରେ ସ୍ଥାନୀୟ ପୋଲିସ ସେମାନଙ୍କୁ ଥାନାକୁ ନେଇ ଅଟକ ରଖିଥିଲା। ପରେ ସେମାନଙ୍କୁ ଛାଡ଼ି ଦିଆଯାଇଥିଲେ ହେଁ ଏହାକୁ ନେଇ ବିବାଦ ତେଜିଥିଲା।

ସିବିଆଇ ପକ୍ଷରୁ ଦାଏର ପିଟିଶନ୍‌ର ଶୁଣାଣି କରି ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ରାଜୀବ କୁମାରଙ୍କୁ ମେଘାଳୟ ରାଜଧାନୀ ଶିଲଂଠାରେ ସିବିଆଇ ସମ୍ମୁଖରେ ହାଜର ହୋଇ ତଦନ୍ତରେ ସହଯୋଗ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ତାଙ୍କୁ ଆସନ୍ତା ୨୦ ତାରିଖ ସୁଦ୍ଧା ଜବାବ ଦାଖଲ କରିବା ଲାଗି ଖଣ୍ଡପୀଠ କହିଛନ୍ତି। ସେ ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାର ତଥ୍ୟ ପ୍ରମାଣ ନଷ୍ଟ କରିଥିବା ସିବିଆଇ ପକ୍ଷରୁ ଅଭିଯୋଗ ହୋଇଥିଲା। ଶୁଣାଣି ବେଳେ ଆଟର୍ନି ଜେନେରାଲ କେ.କେ. ବେଣୁଗୋପାଳ ଏବଂ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କୋର୍ଟଙ୍କୁ କହିଥିଲେ, ଏସଆଇଟି ସିବିଆଇକୁ ସମ୍ପୂର୍ଣ୍ଣ ଦସ୍ତାବିଜ ହସ୍ତାନ୍ତର କରୁନାହିଁ। ହସ୍ତାନ୍ତର ହୋଇଥିବା ଦସ୍ତାବିଜ ମଧ୍ୟରୁ କେତେକରେ ଜାଲିଆତି ହୋଇଥିବା ସେମାନେ ଅଦାଲତଙ୍କୁ ଜଣାଇଥିଲେ। ୨୦୧୪ରୁ ସାରଦା ଦୁର୍ନୀତି ଲୋକଲୋଚନକୁ ଆସିଥିଲେ ମଧ୍ୟ ରାଜୀବ କୁମାର ତଦନ୍ତରେ ସହାୟତା କରୁ ନ ଥିବା ଆଟର୍ନି ଜେନେରାଲ କହିଥିଲେ। ରୋଜଭ୍ୟାଲିରେ ୧୫୦୦୦ କୋଟି ଟଙ୍କା ଠକେଇ ହୋଇଥିବାବେଳେ ସାରଦା ଚିଟ୍‌ଫଣ୍ଡରେ ପାଖାପାଖି ୪୦୦୦ କୋଟି ଟଙ୍କାର ଦୁର୍ନୀତି ହୋଇଛି। ପ୍ରଧାନ ବିଚାରପତିଙ୍କ ସମେତ ଜଷ୍ଟିସ୍ ଦୀପକ ଗୁପ୍ତା ଏବଂ ସଞ୍ଜୀବ ଖାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ସିବିଆଇ ଅଭିଯୋଗ ଉପରେ ଆସନ୍ତା ୧୮ ତାରିଖ ସୁଦ୍ଧା ଜବାବ ଦାଖଲ କରିବା ଲାଗି ପଶ୍ଚିମବଙ୍ଗ ମୁଖ୍ୟ ସଚିବ, ପୋଲିସ ମହାନିର୍ଦ୍ଦେଶକ ଏବଂ କୋଲକାତା ପୋଲିସ କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## 'ଆବ୍‌ସୋଲ୍ୟୁଟ୍‌ଲି ...

ଭାଜପା କାର୍ଯ୍ୟାଳୟରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ କନକବର୍ଦ୍ଧନ କହିଛନ୍ତି ଯେ, ଖୋଦ୍ ମୁଖ୍ୟମନ୍ତ୍ରୀ ହେଉଛନ୍ତି ଚିଟ୍‌ଫଣ୍ଡ ଦୁର୍ନୀତିର ସର୍ଦ୍ଦାର। ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ କାର୍ଯ୍ୟ କରୁଥିବା ସରୋଜ ସାହୁଙ୍କୁ ପୂର୍ବରୁ ସିବିଆଇ ଜେରା କରିସାରିଛି। ଏଥିରୁ ସ୍ପଷ୍ଟ ଜଣାପଡୁଛି, ଚିଟ୍‌ଫଣ୍ଡରେ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଶାସକ ଦଳର ବହୁ ନେତାଙ୍କ ପ୍ରତ୍ୟକ୍ଷ ସମ୍ପୃକ୍ତି ରହିଛି। ଭାଜପାର 'ଜବାବ ମାଗୁଛି ଓଡ଼ିଶା' କାର୍ଯ୍ୟକ୍ରମରେ ରାଜ୍ୟର ଜନସାଧାରଣ ଜାଣିବା ପାଇଁ ଚାହୁଁଛନ୍ତି ସରୋଜ ସାହୁ କିଏ। ମୁଖ୍ୟମନ୍ତ୍ରୀ ଏହାର ଜବାବ ରଖନ୍ତୁ ବୋଲି କନକବର୍ଦ୍ଧନ କହିଥିଲେ। ରାଜ୍ୟରେ ଲକ୍ଷ ଲକ୍ଷ ସାଧାରଣ ଲୋକ ଚିଟ୍‌ଫଣ୍ଡରେ ସେମାନଙ୍କ ଝାଳବୁହା ଅର୍ଥ ହରାଇଛନ୍ତି। ରାଜ୍ୟ ସରକାର ସେମାନଙ୍କ ଅର୍ଥ ଫେରାଇବା ପାଇଁ ୩୦୦ କୋଟି ଟଙ୍କାର କର୍ପସ ଫଣ୍ଡ ଘୋଷଣା କରିଥିଲେ। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ କାହାରିକୁ ଟଙ୍କାଟିଏ ମିଳିଲା ନାହିଁ। ଏହାର ଜବାବ ମଧ୍ୟ ମୁଖ୍ୟମନ୍ତ୍ରୀ ଦିଅନ୍ତୁ ବୋଲି କନକବର୍ଦ୍ଧନ କହିଛନ୍ତି।

ଅନ୍ୟପକ୍ଷରେ ପଶ୍ଚିମବଙ୍ଗ ସରକାର ଓ ସିବିଆଇ ମଧ୍ୟରେ ଲାଗି ରହିଥିବା ବିବାଦର ପ୍ରଭାବ ଓଡ଼ିଶାରେ ମଧ୍ୟ ଦେଖିବାକୁ ମିଳିଛି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସିବିଆଇର କାର୍ଯ୍ୟଧାରାକୁ ବିରୋଧ କରି ଗତ ରବିବାର ରାତିରୁ ଧାରଣାରେ ବସିଥିଲେ। ଏହି ପ୍ରସଙ୍ଗରେ ମତ ରଖି ସୋମବାର ଲୋକ ସଭାରେ ବିଜେଡି ନେତା ଭର୍ତ୍ତୃହରି ମହତାବ ସିବିଆଇର କାର୍ଯ୍ୟଧାରାକୁ ନିନ୍ଦା କରି ଏକ ପ୍ରକାର ମମତାଙ୍କୁ ସମର୍ଥନ ଜଣାଇଥିଲେ। ଏଥିରୁ ବିଜେଡି ମମତାଙ୍କୁ ସମର୍ଥନ ଦେଉଥିବା ନେଇ ଚର୍ଚ୍ଚା ହୋଇଥିଲା। ଅନ୍ୟପଟେ ମଙ୍ଗଳବାର ମମତା ଏହି ପ୍ରସଙ୍ଗରେ ମତ ରଖି ତାଙ୍କୁ ବହୁ ବଡ଼ ବଡ଼ ନେତା ସମର୍ଥନ ଦେଉଥିବା କହିଥିଲେ। ଏପରି କି ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ତାଙ୍କୁ ସମର୍ଥନ ଦେଇଥିବା ମମତା କହିଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ତୃଣମୂଳ କଂଗ୍ରେସର କୌଣସି ନେତା ବର୍ଷେ ହେବ ମୋ ସହ କଥା ହୋଇନାହାନ୍ତି। ସିବିଆଇ ନିରପେକ୍ଷ ଓ ପେସାଦାର ଭାବେ ନିଜର କାର୍ଯ୍ୟ କରୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## 'ରାଜୀବ କୁମାରଙ୍କ ବିରୋଧରେ ...

ବସିବା ସର୍ବଭାରତୀୟ ସେବା (ଆଚରଣ) ନିୟମାବଳୀ, ୧୯୬୮ ଏବଂ ସର୍ବଭାରତୀୟ ସେବା (ଶୃଙ୍ଖଳା ଓ ଅପିଲ୍) ନିୟମାବଳୀ, ୧୯୬୯ର ଉଲ୍ଲଂଘନ ବୋଲି ରାଜ୍ୟ ମୁଖ୍ୟ ସଚିବଙ୍କୁ ପତ୍ର ଲେଖି ସ୍ୱରାଷ୍ଟ୍ର ବ୍ୟାପାର ମନ୍ତ୍ରଣାଳୟ କହିଛି। ତେଣୁ ଉକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଏ ସମ୍ପର୍କରେ ଜଣାଇବା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପଶ୍ଚିମବଙ୍ଗ ସରକାରଙ୍କୁ କହିଛି। ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାରେ କୁମାରଙ୍କୁ ଜେରା କରିବା ଲାଗି ସିବିଆଇ ରବିବାର ଉଦ୍ୟମ କରି ବିଫଳ ହୋଇଥିଲା। ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ବିରୋଧୀ ରାଜନୈତିକ ଦଳଗୁଡ଼ିକ ବିରୋଧରେ ସିବିଆଇକୁ ବ୍ୟବହାର କରୁଥିବା ଅଭିଯୋଗ କରି ମମତା ଧାରଣାରେ ବସିଥିଲେ। ଏହି ଧାରଣାରେ ସାମିଲ ହୋଇ କୁମାର ସର୍ବଭାରତୀୟ ସେବା ନିୟମାବଳୀର ଧାରା ୩(୧), ୫(୧) ଏବଂ ୭ର ଉଲ୍ଲଂଘନ କରିଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଉଲ୍ଲେଖ କରିଛି।

ପ୍ରଥମ ପୃଷ୍ଠାରୁ...

## ୨୨ରେ ପୁରୀ ...

ଏବଂ ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ଅଲଗା ଅଲଗା ଧାଡ଼ି ଉଲ୍ଲେଖ କରାଯାଇଥିବା ବେଳେ ଏହି ବ୍ୟବସ୍ଥାକୁ ମନ୍ଦିର ପ୍ରଶାସନ ଅନୁସରଣ କରିବା ଉଚିତ ବୋଲି ଆମିକସ୍ କ୍ୟୁରି କହିଥିଲେ।

ଅପରପକ୍ଷରେ ଆମିକସ୍ କ୍ୟୁରି ଶ୍ରୀମନ୍ଦିର ଯାଇ ମନ୍ଦିରର ଗଠନ ଶୈଳୀ ଦେଖିବା ଉଚିତ ବୋଲି ରାଜ୍ୟ ସରକାରଙ୍କ ଆଇନଜୀବୀ ଯୁକ୍ତି ବାଢ଼ିଥିଲେ। ଏହାଛଡ଼ା ଆମିକସ୍ କ୍ୟୁରି ଉପସ୍ଥାପନ କରିଥିବା ନକ୍ସା ଅନୁଯାୟୀ ଧାଡ଼ି ବ୍ୟବସ୍ଥା ସମ୍ଭବ ନୁହେଁ ବୋଲି ସେ କହିଥିଲେ। ଏହାପରେ ଶ୍ରୀମନ୍ଦିର ପରିଦର୍ଶନ କରି ସୁପାରିସ କିଭଳି କାର୍ଯ୍ୟକାରୀ କରାଯାଇପାରିବ, ତାହା ଅନୁଧ୍ୟାନ ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ଆମିକସ୍ କ୍ୟୁରିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଶ୍ରୀମନ୍ଦିର ସଂସ୍କାର ଉପରେ ଏକାଧିକ କମିଟି ଦ୍ୱାରା କରାଯାଇଥିବା ସୁପାରିସ ଆମିକସ୍ କ୍ୟୁରି ସର୍ବୋଚ୍ଚ ନ୍ୟାୟାଳୟଙ୍କୁ ଅବଗତ କରାଇଥିଲେ। ଗତ ୪୦ ବର୍ଷ ଧରି କୌଣସି ସୁପାରିସ କାର୍ଯ୍ୟକାରୀ କରାଯାଇ ନ ଥିବା ସେ କହିଥିଲେ। ଶ୍ରୀମନ୍ଦିର ସୁପରିଚାଳନା ପାଇଁ ୧୯୭୮ରେ ହରେକୃଷ୍ଣ ମହତାବ କମିଟି କରିଥିବା ଏକାଧିକ ସୁପାରିସ କାର୍ଯ୍ୟକାରୀ ହୋଇ ନ ଥିବା ଏବଂ ପୁରୀ ଜିଲା ଜଜ୍‌ଙ୍କ ରିପୋର୍ଟକୁ ଆଧାର କରି ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ଶୋଷଣ ରୋକିବାରେ ରାଜ୍ୟ ସରକାର କିମ୍ବା ଶ୍ରୀମନ୍ଦିର ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେଇ ନ ଥିବା ଆମିକସ୍ କ୍ୟୁରି ଖଣ୍ଡପୀଠଙ୍କୁ ଅବଗତ କରାଇଥିଲେ।

| Dollar | Sensex | Nifty | Gold | Silver |
|---|---|---|---|---|
| 71.57 (23) | 36,616.81 (34.07) | 10,934.35 (22.10) | 34,475.00 (₹25) | 41,700.00 (₹170) |

“ ଦେଶର ଚିନି କ୍ଷେତ୍ରରେ ଲାଗି ରହିଥିବା ସମସ୍ୟାର ସମାଧାନ ଲାଗି ନୀତି ଆୟୋଗ ପକ୍ଷରୁ ଏକ ଟାସ୍କ ଫୋର୍ସ ଗଠନ କରାଯାଇଛି।
– ରାମ ବିଳାସ ପାଶ୍ୱାନ, କେନ୍ଦ୍ର ଖାଦ୍ୟ ମନ୍ତ୍ରୀ



“ ଆଗାମୀ ଦୁଇ ବର୍ଷ ଜେଏସ୍‌ପିଏଲ୍‌ର ସମସ୍ତ ଋଣକୁ ଶୁଝିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି।
– ନବୀନ ଜିନ୍ଦଲ, ଅଧ୍ୟକ୍ଷ, ଜେଏସ୍‌ପିଏଲ୍



## ସଂକ୍ଷେପରେ

### ଅତିରିକ୍ତ ୩୬ ହଜାର କୋଟି ଋଣ କରିବ କେନ୍ଦ୍ର

**ନୂଆଦିଲ୍ଲୀ,୫-୨:** କେନ୍ଦ୍ର ସରକାର ଚଳିତ ଆର୍ଥିକ ବର୍ଷରେ ନିଜର ଖର୍ଚ୍ଚ ତୁଲାଇବା ଲାଗି ଧାର୍ଯ୍ୟ ଦିନ ଆଧାରିତ ସିକ୍ୟୁରିଟିଜ ଜରିଆରେ ୩୬ ହଜାର କୋଟି ଟଙ୍କାର ଅତିରିକ୍ତ ଋଣ କରିବାକୁ ଯାଉଛନ୍ତି। ପୂର୍ବରୁ ଏ ସଂକ୍ରାନ୍ତରେ ଜାଣି କ୍ୟାଲେଣ୍ଡର ଅନୁଯାୟୀ ସରକାରୀ ବଣ୍ଡ୍ ଜରିଆରେ ଶେଷ କିସ୍ତି ମାର୍ଚ୍ଚ ୮, ୨୦୧୯ରେ ଶେଷ ହେଉଥିବା ସପ୍ତାହରେ ଏହି ଋଣ ଯୋଗାଡ କରାଯିବ। ତେବେ ସରକାର ଦୁଇଟି କିସ୍ତି ୧୧ରୁ ୧୫ ମାର୍ଚ୍ଚ ଓ ୧୮ରୁ ୨୨ ମାର୍ଚ୍ଚ ମଧ୍ୟରେ ୧୮ ହଜାର କୋଟି ଟଙ୍କା ଲେଖାଏ ଋଣ ଉଠାଇବେ। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଆନୁଷ୍ଠାନିକ ଭାବେ ବିବୃତି ଜାରି କରି କୁହାଯାଇଛି ଯେ, ରିଜର୍ଭ ବ୍ୟାଙ୍କ ସହ ଆଲୋଚନା କରାଯାଇ ଆର୍ଥିକ ବର୍ଷର ଶେଷ ଅବଧି ୪ ଫେବୃୟାରୀରୁ ୩୧ ମାର୍ଚ୍ଚ ପର୍ଯ୍ୟନ୍ତ ଏକ ସାଙ୍କେତିକ କ୍ୟାଲେଣ୍ଡର ତିଆରି କରାଯାଇଛି। ଏଥିରେ କୁହାଯାଇଛି ଯେ, ଏହାଦ୍ୱାରା ପୂର୍ବଭଳି ସରକାରଙ୍କ ନିକଟରେ ଥିବା ଏକ କ୍ୟାଲେଣ୍ଡରରେ ସଂଶୋଧନ କରିବାର ସୁଯୋଗ ରହିବ। ଅଧିସୂଚନା ରାଶି, ଜାରି କରିବା ଏବଂ ପରିପକ୍ୱତା ତାରିଖ ସମ୍ପର୍କରେ ଏଥିରେ ଦର୍ଶାଯିବ।

### ୨୪ ଘଣ୍ଟାରେ ମିଳିବ ଆୟକର ରିଫଣ୍ଡ




**ନୂଆଦିଲ୍ଲୀ,୫-୨:** ଟିକସଦାତାଙ୍କୁ ତୁରନ୍ତ ରିଫଣ୍ଡ ପ୍ରଦାନ ଲାଗି ରାଜସ୍ୱ ବିଭାଗ ପକ୍ଷରୁ ଏକ ପ୍ରଣାଳୀ ତିଆରି କରାଯିବ। ୨୦୨୧ ସୁଦ୍ଧା ଆୟକର ରିଟର୍ନକୁ ଯାଞ୍ଚ କରି ୨୪ଘଣ୍ଟା ଭିତରେ ଯେପରି ରିଫଣ୍ଡ ଦିଆଯାଇପାରିବ ସେଥିନେଇ ପ୍ରଣାଳୀ ବିକଶିତ କରାଯିବ ବୋଲି ରାଜସ୍ୱ ସଚିବ ଅଜୟ ଭୂଷଣ ପାଣ୍ଡେ ପ୍ରକାଶ କରିଛନ୍ତି। ଗଣମାଧ୍ୟମ ପ୍ରତିନିଧିଙ୍କ ସହ ସାକ୍ଷାତ୍‌କାର ବେଳେ ସେ କହିଛନ୍ତି ଯେ, ଉକ୍ତ ବ୍ୟବସ୍ଥା ଲାଗୁ କରିବା ଲାଗି ସେଣ୍ଟ୍ରାଲ ବୋର୍ଡ ଅଫ୍ ଡାଇରେକ୍ଟ ଟ୍ୟାକ୍ସେସ(ସିବିଡିଟି) ପକ୍ଷରୁ ସୂଚନା ପ୍ରଯୁକ୍ତି କ୍ଷେତ୍ରରେ ୪୨୦୦ କୋଟି ଟଙ୍କା ବିନିଯୋଗ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏଦିଗରେ ଜୋରସୋରରେ କାମ ଆଗେଇ ଚାଲିଛି। ଏହି ପାଣ୍ଠିର ବ୍ୟବହାର କରି ସଫ୍ଟୱେରରେ ରିଟର୍ନ, ରିଫଣ୍ଡ, ଫେସ୍‌ଲେସ୍ ସ୍କ୍ରୁଟିନି(ଅନ୍‌ଲାଇନରେ ଯାଞ୍ଚ) ଏବଂ ମିଳାଇବା କାର୍ଯ୍ୟକୁ ଅତ୍ୟାଧୁନିକ କରିବା ଲାଗି ଉଦ୍ୟମ ହେଉଛି। ସେ କହିଛନ୍ତି ଯେ, ଅଦ୍ୟାବଧି ଅନଲାଇନରେ ରିଟର୍ନ ଯାଞ୍ଚ କରିବା ପରେ ଟିକସଦାତାଙ୍କୁ ଚଳିତ ବର୍ଷ ଅଦ୍ୟାବଧି ୧.୫୦ ଲକ୍ଷ କୋଟି ଟଙ୍କା ପ୍ରଦାନ କରାଯାଇସାରିଛି। ଏବେ ସମ୍ପୂର୍ଣ୍ଣ ପ୍ରଣାଳୀକୁ ଅତ୍ୟାଧୁନିକ କରାଯାଉଛି।

# ୩ ଏନ୍‌ଏଚ୍ ପ୍ରକଳ୍ପର ଶିଳାନ୍ୟାସ ଆଜି



- ମୋଟ ୧୩୨ କିମି ପ୍ରକଳ୍ପ ଲାଗି ୨୩୪୫ କୋଟି
- କାମାକ୍ଷାନଗର-ତାଳଚେର ସେକ୍ସନରେ ୭୯୫.୧୮ କୋଟି
- କାମାକ୍ଷାନଗର-ଡୁବୁରୀ ସେକ୍ସନ ଲାଗି ୭୬୧.୧୧ କୋଟି
- ଡୁବୁରୀ-ଚଣ୍ଡିଖୋଲ ସେକ୍ସନରେ ଖର୍ଚ୍ଚ ହେବ ୭୮୯.୨୩ କୋଟି
- ପାରାଦୀପର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଏବଂ ଲୋକାର୍ପଣରେ ଯୋଗ ଦେବେ ନୀତିନ ଗଡ଼କରୀ

**ଭୁବନେଶ୍ୱର,୫-୨**

କେନ୍ଦ୍ର ପରିବହନ ତଥା ଜାତୀୟ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ବୁଧବାର ଓଡିଶା ଗସ୍ତରେ ଆସୁଥିବା ବେଳେ ରାଜ୍ୟର ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଉଦଘାଟନ ତଥା ଶିଳାନ୍ୟାସ କରିବେ। ରାଜ୍ୟରେ ୨୩୪୫ କୋଟି ଟଙ୍କା ବିନିଯୋଗରେ ନିର୍ମାଣ ହେବାକୁ ଥିବା ୧୩୨ କିମିର ରାଜପଥ ପ୍ରକଳ୍ପକୁ ଢେଙ୍କାନାଳ ଜିଲାର କାମାକ୍ଷାନଗରଠାରେ ସେ ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏହି ଅବସରରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉପସ୍ଥିତ ରହିବେ। ପ୍ରକଳ୍ପଗୁଡ଼ିକ ମଧ୍ୟରେ ଏନ୍‌ଏଚ୍ ୨୦୦/୨୩ (ନୂଆ ୫୩) କାମାକ୍ଷାନଗର-ତାଳଚେର ମଧ୍ୟରେ ୪ ଲେନ୍ ବିଶିଷ୍ଟ ୪୧.୭୨ କିମି ରାଜପଥ ୭୯୫.୧୮ କୋଟି ଟଙ୍କାରେ ନିର୍ମାଣ କରାଯିବାକୁ ଯୋଜନା ରହିଛି। ଏନ୍‌ଏଚ୍ ୨୦୦(ନୂଆ ୫୩) କାମାକ୍ଷାନଗର-ଡୁବୁରୀ ସେକ୍ସନର (୪ଲେନ୍ ) ୫୧.୧ କିମି ରାଜପଥ ୭୬୧.୧୧ କୋଟି ଏବଂ ଡୁବୁରୀ-ଚଣ୍ଡିଖୋଲ ସେକ୍ସନ(୪ ଲେନ୍) ୭୮୯.୨୩ କୋଟି ବ୍ୟୟରେ ନିର୍ମାଣ ହେବ ବୋଲି ଜଣାପଡ଼ିଛି। ସଡ଼କ ନିରାପତ୍ତା ତଥା ଯାତ୍ରୀ ଭିଡ଼କୁ କମାଇବା ଲାଗି ଏଭଳି ପଦକ୍ଷେପ ସହାୟକ ହେବ।

ପ୍ରକଳ୍ପଗୁଡ଼ିକ ମଧ୍ୟରେ ୩ ବାଇପାସ, ୧ ଫ୍ଲାଏଓଭର, ୧୯ ଯାନ ଅଣ୍ଡରପାସ, ୯ ପ୍ରମୁଖ ୩୯ କ୍ଷୁଦ୍ର ବ୍ରିଜ, ୪୫ କିମିର ସର୍ଭିସ ରୋଡ ରହିଛି। ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଗମନାଗମନ ସୁବିଧା ମଧ୍ୟ ତ୍ୱରାନ୍ୱିତ ହେବ। ସେହିଭଳି ଗଡ଼କରୀ ପାରାଦୀପଠାରେ ୪୩୨ କୋଟିରେ ନିର୍ମିତ ହୋଇଥିବା ବାର୍ଷିକ ୫୦ଲକ୍ଷ ଟନ କ୍ଷମତା ବିଶିଷ୍ଟ ବହୁମୁଖୀ କ୍ଲିନ କାର୍ଗୋ ବର୍ଥକୁ ଉଦଘାଟନ କରିବେ। ପାରାଦୀପ ବନ୍ଦରରେ ୩୨୦୬ କୋଟି ବିନିଯୋଗରେ ନିର୍ମାଣ ହେବାକୁ ଥିବା ୬ ପ୍ରକଳ୍ପର ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି। ଏହା ମଧ୍ୟରେ ୬୯୦ କୋଟି ଟଙ୍କା ବିନିଯୋଗରେ ନିର୍ମାଣ ହେବାକୁ ଥିବା ବାର୍ଷିକ ୭.୫ ଲକ୍ଷ ଟନ୍ କ୍ଷମତା ବିଶିଷ୍ଟ ଆଇଓସିଏଲ୍ ଏଲ୍‌ପିଜି ଟର୍ମିନାଲ, ୧୫୦୦ କୋଟିର କୋଇଲା ପରିଚାଳନା ବର୍ଥ ମେକାନାଇଜେଶନ, ନୂଆ କୋଇଲା ଆମଦାନୀ ବର୍ଥ, ମଲ୍ଟି ମୋଡାଲ ଲଜିଷ୍ଟିକ ପାର୍କ ଭଳି ଅନ୍ୟାନ୍ୟ ପ୍ରକଳ୍ପ ସାମିଲ ରହିଛି।




## ସାମ୍‌ସଙ୍ଗର ନୂଆ ଗାଲାକ୍ସି ଏମ୍

**ଗୁରୁଗ୍ରାମ,୫-୨**

ସାମ୍‌ସଙ୍ଗ ଇଣ୍ଡିଆ ପକ୍ଷରୁ ନୂଆ ଗାଲାକ୍ସି ଏମ୍ ୨୦ ଏବଂ ଏମ୍ ୧୦ ସ୍ମାର୍ଟ ଫୋନ ବଜାରକୁ ଆସିଛି। ଯୁବବର୍ଗଙ୍କୁ ନଜରରେ ରଖି କମ୍ପାନୀ ଏହି ସ୍ମାର୍ଟଫୋନକୁ ବଜାରକୁ ଛାଡ଼ିଛି। ମଡେଲଟିରେ ବେଷ୍ଟ ଇନ୍ କ୍ଲାସ ଇନଫିନିଟି ଭି ଡିସ୍‌ପ୍ଲେ, ଡୁଆଲ କ୍ୟାମେରା, ଅଲଟ୍ରା ୱାଇଡ ଲେନ୍ସ, ବ୍ୟାଟେରିରେ ଦୀର୍ଘତା, ଉଚ୍ଚ ପରଫର୍ମାନ୍ସଯୁକ୍ତ ପ୍ରୋସେସର ସହ ନୂଆ ସାମ୍‌ସଙ୍ଗ ଏକ୍ସପେରିଏନ୍ସ ୟୁଏକ୍ସ ଗ୍ରାହକ ପାଇପାରିବେ। ଏହି ମଡେଲଟିରେ ଗ୍ରାହକ ପାୱାର ଏବଂ ଷ୍ଟାଇଲ ପାଇପାରିବେ ବୋଲି କମ୍ପାନୀର ବରିଷ୍ଠ ଉପସଭାପତି ଅସୀମ ୱାରସୀ ସୂଚନା ଦେଇଛନ୍ତି।

# ୨୦୪୩ ଜଣଙ୍କ ଉପରେ ୬ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଏନ୍‌ପିଏ

**ନୂଆଦିଲ୍ଲୀ,୫-୨**

ଭାରତୀୟ ରିଜର୍ଭ ବ୍ୟାଙ୍କର ତଥ୍ୟ ଅନୁଯାୟୀ ଗତବର୍ଷ ସେପ୍ଟେମ୍ବର ୩୦ ସୁଦ୍ଧା ୨୦୪୩ ଜଣ ରାଷ୍ଟ୍ରାୟତ୍ତ ବ୍ୟାଙ୍କରୁ ୨୫ କୋଟିରୁ ଅଧିକ ଟଙ୍କା ଋଣ ନେଇଛନ୍ତି। ସେମାନେ ଋଣ ପରିଶୋଧ କରି ନ ଥିବାରୁ ଏବେ ୬,୮୪,୮୨୪ କୋଟି ଟଙ୍କା ବକେୟା ହେଲାଣି, ଅର୍ଥାତ୍ ଅନାଦାୟ ଋଣ(ଏନ୍‌ପିଏ) ହୋଇଗଲାଣି ବୋଲି କେନ୍ଦ୍ର ସରକାର ପ୍ରକାଶ କରିଛନ୍ତି। ଅର୍ଥମନ୍ତ୍ରୀ ପୀୟୂଷ ଗୋୟଲ ମଙ୍ଗଳବାର ରାଜ୍ୟ ସଭାରେ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି ଯେ, ଆର୍‌ବିଆଇ ତଥ୍ୟରୁ ଜଣାପଡୁଛି ଯେ, ଚାପଗ୍ରସ୍ତ ସମ୍ପତ୍ତି ପରିମାଣ ଅଚାନକ ବୃଦ୍ଧି ପାଇଛି। ପ୍ରତିଯୋଗିତାମୂଳକ ଋଣ ପ୍ରଦାନ ପଦ୍ଧତି, ଜାଣିଶୁଣି ଋଣ ପରିଶୋଧ ନ କରିବା, ଜାଲିଆତି, ଠକେଇ ଏବଂ ଦୁର୍ନୀତି ତଥା ମାନ୍ଦାବସ୍ଥା କାରଣରୁ ଏନ୍‌ପିଏ ବଢ଼ିଛି ବୋଲି ସେ ପ୍ରକାଶ କରିଛନ୍ତି।




### ୨୫ କୋଟିରୁ ଅଧିକ ଋଣ

ସମ୍ପତ୍ତି ଗୁଣବତ୍ତା ସମୀକ୍ଷା(ଏକ୍ୟୁଆର୍) ଯୋଗୁ ଏନ୍‌ପିଏ ବୃଦ୍ଧି ପାଉଥିବା ଜଣାପଡିବା ପରେ ବ୍ୟାଙ୍କଗୁଡ଼ିକ ଦ୍ୱାରା ସ୍ୱଚ୍ଛତା ଆପଣା ଯିବାରୁ ଚାପଗ୍ରସ୍ତ ଖାତାଗୁଡ଼ିକୁ ଚିହ୍ନଟ କରାଯାଇପାରିଛି। ଏହାଦ୍ୱାରା ଆର୍ଥିକ ବର୍ଷ ୨୦୧୭-୧୮ରେ ଚାପଗ୍ରସ୍ତ ଋଣଗୁଡ଼ିକୁ ପୁନର୍ଗଠନ କରାଯାଇଛି। ୨୦୧୫ ମାର୍ଚ୍ଚ ୩୧ ସୁଦ୍ଧା ମୋଟ୍ ଏନ୍‌ପିଏ ୨,୭୯,୦୧୬ କୋଟି ଟଙ୍କା ଥିବା ବେଳେ ଏହା ଗତ ବର୍ଷ ମାର୍ଚ୍ଚ ୩୧ ସୁଦ୍ଧା ବଢ଼ି ୮,୯୫,୬୦୧ କୋଟି ଟଙ୍କା ହେଲାଣି। ଏନ୍‌ପିଏ ଆଦାୟ ଲାଗି ସମାଧାନ ଯୋଜନା ଆରମ୍ଭ କରାଯିବା ପରେ ଏହା ଏବେ ୮,୬୪,୪୩୩ କୋଟି ଟଙ୍କାକୁ ହ୍ରାସ ପାଇଛି।

### ଆର୍‌ବିଆଇର ମୁଦ୍ରାନୀତି ସମୀକ୍ଷା ବୈଠକ ଆରମ୍ଭ

**ମୁମ୍ବାଇ,୫-୨:** ବହୁ ପ୍ରତୀକ୍ଷିତ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ତିନି ଦିବସୀୟ ଦ୍ୱିମାସିକ ମୁଦ୍ରାନୀତି ସମୀକ୍ଷା ବୈଠକ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଆସନ୍ତା ଗୁରୁବାର କେନ୍ଦ୍ରୀୟ ବ୍ୟାଙ୍କ ମୁଦ୍ରାନୀତି ଘୋଷଣା କରିବେ। ଗଭର୍ନର ଶକ୍ତିକାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ବସିଥିବା ଏହି ବୈଠକରେ ଅର୍ଥନୀତିର ବିଭିନ୍ନ ଦିଗ ଉପରେ ବିଚାରବିମର୍ଷ ଆରମ୍ଭ ହୋଇଛି। ଅର୍ଥନୀତିକୁ କଠୋର କରିବା ବଦଳରେ ଆର୍‌ବିଆଇ ମୁଦ୍ରାନୀତିରେ ଏହାକୁ ନିରପେକ୍ଷ ବା ନମନୀୟ ରଖିବା ଉପରେ ଜୋର୍ ଦେଇପାରନ୍ତି। ଅନ୍ତର୍ଜାତୀୟ ବଜାରରେ ତୈଳ ଦର ଓ ବିତ୍ତୀୟ ନିଅଣ୍ଟକୁ ଦୃଷ୍ଟିରେ ରଖି କେନ୍ଦ୍ରୀୟ ବ୍ୟାଙ୍କ ନିଜର ମୁଦ୍ରାନୀତିରେ ସୁଧ ହାରକୁ ଅପରିବର୍ତ୍ତିତ ରଖିପାରନ୍ତି ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।

## ଜର୍ମାନୀରେ ଟେକ୍ ସେଣ୍ଟର ସ୍ଥାପନ କଲା ହିରୋ ମୋଟୋକର୍ପ

**ନୂଆଦିଲ୍ଲୀ,୫-୨**

ହିରୋ ମୋଟୋକର୍ପ ଲିମିଟେଡ ପକ୍ଷରୁ ଜର୍ମାନୀରେ ଏକ ଟେକ୍ ସେଣ୍ଟର ସ୍ଥାପନ ହୋଇଛି। ଏହା ରିସର୍ଚ୍ଚ ଏବଂ ଗବେଷଣା କ୍ଷେତ୍ରରେ କାର୍ଯ୍ୟ କରିବ। ଏହା କମ୍ପାନୀର ବିଶ୍ୱ ସ୍ତରୀୟ କେନ୍ଦ୍ର ଭାବେ କାର୍ଯ୍ୟ କରିବ। ବିଶ୍ୱ ସ୍ତରରେ ଆର୍ ଆଣ୍ଡ ଡିକୁ ପ୍ରୋତ୍ସାହିତ କରିବା ଲାଗି ଏହା ସହାୟକ ହେବ ବୋଲି କମ୍ପାନୀର ଅଧ୍ୟକ୍ଷ ଡ.ପୱନ ମୁଞ୍ଜାଲ କହିଛନ୍ତି। କମ୍ପାନୀ ପକ୍ଷରୁ ୨୦୧୬ରେ ରାଜସ୍ଥାନଠାରେ ଏଭଳି ଏକ କେନ୍ଦ୍ର ସ୍ଥାପନ କରାଯାଇଛି। ଏହା ବାଦ ଇଟାଲୀ, ସ୍ପେନ ଏବଂ ଥାଇଲାଣ୍ଡଠାରେ ଇକୋସିଷ୍ଟମ ଜ୍ଞାନକୌଶଳ କେନ୍ଦ୍ର ହିରୋ ପକ୍ଷରୁ ସ୍ଥାପନ କରାଯାଇଛି। କମ୍ପାନୀର ମୁଖ୍ୟ ଟେକ୍ନୋଲୋଜି ଅଧିକାରୀ ଡ. ମାର୍କସ ବ୍ରାଉନସ୍ପେରଜରଙ୍କ ତତ୍ତ୍ୱାବଧାନରେ ଏହା କାର୍ଯ୍ୟ କରିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

## ହୋଣ୍ଡା କାରସ ଇଣ୍ଡିଆର ବିକ୍ରି ଅଭିବୃଦ୍ଧି

**ନୂଆଦିଲ୍ଲୀ,୫-୨**

ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ (ଏଚ୍‌ସିଆଇଏଲ୍) ଜାନୁୟାରୀରେ ୨୩% ବିକ୍ରି ଅଭିବୃଦ୍ଧି ହାସଲ କରିଛି। ଏହି ସମୟରେ କମ୍ପାନୀର ଘରୋଇ ବଜାର ବିକ୍ରି ୧୮,୨୬୧ ୟୁନିଟ ରହିଛି। ଏହା ଗତ ବର୍ଷ ସମାନ ସମୟରେ ୧୪,୮୩୮ ୟୁନିଟ ରହିଥିଲା ବୋଲି କମ୍ପାନୀ ପ୍ରକାଶ କରିଛି। ୨୦୧୯ ଜାନୁୟାରୀରେ କମ୍ପାନୀ ୨୦୦ ୟୁନିଟ କାର ରପ୍ତାନି କରିଛି। ଏପ୍ରିଲ-ଜାନୁୟାରୀ ସମୟରେ କମ୍ପାନୀର ବିକ୍ରି ଅଭିବୃଦ୍ଧି ୫.୭% ବଢି ୧,୫୩,୦୫୮ ୟୁନିଟ ରହିଛି ଯାହା ଗତ ବର୍ଷ ସମାନ ସମୟରେ ୧,୪୪,୮୦୨ ୟୁନିଟ ଥିଲା। ଅଂଶୀଦାରଙ୍କ ସହଯୋଗ ଯୋଗୁ ବିକ୍ରିରେ ଏଭଳି ସଫଳତା ହାସଲ କରିବାକୁ ସକ୍ଷମ ହୋଇଛୁ ବୋଲି କମ୍ପାନୀର ସେଲ୍‌ସ ମାର୍କେଟିଂ ଉପସଭାପତି ତଥା ନିର୍ଦ୍ଦେଶକ ରାଜେଶ ଗୋଏଲ ସୂଚନା ଦେଇଛନ୍ତି।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.SNTPBBSTMSOT022019 ତା.31.01.2019ରିଖ

**କାର୍ଯ୍ୟର ନାମ :** "ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳର ଟ୍ରେନ୍ ମ୍ୟାନେଜ୍‌ମେଣ୍ଟ ସିଷ୍ଟମ୍ (Train Management System)ର ସିଷ୍ଟମ୍ ଡିଜାଇନ୍, ଯୋଗାଣ, ସଂସ୍ଥାପନ, ପରୀକ୍ଷଣ, ଏକୀକରଣ(Integration) ଏବଂ ସମ୍ପାଦନ ।"

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 52,30,21,779/-, EMD (ଟଙ୍କାରେ) : 27,65,110/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 25,000/-, କାର୍ଯ୍ୟ ଶେଷ ହେବା ଅବଧି : 18 (ଅଠର)ମାସ ।

**ଟେଣ୍ଡର ଖୋଲିବା/ବନ୍ଦ ହେବା ତାରିଖ ଓ ସମୟ :** ତା.12.03.2019ରିଖ 1200 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 07(ସାତ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଉପ ମୁଖ୍ୟ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ/ ପ୍ରକଳ୍ପ/ଭୁବନେଶ୍ୱର
PR-97/CB/18-19

**OFFICE OF THE DIVISIONAL COMMISSIONER, MALKANGIRI**

Notice No.-311/ DLC Date.- 04.02.2019

**EMPANELMENT OF REGISTERED DEALERS IN THE DISTRICT OF MALKANGIRI**

Sealed proposals are hereby invited from the registered dealers having valid GST Number and dealing with sales of Bi-cycles / Working Tools / Safety Equipments in the district of Malkangiri. The application form can be obtained from the office of the undersigned on all working days from 11.00 A.M. to 5.00 P.M. on written application and deposit of paper cost of Rs.5000/- in shape of DD or can be downloaded from the district website. **www.malkangiri.nic.in**. The proposal should reach in the office by 1.00 P.M. of 15.02.2019 by Registered / speed Post only Sd./-

District Labour Officer, Malkangiri

**କଟକ ଉନ୍ନୟନ କର୍ତ୍ତୃପକ୍ଷ**
C.D.A ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ – ୧୨

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର – 6 ରେ ପ୍ଲଟ ନଂ –C/1120 ଟିକୁ ଶ୍ରୀ ପ୍ରଦୀପ କୁମାର ଦାସ, ପିତା – ୰ ଉମାକାନ୍ତ ଦାସ, ସା – ଭଉଁରିଆ, ପୋ – ଶୁକ୍ଳେଶ୍ୱର, ଥା – ମାହାଙ୍ଗା, ଜିଲ୍ଲା – କଟକଙ୍କୁ ଆବଣ୍ଟନ କରାଯାଇଥିଲା । ଆବଣ୍ଟନଗ୍ରାହୀ ପ୍ରଦୀପ କୁମାର ଦାସଙ୍କ ମୃତ୍ୟୁପରେ ତାଙ୍କର ପତ୍ନୀ ଶ୍ରୀମତୀ ରୀନା କାନୁନଗୋ, ସା – ମାତୃଭବନ, ପୋ – ଅରୁଣୋଦୟ ମାର୍କେଟ, ଥା – ବାଦାମବାଡ଼ି, ଜିଲ୍ଲା – କଟକ ଉକ୍ତ ପ୍ଲଟ ସହିତ ଗୃହଟିକୁ ଉତ୍ତରାଧିକାରୀ ଆଧାରରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

ସଚିବ

**COLLECTORATE, BALANGIR**
(SOCIAL WELFARE SECTION)

No.: 229/DSWO Dated: 05.02.2019

**TENDER CALL NOTICE FOR WALL PAINTINGS**

Sealed tenders in prescribed format are invited from intending firms/ agencies for wall paintings at Gram Panchayat level in 285 GPs in Balangir district. Tender papers and other details regarding terms & conditions, specifications, earnest money deposit etc. can be obtained from the Office of the Collector (DSWO Section), Balangir on payment of Rs.2000/- (Rupees two thousand) only (non-refundable) during office hours from Dt.06.02.2019 to Dt.19.02.2019 in working days. The same can also be downloaded from our official website **http://balangir.nic.in** and can be filed along with a DD of Rs.2000/- (Rupees two thousand) drawn in favour of DSWO, Balangir payable at Balangir towards the cost of tender papers if the tender paper is not purchased from the office. Tender papers complete in all respect along with required documents must be submitted to DSWO, Balangir on or before 20.02.2019 by 1.00 P.M. by **Registered Post/Speed Post/Courier Service** and tender papers received beyond the date and time mentioned above shall not be entertained. The tender shall be opened on the same date, i.e. on 20.02.2019 at 4.30 P.M. by the A.D.M. & Chairman of the tender committee in presence of all the members and tenderers/ representative(s) of the tenderer(s).

The authority reserves the right to reject any or all the tenders without assigning any reason thereof.

Sd./- Addl. Dist. Magistrate, Balangir

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସମ୍ବଲପୁର**

ଇସ୍ତାହାର ସଂଖ୍ୟା: ୬୩୧ ତାରିଖ: ୦୫।୦୨।୧୯

ଏତଦ୍ୱାରା ସର୍ବସାଧାରଣଙ୍କର ଅବଗତି ନିମନ୍ତେ ପ୍ରକାଶ କରାଯାଉଅଛି କି ନିମ୍ନରେ ଦିଆଯାଇଥିବା ଶିଶୁଦ୍ୱୟଙ୍କୁ ପରିତ୍ୟକ୍ତ ଅବସ୍ଥାରେ ଉଦ୍ଧାର କରାଯାଇ ଶିଶୁ କଲ୍ୟାଣ ସମିତି, ସମ୍ବଲପୁରର ନିର୍ଦ୍ଦେଶନାମା ଅନୁସାରେ ସ୍ୱତନ୍ତ୍ର ପୋଷ୍ୟସନ୍ତାନ ଗ୍ରହଣ ସଂସ୍ଥା, ରୁକ୍ମଣୀଲାଠ ବାଲନିକେତନ, ଛଚାନପାଲି, ସମ୍ବଲପୁର, ଶିଶୁଗୃହରେ ସୁରକ୍ଷିତ ଭାବରେ ଥଇଥାନ କରାଯାଇଅଛି । ଉକ୍ତ ଶିଶ୍ୱଦ୍ୱୟର ଯଦି କେହି ଜନ୍ମିତ ପିତାମାତା ତଥା ଆଇନଗତ ଅଭିଭାବକ ଥାଆନ୍ତି, ତେବେ ଏହି ବିଜ୍ଞାପନ ପ୍ରକାଶନ ହେବାର ୩୦ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସମ୍ବଲପୁର, ଫୋନ ନମ୍ବର: ୦୬୬୩-୨୪୧୨୯୧୪ ଓ ଶିଶୁଗୃହ ପ୍ରବନ୍ଧକ, ରୁକ୍ମଣୀଲାଠ ବାଲନିକେତନ, ଛଚାନପାଲି, ସମ୍ବଲପୁର, ଫୋନ ନମ୍ବର- ୯୦୯୦୧୬୯୮୮୨ରେ ଯୋଗାଯୋଗ କରିବାକୁ ଅନୁରୋଧ । ଯଦି ଉପରୋକ୍ତ ସମୟ ସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି, ତେବେ ଉକ୍ତ ଶିଶୁଦ୍ୱୟଙ୍କୁ ପୋଷ୍ୟ ସନ୍ତାନ ଅଧିନିୟମ ୨୦୧୭ ଅନୁଯାୟୀ ପୋଷ୍ୟ ଯୋଗ୍ୟ ବୋଲି ବିବେଚିତ କରାଯିବ ।

| କ୍ର.ନଂ. | ନାମ | ଲିଙ୍ଗ | ଆନୁମାନିକ ଜନ୍ମ ତାରିଖ | ଉଦ୍ଧାର ସ୍ଥାନ | ଫଟୋ |
|---|---|---|---|---|---|
| ୧ | ଶଙ୍କର | ପୁଅ | ୦୨।୦୭।୨୦୧୮ | ସିରିଡ, କୁଚିଣ୍ଡା |  |
| ୨ | ଓମକାର | ପୁଅ | ୦୫।୦୮।୨୦୧୮ | ନିକଟସ୍ଥ ବିକାଶ ସ୍କୁଲ, ଅଇଁଠାପାଲି, ସମ୍ବଲପୁର |  |

ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସମ୍ବଲପୁର

**ବଣ୍ଡା ଉନ୍ନୟନ ସଂସ୍ଥା, ମୁଦୁଲିପଡ଼ା**
**BONDA DEVELOPMENT AGENCY, MUDULIPADA**
At/PO: Mudulipada, Malkangiri, Pin: 764046 (Odisha),
E-mail: bdamudulipada@gmail.com

**Re-Tender Call Notice No. 03/2018-19 dt. 01.02.2019**

The Project Leader, BDA, Mudulipada on behalf of Governor of Odisha invites item wise Rate bids for the type of works given in the table, from the eligible contractors of (B Class/C Class/D Class) or equivalent range. The details of tender documents, terms & condition can be available on the website **www.malkangiri.nic.in.**

| | |
|---|---|
| Name/Type of work | 1. Const. of 100 seated hostel building at Boys education complex, Mundiguda<br>2. Const. of minor bridge at pindajangar on kitchapada road<br>3. Cost. of minor bridge at pindajangar (Nuagaon)<br>4. Cost. of 2 Nos. of check dam at sonuguda<br>5. Cost. of check dam at Goiguda |
| No. of works | 05 |
| Estimated cost | As laid down in the DTCN |
| Amount put to Tender | As laid down in the DTCN |
| Tender paper cost | As laid down in the DTCN |
| E.M.D. Amount Required | 1% of the Amount put to tender (As laid down in the DTCN) |
| Period of completion | 06, 09 months (Six, Nine calendar months) (As laid down in the DTCN for each work |
| Date & time of Tender paper sale | From 04.02.19 to 18.02.19 upto 4.00 PM only working day. |
| Last date/time for receipt of tender paper by R.P | Till 21.02.19 upto 5.00 PM |
| Date of opening of Tender | 22.02.2019 (At 11.00 AM) |
| Further details can be seen from the postal www.malkangiri.nic.in. | |

Project Leader, BDA,Mudulipada

See Career Appointment on every Wednesday & Saturday

**GOVT. OF ODISHA**
**OFFICE OF THE SUPERINTENDING ENGINEER**
**NORTH EASTERN RURAL WORKS CIRCLE, KEONJHAR**
Tel. 06766-258301(O), email: se_nerwkjr@rediffmail.com

**"e" Procurement Notice for Road Works**
Identification No. Road Online NCB No. 256
No. 510 / Date:02-02-2019

1. Name of the work :- Road Works under OMBADC in the District of Keonjhar.
2. Estimated Cost :- As per Annexure in NIT.
3. Class of Contractor (Eligible) :- As per Annexure in NIT.
4. Period of Completion :- As per Annexure in NIT.
5. Other details :-

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender in O/O S.E.N.E.R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, North Eastern Rural Works Circle, Keonjhar | Road Online NCB No. 256 | Dt.07.02.19 at 11.00AM | Dt.22.02.19 upto 3.00PM | Dt.21.02.19 upto 3.00PM | Dt.27.02.19 at 11.00AM | Dt.02.03.19 at 11.00AM |

• Further details can be seen from the website: www.tendersorissa.gov.in

Sd./- Superintending Engineer
N.E.R.W. Circle, Keonjhar
25048/11/0051/1819
1578-O

**GOVERNMENT OF ODISHA**
**OFFICE OF EXECUTIVE ENGINEER**
**KALAHANDI MINOR IRRIGATION DIVISION, BHAWANIPATNA**
Ph:- 06670-230755, e-mail- eemikld@rediffmail.com
No. / 216/ MIKLD / Dt. 02.02.2019/

**e-Procurement Notice**
Bid Identification No. on line kldmi- 03/2018-19

**No. 1227-A:-** Bid documents consisting of Work, Estimated cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

1. Name of the work :- Civil construction works
2. No of Works :- 73 (Seventy three)Nos.
3. Estimated cost :- Varies from Rs. 10.91 lakh to Rs. 71.60 lakhs (Approximately)
4. Period of completion :- Two to Four Calendar months
5. Date and Time of availability of bid documents in the portal :- From 11.02.19 (10.00 AM) to 25.02.19 (5.00 PM)
6. Last date / time of receipt of bids in the portal :- 25.02.2019 (5.00 PM)
7. Date of opening of Bid :- 26.02.2019 at 11.00 AM onwards
8. Name and address of the OIT :- Executive Engineer, Kalahandi Minor Irrigation Division, Bhawanipatna
9. Mode of payment of Bid Cost & Bid security :- Online
10. Date of transparent lottery if cases arise :- 13.03.2019 at 11.00 AM onwards

** Further details can be seen from the e-Procurement market place http://tendersodisha.gov.in

Sd./- A K Patel, Executive Engineer
Kalahandi M.I. Division, Bhawanipatna
32035/11/0004/1819

ଭାରତ ବିପକ୍ଷ ଦିନିକିଆ ସିରିଜରେ ପରାଜିତ ହୋଇସାରିଛୁ। ଦଳରେ କେତେକ ପରିବର୍ତ୍ତନ ଦ୍ୱାରା ଟି୨୦ ସିରିଜରେ ଆମେ ଭଲ ପ୍ରଦର୍ଶନ ଆଶା ରଖିଛୁ।
–କେନ୍ ୱିଲିୟମସନ, ନ୍ୟୁଜିଲାଣ୍ଡ ଅଧିନାୟକ



ଭାରତୀୟ ଦିନିକିଆ ଦଳରେ ଜଣେ ଫିଙ୍ଗର ସ୍ପିନର ଭାବେ ସ୍ଥାନ ପାଇବାକୁ ହେଲେ ରବୀନ୍ଦ୍ର ଜାଡେଜାଙ୍କୁ ତାଙ୍କ ସ୍ପିନ୍ ବୋଲିଂରେ ଉନ୍ନତି ଆଣିବାକୁ ପଡ଼ିବ।
–ହରଭଜନ ସିଂ, ସିନିୟର ଅଫ୍ ସ୍ପିନର



# ଆଜିଠାରୁ ଟି୨୦: ପନ୍ତଙ୍କ ଉପରେ ନଜର

ୱେଲିଂଟନ,୫।୨(ପି.ଟି.)

ନ୍ୟୁଜିଲାଣ୍ଡ ଓ ଭ୍ରମଣକାରୀ ଭାରତ ମଧ୍ୟରେ ବୁଧବାରଠାରୁ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ ଆରମ୍ଭ ହେବ। ଇଂଲଣ୍ଡରେ ମେ'ରୁ ଜୁଲାଇ ମଧ୍ୟରେ ଦିନିକିଆ ବିଶ୍ୱକପ୍ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଥିବା ବେଳେ ଏହି ମେଗା ଇଭେଣ୍ଟର ଅବଗଣନା ଆରମ୍ଭ ହୋଇଛି। ଫଳରେ ଉଭୟ ଦଳ ପାଇଁ ଏହି ସିରିଜ ବିଶେଷଭାବେ ଗୁରୁତ୍ୱବହନ କରୁଛି। ସ୍ଥାନୀୟ ୱେଷ୍ଟପ୍ୟାକ୍ ଷ୍ଟାଡିୟମରେ ପ୍ରଥମ ଟି୨୦ ମ୍ୟାଚ୍ ଖେଳାଯିବ। ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ, ଦିନିକିଆ ସିରିଜ ବିଜୟ ପରେ ଭାରତ ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜକୁ ୪–୧ରେ ହାତେଇଛି। ନ୍ୟୁଜିଲାଣ୍ଡ ମାଟିରେ ଏହା ଭାରତ ପାଇଁ ସର୍ବବୃହତ୍ ସିରିଜ ବିଜୟ ସାବ୍ୟସ୍ତ ହୋଇଛି। କ୍ରମାଗତ ସିରିଜ ବିଜୟ ସହ ଭାରତର ଆତ୍ମବିଶ୍ୱାସ ଜବରଦସ୍ତ ରହିଛି। ନ୍ୟୁଜିଲାଣ୍ଡରେ ପ୍ରଥମଥର ପାଇଁ ଟି୨୦ ସିରିଜ ଜିତିବା ସହ ଭାରତ ସ୍ୱଦେଶ ଫେରିବା ଲକ୍ଷ୍ୟରେ ରହିଛି। ବ୍ୟସ୍ତବହୁଳ କାର୍ଯ୍ୟସୂଚୀ କାରଣରୁ ଅଧିନାୟକ ବିରାଟ କୋହଲିଙ୍କୁ ବିଶ୍ରାମ ଦିଆଯାଇଛି। ଫଳରେ ତାଙ୍କ ଅନୁପସ୍ଥିତିରେ ରୋହିତ ଶର୍ମା ଦଳର ନେତୃତ୍ୱ ନେବେ।

ବିଶ୍ୱକପ୍ ପାଇଁ ଅନ୍ତିମ ୧୫ ଜଣିଆ ଦଳ ଚୟନ କରିବା ଏବେ ଚୟନକର୍ତ୍ତା ପାଇଁ ଏକ ବଡ଼ ଚ୍ୟାଲେଞ୍ଜ୍ ସୃଷ୍ଟି କରିଛି। ଫଳରେ ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ଗତ ଦିନିକିଆ ସିରିଜ ଖେଳି ନ ଥିଲେ ମଧ୍ୟ ପନ୍ତଙ୍କ ପାଇଁ ଏହି ଟି୨୦ ସିରିଜ ଏକ ବଡ଼ ସୁଯୋଗ ସୃଷ୍ଟି କରିଛି। ଏହି ସିରିଜର ପ୍ରଦର୍ଶନ ଉପରେ ପନ୍ତ ବିଶ୍ୱକପ୍ ଖେଳିବା ନିର୍ଭର କରୁଛି। ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀ ଗତ ଜୁଲାଇରେ ଶେଷଥର ପାଇଁ ଟି୨୦ ଖେଳିଥିଲେ। ଗତବର୍ଷ ସେ ଅଷ୍ଟ୍ରେଲିଆ ବିପକ୍ଷ ଟି୨୦ ମ୍ୟାଚ୍ ଖେଳି ନ ଥିଲେ। ଦୀର୍ଘ ଦିନ ପରେ ଟି୨୦ ଫର୍ମାଟକୁ ଫେରିଥିବାରୁ ଧୋନୀ କିଭଳି ପ୍ରଦର୍ଶନ କରୁଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିଛି। ପୁଣି ଦୀନେଶ କାର୍ତ୍ତିକଙ୍କ ପାଇଁ ମଧ୍ୟ ଏହି ସିରିଜ ସୁଯୋଗ ସୃଷ୍ଟି କରିଛି। ଜଣେ ଭଲ ଫିନିଶର ଭାବେ ନିଜକୁ ପ୍ରମାଣିତ କରିଥିବା କାର୍ତ୍ତିକ ଏପର୍ଯ୍ୟନ୍ତ ଜଣେ ଉପଯୋଗୀ ଷ୍ଟାର୍ଟର ଭାବେ ପରିଚୟ ସୃଷ୍ଟି କରିପାରିନାହାନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ଅନ୍ତିମ ଦିନିକିଆରେ ୯୦ ରନର ଧୈର୍ଯ୍ୟପୂର୍ଣ୍ଣ ଉପଯୋଗୀ ପାଳି ଖେଳି ଅମ୍ବାତି ରାୟୁଡୁ ମିଡିଲ ଅର୍ଡରରେ ନିଜ ସ୍ଥାନ ପକ୍କା କରିଛନ୍ତି। ଅବଶ୍ୟ ପ୍ରତିଭାସମ୍ପନ୍ନ ୧୯ ବର୍ଷୀୟ ବ୍ୟାଟ୍ସମ୍ୟାନ ଶୁବମନ ଗିଲ ନିଜ ଡେବ୍ୟୁ ଦିନିକିଆ ସିରିଜ୍‌ରେ ଆଶାନୁରୂପ ପ୍ରଦର୍ଶନ କରିପାରିନାହାନ୍ତି। କୋହଲିଙ୍କ ଅନୁପସ୍ଥିତିରେ ଶୁବବମନ ୩ ନମ୍ବରରେ ବ୍ୟାଟିଂ ପୁଣି କରିବାର ସମ୍ଭାବନା ରହିଛି। ପନ୍ତଙ୍କୁ ବାଦ୍ ଦେଲେ ଦଳରେ ଯୋଗ ଦେଇଥିବା ସ୍ପିନ୍ ଅଲରାଉଣ୍ଡର ହେଲେ କ୍ରୁନାଲ ପାଣ୍ଡ୍ୟା ଓ ପଞ୍ଜାବ ଦ୍ରୁତ ବୋଲର ସିଦ୍ଧାର୍ଥ କାଉଲ। ଯଶପ୍ରୀତ ବୁମ୍‌ରାଙ୍କ ଭଳି ଅଭିଜ୍ଞ ବୋଲରଙ୍କ ଅନୁପସ୍ଥିତିରେ ମହମ୍ମଦ ସିରାଜ ଓ ଖଲିଲ ଅହମ୍ମଦ ଏପର୍ଯ୍ୟନ୍ତ ପ୍ରଭାବି ପ୍ରଦର୍ଶନ କରିପାରି ନାହାନ୍ତି। ଫଳରେ ଏହି ସିରିଜ ମଧ୍ୟ ଏହି ଦୁଇ ଦ୍ରୁତ ବୋଲରଙ୍କ ପାଇଁ ସୁଯୋଗ ସୃଷ୍ଟି କରିଛି। ଅଭିଜ୍ଞ ଓପନର ଶିଖର ଧାୱନ ନ୍ୟୁଜିଲାଣ୍ଡ ବିପକ୍ଷ ଗତ ୩ଟି ଦିନିକିଆ ସିରିଜରେ ଭଲ ପ୍ରଦର୍ଶନ କରିନାହାନ୍ତି। ତେଣୁ ସେ ଟି୨୦ ସିରିଜରେ ଭଲ ଖେଳିବାକୁ ବ୍ୟଗ୍ର ଥିବେ। ପେସ୍ ଓ ସୁଇଙ୍ଗ୍ ବଲକୁ ସାମ୍ନା କରିବା ପାଇଁ ଧାୱନ ଟେନିସ୍ ବଲ୍‌ରେ ଅଭ୍ୟାସ କରୁଥିବାର ଦେଖାଯାଇଛି।

ଅପରପକ୍ଷରେ ୧–୪ରେ ଦିନିକିଆ ସିରିଜ ହାରିଥିବାରୁ ନ୍ୟୁଜିଲାଣ୍ଡ ଟି୨୦ ସିରିଜ ଜିତିବା ପାଇଁ ସବୁମତେ ଚେଷ୍ଟା କରିବେ। ଅବଶ୍ୟ ଟି୨୦ ପ୍ରଦର୍ଶନ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ନ୍ୟୁଜିଲାଣ୍ଡ ଭାରତଠାରୁ ପାଦେ ଆଗରେ ରହିବ। ନ୍ୟୁଜିଲାଣ୍ଡରେ ୨୦୦୮–୦୯ରେ ଖେଳାଯାଇଥିବା ଏକମାତ୍ର ଟି୨୦ ସିରିଜରେ ଭାରତ ୨–୦ରେ ପରାସ୍ତ ହୋଇଥିଲା। ଏହାପରେ ୨୦୧୨ରେ ଖେଳାଯାଇଥିବା ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜରେ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ୧–୦ରେ ଭାରତକୁ ହରାଇଥିଲା। ତେବେ ୨୦୧୭–୧୮ରେ ଘରୋଇ ଭାରତ ୨–୧ରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଥିଲା। ୱେଷ୍ଟପାକ୍ ଷ୍ଟାଡିୟମରେ ବଲ୍ ପ୍ରଥମେ ସୁଇଙ୍ଗ୍ କରିବ। ଅନ୍ତିମ ଦିନିକିଆରେ ନ୍ୟୁଜିଲାଣ୍ଡ ଏହାର ଫାଇଦା ଉଠାଇ ଭାରତୀୟ ଟପ୍ ଅର୍ଡରର ବିପର୍ଯ୍ୟୟ ଘଟାଇଥିଲା। ତେବେ ମୁଖ୍ୟ ବୋଲର ଟ୍ରେଣ୍ଟ ବୋଲ୍ଟଙ୍କୁ ବିଶ୍ରାମ ଦିଆଯାଇଥିବାରୁ ଭାରତର ସୁବିଧାଜନକ ସ୍ଥିତି ସୃଷ୍ଟି ହୋଇଛି। ନ୍ୟୁଜିଲାଣ୍ଡ ତରଫରୁ ଅଲରାଉଣ୍ଡର ଡାରିଲ ମିଚେଲ ଓ ଦ୍ରୁତ ବୋଲର ବ୍ଲେୟାର ଟିକନର ଡେବ୍ୟୁ କରିବେ।



ମହେନ୍ଦ୍ର ସିଂ ଧୋନୀ ଓ ରିଷଭ ପନ୍ତ।

**ଭାରତୀୟ ଦଳ**
ରୋହିତ ଶର୍ମା (ଅଧିନାୟକ), ଶିଖର ଧାୱନ, ରିଷଭ ପନ୍ତ, ଦୀନେଶ କାର୍ତ୍ତିକ, କେଦାର ଯାଦବ, ମହେନ୍ଦ୍ର ସିଂ ଧୋନୀ, କ୍ରୁନାଲ ପାଣ୍ଡ୍ୟା, କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ଭୁବନେଶ୍ୱର କୁମାର, ସିଦ୍ଧାର୍ଥ କାଉଲ, ଖଲିଲ ଅହମ୍ମଦ, ଶୁବମନ ଗିଲ, ବିଜୟ ଶଙ୍କର, ହାର୍ଦ୍ଦିକ ପାଣ୍ଡ୍ୟା ଓ ମହମ୍ମଦ ସିରାଜ।

**ନ୍ୟୁଜିଲାଣ୍ଡ ଦଳ**
କେନ୍ ୱିଲିୟମସନ (ଅଧିନାୟକ), ଡଗ୍ ବ୍ରାସ୍‌ୱେଲ, କଲିନ୍ ଡି ଗ୍ରାଣ୍ଡହୋମ, ଲୋକି ଫର୍ଗୁଶନ, ସ୍କଟ୍ କୁଗେଲେଜିନ, କଲିନ୍ ମୁନ୍‌ରୋ, ଡାରିଲ ମିଚେଲ, ମିଚେଲ ସାଣ୍ଟନର, ଟିମ ସିଫର୍ଟ, ଇଶ୍ ସୋଧୀ, ଟିମ୍ ସୌଦି, ରସ୍ ଟେଲର, ବ୍ଲେୟାର ଟିକନର।

**ସମୟ: ଅପରାହ୍ନ ୧୨.୩୦**
**ସ୍ଥାନ: ୱେଲିଂଟନ, ପ୍ରସାରଣ: ଷ୍ଟାରସ୍ପୋର୍ଟ୍ସ**

## ସଂକ୍ଷେପରେ

### ସିନିୟର ମହିଳା କ୍ରିକେଟ ଚୟନ ଶିବିର ୮ରୁ

**କଟକ ଅଫିସ,୫।୨:** ପୁଡୁଚେରୀରେ ଫେବୃୟାରୀ ୨୦ରୁ ଆରମ୍ଭ ହେବାକୁ ଥିବା ସିନିୟର ମହିଳା ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ନିମନ୍ତେ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପକ୍ଷରୁ ରାଜ୍ୟ ଦଳର ଚୟନ ଓ ପ୍ରସ୍ତୁତି ଶିବିର ୭ ତାରିଖରୁ ଆରମ୍ଭ ହେବ। ଏଥି ନିମନ୍ତେ ମଙ୍ଗଳବାର ୨୩ ଜଣିଆ ତାଲିକା ଘୋଷଣା କରାଯାଇଛି। ୮ ତାରିଖଠାରୁ ଏସ୍‌ସିବି ମେଡ଼ିକାଲ ଗ୍ରାଉଣ୍ଡରେ ଅଭ୍ୟାସ ମ୍ୟାଚ୍ ଖେଳାଯିବ ବୋଲି ଓସିଏ ପକ୍ଷରୁ କୁହାଯାଇଛି। ତାଲିକାରେ ସୁଶ୍ରୀ ଦିବ୍ୟଦର୍ଶିନୀ ପ୍ରଧାନ, ଅଞ୍ଜଳି ସିଂ, ରାଜଶ୍ରୀ ସ୍ୱାଇଁ, ରାଣୀ ଟୁଡୁ, ରୀମାଲକ୍ଷ୍ମୀ ଏକ୍କା, ସୁମିତ୍ରା ସାହୁ, କାଜଲ ଜେନା, ଲୁଇସା ଦାସ, ବର୍ଷାରାଣୀ ସିଂ, ରାମେଶ୍ୱରୀ ନାୟକ, ଇନ୍ଦ୍ରାଣି ଛତ୍ରିଆ, ମଧୁସ୍ମିତା ବେହେରା, ବନଲତା ମଲିକ, ଶିଲ୍ପା ସ୍ୱାଇଁ, ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ, ସୁଜାତା ମଲିକ, ପ୍ରଜ୍ଞା ପରମିତା ମହାନ୍ତି, ସରିତା ମେହେର, ମାଧୁରୀ ମେହେଟା, ରୋସନାରା ପରବିନ, ସସ୍ମିତା ମହାଳିକ, ପୂର୍ଣ୍ଣିମା ରୟ, ରିତୁ ସିଂ ପ୍ରମୁଖ ସ୍ଥାନ ପାଇଛନ୍ତି।

### ଅଲ୍ ଓଡ଼ିଶା ର୍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ

**ଭୁବନେଶ୍ୱର, ୫।୨(କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା ରାଜ୍ୟ ସେକ୍ରେଟାରିଏଟ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ(ଓଏସ୍‌ଏସ୍‌ବିଏ) ଆନୁକୂଲ୍ୟରେ ଅଲ୍ ଓଡ଼ିଶା ର୍ୟାଙ୍କିଙ୍ଗ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଚଳିତ ମାସ ୮ରୁ ୧୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଶହୀଦ ନଗରସ୍ଥିତ ସାଇ ରିଜିଓନାଲ ବ୍ୟାଡ୍‌ମିଣ୍ଟନ ଏକାଡେମୀ ପରିସରରେ ଏହି ପ୍ରତିଯୋଗିତା ଜୁନିୟର ବାଳକ (୧୭ ଓ ୧୯ ବର୍ଷରୁ କମ୍), ମହିଳା ଓପନ ଏବଂ ପୁରୁଷ ଡବଲ୍ସ କାଟେଗୋରିରେ ଆୟୋଜିତ ହେବ। ଏହି ଅବସରରେ ଶଟଲ-୨୦୧୯ ସ୍ମରଣିକା ଉନ୍ମୋଚନ ହେବାର କାର୍ଯ୍ୟକ୍ରମ ରହିଛି। ପ୍ରତିଯୋଗିତାରେ ମୋଟ ୩୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିବେ ଏବଂ ଏଥିପାଇଁ ମୋଟ ୪୩,୦୦୦ ଟଙ୍କାର ପୁରସ୍କାର ରାଶି ରଖାଯାଇଛି ବୋଲି ଓଏସ୍‌ଏସ୍‌ବିଏର ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ରାଉତ ଜଣାଇଛନ୍ତି।

### ସର୍ଫରାଜଙ୍କ ନେତୃତ୍ୱରେ ବିଶ୍ୱକପ୍ ଖେଳିବ ପାକିସ୍ତାନ

**କରାଚୀ,୫।୨:** ଇଂଲଣ୍ଡରେ ହେବାକୁ ଥିବା ଆଇସିସି ବିଶ୍ୱକପ୍‌ରେ ପାକିସ୍ତାନ ଦଳର ନେତୃତ୍ୱ ସର୍ଫରାଜ ଅହମ୍ମଦଙ୍କୁ ଦିଆଯିବ କି ନାହିଁ ଚାଲିଥିବା ଅନିଶ୍ଚିତତାର ଅନ୍ତ ଘଟିଛି। ସେ ଆସନ୍ତା ମେ' ୩୦ ତାରିଖରୁ ହେବାକୁ ଥିବା ମେଗା ଇଭେଣ୍ଟରେ ପାକିସ୍ତାନ ଦଳର ନେତୃତ୍ୱ ନେବେ ବୋଲି ପିସିବି ପକ୍ଷରୁ ସ୍ପଷ୍ଟ କରାଯାଇଛି। ଦକ୍ଷିଣ ଆଫ୍ରିକୀୟ ଅଲରାଉଣ୍ଡର ଆଣ୍ଡିଲେ ଫେଲୁକ୍‌ୱାୟୋଙ୍କ ବିରୋଧରେ ଜାତିଆଣ ଭେଦଭାବ ଆଣିଥିବାରୁ ସର୍ଫରାଜଙ୍କୁ ୪ ମ୍ୟାଚ୍‌ରୁ ବାସନ୍ଦ କରାଯାଇଥିଲା। ଏହି ଘଟଣା ପରେ ଚାମ୍ପିୟନ୍ସ ଟ୍ରଫି ଚାମ୍ପିୟନ ପାକିସ୍ତାନ ଦଳର ଅଧିନାୟକଙ୍କୁ ପୁଣି ଥରେ ନେତୃତ୍ୱ ମିଳିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ମଙ୍ଗଳବାର ଡାହାଣହାତୀ ବ୍ୟାଟ୍ସମ୍ୟାନଙ୍କ ସହ ଭେଟି ପିସିବି ମୁଖ୍ୟ ଇସାନ ମାନି କହିଛନ୍ତି, ଆମ ଅଧିନାୟକଙ୍କ ନେତୃତ୍ୱ ଦକ୍ଷତା ଉପରେ କୌଣସି ସନ୍ଦେହ ନାହିଁ। ସେ ପରବର୍ତ୍ତୀ ନିଷ୍ପତ୍ତି ପର୍ଯ୍ୟନ୍ତ ଗୁରୁଦାୟିତ୍ୱ ସମ୍ଭାଳିବେ। ତାଙ୍କ ନେତୃତ୍ୱରେ ପାକିସ୍ତାନ ଅଷ୍ଟ୍ରେଲିଆରେ ୫ ଦିନିକିଆ ଓ ବିଶ୍ୱକପ୍ ଖେଳିବ। ଏହାପରେ ତାଙ୍କ ପ୍ରଦର୍ଶନର ମୂଲ୍ୟାଙ୍କନ କରାଯାଇ କୌଣସି ନିଷ୍ପତ୍ତି ଗ୍ରହଣ କରାଯିବ।

### ହ୍ୟାଟ୍ରିକ ଛକାରେ ହାର୍ଦ୍ଦିକଙ୍କ ରେକର୍ଡ

**ନୂଆଦିଲ୍ଲୀ,୫।୨:** ଭାରତୀୟ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଜଣେ ଦକ୍ଷ ବିସ୍ଫୋରକ ବ୍ୟାଟ୍ସମ୍ୟାନ। ନିମ୍ନକ୍ରମରେ ବ୍ୟାଟିଂ କରୁଥିଲେ ମଧ୍ୟ ତାଙ୍କ ନାମରେ ଏକ ବିରଳ ରେକର୍ଡ ରହିଛି। ଖୁବକମ୍ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ୍ ଖେଳି ସର୍ବାଧିକ ଥର ହ୍ୟାଟ୍ରିକ ଛକା ଲଗାଇବାରେ ସେ ରେକର୍ଡ କରିଛନ୍ତି। ୨୫ ବର୍ଷୀୟ କ୍ରିକେଟର ଏପର୍ଯ୍ୟନ୍ତ ଅନ୍ତର୍ଜାତୀୟ କ୍ରିକେଟରେ ୫ ଥର ହ୍ୟାଟ୍ରିକ ଛକା ମାରିସାରିଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ଅନ୍ତିମ ଦିନିକିଆରେ ସ୍ପିନର ଟଡ ଆସଲେଙ୍କ ୩ ବଲରେ ସେ କ୍ରମାଗତ ଛକା ଲଗାଇ ହାର୍ଦ୍ଦିକ ଏହି ସଫଳତା ପାଇଛନ୍ତି। ଏଥିପୂର୍ବରୁ ସେ ୨୦୧୭ ଚାମ୍ପିୟନ୍ସ ଟ୍ରଫିରେ ପାକିସ୍ତାନର ଇମାଦ ୱାସିମ ଓ ଶାଦାବ ଖାଁ, ଅଷ୍ଟ୍ରେଲିଆର ଆଡାମ ଜମ୍ପାଙ୍କୁ ହ୍ୟାଟ୍ରିକ ଛକା ଲଗାଇ ସାରିଛନ୍ତି। ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ମ୍ୟାଚ୍‌ରେ ମାଲିନ୍ଦା ପୁଷ୍ପକୁମାରଙ୍କ ଓଭରରେ ଲଗାତାର ୩ ଛକା ଲଗାଇ ଥିଲେ।

## ୨୦୨୩ ହକି ବିଶ୍ୱକପ୍ ଆୟୋଜନ ଦୌଡ଼ରେ ଭାରତ

**ଲାଉସାନେ, ୫।୨ (ପି.ଟି.):** ୨୦୧୮ ହକି ବିଶ୍ୱକପ୍‌ର ସଫଳ ଆୟୋଜନ ପରେ ଭାରତ ୨୦୨୩ ସଂସ୍କରଣ ଆୟୋଜନ ଅଧିକାର ହାସଲ କରିବା ପାଇଁ ଆବେଦନ କରିଛି। ଭାରତ ବ୍ୟତୀତ ୫ ଦେଶ ଏହି ହକି ମହାକୁମ୍ଭ ଆୟୋଜନ ଦୌଡ଼ରେ ରହିଛନ୍ତି। ଏ ନେଇ ମଙ୍ଗଳବାର ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍) ପକ୍ଷରୁ କୁହାଯାଇଛି। ୨୦୨୩ ଜାନୁୟାରୀ ୧୩ରୁ ୨୯ ମଧ୍ୟରେ ମହିଳା କିମ୍ବା ପୁରୁଷ ହକି ବିଶ୍ୱକପ୍ ଆୟୋଜନ କରିବା ପାଇଁ ଭାରତ ପ୍ରସ୍ତାବ ଦେଇଛି। ସମାନ ପ୍ରସ୍ତାବ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ମଧ୍ୟ ଦେଇଛନ୍ତି। ଭାରତ ଏପର୍ଯ୍ୟନ୍ତ ୩ ଥର ବିଶ୍ୱକପ୍ ଆୟୋଜନ କରିଥିବାବେଳେ ଅନ୍ତିମ ଥର ଓଡ଼ିଶାର ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିଲା। ସ୍ପେନ, ଜର୍ମାନୀ ଓ ମାଲେସିଆ ୨୦୨୨ ଜୁଲାଇ ୧ରୁ ୧୭ ତାରିଖ ପର୍ଯ୍ୟନ୍ତ ଟୁର୍ନାମେଣ୍ଟ ଆୟୋଜନ କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି। ଏଫ୍‌ଆଇଏଚ୍ ଏବେଠାରୁ ସବୁ ଦେଶର ପ୍ରସ୍ତାବକୁ ମୂଲ୍ୟାଙ୍କନ କରିବ। କାର୍ଯ୍ୟକାରୀ ବୋର୍ଡ ଚଳିତ ବର୍ଷ ଜୁନରେ ତା'ର ନିଷ୍ପତ୍ତି ଘୋଷଣା କରିବ। ଇଭେଣ୍ଟ ଆୟୋଜନ କରିବା ପାଇଁ ବିଭିନ୍ନ ଦେଶର ଉତ୍ସାହକୁ ଦେଖିବା ପରେ ଏଫ୍‌ଆଇଏଚ୍ ମୁଖ୍ୟ ଥିଏରି ୱେଲି ଖୁସି ପ୍ରକାଶ କରିଛନ୍ତି।

## ସୟଦ ମୁସ୍ତାକ ଅଲି ଟି୨୦ ଓଡ଼ିଶା ସମ୍ଭାବ୍ୟ ଦଳ ଘୋଷିତ

**କଟକ ଅଫିସ, ୫।୨:** ଫେବୃୟାରୀ ୨୧ରୁ କଟକରେ ଆରମ୍ଭ ହେବ ସୟଦ ମୁସ୍ତାକ ଅଲି ଟି୨୦ କ୍ରିକେଟ ଟୁର୍ନାମେଣ୍ଟ। ଗ୍ରୁପ-ଡି'ରେ ସ୍ଥାନ ପାଇଥିବା ଓଡ଼ିଶା ସମସ୍ତ ମ୍ୟାଚ୍ ବାରବାଟୀ ଷ୍ଟାଡିୟମ ଓ ଡ୍ରିମ୍ସ ଗ୍ରାଉଣ୍ଡରେ ଖେଳିବ। ଏହି ଟୁର୍ନାମେଣ୍ଟ ନିମନ୍ତେ ମଙ୍ଗଳବାର ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପକ୍ଷରୁ ୧୮ଜଣିଆ ସମ୍ଭାବ୍ୟଦଳ ଘୋଷଣା କରାଯାଇଛି। ଆସନ୍ତା ୭ ତାରିଖ ସନ୍ଧ୍ୟା ୬ଟା ସୁଦ୍ଧା ଖେଳାଳିମାନେ ଓସିଏ କ୍ରିକେଟ ଏକାଡେମୀରେ ରିପୋର୍ଟିଂ କରିବା ପରେ ୮ ତାରିଖରୁ ବାରବାଟୀ ଷ୍ଟାଡିୟମରେ ଅଭ୍ୟାସ ଆରମ୍ଭ ହେବ ବୋଲି ଓସିଏ ପକ୍ଷରୁ ସୂଚନା ଦିଆଯାଇଛି।
**ସମ୍ଭାବ୍ୟଦଳ:** ସନ୍ଦୀପ ପଟ୍ଟନାୟକ, ସ୍ୱସ୍ତିକ ସାମଲ, ଅନୁରାଗ ଷଡ଼ଙ୍ଗୀ, ଶାନ୍ତନୁ ମିଶ୍ର, ବିପ୍ଳବ ସାମନ୍ତରାୟ, ଗୋବିନ୍ଦ ପୋଦ୍ଦାର, ଅଭିଷେକ ରାଉତ, ଶୁଭ୍ରାଂଶୁ ଶେଖର ସେନାପତି, ରାଜେଶ ଧୂପର, ସୁଜିତ ଲେଙ୍କା, ଅରବିନ୍ଦ ସିଂ, ପପୁ ରାୟ, ରାଜେଶ ମହାନ୍ତି, ସୂର୍ଯ୍ୟକାନ୍ତ ପ୍ରଧାନ, ଦେବବ୍ରତ ପ୍ରଧାନ, ଐଶକାନ୍ତ ସାହୁ, ଶୁଭମ ନାୟକ, ସର୍ବେଶ୍ୱର ମହାନ୍ତି।

## ଜାତୀୟ ୟୁନିଫାଏଡ୍ ମହିଳା ଫୁଟ୍‌ବଲ ପଶ୍ଚିମବଙ୍ଗ ଚାମ୍ପିୟନ

**ଭୁବନେଶ୍ୱର, ୫।୨(ସ୍ପୋର୍ଟ୍ସ ବ୍ୟୁରୋ):** କଳିଙ୍ଗ ଷ୍ଟାଡିୟମରେ ଖେଳାଯାଇଥିବା ଜାତୀୟ ୟୁନିଫାଏଡ୍ ମହିଳା ଫୁଟ୍‌ବଲ ଟୁର୍ନାମେଣ୍ଟରେ ପଶ୍ଚିମବଙ୍ଗ ଚାମ୍ପିୟନ ହୋଇଛି। ମଙ୍ଗଳବାର ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ୍‌ରେ ପଶ୍ଚିମ ବଙ୍ଗ ୩–୨ ଗୋଲରେ ଆନ୍ଧ୍ରପ୍ରଦେଶକୁ ପରାସ୍ତ କରି ଟାଇଟଲ ହାସଲ କରିଛି। ଉଭୟ ଦଳ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲେ ଓ ମ୍ୟାଚ୍‌ରେ ଦମ୍‌ଦାର ଲଢେଇ ଦେଖିବାକୁ ମିଳିଥିଲା। ଏହାପୂର୍ବରୁ ପଶ୍ଚିମବଙ୍ଗ ୪–୦ ଗୋଲରେ ପୁଡୁଚେରୀକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ସେହିପରି ଆନ୍ଧ୍ର ପ୍ରଦେଶ ଟାଇବ୍ରେକରରେ ୧–୦ ଗୋଲରେ ଓଡ଼ିଶାକୁ ହରାଇ ଫାଇନାଲକୁ ଉଠିଥିଲା। ମ୍ୟାଚ୍ ଗୋଲ ଶୂନ୍ୟଭାବେ ଶେଷ ହେବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା। ପୂର୍ବତନ ସନ୍ତୋଷ ଟ୍ରଫି ଖେଳାଳି ପ୍ରଫୁଲ୍ଲ ମିଶ୍ର ଓ ବିରଞ୍ଚି ମହାନ୍ତି ଅତିଥି ଭାବେ ଯୋଗ ଦେଇ ଏହି ମ୍ୟାଚ୍ ଉପଭୋଗ କରିବା ସହ ଆଥଲେଟ, ପାର୍ଟନର୍ସ ଓ କୋଚ୍‌ମାନଙ୍କୁ ପଦକ ପ୍ରଦାନ କରିବା ସହ ପୁରସ୍କୃତ କରିଥିଲେ। ଏହି ଅବସରରେ ସୌମ୍ୟ ପଟ୍ଟନାୟକ, ପ୍ରଦୀପ୍ତ ରଥ, ପ୍ରିୟାଲି ମହାପାତ୍ର ଓ ପ୍ରକାଶ ରଥ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଏନ୍‌ଡିୟୁ ଅମୃତସର ଚାମ୍ପିୟନ

ଭୁବନେଶ୍ୱର, ୫।୨ (ସ୍ପୋର୍ଟ୍ସ ବ୍ୟୁରୋ)

ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ୍ କ୍ରିକେଟ(ପୁରୁଷ) ଟୁର୍ନାମେଣ୍ଟ ୨୦୧୮–୧୯ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କିଟ୍ କ୍ରିକେଟ ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ଫାଇନାଲରେ ଅମୃତସରର ଗୁରୁ ନାନକ ଦେବ୍ ବିଶ୍ୱବିଦ୍ୟାଳୟ (ଜିଏନ୍‌ଡିୟୁ) ୧୩୦ ରନରେ ମହୀଶୂର ବିଶ୍ୱବିଦ୍ୟାଳୟକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ରେଭେନ୍‌ଶା ଗ୍ରାଉଣ୍ଡ–୧ରେ ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚରେ ମୁମ୍ବାଇ ବିଶ୍ୱବିଦ୍ୟାଳୟ ୭ ଉଇକେଟରେ ଉତ୍ତର ପ୍ରଦେଶର ଭିବିଏସ୍ ପୂର୍ବାଞ୍ଚଳକୁ ହରାଇ ଦେଇଥିଲା। କିଟ୍ କ୍ରିକେଟ ଷ୍ଟାଡିୟମ କ୍ୟାମ୍ପସ ୧୩ରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ରାଜ୍ୟସଭା ସଦସ୍ୟ ପ୍ରଫେସର ଅଚ୍ୟୁତ ସାମନ୍ତଙ୍କ ସମେତ ବିସିସିଆଇ ପୂର୍ବାଞ୍ଚଳ ସିଲେକ୍ଟର ଉପସ୍ଥିତ ଥିଲେ।



ଚାମ୍ପିୟନ ଜିଏନ୍‌ଡିୟୁ ଅମୃତସର ଦଳ।


**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**P.H.DIVISION,BHANJANAGAR AT CHATRAPUR**
E-Mail ID- eephchpr@gmail.com
NATIONAL COMPETITIVE BIDDING THROUGH e-Procurement
Invitation For Bids (IFB)
No.460-C:-_

| Sl. No. | Name of Work | Bid Identification No | Estimated Cost (Rs. in Lakh) | Period of Completion | Availability of Bid Document for Online Bidding | | Name & Address of Officer Inviting |
|---|---|---|---|---|---|---|---|
| | | | | | From | To | |
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of drain measuring 18Mtr Length, Repairing of Existing Drain (15Mtr) Construction of 2Nos of Latrine chamber, 2Nos of Soak Pit, 1 Septic Tank and 1 Big size water vat in District hail, Phulbani. | Identification No. 46/03/SPH©/ 2018-2019 dt.04.02.2019 | 17.73 | 2 (Two) Calendar Months | 11.00 Hrs. of 08.02.2019 | 17.00 Hrs. of 18.02.2019 | Executive Engineer, P.H. Division, Bhanjanagar at Chatrapur |

The bid shall be opened on dt. 20.02.2019 at 11.30 A.M
Further details can be seen from the e-Procurement portal http://tendersodisha.gov.in
13013/11/0005/1819 Sd./- EXECUTIVE ENGINEER (PH)

**GOVERNMENT OF ODISHA**
**HEALTH & FAMILY WELFARE DEPARTMENT**
**TENDER CALL NOTICE**
No. HFW-OE-EST3M-0004-2017 2882/H Dated 01.02.19

**No. 856-E:-** Sealed tenders/ Quotations in plain paper/letter pad are invited from the intending registered Firms/ Suppliers who are authorized dealers for the products having their own office/shop at Bhubaneswar and having valid GST Registration No. and Valid PAN for supply of Desktop Computers and Multi functional Printer with specification details as given in Annexure-I annexed to this Tender Call Notice.

The details of the articles to be purchased can be obtained from Office Establishment Branch of Health & Family Welfare Department in any working day between 11.00AM to 04.00PM or can be downloaded from the website of the Department www.odishagov.in/health_portal. The Tenderers/quotationers shall have to furnish the price of the articles with GST thereon in the following format along with terms and conditions, if any. The Tenderers/quotationers shall deposit the earnest money of Rs.5,000/- (Rupees Five thousand) only in shape of A/C payee Bank Draft/ Pay Order in favour of D.D.O-cum-Under Secretary, Health & Family Welfare Department payable at Bhubaneswar. The E.M.D. will be refunded to the Tenderers/Ouotationers in the event of non-acceptance of the quotations. The Tenderers/Ouotationers having authorized dealership in respect of the items to be supplied by them and having their own office/shop at Bhubaneswar only shall participate. The tenders, along with required documents as mentioned above, should reach the Joint Secretary by 15.02.2019, 3.00PM and the tenders will be opened on the same day at 04.00PM in presence of the Tenderers or their authorized representatives.

The authority reserves the right to reject any or all tender/tenders without assigning any reason thereof. The tenders received incomplete or after the scheduled date & time shall be rejected.

The accepted tender will remain valid upto one year.

**FORMAT FOR OFFER/PRICE**

Name of the Firm (with full particulars):

| Sl No | Name of the Items | Name of the Brand/Make | Specification if any | Unit Price in Rs | GST amount | Unit Price including all Taxes | Remarks |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |

10001/11/0065/1819 *Sd./- Joint Secretary to Government*

**କ୍ରୀଡ଼ା ଓ ଯୁବସେବା ବିଭାଗ, ଓଡ଼ିଶା**
**ସି-୧, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨**
**ବିଜ୍ଞାପନ**
**(ସମାଜସେବା କ୍ଷେତ୍ରରେ ରାଜ୍ୟ ପୁରସ୍କାର ପାଇଁ ଦରଖାସ୍ତ ଆହ୍ୱାନ)**

**No.12-TT:-** ରାଜ୍ୟ ଯୁବ କଲ୍ୟାଣ ପରିଷଦ, କ୍ରୀଡ଼ା ଓ ଯୁବ ସେବା ବିଭାଗ ଓଡ଼ିଶା ୨୦୧୮ ବର୍ଷ ପାଇଁ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତି ବିଶେଷଙ୍କୁ ରାଜ୍ୟ ପୁରସ୍କାର ପ୍ରଦାନ କରିବାକୁ ସ୍ଥିର କରିଛନ୍ତି।

ଛଅ ଜଣ ବ୍ୟକ୍ତିବିଶେଷ (ପ୍ରତ୍ୟେକ ରାଜସ୍ୱ ଜୋନ୍‌ରୁ ଦୁଇ ଜଣ ହିସାବରେ ମୋଟ ଛଅ ଜଣ) ପ୍ରତ୍ୟେକଙ୍କୁ ମାନପତ୍ର ଓ ଅର୍ଥ ଆକାରରେ ଟ. ୨୫,୦୦୦/–ଙ୍କା ଲେଖାଏ ୨୦୧୯ ମସିହା ଅଗଷ୍ଟ ମାସ ୨୯ ତାରିଖ ଜାତୀୟ କ୍ରୀଡ଼ା ଦିବସରେ ପ୍ରଦାନ କରାଯିବ। ଏଥି ନିମନ୍ତେ ନିର୍ଦ୍ଧାରିତ ପରିକଳ୍ପନା ପୁସ୍ତିକା (Scheme) ସର୍ବସାଧାରଣଙ୍କ ଅବଗତି ନିମନ୍ତେ ରାଜ୍ୟର ସମସ୍ତ ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ, ଜିଲ୍ଲା କ୍ରୀଡ଼ା ଅଧିକାରୀ, ନେହେରୁ ଯୁବ କେନ୍ଦ୍ର ସଂଗଠନ, ଜାତୀୟ ସେବା ସଂସ୍ଥା, ଭାରତ ସ୍କାଉଟ୍ ଓ ଗାଇଡ୍, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଓ ଭାରତୀୟ ରେଡ୍‌କ୍ରସ୍ ସୋସାଇଟି ଅଫିସ୍‌ରେ ଉପଲବ୍ଧ ଅଟେ। ଆବେଦନ ପତ୍ର/ ସୁପାରିସଗୁଡ଼ିକ ସମ୍ପୃକ୍ତ ଅଞ୍ଚଳର ଲୋକ ପ୍ରତିନିଧି ତଥା ସରପଞ୍ଚ/କାଉନ୍‌ସିଲର ବା କର୍ପୋରେଟରଙ୍କ ସୁପାରିସ ସହିତ ସଂପାଦକ ରାଜ୍ୟ ଯୁବକଲ୍ୟାଣ ପରିଷଦ, କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା, ନୟାପଲ୍ଲୀ, ଭୁବନେଶ୍ୱରଙ୍କ ଠିକଣାରେ ତା ୩୧।୦୩।୨୦୧୯ ସୁଦ୍ଧା ପହଞ୍ଚିବା ଆବଶ୍ୟକ। ବିଜ୍ଞାପନ ସମ୍ବନ୍ଧୀୟ ବିଶଦ ବିବରଣୀ କ୍ରୀଡ଼ା ଓ ଯୁବସେବା ବିଭାଗ ୱେବସାଇଟ୍ www.dsysodisha.gov.in ରେ ଉପଲବ୍ଧ ଅଟେ।

ସମ୍ପାଦକ
29001/11/0077/1819 ରାଜ୍ୟ ଯୁବକଲ୍ୟାଣ ପରିଷଦ, ଓଡ଼ିଶା

**କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା**
**ସି-୧, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨**
**ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର ନିମନ୍ତେ ଦରଖାସ୍ତ ଆହ୍ୱାନ**

**No.13-TT:-** ରାଜ୍ୟ ଯୁବ କଲ୍ୟାଣ ପରିଷଦ, କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା ୨୦୧୮ ବର୍ଷ ପାଇଁ ସାହସିକତା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଜଣେ ବ୍ୟକ୍ତି ବିଶେଷଙ୍କୁ ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର ପ୍ରଦାନ କରିବାକୁ ସ୍ଥିର କରିଛନ୍ତି।
ରାଜ୍ୟର ଯେଉଁ ବ୍ୟକ୍ତି ବିଶେଷ ଉଲ୍ଲେଖନୀୟ ସାହସିକତା ପ୍ରଦର୍ଶନ କରିଥିବେ ସେମାନଙ୍କର ସେହିସବୁ କାର୍ଯ୍ୟାବଳୀକୁ ସ୍ୱୀକୃତି ପ୍ରଦାନ ତଥା ଅନ୍ୟମାନଙ୍କୁ ଏହି ଦିଗରେ ଉତ୍ସାହିତ କରିବା ଏବଂ ସେମାନଙ୍କର ଭିତରେ ଦୁଃସାହସିକ ପଦକ୍ଷେପ ନେବାରେ ଅଭୀପ୍ସା ସୃଷ୍ଟି କରିବା ଏହି ପୁରସ୍କାର ପ୍ରଦାନର ମୂଳ ଲକ୍ଷ୍ୟ। ମନୋନୀତ ବ୍ୟକ୍ତି ବିଶେଷଙ୍କୁ ପୁରସ୍କାର ବାବଦରେ ମାନପତ୍ର ଓ ରୌପ୍ୟ ପଦକ ତଥା ଟ. ୧,୦୦,୦୦୦/– ଙ୍କାର ଅର୍ଥରାଶି ୨୦୧୯ ମସିହା ଅଗଷ୍ଟ ମାସ ୨୯ ତାରିଖ ଜାତୀୟ କ୍ରୀଡ଼ା ଦିବସରେ ପ୍ରଦାନ କରାଯିବ। ଏହି ପୁରସ୍କାର ନିମନ୍ତେ ସ୍ୱତନ୍ତ୍ର ପରିକଳ୍ପନା ପୁସ୍ତିକା (Scheme) ପ୍ରତ୍ୟେକ ଜିଲ୍ଲାର ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ, ଜିଲ୍ଲା କ୍ରୀଡ଼ା ଅଧିକାରୀ, ନେହେରୁ ଯୁବ କେନ୍ଦ୍ର ସଂଗଠନ, ଜାତୀୟ ସେବା ସଂସ୍ଥା, ଭାରତ ସ୍କାଉଟ୍ ଓ ଗାଇଡ୍, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଓ ଭାରତୀୟ ରେଡ୍‌କ୍ରସ୍ ସୋସାଇଟି କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଉପରୋକ୍ତ ପୁରସ୍କାର ନିମନ୍ତେ ସାହସିକ କାର୍ଯ୍ୟାବଳୀର ସମୟସୀମା ୨୦୧୮ ମସିହା ଜାନୁୟାରୀ ମାସ ୦୧ ତାରିଖରୁ ଡିସେମ୍ବର ମାସ ୩୧ ତାରିଖ ମଧ୍ୟରେ ହୋଇଥିବା ଆବଶ୍ୟକ। ସାହସିକତା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଯୋଗ୍ୟ ବ୍ୟକ୍ତି ବିଶେଷଙ୍କ ଆବେଦନ/ ସୁପାରିସ ଗୁଡ଼ିକ ସମ୍ପାଦକ, ରାଜ୍ୟ ଯୁବ କଲ୍ୟାଣ ପରିଷଦ, ଓଡ଼ିଶା, ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ, ନୟାପଲ୍ଲୀ, ଭୁବନେଶ୍ୱରଙ୍କ ଠିକଣାରେ ତା୩୧।୦୩।୨୦୧୯ ରିଖ ସୁଦ୍ଧା ପହଞ୍ଚିବା ଆବଶ୍ୟକ। ବିଜ୍ଞାପନ ସମ୍ବନ୍ଧୀୟ ବିଶଦ ବିବରଣୀ କ୍ରୀଡ଼ା ଓ ଯୁବସେବା ବିଭାଗ ୱେବସାଇଟ୍ www.dsysodisha.gov.in ରେ ଉପଲବ୍ଧ ଅଟେ।

ସମ୍ପାଦକ
29001/11/0078/1819 ରାଜ୍ୟ ଯୁବକଲ୍ୟାଣ ପରିଷଦ, ଓଡ଼ିଶା

“ ସ୍ୱଳ୍ପ ସମୟ ମଧ୍ୟରେ ମ୍ୟାଚର ଗତିପଥ ବଦଳାଇ ଦେବାର ସାମର୍ଥ୍ୟ ରଖିଥିବାରୁ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ, ଭାରତୀୟ କ୍ରିକେଟ ଦଳର ଏକ ସମ୍ପଦ ।

–ଶିଖର ଧାୱନ, ଭାରତର ସିନିୟର ଓପନର



“ ବିଦେଶ ମାଟିରେ ପ୍ରଦର୍ଶନ ଦୃଷ୍ଟିରୁ ରବିଚନ୍ଦ୍ରନ ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜାଙ୍କୁ ପଛରେ ପକାଇ କୁଲ୍‌ଦୀପ ଯାଦବ ବର୍ତ୍ତମାନ ଆମର ନମ୍ବର ୱାନ୍ ସ୍ପିନର ।

–ରବି ଶାସ୍ତ୍ରୀ, ଭାରତୀୟ କ୍ରିକେଟ ଦଳର ମୁଖ୍ୟ କୋଚ୍



## ସଂକ୍ଷେପରେ

### ସେମିରେ ଟାଉନ୍ କ୍ଲବ

**ଭୁବନେଶ୍ୱର, ୫।୨(ସ୍ପୋର୍ଟ୍ସ ବ୍ୟୁରୋ):** ଢେଙ୍କାନାଳର ମୃଦାଙ୍ଗଠାରେ ଚାଲିଥିବା ମା' ହିଙ୍ଗୁଳା କପ୍ କ୍ରିକେଟ ଟୁର୍ନାମେଣ୍ଟର ସେମିଫାଇନାଲରେ ଭୁବନେଶ୍ୱରର ଟାଉନ୍ କ୍ଲବ ପ୍ରବେଶ କରିଛି। ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ଟାଉନ୍ କ୍ଲବ ପାରାଦୀପର ପିସିସିକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଟାଉନ୍ କ୍ଲବ ୨୦ ଓଭରରେ ୮ ଉଇକେଟ ହରାଇ ୨୧୧ ରନ କରିଥିଲା। ଦଳ ପକ୍ଷରୁ ଦୀପକ ମାଝି ୩୦ ବଲ୍‌ରୁ ୫୮, ବିନାୟକ ମହାନ୍ତି ୩୧ ବଲ୍‌ରୁ ୩୮, ବିଶାଲ କର ୧୫ ବଲ୍‌ରୁ ୩୬ ଏବଂ ଶୁଭାଶିଷ ଖଣ୍ଡାୟତରାୟ ୧୬ ବଲ୍‌ରୁ ୨୮ ରନ କରି ଅପରାଜିତ ରହିଥିଲେ। ପିସିସି ବୋଲରଙ୍କ ମଧ୍ୟରେ ପିଣ୍ଟୁ ଶର୍ମା ୩ଟି ଉଇକେଟ ନେଇଥିଲେ। ୨୧୨ ରନ ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ପିସିସି ୨୦ ଓଭରରେ ୮ ଉଇକେଟ ହରାଇ ୧୨୯ ରନ କରିବାକୁ ସକ୍ଷମ ହୋଇଥିଲା। ଟାଉନ୍ କ୍ଲବର ବିନାୟକ ମହାନ୍ତି ୩ଟି ଏବଂ ଦୀପକ ମାଝି, ସୁମନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଦୀପକ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।

### ଆଶା ଉଜ୍ଜୀବିତ ରଖିଲେ ସୁବ୍ରତ

**ଭୁବନେଶ୍ୱର, ୫।୨(କ୍ରୀଡ଼ା ପ୍ରତିନିଧି):** ଇନ୍ଦୋରରେ ଚାଲିଥିବା ଜାତୀୟ ସିନିୟର ସ୍ନୁକର ଚାମ୍ପିୟନଶିପ୍‌ର ମୁଖ୍ୟ ଡ୍ର'ରେ ପ୍ରବେଶ କରିଥିବା ଓଡ଼ିଶାର ସୁବ୍ରତ ଦାସ ଚମତ୍କାର ପ୍ରଦର୍ଶନ କରି ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହେବା ଆଶା ଉଜ୍ଜୀବିତ ରଖିଛନ୍ତି। ରାଉଣ୍ଡ ଅଫ୍ ଟପ୍-୬୪ରେ ସୁବ୍ରତ ଭାରତର ୧୬ ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି ପଞ୍ଜାବର ଧ୍ରୁବ ବର୍ମାଙ୍କୁ ୪-୧ ଫ୍ରେମ୍‌ରେ ପରାସ୍ତ କରିଛନ୍ତି। ବୁଧବାର ହେବାକୁଥିବା ଶେଷ ରାଉଣ୍ଡ ମ୍ୟାଚ ଜିତିଲେ ସେ ରାଉଣ୍ଡ ଅଫ୍-୩୨କୁ ଉନ୍ନୀତ ହେବେ। ଅନ୍ୟପକ୍ଷରେ ଆଶୁତୋଷ ପାଢ଼ୀ ନିଜର ଦ୍ୱିତୀୟ ମ୍ୟାଚ ରେଲୱେର ରାଫାତ ହବିବଙ୍କଠାରୁ ୨-୪ ଫ୍ରେମ୍‌ରେ ହାରି ଯାଇଛନ୍ତି।

### ଲିଟିଲ ଷ୍ଟାର୍ସ କ୍ରିକେଟ ଲିଗ୍: ସେମି ଲାଇନ୍ ଅପ୍ ଚୂଡ଼ାନ୍ତ




**ଭୁବନେଶ୍ୱର,୫।୨(ସ୍ପୋର୍ଟ୍ସ ବ୍ୟୁରୋ):** ପ୍ରଗତି ସ୍ପୋର୍ଟିଂ ଆନୁକୂଲ୍ୟରେ ଏଠାରେ ଚାଲିଥିବା ଲିଟିଲ ଷ୍ଟାର୍ସ କ୍ରିକେଟ ଲିଗ୍‌ର ସେମିଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଛି। ବୁଧବାର ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ଶହୀଦ ସ୍ପୋର୍ଟିଂ ଓ ଓସ୍କାର ସ୍ପୋର୍ଟିଂ ପରସ୍ପରକୁ ଭେଟିବେ। ସେହିପରି ଗୁରୁବାର ଗ୍ରୀନ୍ସ କ୍ରିକେଟ ଏକାଡେମୀ ଓ ପ୍ରଗତି ସ୍ପୋର୍ଟିଂ ମୁହାଁମୁହିଁ ହେବେ। ମଙ୍ଗଳବାର ଖେଳାଯାଇଥିବା ଶେଷ ଲିଗ୍ ମ୍ୟାଚ୍‌ରେ ରାମେଶ୍ୱର ସ୍ପୋର୍ଟିଂ ୩ ଉଇକେଟରେ ଜାଗୃତି କ୍ଲବ୍‌କୁ ପରାସ୍ତ କରିଛି। ଟସ୍ ଜିତି ରାମେଶ୍ୱର ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଜାଗୃତି ୨୨.୪ ଓଭରରେ ସମସ୍ତ ଉଇକେଟ ହରାଇ ୫୯ ରନ ସଂଗ୍ରହ କରିଥିଲା। ରାମେଶ୍ୱର ତରଫରୁ ଶୁଭ୍ରଜିତ୍ ମିଶ୍ର ଓ କୁଳଦୀପ ଦାସ ୩ଟି ଲେଖାଏ ଉଇକେଟ ହାସଲ କରିଥିଲେ। ୫୯ ରନ ଟାର୍ଗେଟର ପିଛା କରି ରାମେଶ୍ୱର ୩୬.୩ ଓଭରରେ ୭ ଉଇକେଟ ହରାଇ ବିଜୟୀ ହୋଇଥିଲା। ରାମେଶ୍ୱରର ଶୁଭ୍ରଜିତ୍‌ଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା।

### କର୍ଣ୍ଣାଟକଠାରୁ ହାରିଲା ଓଡ଼ିଶା

**କଟକ ଅଫିସ,୫।୨:** ମଧ୍ୟପ୍ରଦେଶର ଗ୍ୱାଲିୟରଠାରେ ଚାଲିଥିବା ୯ମ ସିନିୟର ପୁରୁଷ ହକି ଚାମ୍ପିୟନଶିପ୍(ଡିଭିଜନ-ଏ)ରେ ମଙ୍ଗଳବାର ମ୍ୟାଚ୍‌ରେ ଓଡ଼ିଶା ୨-୩ ଗୋଲରେ କର୍ଣ୍ଣାଟକଠାରୁ ପରାସ୍ତ ହୋଇଛି। ପ୍ରଥମ କ୍ୱାର୍ଟରରେ ୨ଟି ଗୋଲ ଦେଇଥିବା ଓଡ଼ିଶା ପରବର୍ତ୍ତୀ ୩ଟି ଯାକ କ୍ୱାର୍ଟରରେ ୩ଟି ଗୋଲ ବରଣ କରି ପରାଜୟର ସମ୍ମୁଖୀନ ହୋଇଥିଲା। ପ୍ରଥମ କ୍ୱାର୍ଟରରେ ଓଡ଼ିଶା ପକ୍ଷରୁ ନୀଲମ ସଞ୍ଜୀପ ଖେସ୍ ଓ ସୁରଜ ମିଞ୍ଜ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ୨ୟ, ୩ୟ ଓ ୪ର୍ଥ କ୍ୱାର୍ଟରରେ କର୍ଣ୍ଣାଟକ ପକ୍ଷରୁ ଗୋଟିଏ ଲେଖାଏଁ ଗୋଲ ହୋଇଥିଲା ।

# ମିନର୍ଭା ପଞ୍ଜାବକୁ ହରାଇଲା ଆରୋଜ

## ଆଇ-ଲିଗ୍ ଫୁଟବଲ



ଗୋଲ୍ ସ୍କୋର ପରେ ରହିମ ଅଲୀ (୯ ନଂ ଜର୍ସି)ଙ୍କୁ ସାଥୀ ଖେଳାଳିଙ୍କ ବଧେଇ ।

**ଭୁବନେଶ୍ୱର, ୫।୨(କ୍ରୀଡ଼ା ପ୍ରତିନିଧି)**

ଆଇ-ଲିଗ୍ ଫୁଟବଲର ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଇଣ୍ଡିଆନ ଆରୋଜ ୨-୧ ଗୋଲରେ ଗତଥରର ଚାମ୍ପିୟନ ମିନର୍ଭା ପଞ୍ଜାବକୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଛି। ଯୁବ ଖେଳାଳିଙ୍କୁ ନେଇ ଗଠିତ ଆରୋଜ ପକ୍ଷରୁ ରୋହିତ ଦାନୁ ୩୮ ଓ ରହିମ ଅଲୀ ୪୬ତମ ମିନିଟରେ ଏବଂ ମିନର୍ଭା ପଞ୍ଜାବ ପକ୍ଷରୁ ମୋଇନୁଦ୍ଦିନ ୬୮ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଆକର୍ଷଣୀୟ ପ୍ରଦର୍ଶନ ପାଇଁ ରହିମ ଅଲୀ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଚଳିତ ଆଇ-ଲିଗ୍‌ରେ ଆରୋଜର ଏହା ଥିଲା ୫ମ ବିଜୟ। ଏଥିସହ ଦଳ ପଏଣ୍ଟ ଟେବୁଲର ୭ମ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟ ପକ୍ଷରେ ପଞ୍ଜାବର ବିପର୍ଯ୍ୟୟ ଜାରି ରହିଛି। ଏହାକୁ ମିଶାଇ ଦଳ ଶେଷ ୯ଟି ମ୍ୟାଚରେ ବିଜୟ ସ୍ୱାଦ ଚାଖି ପାରିନାହିଁ। କଳିଙ୍ଗ ଷ୍ଟାଡିୟମକୁ ଘରୋଇ ଗ୍ରାଉଣ୍ଡଭାବେ ବ୍ୟବହାର କରୁଥିବା ଆରୋଜ ଶୁକ୍ରବାର ଏଠାରେ ପରବର୍ତ୍ତୀ ମ୍ୟାଚରେ ଟେବୁଲ ଟପ୍ପର ଶକ୍ତିଶାଳୀ ଚେନ୍ନାଇ ସିଟିକୁ ଭେଟିବ।

### ୨ ପରିବର୍ତ୍ତନ

ଏହି ମ୍ୟାଚରେ ଉଭୟ ଦଳ ୨ଟି ଲେଖାଏ ପରିବର୍ତ୍ତନ ସହ ପଡ଼ିଆକୁ ଓହ୍ଲାଇଥିଲେ। ପଞ୍ଜାବର ଷ୍ଟାର୍ଟିଂ ଇଲେଭେନରୁ ଫରୱାର୍ଡ ଦିଲରାମ ସନ୍ୟାସୀ ଓ ମିଡ୍‌ଫିଲ୍ଡର ସୌରଭ ରୌଟେଲାଙ୍କୁ ବାଦ୍ ଦିଆଯାଇ ଦୁଇ ମିଡ୍‌ଫିଲ୍ଡର ଆକାଶ ସଙ୍ଗୱନ ଓ ସିରିଆର ମହମ୍ମଦ ଅଲ୍ ଅମ୍‌ନାଙ୍କୁ ସୁଯୋଗ ଦିଆ ଯାଇଥିଲା। ଅମ୍‌ନା ଦଳର ଅଧିନାୟକ ଦାୟିତ୍ୱ ମଧ୍ୟ ତୁଲାଇଥିଲେ। ଅନ୍ୟପକ୍ଷରେ ଆରୋଜ ଦଳରେ ନରେନ୍ଦର ଓ ନିନ୍‌ଥୋଇଙ୍କ ସ୍ଥାନରେ ଡିଫେଣ୍ଡର ଅନୱର ଅଲ୍ଲୀ ଓ ମିଡ୍‌ଫିଲ୍ଡର ରାହୁଲ କେ.ପି.ଙ୍କୁ ଖେଳାଇଥିଲେ କୋଚ୍ ଫ୍ଲୟଡ ପିଣ୍ଟୋ।

### ଅଗ୍ରଣୀ ଦେଲେ ରୋହିତ

ପ୍ରଥମାର୍ଦ୍ଧରେ ପଲ୍ ମୁନ୍‌ଷ୍ଟରଙ୍କ ପ୍ରଶିକ୍ଷଣପ୍ରାପ୍ତ ପଞ୍ଜାବ ଦଳ ଅଧିକ ସମୟ ବଲ୍‌କୁ ନିଜ ନିୟନ୍ତ୍ରଣରେ ରଖିଥିଲେ ହେଁ ଆରୋଜ ଖେଳାଳିମାନେ ଏକାଧିକ ସ୍କୋରିଂ ସୁଯୋଗ ସୃଷ୍ଟି କରିଥିଲେ। ୩୮ତମ ମିନିଟରେ ଦଳପାଇଁ ସୁବର୍ଣ୍ଣ ସୁଯୋଗ ଆସିଥିଲା। ଅଧିନାୟକ ଅମରଜିତ କିୟାମ ମାରିଥିବା ଲଙ୍ଗ୍ ଶଟ୍ ପଞ୍ଜାବ ଗୋଲପୋଷ୍ଟ ବାର୍‌ରେ ବାଜି ଫେରି ଆସୁଥିବାବେଳେ ୧୬ ବର୍ଷରୁ କମ୍ ପ୍ରତିଭାସମ୍ପନ୍ନ ରୋହିତ ଦାନୁ ହେଡ୍ ଜରିଆରେ ତାହାକୁ ଗୋଲରେ ପରିଣତ କରି ମ୍ୟାଚରେ ଉଷ୍ମତା ଭରିଥିଲେ। ଚଳିତ ଲିଗ୍‌ରେ ଦାନୁଙ୍କର ଏହା ୩ୟ ଗୋଲ ଥିଲା।

### ଦ୍ୱିତୀୟାର୍ଦ୍ଧରେ ୨ ଗୋଲ

ଦ୍ୱିତୀୟାର୍ଦ୍ଧରେ ମଧ୍ୟ ଆରୋଜ ଭଲ ଆରମ୍ଭ କରିଥିଲା। ଏହି ପର୍ଯ୍ୟାୟରେ ଖେଳ ଆରମ୍ଭର ୨ୟ ମିନିଟରେ ହିଁ ରହିମ ଅଲୀ ପ୍ରତିପକ୍ଷ ଗୋଲକିପର ଅର୍ଶଦୀପ ସିଂଙ୍କୁ ଚକ୍‌ମା ଦେଇ ଦଳପକ୍ଷରୁ ଦ୍ୱିତୀୟ ଗୋଲଟି ସ୍କୋର କରିଥିଲେ। ରୋହିତ ଦାନୁ ତାଙ୍କୁ ସହାୟତା କରିଥିଲେ। ଶେଷ ଭାଗରେ ମିନର୍ଭା ଗୋଲ ପରିଶୋଧ ପାଇଁ ଜୋରଦାର ଉଦ୍ୟମ କରିଥିଲା। ଆକ୍ରମଣାତ୍ମକ ଆଭିମୁଖ୍ୟ ଜାରି ରଖି ଦଳ ଅଧିକାଂଶ ସମୟ ଆରୋଜ ହାଫ୍‌ରେ ବଲ୍ ରଖିବାକୁ ସକ୍ଷମ ହୋଇଥିବାବେଳେ ୬୮ତମ ମିନିଟରେ ବଦଳ ଖେଳାଳି ମୋଇନୁଦ୍ଦିନ ବାମ ପାଦରେ ଗୋଟିଏ ଗୋଲ ପରିଶୋଧ କରିଥିଲେ।

### ମୁନ୍‌ଷ୍ଟର ଦଣ୍ଡିତ

ମ୍ୟାଚକୁ ସମାନ ସ୍ତରକୁ ଆଣିବା ପାଇଁ ମିନର୍ଭା ଆପ୍ରାଣ ଉଦ୍ୟମ କରିଥିଲା। ମାତ୍ର ଆରୋଜ ଖେଳାଳିମାନେ ତାହା ହେବାକୁ ଦେଇ ନ ଥିଲେ। ଏଥିରେ ନିରାଶ ହୋଇଥିଲେ ମିନର୍ଭା କୋଚ୍ ପଲ୍ ମୁନ୍‌ଷ୍ଟର। ନିଜ ଉପରୁ ନିୟନ୍ତ୍ରଣ ହରାଇ ସେ କୋଚ୍‌ଙ୍କ ପାଇଁ ଉଦ୍ଦିଷ୍ଟ ସୀମାରେଖା ଅତିକ୍ରମ କରି ପଡ଼ିଆର ଟଚ୍‌ଲାଇନ୍‌ରେ ବଲ୍‌କୁ କିକ୍ କରିଥିଲେ। ଫଳରେ ଲାଇନ୍ସମ୍ୟାନଙ୍କ ଅଭିଯୋଗକ୍ରମେ ରେଫରି ତାଙ୍କୁ ସେଠାରୁ ଚାଲି ଯିବାକୁ ନିର୍ଦ୍ଦେଶ ଦେଇଥିଲେ।

### ମଧୁର ପ୍ରତିଶୋଧ

ଚଳିତ ଆଇ ଲିଗ୍‌ର ପ୍ରଥମ ଚରଣରେ ଚଣ୍ଡିଗଡ଼ରେ ଅନୁଷ୍ଠିତ ମ୍ୟାଚରେ ପଞ୍ଜାବ ୧-୦ ଗୋଲରେ ଆରୋଜକୁ ହରାଇଥିଲା। ଏବେ ଆରୋଜ କଳିଙ୍ଗ ଷ୍ଟାଡିୟମରେ ଏହାର ଘରୋଇ ପଡ଼ିଆରେ ପଞ୍ଜାବକୁ ହରାଇ ଏହାର ମଧୁର ପ୍ରତିଶୋଧ ନେଇଛି। ଏଠାରେ ବିଜୟ ସହ ଆରୋଜ ୧୬ ମ୍ୟାଚରୁ ୫ ବିଜୟ, ୧ ଡ୍ର ଓ ୧୦ ପରାଜୟ ସହ ୧୬ ପଏଣ୍ଟ ପାଇ ଟେବୁଲର ୭ମ ସ୍ଥାନ ଅଧିକାର କରିଛି। ଅନ୍ୟପକ୍ଷରେ ପଞ୍ଜାବ ୧୬ ମ୍ୟାଚରୁ ୧୪ ପଏଣ୍ଟରେ ସ୍ଥିର ରହି ୯ମ ସ୍ଥାନକୁ ଖସିଛି। ଚେନ୍ନାଇ ସିଟି ୩୦ ଏବଂ ଚର୍ଚ୍ଚିଲ ବ୍ରଦର୍ସ ଓ ରିୟଲ କଶ୍ମୀର ୨୯ ପଏଣ୍ଟ ଲେଖାଏ ପାଇ ପଏଣ୍ଟ ଟେବୁଲର ପ୍ରଥମ ତିନିସ୍ଥାନ ଅଧିକାର କରିଛନ୍ତି।



ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

■ ୧୪ବର୍ଷରୁ କମ୍ ଜାତୀୟ ଦୌଡ଼କୁଦ

# ଓଡ଼ିଶାରୁ ଭାଗନେବେ ୧୧ ପ୍ରତିଯୋଗୀ

**ଫୁଲନଖରା, ୫।୨(ଡି.ଏନ୍.ଏ.)**

ହରିୟାଣାର ରୋହତକରେ ଆସନ୍ତା ୮ରୁ ୧୨ ପର୍ଯ୍ୟନ୍ତ ୧୪ବର୍ଷରୁ କମ୍ ଜାତୀୟ ଦୌଡ଼କୁଦ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାର ବାଳିକା ଓ ବାଳକ ବିଭାଗରେ ଅଂଶ ଗ୍ରହଣ କରିବା ପାଇଁ ମଙ୍ଗଳବାର କଟକରୁ ୧୧ଜଣ ଓଡ଼ିଶା ପ୍ରତିଯୋଗୀ ରୋହତକ ଯାତ୍ରା କରିଛନ୍ତି। କଟକ ସଦର ବ୍ଲକ ଫୁଲନଖରା ସାଶୋଳ ଗ୍ରାମର ଅଭିରାମ ପରମହଂସ ବିଦ୍ୟାପୀଠର କ୍ରୀଡ଼ା ଶିକ୍ଷକ ପ୍ରଶାନ୍ତ କୁମାର ଦାଶ ମ୍ୟାନେଜର ଭାବେ ପ୍ରତିଯୋଗୀଙ୍କ ସହ ଯାତ୍ରା କରିଛନ୍ତି। ଏଥିପାଇଁ ସାଶୋଳ ଅଭିରାମ ପରମହଂସ ବିଦ୍ୟାପୀଠରେ ଗତ ଶୁକ୍ରବାରଠାରୁ ଏକ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇ ମଙ୍ଗଳବାର ଅପରାହ୍ନରେ ଉଦ୍‌ଯାପିତ ହୋଇଥିଲା। ଏହି ପ୍ରଶିକ୍ଷଣ ଶିବିରକୁ ଅଭିରାମ ପରମହଂସ ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀ ଚାରୁବାଳା ସେନାପତି ଉଦ୍‌ଘାଟନ କରିଥିଲେ। ଆୟୋଜିତ ପ୍ରଶିକ୍ଷଣ ଶିବିରକୁ ଶିକ୍ଷକ ଆନନ୍ଦଚନ୍ଦ୍ର ବେହେରା, ରମଣୀ ରଞ୍ଜନ ତ୍ରିପାଠୀ, ରାଜକିଶୋର ପୁଷ୍ପାଳକ, ତପସ୍ୱିନୀ ଆଚାର୍ଯ୍ୟ, ପ୍ରସନ୍ନ କୁମାର ଜେନା, ଧୀରେନ୍ଦ୍ର କୁମାର ସାମନ୍ତରାୟ, ଗୌତମ ଚରଣ ବେହେରା ପ୍ରମୁଖ ପରିଚାଳନା କରିଥିଲେ।



୧୪ବର୍ଷରୁ କମ୍ ଜାତୀୟ ଦୌଡ଼କୁଦ ପାଇଁ ମନୋନିତ ପ୍ରତିଯୋଗୀମାନେ କର୍ମକର୍ତ୍ତାଙ୍କ ସହ।

**ଓଡ଼ିଶା ପ୍ରତିଯୋଗୀ (ବାଳିକା):** ସବିତା ଟପ୍ପୋ, ସିଗୋ ସୋରେନ, ସୀମା ଧନ୍, ଯମୁନା ଟୁଡ୍ଡୁ, ପ୍ରୀତି ପ୍ରିୟଙ୍କା ଲାକ୍ରା। କୋଚ୍- ମୋନାଲିସା ରାଉତ। ବାଳକ: ନବେଶ ଗୁନାମ, ଜଗନ୍ନାଥ ହେମ୍ବ୍ରମ, ଆର୍ଯ୍ୟନ ଏକ୍କା, ସନ୍ତୋଷ ଏରାମବୁଟିକା, ରାଜେନ୍ଦ୍ର ସିଧୁ, ବଳଭଦ୍ର ଭାତ୍ରା। କୋଚ୍: ଅଜୟ ପ୍ରଧାନ, ମ୍ୟାନେଜର: ପ୍ରଶାନ୍ତ କୁମାର ଦାଶ।

# ରଣଜୀ ଫାଇନାଲ: ବିଦର୍ଭ ଅଗ୍ରଣୀ

**ନାଗପୁର, ୫।୨(ପ.ଟି.)**

ସ୍ଥାନୀୟ ବିଦର୍ଭ କ୍ରିକେଟ ଆସୋସିଏଶନ ଗ୍ରାଉଣ୍ଡରେ ବିଦର୍ଭ ଓ ସୌରାଷ୍ଟ୍ର ମଧ୍ୟରେ ଚାଲିଥିବା ରଣଜୀ ଟ୍ରଫି ଫାଇନାଲ ମ୍ୟାଚ୍ ରୋମାଞ୍ଚକ ମୋଡରେ ପହଞ୍ଚିଛି। ପ୍ରଥମ ଇନିଂସରେ ବିଦର୍ଭ ଅଗ୍ରଣୀ ହାସଲ କରିଥିଲେ ମଧ୍ୟ ସୌରାଷ୍ଟ୍ର କଡ଼ା ଟକ୍କର ଦେଇଛି। ଟସ୍ ଜିତି ବିଦର୍ଭ ପ୍ରଥମ ଇନିଂସରେ ୩୧୨ ରନ କରି ଅଲଆଉଟ ହୋଇଥିଲା। ଜବାବରେ ସୌରାଷ୍ଟ୍ର ପ୍ରଥମ ଇନିଂସ ଆରମ୍ଭକରି ୧୧୭ ଓଭରରେ ୩୦୭ ରନ କରି ଅଲଆଉଟ ହୋଇଥିଲା। ଫଳରେ ବିଦର୍ଭ ପ୍ରଥମ ଇନିଂସରେ ମାତ୍ର ୫ ରନର ଅଗ୍ରଣୀ ହାସଲ କରିଥିଲା। ଦ୍ୱିତୀୟ ଇନିଂସ ଆରମ୍ଭକରି ବିଦର୍ଭ ମଙ୍ଗଳବାର ତୃତୀୟ ଦିବସ ଖେଳ ଶେଷସୁଦ୍ଧା ୩୧ ଓଭରରେ ୨ ଉଇକେଟ ହରାଇ ୫୫ ରନ ସଂଗ୍ରହ କରିଛି। ଫଳରେ ମ୍ୟାଚ୍ ଆଉ ୨ ଦିନ ବାକିଥିବା ବେଳେ ବିଦର୍ଭ ୮ ଉଇକେଟ ବାକି ଥାଇ ମୋଟ ଉପରେ ୬୦ ରନର ଅଗ୍ରଣୀ ହାସଲ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଗଣେଶ ସତୀଶ ୨୪ ଓ ଅଭିଜ୍ଞ ୱାସିମ ଜାଫର ୫ ରନ କରି ଅପରାଜିତ ରହିଛନ୍ତି। ଅଧିନାୟକ ତଥା ଓପନର ଫୈଜ ଫାଜଲ ୧୦ ଓ ସଞ୍ଜୟ ରାମାସ୍ୱାମୀ ୧୫ ରନ କରି ବମହାତୀ ସ୍ପିନର ଧର୍ମେନ୍ଦ୍ରସିନ୍ ଜାଡେଜାଙ୍କ ଦ୍ୱାରା ଆଉଟ ହୋଇ ପ୍ୟାଭିଲିୟନ ଫେରିଛନ୍ତି।

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୧୫୮/୫ରୁ ଖେଳ ଆରମ୍ଭ କରି ସୌରାଷ୍ଟ୍ର ମଙ୍ଗଳବାର ଅଲ୍ ଆଉଟ ହୋଇଥିଲା। ଓଭରନାଇଟ ବ୍ୟାଟ୍ସମ୍ୟାନ ତଥା ଓପନର ସ୍ନେଲ ସୁଖଦେବ ପଟେଲ ୮୭ରୁ ଖେଳ ଆରମ୍ଭ କରି ୧୦୨ ରନର ଶତକୀୟ ପାଳି ଖେଳି ଆଉଟ ହୋଇଥିଲେ। ସେହିପରି ପ୍ରେରକ ମଙ୍କଡ ୧୬ରୁ ଖେଳ ଆରମ୍ଭ କରି ୨୧ ରନ କରି ପ୍ୟାଭିଲିୟନ ଫେରିଥିଲେ। ଏହା ପରେ ଜାଡେଜା ୨୩, କମଲେଶ ମାକଭାନା ୨୭ ଓ ଅଧିନାୟକ ଜୟଦେବ ଉନାଡକଟ ୪୬ ରନର ଗୁରୁତ୍ୱପୂର୍ଣ୍ଣ ପାଳି ଖେଳି ଦଳର ସ୍କୋରକୁ ୩୦୦ ରନ ପାର କରାଇଥିଲେ। ଚେତନ ସାକାରିୟା ୨୮ରନର ଉପଯୋଗୀ ପାଳି ଖେଳି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଅନ୍ତିମ ଉଇକେଟ ଯୋଡିରେ ଉନାଡକଟ ଓ ସାକାରିୟା ୬୦ ରନର ଭାଗୀଦାରି ସ୍ଥାପନ କରିଥିଲେ। ବୋଲିଂରେ ବିଦର୍ଭ ତରଫରୁ ଆଦିତ୍ୟ ସରୱତେ ସର୍ବାଧିକ ୫, ଅକ୍ଷୟ ୱାଖରେ ୪ ଓ ଉମେଶ ଯାଦବ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

**ବିଦର୍ଭ ପ୍ରଥମ ଇନିଂସ: ୩୧୨ ଅଲଆଉଟ।**

**ସୌରାଷ୍ଟ୍ର ପ୍ରଥମ ଇନିଂସ: ୧୧୭ ଓଭରରେ ୩୦୭ ଅଲଆଉଟ** (ପଟେଲ-୧୦୨, ଉନାଡକଟ-୪୬, ସାକରିୟା- ୨୮*, ସରୱାତେ- ୫/୯୮, ୱାଖରେ- ୪/୮୦)।

**ବିଦର୍ଭ ଦ୍ୱିତୀୟ ଇନିଂସ: ୩୧ ଓଭରରେ ୫୫/୨** (ସତୀଶ- ୨୪*, ଜାଫର- ୫*, ଜାଡେଜା- ୨/୩୬)

# କିଟ୍ ପ୍ରିମିୟର ଲିଗ୍ ଉଦ୍‌ଘାଟିତ

**ଭୁବନେଶ୍ୱର,୫।୨ (ସ୍ପୋର୍ଟ୍ସ ବ୍ୟୁରୋ)**

କିଟ୍ ପ୍ରିମିୟର ଲିଗ୍(କେପିଏଲ୍)ର ଦ୍ୱାଦଶ ସଂସ୍କରଣ କିଟ୍ କ୍ରିକେଟ ଷ୍ଟାଡିୟମରେ ମଙ୍ଗଳବାର ଆରମ୍ଭ ହୋଇଛି। ୧୧ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଟି୨୦ ଦିବାରାତ୍ର କ୍ରିକେଟ୍ ଟୁର୍ନାମେଣ୍ଟକୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଉଦ୍‌ଘାଟନ କରିଥିଲେ' ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ବିସିସିଆଇର ଚୟନକର୍ତ୍ତା ବଣ୍ଟା ସିଂ, ଏମ୍. ଏସ୍. କୁମାର, ଜୟ କୁମାର ସିହ୍ନା, ଅବିନାଶ କୁମାର ଏବଂ ଲଳିତ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। କିଟ୍‌ର କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ଆୟୋଜକ କିଟ୍ ବିଶ୍ୱବିଦ୍ୟାଳୟ ଓ ବାରାଣସୀର ଏମ୍‌ଜି କାଶୀ ବିଦ୍ୟାପୀଠ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କେପିଏଲ୍‌ର ଚଳିତ ସଂସ୍କରଣରେ ଆୟୋଜକ କିଟ୍ ଡିମ୍‌ଡ ବିଶ୍ୱବିଦ୍ୟାଳୟ ସମେତ ଦେଶର ୧୨ଟି ପ୍ରମୁଖ ବିଶ୍ୱବିଦ୍ୟାଳୟ ଅଂଶ ଗ୍ରହଣ କରିଛନ୍ତି। ଲିଗ୍ ଭିତ୍ତିରେ ଖେଳାଯାଉଥିବା ଏହି ଟୁର୍ନାମେଣ୍ଟର ସେମିଫାଇନାଲ ୧୦ ଏବଂ ଫାଇନାଲ ୧୧ତାରିଖରେ ଅନୁଷ୍ଠିତ ହେବ।

କେପିଏଲ୍‌ର ମୁଖ୍ୟ ଆକର୍ଷଣ ହେଉଛି ଏହାର ପୁରସ୍କାର ରାଶି। ମୋଟ ପୁରସ୍କାର ରାଶି ରହିଛି ୧୦ଲକ୍ଷ ଟଙ୍କା। ଟୁର୍ନାମେଣ୍ଟର ଚାମ୍ପିୟନ ଦଳକୁ ୨ଲକ୍ଷ ଓ ରନର୍ସଅପ ଦଳକୁ ୧ଲକ୍ଷ ଟଙ୍କା ପ୍ରଦାନ କରାଯିବ। ସେହିପରି ତୃତୀୟ ଶ୍ରେଷ୍ଠ ଦଳକୁ ୫୦ ହଜାର ଏବଂ ଚତୁର୍ଥ ଶ୍ରେଷ୍ଠ ଦଳକୁ ୨୫ହଜାର ନଗଦ ଅର୍ଥରାଶି ପୁରସ୍କାର ପ୍ରଦାନ କରାଯିବା ସହ ପ୍ରତ୍ୟେକ ଲିଗ୍ ମ୍ୟାଚ ବିଜୟୀ ଓ କ୍ୱାର୍ଟର ଫାଇନାଲକୁ ପ୍ରବେଶ କରିଥିବା ଦଳକୁ ୧୦ହଜାର ଟଙ୍କା ଲେଖାଏଁ ଅର୍ଥ ରାଶି ପୁରସ୍କାର ଆକାରରେ ପ୍ରଦାନ କରାଯିବ। ଏହା ବ୍ୟତୀତ ମ୍ୟାନ୍ ଅଫ୍ ଦି ସିରିଜଙ୍କୁ ୮ହଜାର ଟଙ୍କା, ମ୍ୟାନ୍ ଅଫ୍ ଦି ଫାଇନାଲ ମ୍ୟାଚ୍, ବେଷ୍ଟ ବୋଲର, ବେଷ୍ଟ ବ୍ୟାଟ୍ସମ୍ୟାନ୍ ଓ ବେଷ୍ଟ ଉଇକେଟ କିପର ପ୍ରତ୍ୟେକଙ୍କୁ ୬ ହଜାର ଟଙ୍କା ଲେଖାଏଁ ନଗଦ ଅର୍ଥରାଶି ପୁରସ୍କାର ଆକାରରେ ପ୍ରଦାନ କରାଯିବ।




ଉଦ୍‌ଘାଟନୀ ସମାରୋହରେ ଉପସ୍ଥିତ ଅତିଥିମାନେ।

# ପୂର୍ବାଞ୍ଚଳ ଦିବ୍ୟାଙ୍ଗ କ୍ରିକେଟ ୮ରୁ

**ଭୁବନେଶ୍ୱର, ୫।୨(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ଦିବ୍ୟାଙ୍ଗ କ୍ରିକେଟ ଆସୋସିଏଶନ (ଓଡିସିଏ) ଆନୁକୂଲ୍ୟରେ ଅଲ୍ ଇଣ୍ଡିଆ କ୍ରିକେଟ ଆସୋସିଏଶନ ଫର୍ ଫିଜିକାଲି ଚ୍ୟାଲେଞ୍ଜ୍‌ଡ୍ (ଏଆଇସିଏପିସି) ସହଯୋଗରେ ପୂର୍ବାଞ୍ଚଳ ଦିବ୍ୟାଙ୍ଗ କ୍ରିକେଟ ଟୁର୍ନାମେଣ୍ଟ ଚଳିତ ମାସ ୮ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ପ୍ରତିଯୋଗିତାକୁ କିମ୍ବଦନ୍ତୀ ଭାରତୀୟ କ୍ରିକେଟର ଅଜିତ ୱାଦେକରଙ୍କ ନାମରେ ନାମିତ କରାଯାଇଛି। ୧୯୮୮ରେ ୱାଦେକର ଏଆଇସିଏପିସି ଗଠନ କରିଥିଲେ। ତେଣୁ ତାଙ୍କୁ ସମ୍ମାନ ଜଣାଇ ପ୍ରତିଯୋଗିତାକୁ ନାଲ୍‌କୋ ଅଜିତ ୱାଦେକର ମେମୋରିଆଲ ଇଷ୍ଟଜୋନ୍ ଦିବ୍ୟାଙ୍ଗ କ୍ରିକେଟ ଟୁର୍ନାମେଣ୍ଟ ରଖା ଯାଇଛି। ଏହି ପ୍ରତିଯୋଗିତା ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ପାରାମାଉଣ୍ଟ ସ୍ପୋର୍ଟିଂ ପଡ଼ିଆରେ ଅନୁଷ୍ଠିତ ହେବ। ଏଥିରେ ପୂର୍ବାଞ୍ଚଳ ରାଜ୍ୟ ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଏବଂ ଆୟୋଜକ ଓଡ଼ିଶା ଭାଗନେବ। ବେସରକାରୀ ସଙ୍ଗଠନ ଆଶ୍ରୟ, ରୋଟାରି କ୍ଲବ ଏଲାଇଟ୍ ଏବଂ ନାଲ୍‌କୋ ଏହାର ଅନ୍ୟତମ ପ୍ରାୟୋଜକ ଅଟନ୍ତି। ୮ ଓ ୯ ତାରିଖରେ ୨ଟି ଲେଖାଏ ମ୍ୟାଚ ଅନୁଷ୍ଠିତ ହେବ। ୧୦ ତାରିଖ ଅପରାହ୍ନ ୩ଟାରେ ଉଦ୍‌ଯାପନୀ ସମାରୋହ ଆୟୋଜିତ ହେବ ବୋଲି ମଙ୍ଗଳବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ଓଡ଼ିଶା ଦିବ୍ୟାଙ୍ଗ କ୍ରିକେଟ ଆସୋସିଏଶନ ସଭାପତି କମଳାକାନ୍ତ ରଥ। ଅନ୍ୟମାନଙ୍କ ମଧ୍ୟରେ ପର୍ଯ୍ୟବେକ୍ଷକ ଉଦୟ ତାମ୍ହେ, ବରଦା ପ୍ରସନ୍ନ ଆଚାର୍ଯ୍ୟ, ସରୋଜ ଦାସ ଓ ନମିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




## ନବନିର୍ମାଣ କୃଷକ ସଙ୍ଗଠନର ଆନ୍ଦୋଳନ ଆଜି

# ରାଜଧାନୀ ପ୍ରବେଶ ପଥ ସିଲ୍

- ସଙ୍ଗଠନର ୧୦ ମୁଖ୍ୟ ନେତା ଗିରଫ
- ୩୦ ପ୍ଲାଟୁନ ଫୋର୍ସ ୫୦ ଅଫିସର ମୁତୟନ

**ଭୁବନେଶ୍ୱର, ୫।୨ (ବ୍ୟୁରୋ)**

ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନସନ୍ ଦାବିରେ ନବନିର୍ମାଣ କୃଷକ ସଙ୍ଗଠନ ବୁଧବାର ବିଧାନସଭା ଘେରାଉ ପାଇଁ ଡାକରା ଦେଇଛି। ଏହା ପୂର୍ବରୁ ପୋଲିସ ରାଜଧାନୀର ପ୍ରବେଶ ପଥଗୁଡ଼ିକୁ ସିଲ୍ କରିଛି। ଆନ୍ଦୋଳନ ପୂର୍ବରୁ ସଂଗଠନର ୧୦ ମୁଖ୍ୟ ଚାଷୀ ନେତାଙ୍କୁ ପୋଲିସ ଗିରଫ କରିଛି। ଏଥିସହ ରେଲୱେ ଷ୍ଟେଶନ, ବସ୍‌ଷ୍ଟାଣ୍ଡ ଓ ଜାତୀୟ ରାଜପଥ ଉପରେ କଡା ନଜର ରଖିଛି। ଯଦି କୌଣସି ଚାଷୀ ଏକତ୍ରିତ ହୋଇ ଆସନ୍ତି ତେବେ ସେମାନଙ୍କୁ ଗିରଫ କରାଯିବା ପାଇଁ ମଧ୍ୟ ନିର୍ଦ୍ଦେଶ ଜାରି ହୋଇଛି। ସହର ଭିତରକୁ ପୂରାଇ ନ ଦେଲେ ଜାତୀୟ ରାଜପଥ ଅବରୋଧ କରାଯିବ ବୋଲି ସଂଗଠନ କହିଛି। ଆନ୍ଦୋଳନର ନେତୃତ୍ୱ ନେଉଥିବା ଅକ୍ଷୟ କୁମାରଙ୍କୁ ଗିରଫ କରିବା ପାଇଁ ପୋଲିସ ଉଦ୍ୟମ ଜାରି ରଖିଛି।

ଆନ୍ଦୋଳନକୁ ଦୃଷ୍ଟିରେ ରଖି ମଙ୍ଗଳବାର ଅପରାହ୍ନରେ ଜୋନ୍ ଏସିପି ଓ ଥାନା ଅଧିକାରୀଙ୍କୁ ନେଇ ଏକ ବୈଠକ ହୋଇଥିଲା। ଉକ୍ତ ବୈଠକରେ ପୋଲିସ କମିଶନର ସତ୍ୟଜିତ ମହାନ୍ତି, ଡିସିପି ଅନୁପ କୁମାର ସାହୁ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଆନ୍ଦୋଳନକୁ ସଫଳ କରାଇ ନ ଦେବା ପାଇଁ ପୋଲିସ ପକ୍ଷରୁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ଅପରପକ୍ଷରେ ରାଜଧାନୀରେ ପ୍ରାୟ ୩୦ ପ୍ଲାଟୁନ ପୋଲିସ ଫୋର୍ସ, ୫୦ ଅଫିସର ଓ ଟ୍ରାଫିକ ପୋଲିସ ନିୟୋଜିତ ରହିବେ। ଏହାର ଦାୟିତ୍ୱ ନିଜେ ପୋଲିସ କମିଶନର ନେବେ ବୋଲି ଜଣାପଡିଛି। ରାଜଧାନୀର ଷ୍ଟେଶନ, ତମାଣ୍ଡୋ, ହାଇଟେକ୍ ଛକ, ବସ୍‌ଷ୍ଟାଣ୍ଡ, ଲୋୟର ପିଏମ୍‌ଜି ଆଦି ସ୍ଥାନରେ ପୋଲିସ ମୁତୟନ ରହିବେ। ଏପରି କି ଯଦି କୌଣସି ଚାଷୀ ଲୋୟର ପିଏମ୍‌ଜିକୁ ପଳାଇ ଆସନ୍ତି ତେବେ ସେଠାରୁ ଯେଭଳି ଆଗକୁ ଯାଇ ନ ପାରିବେ ତାହାର ମଧ୍ୟ ବ୍ୟବସ୍ଥା କରାଯାଇଛି। ଏହାସହ ରାଜଧାନୀ ମୁଖ୍ୟ ଛକରେ ଲାଗିଥିବା ସିସିଟିଭିର କଣ୍ଟ୍ରୋଲରୁମ୍ ଉପରେ ୪ଜଣ ଅଫିସର କଡା ନଜର ରଖିବେ। ଯଦି କୌଣସି ସ୍ଥାନରେ ଚାଷୀଙ୍କ ମେଳି ଦେଖାଯାଏ, ତେବେ ତୁରନ୍ତ କଣ୍ଟ୍ରୋଲ ରୁମ୍‌କୁ ଜଣାଇବେ। ଆନ୍ଦୋଳନ ସମୟରେ ଟ୍ରାଫିକ ସମସ୍ୟା ଉପୁଜିବାର ଆଶଙ୍କା ରହିଛି। ତେଣୁ ସକାଳ ୯ଟାରୁ ବଡ଼ ଗାଡି ଗୁଡିକୁ ସହର ଭିତରକୁ ଛଡାଯିବ ନାହିଁ। ସେଗୁଡ଼ିକୁ ପିତାପଲ୍ଲୀରୁ ଚନ୍ଦକା ଅଭିମୁଖେ ଯିବାକୁ ଦିଆଯିବ ବୋଲି ପୋଲିସ କମିଶନର ମହାନ୍ତି କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ଚାଷୀମାନେ ବିଧାନସଭା ଘେରାଉ ପାଇଁ ଅନୁମତି ମାଗିଥିଲେ, ଯାହାକି ସେମାନଙ୍କୁ ଦିଆଯାଇନାହିଁ। ସେମାନେ ଆଇନ ହାତକୁ ନେବାକୁ ଚେଷ୍ଟା କରୁଛନ୍ତି। ତେଣୁ ସେମାନଙ୍କୁ ସହର ଭିତରକୁ ପୂରାଇ ଦିଆଯିବ ନାହିଁ।

ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର କହିଛନ୍ତି, ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ଉଦ୍ୟମ କରାଯାଉଛି। ପୋଲିସ ବିଭିନ୍ନ ସ୍ଥାନରେ କୃଷକଙ୍କୁ ଅଟକାଉଛି। ହେଲେ ସରକାର ଏଥିରେ ସଫଳ ହେବେ ନାହିଁ। ଭୁବନେଶ୍ୱରରେ ସମାବେଶ ହେବ।

# ରେଳ ଧାରଣାରେ ବସିରହିଲେ ଚାଷୀ



**କଟକ ଅଫିସ, ୫।୨**

ଭୁବନେଶ୍ୱର ଅଭିମୁଖେ ଯାଉଥିବା ନବ ନିର୍ମାଣ କୃଷକ ସଂଗଠନର କର୍ମୀମାନେ କଟକ ରେଳ ଷ୍ଟେଶନରେ ଆନ୍ଦୋଳନ କରିଥିଲେ। ସଂଗଠନର କେତେଜଣ କର୍ମକର୍ତ୍ତାଙ୍କୁ ଯାଜପୁର ଜିଲା ଯଖପୁରାଠାରେ ପୋଲିସ ଅଟକାଇବା ପ୍ରତିବାଦରେ ଏହି ଆନ୍ଦୋଳନ ହୋଇଥିଲା। କର୍ମକର୍ତ୍ତାମାନେ ଷ୍ଟେଶନର ୪ ନମ୍ବର ରେଳ ଧାରଣାରେ ବସି ରହିବାରୁ ବଡ଼ବିଲ-ପୁରୀ ଟ୍ରେନ ସହ ଅନେକ ଟ୍ରେନ ଚଳାଚଳରେ ବ୍ୟାଘାତ ଉପୁଜିଥିଲା। ଷ୍ଟେଶନର ୩ ନମ୍ବର ଓ ୪ ନମ୍ବର ଲାଇନରେ ରେଳ ଚଳାଚଳକୁ ବାତିଲ କରାଯାଇଥିଲା। ସନ୍ଧ୍ୟା ୫ଟା ୪୦ରୁ ରାତି ୮ଟା ପର୍ଯ୍ୟନ୍ତ ଷ୍ଟେଶନରେ ଏହାକୁ ନେଇ ଉତ୍ତେଜନାମୂଳକ ପରିସ୍ଥିତି ଉପୁଜିଥିଲା। ଶେଷରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀମାନଙ୍କୁ ରେଳ ଧାରଣାରୁ ଉଠାଇଥିଲା। ରିପୋର୍ଟ ଲେଖାହେଲା ବେଳକୁ ଆନ୍ଦୋଳନକାରୀମାନଙ୍କୁ ପୋଲିସ ରେଲୱେ ଇନ୍‌ଷ୍ଟିଚ୍ୟୁଟ ଭିତରେ ଅଟକ ରଖିଥିଲା।









1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଯେ ଥରେ ତୁମକୁ ବିଶ୍ୱାସରେ ବିଷ ଦେଇଛି, ସେ
ଯେ ଆଉଥରେ ନ ଦେବ ତା'ର ପ୍ରମାଣ କ'ଣ।
-ସେକ୍ସପିଅର



## ସଂକ୍ଷେପରେ

### ଫାରୁକ, ଦୀପୁ ଓ ଓମ୍ ହତ୍ୟା ମାମଲାର ସାକ୍ଷ୍ୟ ଗ୍ରହଣ

**କଟକ ଅଫିସ, ୫।୨:** ମାଲଗୋଦାମ ଡାଲି ବ୍ୟବସାୟୀ ମହମ୍ମଦ ଫାରୁକ ତୟାବ ହତ୍ୟାକାଣ୍ଡ ସହିତ ଦୀପୁ ଓ ଓମ୍ ହତ୍ୟାକାଣ୍ଡ ମାମଲାରେ ସାକ୍ଷ୍ୟଗ୍ରହଣ ଜାରି ରହିଛି। ସୋମବାର ଓ ମଙ୍ଗଳବାର ଜିଲା ଦୌରାଜଜ୍‌ଙ୍କ ଅଦାଲତରେ ଏହି ସାକ୍ଷ୍ୟଗ୍ରହଣ ହୋଇଥିଲା। ଫାରୁକ ହତ୍ୟା ମାମଲାରେ ଡାଲି ଗୋଦାମର କର୍ମଚାରୀ ଶିବ ସାହୁ, କେଶବ ଘଡେଇ ଓ କବି ସାହୁ ସାକ୍ଷ୍ୟ ପ୍ରଦାନ କରିଥିଲେ। ତେବେ ଫାରୁକ୍‌ଙ୍କୁ ହତ୍ୟା ସମୟରେ ଏମାନେ କିଛି ଦେଖି ନ ଥିବା କୋର୍ଟଙ୍କୁ କହିଥିଲେ। ସେହିପରି ଏକ ଟେଣ୍ଡର ଫିକ୍ସିଂ ମାମଲାରେ ଚାଉଳିଆଗଞ୍ଜ ଥାନାର କନଷ୍ଟେବଳ ନାରାୟଣ ପ୍ରଧାନ ମଧ ସାକ୍ଷ୍ୟ ପ୍ରଦାନ କରିଥିଲେ। ଦୀପୁ ଓ ଓମ୍ ହତ୍ୟା ମାମଲାରେ ଜଣେ ସାକ୍ଷୀ ସାକ୍ଷ୍ୟ ଦେଇଥିଲେ। ତେବେ ଏଥିପାଇଁ ଧଳସାମନ୍ତ ଭ୍ରାତା ସୁଶାନ୍ତ ଓ ସୁଶୀଲଙ୍କୁ କୋର୍ଟରେ ହାଜର କରାଯାଇଥିଲା।

### ମୋ ସାଇକେଲ ଲୁଟ୍ ଘଟଣାର ତଦନ୍ତ ନିର୍ଦ୍ଦେଶ

**କଟକ ଅଫିସ, ୫।୨:** ଶ୍ରମିକ ସଂଗଠନ ନାମରେ ଗରିବ ନିରୀହ ଦିନ ମଜୁରିଆଙ୍କୁ 'ମୋ ସାଇକେଲ' ଯୋଜନାରେ ସାମିଲ କରିବାକୁ କହି ଲେବର କାର୍ଡ ପାଇଁ ବେଆଇନ ଭାବେ ଟଙ୍କା ଆଦାୟ କରାଯାଇଛି। ଫଳରେ ଯୋଗ୍ୟ ହିତାଧିକାରୀମାନେ ସରକାରୀ ସାହାଯ୍ୟ ପାଇବାରୁ ବଞ୍ଚିତ ହୋଇଛନ୍ତି। କଟକ ମହାନଗର ନିଗମର ୱାର୍ଡ ନଂ.୫୮ରେ ଘଟିଥିବା ଏହି ଘଟଣାକୁ ନେଇ ଗତ ଜାନୁୟାରୀ ୨୧ରେ ଆମ୍ବେଦକର ସ୍ମୃତି ପରିଷଦ ସଭାପତି ତଥା ସାମାଜିକ କର୍ମୀ ସୁକାନ୍ତ ସେଠୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କୁ ସଚିବ ଧନଞ୍ଜୟ ହେମ୍ବ୍ରମ ଜରିଆରେ ଏକ ଦାବି ପ୍ରଦାନ କରାଯାଇଥିଲା। ପରିଷଦର ଅଭିଯୋଗକୁ ଗୁରୁତ୍ୱର ସହ ଗ୍ରହଣ କରି ଆର୍‌ଡିସି କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୪୩୮/୨୦୧୯ରେ ଜିଲାପାଳଙ୍କୁ ଏହି ଘଟଣା ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

### କ୍ରିଏଟିଭ୍ ପବ୍ଲିକ୍ ସ୍କୁଲର ବାର୍ଷିକୋତ୍ସବ

**ଚୌଦ୍ୱାର,୫।୨(ଡି.ଏନ୍.ଏ):** ଚୌଦ୍ୱାର କପାଳେଶ୍ୱର ନୂଆସାହିସ୍ଥିତ କ୍ରିଏଟିଭ ପବ୍ଲିକ୍ ସ୍କୁଲର ବାର୍ଷିକୋତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷ ସ୍ମରଣ କୁମାର ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ହିନ୍ଦ୍ ସେବକ ସଂଘ ରାଷ୍ଟ୍ରୀୟ ଅଧକ୍ଷ ଦାମୋଦର ସାହୁ, ଚୌଦ୍ୱାର ଆଇଆଇସି ଯତୀନ୍ଦ୍ରନାଥ ସେଠୀ, ବିରଳା ଗ୍ରୁପ ଅଫ କମ୍ପାନୀର ପୂର୍ବତନ ଉପସଭାପତି ଆଦିତ୍ୟ ପଣ୍ଡା, ଶିକ୍ଷାବିତ୍ ପ୍ରଫେସର ବାବୁରାମ ନାୟକ, ଶିକ୍ଷାବିତ୍ ସୁକାନ୍ତ ମହାନ୍ତି, ଶରତ ଚନ୍ଦ୍ର ଖୁଣ୍ଟିଆ, ବ୍ରଜ କିଶୋର ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ଚେୟାରମ୍ୟାନ୍ କିଶୋର କୁମାର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଉତ୍ସବକୁ କଲ୍ୟାଣୀ ମିଶ୍ର, ପ୍ରମିଳା ସିଂ, ସାଧନା ମହାରଣା, ପୂଜା ପାତ୍ର, ଶୁଭଶ୍ରୀ ପାତ୍ର, ସ୍ମୃତିସୁଧା ଦଳାଇ, ସତ୍ୟଦୀପ ପାତ୍ର, ଅରୁଣ ରାଉତ ପ୍ରମୁଖ ସହଯୋଗ କରିଥିଲେ।

■ ୧୧ ଦିନରେ ଆଦିବାସୀ ମେଳା

# ଜନଜାତି ମହିଳାଙ୍କୁ ଔଦ୍ୟୋଗିକ ବିକାଶ ପ୍ରଶିକ୍ଷଣ

**ଭୁବନେଶ୍ୱର,୫।୨(ବ୍ୟୁରୋ)**


ଆଦିବାସୀ ମେଳାରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

ଆଦିବାସୀ ମେଳା ଦେଖିବାକୁ ସନ୍ଧ୍ୟା ହେଲେ ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆରେ ପଡୁଛି ଲକ୍ଷ ଲକ୍ଷ ଲୋକଙ୍କ ପାଦ। ୧୧ ଦିନରେ ପହଞ୍ଚିଥିବା ଏହି ମେଳାରେ ଲୋକେ ପାହାଡ଼ି ମୁଲକରୁ ଆସିଥିବା ଜନଜାତିମାନଙ୍କର ମୌଳିକ ଗୁଣବତ୍ତା ବିଶିଷ୍ଟ ସାମଗ୍ରୀ କିଣିବାକୁ ବିଶେଷ ଆଗ୍ରହ ଦେଖାଉଛନ୍ତି। ଜନଜାତି ସଭ୍ୟତା ଏବଂ ସଂସ୍କୃତି ସମ୍ପର୍କରେ ଅଧିକ ଜାଣିବାକୁ ଛାତ୍ରୀଛାତ୍ର ଓ ଗବେଷକମାନଙ୍କ ମଧ୍ୟରେ ମଧ ଉତ୍ସାହ ଦେଖିବାକୁ ମିଳୁଛି। ମେଳା ପରିସରରେ ଅନୁସୂଚିତ ଜାତି ଓ ଜନଜାତି ଗବେଷଣା ପ୍ରତିଷ୍ଠାନ ତରଫରୁ ଖୋଲାଯାଇଥିବା ଷ୍ଟଲ୍‌ରେ ବହି କିଣିବା ପାଇଁ ସେମାନଙ୍କ ଭିଡ଼ ଜମୁଛି। ଓଡ଼ିଶାର ୬୨ ପ୍ରକାର ଜନଜାତି ଓ ୧୩ ପ୍ରକାର ପ୍ରାଚୀନତମ ଜନଜାତିଙ୍କ ଜୀବନଶୈଳୀ ସମ୍ପର୍କରେ ଲିଖିତ ବିଭିନ୍ନ ପୁସ୍ତକ ଏଠାରେ ଉପଲବ୍ଧ ହେଉଛି।

ଅନ୍ୟପକ୍ଷରେ ମଙ୍ଗଳବାରଠାରୁ ଆଇଟିଡିଏ ଓ ମାଇକ୍ରୋ ପ୍ରୋଜେକ୍ଟ ଅଞ୍ଚଳରୁ ଆସିଥିବା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ଔଦ୍ୟୋଗିକ ବିକାଶ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଦ୍ୱାରା ଜନଜାତି ମହିଳାମାନେ ସେମାନଙ୍କ ଦ୍ୱାରା ଉତ୍ପାଦିତ ଖାଦ୍ୟଶସ୍ୟର ପ୍ରକ୍ରିୟାକରଣ, ପ୍ୟାକେଜିଂ ଓ ସେ ସବୁର ଉଚିତ ବିପଣନ ସମ୍ପର୍କରେ ଜାଣିପାରିବେ। ଆଧୁନିକ ଜ୍ଞାନକୌଶଳ ଉପଯୋଗ ମାଧ୍ୟମରେ କିଭଳି ସେମାନେ ନିଜ ବ୍ୟବସାୟିକ ତଥା ବୃତ୍ତିଗତ ଦକ୍ଷତା ବଢ଼ାଇ ପାରିବେ, ସେ ନେଇ ଏଠାରେ ପ୍ରଶିକ୍ଷଣ ଦିଆଯିବ। ୟୁନିଟ୍-୧ସ୍ଥିତ ଆଦିବାସୀ ପଡ଼ିଆ ପ୍ରେକ୍ଷାଳୟରେ ଆୟୋଜିତ କାର୍ଯ୍ୟକ୍ରମକୁ ଅନୁସୂଚିତ ଜାତି, ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ସଚିବ ପ୍ରଫେସର ଡ. ଅଖିଳ ବିହାରୀ ଓତା ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ କୃଷି ବିଶେଷଜ୍ଞ ଜ୍ୟୋତିରଞ୍ଜନ ମହାପାତ୍ର ଓ ବିକାଶ ପାତ୍ର ମହିଳାମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

#### ଆଦିବାସୀ ଖାଦ୍ୟର ଚାହିଦା

ଶୀତୁଆ ସନ୍ଧ୍ୟାରେ ଗରମ ବରା, ପିଆଜି ସାଙ୍ଗକୁ ଘୁଗୁନିର ମଜା ନେଉଛନ୍ତି ଆଦିବାସୀ ମେଳା ବୁଲିବାକୁ ଆସିଥିବା ଲୋକେ। ମେଳା ପରିସରରେ ଥିବା ଜନଜାତି ଖାଦ୍ୟ ପ୍ରାଙ୍ଗଣରେ ଏଥର ମୁଢ଼ିମାଂସ ଓ ପରିବା ପିଠାର ସର୍ବାଧିକ ଚାହିଦା ରହିଛି। ଏହାସହ ଆଦିବାସୀମାନଙ୍କ ପାରମ୍ପରିକ ଖାଦ୍ୟ ମାଣ୍ଡିଆ ଜାଉ, ମାଣ୍ଡିଆ ପିଠା, ଏଣ୍ଡୁରି, ପୋଡ଼ପିଠା, ମୁଆଁପିଠା, ପାଲୁଅ ଖିରି, ମଟନ ବଡ଼ି, କାକରା ପିଠାକୁ ଲୋକେ ପସନ୍ଦ କରୁଛନ୍ତି। ସେହିପରି କଟିଙ୍ଗ୍ ବରା, ମୁଢ଼ି-ଆଳୁଦମ୍ ଓ ମଣ୍ଡା ପିଠା, ଚଣା ମସଲାର ମଧ ଡିମାଣ୍ଡ ରହିଛି। ପିଠାର ଦାମ୍ ୫ ଟଙ୍କାରୁ ଆରମ୍ଭ କରି ୨୦ ଟଙ୍କା ପର୍ଯ୍ୟନ୍ତ ରହୁଥିବା ବେଳେ ପାଲୁଅ ଓ କଡ଼ି ଖିରି ଠୁଙ୍ଗାକୁ ୧୦ ଟଙ୍କା ରହୁଛି।

■ ହୃଦ୍‌ଘାତରେ ଶିକ୍ଷକଙ୍କ ପରଲୋକ

## କଥା ରଖି ଚକ୍ଷୁ ଦାନକଲେ ପରିବାର

**ମାହାଙ୍ଗା,୫।୨(ସ୍ୱ.ପ୍ର.)**


ପ୍ରମୋଦ କୁମାର ପରିଡା।

ହୃଦ୍‌ଘାତରେ ମଙ୍ଗଳବାର ଜଣେ ଶିକ୍ଷକଙ୍କ ପରଲୋକ ଘଟିଛି। ଏହାପରେ ଶିକ୍ଷକଙ୍କ ଅନୁରୋଧକ୍ରମେ ପରିବାର ଲୋକେ ତାଙ୍କ ୨ଚକ୍ଷୁକୁ ଦାନ କରି ଦେଇଛନ୍ତି। ଏହି ଘଟଣା ସମସ୍ତଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି। ମୃତ ଶିକ୍ଷକ ହେଲେ କଟକ ଜିଲା ମାହାଙ୍ଗା ବ୍ଲକ ହରିଭକ୍ତପୁରସ୍ଥିତ ମହାପୁରୁଷ ଅରକ୍ଷିତ ଦାସ ବିଦ୍ୟାପୀଠ ସହକାରୀ ଶିକ୍ଷକ ପ୍ରମୋଦ କୁମାର ପରିଡ଼ା(୫୪)। ତାଙ୍କ ଘର ଯାଜପୁର ଜିଲା ବାଲିଚନ୍ଦ୍ରପୁର ଗ୍ରାମରେ। ସେ ସକାଳେ ଘରେ ବସିଥିବା ସମୟରେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଫଳରେ ତୁରନ୍ତ ତାଙ୍କୁ ପରିବାର ଲୋକେ ସ୍ଥାନୀୟ ନଡିଆସାହାସପୁର ଡାକ୍ତରଖାନା ଓ ପରେ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍‌ପିଟାଲରେ ଭର୍ତ୍ତି କରାଇଥିଲେ। ସେଠାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ପରିଡ଼ାଙ୍କ ମୃତ୍ୟୁର କେଇ ମିନିଟ ପୂର୍ବରୁ ସେ ନିଜ ଚକ୍ଷୁ ୨ଟିକୁ ଚକ୍ଷୁହୀନ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଦାନ କରିବା ପାଇଁ ପରିବାର ସଦସ୍ୟଙ୍କୁ ଅନୁରୋଧ କରିଥିଲେ। ଶିକ୍ଷକ ପରିଡ଼ା ହିନ୍ଦୀ ପଢ଼ାଉଥିଲେ। ଏଥିସହିତ ଭଜନ ଗାଇବାରେ ତାଙ୍କର ସଉକ ଥିଲା। ମର ଶରୀର ଅପରାହ୍ନରେ ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ମଧ୍ୟରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

### ରାମଲୀଳା ପ୍ରଚାର ସମିତି ପକ୍ଷରୁ ତ୍ରିବେଣୀ ଅମାବାସ୍ୟା ଉତ୍ସବ

**କଟକ ଅଫିସ, ୫।୨:** ରାମଲୀଳା ପ୍ରଚାର ସମିତି, ମାରୁତି ମଣ୍ଡପ ଆନୁକୂଲ୍ୟରେ ଗ୍ରାମ୍ୟ ସଭା ତ୍ରିବେଣୀ ଅମାବାସ୍ୟା ଉତ୍ସବ ପାଇକସାହିସ୍ଥିତ ଜୟ ମଙ୍ଗଳା ରାମଲୀଳା ସମିତି ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସଭାରେ ଆଦର୍ଶ ଶିକ୍ଷକ ବଂଶୀଧର ସେନାପତି ଅଧ୍ୟକ୍ଷତା କରିଥିଲେ। ନାଟ୍ୟକାର ରବୀନ୍ଦ୍ର ସେଠୀ ପ୍ରାରମ୍ଭିକ ସୂଚନା ପ୍ରଦାନ ପରେ ଅଧିକାରୀ ଚୌଧୁରୀ, କାଶୀନାଥ ମଲ୍ଲିକ, ଅଶୋକ ଦାଶ, ମାଧବ ମିଶ୍ର ପ୍ରମୁଖ ଆସନ୍ତା ରାମଲୀଳା କାର୍ଯ୍ୟକ୍ରମ ସମ୍ବନ୍ଧରେ ସୂଚନା ଦେଇଥିଲେ।

## ସଂଘୀୟ ବ୍ୟବସ୍ଥା ବିପନ୍ନ: ରାଷ୍ଟ୍ରପତିଙ୍କୁ ସ୍ମାରକପତ୍ର

**କଟକ ଅଫିସ, ୫।୨**



ଜିଲାପାଳଙ୍କୁ ଭେଟି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ଦେବାକୁ ଆସିଥିବା ସମତା ମଞ୍ଚ ପ୍ରତିନିଧି।

ଭାରତର ସାମ୍ବିଧାନିକ ବ୍ୟବସ୍ଥା ଏବେ ବିପନ୍ନ ହେବାକୁ ଯାଉଛି। ସଂଘୀୟ ଢାଞ୍ଚାକୁ ଅକ୍ଷୁର୍ଣ୍ଣ ରଖିବାକୁ ନିବେଦନକରି ସମତା ମଞ୍ଚ ପକ୍ଷରୁ ମଙ୍ଗଳବାର ଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ମଞ୍ଚ ପକ୍ଷରୁ କୁହାଯାଇଛି ଯେ, ଦେଶର ଶାସନ ଭାର ସମ୍ଭାଳୁଥିବା ଭାଜପା ନିର୍ବାଚନ ପୂର୍ବରୁ ଦଳୀୟ ସ୍ୱାର୍ଥ ପାଇଁ ବିଭିନ୍ନ ରାଜ୍ୟରେ ଅଶାନ୍ତି ସୃଷ୍ଟି କରୁଛନ୍ତି। କଶ୍ମୀର, ମଣିପୁର ଆଦି ସୀମାନ୍ତ ଅଞ୍ଚଳରେ ସୀମା ସୁରକ୍ଷା ଓ ଆତଙ୍କବାଦ ଦମନ ନାଁରେ ନାଗରିକ ଅଧିକାରରୁ ସାଧାରଣ ଲୋକଙ୍କୁ ବଞ୍ଚିତ କରୁଛନ୍ତି। ପଶ୍ଚିମବଙ୍ଗରେ ସାମ୍ପ୍ରଦାୟିକତାର ମଞ୍ଜି ପୋତିବାରେ ସଫଳ ହୋଇ ନ ପାରି କେନ୍ଦ୍ର ସରକାର ଏବେ ସିବିଆଇ ଲଗାଇ ଅରାଜକତାର ସ୍ଥିତି ସୃଷ୍ଟି କରୁଛି। ଫଳରେ ରାଜ୍ୟ ପୋଲିସ ଓ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା (ସିବିଆଇ) ମୁହାଁମୁହିଁ ହୋଇଛନ୍ତି। ପଶ୍ଚିମବଙ୍ଗ ଚିଟ୍‌ଫଣ୍ଡ ମାମଲାର ମୁଖ୍ୟ ଅଭିଯୁକ୍ତ ମୁକୁଲ ରାୟଙ୍କୁ ଭାଜପାରେ ସାମିଲ କରାଯାଇଥିଲାବେଳେ ତଦନ୍ତ ଆଳରେ ସୃଷ୍ଟି କରାଯାଇଥିବା ଏପରି ସ୍ଥିତି ଅତ୍ୟନ୍ତ ଉଦ୍‌ବେଗଜନକ। ଅତୀତରେ ଜଣେ ପ୍ରଧାନମନ୍ତ୍ରୀ ନିଜ ଆସନ ବଞ୍ଚାଇବାକୁ ରାଷ୍ଟ୍ରପତିଙ୍କ ଦ୍ୱାରା ଦେଶରେ ଜରୁରୀ ସ୍ଥିତି ଘୋଷଣା କରି ଏକଛତ୍ରବାଦ ଶାସନ ଚଳାଇଥିଲେ। ଏହାର ପୁନରାବୃତ୍ତି ନ ଘଟିବାକୁ ରାଷ୍ଟ୍ରପତି ତୁରନ୍ତ ହସ୍ତକ୍ଷେପ କରି ସାମ୍ବିଧାନିକ ସଂସ୍ଥାଗୁଡିକର ସ୍ୱାୟତ୍ତତା ତଥା ମର୍ଯ୍ୟାଦା ବଜାୟ ରଖିବାକୁ ମଞ୍ଚ ପକ୍ଷରୁ ଦାବି କରାଯାଇଛି। ମଞ୍ଚ ସଭାପତି ଚିତ୍ତରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ପ୍ରଶାନ୍ତ ଦାସ, ଯୁଗଳ କିଶୋର ନାୟକ, ଖଗେଶ୍ୱର ସେଠୀ, ଆଇନଜୀବୀ ସୁକାନ୍ତ ନାୟକ, ବିଶ୍ୱାବସୁ ଦାସ ପ୍ରମୁଖ ଜିଲାପାଳଙ୍କୁ ସାକ୍ଷାତକରି ଦାବିପତ୍ର ପ୍ରଦାନ କରିଥିଲେ। ଲକ୍ଷ୍ମୀପ୍ରିୟା ମହାନ୍ତି, ଡଲି ଦାସ, ଏନାମୁଲ ହକ୍, ଲକ୍ଷ୍ମୀଧର ମହାନ୍ତି, ସୁରେନ୍ଦ୍ର ରାଉତ ପ୍ରମୁଖ ବହୁ ନାଗରିକ ଯୋଗଦେଇଥିଲେ।

### ଏଡ୍‌ସ୍ ସଚେତନତା କାର୍ଯ୍ୟକ୍ରମ

**କଟକ ଅଫିସ, ୫।୨**

କଟକ ମହାବିଦ୍ୟାଳୟ ଯୁବ ରେଡକ୍ରସ୍ ଆନୁକୁଲ୍ୟରେ ଏକ ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଡ. ବିଦ୍ୟାଭୂଷଣ ମହାନ୍ତି ଏହାକୁ ଉଦ୍‌ଘାଟନ କରିଥିଲେ। ଡିଭାଇନ୍ ନଗରସ୍ଥିତ ସୋସିଆଲ ଆୱାରନେସ୍ ଇନ୍‌ଷ୍ଟିଚ୍ୟୁଟ୍(ସାଇ)ର ଆଞ୍ଚଳିକ ସଂଯୋଜକ ପ୍ରଦୀପ କୁମାର ସ୍ୱାଇଁ, କାଉନସେଲର ଶ୍ରୀକାନ୍ତ ମହାନ୍ତି ଏବଂ ସଦସ୍ୟା ଜ୍ୟୋତିଶ୍ରୀ ଦାସ ଯୋଗଦେଇ ଏଡ୍‌ସର ଭୟାବହତା ଓ ନିରାକଣ ସମ୍ପର୍କରେ ଆଲୋଚନା କରିବା ସହିତ ସଚେତନତା ସୃଷ୍ଟି କରିଥିଲେ। ସ୍ୱେଚ୍ଛାସେବୀମାନେ ଶୋଭାଯାତ୍ରାରେ ପ୍ଲାକାର୍ଡ ଧରି ସଚେତନ କରିଥିଲେ। ସଚେତନତା କାର୍ଯ୍ୟକ୍ରମକୁ ଯୁବ ରେଡକ୍ରସ ଅଫିସର ଅଧ୍ୟାପକ କୁମାର ପ୍ରଦୀପ୍ତ ମିଶ୍ର ଓ ଅଧ୍ୟାପିକା ମାନସୀ ମଲ୍ଲିକ ପରିଚାଳନା କରିଥିଲେ। କଟକ ମହାବିଦ୍ୟାଳୟର ବାଣିଜ୍ୟ ମୁଖ୍ୟ ପ୍ରାଧ୍ୟାପକ ଡ. କେଶବ ଚନ୍ଦ୍ର ସାହୁ, ଇଂଲିଶ ବିଭାଗ ମୁଖ୍ୟ ପ୍ରାଧ୍ୟାପିକା ଡ. ପ୍ରଣତୀ ପଟ୍ଟନାୟକ ଯୋଗଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ପଟ୍ଟନାୟକ ସଚେତନ ହୋଇ ଆଦର୍ଶ ସମାଜ ଗଠନ ପାଇଁ ଯୁବ ସମାଜକୁ ଆହ୍ୱାନ ଦେଇଥିଲେ।

■ ଓଡିଶାକୁ ସମ୍ପୂର୍ଣ୍ଣ ମଦମୁକ୍ତ ପାଇଁ ନିଶା ନିବାରଣ ଅଭିଯାନ

## ଭୁବନେଶ୍ୱର ଅଭିମୁଖେ ପଦଯାତ୍ରା ଆରମ୍ଭ



ମିଳିତ ଓଡ଼ିଶା ନିଶା ନିବାରଣ ପକ୍ଷରୁ କଟକ ରେଲୱେ ଷ୍ଟେଶନ ନିକଟରୁ ବାହାରିଥିବା ପଦଯାତ୍ରା।

**କଟକ ଅଫିସ, ୫।୨**

ଓଡ଼ିଶାକୁ ସମ୍ପୂର୍ଣ୍ଣ ମଦମୁକ୍ତ କରିବାକୁ ମିଳିତ ଓଡିଶା ନିଶା ନିବାରଣ ଅଭିଯାନ ଅଣ୍ଟା ଭିଡିଛି। ମଙ୍ଗଳବାର ଅଭିଯାନ ପକ୍ଷରୁ ଏକ ପଦଯାତ୍ରା କଟକ ରେଳଷ୍ଟେଶନରୁ ବାହାରି ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛି। ଏଥିରେ ବହୁ ସଂଖ୍ୟକ ମହିଳା ଯୋଗଦେଇଛନ୍ତି। ଅଭିଯାନ ପକ୍ଷରୁ କୁହାଯାଇଛି ଯେ, ରାଜ୍ୟ ସରକାର ମଦର ପ୍ରଚାର ପ୍ରସାର କରୁଥିବାରୁ ଏହାର କୁପ୍ରଭାବ ସମାଜ ଉପରେ ପଡୁଛି। ରାଷ୍ଟ୍ରର ଶକ୍ତି ଯୁବ ପିଢି ଅବାଟକୁ ଚାଲିଯାଉଥିବାବେଳେ ମହିଳାମାନେ ଅସୁରକ୍ଷିତ ହୋଇପଡୁଛନ୍ତି। ମଦ ଓ ନିଶା କାରବାର ଯୋଗୁ ଅପରାଧୀ ବଢ଼ିଚାଲିଛି। ହରିଜନ, ଆଦିବାସୀଙ୍କ ସମେତ ସବୁ ଗରିବ ଶ୍ରେଣୀର ଲୋକ ବିଶେଷକରି ମହିଳା ବେଶୀ କ୍ଷତିଗ୍ରସ୍ତ ହେଉଛନ୍ତି। ସରକାର ମହିଳାମାନଙ୍କ ପାଇଁ ବିଧାନସଭା ଓ ସଂସଦରେ ୩ ଭାଗରୁ ଭାଗେ ସ୍ଥାନ ସଂରକ୍ଷଣ କରିବା ପାଇଁ ଲାଗିଛନ୍ତି। ମହିଳାଙ୍କର ଏହି ପ୍ରମୁଖ ଦାବି ପ୍ରତି ସରକାର ଗୁରୁତ୍ୱ ଦିଅନ୍ତୁ। ଗାନ୍ଧିଜୀ କହିଥିଲେ, ଦାରିଦ୍ର୍ୟର ମୁଖ୍ୟ କାରଣ ନିଶା। ଗାନ୍ଧିଜୀଙ୍କର ଇଚ୍ଛା ଥିଲା ଦେଶ ସ୍ୱାଧୀନ ହେବାର ୨୪ ଘଣ୍ଟା ମଧ୍ୟରେ ନିଶା ନିବାରଣ ଆଇନ କାର୍ଯ୍ୟକାରୀ ହେଉ। ଓଡିଶାରେ ପ୍ରଥମ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଏପରି ଏକ ଆଇନ ପ୍ରଣୟନ କରିଥିଲେ ତାହା ମଧ ଆଜିପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଉ ନାହିଁ। ଏଣୁ ଆଗାମୀ ବିଧାନସଭାରେ ଏହି ଆଇନକୁ କାର୍ଯ୍ୟକାରୀ କରିବା ଦାବି ନେଇ କଟକ ରେଳଷ୍ଟେଶନରୁ ବାହାରିଥିବା ଏହି ପଦଯାତ୍ରା ଆସନ୍ତା ୭ ତାରିଖରେ ଭୁବନେଶ୍ୱରରେ ପହଞ୍ଚିବ। ଏହି କାର୍ଯ୍ୟକ୍ରମରେ ଶୋଭନୀୟ ଆନ୍ଦୋଳନର ଲୋକସମ୍ପର୍କ ସମ୍ପାଦିକା ଅରୁନ୍ଧତୀ ଦେବୀ, ସର୍ବୋଦୟ ସଂଯୋଜକ ଆଦିତ୍ୟ ପଟ୍ଟନାୟକ, ସମ୍ପବର ସତ୍ୟବ୍ରତ ପୃଷ୍ଟି, ମିଳିତ ଓଡିଶା ନିଶା ନିବାରଣ ଅଭିଯାନର ପଦ୍ମଚରଣ ନାୟକ ପ୍ରମୁଖ ସାମିଲ ହୋଇଛନ୍ତି।

## ୧୪ଦଫା ଦାବି ନେଇ ବିଡିଓଙ୍କୁ ଦାବିପତ୍ର ପ୍ରଦାନ

**କଣ୍ଟାପଡ଼ା,୫।୨(ଡି.ଏନ୍.ଏ)**

କଣ୍ଟାପଡା ଅଞ୍ଚଳର କେତେଜଣ ଯୋଗ୍ୟ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କାଘର ଯୋଜନାରୁ ବଞ୍ଚିତ ହୋଇଥିବା ନେଇ କଣ୍ଟାପଡ଼ା ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଛି। ଏହାର ସମାଧାନ କରା ନ ଗଲେ ଆସନ୍ତା ୧୧ତାରିଖରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି ଭାଜପା ପକ୍ଷରୁ କୁହାଯାଇଛି। ଏହି ଅବସରରେ ଭାଜପା ପକ୍ଷରୁ ୧୪ଦଫା ସମସ୍ୟାର ସମାଧାନ ଦାବିରେ ସୋମବାର ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କଣ୍ଟାପଡା ବ୍ଲକ ଅନ୍ତର୍ଗତ ବଡପାଟସୁନ୍ଦରପୁର ପଞ୍ଚାୟତର ୬ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କାଘର ପ୍ରଦାନ, ଉତ୍ତାରଣ ପଞ୍ଚାୟତ ଅଲିଙ୍ଗ ଗ୍ରାମରେ ପାନୀୟ ଜଳ ପ୍ରକଳ୍ପ ପାଇଁ ୨୦୧୬-୧୭ ଆର୍ଥିକ ବର୍ଷରେ ୧୦ଲକ୍ଷ ଟଙ୍କା ମଞ୍ଜୁରସତ୍ତ୍ୱେ କାମ ନ ହେବା, ଦେଉଳୀଗ୍ରାମକୁ ସଂଯୋଗ କରୁଥିବା ରାସ୍ତାର କଲଭର୍ଟର ସଯୋଗୀ ରାସ୍ତା ନିର୍ମାଣ କରାଯିବା, ବ୍ଲକର ବିଭିନ୍ନ ପଞ୍ଚାୟତରେ ବେସରକାରୀ ସଂସ୍ଥା ଦ୍ୱାରା ନିର୍ମାଣ କରାଯାଉଥିବା ନିମ୍ନମାନ ପାଇଖାନାର ତଦନ୍ତ, ସାନ ପାଟସୁନ୍ଦରପୁର ଅଙ୍ଗନୱାଡି କେନ୍ଦ୍ରର ଗୃହନିର୍ମାଣ, ପୋସ୍ତଳ ପଞ୍ଚାୟତର ଅର୍ଦ୍ଧନିର୍ମିତ ଏଲ ଆଇ ସେଣ୍ଟରର ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ଦାବିପତ୍ରରେ ଦର୍ଶାଯାଇଛି। ଏ ସମ୍ପର୍କରେ ବିଡିଓ କେ. ଅଶୋକ କୁମାର କୁହନ୍ତି, ଅଭିଯୋଗ ପାଇ ସମସ୍ତ ବିଭାଗକୁ ଏ ସମ୍ପର୍କରେ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ।

### ପ୍ରତାପରୁଦ୍ରଙ୍କ ୭୮ତମ ଜୟନ୍ତୀ

**ଖୁଣ୍ଟୁଣୀ,୫।୨(ଡି.ଏନ୍.ଏ)**

ଅସ୍ଥି ଚିକିତ୍ସକ ପ୍ରତାପରୁଦ୍ର ବେଉରାୟଙ୍କ ୭୮ତମ ଜୟନ୍ତୀ ଗୋବିନ୍ଦପୁରସ୍ଥିତ ମହର୍ଷି ଦୟାନନ୍ଦ ମିଶନ ଶିଶୁ ସଦନ ଓ ଜରାନିବାସ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଆଇନଜୀବୀ ଦୀପ୍ତେଶ ପଟ୍ଟନାୟକ, ରାମ ନାରାୟଣ ମହାନ୍ତି ମୁଖ୍ୟବକ୍ତା, ଭାଜପା ନେତା ବ୍ରଜେନ୍ଦ୍ର ରାୟ, ପ୍ରଫୁଲ୍ଲ ପରିଡା, ପ୍ରଦୀପ ସାହୁ ପ୍ରମୁଖ ଯୋଗଦେଇ ପ୍ରତାପରୁଦ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



କଟକ ଶେଲଟର୍ ଛକସ୍ଥିତ ଇନ୍ଦିରା ଗାନ୍ଧୀ ଓମେନ୍ସ କଲେଜ ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥିବୃନ୍ଦ।

## ଡିସିପିଙ୍କୁ ଭେଟିଲେ ପୀଡ଼ିତା, ନ୍ୟାୟ ପାଇଁ ଗୁହାରି

**କଟକ ଅଫିସ, ୫।୨**

ପୁରୀଘାଟ ଥାନା ଅନ୍ତର୍ଗତ ଦୋଳମୁଣ୍ଡାଇ ଅଞ୍ଚଳର ମହିଳା ଧରିତ୍ରୀ ମିଶ୍ରଙ୍କୁ ଶାଶୁ ଘର ଲୋକ ନିର୍ଯାତନା ଦେଉଛନ୍ତି। ଏନେଇ ଅଭିଯୋଗ ସତ୍ତ୍ୱେ ପୋଲିସ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଅଭିଯୋଗରେ ଧରିତ୍ରୀ ମଙ୍ଗଳବାର ଡିସିପିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଖିଳ ଭାରତ ହିନ୍ଦୁ ମହାସଭା କଟକ ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ମଧୁମିତା ରାୟ ଚୌଧୁରୀଙ୍କ ନେତୃତ୍ୱରେ ଜିଲା ଶାଖାର କର୍ମକର୍ତ୍ତାମାନଙ୍କ ସହ ମିଶି ଧରିତ୍ରୀ ଡିସିପିଙ୍କୁ ଭେଟି ଅଭିଯୋଗ କରିଛନ୍ତି। ସ୍ଥାନୀୟ ଅରୁଣୋଦୟ ନଗରର ଧରିତ୍ରୀ ବୈଦିକ ରୀତିରେ କଟକ ଦୋଳମୁଣ୍ଡାଇ ଅଞ୍ଚଳରେ ରହୁଥିବା ରାଜେନ୍ଦ୍ର ଆଚାର୍ଯ୍ୟଙ୍କୁ ବିବାହ କରିଥିଲେ। ବିବାହ ଠାରୁ ଏ ପର୍ଯ୍ୟନ୍ତ ବିନା କୌଣସି କାରଣରେ ଧରିତ୍ରୀଙ୍କୁ ଶାଶୁଘର ଲୋକେ ଉଭୟ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଛନ୍ତି। ଏନେଇ ଧରିତ୍ରୀ ଗତ ୨୪ ତାରିଖରେ ପୁରୀଘାଟ ଥାନାରେ ଅଭିଯୋଗ କରିଥିଲେ। ଏନେଇ ଡିସିପି ଅଖିଳେଶ୍ୱର ସିଂ କହିଛନ୍ତି, ଘଟଣାର ତଦନ୍ତ ପରେ ଦୋଷୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ସ୍ୱାସ୍ଥ୍ୟକେନ୍ଦ୍ର ନାମ ପରିବର୍ତ୍ତନକୁ ନେଇ ଦ୍ୱନ୍ଦ୍ୱ

**କଟକ ସଦର,୫।୨(ଡି.ଏନ୍.ଏ)**



ରାଜକୃଷ୍ଣ ବୋଷ ନାମଥିବା ଫଳକ।

କଟକ ସଦର ବ୍ଲକ ଅନ୍ତର୍ଗତ କିଶୋରନଗରସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ନାମ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ରାଜକୃଷ୍ଣ ବୋଷଙ୍କ ନାମରେ ୨୦୦୭ରେ ନାମିତ କରାଯାଇଥିଲା। ୨୦୧୯ ଫେବୃୟାରୀରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରର ନାମ କିଶନ ନଗର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ବୋଲି ସାଇନବୋର୍ଡରେ ଲେଖାକୁ ନେଇ ଦ୍ୱନ୍ଦ୍ୱ ଉପୁଜିଛି। ଏହି ନାମ ପରିବର୍ତ୍ତନ କାହିଁକି କରାଗଲା ସେ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମନରେ ପ୍ରଶ୍ନ ଉଠିଛି। କିଶନନଗର ବିକାଶ ମଞ୍ଚ ପକ୍ଷରୁ ଏହା ଉପରେ ପ୍ରଶ୍ନ ଉଠାଯାଇ ସ୍ଥାନୀୟ ତହସିଲଦାରଙ୍କୁ ସୋମବାର ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ଅନୁଯାୟୀ, ୧୭ଡିସେମ୍ବର ୨୦୦୨ରେ ୧୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ନୂତନ ଗୃହର ଉଦ୍‌ଘାଟନୀ ଫଳକରେ କେବଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ନୂତନ) କିଶୋରନଗର ବୋଲି ଖୋଦିତ ଥିଲା। ମାତ୍ର ୧୭ ଡିସେମ୍ବର ୨୦୦୭ରେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ଅନ୍ୟ ଏକ ନୂତନ ଗୃହ ଉଦ୍‌ଘାଟନୀ ଅବସରରେ ଏହା ରାଜକୃଷ୍ଣ ବୋଷ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ନୂତନ) ବୋଲି ଫଳକରେ ଉଲ୍ଲେଖ କରାଯାଇଥିଲା। ଚଳିତବର୍ଷ ଏଥିରେ ପରିବର୍ତ୍ତନ କରାଯିବାରୁ ଲୋକଙ୍କ ମନରେ ଦ୍ୱନ୍ଦ୍ୱ ଉପୁଜୁଛି। ସରକାରୀସ୍ତରରେ ସ୍ୱାସ୍ଥ୍ୟକେନ୍ଦ୍ରର ନାମ କିଶୋରନଗର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ନୂତନ)ରହିଛି ବୋଲି ନିଜର ପରିଚୟ ଗୋପନ ରଖି କଟକ ସିଡିଏମଓ କାର୍ଯ୍ୟାଳୟର ଜଣେ ବରିଷ୍ଠ ଡାକ୍ତର କହିଛନ୍ତି। ଏପରି କି ରାଜ୍ୟ ସଚିବାଳୟରୁ କେବେ ହେଲେ ଗୋଟିଏ ବୋଲି ଚିଠି ରାଜକୃଷ୍ଣ ବୋଷ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ବୋଧନ ହୋଇ ଆସିନାହିଁ ବୋଲି ସମ୍ପୃକ୍ତ ଡାକ୍ତର କହିଛନ୍ତି। ତେଣୁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନାମ ସଂକ୍ରାନ୍ତରେ ସ୍ପଷ୍ଟୀକରଣ ଦେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ଦ୍ୱନ୍ଦ୍ୱ ଦୂର କରିବା ପାଇଁ ଦାବି ହେଉଛି।

ରାଜ୍ୟସ୍ତରୀୟ 'ପଲିଫେଷ୍ଟ-୨୦୧୯'

### ଡ୍ରିମ୍‌ସ କ୍ରିକେଟ ଚାମ୍ପିୟନ

**କଟକ ଅଫିସ, ୫।୨**

ରାଜ୍ୟ ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ (ଡିଟିଇଟି) ଆନୁକୂଲ୍ୟରେ ଆୟୋଜିତ ପ୍ରଥମ ରାଜ୍ୟସ୍ତରୀୟ କ୍ରୀଡା ଓ ସାଂସ୍କୃତିକ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ 'ପଲିଫେଷ୍ଟ-୨୦୧୯'ରେ ଡ୍ରିମ୍‌ସ ପଲିଟେକ୍‌ନିକ କ୍ରିକେଟ ଚାମ୍ପିୟନ ହୋଇଛି। କଟକରେ ଆୟୋଜିତ ଫାଇନାଲ୍ ମ୍ୟାଚ୍‌ରେ ଭୁବନାନନ୍ଦ ସ୍କୁଲ୍ ଅଫ୍ ଇଞ୍ଜିନିୟରିଂ (ବୋଷ)କୁ ହରାଇ ଡ୍ରିମ୍‌ସ ଏହି ଟାଇଟେଲ ହାସଲ କରିଛି। ଏହି ସଫଳତା ପାଇଁ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ ଦଳର କ୍ୟାପଟେନ୍ ଅଧିନାୟକ ଓ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ଏକାଡେମିକ୍ ନିର୍ଦ୍ଦେଶକ ପ୍ରାଧ୍ୟାପକ ଲୋକନାଥ ବେହେରା, ଅଧ୍ୟକ୍ଷା ତପସ୍ୱିନୀ ସାହୁ, ଅଧ୍ୟାପକ ସୌମେନ୍ଦୁ ଦାସ, ଶିବ ଚରଣ ବାରିକ, ଅବିନାଶ ଜେନା, ପାର୍ଥ ସିଂ ପ୍ରମୁଖ ଉପସ୍ଥିତ ଥିଲେ।



ଯିଏ ତୁମ ଆସିବା ବାଟରେ କଣ୍ଟା ପକାଇଛି, ତୁମେ ତାଙ୍କ ଆସିବା ବାଟରେ ଫୁଲ ବିଛାଅ।
-ସନ୍ଥ କବୀର ଦାସ



## ସଂକ୍ଷେପରେ

### ଅପହୃତା ନାବାଳିକା ଉଦ୍ଧାର

**ନିଶ୍ଚିନ୍ତକୋଇଲି,୫।୨(ସ୍ୱ.ପ୍ର.):** ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳରୁ ଅପହରଣ ହୋଇଥିବା ଜଣେ ନାବାବାଳିକାଙ୍କୁ ମଙ୍ଗଳବାର ପୋଲିସ ମାହାଙ୍ଗାରୁ ଉଦ୍ଧାର କରିଛି। ଏଥିସହିତ ଘଟଣାରେ ସମ୍ପୃକ୍ତଥିବା ଅଭିଯୋଗରେ ନିଶ୍ଚିନ୍ତକୋଇଲି ଥାନା ଅଧୀନ ବୁହାଲୋ ପଞ୍ଚାୟତର ଜଣେ ଯୁବକଙ୍କୁ ଅଟକ ରଖିଛି। ବୁଧବାର ତାଙ୍କ ବୟାନ ରେକର୍ଡ ପରେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ସୁଭ୍ରାଂଶୁ ଶେଖର ପରିଡ଼ା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଗତ ୩୦ ତାରିଖରେ ନାବାଳିକାଙ୍କୁ ଅପହରଣ କରାଯାଇଥିଲା। ପରେ ସମ୍ପୃକ୍ତ ନାବାଳିକାଙ୍କ ବାପା ତାଙ୍କ ଝିଅକୁ କେହି ଅପହରଣ କରିଥିବା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ମାମଲା ନଂ-୧୩/୧୯ ରୁଜୁ କରି ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିଲା।

### କୃମି ନାଶକ ସଚେତନତା ବୈଠକ

**ବାଙ୍କୀ,୫।୨(ସ୍ୱ.ପ୍ର.):** ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟ ପରିସରରେ ମଙ୍ଗଳବାର ଜାତୀୟ କୃମିନାଶକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଙ୍କୀ ଏନଏସି ଅଞ୍ଚଳରେ ଥିବା ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଶିକ୍ଷକ, ଅଧାପକ ଓ ଅଙ୍ଗନୱାଡି କର୍ମୀ ଯୋଗ ଦେଇଥିଲେ। ୮ତାରିଖରେ ହେବାକୁ ଥିବା ଜାତୀୟ କୃମି ନାଶକ ଦିବସ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ୧ରୁ ୧୯ବର୍ଷ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ କୃମି ନାଶକ ଔଷଧ ସେବନ କରାଇବା ନିମନ୍ତେ ସଚେତନ କରାଯାଇଥିଲା। ଉପଖଣ୍ଡ ଚିକିତ୍ସାଧିକାରୀ ଡା. ଧୂଳେଶ୍ୱର ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ଶିଶୁରୋଗ ବିଶେଷଜ୍ଞ ଡା. ବନବାସୀ ବେହେରା ଓ କନିଷ୍ଠ ଡାକ୍ତରଖାନା ପରିଚାଳକ ଶଶିକାନ୍ତ ମିଶ୍ର ପ୍ରମୁଖ ଯୋଗଦେଇ କୃମିନାଶକ ଔଷଧ ସେବନ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ।

### ବିଧାନସଭା ଘେରାଉ ପାଇଁ ଭାଜପା ଯୁବମୋର୍ଚ୍ଚାର ପ୍ରସ୍ତୁତି

**ବାଙ୍କୀ,୫।୨(ସ୍ୱ.ପ୍ର.):** ଆସନ୍ତା ୭ ତାରିଖରେ ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ବିଧାନସଭା ଘେରାଉ କରାଯିବ। ଏଥିରେ ଯୋଗଦେବା ନିମନ୍ତେ ବାଙ୍କୀ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଏକ କର୍ମୀ ସମ୍ମିଳନୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କଟକ ଜିଲା ଭାଜପା ଯୁବ ମୋର୍ଚ୍ଚା ସଭାପତି ଭକ୍ତବତ୍ସଳ ବସ୍ତିଆ ମୁଖ୍ୟଅତିଥିଭାବେ ଯୋଗଦେଇ କହିଥିଲେ, ବିଜେଡି ସରକାର ୧୯ବର୍ଷ ଶାସନ କାଳରେ ବେକାର ସମସ୍ୟା ସମାଧାନ କରି ପାରିନାହାହାନ୍ତି। ତେଣୁ ଏହାର ପ୍ରତିବାଦରେ ଭାଜପା ଯୁବମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀଙ୍କ ଆହ୍ୱାନ କ୍ରମେ ୧ ଲକ୍ଷ ଯୁବକ ବିଧାନସଭା ଘେରାଉ ଆନ୍ଦୋଳନରେ ସାମିଲ ହେବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ତେଣୁ ବାଙ୍କୀ ଉପଖଣ୍ଡର ଅଧିକ ଯୁବମୋର୍ଚ୍ଚା ସଭ୍ୟ ଏଥିରେ ଯୋଗଦେବା ପାଇଁ ସେ ଅନୁରୋଧ କରିଥିଲେ। ଜିଲା ଯୁବମୋର୍ଚ୍ଚା ସମ୍ପାଦକ ମନୋଜ ଦଳେଇ, ଭାଜପା ସମ୍ପାଦକ ସିଦ୍ଧେଶ୍ୱର ପାଇକରାୟଙ୍କ ସମେତ ଉପଖଣ୍ଡର ସମସ୍ତ ମଣ୍ଡଳ ସଭାପତି ଓ ଦଳର ପଦାଧିକାରୀ ଯୋଗଦେଇ ଆନ୍ଦୋଳନ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ। ଅରୁଣ ମଲିକ ଧନ୍ୟବାଦ ଦେଇଥିଲେ।

■ ଜଣେ ଅଭିଭାବକଙ୍କ ସହ ପ୍ରଧାନଶିକ୍ଷକଙ୍କ ବଚସା ହେଲା ବୋଲି

# ପିଲାଙ୍କୁ ମିଳିପାରୁନି ପୋଷାକ

■ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ମହଲରେ ଅସନ୍ତୋଷ
■ପରିଚାଳନା ବୈଠକ ପରେ ବଚସା ହୋଇଥିଲା
■ଛୁଟିରେ ପଳାଇଥିଲେ ପ୍ରଧାନଶିକ୍ଷକ

**ଆଠଗଡ଼,୫।୨(ସ୍ୱ.ପ୍ର.)**

ଆଠଗଡ଼ ଏନଏସି ଅଧୀନ କନ୍ତୋଲ ନୋଡାଲ ସ୍କୁଲ ପ୍ରଧାନଶିକ୍ଷକ ଏବଂ ଜଣେ ଅଭିଭାବକଙ୍କ ମଧରେ ବଚସା ହେଲାବୋଲି ଏ ପର୍ଯ୍ୟନ୍ତ ପିଲାଙ୍କୁ ପୋଷାକ ମିଳିପାରୁନି। ଯାହାକୁ ନେଇ ସମସ୍ତ ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି। ବଚସା ପରେ ସମ୍ପୃକ୍ତ ପ୍ରଧାନଶିକ୍ଷକ ଛୁଟିରେ ଚାଲିଯିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି ବୋଲି ଅଭିଭାବକ ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ, ଏହି ବିଦ୍ୟାଳୟରେ ୩୧୯ ଛାତ୍ରୀଛାତ୍ର ପଢ଼ୁଛନ୍ତି। ବିଦ୍ୟାଳୟ ପରିଚାଳନା ପାଇଁ ଅଭିଭାବକ ପ୍ରତିନିଧି ଓ ଶିକ୍ଷକ ପ୍ରତିନିଧିମାନଙ୍କୁ ନେଇ ପରିଚାଳନା କମିଟି ଗଠନ କରାଯାଇଛି। ଗତ ଡିସେମ୍ବରରେ ଛାତ୍ରୀଛାତ୍ରୀଙ୍କୁ ପୋଷାକ ବଣ୍ଟନ ନିମନ୍ତେ ସରକାରଙ୍କ ପକ୍ଷରୁ ଅନୁଦାନ ଆସି ବ୍ୟାଙ୍କରେ ଜମା ହୋଇଥିଲା। ଜାନୁୟାରୀ ୭ରେ ପ୍ରଧାନଶିକ୍ଷକ ଭୁବନ ରଞ୍ଜନ ଦାସ ପରିଚାଳନା କମିଟି ବୈଠକ ଡକାଇଥିଲେ। ବୈଠକରେ ପୋଷାକ ବଣ୍ଟନ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହାପରେ ଅଭିଭାବକ ଦିବାକର ମହାନ୍ତି ଓ ପ୍ରଧାନଶିକ୍ଷକ ଦାସଙ୍କ ମଧରେ କୌଣସି କାରଣରୁ ବଚସା ହୋଇଥିଲା। ଏଥିରେ ପ୍ରଧାନଶିକ୍ଷକ ଉତ୍‌କ୍ଷିପ୍ତ ହୋଇ ୮ତାରିଖରୁ ସ୍କୁଲକୁ ଆସିଲେ ନାହିଁ। ସାଧାରଣତନ୍ତ୍ର ଦିବସରେ ପିଲାଙ୍କୁ ପୋଷାକ ବଣ୍ଟନ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ହେଲେ ପ୍ରଧାନଶିକ୍ଷକଙ୍କ ଅନୁପସ୍ଥିତି ଯୋଗୁ ଟଙ୍କା ଉଠିପାରି ନ ଥିଲା। ଫଳରେ ପୋଷାକ ବିତରଣ ହୋଇପାରି ନ ଥିଲା। ଏହି ଘଟଣାରେ ଅନ୍ୟଜଣେ ବରିଷ୍ଠ ଶିକ୍ଷକ ସାଗର ପଣ୍ଡା ମଧ ସ୍କୁଲକୁ ଆସି ନ ଥିଲେ। କିଛି ଦିନ ପରେ ୫ମ ଓ ୮ମ ଶ୍ରେଣୀର ଛାତ୍ରୀଛାତ୍ରୀ ବାର୍ଷିକ ପରୀକ୍ଷା ଦେବେ। ଏହି ଦୃଷ୍ଟିରୁ ଛାତ୍ରୀଛାତ୍ରଙ୍କୁ ପୋଷାକ ଯୋଗାଇ ଦିଆଗଲେ ଭଲ ହୁଅନ୍ତା ବୋଲି ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି। ବ୍ୟକ୍ତିଗତ କନ୍ଦଳରୁ ସରକାରୀ ଯୋଜନା ବାଟବଣା ହେବା ଘଟଣାକୁ ସାଧାରଣରେ ନିନ୍ଦା କରାଯାଇଛି। ଘଟଣା ସମ୍ପର୍କରେ ବ୍ଲକ୍ ଶିକ୍ଷା ଅଧିକାରୀ ରୁଦ୍ର ନାରାୟଣ ସାମଲ କହିଛନ୍ତି, ମୁଁ ସ୍କୁଲକୁ ଯାଇ ଘଟଣାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିଥିଲି। ହେଲେ ଅଦ୍ୟାବଧି ଛାତ୍ରଛାତ୍ରୀ ପୋଷାକ ପାଇବାରୁ ବଞ୍ଚିତ ହୋଇଛନ୍ତି। ତେବେ ଶୀଘ୍ର ପୋଷାକ ବଣ୍ଟନ କରାଯିବ। ଏଥିରେ କୌଣସି ଅସୁବିଧା ନାହିଁ। ପ୍ରଧାନଶିକ୍ଷକ ଦାସ ଅଭିଯୋଗ କରିଛନ୍ତି କି, ଅଭିଭାବକ ମହାନ୍ତି ତାଙ୍କୁ ସ୍କୁଲକୁ ଗଲେ ମାଡ ମାରିବେ ବୋଲି କହିଥିବାରୁ ସେ ସ୍କୁଲକୁ ଆସୁ ନ ଥିଲେ। ମାତ୍ର ଏ ସମ୍ବନ୍ଧରେ ପ୍ରଧାନଶିକ୍ଷକ କିମ୍ବା ବ୍ଲକ୍ ଶିକ୍ଷା ଅଧିକାରୀଙ୍କ ପକ୍ଷରୁ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିଲା। ବ୍ଲକ ଶିକ୍ଷା ଅଧିକାରୀ ସାମଲ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କ ଛୁଟିକୁ ବାତିଲ କରିଦେବା ପରେ ସେ ଗତ ୪ ତାରିଖଠାରୁ ଯୋଗଦାନ କରିଛନ୍ତି। ତେବେ ଦେଖିବାକି ବାକି ରହିଲା କେବେ ପିଲାଙ୍କୁ ପୋଷାକ ମିଳୁଛି।




ପଞ୍ଚାୟତସ୍ତରୀୟ ୱାର୍ଡ କମିଟି ବୈଠକରେ ଯୋଗଦେଇଥିବା ଅତିଥି ଓ କର୍ମକର୍ତ୍ତା।

## ବିଜେଡିର ପଞ୍ଚାୟତସ୍ତରୀୟ ୱାର୍ଡ କମିଟି ବୈଠକ

**ସାଲେପୁର,୫।୨(ଡି.ଏନ.ଏ.)**

ସାଲେପୁର ବିଜେଡି ପକ୍ଷରୁ ପିକୋଲ ପଞ୍ଚାୟତସ୍ଥିତ ମନୋହରପୁର ମେଲଣ ପଡ଼ିଆରେ ମଙ୍ଗଳବାର ପଞ୍ଚାୟତସ୍ତରୀୟ ୱାର୍ଡ କମିଟି ବୈଠକ ଓ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ରଣଜିତ୍ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଞ୍ଚାୟତ ବିଜେଡି ସଭାପତି ରବିନାରାୟଣ ଶତପଥୀ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥିଭାବେ ଜିଲା ବିଜୁ କୃଷକ ସଭାପତି ତଥା ବିଜେଡି ନେତା ପ୍ରଶାନ୍ତ କୁମାର ବେହେରା ଯୋଗଦେଇ ୱାର୍ଡ କମିଟି ବୈଠକର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହିତ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ରାଜ୍ୟ ବିଜେଡି କାର୍ଯ୍ୟକାରିଣୀ ସଦସ୍ୟ ଦିଲୀପ ଦାଶ, ଜିଲାପରିଷଦ ସଭ୍ୟ ଅଶୋକ ଭୂୟାଁ, ଚିତ୍ତରଞ୍ଜନ ମହାନ୍ତି, ବ୍ଲକ ଉପାଧ୍ୟକ୍ଷ ରମେଶ ଜେନା, ବିଜୟ କୁମାର ଖୁଣ୍ଟିଆ, ପ୍ରସନ୍ନ ଜେନା ଓ ଶରତ ଚନ୍ଦ୍ର ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ପର୍ଯ୍ୟବେକ୍ଷକଭାବେ ବିଷ୍ଣୁଚରଣ ମହାପାତ୍ର ଯୋଗ ଦେଇଥିଲେ। ସମ୍ମିଳନୀରେ କାର୍ତ୍ତିକ ଚନ୍ଦ୍ର ସାହୁ, କୈଳାସ ବେହେରା, ପଞ୍ଚାୟତ ବିଜୁ ଯୁବବାହିନୀ ସଭାପତି ଦୋଳଗୋବିନ୍ଦ ସାହୁ, ଯୁବବିଜେଡି ସଭାପତି ସୁଧୀର ଶତପଥୀ ଓ ଚନ୍ଦନ କୁମାର ବେହେରାଙ୍କ ସମେତ ବହୁ ମହିଳା, ଯୁବ ଓ ଛାତ୍ର କର୍ମୀ ଉପସ୍ଥିତ ଥିଲେ।



ମା' ମଙ୍ଗଳା ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ମ୍ୟାଚ୍‌ରେ ଯୋଗଦେଇଥିବା ଅତିଥି ଓ ଖେଳାଳି।

## କ୍ରିକେଟ ଟୁର୍ଣ୍ଣାମେଣ୍ଟ: ବଡ଼ମ୍ବା ଚାମ୍ପିୟନ

**ନରସିଂହପୁର,୫।୨(ଡି.ଏନ.ଏ.)**

ନରସିଂହପୁର ବ୍ଲକ ଅଧୀନ ସାଗର ଖେଳପଡିଆରେ ମା' ମଙ୍ଗଳା ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଆନ୍ତଃ ଜିଲାସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ଖୋର୍ଦ୍ଧା କଲ୍ୟାଣପୁର ଓ ବଡ଼ମ୍ବା ବିବିଏସ୍‌ସି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି କଲ୍ୟାଣପୁର ଦଳ ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୬୬ ରନ୍ ସଂଗ୍ରହ କରିଥିଲା। ଜବାବରେ ବଡ଼ମ୍ବା ବିବିଏସ୍‌ସି ଦଳ ୧୫ ଓଭର ଖେଳି ବିଜୟ ହାସଲ କରିଥିଲା। ମୁଖ୍ୟଅତିଥିଭାବେ ବିଧାୟକ ଦେବୀ ପ୍ରସାଦ ମିଶ୍ର, ସମ୍ମାନିତ ଅତିଥି କିଶୋର ଚନ୍ଦ୍ର ମିଶ୍ର ଯୋଗଦେଇ ଚାମ୍ପିୟନ ଦଳକୁ ୧୦ ହଜାର ଓ ରନର୍ସ ଅପ୍ ଦଳକୁ ୬ ହଜାର ଟଙ୍କା ପୁରସ୍କାର ସହିତ କପ୍ ପ୍ରଦାନ କରିଥିଲେ। ଆସୋସିଏଶନ ସଭାପତି ଉଦୟନାଥ ବାରିକ ଓ ବୁଲୁ ମହରଣାଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

## କେନ୍ଦ୍ରାପଡ଼ା କୋଅପରେଟିଭ୍ ସୋସାଇଟିର ପ୍ରତିଷ୍ଠା ଉତ୍ସବ

**ସାଲେପୁର,୫।୨(ଡି.ଏନ.ଏ.)**

ସାଲେପୁର ସହରରେ ଅବସ୍ଥିତ କେନ୍ଦ୍ରାପଡ଼ା କ୍ରେଡିଟ୍ କୋଅପରେଟିଭ୍ ସୋସାଇଟିର ୧୦ମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ମୁଖ୍ୟଅତିଥିଭାବେ କୋଅପରେଟିଭ୍ ସୋସାଇଟି ସଭାପତି ତଥା ରାଜ୍ୟ ବିଜୁ ଜନତାଦଳ ସମ୍ପାଦକ ପ୍ରମୋଦ ସାହୁ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସୋସାଇଟି ନିର୍ଦ୍ଦେଶକ ଅକ୍ଷୟ କୁମାର ଦାଶ, ସମ୍ପାଦକ ପ୍ରହ୍ଲାଦ ସାହୁ, ଅତିରିକ୍ତ ସମ୍ପାଦକ ଅରବିନ୍ଦ ସାହୁ, ବ୍ୟାଙ୍କର ଜେନେରାଲ୍ ମ୍ୟାନେଜର ମନୋଜ ସାହୁ, ସାଲେପୁର ଶାଖା ପରିଚାଳକ ଶ୍ରୀୟାସ୍ମିତା ରାଉତଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଓ ସଭ୍ୟ ଉପସ୍ଥିତ ଥିଲେ। ଶେଷରେ ମୁଖ୍ୟଅତିଥି ସାହୁଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

## ନୂଆପାଟଣା ସେବା ସମବାୟ ସମିତିର ବାର୍ଷିକ ସଭା

**ତିଗିରିଆ,୫।୨(ଡି.ଏନ.ଏ.)**

ତିଗିରିଆ ବ୍ଲକ ଅଧୀନ ନୂଆପାଟଣା ସେବା ସମବାୟ ସମିତିର ବାର୍ଷିକ ସାଧାରଣ ସଭା ସମିତି ସଭାପତି ପ୍ରକାଶ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସଭାରେ ସମିତିର ବାର୍ଷିକ ଆୟବ୍ୟୟର ବିବରଣୀ ସମିତି ସମ୍ପାଦକ ଚନ୍ଦନ କୁମାର ଜେନା ଉପସ୍ଥାପନ କରିଥିଲେ। ମୁଖ୍ୟଅତିଥିଭାବେ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ନୂଆପାଟଣା ଶାଖା ପରିଚାଳକ ଅମିତ କୁମାର ମହାପାତ୍ର ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରହ୍ଲାଦ କର, ରାମଚନ୍ଦ୍ର ବାରିକ, ସାହାଦତ୍ ଖାଁ, ପ୍ରସନ୍ନ ନାଏକ, ବସନ୍ତ ବେହେରା, ଚନ୍ଦ୍ରମଣୀ ନାୟକ, ଶ୍ରୀକାନ୍ତ କୁମାର ସାହୁ ପ୍ରମୁଖ ଶତାଧିକ ଚାଷୀ ଉପସ୍ଥିତ ଥିଲେ। ସମିତିର ନିଜସ୍ୱ ଗୋଦାମ ଗୃହ ନ ଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା।

## ଏଥର ପିଠା କାର୍ଯ୍ୟକ୍ରମରେ ମିଳିବ ବର୍ଦ୍ଧିତ ଭତ୍ତା

**ନିଶ୍ଚିନ୍ତକୋଇଲି,୫।୨(ସ୍ୱ.ପ୍ର.)**

ଚଳିତ ମାସରେ ଅନୁଷ୍ଠିତ ହେବାକୁ ଥିବା ପିଠା କାର୍ଯ୍ୟକ୍ରମରେ ବର୍ଦ୍ଧିତ ଭତ୍ତା ରାଶି ବଣ୍ଟନ କରାଯିବ। ୮୦ ବର୍ଷରୁ କମ ହିତାଧିକାରୀ ୩୦୦ ଟଙ୍କା ପାଉଥିବାବେଳେ ଚଳିତ ମାସରୁ ବର୍ଦ୍ଧିତଭାବେ ୫୦୦ ଓ ୮୦ ବର୍ଷରୁ ଉର୍ଦ୍ଧ୍ୱ ହିତଧିକାରୀ ୫୦୦ ଟଙ୍କା ପାଉଥିବାବେଳେ ବର୍ଦ୍ଧିତ ହାରରେ ୭ଶହ ଟଙ୍କା ପାଇବେ। ଏଥିସହ ପ୍ରତ୍ୟେକ ହିତାଧିକାରୀଙ୍କୁ ଶୀତ ବସ୍ତ୍ର ପାଇଁ ୨ଶହ ପରିବର୍ତ୍ତେ ୩୦୦ ଟଙ୍କା ପ୍ରଦାନ କରାଯିବ। ନିଶ୍ଚନ୍ତକୋଇଲି ବ୍ଲକର ୩୭ ପଞ୍ଚାୟତ ପାଇଁ ଏଥର ୧କୋଟି ୮୪ଲକ୍ଷ ୫୮ ହଜାର ୬ଶହ ଟଙ୍କା ବ୍ୟୟ ବରାଦ କରାଯାଇଛି। ଏନେଇ ବୃଦ୍ଧାବୃଦ୍ଧଙ୍କ ମହଲରେ ଆନନ୍ଦ ଖେଳି ଯାଇଛି। ନିଶ୍ଚିନ୍ତକୋଇଲି ବ୍ଲକରେ ରଘୁନାଥପୁର ବ୍ଲକରୁ ୪ ପଞ୍ଚାୟତର ଭତ୍ତା ମିଳୁଛି। ବିଡିଓ ସୁରେଶ ଚନ୍ଦ୍ର ପ୍ରଧାନ କହିଛନ୍ତି, ନିଶ୍ଚିନ୍ତକୋଇଲି ବ୍ଲକର ୩୭ ପଞ୍ଚାୟତରେ ଇନ୍ଦିରା ଗାନ୍ଧୀ ଜାତୀୟ ଭତ୍ତା ଯୋଜନାରେ ୮୦ ବର୍ଷରୁ କମ୍ ୪୭୭୧ ହିତାଧିକାରୀ ଥିବାବେଳେ ୮୦ ବର୍ଷରୁ ଉର୍ଦ୍ଧ୍ୱ ୯୨୦ ହିତାଧିକାରୀ ବାର୍ଦ୍ଧକ୍ୟ ଭତ୍ତା, ୧୩୯୦ ବିଧବା ଭତ୍ତା, ୫୪୨ ଭିନ୍ନକ୍ଷମ ଭତ୍ତା ଓ ୧୨୩ ଜଣ ୭୦%ରୁ ଅଧିକ ଭିନ୍ନକ୍ଷମ ଭତ୍ତା ପାଉଛନ୍ତି। ସେହିପରି ରାଜ୍ୟ ସରକାରଙ୍କର ମଧୁବାବୁ ପେନସନ ଯୋଜନାରେ ୮୦ ବର୍ଷରୁ କମ ୧୧,୨୬୧ ହିତାଧିକାରୀ ଥିବାବେଳେ ୮୦ ବର୍ଷରୁ ଉର୍ଦ୍ଧ୍ୱ ୭୦୭ ହିତାଧିକାରୀ ବାର୍ଦ୍ଧକ୍ୟ ଭତ୍ତା ପାଉଛନ୍ତି। ୧୨୦୩ ବିଧବା, ୧୩୦୯ ଭିନ୍ନକ୍ଷମ ଓ ୭୦%ରୁ ଉର୍ଦ୍ଧ୍ୱ ଭିନ୍ନକ୍ଷମ ଥିବା ୨୬୩ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଉଛି। ଏହି ବ୍ଲକରେ ଆସନ୍ତା ୧୦ରୁ ୨୦ ତାରିଖ ପର୍ଯ୍ୟନ୍ତ ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

## ଦକ୍ଷିଣକାଳୀ ମନ୍ଦିର ପ୍ରତିଷ୍ଠା ଉତ୍ସବ



ମା'ଦକ୍ଷିଣକାଳୀଙ୍କ ମନ୍ଦିର ପ୍ରତିଷ୍ଠା ଅବସରର ଅନୁଷ୍ଠିତ କଳସ ଶୋଭାଯାତ୍ରା।

**ନରସିଂହପୁର,୫।୨(ସ୍ୱ.ପ୍ର.)**

ନରସିଂହପୁର ବ୍ଲକ ଅଧୀନ ରେଗେଡ଼ା ଗ୍ରାମରେ ଥିବା ମା' ଦକ୍ଷିଣକାଳୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଏକ କଳା କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ସକାଳୁ ଆଖପାଖ ମାନସିକଧାରୀ ୫୦୦ ମହିଳା ମନ୍ଦାଣିଆସ୍ଥିତ ମହାନଦୀ କୂଳରୁ ପୂର୍ଣ୍ଣ କୁମ୍ଭ ଧରି ଶୋଭାଯାତ୍ରାରେ ମନ୍ଦିର ନିକଟକୁ ଆସିଥିଲେ। ପରେ ରୀତିନୀତି ଅନୁଯାୟୀ ହୋମଯଜ୍ଞ ଓ ନାମ ସଙ୍କୀର୍ତ୍ତନ କରାଯିବା ସହ ମନ୍ଦିରରେ ମୂର୍ତ୍ତି ସ୍ଥାପନ କରାଯାଇଥିଲା। ମନ୍ଦିର କମିଟି ସଭାପତି ଅନାମ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ସନ୍ତୋଷ ବେହେରା, ବ୍ଲକ ଅଧକ୍ଷ କିଶୋର ଚନ୍ଦ୍ର ମିଶ୍ର, ଭାଜପା ନେତା ତ୍ରିପୁରା ଦେହୁରୀ, ମନୋଜ ପଣ୍ଡା, ସରୋଜ ରଣା, ଅଶୋକ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଯୁବକ ସଙ୍ଘ ସଭାପତି ରାଜୀବ ଲୋଚନ ଦାଶଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

## ସୂତାକଳ ଅବସରପ୍ରାପ୍ତ କର୍ମଚାରୀଙ୍କ ସାଧାରଣ ସଭା

**ତିଗିରିଆ,୫।୨(ଡି.ଏନ.ଏ.)**

ତିଗିରିଆ ବ୍ଲକ ଅଧୀନ ନୂଆପାଟଣା ଶ୍ରୀଜଗନ୍ନାଥ ସମବାୟ ସୂତାକଳ ଅବସରପ୍ରାପ୍ତ କର୍ମଚାରୀଙ୍କ ସାଧାରଣ ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅଲ୍ ଓଡ଼ିଶା ଇପିଏଫ୍‌ଓ ପେନସନ ଆସୋସିଏଶନ ଉପସଭାପତି ଅଗାଧୁ ଚରଣ ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ସୂତାକଳ ବନ୍ଦ ହେବାପରେ ଭିଆରଏସ ଅବସର ନେଇଥିବା କର୍ମଚାରୀ ହଜାର ଟଙ୍କାରୁ କମ ପେନସନ ପାଇ ଆର୍ଥିକ ଅନଟନରେ ଜୀବନ ବିତାଉଛନ୍ତି। ଏଣୁ ଉକ୍ତ ସଭାରେ ପ୍ରମୋଦ ମଲ୍ଲ, କାଶୀନାଥ ନାୟକ, ସୁବାସ ନାୟକ ଓ ପ୍ରହ୍ଲାଦ ରାଉତଙ୍କ ସମେତ ଆସୋସିଏଶନ କର୍ମକର୍ତ୍ତା ବିଷ୍ଣୁଚରଣ ପଣ୍ଡା, ଶରତ ପାଣି, ଦଇତାରୀ ଭଦ୍ର ପ୍ରମୁଖ ଏହି ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏତଦ୍‌ବ୍ୟତୀତ ସର୍ବନିମ୍ନ ପେନସନ ୭,୫୦୦ଟଙ୍କା, ସୁପ୍ରିମ କୋର୍ଟଙ୍କ ଆଦେଶ ଅନୁଯାୟୀ ବର୍ଦ୍ଧିତ ପେନସନ୍ ଓ ଆୟୁଷ୍ମାନ ଭାରତ ଯୋଜନାରେ ସାମିଲ କରିବା ପାଇଁ ଦାବି ଉପସ୍ଥାପନ କରାଯାଇଥିଲା। ଦାବି ପୂରଣ ପାଇଁ ଏ ସମ୍ପର୍କରେ ସମସ୍ତ ରାଜନୈତିକ ଦଳର ନେତୃବୃନ୍ଦ, ଇପିଏଫ ଉଚ୍ଚ ପଦାଧିକାରୀଙ୍କୁ ଅବଗତ କରାଯାଇଥିବା ଆସୋସିଏଶନ ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା ସୂଚନା ଦେଇଥିଲେ। ଦାବି ପ୍ରତି ଉପଯୁକ୍ତ ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନ ହେବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଥିଲା।




ସଭାରେ ଯୋଗଦେଇଥିବା ଅବସରପ୍ରାପ୍ତ ସୂତାକଳ କର୍ମଚାରୀ।

## ରାସ୍ତା ମରାମତି ପାଇଁ ଦାବିପତ୍ର

**ସାଲେପୁର,୫।୨(ଡି.ଏନ.ଏ.)**

ସାଲେପୁର ବ୍ଲକ ଅଧୀନ ପିକୋଳ ପଞ୍ଚାୟତର ବୋଦାମୁଣ୍ଡାଇଠାରୁ ଦେଉଳିପାଟଣା ପର୍ଯ୍ୟନ୍ତ ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି। ତେଣୁ ଏହାର ଶୀଘ୍ର ମରାମତି ଦାବିକରି ଦେଉଳିପାଟଣା ଗ୍ରାମବାସୀ ମଙ୍ଗଳବାର ସାଲେପୁର ଅତିରିକ୍ତ ତହସିଲଦାରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ରାସ୍ତାଟି ଖାଲଖମାରେ ଭର୍ତ୍ତି ହୋଇଥିବାରୁ ଯାତାୟାତ କଷ୍ଟକର ହୋଇପଡ଼ିଛି। ଫଳରେ ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଗ୍ରାମବାସୀ କିଛିଦିନ ତଳେ ସ୍ଥାନୀୟ ସରପଞ୍ଚ ଏବଂ ବ୍ଲକ ପ୍ରଶାସନକୁ ରାସ୍ତା ମରାମତି ପାଇଁ ଦାବି କରିଥିଲେ। ଏଥିସହ ଗତବର୍ଷ ଅର୍ଥ ସଚିବ, ଜିଲାପାଳ ଓ ବ୍ଲକ ପ୍ରଶାସନିକ ଅଧିକାରୀ ରାସ୍ତାଦେଇ ଦେଉଳିପାଟଣାକୁ ଗଲାବେଳେ ଶୀଘ୍ର ରାସ୍ତା ମରାମତି କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାସତ୍ତ୍ୱେ ଅଦ୍ୟାବଧି ରାସ୍ତା ମରାମତି ହୋଇ ନ ଥିବାରୁ ଗ୍ରାମବାସୀ ତୁରନ୍ତ ସମସ୍ୟାର ସମାଧାନ ପାଇଁ ବିଡିଓଙ୍କ ଅନୁପସ୍ଥିତ ଯୋଗୁ ଅତିରିକ୍ତ ତହସିଲଦାର ସମୀର ରଞ୍ଜନ ଦାସଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ୭ଦିନ ମଧ୍ୟରେ ସମସ୍ୟାର ସମାଧାନ ହେବ ବୋଲି ଅତିରିକ୍ତ ତହସିଲଦାର ପ୍ରତିଶ୍ରୁତି ଦେଇଛନ୍ତି। ଏ ସମ୍ପର୍କରେ ପିକୋଳ ସରପଞ୍ଚ ରଣଜିତ ଦାସ କହିଛନ୍ତି, ଏହି ରାସ୍ତା ଗ୍ରାମ ଉନ୍ନୟନ ବିଭାଗ ଅଧୀନରେ ରହିଛି। ତେଣୁ ବିଭାଗ ପକ୍ଷରୁ ଶୀଘ୍ର ରାସ୍ତା ମରାମତି କରାଯିବ। ଦାବିପତ୍ର ପ୍ରଦାନବେଳେ ପୂର୍ବତନ ସରପଞ୍ଚ କଳ୍ପନା ମଲ୍ଲିକ, ରଶ୍ମିରଞ୍ଜନ ଶତପଥୀ, ମହେନ୍ଦ୍ର ଚୋଚ୍ଛାୟତ, ଦେବୀପ୍ରସାଦ କାଣ୍ଡି, ଅକ୍ଷୟ ସାମଲ, ଦେବାଶିଷ୍ ବେହେରା, ଲକ୍ଷ୍ମୀଧର କାଣ୍ଡି, ମହେନ୍ଦ୍ର ଗୋଚ୍ଛାୟତ, ଦୀପାଞ୍ଜଳି ବେହେରା, ସୌମେନ୍ଦ୍ର ଜେନା, ଧର୍ମେନ୍ଦ୍ର କାଣ୍ଡି ଓ ପ୍ରତିଭା ମଲ୍ଲିକଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।



ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।



ଯେ ଥରେ ତୁମକୁ ବିଶ୍ୱାସରେ ବିଷ ଦେଇଛି, ସେ ଯେ ଆଉଥରେ ନ ଦେବ ତା'ର ପ୍ରମାଣ କ'ଣ।
- ସେକ୍ସପିଅର



## ସଂକ୍ଷେପରେ

### ୪ ଚାଷୀଙ୍କୁ ଅଟକ ପରେ ଉତ୍ତେଜନା

**ଖୋର୍ଦ୍ଧା ଅଫିସ,୫।୨:** ରାଜଧାନୀରେ ବୁଧବାର ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଚାଷୀ ସମାବେଶ କରାଯିବ। ଏଭଳିସ୍ଥଳେ ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ବିନା କାରଣରେ ଟାଙ୍ଗିଆପଡାର ତ୍ରିନାଥ ବରାଳ, ବଡ ହଳଦିଆ ଲକ୍ଷ୍ମୀପ୍ରସାଦ ଭଞ୍ଜ, ଇନ୍ଦୁଭୂଷଣ ଭଞ୍ଜ ଓ ରବୀନ୍ଦ୍ର କୁମାର ସାହୁ ୪ ଜଣ ଚାଷୀଙ୍କୁ ଅଟକ ରଖିବା ପରେ ମଙ୍ଗଳବାର ଉତ୍ତେଜନା ଦେଖାଦେଇଛି। ଜିଲାର ବିଭିନ୍ନ ଅଞ୍ଚଳରୁ ଚାଷୀ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ସନ୍ଧ୍ୟା ପରଠାରୁ ମେଳି ହୋଇଥିଲେ। ଭୁବନେଶ୍ୱର ଯିବା ପୂର୍ବରୁ ପୋଲିସକୁ ଦୃଢ଼ ଜବାବ ଦେବାକୁ କ୍ଷେତ୍ର ପ୍ରସ୍ତୁତି ଚାଲିଛି। ବୁଧବାର ଭୋର ଅଥବା ପୂର୍ବାହ୍ନରେ ବଡଧରଣର ଗଣ୍ଡଗୋଳ ଘଟି ପାରେ ବୋଲି ଆଶଙ୍କା ପ୍ରକାଶ ପାଉଛି।

### ସଡ଼କ ଦୁର୍ଘଟଣାରେ ଆହତ ମହିଳାଙ୍କ ମୃତ୍ୟୁ

**ଖୋର୍ଦ୍ଧା ଅଫିସ,୫।୨:** କଲିକତା-ମାଡ୍ରାସ ୧୬ ନଂ. ଜାତୀୟ ରାଜପଥର ରାମେଶ୍ୱରଠାରେ କାର ଧକ୍କାରେ ଆହତ ହୋଇ କଟକ ବଡ ମେଡିକାଲରେ ଚିକିତ୍ସିତ ହେଉଥିବା ନୟାଗଡ ଜିଲା ରଣପୁର ଥାନା ନାକିଠଣା ଗାଁର ରଜନୀ ବେହେରାଙ୍କ ସୋମବାର ମୃତ୍ୟୁ ଘଟିଛି। ଏ ନେଇ ଜଙ୍କିଆ ଥାନାରେ ଅଭିଯୋଗ ହେବା ପରେ ପୋଲିସ ନଂ. ୧୪/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ନାକିଠଣା ଗାଁର ବ୍ରଜ ବେହେରାଙ୍କ ସ୍ତ୍ରୀ ରଜନୀ (୫୮) ପୁଅଙ୍କ ଶଳା ବାଇକ୍‌ରେ ବସି ଟାଙ୍ଗୀରୁ ଗୋଳବାଇକୁ ଫେରୁଥିଲେ। ୧୬ ନଂ. ଜାତୀୟ ରାଜପଥରେ ଆସୁଥିବାବେଳେ ରାମେଶ୍ୱରଠାରେ କାର (ନଂ. ଓଡି ୦୭ ୟୁ ୪୮୪୭) ପଛ ପାଖରୁ ଧକ୍କା ଦେଇଥିଲା। ଏଥିରେ ରଜନୀ ଆହତ ହୋଇଥିଲେ।

### ଦୁର୍ବୃତ୍ତ ଚୋରାଇ ନେଲେ ଡାଲା ଅଟୋ

**ଖୋର୍ଦ୍ଧା ଅଫିସ,୫।୨:** ଖୋର୍ଦ୍ଧା ସହରର କଣ୍ଟାବଜାରର ଓଡ଼ିଶା ହୋଟେଲ ପଛ ପାଖରୁ ସୋମବାର ରାତିରେ ଟାଟା ଏସିଇ ଡାଲା ଅଟୋ (ନଂ. ଓଡି୦୨ ଏଏମ୪୪୮୦)ଚୋରି ହୋଇଛି। ଏ ସମ୍ପର୍କରେ ଖୋର୍ଦ୍ଧା ଆଦର୍ଶ ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ପୋଲିସ ତ୍ୱରିତ ସେବା ଦେଇ ପାରୁ ନ ଥିବାରୁ ଚୋରି ଘଟଣା ଲୋକଲୋଚନକୁ ଆସିଲେ ବି ଚୋର ଧରାପଡୁନି। ଅଟୋ ଡ୍ରାଇଭର ଗାଡିକୁ ଓଡ଼ିଶା ହୋଟେଲ ପଛ ପାଖରେ ରଖି ସୋମବାର ସନ୍ଧ୍ୟାରେ ଘରକୁ ଯାଇଥିଲେ। ରାତି ପ୍ରାୟ ୧୧ଟାରେ ଜଣେ ଅଜଣା ବ୍ୟକ୍ତି ଆସି ଅଟୋକୁ ନେଇ ଯିବା ସମୟରେ ହୋଟେଲର ଜଣେ କର୍ମଚାରୀ ଦେଖିଥିଲେ। ସେ ପାଟିତୁଣ୍ଡ କରିଥିଲେ ମଧ ଦୁର୍ବୃତ୍ତ ଗାଡି ନେଇ ଚାଲି ଯାଇଥିଲେ। ଚୋରି ସମ୍ପର୍କରେ ପୋଲିସକୁ ଖବର ଦେଇଥିଲେ। ହେଲେ ପୋଲିସ କୌଣସି ପଦକ୍ଷେପ ନେଇ ନ ଥିଲା।

### ବଳରାମଦେବ କପ୍ ଫୁଟ୍‌ବଲ: ନୟାଗଡ଼ ବିଜୟୀ

**ଟାଙ୍ଗୀ(ଖୋର୍ଦ୍ଧା),୫।୨(ଡି.ଏନ.ଏ.):** ସ୍ଥାନୀୟ ଚିଲିକା ଷ୍ଟାଡିୟମ୍‌ରେ ରାଜ୍ୟସ୍ତରୀୟ ବଳରାମଦେବ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେଉଛି। ମଙ୍ଗଳବାର କ୍ରୀଡା ଛାତ୍ରାବାସ (ନୟାଗଡ଼) ଓ ଉତ୍କଳ ସ୍ପୋର୍ଟିଂ(ଜଟଣୀ) ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ନୟାଗଡ଼ ବିଜୟୀ ହୋଇଛି। ସଂଘର୍ଷପୂର୍ଣ୍ଣ ଖେଳ ଯୋଗୁ ଟାଇବ୍ରେକରରେ ୫/୩ ଗୋଲ୍‌ରେ କ୍ରୀଡ଼ା ଛାତ୍ରାବାସ ବିଜୟୀ ହୋଇ ସେମି ଫାଇନାଲ୍‌ରେ ପ୍ରବେଶ କରିଛି। ଖେଳ ପରିଚାଳନା କରିଥିଲେ ମନୋଜ ଶ୍ରୀଚନ୍ଦନ, ସୁକାନ୍ତ ବେହେରା, ବିପିନ ସାମନ୍ତରାୟ ଓ ଦିଲୀପ ଦାସ। ଅରୁଣ ରଞ୍ଜନ ମହାନ୍ତି, ନବ କିଶୋର ଝପଟସିଂହ, ସୁକେଶ ଦାସ, ପ୍ରିୟ କୁମାର ପାତ୍ର, ସମ୍ପାଦକ ବିଜୟ କୁମାର ରାଉତ, ବିଜେଡି ଜିଲା ସମ୍ପାଦକ ରଘୁନାଥ ସାହୁ ଅତିଥି ରୂପେ ଯୋଗଦେଇଥିଲେ। ଶ୍ରେଷ୍ଠ ଖେଳାଳି ଭାବେ ଡ. ଗୋଦାବରୀଶ ଦାସ ସ୍ମାରକୀ ଟ୍ରଫି ମନୋରଞ୍ଜନ ସୋରେନ୍‌ଙ୍କୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବିଧାୟକ ରାଜେନ୍ଦ୍ର କୁମାର ସାହୁ ପ୍ରଦାନ କରିଥିଲେ। ବୁଧବାର ଖେଳ କ୍ରୀଡା ଛାତ୍ରାବାସ (କଟକ) ଓ ବଳରାଜ କ୍ଲବ୍ (ଭଞ୍ଜନଗର) ମଧ୍ୟରେ ଅନୁଷ୍ଠିତ ହେବ।

# ଆଇନ ଆଢୁଆଳରେ ଚାଲିଛି ବାଲ୍ୟବିବାହ

**ଖୋର୍ଦ୍ଧା ଅଫିସ,୫।୨**

ବାଲ୍ୟବିବାହ ସମାଜରେ ଏକ କୁତ୍ସିତ ପରମ୍ପରା ହୋଇଥିଲେ ହେଁ ଆଇନ ଆଢୁଆଳରେ ଚାଲିଛି। ସରକାର ଏ ଦିଗରେ ଲଗାମ ଲଗାଇବାକୁ ବହୁ ଆଇନ ଆଣିଛନ୍ତି। ହେଲେ କେଉଁଠି ତ୍ରୁଟି ରହିଯାଉଛି। ଫଳରେ ପ୍ରଶାସନ ବାଲ୍ୟବିବାହ ଭଳି କୁପ୍ରଥାକୁ ରୋକିବାରେ ଅକ୍ଷମ ହେଉଛି। ଜୀବନକୁ ବୁଝି ନ ଥିବା ବୟସରେ ଝିଅଙ୍କୁ ମଥାରେ ସିନ୍ଦୁର, ହାତରେ ଶଙ୍ଖା ପିନ୍ଧି ଶାଶୁଘରକୁ ଯିବାକୁ ପଡୁଛି। ମନରେ ପ୍ରତିବାଦ ଓ କୋହ ଉଠୁଥିଲେ ମଧ ପରିବେଶ, ପରିସ୍ଥିତି ଏବଂ ପରିବାର ଲୋକଙ୍କ ଚାପ ଆଗରେ ମୁଣ୍ଡ ପାତି ନାବାଳିକା ଜଣକ ସମ୍ମତି ପ୍ରକାଶ କରୁଛନ୍ତି। ଖୋର୍ଦ୍ଧା ଜିଲାର ବୋଲଗଡ, ଭୁବନେଶ୍ୱର ମ୍ୟୁନିସିପାଲିଟି କର୍ପୋରେଶନ (ବିଏମ୍‌ସି)ରେ ବେଶି ବାଲ୍ୟବିବାହ ହେଉଥିବା ଅଭିଯୋଗ ହେଉଛି। ଜିଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ, ୨୦୧୭ ଏପ୍ରିଲରୁ ୨୦୧୮ ଅକ୍ଟୋବର ପର୍ଯ୍ୟନ୍ତ ପ୍ରଶାସନ

## ବୋଲଗଡ଼, ବିଏମ୍‌ସିରେ ସର୍ବାଧିକ

୧୮ ବାଲ୍ୟବିବାହ ବନ୍ଦ କରିଛି। ହେଲେ ପ୍ରଶାସନ ଜଟଣୀ ବେଣାପଞ୍ଜରୀରେ ୨୦୧୭ ଏପ୍ରିଲରେ ବାଲ୍ୟବିବାହ ବନ୍ଦ କରିବାରେ ବିଫଳ ହୋଇଥିଲା।

୨୦୧୭ ଏପ୍ରିଲରୁ ୨୦୧୮ ଅକ୍ଟୋବର ପର୍ଯ୍ୟନ୍ତ ବୋଲଗଡ ବ୍ଲକରେ ୫, ବିଏମ୍‌ସିରେ ୫, ବାଣପୁରରେ ୨, ଟାଙ୍ଗୀରେ ୨, ବେଗୁନିଆରେ ୩, ବାଲିଅନ୍ତାରେ ଗୋଟିଏ ବାଲ୍ୟବିବାହ ବନ୍ଦ କରାଯାଇଛି। ବାଲ୍ୟବିବାହ ପାଇଁ ଅନେକ କାରଣ ରହିଛି। ଗ୍ରାମାଞ୍ଚଳରେ ଝିଅ ଜଣେ ପାଠ ପଢି ଅଧିକ ବୟସ ହେଲେ ସମାଜ ନିନ୍ଦା କରିଥାଏ। ଅପବାଦ ଭୟରେ ମାଆବାପା ସ୍ୱଳ୍ପ ବୟସରେ ଝିଅଙ୍କୁ ବିବାହ ଦେଇ ଦେଉଛନ୍ତି। ଶତକଡା ୪୦ ପ୍ରତିଶତ ଗ୍ରାମାଞ୍ଚଳର ଝିଅ ୧୮ ବର୍ଷ ପୂର୍ବରୁ ବାହା ହୋଇଯାଉଛନ୍ତି। ଏ ନେଇ ସରକାର କି ପ୍ରଶାସନ କିଛି ଜାଣି ପାରୁନାହାନ୍ତି। କାରଣ ଏ ନେଇ ଅଭିଯୋଗ ଅଥବା ପ୍ରତିବାଦ କିଛି ହୋଇ ନ ଥାଏ। କମ୍ ବୟସରେ ବିବାହ ଦ୍ୱାରା ମା' ଓ ପିଲାଙ୍କ କ୍ଷତି ହୋଇଥାଏ। ଏଥିଲାଗି ଶିଶୁ ମୃତ୍ୟୁହାର ବୃଦ୍ଧି ପାଉଛି। ଝିଅମାନେ ଘରର ବୋଝ ବୋଲି ଅନେକେ ଭାବନ୍ତି। ଦାରିଦ୍ର୍ୟ ହେଉଛି ବାଲ୍ୟବିବାହର ମୁଖ୍ୟ କାରଣ। ଲିଙ୍ଗଗତ ଅସମାନତା ଯୋଗୁ କନ୍ୟା ସନ୍ତାନର ଅଭାବ ଯୋଗୁ ବାଲ୍ୟବିବାହ ଅଧିକ ଦେଖାଯାଉଛି। ଧନୀ ଘରର ଲୋକେ ଧନ ଲୋଭ ଦେଖାଇ ବାଲ୍ୟବିବାହ କରିବାକୁ ପ୍ରବର୍ତ୍ତାଉଛନ୍ତି। କିନ୍ତୁ ଗରିବ ପିତାମାତା ଏହାର କୁପରିଣତି ବିଷୟରେ ଅବଗତ କି ସଚେତନ ନୁହନ୍ତି। ଅନ୍ୟପକ୍ଷେ ଅବିବାହିତ ଝିଅପୁଅମାନଙ୍କ ଅଧିକାଂଶ କ୍ଷେତ୍ରରେ ଅବୈଧ ସମ୍ପର୍କ ରହୁଛି। ସେହି ସମ୍ପର୍କ ଲୋକଲୋଚନକୁ ଆସିବା ପୂର୍ବରୁ ଶୃଙ୍ଖଳିତ ଭାବେ ନିଜର ସମ୍ମାନ ରକ୍ଷା କରିବାକୁ କେତେଜଣ ପିତାମାତା ବୟସ ହୋଇ ନ ଥିଲେ ମଧ ବିବାହ କରାଇ ଦେଉଛନ୍ତି। କେତେଜଣ ନାବାଳିକା ବଳାତ୍କାରର ଶିକାର ହେଉଛନ୍ତି। ଥାନା ଓ କୋର୍ଟକୁ ମାଆବାପା ନ ଯାଇ ସମ୍ମାନକୁ ଆଖି ଆଗରେ ରଖି କଥା ପ୍ରଘଟ ନ କରି ଝିଅକୁ ଗୁପ୍ତ ବିବାହ କରି ଦେଉଛନ୍ତି। ଏହାକୁ ରୋକିବାକୁ ହେଲେ ନାରୀ ଶିକ୍ଷା, ସାମାଜିକ, ରାଜନୈତିକ ଓ ଅର୍ଥନୈତିକ କ୍ଷେତ୍ରରେ ନାରୀମାନଙ୍କ ଯୋଗଦାନ ଜରୁରୀ। ପୁରୁଷକେନ୍ଦ୍ରିକ ସମାଜରେ ନାରୀ ସ୍ୱାବଲମ୍ବୀ ହେବା ଦିଗକୁ ଅଣଦେଖା କରାଯିବା ଅନୁଚିତ। ଜଣେ ସ୍ୱାବଲମ୍ବୀ ନାରୀ ସମାଜରୁ ବାଲ୍ୟବିବାହ ରୋକିବା ଦିଗରେ ସକ୍ଷମ ହୋଇପାରିବେ। ସରକାରୀ ଆଇନ ଅପେକ୍ଷା ସମାଜର ଦୃଷ୍ଟିଭଙ୍ଗୀ, ନାରୀମାନଙ୍କ ପ୍ରତି ସମ୍ମାନବୋଧରେ ପରିବର୍ତ୍ତନ, ଉନ୍ନତି ଘଟିଲେ ହିଁ ଏକ ସଚେତନ ଓ ସଂସ୍କାରସମ୍ପନ୍ନ ନାରୀ ସମାଜ ଗଠନ ହୋଇପାରିବ ବୋଲି ମତପ୍ରକାଶ ପାଇଛି। ଜିଲା ସମାଜ ମଙ୍ଗଳ ଅଧିକାରୀ ମୋହିନୀ ସାହୁ କୁହନ୍ତି, ବାଲ୍ୟବିବାହ ରୋକିବାକୁ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ବେଆଇନ ବିବାହ ବନ୍ଦ କରାଯିବାକୁ ପଦକ୍ଷେପ ନିଆଯାଉଛି।



ଗଙ୍ଗପଡ଼ା ଗ୍ରାମର ଶ୍ରୀଗଙ୍ଗେଶ୍ୱର ଦେବଙ୍କ ନୂତନ ବୃଷଭ ପ୍ରତିଷ୍ଠା।

# ଗଙ୍ଗେଶ୍ୱର ଦେବଙ୍କ ନୂତନ ବୃଷଭ ପ୍ରତିଷ୍ଠା

**ଜଟଣୀ, ୫।୨(ଡି.ଏନ୍.ଏ.)**

ଜଟଣୀ ବ୍ଲକର ଗଙ୍ଗପଡ଼ା ଗ୍ରାମର ପ୍ରସିଦ୍ଧ ଶୈବପୀଠ ଶ୍ରୀଗଙ୍ଗେଶ୍ୱର ଦେବଙ୍କ ନୂତନ ବୃଷଭ ପ୍ରତିଷ୍ଠା ଉପଲକ୍ଷେ ଯଜ୍ଞ ଓ ପୂଜାନୀତି ଆରମ୍ଭ ହୋଇଛି। ୩ ତାରିଖରୁ ଆରମ୍ଭ ହୋଇଥିବା ଏହି ଆଧ୍ୟାତ୍ମିକ ଉତ୍ସବ ବୁଧବାର ପୂର୍ଣ୍ଣାହୁତି ହେବ। ୨୨ ଫୁଟ ଉଚ୍ଚ ଓ ୨୭ ଫୁଟ ଲମ୍ବର ବୃଷଭ ଶିଳ୍ପୀ ଦିବାକର ମହାରଣା ଓ ତାଙ୍କ ସହଯୋଗୀଙ୍କ ଦ୍ୱାରା ନିର୍ମାଣ କରାଯାଇଛି। ଏଥିପାଇଁ ସୋମବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଗଙ୍ଗେଶ୍ୱର ପୋଖରୀରୁ ୧୦୮ ମହିଳାପୁରୁଷଙ୍କ ଦ୍ୱାରା କଳସଯାତ୍ରା ନଗର ପରିକ୍ରମା କରିଥିଲା। ଆଲଟ, ଛତ୍ରୀ, ତ୍ରାସ, ଚାମର, ବାନା, ବଇରଥ, ଘଣ୍ଟ, ମର୍ଦ୍ଦଳ ସହିତ ଖୋଳ କରତାଳ ସହିତ କର୍ତ୍ତା ବିଭୁଦତ ପାହାଡ଼ସିଂହ ଏକ ପାଲିଙ୍କିରେ ଯଜ୍ଞସ୍ଥଳ ପର୍ଯ୍ୟନ୍ତ ଆଣିଥିଲେ। ପଣ୍ଡିତ ରଘୁନାଥ ରଥ ଓ ସାଥୀ ପଣ୍ଡିତଙ୍କ ଦ୍ୱାରା ପୂଜା ନୀତି ଚାଲିଛି। ଯଜ୍ଞରେ ଗଙ୍ଗାପଡା ଓ ନିକଟବର୍ତ୍ତୀ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମନ୍ଦିରର ପୂଜକ ଲକ୍ଷ୍ମଣ ସାମନ୍ତ ଓ ଅନ୍ୟମାନେ ଗଙ୍ଗେଶ୍ୱର ଦେବଙ୍କ ଚଳନ୍ତି ପ୍ରତିମାକୁ ଯଜ୍ଞସ୍ଥଳରେ ବିଜେ କରାଇଥିଲେ। ଏହି ପରିପ୍ରେକ୍ଷୀରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହାକୁ ଆୟୋଜନ କରିବାରେ ଗ୍ରାମର ପ୍ରସନ୍ନ କୁମାର ବିଧାର, ଅକ୍ଷୟ କୁମାର ଛୋଟରାୟ, ରଜନୀ ଛୋଟରାୟ, ସମରେନ୍ଦ୍ର ବଳିଆରସିଂହ, ସରୋଜ କୁମାର ମଙ୍ଗରାଜ, ମନ୍ମଥ ବିଧାର, ପ୍ରକାଶ ସୁବୁଦ୍ଧି ଓ ଗ୍ରାମବାସୀ ସହାୟତା କରୁଛନ୍ତି।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଭାଜପା ନେତା ଓ କର୍ମୀ।

# ମୋ ବୁଥ୍ ସବୁଠୁ ମଜଭୁତ କାର୍ଯ୍ୟକ୍ରମ

**ବୋଲଗଡ,୫।୨(ଡି.ଏନ.ଏ.)**

ବେଗୁନିଆ ନିର୍ବାଚନମଣ୍ଡଳୀରେ ବୁଥ୍‌ସ୍ତରୀୟ ସଂଗଠନକୁ ମଜଭୁତ କରିବା ପାଇଁ ଭାଜପା ପକ୍ଷରୁ 'ମୋ ବୁଥ୍ ସବୁଠୁ ମଜଭୁତ' କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ବୋଲଗଡ଼ସ୍ଥିତ ନନ୍ଦିଘୋଷ ଭବନର ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଭାଜପା ନେତ୍ରୀ ଅପରାଜିତା ଷଡ଼ଙ୍ଗୀ ଯୋଗଦେଇ ପ୍ରାର୍ଥୀଙ୍କ ବିଜୟ ଉପରେ ବିଶେଷ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବୋଲଗଡ଼ ଓ ବେଗୁନିଆ ବ୍ଲକର ୨୩୮ ବୁଥ୍‌ର ପ୍ରମୁଖ ଓ ସହ ପ୍ରମୁଖମାନେ ଯୋଗଦେଇଥିଲେ। ଭାଜପା ରାଜ୍ୟ ଓବିସି ମୋର୍ଚ୍ଚାର ସାଧାରଣ ସମ୍ପାଦକ ପ୍ରକାଶ ବିଜୁଳି, ରବୀନ୍ଦ୍ର କୁମାର ପରିଡ଼ା, ପୂର୍ବତନ ଜିଲା ସମ୍ପାଦକ ଲୋତକବିନ୍ଦୁ ପଟ୍ଟନାୟକ, ମହିଳା ନେତ୍ରୀ ଜୟଶ୍ରୀ ପଟ୍ଟନାୟକ, କୃଷକ ନେତା ବିଶ୍ୱଜିତ ସ୍ୱାଇଁ, ପୂର୍ବତନ ମଣ୍ଡଳ ସଭାପତି ସୁବାସ ଚନ୍ଦ୍ର ମିଶ୍ର, ପ୍ରଦୀପ ବଳିୟାରସିଂହ, ସିଲୁ ବଳିୟାରସିଂହ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

### ବଙ୍ଗିଦା କ୍ରିକେଟ: ନଁପୁଟ ବିଜୟୀ

**ଖୋର୍ଦ୍ଧା ଅଫିସ,୫।୨**

ଖୋର୍ଦ୍ଧା ବ୍ଲକ ବଙ୍ଗିଦା ଖେଳପଡିଆରେ ୧୮ତମ ରାଜ୍ୟସ୍ତରୀୟ ବଙ୍ଗିଦା କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୨ୟ ଦିବସ ଲିଗ୍ ମ୍ୟାଚରେ ନଁପୁଟ କ୍ରିକେଟ କ୍ଲବ ଭୁବନେଶ୍ୱର ୧୮ ରନରେ ଆବ୍ରାରର କ୍ରିକେଟ କ୍ଲବ ନିଆଳିକୁ ପରାସ୍ତ କରି ବିଜୟୀ ହୋଇଛି। ଟସ୍ ଜିତି ନଁପୁଟ କ୍ରିକେଟ କ୍ଲବ ୨୦ ଓଭରରେ ୬ ଉଇକେଟ ହରାଇ ୨୩୦ ରନ କରିଥିଲା। ଜବାବରେ ଆବ୍ରାରର କ୍ରିକେଟ କ୍ଲବ ୨୦ ଓଭରରେ ୭ ଉଇକେଟ ହରାଇ ୨୧୨ ରନ କରିଥିଲା। ବିଜୟୀ ନଁପୁଟ ଦଳର ବିକାଶ ପାଢ଼ୀ ଅପରାଜିତ ୪୦ ବଲରେ ୧୦ ଛକା, ୯ ଚୌକା ସହ ୧୧୦ରନ କରି ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ସୁବ୍ରତ ଦାଶ ଓ ଛବି ନାରାୟଣ ସାହୁ ଖେଳ ପରିଚାଳନା କରିଥିଲେ।

### ଛତ୍ରପଡ଼ାରେ ପୋଡ଼ିଯାଉଛି ପାଳଗଦା

**ଖୋର୍ଦ୍ଧା ଅଫିସ,୫।୨:** ଖୋର୍ଦ୍ଧା ତହସିଲ ବରସାହି ପଞ୍ଚାୟତ ଛତ୍ରପଡାରେ କିଛିଦିନ ହେଲା ପାଳଗଦାରେ ନିଆଁ ଲାଗି ପୋଡିଯାଉଛି। କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଉଥିଲେ ମଧ ଜଣାପଡୁନି। ୨ରୁ ୩ ଦିନ ମଧ୍ୟରେ ଅଗ୍ନିକାଣ୍ଡ ଘଟୁଛି। ଯୁଗଳ ମୁଦୁଲି, ମହାଦେବ ସାହୁ, ଅଜିତ ବେହେରା, କେଦାରଶ୍ୱର ବେହେରାଙ୍କ ପାଳଗଦା ପୋଡିଯାଇଥିବା ଜଣାପଡିଛି। ଫଳରେ ସ୍ଥାନୀୟ ଲୋକ ଭୟଭୀତ ହୋଇ ପଡିଛନ୍ତି।



ଉଇଲକିଶନନଗର ପ୍ରତିଷ୍ଠା ହୋଇଥିବା ଅଁଳାଇଙ୍କ ମନ୍ଦିର।

# ଅଁଳାଇ ଦେବୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଖୋର୍ଦ୍ଧା ଅଫିସ,୫।୨**

ଖୋର୍ଦ୍ଧା ବ୍ଲକର ଉଇଲକିଶନନଗର (ସାହେବ ନୂଆଗାଁ)ରେ ଅଁଳାଇ ଦେବୀଙ୍କ ମନ୍ଦିର ଓ ପାର୍ଶ୍ୱଦେବତାଙ୍କ ପ୍ରତିଷ୍ଠା ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଁଳାଇ ଠାକୁରାଣୀ ଓ ମନ୍ଦିର ଉପର ଦଧିନଉତିକୁ ଅସ୍ଥାୟୀ ପାହାଚ ଯୋଗେ ଯାଇ ୨୦୦ ଲିଟର କ୍ଷୀରରେ ସ୍ନାନ କରାଯାଇଥିଲା। ମାନସିକଧାରୀ ଆଣିଥିବା ୪୦୦ କଳସ ଜଳରେ ମନ୍ଦିର ଦଧି ନଉତିରେ ଢ଼ାଳିଥିଲେ। ସନ୍ଧ୍ୟାରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଏ ଅବସରରେ ଶନିବାର ୪୦୦ରୁ ଉର୍ଦ୍ଧ୍ୱ ମହିଳାପୁରୁଷ ଝରିଆ ପୋଖରୀଠାରୁ କଳସ ଶୋଭାଯାତ୍ରାରେ ବାହାରି ମନ୍ଦିରରେ ପହଞ୍ଚିଥିଲେ। ସୂର୍ଯ୍ୟପୂଜା, ଗୋପୂଜା ପରେ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଥିଲା। ବୁଧବାର ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ପରେ ଯଜ୍ଞ ଉଦ୍‌ଯାପିତ ହେବ। ପୂର୍ବରୁ ଛୋଟିଆ ମନ୍ଦିରରେ ମା' ପୂଜା ପାଉଥିଲେ। ଆଖପାଖ ଅଞ୍ଚଳର ପ୍ରତ୍ୟକ୍ଷ ଦେବୀ ଭାବେ ମା' ଜଣାଶୁଣା।

# ଚୋରି ଉଦ୍ୟମ: ସିସିଟିଭିରେ ନାବାଳକ କଏଦ

**ଖୋର୍ଦ୍ଧା ଅଫିସ,୫।୨**

ଖୋର୍ଦ୍ଧା ସହର ବିକାଶନଗରର ଆଇନଜୀବୀ ମନ୍ମଥ ମିଶ୍ରଙ୍କ ଘରେ ସୋମବାର ଭୋର ସମୟରେ ଚୋରି ଉଦ୍ୟମ ହୋଇଥିଲା। ଦୁର୍ବୃତ୍ତ ଜଣକ ସିସିଟିଭି ଭାଙ୍ଗି ଚୋରି କରିବାକୁ ଉଦ୍ୟମ କରିଥିଲେ। ତେବେ ପରିବାର ଲୋକ ଉଠିଯିବାରୁ ଚୋରି ନ କରି ଫେରି ଯାଇଥିଲେ। ତେବେ ଫେରିବା ବେଳେ ଆଇନଜୀବୀଙ୍କ ପ୍ରାଚୀର କଡରେ କ୍ଷୀରାବ୍ଧି ତନୟା ପାତ୍ରଙ୍କ ନାଁରେ ବିକ୍ୟୁଏକ୍ସ ପିପି ୧୯୭୩ ଏମ୍‌ର ଏକ ପାନ୍ କାର୍ଡ, କୁଳମଣି ଭୋଳ, ପିତା ଗିରିରଧାରୀ ରାଉତଙ୍କ ନାଁରେ ଆଧାର କାର୍ଡ, ଏକ ଲକର ଚାବି, ଆଉ କିଛି ଉପକରଣ ପକାଇ ଯାଇଛନ୍ତି। ସୋମବାର ସକାଳେ ଚୋରି ଉଦ୍ୟମ କରୁଥିବା ଦୁର୍ବୃତ୍ତ ଜଣେ ନାବାଳକ ବୋଲି ଜଣାପଡିଛି। ସେ ସ୍ଥାନୀୟ ଅଞ୍ଚଳର। ନାବାଳକ ଜଣକ ଚୋରି ପାଇଁ ଉଦ୍ୟମ କରୁଥିବାବେଳେ ସିସିଟିଭି ଭାଙ୍ଗୁଥିବା କ୍ୟାମେରାରେ କଏଦ ହୋଇ ରହିଯାଇଛି। ଏ ନେଇ ମନ୍ମଥ ସୋମବାର ଆଦର୍ଶ ଥାନାରେ ଅଭିଯୋଗ କରିଥିଲେ। ମଙ୍ଗଳବାର ସନ୍ଧ୍ୟାରେ ପ୍ରାଚୀର ନିକଟରୁ ପାନ୍ କାର୍ଡ ପରି ବିଭିନ୍ନ ସାମଗ୍ରୀ ଜବତ ହୋଇଛି।



ପାଚେରି ପାଖରୁ ଜବତ ହୋଇଥିବା ପାନ୍ ଓ ଆଧାର କାର୍ଡ ଏବଂ ଚାବି।

### ଚିନ୍ମୟ ସ୍ମାରକୀ କ୍ରିକେଟ୍

**ଟାଙ୍ଗୀ(ଖୋର୍ଦ୍ଧା),୫।୨(ଡି.ଏନ.ଏ.):** ଚିଲିକା ବ୍ଲକ ପଞ୍ଚୁପାଟିଆ ଗ୍ରାମର ଜୟ ମା' କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଚିନ୍ମୟ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେଉଛି। ମଙ୍ଗଳବାର ଖେଳର ଦ୍ୱିତୀୟ ଦିନରେ ବାବା କୁଞ୍ଜବିହାରୀ କ୍ରିକେଟ୍ କ୍ଲବ୍ (ଖଡିପଦର) ବିଜୟୀ ହୋଇଛି। ଟସ୍ ଜିତି ଖଡିପଦର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର୍‌ରେ ୩୪୮ ରନ୍ ସଂଗ୍ରହ କରିଥିଲା। ଜବାବରେ ମା' ତାରା କ୍ରିକେଟ୍ କ୍ଲବ୍ (ଭଜାଗଡ) ୧୭.୩ ଓଭର୍‌ରେ ମାତ୍ର ୧୩୮ ରନ୍ କରି ପରାଜିତ ହୋଇଥିଲା। ଖେଳ ପରିଚାଳନା କରିଥିଲେ ବିଜୟ ଖାଟୋଇ ଓ ପିଣ୍ଟୁ ତରାଇ। ସାମାଜିକ କର୍ମୀ ରଙ୍କନାଥ ବିଶ୍ୱାଳ ଅତିଥି ରୂପେ ଯୋଗଦେଇଥିଲେ। ବିଶ୍ୱଜିତ୍ ଜେନା, ଚିତ୍ତରଞ୍ଜନ ସାମନ୍ତରାୟ, ଆଶିଷ ସୁବୁଦ୍ଧି ଓ ପୁପୁନି ସାମନ୍ତରାୟ ପ୍ରମୁଖ ଖେଳରେ ସହଯୋଗ କରିଥିଲେ।

# ବାଲୁଗାଁ ବାଇପାସ୍‌ରୁ ଲୁଟେରା ଝାମ୍ପିନେଲେ ୫୦ହଜାର

**ବାଲୁଗାଁ,୫।୨(ଡି.ଏନ.ଏ.)**

ବାଲୁଗାଁ-ବାଣପୁର ବାଇପାସ୍ ୧୬ନଂ ଜାତୀୟ ରାଜପଥ ଓଭରବ୍ରିଜ୍ ଠାରେ ଦୁଇଜଣ ଦୁର୍ବୃତ୍ତ ସ୍ୱଷ୍ଟ ଦିବାଲୋକରେ ବାଇକରେ ଯାଉଥିବା ଶ୍ୱଶୁରଜ୍ୱାଇଁଙ୍କ ଠାରୁ ୫୦ହଜାର ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ ଲୁଟେରାଙ୍କ ଟେର୍ ପାଇ ନାହିଁ।

ବାଲୁଗାଁ ନିକଟସ୍ଥ ହରିକୁଣ୍ଡବରଡ଼ି ଗ୍ରାମର ଲକ୍ଷ୍ମୀଧର ପ୍ରଧାନ ମଙ୍ଗଳବାର ଅପରାହ୍ନ ଗୋଟାଏବେଳେ ନାଚୁଣୀସ୍ଥିତ ୟୁକୋ ବ୍ୟାଙ୍କରୁ ୫୦ହଜାର ଟଙ୍କା ଉଠାଇ ବାଲୁଗାଁକୁ ବସ୍ ଯୋଗେ ଆସିଥିଲେ। ବାଲୁଗାଁରେ ପହଞ୍ଚିବା ପରେ ନନ୍ଦପୁର ଗ୍ରାମରେ ଥିବା ନିଜ ଜ୍ୱାଇଁକୁ ଆସି ତାଙ୍କୁ ନେଇଯିବା ପାଇଁ ଫୋନ କରିଥିଲେ। ପରେ ଶ୍ୱଶୁର ଜ୍ୱାଇଁ ବାଇକ୍‌ରେ ଯିବା ବେଳେ ବାଲୁଗାଁ-ବାଣପୁରର ଓଭର ବ୍ରିଜ୍‌ଠାରେ ଦୁଇଜଣ ଲୁଟେରା ଏକ ନମ୍ବର ବିହୀନ ବାଇକ୍‌ରେ ଆସି ଲକ୍ଷ୍ମୀଧର ଧରିଥିବା ଟଙ୍କା ବ୍ୟାଗକୁ ଝାମ୍ପି ନେଇ ଗଞ୍ଜାମ ଅଭିମୁଖେ ଚାଲିଯାଇଥିଲେ। ଲୁଟେରାମାନେ ଝାମ୍ପିବା ସମୟରେ ବାଇକ ଚଳାଉଥିବା ଲକ୍ଷ୍ମୀଧରଙ୍କ ଜ୍ୱାଇଁ ନିୟନ୍ତ୍ରଣ ହରାଇବାରୁ ଗାଡି ସହ ଶ୍ୱଶୁର ଜ୍ୱାଇଁ ତଳେ ପଡି ଯାଇ ଆହତ ହୋଇଛନ୍ତି। ଏସଂପର୍କରେ ସ୍ଥାନୀୟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସରଜମିନ୍ ତଦନ୍ତ ଚଳାଇଛି। ଲକ୍ଷ୍ମୀଧରଙ୍କ ଅଭିଯୋଗ ଅନୁଯାୟୀ ସେ ଧରିଥିବା ବ୍ୟାଗ୍‌ରେ ୫୦ହଜାର ଟଙ୍କା ସହ ୨ଟି ଏଟିଏମ୍ କାର୍ଡ, ୨ଟି ବ୍ୟାଙ୍କ ପାସ୍‌ବୁକ୍ ଇତ୍ୟାଦି ରହିଥିଲା। ଏହି ଘଟଣା ପରେ ପୋଲିସ ତରଫରୁ ଦିବାରାତ୍ର ପାଟ୍ରୋଲିଂ କରିବା ନିମନ୍ତେ ସାଧାରଣରେ ଦାବି ହେଉଛି।

# ମାଗଣା ସ୍ୱାସ୍ଥ୍ୟ ଶିବିର

**ଯାଁଳା, ୫।୨(ଡି.ଏନ.ଏ.)**

ଜଟଣୀ ବ୍ଲକ ଯାଁଳା ପଞ୍ଚାୟତରେ ମଙ୍ଗଳବାର ମାଗଣା ସ୍ୱାସ୍ଥ୍ୟ ଶିବିର ହୋଇଯାଇଛି। ଏଥିରେ ଦନ୍ତ, ଚକ୍ଷୁ, କର୍ଣ୍ଣ, ନାଶା, ଚର୍ମ, ଡାଇବେଟିସ, ଜଣ୍ଡିସ, ସ୍ତ୍ରୀରୋଗ ଡାକ୍ତରମାନେ ରୋଗୀମାନଙ୍କ ଚିକିତ୍ସା କରିଥିଲେ। ପ୍ରାୟ ୩ ଶହରୁ ଉର୍ଦ୍ଧ୍ୱ ରୋଗୀ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ସହ ମାଗଣାରେ ଔଷଧ ନେଇଥିଲେ। ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାର ଡାକ୍ତରମାନଙ୍କ ଦ୍ୱାରା ଏହି ଶିବିର ହୋଇଥିଲା। ଏଥିରେ ଯାଁଳା ସରପଞ୍ଚ ପ୍ରଦୋଷ କୁମାର ଜେନା, ଅଙ୍ଗନୱାଡି, ଆଶା କର୍ମୀ ଓ ଯାଁଳା ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର, ମହିଳା ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀମାନେ ସହଯୋଗ କରିଥିଲେ।



ଡାକ୍ତରଙ୍କ ନିକଟରେ ରୋଗୀଙ୍କ ଭିଡ଼।

# ଜନଜାତି ମହିଳାଙ୍କୁ ଔଦ୍ୟୋଗିକ ବିକାଶ ପ୍ରଶିକ୍ଷଣ

## ୧୧ ଦିନରେ ଆଦିବାସୀ ମେଳା

**ଭୁବନେଶ୍ୱର,୫।୨(ବ୍ୟୁରୋ)**

ଆଦିବାସୀ ମେଳା ଦେଖିବାକୁ ସନ୍ଧ୍ୟା ହେଲେ ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆରେ ପଡୁଛି ଲକ୍ଷ ଲକ୍ଷ ଲୋକଙ୍କ ପାଦ। ୧୧ ଦିନରେ ପହଞ୍ଚିଥିବା ଏହି ମେଳାରେ ଲୋକେ ପାହାଡ଼ି ମୁଲକରୁ ଆସିଥିବା ଜନଜାତିମାନଙ୍କର ମୌଳିକ ଗୁଣବତ୍ତା ବିଶିଷ୍ଟ ସାମଗ୍ରୀ କିଣିବାକୁ ବିଶେଷ ଆଗ୍ରହ ଦେଖାଉଛନ୍ତି। ଜନଜାତି ସଭ୍ୟତା ଏବଂ ସଂସ୍କୃତି ସମ୍ପର୍କରେ ଅଧିକ ଜାଣିବାକୁ ଛାତ୍ରୀଛାତ୍ର ଓ ଗବେଷକମାନଙ୍କ ମଧ୍ୟରେ ମଧ ଉତ୍ସାହ ଦେଖିବାକୁ ମିଳୁଛି। ମେଳା ପରିସରରେ ଅନୁସୂଚିତ ଜାତି ଓ ଜନଜାତି ଗବେଷଣା ପ୍ରତିଷ୍ଠାନ ତରଫରୁ ଖୋଲାଯାଇଥିବା ଷ୍ଟଲ୍‌ରେ ବହି କିଣିବା ପାଇଁ ସେମାନଙ୍କ ଭିଡ଼ ଜମୁଛି। ଓଡ଼ିଶାର ୬୨ ପ୍ରକାର ଜନଜାତି ଓ ୧୩ ପ୍ରକାର ପ୍ରାଚୀନତମ ଜନଜାତିଙ୍କ ଜୀବନଶୈଳୀ ସମ୍ପର୍କରେ ଲିଖିତ ବିଭିନ୍ନ ପୁସ୍ତକ ଏଠାରେ ଉପଲବ୍ଧ ହେଉଛି।

ଅନ୍ୟପକ୍ଷରେ ମଙ୍ଗଳବାରଠାରୁ ଆଇଟିଡିଏ ଓ ମାଇକ୍ରୋ ପ୍ରୋଜେକ୍ଟ ଅଞ୍ଚଳରୁ ଆସିଥିବା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ଔଦ୍ୟୋଗିକ ବିକାଶ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଦ୍ୱାରା ଜନଜାତି ମହିଳାମାନେ ସେମାନଙ୍କ ଦ୍ୱାରା ଉତ୍ପାଦିତ ଖାଦ୍ୟଶସ୍ୟର ପ୍ରକ୍ରିୟାକରଣ, ପ୍ୟାକେଜିଂ ଓ ସେ ସବୁର ଉଚିତ ବିପଣନ ସମ୍ପର୍କରେ ଜାଣିପାରିବେ। ଆଧୁନିକ ଜ୍ଞାନକୌଶଳ ଉପଯୋଗ ମାଧ୍ୟମରେ କିଭଳି ସେମାନେ ନିଜ ବ୍ୟବସାୟିକ ତଥା ବୃତ୍ତିଗତ ଦକ୍ଷତା ବଢ଼ାଇ ପାରିବେ, ସେ ନେଇ ଏଠାରେ ପ୍ରଶିକ୍ଷଣ ଦିଆଯିବ। ୟୁନିଟ୍-୧ସ୍ଥିତ ଆଦିବାସୀ ପଡ଼ିଆ ପ୍ରେକ୍ଷାଳୟରେ ଆୟୋଜିତ କାର୍ଯ୍ୟକ୍ରମକୁ ଅନୁସୂଚିତ ଜାତି, ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ସଚିବ ପ୍ରଫେସର ଡ. ଅଖିଳ ବିହାରୀ ଓତା ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ କୃଷି ବିଶେଷଜ୍ଞ ଜ୍ୟୋତିରଞ୍ଜନ ମହାପାତ୍ର ଓ ବିକାଶ ପାତ୍ର ମହିଳାମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।



କଳାକାରଙ୍କ ଦ୍ୱାରା ପରିବେଷିତ ଆଦିବାସୀ ନୃତ୍ୟ।

### ଆଦିବାସୀ ଖାଦ୍ୟର ଚାହିଦା

ଶୀତୁଆ ସନ୍ଧ୍ୟାରେ ଗରମ ବରା, ପିଆଜି ସାଙ୍ଗକୁ ଘୁଗୁନିର ମଜା ନେଉଛନ୍ତି ଆଦିବାସୀ ମେଳା ବୁଲିବାକୁ ଆସିଥିବା ଲୋକେ। ମେଳା ପରିସରରେ ଥିବା ଜନଜାତି ଖାଦ୍ୟ ପ୍ରାଙ୍ଗଣରେ ଏଥର ମୁଢ଼ିମାଂସ ଓ ପରିବା ପିଠାର ସର୍ବାଧିକ ଚାହିଦା ରହିଛି। ଏହାସହ ଆଦିବାସୀମାନଙ୍କ ପାରମ୍ପରିକ ଖାଦ୍ୟ ମାଣ୍ଡିଆ ଜାଉ, ମାଣ୍ଡିଆ ପିଠା, ଏଣ୍ଡୁରି, ପୋଡ଼ପିଠା, ମୁଆଁପିଠା, ପାଲୁଅ ଖିରି, ମଟନ ବଡ଼ି, କାକରା ପିଠାକୁ ଲୋକେ ପସନ୍ଦ କରୁଛନ୍ତି। ସେହିପରି କଟିଙ୍ଗ୍ ବରା, ମୁଢ଼ି-ଆଳୁଦମ୍ ଓ ମଣ୍ଡା ପିଠା, ଚଣା ମସଲାର ମଧ ଡିମାଣ୍ଡ ରହିଛି। ପିଠାର ଦାମ୍ ୫ ଟଙ୍କାରୁ ଆରମ୍ଭ କରି ୨୦ ଟଙ୍କା ପର୍ଯ୍ୟନ୍ତ ରହୁଥିବା ବେଳେ ପାଲୁଅ ଓ କଡ଼ି ଖିରି ଠୁଙ୍ଗାକୁ ୧୦ ଟଙ୍କା ରହୁଛି।



ଯେ ଥରେ ତୁମକୁ ବିଶ୍ୱାସରେ ବିଷ ଦେଇଛି, ସେ ଯେ ଆଉଥରେ ନ ଦେବ ତା'ର ପ୍ରମାଣ କ'ଣ।
-ସେକ୍ସପିଅର



## ସଂକ୍ଷେପରେ

### ବୋଟ ଆମ୍ବୁଲାନ୍ସ ଅଚଳାବସ୍ଥା ନେଇ ଜିଲାପାଳଙ୍କୁ ନିର୍ଦ୍ଦେଶ

**ବ୍ରହ୍ମଗିରି, ୫।୨(ଡି.ଏନ୍.ଏ.):** ଚିଲିକାରେ ରୋଗୀମାନଙ୍କୁ ନେବା ଆଣିବା ପାଇଁ ଆରମ୍ଭ ହୋଇଥିବା ବୋଟ ଆମ୍ବୁଲାନ୍ସ ଦୀର୍ଘ ଦିନ ଧରି ଅଚଳ ହୋଇ ପଡ଼ିରହିଅଛି। ଏ ନେଇ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ ହେବା ପରେ ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ ପାଇଁ ୯।୧।୨୦୧୯ରେ ପୁରୀ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁସାରେ, ପୁରୀ ଜିଲାର କୃଷ୍ଣପ୍ରସାଦ ବ୍ଲକ ୧୬ ଗ୍ରାମ ପଞ୍ଚାୟତ ବାସୀ ଓ ପର୍ଯ୍ୟଟକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଓ ଜିଲାପ୍ରଶାସନ ଉଦ୍ୟମରେ ଚିଲିକା ମଧ୍ୟରେ ଏକ ବୋର୍ଟ ଆମ୍ବୁଲାନ୍ସ ଆରମ୍ଭ ହୋଇଥିଲା। କିନ୍ତୁ ଆରମ୍ଭରୁ ଏହା କାର୍ଯ୍ୟକାରୀ ହେଉ ନ ଥିବାରୁ ଲକ୍ଷାଧିକ ଟଙ୍କା ଖତ ଖାଉଛି। ଏ ନେଇ ଆଇନଜୀବୀ ରମାଶଙ୍କର ପାତ୍ର ୨୦୧୭ ମସିହାରେ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ କରିଥିଲେ। ପରେ ୧୦୨୮/୧୭ରେ ଏକ ମକଦ୍ଦମା ରୁଜୁ ହୋଇଥିଲା। ମାର୍ଚ୍ଚ ୮ରେ ପରବର୍ତ୍ତୀ ଶୁଣାଣି ପାଇଁ ସ୍ଥିର ହୋଇଛି।

### ଶଙ୍ଖ, ମାଳି ଦୋକାନ ଉପରେ ବୋମାମାଡ଼

**ପୁରୀ ଅଫିସ,୫।୨:** ସମୁଦ୍ରକୂଳ ଥାନା ଅଧୀନ ଚକ୍ରତୀର୍ଥ ରୋଡ ଗାନ୍ଧାର ହୋଟେଲ ନିକଟ ଏକ ଶଙ୍ଖ, ମାଳି ଦୋକାନ ଉପରକୁ ମଙ୍ଗଳବାର ରାତିରେ ବୋମାମାଡ ହୋଇଛି। ଏଥିରେ କେହି ମୃତାହତ ହୋଇନାହାନ୍ତି। ଦୋକାନରେ ଥିବା ବହୁ ସାମଗ୍ରୀ ନଷ୍ଟ ହୋଇଯାଇଛି। ପୂର୍ବ ଶତ୍ରୁତା ଏବଂ ଦାଦାବଟିକୁ ନେଇ ବୋମା ମାଡ ହୋଇଥିବା ପୋଲିସର ପ୍ରାଥମିକ ଅନୁସନ୍ଧାନରୁ ଜଣାପଡିଛି। ଫଳରେ ଲୋକେ ଭୟଭିତ ହୋଇପଡିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ ଚଳାଇଛି। ଉକ୍ତ ଅଞ୍ଚଳରେ ଜଗନ୍ନାଥ ବସ୍ତି ନାମକ ଯୁବକଙ୍କ ଶଙ୍ଖ ମାଳି ଦୋକାନ ରହିଛି। ରାତିରେ କେତେଜଣ ଦୁର୍ବୃତ୍ତ ବାଇକ୍ ଯୋଗେ ଆସି ତାଙ୍କ ଦୋକାନକୁ ଲକ୍ଷ୍ୟ କରି ବୋମାମାଡ କରି ଫେରାର ହୋଇ ଯାଇଥିଲେ। ସେହି ସମୟରେ ଦୋକାନରେ କେହି ଉପସ୍ଥିତ ନ ଥିଲେ। ବୋମାମାଡ ଭୟରେ ସେଠାରେ ଉପସ୍ଥିତ ଥିବା ଲୋକେ ଏବଂ ସେହି ରାସ୍ତା ଦେଇ ଯାଉଥିବା ପର୍ଯ୍ୟଟକ ଦୌଡିବାକୁ ଲାଗିଥିଲେ। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଖବର ଲେଖା ହେବା ସୁଦ୍ଧା ଥାନାରେ ଏ ନେଇ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡିଛି।

### ୬ ପ୍ରତିଭା ହେଲେ କଳିଙ୍ଗ ସୁନ୍ଦରୀ

**ପୁରୀ ଅଫିସ, ୫।୨:** ତିନିଦିନ ଧରି ଚାଲିଥିବା କଳିଙ୍ଗ ସୁନ୍ଦରୀ ସିଜନ-୨ ଗତ ୪ ତାରିଖରେ ଶରଧାବାଲି ମୁକ୍ତାକାଶ ରଙ୍ଗ ମଞ୍ଚରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଏକକ ଅଭିନୟ, ନୃତ୍ୟ, ଯନ୍ତ୍ରସଙ୍ଗୀତ, କଣ୍ଠ ସଙ୍ଗୀତ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରୁ ପ୍ରତିଯୋଗୀ ଭାଗ ନେଇଥିଲେ। କନିଷ୍ଠ ବିଭାଗରେ ଭୁବନେଶ୍ୱରର ସିମ୍ରନ ଶର୍ମିଷ୍ଠା ଦାସ, ବରିଷ୍ଠ ବିଭାଗରେ ଭୁବନେଶ୍ୱରର ସୌମ୍ୟା ପ୍ରଧାନ, ଶିବାନୀ ପାଠକ, ବ୍ରହ୍ମପୁରର ଶ୍ରୀୟାସ୍ମିତି ରାଉତ, ରାଉରକେଲାର ସ୍ୱାଗତିକା ପାଣିଗ୍ରାହୀ ଓ ଶିବାନୀ ବାଗେଲ ଏବଂ ଝାଡ଼ଖଣ୍ଡର ପ୍ରଜ୍ଞାଶ୍ରୀ କଳିଙ୍ଗ ସୁନ୍ଦରୀ ବିବେଚିତ ହୋଇଥିଲେ। ପ୍ରଥମ ଦୁଇଦିନ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ଏବଂ ଉଦ୍‌ଯାପନୀ ମୁକ୍ତାକାଶ ରଙ୍ଗମଞ୍ଚରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଇଣ୍ଡୋନେସିଆ କଳିଙ୍ଗ ବାଲି ସଙ୍ଗମର ସଭାପତି ଅଗଷ୍ଟ ଇନ୍ଦ୍ରୟନ ଏବଂ ସମ୍ମାନିତ ଅତିଥି ଭାବେ ଡା. ଆଲୋକ ଲୋଧ, ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ସରକାରୀ ଆଇନଜୀବୀ ଭଗବାନ ପଢିଆରୀ, ଯୁବନେତା ଅରୁଣ କୁମାର ମିଶ୍ର, ରବିନାରାୟଣ ମିଶ୍ର, ଜିତେନ୍ଦ୍ର କୁମାର ସ୍ୱାଇଁ ଯୋଗଦେଇଥିଲେ। ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବିନୋଦ ପଣ୍ଡା ଏଥିରେ ସଭାପତିତ୍ୱ କରିଥିବା ବେଳେ ଅନୁଷ୍ଠାନର ସଭାପତି ପ୍ରଭାତ ପୃଷ୍ଟି, ସାଧାରଣ ସମ୍ପାଦକ ରଜନୀକାନ୍ତ ମିଶ୍ର, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ଚିଦାତ୍ମିକା ଖଟୁଆ ମଞ୍ଚାସୀନ ଥିଲେ। ସୁରେଶ ଚନ୍ଦ୍ର ବାରିକ, ଅମୀୟ ମିଶ୍ର, ଆଲୋକ ମହାପାତ୍ର, ପୃଥ୍ୱିରାଜ ମଙ୍ଗରାଜ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

■ ଆରମ୍ଭ ହେବ ବ୍ୟାଖ୍ୟାନ କେନ୍ଦ୍ର ଇଣ୍ଟେରିୟର କାମ

# ଭକ୍ତ, ପର୍ଯ୍ୟଟକ ଜାଣିବେ ଶ୍ରୀମନ୍ଦିରର ଐତିହ୍ୟ, ପରମ୍ପରା

**ପୁରୀ ଅଫିସ, ୫।୨**

ପର୍ଯ୍ୟଟନ ସହର ପୁରୀକୁ ପ୍ରତିଦିନ ହଜାର ହଜାର ପର୍ଯ୍ୟଟକ ଏବଂ ଶ୍ରଦ୍ଧାଳୁ ଆସିଥାନ୍ତି। ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରିବା ସହ ବିଭିନ୍ନ ପୁରାତନ ମଠ ମନ୍ଦିର ବୁଲନ୍ତି। ଏତଦ୍‌ବ୍ୟତୀତ ସ୍ୱର୍ଣ୍ଣାଭ ବେଳାଭୂମି ମଧ୍ୟ ଅନେକଙ୍କୁ ଆକୃଷ୍ଟ କରିଥାଏ। ଏହି ଶ୍ରଦ୍ଧାଳୁ ଏବଂ ପର୍ଯ୍ୟଟକଙ୍କ ମନରେ ଆଧାତ୍ମିକ ଜାଗରଣ ସୃଷ୍ଟି କରିବା ଲାଗି ଇଣ୍ଟରପ୍ରିଟେଶନ ସେଣ୍ଟର (ବ୍ୟାଖ୍ୟାନ କେନ୍ଦ୍ର)ର ପରିକଳ୍ପନା କରାଯାଇଛି। ଏଥିପାଇଁ ଶ୍ରୀଜଗନ୍ନାଥ ବଲ୍ଲଭ ମଠ ପରିସରରେ କୋଠା ତିଆରି ସରିଥିବା ବେଳେ ଏହାକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ଲାଗି ପ୍ରକ୍ରିୟା ଆରମ୍ଭ କରିଛି ପର୍ଯ୍ୟଟନ ବିଭାଗ। ଶ୍ରୀମନ୍ଦିର ପ୍ରଶାସନ ଏବଂ ଜିଲା ପ୍ରଶାସନ ସହଯୋଗରେ ଖୁବ୍ ଶୀଘ୍ର ଏହାର ଇଣ୍ଟେରିୟର କାମ ଆରମ୍ଭ ହେବାକୁ ଥିବାବେଳେ ମଙ୍ଗଳବାର ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଏ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଐତିହ୍ୟ ଓ ପରମ୍ପରାକୁ ଆହୁରି ସୁଦୂରପ୍ରସାରୀ ଏବଂ ଲୋକାଭିମୁଖୀ କରିବା ଏହି କେନ୍ଦ୍ରର ମୂଳ ଲକ୍ଷ୍ୟ। ଓଡ଼ିଶା



■ଗଜପତି ମହାରାଜାଙ୍କ ଅଧ୍ୟକ୍ଷତାରେ ବୈଠକ

■ଗଠନ ହେଲା ୫ ଜଣିଆ ସବ୍ କମିଟି

ତଥା ଦେଶ ବିଦେଶରୁ ଆସୁଥିବା ଶ୍ରଦ୍ଧାଳୁ ଏବଂ ପର୍ଯ୍ୟଟକ ଏହି ମହାନ ସଂସ୍କୃତି ଓ ପରମ୍ପରା ବିଷୟରେ ଯେପରି ସହଜରେ ଅବଗତ ହୋଇପାରିବେ ସେଥିଲାଗି କେନ୍ଦ୍ରରେ ବିଭିନ୍ନ କଳାକୃତି, ପେଣ୍ଟିଂ ତଥ୍ୟ ସହ ପ୍ରଦର୍ଶିତ ହେବ। ପେଣ୍ଟିଂଗୁଡ଼ିକ ଶାସ୍ତ୍ରୀୟ ପରମ୍ପରା ଅନୁଯାୟୀ ହେବ। କୌଣସି ଭୁଲ୍ ଭଟକା ଯେପରି ନ ହେବ ସେଥିଲାଗି ସବ୍ କମିଟି ଗଠନ କରାଯାଇଛି। ଏହି କମିଟିରେ ପରିଚାଳନା କମିଟି ସଦସ୍ୟ ମହିମୋହନ ତ୍ରିପାଠୀ, ବରିଷ୍ଠ ସେବକ ରବୀନ୍ଦ୍ର ନାଥ ପ୍ରତିହାରୀ, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ.ନରେଶ ଚନ୍ଦ୍ର ଦାଶ, ଅସିତ୍ ମହାନ୍ତି ଓ ଡ.ଭାସ୍କର ମିଶ୍ରଙ୍କୁ ନେଇ ଗଠିତ କମିଟି ପରାମର୍ଶକ୍ରମେ କେନ୍ଦ୍ରରେ ମହାପ୍ରଭୁଙ୍କ ଐତିହ୍ୟ, ସଂସ୍କୃତି ଏବଂ ପରମ୍ପରା ସ୍ଥାନିତ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଥ୍ରୀ ଡି ମାଧ୍ୟମରେ ମଧ୍ୟ ଭକ୍ତମାନେ ମହାପ୍ରଭୁଙ୍କ ବିଷୟରେ ଅନେକ କିଛି ଦେଖିପାରିବେ ବୋଲି ବୈଠକରେ ଆଲୋଚନା କରାଯାଇଛି।

ବିଶେଷକରି ବ୍ୟାଖ୍ୟାନ କେନ୍ଦ୍ରରେ ମହାପ୍ରଭୁଙ୍କ ବିଭିନ୍ନ ବେଶ, ଶ୍ରୀମନ୍ଦିରର ନିର୍ମାଣ, ଏହାର ଇତିହାସ, ପରମ୍ପରା, ସେବାପୂଜା, ରୀତିନୀତି, ପର୍ବପର୍ବାଣି, ରଥଯାତ୍ରା ଓ ଅନ୍ୟାନ୍ୟ କଳା ସ୍ଥାପତ୍ୟ ପ୍ରଦର୍ଶିତ ହେବାର ଯୋଜନା ରହିଛି। ଏଥିସହ ପୁରୀର ବିଭିନ୍ନ ପ୍ରକାର ଖାଦ୍ୟ, ପାରମ୍ପରିକ ସାହିଯାତ ସମ୍ପର୍କରେ ଯେପରି ପର୍ଯ୍ୟଟକମାନେ ଜାଣିପାରିବେ ତାହାର ବ୍ୟବସ୍ଥା କରାଯିବ। ଏହାର କାରୁକାର୍ଯ୍ୟ ତଥା ଇଣ୍ଟେରିୟର କାମ ଦିଲ୍ଲୀର ଏକ ସଂସ୍ଥା ନେଇଛି। ସମ୍ପୃକ୍ତ ସଂସ୍ଥା ସବ୍ କମିଟି ପରାମର୍ଶ ଅନୁଯାୟୀ ଖୁବ୍‌ଶୀଘ୍ର କାମ ଆରମ୍ଭ କରିବ ବୋଲି ନିଷ୍ପତ୍ତି ହୋଇଛି।

ଏ ସମ୍ପର୍କରେ ଗଜପତି ମହାରାଜା ଦିବ୍ୟସିଂହ ଦେବ କହିଛନ୍ତି, ଶ୍ରୀକ୍ଷେତ୍ରକୁ ଆସୁଥିବା ପର୍ଯ୍ୟଟକ ଏବଂ ଭକ୍ତମାନେ ବ୍ୟାଖ୍ୟାନ କେନ୍ଦ୍ରରେ ମହାପ୍ରଭୁଙ୍କ ମହିମା ଏବଂ ସଂସ୍କୃତି ବିଷୟରେ ଜାଣିପାରିବେ। ବର୍ତ୍ତମାନ ଏହି କାମ ଜାରି ରହିଛି। ବର୍ଷେ ମଧ୍ୟରେ ଏହି କାମ ପୂର୍ଣ୍ଣାଙ୍ଗ ହୋଇଯିବ ବୋଲି ଆଶା ରହିଛି। ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କହିଛନ୍ତି, ପର୍ଯ୍ୟଟନ ବିଭାଗର ଏହି ପ୍ରକଳ୍ପ ଲାଗି କୋଠା ନିର୍ମାଣ ସରିଛି। ଏହାର ଇଣ୍ଟେରିୟର କାମ ସିଦ୍ଧାର୍ଥ ଦାସଙ୍କୁ ଦିଆଯାଇଛି। ଏଥିରେ ଯେପରି କୌଣସି ଭୁଲ ଭଟକା ନ ହୁଏ ସେଥିପାଇଁ ପ୍ରଫେସର, ଗବେଷକ, ବିଶେଷଜ୍ଞ ପ୍ରମୁଖଙ୍କୁ ନେଇ ଏହି ବୈଠକ ଡକାଯାଇଥିଲା। ଏଥିପାଇଁ ଏକ ସବ୍ କମିଟି ଗଠନ କରାଯାଇଛି। ଯେ କୌଣସି କାମ ହେବ ତାହା ସବ୍ କମିଟି ଜ୍ଞାତସାରରେ ହିଁ ହେବ। ଏଥିରେ ଶ୍ରୀଜଗନ୍ନାଥଙ୍କ ଐତିହ୍ୟ, ପରମ୍ପରା ଆଦି ସ୍ଥାନ ପାଇବ। ଶ୍ରୀମନ୍ଦିର ନିର୍ମାଣର ଇତିହାସ, ରଥଯାତ୍ରା, ସେବକ ସଂସ୍କୃତି, ସାହିଯାତ ସବୁ ବିଷୟରେ ଯେ କେହି ଏହି କେନ୍ଦ୍ରରୁ ହିଁ ସୂଚନା ପାଇପାରିବେ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି। ବୈଠକରେ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଆର୍.ପି. ସିଂହ, ଜିଲାପାଳ ଜ୍ୟୋତିପ୍ରକାଶ ଦାସ, କିସ୍‌ର କୁଳପତି ହରେକୃଷ୍ଣ ଶତପଥୀ, ବରିଷ୍ଠ ସେବକ ଇଂ. ବଳଦେବ ସିଂହାରୀଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ।





ସ୍ୱର୍ଗତ ରାମଚନ୍ଦ୍ର ପ୍ରତିହାରୀଙ୍କ ଫଟୋଚିତ୍ରରେ ବିଶିଷ୍ଟ ବ୍ୟକ୍ତିମାନେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛନ୍ତି।

■ ବର୍ଷିୟାନ ଅଭିନେତା ରାମଚନ୍ଦ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା

# ମଞ୍ଚ, ସିନେ ଜଗତର ଅଦ୍ୱିତୀୟ ପ୍ରତିଭା

**ପୁରୀ ଅଫିସ,୫।୨**

ବର୍ଷିୟାନ ମଞ୍ଚ ଅଭିନେତା, ଶତାବ୍ଦୀର କଳାକାର ଓ ସିନେ ଜଗତର ଭୀଷ୍ମ ପିତାମହ ଭାବେ ପରିଚିତ ରାମଚନ୍ଦ୍ର ପ୍ରତିହାରୀଙ୍କ ଦଶାହ ଅବସରରେ ମଙ୍ଗଳବାର ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ସମସ୍ତ କଳାକାର ଏବଂ ପୁରୀ ଆର୍ଟିଷ୍ଟ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଶିକ୍ଷାବିତ୍ କୈଳାସ ଚନ୍ଦ୍ର ଟିକାୟତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାହିତ୍ୟ ଏକାଡେମୀ ସଭାପତି ଡ. ହରିହର ମିଶ୍ର, ଅଭିନେତା ପ୍ରସନ୍ନ ମିଶ୍ର, ସଙ୍ଗୀତ ନିର୍ଦ୍ଦେଶକ ମନ୍ମଥ ମିଶ୍ର, ବିପିନ ବାରିକ, ପୂର୍ବତନ ସଂସ୍କୃତି ଅଧିକାରୀ ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଅଭିନେତା ସମରେଶ ସାମନ୍ତରାୟ ଉପସ୍ଥିତ ଥିଲେ। ପୂର୍ବତନ କାଉନସିଲର ଭକ୍ତଚରଣ ଦାସ, ସାହିତ୍ୟିକ ସଦାଶିବ ମିଶ୍ର, ସୂର୍ଯ୍ୟନାରାୟଣ ରଥଶର୍ମା, ପୁରୀ ଆର୍ଟିଷ୍ଟ ଆସୋସିଏଶନର ସମ୍ପାଦକ ରାମକୃଷ୍ଣ ମହାପାତ୍ର, ସଭାପତି ବିକାଶ ଦତ୍ତ, ଚନ୍ଦ୍ରମଣି ଲେଙ୍କା, ନୃତ୍ୟଗୁରୁ ନାରାୟଣ ପାଣ୍ଡେ ପ୍ରମୁଖ ତାଙ୍କ ସ୍ମୃତିଚାରଣ କରିଥିଲେ। ବମ୍ବେର ସିନେ ଅଭିନେତା ଆୟୁଷ ଜାଡେଜା ଏହି ଅବସରରେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇଥିଲେ। ରାମଚନ୍ଦ୍ରଙ୍କ ସହିତ ସେ କରିଥିବା ହିନ୍ଦୀ ଚଳଚ୍ଚିତ୍ରର ସ୍ମୃତିଚାରଣ କରିବା ସହ ସେ ଜଣେ ଅଦ୍ୱିତୀୟ କଳାକାର ଥିଲେ ବୋଲି କହିଥିଲେ। ସେ ଏକାଧାରରେ ମଞ୍ଚ, ଚଳଚ୍ଚିତ୍ର ଜଗତର ଜଣେ ଅନନ୍ୟ ପ୍ରତିଭା ଥିଲେ। ଜଣେ ଓଡ଼ିଆ ହୋଇ ମଧ୍ୟ ହିନ୍ଦୀ ଚଳଚ୍ଚିତ୍ରରେ ତାଙ୍କ ନିଖୁଣ ଅଭିନୟ ଦେଖି ମୁଁ ତାଙ୍କ ମୋହରେ ପଡିଯାଇଥିଲି। ତାଙ୍କ ଅଭିନୟରେ ବାସ୍ତବତା ରହିଥାଏ ବୋଲି ସେ କହିଥିଲେ। ରଙ୍ଗଶାଳା ନିର୍ଦ୍ଦେଶକ ବିକ୍ରମ ସାହୁ ଏବଂ ଭାନୁ ମିଶ୍ର ମଞ୍ଚ ସଂଯୋଜନା କରିଥିଲେ। ଚାରୁ ଓ କାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଦୁର୍ଗା ପ୍ରସାଦ କର ୱାଟର କଳରେ ରାମଚନ୍ଦ୍ରଙ୍କ ତୈଳଚିତ୍ର ପ୍ରସ୍ତୁତ କରିଥିଲେ। ଏହି ଅବସରରେ ଶତାଧିକ କଳାକାର ତାଙ୍କ ତୈଳଚିତ୍ରରେ ପୁଷ୍ପ ଅର୍ପଣ କରିଥିଲେ।

# ଗଜପତିଙ୍କୁ ସାକ୍ଷାତ୍ କଲେ ଦଇତାପତି ନିଯୋଗ ନୂତନ କର୍ମକର୍ତ୍ତା



ଦଇତାପତି ନିଯୋଗର ନୂତନ କର୍ମକର୍ତ୍ତାମାନେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କୁ ସାକ୍ଷାତ୍ କରୁଛନ୍ତି।

**ପୁରୀ ଅଫିସ, ୫।୨**

■ମହାପ୍ରଭୁଙ୍କ ସେବା ସମସ୍ତଙ୍କ ପ୍ରାଧାନ୍ୟ ହେଉ

■ଶାନ୍ତି ଶୃଙ୍ଖଳାର ସହ ରଥଯାତ୍ରା ସମ୍ପନ୍ନ ପାଇଁ ପରାମର୍ଶ

ଦଇତାପତି ନିଯୋଗର ନୂତନ କର୍ମକର୍ତ୍ତା ମଙ୍ଗଳବାର ଗଜପତି ମହାରାଜା ଦିବ୍ୟସିଂହ ଦେବ ଏବଂ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ରଙ୍କୁ ସାକ୍ଷାତ୍ କରିଛନ୍ତି। ସନ୍ଧ୍ୟାରେ ନିଯୋଗର ୧୫ ଜଣିଆ କାର୍ଯ୍ୟକାରୀ କମିଟି ଶ୍ରୀନଅରକୁ ଯାଇଥିଲେ। ଶ୍ରୀମନ୍ଦିରରେ ସଂସ୍କାର ଏବଂ ଶୃଙ୍ଖଳା ସମ୍ପର୍କରେ ଗଜପତି ମହାରାଜା ଏବଂ କର୍ମକର୍ତ୍ତାଙ୍କ ମଧ୍ୟରେ ପ୍ରାୟ ଦେଢଘଣ୍ଟା ଧରି ଆଲୋଚନା ହୋଇଥିଲା। ଗଜପତି ମହାରାଜା ସମସ୍ତଙ୍କ କଥା ଶୁଣିଥିଲେ। ଏହା ପରେ ସେମାନଙ୍କୁ କେତେକ ପରାମର୍ଶ ମଧ୍ୟ ଦେଇଥିଲେ। ସମସ୍ତେ ମହାପ୍ରଭୁଙ୍କ ସେବାକୁ ପ୍ରାଧାନ୍ୟ ଦେବାକୁ ଗଜପତି କହିବା ସହ ଠାକୁରଙ୍କ ପ୍ରତି ସମର୍ପଣ ଭାବ ରଖି ସେବା କରିବା ଦରକାର ବୋଲି କହିଥିଲେ। ଆଗକୁ ରଥଯାତ୍ରା ଆସୁଛି। ଏହାକୁ ବିଶ୍ୱବାସୀ ଦେଖୁଛନ୍ତି। ତେଣୁ ରଥଯାତ୍ରା କିପରି ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହେବ ସେଥିଲାଗି ସମସ୍ତେ ମିଳିମିଶି ଉଦ୍ୟମ କରିବା ଦରକାର। ଏହାଦ୍ୱାରା ଶ୍ରୀମନ୍ଦିର ଏବଂ ପୁରୀର ଗୌରବ ବୃଦ୍ଧି ପାଇବ। ସେହିପରି ଶ୍ରୀମନ୍ଦିରର ସଂସ୍କାର ଏବଂ ଭକ୍ତମାନେ ଯେପରି ଶାନ୍ତି ଶୃଙ୍ଖଳାର ସହ ମହାପ୍ରଭୁଙ୍କୁ ଦର୍ଶନ କରି ଭଲ ଅନୁଭୂତି ନେଇ ଫେରିବେ ତାହା ଉପରେ ମଧ୍ୟ ଆଲୋଚନା ହୋଇଥିଲା। ପୂର୍ବାହ୍ନରେ ନବନିଯୁକ୍ତ ଏହି କର୍ମକର୍ତ୍ତାମାନେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟକୁ ଯାଇ ମୁଖ୍ୟ ପ୍ରଶାସକଙ୍କୁ ସାକ୍ଷାତ୍ କରିଥିଲେ। ନୂତନ କର୍ମକର୍ତ୍ତାମାନଙ୍କୁ ମୁଖ୍ୟ ପ୍ରଶାସକ ଶୁଭେଚ୍ଛା ଜଣାଇଥିଲେ। ମନ୍ଦିର ପ୍ରଶାସନ ନୂଆ କର୍ମକର୍ତ୍ତାଙ୍କୁ ସମସ୍ତ ପ୍ରକାର ସହଯୋଗ କରିବ ବୋଲି କହିଥିଲେ। ଏଥିସହ ଆଗକୁ ରଥଯାତ୍ରା ଯେପରି ଶୃଙ୍ଖଳାର ସହ ସମ୍ପନ୍ନ କରାଯିବ ସେଥିଲାଗି ସେମାନଙ୍କୁ ଉତ୍ସାହିତ କରିଥିଲେ। କର୍ମକର୍ତ୍ତାମାନେ ମୁଖ୍ୟ ପ୍ରଶାସକଙ୍କ ନିକଟରେ କିଛି ମୌଖିକ ଦାବି ରଖିଥିଲେ। ଏହାକୁ ମୁଖ୍ୟ ପ୍ରଶାସକ ସାଦରେ ଗ୍ରହଣ କରିଥିଲେ। ଏହି ସମୟରେ ଜିଲାପାଳ ଜ୍ୟୋତିପ୍ରକାଶ ଦାସ, ରାଜସ୍ୱ ପ୍ରଶାସକ ମଧୁସୂଦନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ଘରୋଇ ଚିକିତ୍ସାଳୟରେ ବନ୍ଦ ହେବ ବୀମା ସୁବିଧା

**ପୁରୀଅଫିସ, ୫।୨**

ରାଜ୍ୟ ଘରୋଇ ଚିକିତ୍ସାଳୟ ସଂଘର ନିଷ୍ପତ୍ତି କ୍ରମେ ପୁରୀ ଜିଲାରେ ପଞ୍ଜୀକୃତ ଘରୋଇ ଚିକିତ୍ସାଳୟ, ନର୍ସିଂହୋମ ଏବଂ କ୍ଲିନିକ୍ ସଂସ୍ଥା ସରକାରଙ୍କ ବିଭିନ୍ନ ସ୍ୱାସ୍ଥ୍ୟ ବୀମା (ଆରଏସ୍‌ବିୱାଇ, ବିକେକେୱାଇ-୧, ବିକେକେୱାଇ-୨, ବିଏସ୍‌କେୱାଇ) ମଙ୍ଗଳବାର ବନ୍ଦ କରିଛନ୍ତି। ଏ ନେଇ ପୁରୀ ଜିଲା ସଂଘ ପକ୍ଷରୁ ଏକ ଦାବିପତ୍ର ଜିଲା ମୁଖ୍ୟଚିକିତ୍ସାଧିକାରଙ୍କୁ ପ୍ରଦାନ କରିଛନ୍ତି। ୩ଦଫା ଦାବି ନେଇ ସଂଘ ପକ୍ଷରୁ ଏହି ଯୋଜନା ଗୁଡ଼ିକୁ ବନ୍ଦ କରାଯାଇଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ କୌଣସି ଘରୋଇ ଚିକିତ୍ସାଳୟରେ ରୋଗୀ ମାନଙ୍କୁ ବୀମା ଜନିତ ସୁବିଧା ପ୍ରଦାନ କରାଯିବ ନାହିଁ ବୋଲି ଦାବିପତ୍ରରେ ଦର୍ଶାଯାଇଛି। ରାଜ୍ୟର ଅଧିକାଂଶ ଚିକିତ୍ସାଳୟର ବୀମା ବାବଦ କୋଟି କୋଟି ଟଙ୍କା ସରକାରଙ୍କ ଉପରେ ବକେୟା ରହିଛି। ବାରମ୍ବାର ଅନୁରୋଧ ସତ୍ତ୍ୱେ ସଂପୃକ୍ତ ଚିକିତ୍ସାଳୟ ଗୁଡ଼ିକୁ ବକେୟା ପ୍ରଦାନ ନେଇ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। କୌଣସି ରୋଗର ଚିକିତ୍ସା ଲାଗି ସରକାରଙ୍କ ପକ୍ଷରୁ ଅର୍ଥ ସ୍ଥିର କରାଯିବାବେଳେ ଘରୋଇ ଚିକିତ୍ସାଳୟର ପରାମର୍ଶ ନିଆଯାଉନାହିଁ। ଅନେକ ସମୟରେ ବୀମାରୁ ଅର୍ଥ ପଇଠ ବେଳେ ରୋଗୀଙ୍କ ସମ୍ପର୍କୀୟ ଏବଂ ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଅଶାନ୍ତି ସୃଷ୍ଟି ହେଉଛି। ରାଜ୍ୟ ଘରୋଇ ଚିକିତ୍ସାଳୟ ସଂଘର କାର୍ଯ୍ୟକାରିଣୀ ସଦସ୍ୟ ଇଂ.ରାଜେଶ ମିଶ୍ର କୁହନ୍ତି, ରାଜ୍ୟ ସରକାର ଚିକିତ୍ସାଳୟ ଗୁଡ଼ିକୁ ସୁରକ୍ଷା ପ୍ରଦାନ ଲାଗି 'ପ୍ରିଭେନସନ୍ ଅଫ ଭାଇଓଲେନ୍ସ ଏଣ୍ଡ ଡ୍ୟାମେଜ୍ ଟୁ ପ୍ରପର୍ଟି ଆକ୍ଟ-୨୦୦୮' ପ୍ରଣୟନ କରିଛନ୍ତି। ଏହା ସରକାରୀ ଚିକିତ୍ସାଳୟରେ ଲାଗୁ କରାଯାଇଛି। ଏହି ଆଇନକୁ ଘରୋଇ କ୍ଷେତ୍ରରେ ମଧ୍ୟ ଲାଗି କରିବାକୁ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି ବୋଲି ସେ କହିଛନ୍ତି।

■ ରେଲୱେ ଡାକ୍ତରଙ୍କ ସ୍ତ୍ରୀ ହତ୍ୟା ଘଟଣା

# ଡାକ୍ତର, ନର୍ସ ଦମ୍ପତିଙ୍କ ପଲିଗ୍ରାଫ ଟେଷ୍ଟ

**ପୁରୀ ଅଫିସ, ୫।୨**

ବହୁଚର୍ଚ୍ଚିତ ପୁରୀ ରେଲୱେ ଡାକ୍ତର ସ୍ତ୍ରୀଙ୍କ ହତ୍ୟାକାଣ୍ଡ ମାମଲାରେ ମଙ୍ଗଳବାର ରେଲୱେ ଡାକ୍ତର ସଞ୍ଜୀବ ସାହୁ ଏବଂ ପୁରୀ ରେଲୱେ ଷ୍ଟେଶନରେ କାର୍ଯ୍ୟରତ ଜନୈକ ନର୍ସ ଏବଂ ତାଙ୍କ ସ୍ୱାମୀଙ୍କର ଭୁବନେଶ୍ୱର ସ୍ଥିତ ଫୋରେନସିକ୍ ଲାବୋରେଟୋରୀରେ ପଲିଗ୍ରାଫ ଟେଷ୍ଟ ହୋଇଥିବା ନେଇ ସମୁଦ୍ରକୂଳ ଥାନା ଅଧିକାରୀ ବିଶ୍ୱରଞ୍ଜନ ସେନାପତି ସୂଚନା ଦେଇଛନ୍ତି। ଏ ନେଇ ସପ୍ତାହ ପୂର୍ବରୁ ୩ଜଣଙ୍କୁ ପୋଲିସ ନୋଟିସ୍ କରାଯାଇଥିଲା।

ମିଳିଥିବା ସୂଚନା ପ୍ରକାରେ, ଡିସେମ୍ବର ୧୭ତାରିଖ ସମୁଦ୍ରକୂଳ ଥାନା ଅଧୀନ ବିଏନ୍‌ଆର ହୋଟେଲ ପଛପଟ ରେଲୱେ କ୍ୱାର୍ଟର୍ସରୁ ପୁରୀ ରେଲୱେ ଡାକ୍ତର ସାହୁଙ୍କ ସ୍ତ୍ରୀ ସୁଜାତାଙ୍କ ରକ୍ତରଞ୍ଜିତ ମୃତଦେହ ଉଦ୍ଧାର କରାଯାଇଥିଲା। ସଞ୍ଜୀବ ଏହି ହତ୍ୟାକାଣ୍ଡ ପଛରେ ରେଲୱେ ମେଡିକାଲରେ କାର୍ଯ୍ୟରତ ଜଣେ ନର୍ସ ଓ ତାଙ୍କ ସ୍ୱାମୀଙ୍କ ହାତ ରହିଥିବା ନେଇ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ହତ୍ୟା ମାମଲା ରୁଜୁ କରି ଅନୁସନ୍ଧାନ ଆରମ୍ଭ କରିଥିଲା। ପ୍ରଥମେ ସଂପୃକ୍ତ ନର୍ସ, ପରେ ସଞ୍ଜୀବ ଏବଂ ପରେ ନର୍ସଙ୍କ ସ୍ୱାମୀକୁ ଥାନାକୁ ଡାକି ଜେରା କରିଥିଲା। ଏପରିକି ମୃତଦେହର ଭିସାରା ଟେଷ୍ଟ ଲାଗି ପୋଲିସ ଫୋରେନ୍‌ସିକ ଲାବୋରେଟୋରୀକୁ ପଠାଇଛି। ଏହି ମାମଲା ପରଠାରୁ ଉକ୍ତ କ୍ୱାର୍ଟର୍ସରେ ତାଲା ଝୁଲୁଛି। ଏହି ମାମଲାକୁ ଦେଢ ମାସ ବିତିଲାଣି। ପୋଲିସ ବର୍ତ୍ତମାନ ସୁଦ୍ଧା ହତ୍ୟାକାଣ୍ଡ ରହସ୍ୟ ଉନ୍ମୋଚନ କରିବାରେ ବିଫଳ ହୋଇଛି। ଏ ନେଇ ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପଲିଗ୍ରାଫ ଟେଷ୍ଟ ରିପୋର୍ଟକୁ ଆଧାର କରି ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। ହତ୍ୟାକାଣ୍ଡର ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରହିଛି। ଆବଶ୍ୟକ ପଡିଲେ ପୁଣି ଥରେ ସେମାନଙ୍କୁ ସାମନାସାମନି ଜେରା କରାଯିବ ବୋଲି ଥାନା ଅଧିକାରୀ ସେନାପତି କହିଛନ୍ତି।

# ସତ୍ୟବାଦୀରେ ଭାଜପାର ସାଙ୍ଗଠନିକ ବୈଠକ

**ସାକ୍ଷୀଗୋପାଳ, ୫।୨(ଡି.ଏନ୍.ଏ.)**

ସତ୍ୟବାଦୀ ବ୍ଲକ ମଧୁବନ ଗ୍ରାମ ପଞ୍ଚାୟତ ମେଲଣ ପଡ଼ିଆରେ ଭାଜପାର ସାଂଗଠନିକ ବୈଠକ ସୋମବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଭାଜପାର ରାଜ୍ୟ ପରିଷଦ ସଦସ୍ୟ ଓମ୍ ପ୍ରକାଶ ମିଶ୍ର ଯୋଗଦେଇ କେନ୍ଦ୍ର ସରକାରଙ୍କ ଯୋଜନା ଗୁଡିକ ଯେଭଳି ଗ୍ରାମାଞ୍ଚଳ ହିତାଧିକାରୀ ମାନଙ୍କ ନିକଟରେ ପହଞ୍ଚି ପାରିବ ସେଥିପାଇଁ କର୍ମୀମାନଙ୍କୁ ତତ୍ପର ରହିବାକୁ ପରାମର୍ଶ ଦେଇଥିଲେ। ଅଳଗୁମ ମଣ୍ଡଳ ସଭାପତି ସୁରେନ୍ଦ୍ର ପ୍ରଧାନ, ଯୁବମୋର୍ଚ୍ଚା ସଭାପତି ହରିହର ସ୍ୱାଇଁ, ସାଧରଣ ସମ୍ପାଦକ ବିପିନ ବିହାରୀ ମହାନ୍ତି, ଅର୍ଜୁନ ବେହେରା ଓ କୁମର ସାହୁ ପ୍ରମୁଖ ବୈଠକରେ ଉଦ୍‌ବୋଧନ ଦେଇଥିଲେ।

# ହରିଦାସରୁ ଫିସିଂ କ୍ୟାଟ୍ ଉଦ୍ଧାର

## ସୁରକ୍ଷା ପାଇଁ ସଚେତନ କରାଇଲେ ୱାଇଲ୍ଡ ଲାଇଫ ଉପାଧ୍ୟକ୍ଷ

**ବ୍ରହ୍ମଗିରି, ୫।୨(ଡି.ଏନ୍.ଏ.)**

ଚିଲିକାକୂଳ ସ୍ଥିତ ହରିଦାସ ଗାଁରୁ ମଙ୍ଗଳବାର ଏକ ଫିସିଂ କ୍ୟାଟକୁ ଉଦ୍ଧାର କରାଯାଇଛି। ଖବର ପାଇ ୱାଇଲ୍ଡ ଲାଇଫ ଉପାଧ୍ୟକ୍ଷ ନନ୍ଦକିଶୋର ଭୁଜବଳ ଘଟଣାସ୍ଥଳରେ ପହଞ୍ଚି ଏହାକୁ ନ ମାରି ସୁରକ୍ଷା ଦେବା ପାଇଁ ଲୋକଙ୍କୁ ପରାମର୍ଶ ଦେବାସହ ଏହାକୁ ସୁସ୍ଥ ଅବସ୍ଥାରେ ଛାଡିଥିବା ଜଣାପଡିଛି। ଫିସିଂ କ୍ୟାଟ ହେଉଛି ସିଡ୍ୟୁଲ୍ ୧ ପ୍ରଜାତିର। ଏହା ପ୍ରାୟ ବିଲୁପ୍ତ ହେବାକୁ ବସିଲାଣି । କିନ୍ତୁ ଚିଲିକା କୂଳବର୍ତ୍ତୀ ଗ୍ରାମ ଗୁଡିକରେ ଏମାନେ ବହୁଳ ମାତ୍ରାରେ ରହିଥାନ୍ତି। ଚିଲିକା କୂଳରେ ଥିବା ଏକ ଖାଲରେ ଏହା ପଡ଼ିଯାଇଥିଲା। ସ୍ଥାନୀୟ ଯୁବକମାନେ ଏହାକୁ ଉଦ୍ଧାର କରିଥିଲେ।



ଉଦ୍ଧାର ହୋଇଥିବା ଫିସିଂ କ୍ୟାଟ୍।

# ନୀଳାଦ୍ରି ବିହାର ମ୍ୟୁଜିୟମ୍ କୋଠା ପୁନରୁଦ୍ଧାର କାମ ଶେଷ

**ପୁରୀ ଅଫିସ, ୫।୨**

■ରହିବ ୩ ଗ୍ୟାଲେରୀ

■ଦେଖିବାକୁ ମିଳିବ ଭକ୍ତ-ଭଗବାନ ସମ୍ପର୍କ

■ସ୍ଥାନିତ କଳାକୃତି ପାଇଁ ଯୋଜନା ଆରମ୍ଭ

ଶ୍ରୀମନ୍ଦିର ପରିସର ନୀଳାଦ୍ରି ବିହାର ମ୍ୟୁଜିୟମ୍ କୋଠାର ପୁନରୁଦ୍ଧାର କାମ ଶେଷ ହୋଇଛି। ଏଥିରେ ମହାପ୍ରଭୁଙ୍କୁ ନେଇ କେଉଁସବୁ କଳାକୃତି ସ୍ଥାନ ପାଇବ ସେ ନେଇ ଯୋଜନା ଆରମ୍ଭ ହୋଇଛି। ମଙ୍ଗଳବାର ଏ ସମ୍ପର୍କରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ପ୍ରଫେସର, ଗବେଷକ, ବିଶେଷଜ୍ଞ ଏବଂ ଶ୍ରୀମନ୍ଦିର ସେବକ ପ୍ରମୁଖ ଉପସ୍ଥିତ ଥିଲେ। ଏଥିପାଇଁ ଗଠିତ ୫ ଜଣିଆ ସବ୍ କମିଟି ପରାମର୍ଶ ଅନୁଯାୟୀ ଶ୍ରୀଜଗନ୍ନାଥ ସଂସ୍କୃତି ଏବଂ ଐତିହ୍ୟକୁ ନେଇ ବିଭିନ୍ନ ପ୍ରକାର କଳାକୃତି ସ୍ଥାନିତ ହେବାକୁ ନିଷ୍ପତ୍ତି ହୋଇଛି। ମ୍ୟୁଜିୟମ୍‌ରେ ୩ଟି ଗ୍ୟାଲେରି କରାଯିବ। ଏହି ଗ୍ୟାଲେରିଗୁଡ଼ିକରେ ପୌରାଣିକ ତଥ୍ୟରେ ଶ୍ରୀଜଗନ୍ନାଥ, ବିଭିନ୍ନ ଆଚାର୍ଯ୍ୟ ଏବଂ ଭକ୍ତ-ଭଗବାନଙ୍କ ସମ୍ପର୍କରେ ମଧ୍ୟ ସୂଚନା ପାଇବେ ଶ୍ରଦ୍ଧାଳୁ ।

ଶ୍ରୀମନ୍ଦିର ପଶ୍ଚିମ ଦ୍ୱାର ନିକଟରେ ଥିବା ନୀଳାଦ୍ରି ବିହାର ମ୍ୟୁଜିୟମ୍ ଜରାଜୀର୍ଣ୍ଣ ହୋଇପଡିଥିଲା। ତେଣୁ ସମ୍ପୂର୍ଣ୍ଣ ଭାବେ ପୁରୁଣା କୋଠାକୁ ଭାଙ୍ଗି ଅତ୍ୟାଧୁନିକ ନୂଆ କୋଠା ତିଆରି କରାଯାଇଛି। ନୂତନ ଭାବେ ତିଆରି କରାଯାଉଥିବା ହଲ୍‌ର ଲମ୍ବ ପ୍ରାୟ ୧୦୦ ଫୁଟ ରହିଥିବା ବେଳେ ଏହାର ଓସାର ୫୦ ଫୁଟ ରହିଛି । ନୂତନ ଭାବେ ନିର୍ମାଣ ହୋଇଥିବା ଏହି ମ୍ୟୁଜିୟମ୍‌ରେ ୩ଟି ଗ୍ୟାଲେରି କରାଯିବ। ସବୁ ଗ୍ୟାଲେରିରେ ମହାପ୍ରଭୁଙ୍କ ସମ୍ପର୍କରେ ବିଭିନ୍ନ ତଥ୍ୟ ସମ୍ବଳିତ କଳାକୃତି ପ୍ରଦର୍ଶନୀ କରାଯିବ। ପ୍ରଥମ ଗ୍ୟାଲେରିରେ ଶାସ୍ତ୍ର ପୁରାଣରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମ୍ପର୍କରେ ଯାହା ବର୍ଣ୍ଣନା କରାଯାଇଛି ତାହା ପ୍ରଦର୍ଶିତ ହେବ। ମହାପ୍ରଭୁ ଶ୍ରୀକ୍ଷେତ୍ର ଛାଡି ଯେଉଁ ଯେଉଁ କ୍ଷେତ୍ରକୁ ଯାଇଥିଲେ ସେହି ଲୀଳା କ୍ଷେତ୍ରଗୁଡିକର ଫଟୋଚିତ୍ର ସହିତ ସବିଶେଷ ବିବରଣୀ ସ୍ଥାନିତ କରାଯିବ। ସେହିପରି ଦ୍ୱିତୀୟ ଗ୍ୟାଲେରୀରେ ବିଭିନ୍ନ ଆଚାର୍ଯ୍ୟଙ୍କ ସମ୍ପର୍କରେ ସୂଚନା ମିଳିବ। ଆଦି ଶଙ୍କରାଚାର୍ଯ୍ୟଙ୍କଠାରୁ ଆରମ୍ଭ କରି ଶ୍ରୀଚୈତନ୍ୟ ପ୍ରମୁଖ ଆଚାର୍ଯ୍ୟ, ଯେଉଁମାନଙ୍କ ଶ୍ରୀମନ୍ଦିର ସେବାପୂଜା, ଯାନିଯାତ୍ରା ଆଦିରେ ଅବଦାନ ରହିଛି ସେ ସମ୍ପର୍କରେ ତଥ୍ୟ ସମ୍ବଳିତ କଳାକୃତି ରହିବ। ତୃତୀୟ ଗ୍ୟାଲେରୀରେ ମହାପ୍ରଭୁଙ୍କ ପରମ ଭକ୍ତଙ୍କ ସମ୍ପର୍କରେ ସବିଶେଷ ସୂଚନା ପାଇବେ ଶ୍ରଦ୍ଧାଳୁ। ମହାପ୍ରଭୁ ହେଉଛନ୍ତି ଭକ୍ତର ଦେବତା। ଭକ୍ତ ଏବଂ ଭଗବାନଙ୍କ ମଧ୍ୟରେ କୌଣସି ତଫାତ୍ ନ ଥାଏ। ତେଣୁ ମହାପ୍ରଭୁଙ୍କ ପ୍ରତି ଦାସିଆ ବାଉରୀ, ଗଣପତି ଭଟ୍ଟ, ବନ୍ଧୁ ମହାନ୍ତି ଓ ଜୟଦେବଙ୍କ ସମର୍ପଣର କଥା ଏହି ଗ୍ୟାଲେରୀରୁ ଦେଖିବାକୁ ମିଳିବ। କିଆରିରେ ବାଇଗଣ ତୋଳୁଥିବା ମହିଳା ବୋଲୁଥିବା ଗୀତଗୋବିନ୍ଦ ଶୁଣିବାକୁ ମହାପ୍ରଭୁ ବାଇଗଣ କିଆରି ମଧ୍ୟକୁ ପଶିବା ଏବଂ ଏହି ସମୟରେ ମହାପ୍ରଭୁଙ୍କ ପାଟଲୁଗା ଚିରିଯିବା ଏମିତି ଅନେକ ଭକ୍ତ ଏବଂ ଭଗବାନଙ୍କ କାହାଣୀ ଏହି ଗ୍ୟାଲେରୀରେ ସ୍ଥାନିତ ହେବ। ଶ୍ରୀଜଗନ୍ନାଥଙ୍କ କାଞ୍ଚି ଅଭିଯାନର ବୃତ୍ତାନ୍ତ ମୂର୍ତ୍ତି ଏଥିରେ ସ୍ଥାନ ପାଇବ। କେବଳ ତୈଳଚିତ୍ର ନୁହେଁ, ବିଭିନ୍ନ ଧାତୁରେ ତିଆରି କଳାକୃତି ମାଧ୍ୟମରେ ମଧ୍ୟ ଏହା ପ୍ରଦର୍ଶିତ ହେବ। ଏଥିରେ କୌଣସି ସିନ୍ଥେଟିକ ଧାତୁ ବ୍ୟବହାର କରାଯିବ ନାହିଁ। ଯେଉଁଧାତୁରେ ଏହି କଳାକୃତି କରାଯିବ ତାହା ଯେପରି ଦୀର୍ଘସ୍ଥାୟୀ ରହିବ ସେ ଉପରେ ମଧ୍ୟ ଧ୍ୟାନ ଦିଆଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି।



ଯିଏ ତୁମ ଆସିବା ବାଟରେ କଣ୍ଟା ପକାଇଛି, ତୁମେ ତାଙ୍କ ଆସିବା ବାଟରେ ଫୁଲ ବିଛାଅ।
-ସନ୍ଥ କବୀର ଦାସ



## ସଂକ୍ଷେପରେ

### ବାଇପାସ୍ ରାସ୍ତାରୁ ୫୦ହଜାର ଝାମ୍ପିନେଲେ

**ବାଲୁଗାଁ, ୫।୨(ଡି.ଏନ.ଏ.)**- ବାଲୁଗାଁ-ବାଣପୁର ବାଇପାସ୍ ୧୬ନଂ ଜାତୀୟ ରାଜପଥ ଓଭରବ୍ରିଜ୍ ଠାରେ ଦୁଇଜଣ ଦୁର୍ବୃତ୍ତ ସ୍ପଷ୍ଟ ଦିବାଲୋକରେ ବାଇକରେ ଯାଉଥିବା ଶ୍ୱଶୁରଜ୍ୱାଇଁଙ୍କ ଠାରୁ ୫୦ହଜାର ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ ଲୁଟେରାଙ୍କ ଟେର୍ ପାଇ ନାହିଁ। ପ୍ରକାଶ, ବାଲୁଗାଁ ନିକଟସ୍ଥ ହରିକୁଣ୍ଡବରଡ଼ି ଗ୍ରାମର ଲକ୍ଷ୍ମୀଧର ପ୍ରଧାନ ମଙ୍ଗଳବାର ଅପରାହ୍ନ ୧ଟା ବେଳେ ନାଚୁଣୀସ୍ଥିତ ୟୁକୋ ବ୍ୟାଙ୍କରୁ ୫୦ହଜାର ଟଙ୍କା ଉଠାଇ ବାଲୁଗାଁକୁ ବସ୍ ଯୋଗେ ଆସିଥିଲେ। ବାଲୁଗାଁରେ ପହଞ୍ଚିବା ପରେ ନନ୍ଦପୁର ଗ୍ରାମରେ ଥିବା ନିଜ ଜ୍ୱାଇଁଙ୍କୁ ଆସି ତାଙ୍କୁ ନେଇଯିବା ପାଇଁ ଫୋନ କରିଥିଲେ। ପରେ ଶ୍ୱଶୁର ଜ୍ୱାଇଁ ବାଇକ୍‌ରେ ଯିବା ବେଳେ ବାଲୁଗାଁ-ବାଣପୁରର ଓଭରବ୍ରିଜ୍ ଠାରେ ଦୁଇଜଣ ଲୁଟେରା ଏକ ନମ୍ବର ବିହୀନ ବାଇକ୍‌ରେ ଆସି ଲକ୍ଷ୍ମୀଧର ଧରିଥିବା ଟଙ୍କା ବ୍ୟାଗକୁ ଝାମ୍ପି ନେଇ ଗଞ୍ଜାମ ଅଭିମୁଖେ ଚାଲିଯାଇଥିଲେ। ଲୁଟେରାମାନେ ଝାମ୍ପିବା ସମୟରେ ବାଇକ ଚଳାଉଥିବା ଲକ୍ଷ୍ମୀଧରଙ୍କ ଜ୍ୱାଇଁ ନିୟନ୍ତ୍ରଣ ହରାଇବାରୁ ଗାଡି ସହ ଶ୍ୱଶୁର ଜ୍ୱାଇଁ ତଳେ ପଡି ଯାଇ ଆହତ ହୋଇଛନ୍ତି। ସ୍ଥାନୀୟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ପହଞ୍ଚି ସରଜମିନ୍ ତଦନ୍ତ ଚଳାଇଛି। ଲକ୍ଷ୍ମୀଧରଙ୍କ ଅଭିଯୋଗ ଅନୁଯାୟୀ ସେ ଧରିଥିବା ବ୍ୟାଗ୍‌ରେ ୫୦ହଜାର ଟଙ୍କା ସହ ୨ଟି ଏଟିଏମ୍ କାର୍ଡ, ୨ଟି ବ୍ୟାଙ୍କ ପାସ୍‌ବୁକ୍ ଇତ୍ୟାଦି ରହିଥିଲା। ପୋଲିସ ତରଫରୁ ଦିବାରାତ୍ର ପାଟ୍ରୋଲିଂ କରିବା ନିମନ୍ତେ ସାଧାରଣରେ ଦାବି ହେଉଛି।

### କୁଷ୍ଠ ନିରାକରଣ ସପ୍ତାହ ପାଳିତ

**କୋଣାର୍କ, ୫।୨(ଡି.ଏନ୍.ଏ)**- କୋଣାର୍କ ଶୋଭନୀୟ ଶିକ୍ଷାଶ୍ରମ ପରିସରରେ ସ୍ୱେଚ୍ଛାସେବୀ ସଙ୍ଗଠନ ସୋଲାର ପକ୍ଷରୁ ମଙ୍ଗଳବାର କୁଷ୍ଠ ନିରାକରଣ ସପ୍ତାହ ପାଳିତ ହୋଇଯାଇଛି। ସୋଲାର ସମ୍ପାଦକ ହରିଶ୍ଚନ୍ଦ୍ର ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ କୁଷ୍ଠ ନିରାକରଣ ସଚେତନତା ସଭାରେ ଅତିଥିଭାବେ କୋଣାର୍କର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ବିଧୁଭୂଷଣ ନାୟକ, ଶୋଭନୀୟ ଶିକ୍ଷାଶ୍ରମର ଅଧକ୍ଷା ରୁକ୍ମିଣୀ ଦେବୀ ଓ କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି ଯୋଗଦେଇ ସମାଜରୁ କୁଷ୍ଠ ନିରାକରଣର ବିଭିନ୍ନ ଦିଗ, ସରକାରୀ ଯୋଜନା ସମ୍ପର୍କରେ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଗୁରୁମା ବିଦ୍ୟୁଲତା ଶତପଥୀ, ରାଜଲକ୍ଷ୍ମୀ ମିଶ୍ର, ଗୀତାଞ୍ଜଳି ସାହୁ ଓ ସୁମତି ମଲ୍ଲିକ ପ୍ରମୁଖ ପରିଚାଳନା କରିଥିଲେ।

### ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

**ଗୋପ, ୫।୨(ଡି.ଏନ୍.ଏ)**- ଏରବଙ୍ଗ ନୋଡ଼ାଲ ହାଇସ୍କୁଲର ୫୫ତମ ବାର୍ଷିକ କ୍ରୀଡ଼ା ଉତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଗୋପ ବ୍ଲକ୍ ଶିକ୍ଷାଧିକାରୀ ବସନ୍ତ କୁମାର ମିଶ୍ର ଯୋଗଦେଇ କ୍ରୀଡ଼ା ଛାତ୍ରୀଛାତ୍ରଙ୍କ ମନୋବଳକୁ ମଜଭୁତ କରିଥାଏ ବୋଲି କହିଥିଲେ। ୩ଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ଉତ୍ସବରେ ସ୍କୁଲର ଶତାଧିକ ଛାତ୍ରୀଛାତ୍ର ଭାଗ ନେଇଥିଲେ। ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ଦଳାଇଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ପ୍ରଭାସ କୁମାର କରଣ, ସରପଞ୍ଚ ବିଭୂତି ଭୂଷଣ ସାହୁ ଯୋଗଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଠାକୁର ଅଭିରାମ ପରମହଂସଙ୍କ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ

**କଣାସ, ୫।୨(ସ୍ୱ.ପ୍ର.)**

**ଲକ୍ଷାଧିକ ଭକ୍ତଙ୍କ ସମାଗମ**



ଉତ୍ସବରେ ଯୋଗ ଦେଇଥିବା ଶ୍ରଦ୍ଧାଳୁମାନେ।

କଣାସ ବ୍ଲକ ଅନ୍ତର୍ଗତ କରମଳାଠାରେ ପ୍ରତିଷ୍ଠିତ ଠାକୁର ଅଭିରାମ ପରମହଂସଙ୍କ ଶାନ୍ତି ଆନନ୍ଦ ଆଶ୍ରମରେ ଗତ ୨ତାରିଖଠାରୁ ଆରମ୍ଭ ହୋଇଥିବା ୧୧୬ତମ ଜୟନ୍ତୀ ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଆଚାର୍ଯ୍ୟ ବଳରାମ ଦାସ ମହାରାଜ ଆନୁଷ୍ଠାନିକ ଭାବେ ଜନ୍ମଉତ୍ସବକୁ ଉଦ୍‌ଘାଟନ କରିଥିଲେ। ୪ଦିନ ଧରି ବିଶ୍ୱଶାନ୍ତି ମହାଯଜ୍ଞ, ଭଜନ ସମାରୋହ, ସନାତନ ଧର୍ମସମ୍ମିଳନୀ, ସାଧୁସନ୍ଥମାନଙ୍କ ଶ୍ରୀହରି କଥାମୃତ ପ୍ରଦାନ, ସତ୍ୟନାରାୟଣ ପାଲା, ଗୋଟିପୁଅ ନୃତ୍ୟ, ଶ୍ରୀ ଅଭିରାମ ଲୀଳା ନାଟକ, ଓଡ଼ିଶୀ ନାମସଂକୀର୍ତ୍ତନ, ଶ୍ରୀମଦ୍ ଭାଗବତପାରାୟଣ ଅନୁଷ୍ଠିତ ହୋଇଥିଲା। ସନାତନ ଧର୍ମସମ୍ମିଳନୀରେ ବହୁ ସାଧୁସନ୍ଥ ଦେଶର ବିଭିନ୍ନ ସ୍ଥାନରୁ ଯୋଗଦେଇଥିଲେ। ଠାକୁର ଅଭିରାମ ପରମହଂସଙ୍କ ସନାତନ ଧର୍ମ ପ୍ରଚାର ସମ୍ପର୍କରେ ବିଭିନ୍ନ ସାଧୁସନ୍ଥ ଆଲୋକପାତ କରିବା ସହିତ ଠାକୁରଙ୍କ ବାଲ୍ୟଜୀବନଠାରୁ ଶେଷ ଜୀବନ ପର୍ଯ୍ୟନ୍ତ ପ୍ରତ୍ୟେକ ଲୀଳା ସମ୍ପର୍କରେ ଟିକିନିଖି ଆଲୋଚନା କରିଥିଲେ। ୨୦ରୁ ଊର୍ଦ୍ଧ୍ୱ ଦଳ ସତ୍ୟନାରାୟଣ ପାଲା ପରିବେଷଣ କରିଥିବାବେଳେ ୧୦ରୁ ଊର୍ଦ୍ଧ୍ୱ ଦଳ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଆଖପାଖ ଗ୍ରାମରୁ ଆସିଥିବା ୫୦ରୁ ଊର୍ଦ୍ଧ୍ୱ ଓଡ଼ିଶୀ ନାମସଂକୀର୍ତ୍ତନ ଦଳ ସଂକୀର୍ତ୍ତନ ପରିବେଷଣ କରିଥିବା ବେଳେ କେତେକ ଦଳ ଦାଶକାଠିଆ ପରିବେଷଣ କରିଥିଲେ। ବିଭିନ୍ନ ଜିଲାରୁ ଆସିଥିବା ଭଗବତନାଟ୍ୟ ଗୋଷ୍ଠୀ ଅଭିରାମ ଲୀଳା ନାଟକ ପରିବେଷଣ କରିଥିଲେ। ୪ଦିନ ଧରି ଶାନ୍ତି ଶୃଙ୍ଖଳା ରକ୍ଷାକରିବା ପାଇଁ ପୋଲିସ୍ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବାବେଳେ ଶାନ୍ତି କମିଟି, ବୁଦ୍ଧିଜୀବୀ, ବିଭିନ୍ନ ସ୍କୁଲର ସ୍କାଉଟ୍ ଗାଇଡ୍ ଛାତ୍ରୀଛାତ୍ର ଏବଂ ଆଶ୍ରମର ସମସ୍ତ ସାଧୁସନ୍ଥ ସନ୍ନ୍ୟାସୀ ସହଯୋଗ କରିଥିଲେ। ସ୍ୱାସ୍ଥ୍ୟବିଭାଗ, ପାନୀୟଜଳ ବିଭାଗ ମଧ୍ୟ ସେବା ଯୋଗାଇଦେଇଥିଲେ। ଅଭୟାନନ୍ଦ ଦାସ ମହାରାଜ, ଦିବ୍ୟାନନ୍ଦ ସରସ୍ୱତୀ, ପ୍ରଜ୍ଞାନ ପରମହଂସ, ଜୟଦେବ ଦାସ ମହାରାଜ, ଗୋପାଳଦାସ ମହାରାଜ, ନିଗମାନନ୍ଦ ସରସ୍ୱତୀ, ଶାନ୍ତିକିଶୋର ମହାରାଜ, ଅସୀମାନନ୍ଦ ଦାସ ମହାରାଜ, ବୁଦ୍ଧଦେବ ଦାସ ମହାରାଜ, ରାମଚନ୍ଦ୍ର ଦାସ ମହାରାଜ, ଭୈରବାନନ୍ଦ ଦାସ ମହାରାଜ ପୂର୍ଣ୍ଣ ସହଯୋଗ କରିଥିବାରୁ ବନବିହାରୀ ଦାସ ମହାରାଜ ସମସ୍ତଙ୍କୁ ସାଧୁବାଦ୍ ଜଣାଇଛନ୍ତି।



ଛାତ୍ରୀଛାତ୍ରମାନେ କେନ୍ଦ୍ରୀୟ ସାମୁଦ୍ରିକ ମତ୍ସ୍ୟ ଅନୁସନ୍ଧାନ କେନ୍ଦ୍ର ବୁଲି ଦେଖୁଛନ୍ତି।

## ସାମୁଦ୍ରିକ ମାଛ ବିଷୟରେ ଜାଣିଲେ ଛାତ୍ରୀଛାତ୍ର

**ପୁରୀ ଅଫିସ, ୫।୨**

କେନ୍ଦ୍ରୀୟ ସାମୁଦ୍ରିକ ମତ୍ସ୍ୟ ଅନୁସନ୍ଧାନ କେନ୍ଦ୍ର, ପୁରୀ ଶାଖାର ମଙ୍ଗଳବାର ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ପ୍ରତିଷ୍ଠା ଦିବସରେ ସର୍ବସାଧାରଣ କେନ୍ଦ୍ର ପରିଦର୍ଶନ କରିଥାନ୍ତି। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ ମତ୍ସ୍ୟଜୀବୀମାନେ କେନ୍ଦ୍ର ପରିସର ବୁଲି ଦେଖିଥିଲେ। ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରକାର ସାମୁଦ୍ରିକ ମାଛ ଦେଖିବା ସହ ବହୁ ସଂଖ୍ୟକ ମାଛର ଫଟୋଚିତ୍ର ଦେଖିଥିଲେ। ବିଭିନ୍ନ ମାଛ ସମ୍ପର୍କରେ ସେମାନେ କେନ୍ଦ୍ରର ବୈଜ୍ଞାନିକଙ୍କୁ ପଚାରି ବୁଝିଥିଲେ। ପୁରୀ ସମୁଦ୍ରରେ ମାଛଙ୍କ ସ୍ଥିତି, ବଂଶ ବୃଦ୍ଧି, ଉତ୍ପାଦନ ଏବଂ ବିରଳ ମାଛ ଓ କଙ୍କଡ଼ାଙ୍କ ସମ୍ପର୍କରେ ତଥ୍ୟ ପ୍ରଦାନ କରାଯାଇଥିଲା। ଜିଲା ସ୍କୁଲ, ପୋଲିସ ଲାଇନ ହାଇସ୍କୁଲର ଛାତ୍ରୀଛାତ୍ର କେନ୍ଦ୍ର ବୁଲି ଦେଖିଥିବାବେଳେ ବାଲିନୋଳିଆ ସାହି, ପେଣ୍ଠକଟା ଏବଂ ବଳିଆପଣ୍ଡାର ମତ୍ସ୍ୟଜୀବୀମାନେ କେନ୍ଦ୍ରକୁ ଯାଇ ବିଭିନ୍ନ ମାଛ ସମ୍ପର୍କରେ ବୁଝିଥିଲେ। କେନ୍ଦ୍ରର ବୈଜ୍ଞାନିକମାନେ ମତ୍ସ୍ୟଜୀବୀଙ୍କୁ ଜାଆଁଳ ଏବଂ କେତେକ ବିରଳ ପ୍ରଜାତିର ମାଛ ନ ଧରିବା ପାଇଁ ସଚେତନ କରିଥିଲେ। ବିଭିନ୍ନ ପ୍ରକାର ସାମୁଦ୍ରିକ ମାଛକୁ ଅଣାଯାଇ ଏଠାରେ ଗବେଷଣା କରାଯାଉଛି । ବୈଜ୍ଞାନିକ ଡ. ସୁବଳ କୁମାର ରାଉଳ, ବୈଜ୍ଞାନିକ ରାଜେଶ କୁମାର ପ୍ରଧାନ, ଡ. ବିଶ୍ୱଜିତ ଦାଶ ଓ ଡ.ମଧୁମିତା ଦାଶ ପ୍ରମୁଖ ଛାତ୍ରୀଛାତ୍ର ଏବଂ ମତ୍ସ୍ୟଜୀବୀଙ୍କୁ ବୁଝାଇଥିଲେ।



ପୁରୀ ଶ୍ରୀକ୍ଷେତ୍ର କଲୋନୀ ଅଙ୍ଗନୱାଡ଼ିର ବାର୍ଷିକ କ୍ରୀଡ଼ା ଉତ୍ସବରେ ମଙ୍ଗଳବାର ଭାଗ ନେଇଥିବା କୁନି ଛାତ୍ରୀଛାତ୍ରମାନେ।

## ହୋଟେଲ ମାଲିକଙ୍କୁ ସଂଘବଦ୍ଧ ଆକ୍ରମଣ

**ନିମାପଡ଼ା, ୫।୨(ଡି.ଏନ୍.ଏ)**

ନିମାପଡ଼ା ମହିଳା କଲେଜ ଛକ ନିକଟରେ ଥିବା ଏକ ହୋଟେଲରେ ତଳଅଣ୍ଡିଆ ଗ୍ରାମର କେତେଜଣ ଯୁବକ ସଂଘବଦ୍ଧ ଭାବେ ହୋଟେଲ ମାଲିକ ସୌମ୍ୟଶେଖର ମହାନ୍ତି ଓ ତାଙ୍କ ଶଳା ରଶନ କୁମାର ନାୟକଙ୍କୁ ଆକ୍ରମଣ କରିଥିବା ମଙ୍ଗଳବାର ଅଭିଯୋଗ ହୋଇଛି। ଏହା ସହ ହୋଟେଲର କ୍ୟାଶ ବାକ୍ସରୁ ୧୭ହଜାର ଟଙ୍କା ଓ ମାଲିକ ସୌମ୍ୟଶେଖରଙ୍କ ସୁନାଚେନ ନେଇଯାଇଛନ୍ତି। ଆହତ ରଶନଙ୍କୁ ଚିକିତ୍ସା ପାଇଁ ନିମାପଡ଼ା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଆକ୍ରମଣକାରୀମାନେ ହୋଟେଲର ବିଭିନ୍ନ ଆସବାବପତ୍ର ଭାଙ୍ଗିବା ସହ ବମ୍ବିଂ କରି ହୋଟେଲକୁ ଉଡାଇଦେବା ପାଇଁ ଧମକ ଦେଇଥିବା ସୌମ୍ୟଶେଖର ତାଙ୍କ ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ.୫୦/୧୯)ରୁଜୁ କରିବା ସହ ତଳଅଣ୍ଡିଆ ଗ୍ରାମର ୩ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଏହି ହୋଟେଲରେ କାମ କରୁଥିବା ତଳଅଣ୍ଡିଆ ଗ୍ରାମର ଜଣେ ଯୁବକ ବାକି ଥିବା ଦରମା ଟଙ୍କା ମାଗିବାକୁ କେନ୍ଦ୍ରକରି ଏଭଳି ଘଟଣା ଘଟିଥିବା ବିଶେଷ ସୂତ୍ରରୁ ଜଣାପଡିଛି।

## ଉଠାଦୋକାନୀଙ୍କ ପାଇଁ ହେବ ନୂତନ ମାର୍କେଟ କମ୍ପ୍ଲେକ୍ସ

**ନିମାପଡ଼ା, ୫।୨(ଡି.ଏନ୍.ଏ)**

ନିମାପଡ଼ା ରିଜିଓନାଲ କୋଅପରେଟିଭ ମାର୍କେଟିଂ ସୋସାଇଟି(ଆରସିଏମଏସ) ପରିସରରେ ଉଠାଦୋକାନୀଙ୍କ ବିକାଶ ଓ ଥଇଥାନ ପାଇଁ ହେବ ଏକ ନୂତନ ଡେଲି ମାର୍କେଟ କମ୍ପ୍ଲେକ୍ସ। ନିୟନ୍ତ୍ରିତ ବଜାର କମିଟି(ଆରଏମସି) ପକ୍ଷରୁ ହେବାକୁ ଥିବା ଏହି ମାର୍କେଟ କମ୍ପ୍ଲେକ୍ସ ଦ୍ୱାରା ୪ଶହ ବ୍ୟବସାୟୀ ଉପକୃତ ହେବେ। ଏ ନେଇ ସୋମବାର ଆରସିଏମଏସ ପରିସରରେ ଆୟୋଜିତ ଏକ ବୈଠକରେ ନିଷ୍ପତ୍ତି ହୋଇଛି। ପ୍ରଥମ ପର୍ଯ୍ୟାୟରେ ୫୦ଲକ୍ଷ ଟଙ୍କାର ଅନୁଦାନ ସରକାରଙ୍କ ପକ୍ଷରୁ ଯୋଗାଇଦେବାର ବ୍ୟବସ୍ଥା କରାଯିବ ବୋଲି ସ୍ଥାନୀୟ ବିଧାୟକ ସମୀର ରଞ୍ଜନ ଦାଶ କହିଛନ୍ତି। ଏହି ବୈଠକରେ ଆରସିଏମଏସ ସଭାପତି କୃଷ୍ଣଚନ୍ଦ୍ର ସ୍ୱାଇଁ ଅଧକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆରଏମସି ସମ୍ପାଦକ ବିଜୟ ସ୍ୱାଇଁ, ସମବାୟ ସମିତି ସମୂହର ସହକାରୀ ନିବନ୍ଧକ ପ୍ରଶାନ୍ତ ଦାଶଙ୍କ ସମେତ ଆରସିଏମଏସ ଓ ଆରଏମସିର ବହୁ ପଦାଧିକାରୀ ଉପସ୍ଥିତ ଥିଲେ। ଏ ନେଇ ଉଠାଦୋକାନୀ ବ୍ୟବସାୟୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି।

## ଆଇନ ସହାୟତା କେନ୍ଦ୍ର ଉଦ୍‌ଘାଟିତ

**ନିମାପଡ଼ା, ୫।୨(ଡି.ଏନ୍.ଏ)**



ଉଦ୍‌ଘାଟନୀ ଉତ୍ସବରେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ଓ ଅନ୍ୟମାନେ।

ନିମାପଡ଼ା ତହସିଲ ଅଫିସ ପରିସରରେ ସାଢେ ୩ଲକ୍ଷ ଟଙ୍କା ବ୍ୟୟରେ ପୁନରୁଦ୍ଧାର ହୋଇଥିବା ଆଇନ୍ ସହାୟତା କେନ୍ଦ୍ର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ ଏହି କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସରକାରୀ ଆଇନଜୀବୀଙ୍କ ପକ୍ଷରୁ ପଞ୍ଚାୟତ ସମିତି ସଭାଗୃହରେ ମଧୁବାବୁ ଆଇନ୍ ସହାୟତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ସରକାରୀ ଆଇନଜୀବୀ ପ୍ରଶାନ୍ତ ମିଶ୍ର ଅଧକ୍ଷତା କରିଥିଲେ। ଅତିଥିଭାବେ ବିଧାୟକ ସମୀର ରଞ୍ଜନ ଦାଶ, ତହସିଲଦାର କମଳଜିତ ଦାଶ,ପୂର୍ବତନ ଜିଲା ପରିଷଦ ପ୍ରଦୀପ୍ତ ଖଟୋଇ, ପଞ୍ଚାୟତ ସମିତି ଉପାଧକ୍ଷ ଅଜୟ କୁମାର ସ୍ୱାଇଁ, ସରକାରୀ ଆଇନଜୀବୀ ସନ୍ତୋଷ ମହାନ୍ତି ପ୍ରମୁଖ ଯୋଗଦେଇ ଏହି କର୍ମଶାଳାର ଉଦ୍ଦେଶ୍ୟ, ତାତ୍ପର୍ଯ୍ୟ, ଗ୍ରାମାଞ୍ଚଳ ଲୋକେ କିଭଳି ଠିକଭାବେ ଆଇନସେବା ଓ ସହାୟତା ପାଇପାରିବେ, ବିଭିନ୍ନ ପଞ୍ଚାୟତର ସରକାରୀସ୍ତରରେ ନିଯୁକ୍ତି ପାଇଥିବା ଆଇନଜୀବୀ ଯତ୍ନବାନ ହେବା ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ। ଏହି କର୍ମଶାଳାରେ ସରକାରୀ ଆଇନଜୀବୀ ପ୍ରଶାନ୍ତ ମିଶ୍ର, ସୁନ୍ଦରନାରାୟଣ ନନ୍ଦ, ବ୍ରହ୍ମାନନ୍ଦ ପ୍ରଧାନ, ସୋମନାଥ ନିସଙ୍କ, ଶଶିକାନ୍ତ ବେହେରା, ସନ୍ତୋଷ ମହାନ୍ତିଙ୍କ ସମେତ ୨୦ ସରକାରୀ ଆଇନଜୀବୀଙ୍କୁ ୨୪ହଜାର ଟଙ୍କା ଲେଖାଏଁ ଦେୟ ପ୍ରଦାନ କରାଯାଇଥିଲା। ଏହି କର୍ମଶାଳାରେ ଶତାଧିକ ଆଇନଜୀବୀ ଓ ମୋହରିର ଯୋଗଦେଇଥିଲେ।

### ବଡ଼ଦାଣ୍ଡରେ ଅସାମାଜିକ ଯୁବକଙ୍କ ଗୁଣ୍ଡାରାଜ

## ଜଣେ ଯୁବକଙ୍କୁ ରାସ୍ତାରେ ଗୋଡ଼ାଇ ପିଟିଲେ ୩ ଯୁବକ

**ପୁରୀ ଅଫିସ, ୫।୨**

ଶ୍ରୀକ୍ଷେତ୍ରରେ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡିବାରେ ଲାଗିଛି। ଅସାମାଜିକ ଯୁବକଙ୍କ ଗୁଣ୍ଡାରାଜ ଆଗରେ ପୁରୀ ପୋଲିସ ନିଷ୍କ୍ରୀୟ ହୋଇପଡିଛି। ମଙ୍ଗଳବାର ଦିନ ଦ୍ୱିପ୍ରହରରେ ତିନିଜଣ ଅସାମାଜିକ ଯୁବକ ଜଣେ ଯୁବକଙ୍କୁ ବଡଦାଣ୍ଡ ମେଡିକାଲ ଛକରେ ଗୋଡାଇ ଗୋଡାଇ ପିଟୁଥିବା ଦୃଶ୍ୟ ସମସ୍ତଙ୍କୁ ଚକିତ କରିଛି। ମାଉସୀ ମା' ମନ୍ଦିର ନିକଟରେ ସ୍ଥାନୀୟ ଯୁବକମାନେ ଆକ୍ରମଣକାରୀ ଯୁବକମାନଙ୍କୁ କାବୁ କରିଥିଲେ। ଖବରପାଇ ପିସିଆର ପୋଲିସ ପହଞ୍ଚି ମାଡ ଖାଇଥିବା ଯୁବକଙ୍କୁ ଉଦ୍ଧାର କରିଥିଲା। ମାଡ ମାରିଥିବା ଯୁବକମାନଙ୍କୁ ଧରି କୁମ୍ଭାରପଡା ଥାନା ପୋଲିସ ଜିମା ଦେଇଥିଲା। ସେମାନଙ୍କ ବିରୋଧରେ କୌଣସି ଅଭିଯୋଗ ନ ହେବାରୁ ପୋଲିସ ଦୀର୍ଘ ସମୟ ଅଟକ ରଖିବା ପରେ ଛାଡି ଦେଇଛି। କେଉଁ କାରଣକୁ ନେଇ ଏହା ଘଟିଥିଲା ତାହା ଅସ୍ପଷ୍ଟ ରହିଛି।

ମଧ୍ୟାହ୍ନରେ ମେଡିକାଲ ଛକ ପଟୁ ତିନିଜଣ ଯୁବକ ମିଶି କୌଣସି କାରଣକୁ ନେଇ ଜଣେ ଯୁବକଙ୍କୁ ରାସ୍ତା ଉପରେ ତାଙ୍କ ଶାର୍ଟ ପ୍ୟାଣ୍ଟ ଚିରି ପିଟି ପିଟି ମାର୍କେଟ ଛକ ଆଡକୁ ନେଉଥିଲେ। ରାସ୍ତାରେ ଯାଉଥିବା ପର୍ଯ୍ୟଟକ ଓ ଲୋକେ ଏହାକୁ ଦେଖୁଥିଲେ ମଧ୍ୟ କେହି ପ୍ରତିବାଦ କରି ନ ଥିଲେ। ମାଉସୀ ମା' ମନ୍ଦିର ନିକଟରେ କେତେଜଣ ସ୍ଥାନୀୟ ଯୁବକ ମାଡ ମାରୁଥିବା ଅସାମାଜିକ ଯୁବକଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ମେଡିକାଲ ଛକ ପରି ଏକ ଜନଗହଳି ରାସ୍ତାରେ ଅସାମାଜିକ ଯୁବକମାନେ ମାରପିଟ କରୁଥିବା ବେଳେ ପୋଲିସ ନିକଟରେ କିପରି ଖବର ନ ଥିଲା, ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

### ଡା. ଅଭୟ ମିଶ୍ର ସ୍ମାରକୀ ଆସୋସିଏଶନର ବାର୍ଷିକ ଉତ୍ସବ ଉଦ୍‌ଯାପିତ

**ସାକ୍ଷୀଗୋପାଳ, ୫।୨(ଡି.ଏନ୍.ଏ.)**

ସତ୍ୟବାଦୀ ବ୍ଲକର ପୁରୁଣା ବୁଢ଼ାକେରା ଠାରେ ଡା.ଅଭୟ ମିଶ୍ର ସ୍ମାରକୀ ଆସୋସିଏସନର ତିନି ଦିନବ୍ୟାପି ଚାଲିଥିବା ୫ମ ବାର୍ଷିକ ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ଭଲିବଲ ଟୁର୍ନାମେଣ୍ଟରେ ଅଚ୍ୟୁତପୁର, ନିମାପଡା, ସରକଣା, ପୁରୀ, ବ୍ରାହ୍ମଣଖଣ୍ଡି, ବାଗଲପୁର, ଗେଣ୍ଡାମାଳି ଓ ବାରହଲ ଟିମ୍ ଭାଗନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବରେ ପୂର୍ବତନ ବିଧାୟକ ରମାରଞ୍ଜନ ବଳିୟାର ସିଂହ, ଅବସରପ୍ରାପ୍ତ ଶିକ୍ଷକ ରମେଶ ଚନ୍ଦ୍ର ମାଝୀ, ସମାଜିକ କର୍ମୀ ଅମର ଶତପଥି, ରତିକାନ୍ତ ମିଶ୍ର ଓ ପୂର୍ବତନ ସରପଞ୍ଚ ସୁବାଷ ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇଥିଲେ। ଉତ୍କଳମଣି ଗୋପବନ୍ଧୁ ଦାସ ଯୁବ ପରିଷଦ ଓ ଡା. ଅଭୟ ମିଶ୍ର ସ୍ମାରକୀ ଆସୋସିଏସନ ପକ୍ଷରୁ ଲୋକନାଥ ଦାଶ, ପ୍ରଫୁଲ୍ଲ ପରିଡା, ପ୍ରସନ୍ନ ମାଝୀ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଦିପୁ, ବଳିଆ, ପପୁ ପ୍ରମୁଖ ସ୍ୱେଚ୍ଛାସେବୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଗ୍ରାମ୍ୟ କୃଷି କର୍ମଚାରୀଙ୍କ କଳାବ୍ୟାଜ୍ ପରିଧାନ

**ବ୍ରହ୍ମଗିରି, ୫।୨(ଡି.ଏନ୍.ଏ.)**



ଗ୍ରାମ୍ୟ କୃଷି କର୍ମଚାରୀ କଳାବ୍ୟାଜ୍ ପରିଧାନ କରି କାର୍ଯ୍ୟରେ ଯୋଗଦାନ କରିଛନ୍ତି।

ଚାରି ଦଫା ଦାବି ନେଇ ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ସମସ୍ତ ଗ୍ରାମ୍ୟ କୃଷି କର୍ମଚାରୀ ମଙ୍ଗଳବାରଠାରୁ କଳାବ୍ୟାଜ୍ ପରିଧାନ କରି କାର୍ଯ୍ୟରେ ଯୋଗଦାନ କରିଛନ୍ତି। କୃଷି ଓ କୃଷକମାନଙ୍କ ସମସ୍ୟାର ସମାଧାନ ପାଇଁ ତୃଣମୂଳ ସ୍ତରରେ ଗ୍ରାମ୍ୟ କୃଷି କର୍ମଚାରୀଙ୍କ ମୁଖ୍ୟ ଭୂମିକା ଥାଏ। କୃଷି ବିଭାଗର ବିଭିନ୍ନ ଯୋଜନା ଯଥା ବିଜୁ କୃଷକ କଲ୍ୟାଣ ଯୋଜନା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଭଳି ଅନେକ ଯୋଜନାକୁ ଏହି କୃଷି କର୍ମଚାରୀ ମାନେ ସଫଳ କରିଥାନ୍ତି। କିନ୍ତୁ ସରକାର ଏହି ଗ୍ରାମ୍ୟ କୃଷି କର୍ମଚାରୀଙ୍କ ଦାବିଗୁଡିକ ପ୍ରତି ଏ ପର୍ଯ୍ୟନ୍ତ ଦୃଷ୍ଟି ଦେଇନାହାନ୍ତି। ଗ୍ରାମ୍ୟ କୃଷି କର୍ମଚାରୀ ପଦବୀର ନାମ ପରିବର୍ତ୍ତନ କରି ପଞ୍ଚାୟତ କୃଷି ଅଧିକାରୀ କରିବା, ଏହି କର୍ମଚାରୀ ମାନଙ୍କୁ କ୍ୟାଡରଭୁକ୍ତ କରିବା, ପ୍ରତ୍ୟେକ ଜିଲାରେ ଗ୍ରାମ୍ୟ କୃଷି କର୍ମଚାରୀ ଓ କୃଷି ଅଧିଦର୍ଶକ ନିଯୁକ୍ତି କ୍ଷେତ୍ରରେ ସନ୍ତୁଳନ ରକ୍ଷା କରି ପଦବୀର ପୁନଃ ବଣ୍ଟନ, ଏମାନଙ୍କ ଶିକ୍ଷାଗତ ଯୋଗ୍ୟତା ବି.ଏସସି. କିମ୍ବା ଡିପ୍ଲୋମା ଇନ୍ ଏଗ୍ରିକଲଚର ରଖିବା ଦାବି ନେଇ ବ୍ରହ୍ମଗିରି ବ୍ଲକର ଏହି କର୍ମଚାରୀ ମାନେ କଳାବ୍ୟାଜ୍ ପରିଧାନ କରି କର୍ମକ୍ଷେତ୍ରରେ ଯୋଗ ଦେଇଛନ୍ତି । ଏହା ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଯଦି ସରକାର ଏଥି ନିମନ୍ତେ କୌଣସି ପଦକ୍ଷେପ ଗ୍ରହଣ ନ କରନ୍ତି ତେବେ ୧୨ ତାରିଖରୁ ସମୂହ କର୍ମଚାରୀ ଛୁଟିରେ ରହି ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସଂଘର କର୍ମକର୍ତ୍ତା ଶ୍ୟାମଘନ ମଲ୍ଲିକ, ପ୍ରଶାନ୍ତ ଯାଦବ, ଅନୁଛାୟା ବରାଳ, ଜୀବନଜ୍ୟୋତି ଦାସ ପ୍ରମୁଖ ଜଣାଇଛନ୍ତି।

### ୮୪୩ ହିତାଧିକାରୀଙ୍କୁ ଭତ୍ତା

## ୩୫ ହିତାଧିକାରୀଙ୍କୁ ପରିବାର ମଙ୍ଗଳ ଯୋଜନା ସହାୟତା

**ଗୋପ, ୫।୨(ଡି.ଏନ୍.ଏ)**

**୯ ଭାଗବତ ଟୁଙ୍ଗିର ହେବ ଉନ୍ନତୀକରଣ**

ରାଜ୍ୟ ସରକାରଙ୍କ ବିଭିନ୍ନ ବିକାଶମୂଳକ ଯୋଜନା ପ୍ରତ୍ୟେକ ପରିବାରରେ ପହଞ୍ଚିଥିବାବେଳେ ଆହୁରି ଅଧିକ ଯୋଜନା ପ୍ରସ୍ତୁତ ହେଉଛି ବୋଲି ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ମଙ୍ଗଳବାର ଗୋପ ପଞ୍ଚାୟତ ବୈଠକ ଗୃହରେ ଆୟୋଜିତ ଏକ ସଭାରେ କହିଥିଲେ। ଏହି ଅବସରରେ ଗୋପ ବ୍ଲକର ୧୪ଟି ପଞ୍ଚାୟତରେ ଚୟନ କରାଯାଇଥିବା ହିତାଧିକାରୀଙ୍କୁ ସରକାରୀ ସହାୟତା ଓ ଆର୍ଥିକ ପ୍ରୋତ୍ସାହନ ରାଶି ବଣ୍ଟନ କରାଯାଇଥିଲା। ଅଣ୍ଡରା ଇଚ୍ଛାପୁର ପଞ୍ଚାୟତର ୮୨, ଗୋପ ପଞ୍ଚାୟତର ୬୫ଜଣ, ଗଣେଶ୍ୱରପୁର ପଞ୍ଚାୟତର ୧୪୨, ନୂଆଖୋଲମରା ପଞ୍ଚାୟତର ୭୦, ବନ୍ତଳୀ ପଞ୍ଚାୟତର ୫୪, ବଣିଆସାହି ପଞ୍ଚାୟତର ୪୯, ରାହାଙ୍ଗଗୋରଡ଼ା ପଞ୍ଚାୟତର ୬୨, ନାଗପୁର ପଞ୍ଚାୟତର ୨୯, ବେଦପୁର ପଞ୍ଚାୟତର ୩୭, ଉଭାର ପଞ୍ଚାୟତର ୫୨, କୁଆଁପଡ଼ା ପଞ୍ଚାୟତର ୬୫, ଏରବଙ୍ଗ ପଞ୍ଚାୟତର ୪୫, ବଡ଼ତରା ପଞ୍ଚାୟତର ୧୦୯ ହିତାଧିକାରୀଙ୍କୁ ଭତ୍ତା ମଞ୍ଜୁର କରାଯାଇଥିବା ବେଳେ ଏହାର ପ୍ରମାଣପତ୍ର ବିଧାୟକ ଦାଶ ପ୍ରଦାନ କରିଥିଲେ। ଏଥିସହ ୩୫ ହିତାଧିକାରୀଙ୍କୁ ଜାତୀୟ ପରିବାର ମଙ୍ଗଳ ଯୋଜନାରେ ସାମିଲ କରାଯାଇ ୨୦ ହଜାର ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯାଇଥିଲା। ନାଗପୁର, ଏରବଙ୍ଗ, ବଡ଼ତରା, ବନ୍ତଳୀଗ୍ରାମ ଆଦି ପଞ୍ଚାୟତର ୯ଟି ଭାଗବତ ଟୁଙ୍ଗି ପାଇଁ ୪୦ ହଜାର ଟଙ୍କା ଲେଖାଏଁ ଅନୁଦାନ ମଞ୍ଜୁର କରାଯାଇଛି। ସେହିପରି ଗ୍ରାମୀଣ ଗୃହ ନିର୍ମାଣ ଯୋଜନାରେ ସମୟସୀମା ମଧ୍ୟରେ ଗୃହନିର୍ମାଣ ଶେଷକରିଥିବା ୪୫ଜଣ ହିତାଧିକାରୀଙ୍କୁ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଗୋପ ବିଡିଓ ଦୀପ୍ତିରାଣୀ ଦାଶ, ସାଂସଦଙ୍କ ପ୍ରତିନିଧି ସୁକାନ୍ତକୁମାର ମହାନ୍ତି, ଜିଲା ପରିଷଦ ସଭ୍ୟା ସରୋଜିନୀ ନାୟକ, ଆକାଉଣ୍ଟସ ଅଫିସର ରାମଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।